# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୬/୨୦୧୮ (୨୦ ପୃଷ୍ଠା) | Bhubaneswar, Tuesday, November 6/ 2018 | ★★★★★★

୪୪ଶ ଭାଗ ୩୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଶୁଭଙ୍କର ଚାମ୍ପିୟନ**

ଶୁଭଙ୍କର ଦେ ଜର୍ମାନୀରେ ଅନୁଷ୍ଠିତ ସାର୍ଲରଲକ୍ସ ଓପନ୍ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣାମେଣ୍ଟ ଟାଇଟଲ ଜିତିଛନ୍ତି।

୧୮ ୦୮

**ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ ଉଦ୍‌ଘାଟନ କରିବେ**

ନଭେମ୍ବର ୧୦ରେ ୨୪ତମ କୋଲକାତା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବକୁ ଉଦ୍‌ଘାଟନ କରିବେ ବଲିଉଡ୍ ସୁପରଷ୍ଟାର ଅମିତାଭ ବଚ୍ଚନ।






Valena Valetina
Sports Personality

PLEDGE 'PLASTIC-FREE' ODISHA



#PlasticFreeOdisha

ଧରିତ୍ରୀ DHARITRI | TEAM


# ସମସ୍ତେ କୌରବ

ରାମ ମନ୍ଦିର ଜମି ବିବାଦ ସଂକ୍ରାନ୍ତ ମାମଲା ଉପରେ ସୁପ୍ରିମକୋର୍ଟ ୨୦୧୯ ଜାନୁୟାରୀରେ ରାୟ ଦେବେ ବୋଲି ୨୦୧୮ ଅକ୍ଟୋବର ୨୯ରେ କହିଥିଲେ। ରାୟ ବିଳମ୍ବ ହେଉଥିବା ଦେଖି ଅଖିଳ ଭାରତୀୟ ସନ୍ଥ ସମିତି ଏ ପ୍ରସଙ୍ଗରେ ବ୍ୟସ୍ତ ହୋଇପଡ଼ିଛି। ନୂଆଦିଲ୍ଲୀଠାରେ ଦୁଇ ଦିନ ଧରି ଅନୁଷ୍ଠିତ ସମ୍ମିଳନୀରେ ସାରା ଦେଶରୁ ଆସିଥିବା ୩,୦୦୦ ସାଧୁ ଯୋଗଦେଇ ରାମ ମନ୍ଦିର ନିର୍ମାଣ ନେଇ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇଛନ୍ତି। ସରକାର ଏ ନେଇ ତୁରନ୍ତ ଆଇନ ପ୍ରଣୟନ କରନ୍ତୁ, ନଚେତ୍ ଅଧ୍ୟାଦେଶ ଜରିଆରେ ରାମ ମନ୍ଦିର ନିର୍ମାଣ ପଥ ପରିଷ୍କାର କରନ୍ତୁ ବୋଲି ସେମାନେ ଚେତାବନୀ ଶୁଣାଇଛନ୍ତି। ଏଥିସହିତ ଆସନ୍ତା ସାଧାରଣ ନିର୍ବାଚନରେ ଭାଜପାକୁ ସମର୍ଥନ କରି ପୁନଃ କ୍ଷମତାସୀନ କରାଇବାକୁ ମଧ୍ୟ ସମିତି ପକ୍ଷରୁ ଲଲିପପ୍ ଦେଖାଇ ଦିଆଯାଇଛି। ସନ୍ଥମାନଙ୍କ ଏଭଳି ପଦକ୍ଷେପକୁ କେନ୍ଦ୍ର ସରକାରଙ୍କ କେତେ ଜଣ ମନ୍ତ୍ରୀ ଖୋଲା ସମର୍ଥନ କରିଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ନୀରବତା ଉଲ୍ଲେଖଯୋଗ୍ୟ। ଅଯୋଧ୍ୟା ପ୍ରସଙ୍ଗ କୋର୍ଟରେ ଥିବାରୁ ଏଥିରେ ସରକାରଙ୍କ ହସ୍ତକ୍ଷେପ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ ବୋଲି ଭାବି ଭାଜପା ଶୀର୍ଷ ସ୍ତରୀୟ ନେତାମାନେ ନୀରବ ରହୁଥାଇପାରନ୍ତି ବୋଲି କେତେକ ମହଲରେ ଚିନ୍ତା କରାଯାଉଛି। ରାମ ମନ୍ଦିର ସ୍ଥାପନ କରିବା ଲାଗି ବର୍ତ୍ତମାନ ପରିସ୍ଥିତିରେ ଆଇନ ପ୍ରଣୟନ କରିବା ସମ୍ଭାବନା କ୍ଷୀଣ ଥିବାରୁ ଅଧ୍ୟାଦେଶ ମାଧ୍ୟମରେ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ସାଧୁମାନେ ଆଶା ରଖିଛନ୍ତି। ସୁପ୍ରିମକୋର୍ଟ ମାମଲା ଘୁଞ୍ଚାଇ ଦେବା ପରେ ସାଧୁମାନେ ସ୍ୱତଃପ୍ରବୃତ୍ତ ରାମ ମନ୍ଦିର ଗଢ଼ିବା ପାଇଁ ଆଗେଇ ଆସିଛନ୍ତି ନା ଏହା ରାଜନୈତିକ ଅଭିସନ୍ଧିମୂଳକ, ତାହା ସାଧାରଣରେ ପ୍ରଶ୍ନ ସୃଷ୍ଟି କରିଛି। ବିରୋଧୀ କହିବା ଆରମ୍ଭ କଲେଣି ଯେ, ସାଧାରଣ ନିର୍ବାଚନକୁ ଖୁବ୍ କମ୍ ସମୟ ଥିବାରୁ ଗୈରିକ ଦଳ ତା'ର ପୁରୁଣା ଲକ୍ଷ୍ୟ ପୂରଣ ପାଇଁ ଅଯୋଧ୍ୟା ପ୍ରସଙ୍ଗକୁ ସାଧୁମାନଙ୍କ ଜରିଆରେ ପୁନର୍ଜୀବନ ଦେବାକୁ ଅଣ୍ଟା ଭିଡ଼ିଲାଣି।

ସନ୍ଥମାନଙ୍କ ସମାଗମର ଏହି ଉଚ୍ଚାରଣକୁ ଗତ କିଛିମାସ ଧରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍ଏସ୍) ମୁଖ୍ୟ ମୋହନ ଭାଗବତ ଲଗାତର ଭାବେ ଦୋହରାଇ ଆସୁଛନ୍ତି। ଅନ୍ୟପଟେ କଂଗ୍ରେସ ଦଳ ମଧ୍ୟରେ ରାମ ମନ୍ଦିରକୁ ନେଇ ଅନେକ ଦୁର୍ବଳତା ପଦାକୁ ଆସୁଛି। ସମ୍ଭବତଃ କଂଗ୍ରେସ ନେତାମାନେ ଭାବୁଛନ୍ତି ଯେ, ଆସନ୍ତା ନିର୍ବାଚନରେ ହିନ୍ଦୁ ଭୋଟକୁ ସାଥିରେ ରଖିବାକୁ ହେଲେ ରାମଙ୍କ ନାମ ଜପିବା ଅବଶ୍ୟମ୍ଭାବୀ ହୋଇ ପଡ଼ିଲାଣି। ତେବେ ସାଧାରଣ ଭାରତୀୟ ପାଇଁ ଦୈନନ୍ଦିନ ଜୀବନର କଷ୍ଟ, ଯାହାକି ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି, ଦେଶବ୍ୟାପୀ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ, ବେକାର ସଂଖ୍ୟା ବୃଦ୍ଧି, ବହିର୍ବ୍ୟାପାର ସମ୍ପର୍କ ସ୍ଥାପନରେ ବିଫଳତା, କେବଳ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟହ୍ରାସ ନୁହେଁ ସମଗ୍ର ଜାତୀୟ ଅର୍ଥନୀତିରେ ପ୍ରବଳ ଦୁରବସ୍ଥା, ଯାହାକି ବିମୁଦ୍ରୀକରଣ ଓ ଜିଏସ୍‌ଟି ପାଇଁ ଅଧିକ ଶୋଚନୀୟ ହୋଇପଡ଼ିଛି; ରପ୍ତାନିରେ ଗୁରୁତର ହ୍ରାସ ଭଳି ଅନେକ ପ୍ରସଙ୍ଗ ଥିବାରୁ ସାଧାରଣ ନାଗରିକ ଅସ୍ତବ୍ୟସ୍ତ ହୋଇପଡ଼ିଲାଣି। ଏହା ସତ୍ୟ ଯେ ରାଜନୈତିକ ବ୍ୟକ୍ତିମାନେ ସବୁବେଳେ ଚକ୍‌ମା ଦେଖାଇ ସାଧାରଣ ନାଗରିକଙ୍କୁ ବୋକା ପ୍ରମାଣିତ କରିବାକୁ ଚେଷ୍ଟା କରନ୍ତି। ମହାଭାରତ ଯୁଗରୁ ଆଜି ପର୍ଯ୍ୟନ୍ତ ଭାରତୀୟ ସମାଜକୁ ଦେଖିଲେ, ସବୁବେଳେ ପ୍ରମାଣ ମିଳେ ଯେ, ଦୁଇଭାଇଙ୍କ ମଧ୍ୟରେ ଝଗଡ଼ା ହେଲେ ତୃତୀୟ ବ୍ୟକ୍ତିର

**ତଥାଗତ ସତପଥୀ**

ଲାଭ ହୋଇଥାଏ। ସେହି କୃଷ୍ଣଙ୍କ ନୀତିକୁ ଅନୁସରଣ କରି ଯେଉଁ ଦଳ ଆଗେଇପାରିଲା ସେ ହେଲା ପାଣ୍ଡବ, ଯିଏ ହାରିଲା ସେ ହେଲା କୌରବ ବା ଆସୁରିକ ଶକ୍ତି। ତେବେ ସାଧାରଣ ଭାରତୀୟ ଜାଣିଛି ଯେ, ତାକୁ ଶାସନ କରିବାକୁ ଆଗେଇ ଆସୁଥିବା ସବୁ ଶକ୍ତିର ଚରିତ୍ର ମଧ୍ୟରେ ଏକ ବିରାଟ ବଡ଼ ସାମଞ୍ଜସ୍ୟ ରହିଛି। ଏବେ ପାଣ୍ଡବଙ୍କ ଯୁଗ ଖୋଜିଲେ ମିଳିବ ନାହିଁ। କାରଣ ସମସ୍ତେ ଜୁଆ ଖେଳିବାକୁ ଆଗେଇ ଆସୁଛନ୍ତି। ଆଖି ବୁଲାଇଦେଲେ ସବୁଆଡ଼େ କୌରବ ଏବଂ ଯିଏ ପାଣ୍ଡବ ବୋଲି କହୁଛି ସେ ଦ୍ରୌପଦୀଙ୍କୁ ଜୁଆରେ ବାଜି ଲଗାଇବାରେ ଧୁରନ୍ଧର।

ଦେଶ କଥା ସର୍ବୋଚ୍ଚରେ ରଖିବା ପରିବର୍ତ୍ତେ ଆମର ଲକ୍ଷ୍ୟକୁ ଭ୍ରଷ୍ଟ କରିବାର ଉଦ୍ୟମ ଜୋରସୋର ଚାଲିଛି। ଏବେ ସାଧାରଣ ଭାରତୀୟଙ୍କୁ ଚିନ୍ତା କରିବାକୁ ହେବ କେତେ ଦଶନ୍ଧି ଆଉ ମନ୍ଦିର ଓ ମସ୍‌ଜିଦରେ ବିତାଇବ। ଅନ୍ୟପଟେ ଚାଖଣ୍ଡେ ପେଟର ଦୁଃଖ, ଚାଷୀର କଷ୍ଟ, ପିଲାଙ୍କ ରୋଜଗାର ସୁଯୋଗ ଏବଂ ଦେଶର ସାମୂହିକ ବିକାଶ ଦିଗକୁ ଦୃଷ୍ଟି ପକାଇବା କି ନାହିଁ।

# ମାନିଲେନି, ରାସ୍ତାରେ ଗର୍ଜିଲେ



ହଂସପାଳଠାରେ ରାସ୍ତା ଉପରେ ଚାଷୀମାନେ ବିକ୍ଷୋଭ କରୁଛନ୍ତି।

■ ରାଜଧାନୀକୁ ପୂରାଇ ଦେଲାନି ପୋଲିସ
■ ଚାଷୀଙ୍କ ଚେତାବନୀ: ଗାଁକୁ ପୂରାଇ ଦେବୁନି
■ ସରକାର ଗଠନ କଲେ ମନ୍ତ୍ରୀସ୍ତରୀୟ କମିଟି

**ଭୁବନେଶ୍ୱର,୫।୧୧(ବ୍ୟୁରୋ)**

ଚାଷୀମାନଙ୍କୁ ରାଜଧାନୀରେ ପୂରାଇ ଦିଆଗଲା ନାହିଁ। ଆନ୍ଦୋଳନ ପାଇଁ ଆସୁଥିବା ହଜାର ହଜାର ଚାଷୀଙ୍କୁ ଭୁବନେଶ୍ୱରର ପ୍ରବେଶପଥ ତମାଣ୍ଡୋ, ଖଣ୍ଡଗିରି ଏବଂ ହଂସପାଳଠାରେ ପୋଲିସ ଅଟକାଇ ଦେଇଥିଲା। ୧୪୪ ଧାରା ଲଗାଇ ପୂର୍ବ ନିର୍ଦ୍ଧାରିତ ବିଶାଳ ଚାଷୀ ସମାବେଶକୁ ଭଣ୍ଡୁର କରିବାକୁ ପୋଲିସ ପ୍ରଶାସନ ବଳ ପ୍ରୟୋଗ କରିଲା ଫଳରେ ଚାଷୀମାନେ ରାଜଧାନୀକୁ ପ୍ରବେଶ କରିପାରି ନାହାନ୍ତି। ପୋଲିସ ଚାଷୀ ଓ ନେତାମାନଙ୍କୁ ରାସ୍ତାରୁ ଉଠାଇ ନେଇଛି। ରାଜପଥରେ ବିକ୍ଷୋଭ ଯୋଗୁ ଘଣ୍ଟାଘଣ୍ଟା ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଗୋଟିଏ ପଟେ ରାଜ୍ୟ ସରକାର ଚାଷୀ ସମାବେଶକୁ ପୋଲିସ ଲଗାଇ ଦମନ କରିଥିବା ବେଳେ ଅନ୍ୟପଟେ ଚାଷୀମାନେ ମଧ୍ୟ ସରକାରଙ୍କୁ ଏହାର କଡ଼ା ଜବାବ ଦେବାକୁ ଚେତାବନୀ ଦେଇଛନ୍ତି। ଚାଷୀଙ୍କୁ ରାଜଧାନୀକୁ ପୂରାଇ ଦିଆଯାଇ ନ ଥିବାରୁ ମନ୍ତ୍ରୀ, ବିଧାୟକ ଏବଂ ରାଜନେତାଙ୍କୁ ଗାଁକୁ ପୂରାଇ ଦିଆଯିବ ନାହିଁ। ଗ୍ରାମାଞ୍ଚଳରେ ଏହି ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଚାଷୀ ସଙ୍ଗଠନ ନେତାମାନେ ସରକାରଙ୍କୁ ସତର୍କ କରାଇଛନ୍ତି।

☞ ପୃଷ୍ଠା-୪

# ପିଏସ୍‌ୟୁ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି

**ଭୁବନେଶ୍ୱର, ୫।୧୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ରାଜ୍ୟର ସରକାରୀ ଉଦ୍ୟୋଗ(ପି.ଏସ୍.ୟୁ.)ଗୁଡ଼ିକର କର୍ମଚାରୀମାନଙ୍କ ପାଇଁ ଅତିରିକ୍ତ ମହଙ୍ଗା ଭତ୍ତା ଦୁଇ ପ୍ରତିଶତ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ପରିବର୍ତ୍ତିତ ଦରମା ହାର ୨୦୧୭ ଅନୁଯାୟୀ ଦରମା ପାଉଥିବା କର୍ମଚାରୀମାନଙ୍କ ମହଙ୍ଗା ଭତ୍ତା ୭ରୁ ୯ପ୍ରତିଶତକୁ ବୃଦ୍ଧି ହୋଇଛି। ୨୦୧୮ ଜୁଲାଇ ୧ରୁ ଏହା ପିଛିଲା ଭାବରେ କାର୍ଯ୍ୟକାରୀ ହେବ। ଯେଉଁସରକାରୀ ଉଦ୍ୟୋଗଗୁଡ଼ିକ ସରକାରଙ୍କ ନିର୍ଦ୍ଧାରିତ ସର୍ତ୍ତପାଳନ କରିଥିବେ ସେହି ଉଦ୍ୟୋଗର କର୍ମଚାରୀମାନେ ହିଁ ଏହି ମହଙ୍ଗା ଭତ୍ତା ପାଇପାରିବେ। ଏହି ସର୍ତ୍ତ ପୂରଣ କରି ନ ଥିବା ଉଦ୍ୟୋଗଗୁଡ଼ିକ ସେମାନଙ୍କର ପ୍ରଶାସନିକ ବିଭାଗ ଜରିଆରେ ସାଧାରଣ ଉଦ୍ୟୋଗ ବିଭାଗକୁ ଏହି ପ୍ରସ୍ତାବ ବିଚାର ପାଇଁ ପଠାଇପାରିବେ।

■ ପୋଲିସ-ମାଓବାଦୀ ଗୁଳି ବିନିମୟ

# ୫ ମାଓବାଦୀ ନିହତ

**ମାଲକାନଗିରି,(ଡି.ଏନ.ଏ.)/ କଟକ ଅଫିସ୍, ୫।୧୧**



■ ୩ ନିହତ ମାଓବାଦୀଙ୍କ ପରିଚୟ ମିଳିଲା
■ ମୃତକଙ୍କ ମଧ୍ୟରେ ୨ମହିଳା
■ ମାଓବାଦୀ କ୍ୟାମ୍ପ ଧ୍ୱଂସ, ବହୁ ଅସ୍ତ୍ରଶସ୍ତ୍ର ଜବତ
■ ସର୍ଚ୍ଚ ଅପରେଶନ ଜାରି

ଛତିଶଗଡ଼ ଦାନ୍ତେୱାଡ଼ାରେ ସପ୍ତାହ ତଳେ ସୁରକ୍ଷା କର୍ମୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ମାଓବାଦୀ ଆକ୍ରମଣର ପ୍ରତିଶୋଧ ନେଇଛି ଓଡ଼ିଶା ପୋଲିସ। ମାଲକାନଗିରି ଜିଲା କାଲିମେଲା ଥାନା ଅନ୍ତର୍ଗତ ପପୁଲୁର ଗ୍ରାମ ନିକଟସ୍ଥ ଜଙ୍ଗଲରେ ରବିବାର ବିଳମ୍ବିତ ରାତିରେ ସ୍ପେଶାଲ ଅପରେଶନ୍ ଗ୍ରୁପ୍(ଏସ୍ଓଜି) ଯବାନମାନେ ମାଓବାଦୀ କ୍ୟାମ୍ପ ଉପରେ ଆକ୍ରମଣ କରିଥିଲେ। ପୋଲିସ ଆକ୍ରମଣ ପରେ ମାଓବାଦୀଙ୍କ ପକ୍ଷରୁ ଗୁଳି ବିନିମୟ ହୋଇଥିଲା। ଦୀର୍ଘ ସମୟ ଧରି ଗୁଳି ବିନିମୟ ପରେ ସୋମବାର ଭୋର ସମୟରେ ସୁରକ୍ଷା କର୍ମୀ ମାଓବାଦୀ କ୍ୟାମ୍ପ ଧ୍ୱଂସ କରିବାରେ ସଫଳ ହୋଇଥିଲେ। ଏଥିରେ ୫ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିବାବେଳେ କାଲିମେଲା ଡିଭିଜନାଲ ସଦସ୍ୟ ରଣଦେବଙ୍କ ସମେତ କିଛି ମାଓବାଦୀ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ୩ ଜଣଙ୍କ ପରିଚୟ ମିଳିଛି। ସେମାନେ ହେଲେ କୋରାପୁଟ ଜିଲାର ନାରାୟଣପାଟଣା ବ୍ଲକ ବାଲିପେଟା ଗ୍ରାମର କାଲିମେଲା ଦଲମ୍‌ର ପାର୍ଟି ସଦସ୍ୟା ସୀମା କେନ୍ଦୁକା ଓରଫ ଶୁଶୀଳା, ମାଲକାନଗିରି ଜିଲାର ରାଜୁଲକୋଣ୍ଡା ଗ୍ରାମର କାଲିମେଲା ଦଲମ୍‌ର ସଦସ୍ୟା ମାଡ଼ି ଓରଫ ସୁନି ଓ କାଲିମେଲା ଥାନା ଅନ୍ତର୍ଗତ ରାଜୁଲକୋଣ୍ଡା ଗ୍ରାମର କାଲିମେଲା ଦଲମ୍‌ରେ ଏସିଏମ୍ ଭାବେ କାର୍ଯ୍ୟରତ ଉଙ୍ଗା ସୋଡ଼ି ଓରଫ କୀର୍ତ୍ତି। ଅନ୍ୟ ୨ ନିହତ ମାଓବାଦୀଙ୍କ ପରିଚୟ ମିଳିପାରି ନାହିଁ। ପୋଲିସ ମୃତଦେହକୁ ଜବତ କରିବା ସହ ଘଟଣାସ୍ଥଳରୁ ବହୁ ବନ୍ଧୁକ, ବୋମା ଓ ଗୋଳା ବାରୁଦ

☞ ପୃଷ୍ଠା-୪






**ଆଜିର ମନ୍ତବ୍ୟ**

" କଶ୍ମୀର ସମସ୍ୟାର ସମାଧାନ ପାଇଁ ସବୁପକ୍ଷ ସହ ଆଲୋଚନା ଲାଗି ଯଥାଶୀଘ୍ର ବାତାବରଣ ସୃଷ୍ଟି କରାଯିବା

-ସତ୍ୟପାଳ ମଲିକ୍, ଜମ୍ମୁ-କଶ୍ମୀର ରାଜ୍ୟପାଳ


NECC NATIONAL EGG CO-ORDINATION COMMITTEE | 05.11.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 66 | 114 | 124 |
| CTC | 65 | 113 | 123 |
| DKL | 65 | 113 | 123 |
| BDK | 65 | 113 | 123 |
| BLS | 65 | 113 | 123 |
| ANG | 67 | 115 | 125 |

*Conditions Apply

Eggs Retail Price- 49/-Dozen
Issued in the Interest of Consumers


# ପୁଣି ଭାଗବତରେ ଭୁଲ୍

**କଟକ ଅଫିସ, ୫।୧୧**

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଶ୍ରୀମଦ୍ ଭାଗବତର ତୃତୀୟ ସଂସ୍କରଣରେ ଭୁଲ୍ ଦୃଷ୍ଟିଗୋଚର ହୋଇଥିଲା। ହେଲେ ସଂଶୋଧନ କରାଯିବା ପରେ ମଧ୍ୟ ଏହି ଶ୍ରୀମଦ୍ ଭାଗବତ ଗ୍ରନ୍ଥରେ ଭୁଲ୍ ରହିଛି। ଏ ନେଇ ଆପତ୍ତି ଉଠାଇଛନ୍ତି ଭାଗବତ ଗବେଷକ ଚକ୍ରଧର ମହାପାତ୍ର। ୨୦୧୬ ମାର୍ଚ୍ଚରେ ଭାଗବତରେ ଭୁଲ ଥିବା କଥା ଗବେଷକ ମହାପାତ୍ର ଧରିଥିଲେ। ଧରିତ୍ରୀରେ ୨୦୧୬ ମାର୍ଚ୍ଚ ୧୫ରେ ଏ ସମ୍ପର୍କିତ ଖବର ପ୍ରକାଶ ପାଇଥିଲା। ଫଳରେ ତୃତୀୟ ସଂସ୍କରଣର ସମସ୍ତ ଭାଗବତକୁ ନଷ୍ଟ କରାଗଲା ଓ ଛପା ମଧ୍ୟ ବନ୍ଦ କରାଯାଇଥିଲା। ତା'ପରେ ସଂଶୋଧନ ପାଇଁ ଏକ ୪ ଜଣିଆ ଦଳ ସାହିତ୍ୟ ଏକାଡେମୀ ପକ୍ଷରୁ

**ଆପତ୍ତି ଉଠାଇଲେ ଗବେଷକ**

ଗଠନ କରାଯାଇଥିଲା। ସେମାନେ ସଂଶୋଧନ ଆରମ୍ଭ କଲେ। ହେଲେ ଏବେ ପୁଣି ସମାନ ଘଟଣା ଘଟିଛି।

ମହାପାତ୍ର ଦର୍ଶାଇଛନ୍ତି ଯେ, ଧାଡ଼ି ଭାଙ୍ଗିବା, ପଦଛାଡ଼ିବା, ଗୋଟେ ଅଧ୍ୟାୟରୁ କେତେକ ପଦ ସମ୍ପୂର୍ଣ୍ଣ ଉଡ଼ିଯିବା, ପଦ ସବୁ ଦୁଇ ଥର ଲେଖାହେବା ତାଙ୍କ ଦୃଷ୍ଟିକୁ ଆସିଛି। ପୂର୍ବ ସଂସ୍କରଣରେ 'ସାଧିବ ନୀତି' ଉଲ୍ଲେଖ ଥିଲା। ମାତ୍ର ଏବେ ତା' ସ୍ଥାନରେ 'ସାଧୁ ବିନତି' କରାଯାଇଛି। ସପ୍ତମ ସ୍କନ୍ଦ ସପ୍ତମ ଅଧ୍ୟାୟରେ 'ନାରଦ-ଯୁଧିଷ୍ଠିର' ନା 'ଶୁକ-ପରୀକ୍ଷିତ' ଏହା ମଧ୍ୟରୁ କେଉଁଟା ଠିକ୍ ତାହା ସଂଶୋଧନ କରାଯାଇ ପାରିନାହିଁ। ସେହିପରି 'ପ୍ରଣାମ' ସ୍ଥାନରେ 'ପ୍ରମାଣ'

☞ ପୃଷ୍ଠା-୪



ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଗତ ୫ ବର୍ଷ ମଧ୍ୟରେ କିଛି ବି କରିନାହାନ୍ତି । ଭୋଟବେଳେ ଲୋକଙ୍କୁ ଦେଇଥିବା କୌଣସି ପ୍ରତିଶ୍ରୁତି ପାଳନ କରିନାହାନ୍ତି ମୋଦି ।

- ପି. ଚିଦାମ୍ବରମ୍, ବରିଷ୍ଠ କଂଗ୍ରେସ ନେତା

## ସଂକ୍ଷେପରେ

### କେଜ୍‌ରିୱାଲ ନିର୍ଦ୍ଦୋଷ

**ନୂଆଦିଲ୍ଲୀ,୫।୧୧(ପି.ଟି.)**-ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ୍ କେଜ୍‌ରିୱାଲଙ୍କୁ ସୋମବାର ଏକ ବଡ଼ଧରଣର ଆଶ୍ୱସ୍ତି ମିଳିଛି। ଏକ ଫୌଜଦାରି ମାନହାନି ମାମଲାରେ ଦିଲ୍ଲୀର ଏକ କୋର୍ଟ ତାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। କଂଗ୍ରେସ ନେତ୍ରୀ ଶୀଳା ଦୀକ୍ଷିତଙ୍କ ପୂର୍ବତନ ସହଯୋଗୀ ପୱନ୍ ଖେରା ଏହି ମକଦ୍ଦମା ଦାଏର କରିଥିଲେ।



ମାମଲାର ଶୁଣାଣିକରି ଅତିରିକ୍ତ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ ସମର ବିଶାଲ ଏଏପି ଆବାହକ କେଜ୍‌ରିୱାଲଙ୍କୁ ଦୋଷମୁକ୍ତ କରିଛନ୍ତି। ପ୍ରକାଶ ଯେ, ୨୦୧୨ ଅକ୍ଟୋବରରେ ଏକ ଟେଲିଭିଜନ ଶୋ'ରେ ସାମିଲ ହୋଇ କେଜ୍‌ରିୱାଲ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଳାଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଖେରାଙ୍କ ଅଭିଯୋଗ ଅନୁଯାୟୀ କେଜ୍‌ରିୱାଲ ସେତେବେଳେ ଶୀଳାଙ୍କ ବିରୋଧରେ ଯେଉଁ ଆରୋପ ଲଗାଇଥିଲେ ସେସବୁ ମିଥ୍ୟା ତଥା ଉଦ୍ଦେଶ୍ୟ ପ୍ରଣୋଦିତ ଥିଲା। ବରିଷ୍ଠ କଂଗ୍ରେସ ନେତ୍ରୀଙ୍କ ସହଯୋଗୀ ହିସାବରେ ଏହାର ପ୍ରଭାବ ତାଙ୍କ ଉପରେ ମଧ ପଡ଼ିଥିଲା। ତେବେ ସୋମବାର ଶୁଣାଣିବେଳେ କୋର୍ଟ କହିଛନ୍ତି ଯେ, ଏଏପି ନେତା ଖେରାଙ୍କ ନାମ ନେଇ ନ ଥିବାରୁ ତାଙ୍କ ମାନହାନି ହେବା ପ୍ରଶ୍ନ ଉଠୁନାହିଁ। ଏ ମାମଲାରେ ଅଭିଯୋଗକାରୀ ପୀଡ଼ିତ ନୁହନ୍ତି।

### କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଲେ ହିଫେ

**ଆଇଜଲ୍,୫।୧୧(ପି.ଟି.)**-ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ମିଜୋରାମ୍‌ରେ କଂଗ୍ରେସକୁ ଲାଗିଛି ଶକ୍ତ ଧକ୍କା। ବାଚସ୍ପତି ହିଫେ ସୋମବାର ବିଧାନସଭା ଏବଂ ଦଳରୁ ଇସ୍ତଫା ଦେଇଛନ୍ତି। କଂଗ୍ରେସର ହାତ ଛାଡ଼ିବା ପରେ ସୋମବାର ସେ ଭାଜପାରେ ଯୋଗଦେଇଛନ୍ତି। ରାଜ୍ୟର ସ୍ୱୟଂଶାସିତ ଜିଲା ପରିଷଦଗୁଡ଼ିକୁ ଅଧିକ କ୍ଷମତା ପ୍ରଦାନ ଲାଗି ଭାଜପାର କେନ୍ଦ୍ରୀୟ ନେତୃବୃନ୍ଦ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ସେ କହିଛନ୍ତି।



ରାଜ୍ୟ ସରକାରଙ୍କ ମାଧମରେ ନୁହେଁ, ବରଂ ସିଧାସଳଖ ଏହି ପରିଷଦଗୁଡ଼ିକୁ କେନ୍ଦ୍ର ଅର୍ଥ ଯୋଗାଇଦେବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ କଥା ଦେଇଥିବା ହିଫେ ପ୍ରକାଶ କରିଛନ୍ତି। ୪୦ ଆସନ ବିଶିଷ୍ଟ ମିଜୋରାମ୍ ବିଧାନସଭା ଲାଗି ନଭେମ୍ବର ୨୮ରେ ଭୋଟ ହେବ। ଉତ୍ତର-ପୂର୍ବାଞ୍ଚଳର ଏକମାତ୍ର ରାଜ୍ୟ ମିଜୋରାମ୍‌ରେ ଏବେ କଂଗ୍ରେସ ଶାସନ ଚାଲିଛି। କିନ୍ତୁ ଗତ ସେପ୍ଟେମ୍ବରରୁ ଏବେସୁଦ୍ଧା ୫ କଂଗ୍ରେସ ବିଧାୟକ ଦଳରୁ ଇସ୍ତଫା ଦେଲେଣି। ୭ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ହିଫେ ପ୍ରଥମେ ବିଧାନସଭା ଉପବାଚସ୍ପତି ଆର୍. ଲାଲରିନାୱମାଙ୍କୁ ଇସ୍ତଫାପତ୍ର ଦେବା ପରେ କଂଗ୍ରେସ ଭବନକୁ ଯାଇ ବିଧିବଦ୍ଧ ଭାବେ ଦଳ ସହ ସମ୍ପର୍କ ଛିନ୍ନ କରିଥିଲେ।

### ମୁସଲମାନ୍ ମହିଳାଙ୍କୁ ନେଲ୍‌ପଲିସ୍ ମନା

**ନୂଆଦିଲ୍ଲୀ,୫।୧୧**- ଦାରୁଲ ଉଲମ୍ ଦେଓବନ୍ଦ ସଂଗଠନ ପକ୍ଷରୁ ମୁସଲମାନ୍ ମହିଳା ନେଲପଲିସ୍ ନ ଲଗାଇବା ପାଇଁ ଫତୱା ଜାରି କରାଯାଇଛି। ଏହାକୁ ଲଗାଇବା ଶରିୟତ୍ ଆଇନ୍ ବିରୁଦ୍ଧ। ଏହା ପରିବର୍ତ୍ତେ ସେମାନେ ମେହନ୍ଦୀ ଲଗାଇବା ଆବଶ୍ୟକ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ସଂଗଠନ ପକ୍ଷରୁ ମୁଫ୍ତି ଇଶରାର ଗୌରା ଏନେଇ ସୂଚନା ଦେଇଛନ୍ତି। ତେବେ ସଂଗଠନର ଏଭଳି ମନ୍ତବ୍ୟ ନେଇ ଦେଶବ୍ୟାପୀ ଆରମ୍ଭ ହୋଇଛି ଚର୍ଚ୍ଚା।

### ୨ ବିମାନ ଧକ୍କା: ଜଣେ ପାଇଲଟ ମୃତ

**ଓଟାୱା,୫।୧୧**-କାନାଡାରେ ଏକ ଛୋଟ ଯାତ୍ରୀ ବାହୀ ବିମାନ ଅନ୍ୟ ଏକ ବିମାନ ସହ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ଜଣେ ପାଇଲଟଙ୍କ ମୃତ୍ୟୁ ଘଟିଛି। ଓଟାୱା ସହରଠାରୁ ୩୦ କିମି ଦୂରରେ ଦୁର୍ଘଟଣାଗ୍ରସ୍ତ ବିମାନ ଛୋଟ ବିମାନଟି ଘଟିଛି। ଟୁର୍ବୋପ୍ରୋପ୍ ପିପର-ପିଏ-୪୨ ଏବଂ ସେସାନା ବିମାନ ମଧରେ ଧକ୍କା ହୋଇଥିଲା। ଏଥିରେ ସେସାନା ବିମାନର ପାଇଲଟଙ୍କ ମୃତ୍ୟୁ ଘଟିଥିବାବେଳେ ପିପର ବିମାନ ଓଟାୱା ଅନ୍ତର୍ଜାତୀୟ ବିମାନରେ ସୁରକ୍ଷିତ ଅବତରଣ କରିଥିଲା।

# ନୌସେନାର ଶକ୍ତି ଅରିହାନ୍ତ

**ନୂଆଦିଲ୍ଲୀ,୫।୧୧(ପି.ଟି.)**



ଭାରତୀୟ ନୌସେନା ରଚିଛି ଇତିହାସ। ପ୍ରଥମ ଥର ପାଇଁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ବୁଡ଼ାଜାହାଜ 'ଆଇଏନ୍‌ଏସ୍ ଅରିହାନ୍ତ' ଏଥିରେ ସାମିଲ ହୋଇଛି। ସୋମବାର ବିଧିବଦ୍ଧ ଭାବେ ଏହା ସମୁଦ୍ରରେ ସାମରିକ କୌଶଳ ପ୍ରଦର୍ଶନ କରିବା ସହ ଡିଟରେନ୍ସ ପାଟ୍ରୋଲ କରିଛି। ପରମାଣୁ ଶକ୍ତିକୁ ପ୍ରତିହତ କରିପାରୁଥିବା ଏହି ସ୍ୱତନ୍ତ୍ର ଧରଣର ବୁଡ଼ାଜାହାଜ ସମୁଦ୍ର ଜଳ ଭିତରେ ଗୋପନ ଭାବେ ଯାତ୍ରା କରିବା ସହ ଶତ୍ରୁପକ୍ଷକୁ ଟାର୍ଗେଟ କରିବାର କ୍ଷମତା ବହନ କରୁଛି। ଭାରତକୁ ପରମାଣୁ ଆକ୍ରମଣର ଧମକ ଦେଉଥିବା ରାଷ୍ଟ୍ରକୁ ଏହା ଉଚିତ ଜବାବ ଦେବ ବୋଲି ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ଶତ୍ରୁନାଶକାରୀ ଆଇଏନ୍‌ଏସ୍ ଅରିହାନ୍ତ ସଫଳତାର ସହ ସମରାଭ୍ୟାସ କରିବା ଭାରତ ପାଇଁ ଏକ ବଡ଼ ସଫଳତା। ଏହା ଅତି ଗର୍ବର ବିଷୟ। ଆଣବିକ ଶକ୍ତିସମ୍ପନ୍ନ ବୁଡ଼ାଜାହାଜକୁ ପାଇ ଧନ୍‌ତେରାସ୍ ଉତ୍ସବର ଖୁସି ବହୁଗୁଣା ହୋଇଯାଇଛି ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ପରମାଣୁ ଶକ୍ତି ପାଇଁ ଅନେକ ଦେଶ ନିଜକୁ ବଳୀୟାନ୍ ଭାବିବା ସହ ଅନ୍ୟକୁ ଛୋଟ ମଣୁଛନ୍ତି। ଏଭଳି ବାହ୍ୟ ଧମକକୁ ସାମ୍ନା କରିବା ଏବଂ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ଲାଗି ଆଇଏନ୍‌ଏସ୍ ଅରିହାନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ମୋଦି କହିଛନ୍ତି। ଏହି ଜାହାଜ ନିର୍ମାଣରେ ନିୟୋଜିତ ଇଞ୍ଜିନିୟର ଓ କ୍ରିଉ ସଦସ୍ୟଙ୍କୁ ସେ ବଧେଇ ଜଣାଇଛନ୍ତି।

ଭାରତୀୟ ନୌସେନାରେ ସାମିଲ ହୋଇଥିବା ୬,୦୦୦ ଟନ୍ ବିଶିଷ୍ଟ ଆଇଏନ୍‌ଏସ୍ ଅରିହାନ୍ତ ଦେଶର ଇଷ୍ଟର୍ନ ନାଭାଲ କମାଣ୍ଡର ଏକ ଅଂଶବିଶେଷ। ଦୁଇଟି ଶବ୍ଦ 'ଅରି' (ଶତ୍ରୁ) ଏବଂ 'ହାନ୍ତ' (ଧ୍ୱଂସ)ରୁ ଅରିହାନ୍ତ ଉଦ୍ଧୃତ ହୋଇଛି। ଏହା କ୍ଷେପଣାସ୍ତ୍ର ଏବଂ ଆଣବିକ ଅସ୍ତ୍ର ବହନକାରୀ ବୁଡ଼ାଜାହାଜ (ଏସ୍‌ଏସ୍‌ବିଏନ୍)। ଆଡଭାନ୍ସଡ୍ ଟେକ୍ନୋଲୋଜି ଭେସେଲ୍ (ଏଟିଭି) ପ୍ରକଳ୍ପ ଅଧୀନରେ ନିର୍ମିତ ଦ୍ୱିତୀୟ ବୁଡ଼ାଜାହାଜ 'ଆଇଏନ୍‌ଏସ୍ ଅରିଧାମନ୍'ର ସମୁଦ୍ରରେ ପରୀକ୍ଷଣ ଚାଲିଛି। ନୌସେନାର ସବ୍‌ମେରାଇନ୍ ଡିଜାଇନ୍ ବ୍ୟୁରୋ ଦ୍ୱାରା ଆଇଏନ୍‌ଏସ୍ ଅରିହାନ୍ତର ଡିଜାଇନ୍ ପ୍ରସ୍ତୁତ ହୋଇଛି। ନୌସେନା, ଭାବା ଆଟମିକ ରିସର୍ଚ୍ଚ ସେଣ୍ଟର (ବିଏଆର୍‌ସି) ଏଂ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂସ୍ଥା (ଡିଆର୍‌ଡିଓ) ଦ୍ୱାରା ଏହା ନିର୍ମାଣ ହୋଇଛି। ସମୁଦ୍ର ମଧରେ ଯାତ୍ରା କରିବାବେଳେ ଏହାକୁ ଠାବ କରିବା ସହଜ ନୁହେଁ। ସମୁଦ୍ର ଭିତରେ ଥାଇ ଯେକୌଣସି ମୁହୂର୍ତ୍ତରେ ଏହା ଶତ୍ରୁପକ୍ଷକୁ କଡ଼ା ଜବାବ ଦେଇପାରିବ। ଗଭୀର ଜଳ ଭିତରୁ ଏହା ଆଣବିକ ଆକ୍ରମଣ ଘଟାଇପାରିବ। ପ୍ରତିରକ୍ଷା ଦୃଷ୍ଟିରୁ ବେଶ୍ ଗୁରୁତ୍ୱ ବହନ କରୁଛି ଆଇଏନ୍‌ଏସ୍ ଅରିହାନ୍ତ। ବିଶାଖାପାଟଣାସ୍ଥିତ ଶିପ୍ ବିଲ୍ଡିଂ ସେଣ୍ଟରରେ ଏହା ନିର୍ମାଣ ହୋଇଛି। ୨୦୦୯ ଜୁଲାଇ ୨୬ରେ ଆଇଏନ୍‌ଏସ୍ ଅରିହାନ୍ତ ସମୁଦ୍ରରେ ଜଳାବତରଣ ଅଭ୍ୟାସ କରିଥିଲା। ୨୦୧୩ ଅଗଷ୍ଟ ୧୦ରେ ଏହାର ନ୍ୟୁକ୍ଲିୟର ରିଆକ୍ଟରରେ ଯାନ୍ତ୍ରିକ ତ୍ରୁଟି ପରିଲକ୍ଷିତ ହୋଇଥିଲା। ମରାମତି ପରେ ୨୦୧୬ ଅଗଷ୍ଟରେ ଅରିହାନ୍ତର ଲୋକାର୍ପଣ ହୋଇଥିଲା। ଏହା ସବୁପ୍ରକାର କ୍ଷେପଣାସ୍ତ୍ର ବହନ କରିପାରିବ। ପୂର୍ବରୁ ଆମେରିକା, ରୁଷିଆ, ଚାଇନା, ଫ୍ରାନ୍ସ ଓ ବ୍ରିଟେନ୍ ଏସ୍‌ଏସ୍‌ବିଏନ୍ ବୁଡ଼ାଜାହାଜ ନିର୍ମାଣ କରୁଥିଲେ। ଏବେ ଏହି କ୍ରମରେ ଭାରତ ମଧ ସାମିଲ ହୋଇଯାଇଛି।

- ଆଣବିକ ଶକ୍ତିସମ୍ପନ୍ନ ବୁଡ଼ାଜାହାଜର କୌଶଳ ପ୍ରଦର୍ଶନ
- ସମୁଦ୍ରରେ ଗୋପନ ଭାବେ ଯାତ୍ରା କରିବ ଆଇଏନ୍‌ଏସ୍ ଅରିହାନ୍ତ
- ଗଭୀର ଜଳରେ ଥାଇ ଘଟାଇବ ଆଣବିକ ଆକ୍ରମଣ
- ସବୁପ୍ରକାର କ୍ଷେପଣାସ୍ତ୍ର ବହନ କରିପାରିବ





ଭାରତକୁ କେହି ଧମକ ଦେବାର ଦୁଃସାହସ ନ କରନ୍ତୁ, ନଚେତ୍ ଆଇଏନ୍‌ଏସ୍ ଅରିହାନ୍ତ ଏହାର ମୁହଁତୋଡ଼ ଜବାବ ଦେବ ।

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

## ଗୁଜରାଟ ସଚିବାଳୟରେ ଚିତାବାଘ

**ଅହମ୍ମଦାବାଦ,୫।୧୧(ପି.ଟି.)**

ଗୁଜରାଟର ଗାନ୍ଧୀନଗରରେ କଡ଼ା ସୁରକ୍ଷାବଳୟରେ ଥିବା ରାଜ୍ୟ ସରକାରଙ୍କ ସଚିବାଳୟ ପରିସରକୁ ସୋମବାର ଏକ ଚିତାବାଘ ପଶିଯାଇଛି। ପୂର୍ବାହ୍ନରେ ବାଘଟିକୁ ଏଠାରେ ଦେଖିବା ପରେ ଆତଙ୍କ ଖେଳିଯାଇଥିଲା। ଏହାପରେ ବନ ବିଭାଗ କର୍ମଚାରୀମାନେ ସଚିବାଳୟରେ ପହଞ୍ଚି ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ରାଜଧାନୀରେ ଥିବା ଏହି ସଚିବାଳୟରେ ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ରହିଛି। ସେହିପରି ଅନ୍ୟାନ୍ୟ ସରକାରୀ ବିଭାଗ, ମନ୍ତ୍ରୀ, ବରିଷ୍ଠ ଅମଲାତନ୍ତ୍ରୀଙ୍କ କାର୍ଯ୍ୟାଳୟ ମଧ ରହିଛି। ସକାଳେ ଚିତାବାଘଟି ଏହା ପରିସରକୁ ପଶିଯିବା ପରେ ସଚିବାଳୟ କର୍ମଚାରୀଙ୍କୁ କାର୍ଯ୍ୟାଳୟକୁ ଯିବା ଲାଗି ବାରଣ କରାଯାଇଥିଲା। ସିସିଟିଭି ଫୁଟେଜ୍ ତଥ୍ୟ ଅନୁଯାୟୀ ରବିବାର ରାତି ପ୍ରାୟ ୨ଟାରେ ବାଘଟି ସଚିବାଳୟ ପରିସରକୁ ଲମ୍ଫପ୍ରଦାନ କରିଥିଲା। ଶେଷ ଖବର ସୁଦ୍ଧା ସେଠାରେ ସର୍ଚ୍ଚ ଅପରେଶନ ଜାରି ରହିଥିଲା।



## ଆଫଗାନିସ୍ତାନରେ ତାଲିବାନ୍ ଆକ୍ରମଣ: ୧୩ ନିହତ

**କାବୁଲ,୫।୧୧(ପି.ଟି.)**

ଆଫଗାନିସ୍ତାନର ଗଜନୀ ପ୍ରଦେଶରେ ସେନା ଏବଂ ପୋଲିସର ମିଳିତ ଚେକ୍‌ପଏଣ୍ଟରେ ସୋମବାର ତାଲିବାନୀ ଆତଙ୍କବାଦୀ ଆକ୍ରମଣ ଘଟାଇଛନ୍ତି। ଏଥିରେ ୧୩ ସୈନ୍ୟ ଓ ପୋଲିସ କର୍ମଚାରୀ ନିହତ ହୋଇଛନ୍ତି। ଅନ୍ୟ ୪ ସୁରକ୍ଷାକର୍ମୀ ମଧ ଆହତ ହୋଇଛନ୍ତି। ଖୋଞ୍ଜାନି ଜିଲାରେ ଏହି ଆକ୍ରମଣ ଘଟିବା ପରେ ଘଟଣାସ୍ଥଳକୁ ଅତିରିକ୍ତ ସୈନ୍ୟବାହିନୀଙ୍କୁ ମୁତୟନ କରାଯାଇଥିଲା। କିନ୍ତୁ ରାସ୍ତାରେ ସେମାନେ ମଧ ଆକ୍ରମଣର ଶିକାର ହୋଇଥିଲେ। ଆଫଗାନିସ୍ତାନର ଅର୍ଦ୍ଧେକ ଭାଗ କବ୍‌ଜାରେ ରଖିଥିବା ତାଲିବାନ ଦେଶର ସୁରକ୍ଷାବଳକୁ ସବୁବେଳେ ଟାର୍ଗେଟ କରୁଥିବାବେଳେ ସଦ୍ୟ ଆକ୍ରମଣ ଘଟିଛି। ଆମେରିକୀୟ ସୈନ୍ୟ ଏଠାରେ ମୁତୟନ ରହି ସୁରକ୍ଷା ଯୋଗାଉଛନ୍ତି। କିନ୍ତୁ ତାଲିବାନ୍‌ର କହିବା କଥା ହେଲା ଆଫଗାନିସ୍ତାନ ସରକାର ଆମେରିକା ହାତରେ କଣ୍ଢେଇ ସାଜିଛନ୍ତି। ତେଣୁ ଏହି ଆତଙ୍କବାଦୀ ସଙ୍ଗଠନ ବାରମ୍ବାର ଆଲୋଚନା ପ୍ରସ୍ତାବ ଅଗ୍ରାହ୍ୟ କରିଦେଉଛନ୍ତି।

## ଅନଶନରେ ବସିବେ ପୂର୍ବତନ ଶଙ୍କରାଚାର୍ଯ୍ୟ

**ହରିଦ୍ୱାର/ଲକ୍ଷ୍ନୌ,୫।୧୧(ପି.ଟି.)**

### ରାମ ମନ୍ଦିର ନିର୍ମାଣ ଦାବି



ଉତ୍ତରପ୍ରଦେଶର ଅଯୋଧ୍ୟାରେ ବିବାଦୀୟ ଜମି ଉପରେ ରାମ ମନ୍ଦିର ନିର୍ମାଣ ପାଇଁ ସାଧୁସନ୍ଥମାନେ ସ୍ୱର ତୀବ୍ର କରିଛନ୍ତି। ଏହି କ୍ରମରେ ସାମିଲ ହୋଇଛନ୍ତି ପୂର୍ବତନ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ଦିର ନିର୍ମାଣ ପାଇଁ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରନ୍ତୁ, ନଚେତ୍ ସେ ଡିସେମ୍ବର ୭ରୁ ଅନଶନରେ ବସିବେ ବୋଲି ସ୍ୱାମୀ ସତ୍ୟମିତ୍ରାନନ୍ଦ ଗିରି ସୋମବାର କରିଛନ୍ତି। ଦାବି ପୂରଣ ନ ହେବା ଯାଏ ହର୍ କୀ ପୌରୀରେ ଅନଶନ କରିବେ ଏବଂ ଶରୀର ତ୍ୟାଗ କରିବେ ବୋଲି ସେ ଚେତାବନୀ ଦେଇଛନ୍ତି। 'ରାମ ଅଛନ୍ତି ତ ରାଜ୍ୟ ଅଛି ଏବଂ ସରକାର ରହିଛି' ବୋଲି ପୂର୍ବତନ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ କହିଛନ୍ତି।

ଅନ୍ୟପଟେ ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ କହିଛନ୍ତି, ଅଯୋଧ୍ୟା ଜମି ବିବାଦ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ରାୟ ଯାହା ହେଉନା କାହିଁକି ରାମ ମନ୍ଦିର ନିର୍ମାଣ ହେବ। ମୋଗଲ ଶାସକ ବାବରଙ୍କ ନାଁରେ ଗୋଟାଏ ବି ଇଟା ଲଗାଇବାକୁ ଦିଆଯିବ ନାହିଁ ବୋଲି ସୋମବାର ସେ କହିଛନ୍ତି। ସେହିପରି ଭାଜପାର ବିହାର ଶାଖା ମୁଖ୍ୟ ନିତ୍ୟାନନ୍ଦ ରାୟ କହିଛନ୍ତି ଯେ, ରାମ ମନ୍ଦିର ଏବଂ ରାମ ସେତୁ ନିର୍ମାଣ ହେଉ ବୋଲି କଂଗ୍ରେସ ଚାହୁଁନାହିଁ। ତେଣୁ ଏହା ବିରୋଧ କରୁଛି।

## ଦୁଇ ସନ୍ତାନ ନୀତି: ପିଆଇଏଲ୍ ଖାରଜ କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୫।୧୧(ପି.ଟି.)**

ଦେଶରେ ଜନସଂଖ୍ୟା ବିସ୍ଫୋରଣ ଚିନ୍ତାର ବିଷୟ ପାଲଟିଛି। ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଦୁଇ ସନ୍ତାନ ନୀତି କାର୍ଯ୍ୟକାରୀ କରାଯାଉ ବୋଲି ଦାବି ହେଉଛି। ଏ ନେଇ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ି ଏକ ଜନସ୍ୱାର୍ଥ ଆବେଦନ (ପିଆଇଏଲ୍) ଦାଏର ହୋଇଛି। କିନ୍ତୁ ସର୍ବୋଚ୍ଚ ଅଦାଲତ ଏଥିରେ ମୁଣ୍ଡ ପୂରାଇବାକୁ ମନା କରିଦେଇଛନ୍ତି। ଏନ୍‌ଜିଓ 'ଜୀବନ ବଚାଓ ଆନ୍ଦୋଳନ'ର ଜାତୀୟ ସଂଯୋଜକ ଅନୁପମ୍ ବାଜପେୟୀ ଆଇନଜୀବୀ ଶିବ କୁମାର ତ୍ରିପାଠୀଙ୍କ ଜରିଆରେ ଉକ୍ତ ଆବେଦନ କରିଥିଲେ। ତେବେ ବାଜପେୟୀଙ୍କ ଆବେଦନକୁ ଖାରଜ କରି ଜଷ୍ଟିସ୍ କୁରିଏନ୍ ଯୋସେଫ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ଆବେଦନକାରୀ ନିଜ ଅଭିଯୋଗ ନେଇ ସରକାରଙ୍କ ନିକଟକୁ ଯାଆନ୍ତୁ।



ଦିଲ୍ଲୀରେ ଯମୁନା ନଦୀ ଉପରେ ନିର୍ମାଣ ହୋଇଥିବା 'ସିଗ୍‌ନେଚର ବ୍ରିଜ୍' ଲୋକାର୍ପଣ ହେବାର ଦିନକ ପରେ ସୋମବାର ସକାଳେ ଯାତ୍ରୀଙ୍କ ପାଇଁ ଖୋଲାହୋଇଛି। ଏହାକୁ ଦେଶର ପ୍ରଥମ କେବଲ୍-ଷ୍ଟେଡ୍ ପୋଲ କୁହାଯାଉଛି, ଯାହା 'ନମସ୍କାର' ଭଙ୍ଗୀରେ ରହିଛି।

## ୪ ଗ୍ୟାଙ୍ଗ୍‌ମ୍ୟାନ୍‌ଙ୍କ ଉପରେ ମାଡ଼ିଗଲା ଟ୍ରେନ୍

**ହାର୍ଦୋଇ(ୟୁପି),୫।୧୧(ପି.ଟି)**

ସୋମବାର ୪ଜଣ ଗ୍ୟାଙ୍ଗମ୍ୟାନ ରେଲୱେ ଲାଇନ୍‌ରେ କାର୍ଯ୍ୟ କରୁଥିବା ବେଳେ ଅଚାନକ ଟ୍ରେନ୍ ମାଡିଯିବାରୁ ସେମାନଙ୍କ ମୃତ୍ୟୁ ଘଟିଛି। ଉତ୍ତରପ୍ରଦେଶସ୍ଥ ହାର୍ଦୋଇ ଜିଲାର ସାଣ୍ଡିଲା ଏବଂ ଉମରତାଲି ଷ୍ଟେଶନ୍ ମଧରେ ସେମାନେ କାର୍ଯ୍ୟରତ ଥିଲେ। ଲକ୍ଷ୍ନୌଠାରୁ ପାଖାପାଖି ୬୦କି.ମି. ଦୂର ଦୁଇ ଷ୍ଟେଶନ୍ ମଧରେ ସେମାନେ କାର୍ଯ୍ୟ କରୁଥିବାବେଳେ କୋଲକାତା-ଅମ୍ରିତସର ଅକଲ ତଖତ୍ ଏକ୍ସପ୍ରେସ ମଧାହ୍ନ ୧୨ଟା ସମୟରେ ସେମାନଙ୍କ ଉପରକୁ ମାଡିଯାଇଥିଲା। ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଗ୍ୟାଙ୍ଗମ୍ୟାନ୍‌ମାନେ କୌଣସି ସତର୍କ ସୂଚନା ବିନା ଡ୍ରିଲିଂ କାର୍ଯ୍ୟରେ ବ୍ୟସ୍ତ ଥିଲେ ବୋଲି ନର୍ଦର୍ନ ରେଲୱେ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ମୃତ୍ୟୁବରଣ କରିଥିବା ଗ୍ୟାଙ୍ଗମ୍ୟାନ୍ ହେଲେ-କୌଶଲ (୩୨), ରାଜେଶ (୩୫), ରାମ ସ୍ୱରୂପ (୪୫) ଏବଂ ରାଜେନ୍ଦ୍ର (୪୨)। ରେଲୱେ ପୋଲିସ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଶିବରାଜ ସିଂ ଚୌହାନ୍‌ଙ୍କ ପ୍ରାର୍ଥୀପତ୍ର ଦାଖଲ

**ଭୋପାଲ,୫।୧୧(ପି.ଟି)**



ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ୍ ସୋମବାର ସିହୋର ଜିଲାର ବୁଧ୍‌ନି ଆସନ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ମଧ୍ୟପ୍ରଦେଶରେ ନଭେମ୍ବର ୨୮ରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏଠାରୁ ୬୦କି.ମି. ଦୂର ବୁଧ୍‌ନି ଚୌହାନ୍‌ଙ୍କ ନିଜସ୍ୱ ନିର୍ବାଚନମଣ୍ଡଳୀ। ୧୯୯୦ରେ ପ୍ରଥମ ଥର ପାଇଁ ସେ ବିଧାୟକ ଭାବେ ଏଠାରୁ ନିର୍ବାଚିତ ହୋଇଥିଲେ। ସେ ପଞ୍ଚମ ଥର ପାଇଁ ଏହି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପ୍ରାର୍ଥୀପତ୍ର ଦାଖଲ ବେଳେ ଚୌହାନ୍‌ଙ୍କ ପତ୍ନୀ ସାଧନା ସିଂ, ପୁତ୍ର କୁନାଲ ଓ କାର୍ତ୍ତିକେୟ, ତାଙ୍କ ନିର୍ବାଚନ ଏଜେଣ୍ଟ ରମାକାନ୍ତ ଭାର୍ଗବ ଏବଂ ଆଇନଜୀବୀ ଶ୍ରେୟ ରାଜ ସାକ୍‌ସେନା ଉପସ୍ଥିତ ଥିଲେ।

## ଖୋଲିଲା ସାବରିମାଳା ମନ୍ଦିର ପହଡ଼

**ସାବରିମାଳା,୫।୧୧(ପି.ଟି.)**

କେରଳର ସାବରିମାଳାରେ ଥିବା ଆୟାପ୍ପା ମନ୍ଦିରରେ ମହିଳାଙ୍କ ଦର୍ଶନକୁ ନେଇ ଲାଗିରହିଥିବା ବିବାଦ ଥମିବାର ନାଁ ଧରୁନାହିଁ। ତିନି ସପ୍ତାହ ମଧରେ ଦ୍ୱିତୀୟ ଥର ଲାଗି ସୋମବାର ମନ୍ଦିର ପହଡ଼ ଖୋଲିଛି। ଦୁଇଦିନ ଏଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହେବ। ସୁରକ୍ଷା କଡ଼ାକଡ଼ି କରାଯାଇଥିଲେ ସୁଦ୍ଧା ଦର୍ଶନ ନିମିତ୍ତ ଥିବା କଟକଣା ହଟାଇ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ବିରୋଧ କରି ଏଠାରେ ପୁଣି ବିକ୍ଷୋଭ ଜୋର୍ ଧରିଛି।

ପ୍ରଥମ ଦିନରେ ୧୦ରୁ ୫୦ ବର୍ଷ ପର୍ଯ୍ୟନ୍ତ କୌଣସି ମହିଳା ଶ୍ରଦ୍ଧାଳୁ ଏଠାକୁ ଆସି ନାହାନ୍ତି। ତେବେ ପମ୍ବାସ୍ଥିତ ବେସ୍ କ୍ୟାମ୍ପରେ ଜଣେ ୩୦ ବର୍ଷୀୟା ମହିଳା ପହଞ୍ଚି ଆୟାପ୍ପାଙ୍କ ଦର୍ଶନ ଲାଗି ପୋଲିସ ସୁରକ୍ଷା ମାଗିଥିଲେ। ଆଲାପୁଝା ଜିଲାର ଚେର୍‌ଥାଲା ନିବାସୀ ମହିଳାଙ୍କ ନାମ ଅଞ୍ଜୁ। ପାର୍ବତ୍ୟ ଶିଖରରେ ଥିବା ଉକ୍ତ ପୀଠକୁ ଯିବା ଲାଗି ସେ ଅଡ଼ିବସିଥିଲେ ସୁଦ୍ଧା ଏନେଇ କୌଣସି ନିଷ୍ପତ୍ତି ହୋଇନାହିଁ ବୋଲି ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ସୋମବାର ସାବରିମାଳା ମନ୍ଦିରରେ ମୁତୟନ ସୁରକ୍ଷାକର୍ମୀଙ୍କ ମଧରେ ମହିଳା ପୋଲିସ ମଧ ଥିଲେ। କିନ୍ତୁ ସେମାନଙ୍କ ବୟସ ୫୦ ବର୍ଷରୁ ଅଧିକ। ଏହାକୁ ନେଇ ମଧ ବିରୋଧର ସ୍ୱର ଉଠିଛି। ତେବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିବାକୁ ଯାଇ ଶ୍ରଦ୍ଧାଳୁଙ୍କୁ ନିର୍ଯ୍ୟାତନା ଦିଆ ନ ଯାଉ ବୋଲି ସୋମବାର କେରଳ ହାଇକୋର୍ଟ କହିଛନ୍ତି। ମନ୍ଦିରର ଦୈନନ୍ଦିନ ବ୍ୟାପାରରେ ହସ୍ତକ୍ଷେପ କରିବା ଅଧିକାର ହାଇକୋର୍ଟଙ୍କର ନାହିଁ ବୋଲି ଜଷ୍ଟିସ୍ ପି.ଆର୍. ରାମଚନ୍ଦ୍ରନ୍ ମେନନ୍ ଏବଂ ଏବଂ ଏନ୍. ଅନିଲକୁମାରଙ୍କୁ ନେଇ ଖଣ୍ଡପୀଠ କହିଛନ୍ତି।

ସାବରିମାଳା ମନ୍ଦିରରେ ସବୁ ବୟସର ମହିଳା ପ୍ରବେଶ କରିପାରିବେ ବୋଲି ନିକଟରେ ସୁପ୍ରିମକୋର୍ଟ ରାୟ ଦେଇଥିଲେ। କିନ୍ତୁ ଆୟାପ୍ପା ଭକ୍ତମାନେ ଏହାକୁ ବିରୋଧ କରୁଛନ୍ତି। ଭାଜପା କର୍ମୀମାନେ ବିକ୍ଷୋଭକାରୀଙ୍କୁ ସମର୍ଥନ ଜଣାଉଥିବାବେଳେ କଂଗ୍ରେସ ଏହାକୁ ବିରୋଧ କରୁଛି। ତେଣୁ ବିବାଦ ତେଜିବାରେ ଲାଗିଛି। ପିନାରାୟୀ ବିଜୟନ୍‌ଙ୍କ ନେତୃତ୍ୱାଧୀନ ଏଲ୍‌ଡିଏଫ୍ ସରକାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିବାକୁ ପଦକ୍ଷେପ ନେଉଥିଲେ ସୁଦ୍ଧା ବିରୋଧର ସମ୍ମୁଖୀନ ହେଉଛନ୍ତି। ଏହି କ୍ରମରେ ସୋମବାର ପୁଣି ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ଭାଜପାର କେରଳ ଶାଖା ମୁଖ୍ୟ ପି.ଏସ୍. ଶ୍ରୀଧରାନ୍ ପିଲ୍ଲାଇଙ୍କ ମନ୍ତବ୍ୟକୁ ନେଇ ବିବାଦ ଉପୁଜିଛି। ୧୦ରୁ ୫୦ ବର୍ଷର ମହିଳାଙ୍କୁ ପ୍ରବେଶ କରାଇଲେ ଆୟାପ୍ପା ମନ୍ଦିରରେ ତାଲା ପକାଇଦେବେ ବୋଲି ମୁଖ୍ୟ ପୂଜାରୀ ଧମକ ଦେବା ପୂର୍ବରୁ ତାଙ୍କ ସହ ପରାମର୍ଶ କରିଥିଲେ ବୋଲି ପିଲ୍ଲାଇ କହିଛନ୍ତି। ତାଙ୍କର ଏହି ବିବାଦୀୟ ମନ୍ତବ୍ୟ ସମ୍ବଳିତ ଭିଡିଓ ଟେଲିଭିଜନ ଚ୍ୟାନେଲରେ ପ୍ରସାର ହେବା ପରେ ସେ ସମାଲୋଚନାର ଶିକାର ହୋଇଛନ୍ତି। ତାଙ୍କ ମନ୍ତବ୍ୟକୁ ତୀବ୍ର ନିନ୍ଦା କରିଛନ୍ତି ମୁଖ୍ୟମନ୍ତ୍ରୀ ବିଜୟନ୍। ଆୟାପ୍ପା ଭକ୍ତମାନେ ଭାଜପାର ଜାଲରେ ନ ପଡ଼ନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି।



- ଦୁଇଦିନିଆ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଆରମ୍ଭ
- ଆୟାପ୍ପା ଭକ୍ତଙ୍କ ବିକ୍ଷୋଭ ଜାରି
- ଦର୍ଶନ ଲାଗି ସୁରକ୍ଷା ଲୋଡ଼ିଲେ ୩୦ ବର୍ଷୀୟା ମହିଳା
- ଶ୍ରଦ୍ଧାଳୁଙ୍କୁ ନିର୍ଯ୍ୟାତନା ଦିଆ ନ ଯାଉ: ହାଇକୋର୍ଟ
- ଭାଜପା ରାଜ୍ୟ ମୁଖ୍ୟଙ୍କ ମନ୍ତବ୍ୟକୁ ନେଇ ଝଡ଼

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.




## ୨୦୨୦ ମାଟ୍ରିକ ପରୀକ୍ଷା
# ବଢ଼ିଲା ନାମ ପଞ୍ଜୀକରଣ ତାରିଖ

କଟକ ଅଫିସ, ୫।୧୧– ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ହେବାକୁ ଥିବା ୨୦୨୦ ମାଟ୍ରିକ ପରୀକ୍ଷା ପାଇଁ ଚଳିତବର୍ଷ ନବମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରଙ୍କ ନାମ ପଞ୍ଜୀକରଣ ତାରିଖ ବୃଦ୍ଧି ପାଇଛି। ସୋମବାର ନାମ ପଞ୍ଜୀକରଣର ଶେଷ ତାରିଖ ରହିଥିବାବେଳେ ଏହା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ବିଦ୍ୟାଳୟର ମୁଖ୍ୟମାନେ ୧୫ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ନିର୍ଦ୍ଧାରିତ ଦେୟ ପୈଠ କରିପାରିବେ ବୋଲି ବୋର୍ଡର ପରୀକ୍ଷା ନିୟନ୍ତ୍ରକ ଡ. ନୀହାର ରଞ୍ଜନ ମହାନ୍ତି କହିଛନ୍ତି।






# ଶହୀଦଙ୍କ ଭଉଣୀଙ୍କୁ ୮ ଲକ୍ଷର ବୀମାରାଶି ପ୍ରଦାନ

**କଟକ ଅଫିସ୍, ୫।୧୧**



ପୋଲିସ ମହାନିର୍ଦ୍ଦେଶକ ଆର.ପି ଶର୍ମା କଟକସ୍ଥିତ ଆଇପିଏସ୍ ମେସ୍‌ଠାରେ ଶହୀଦ ସଞ୍ଜୟ ମାଝିଙ୍କ ଭଉଣୀ ମଞ୍ଜରୀଙ୍କୁ ସହାୟତା ରାଶିର ଚେକ୍ ପ୍ରଦାନ କରୁଛନ୍ତି।

ରାୟଗଡା ଜିଲା ମୁନିଗୁଡା ଥାନା ଅନ୍ତର୍ଗତ ଶକଟା ଗାଁ ନିକଟରେ ଗତ ଏପ୍ରିଲ ୧୦ରେ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ସିପାହି ସଞ୍ଜୟ ମାଝି ଶହୀଦ ହୋଇଥିଲେ। ସଞ୍ଜୟଙ୍କ ପରିବାର ଲୋକଙ୍କୁ ସୋମବାର ଏଚ୍‌ଡିଏଫ୍‌ସି ବ୍ୟାଙ୍କ ତରଫରୁ ୮ ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କରାଯାଇଛି। ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଥିବା ଆଇପିଏସ୍ ମେସ୍ ହଲ୍‌ରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଶହୀଦ ସଞ୍ଜୟଙ୍କ ଭଉଣୀ ମଞ୍ଜରୀ ମାଝିଙ୍କୁ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ଏହି ବୀମାରାଶି ପ୍ରଦାନ କରିଛନ୍ତି। କମ୍ ସମୟ ମଧ୍ୟରେ ବୀମାରାଶି ପ୍ରଦାନ କରିଥିବାରୁ ଡିଜିପି ଶର୍ମା ଏଚ୍‌ଡିଏଫ୍‌ସି ବ୍ୟାଙ୍କକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଦେବାଶିଷ ସେନାପତି ଯୋଗଦେଇଥିଲେ। ସେନାପତି କହିଥିଲେ ଯେ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଆକାଉଣ୍ଟ ଦ୍ୱାରା ଦରମା ନେଉଥିବା ପୋଲିସ କର୍ମଚାରୀମାନଙ୍କ କାର୍ଯ୍ୟକାଳ ମଧ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁହେଲେ ୮ ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କରାଯାଉଥିଲା। ଏବେ ଏହି ବୀମାରାଶି ୩୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି।









ଇଟାଲୀର ସିସିଲି ଦ୍ୱୀପର ପଲେରମୋ ଅଞ୍ଚଳରେ ବନ୍ୟା ଯୋଗୁ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ଏହା ସହିତ ୨ ଜଣ ନିଖୋଜ ଥିବା ଉଦ୍ଧାରକାରୀ ଦଳ ପକ୍ଷରୁ ସୂଚନା ଦିଆଯାଇଛି। ସ୍ଥାନୀୟ ଅଞ୍ଚଳରେ ଝଡ଼ ତୋଫାନ ଯୋଗୁ ଏକ ନଦୀରେ ବନ୍ୟା ଆସିଥିଲା। ଆଗରୁ କୌଣସି ସୂଚନା ନ ଥିବାରୁ ଲୋକଙ୍କ ମୃତ୍ୟୁ ଘଟିଥିବା ପ୍ରଶାସନ କହିଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ମୁନୁ
ପରିବାରବର୍ଗ



ଗୁଡୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# classified



### SALE

JCB Machine Excavators 22T, 20T, 12T, 10T, 8T & loader- 2dX, 3dX, JCB Compactor, JCB loadall available for sale and hire. Contact immediately: 9556240228, 9937292015. email: kttbbsr@gmail.com. D-9047

Alto, WagonR, Swift, Dzire, Vento, Indigo, Scorpio, Nishan Micra, Ford Figo, Ford Fiesta, Xcent, Santro, i10, i20, Sail, Beat, Spark, Inova, Honda Amaze, Honda City, Mahindra Logan, Mahindra Verito and many more for sale. Contact: 7440000832, 8599005885. D-9138



### SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

ସୁନ୍ଦରପଦା- ଜଟଣୀରୋଡରେ Xavier University ପାଖରେ investment ଉପଯୋଗୀ ସ୍ଥିତିବାନପ୍ଲଟ lowcostରେ ମିଳୁଅଛି। First possession then registration. 8847851850. D-64362

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64357

ଭୁବନେଶ୍ୱର ମହାବୀର Engineering କଲେଜ backsideରେ ସ୍ଥିତିବାନ ପ୍ଲଟ ମିଳୁଛି। 8338932027. D-64365

ସୁନ୍ଦରପଦା ହାଇଟେକ୍ ପ୍ଲାଜା ପାଖରେ ଘରବାରି ପଜେସନ୍ ପ୍ଲଟ sqft.- 1070ରେ plot ମିଳୁଛି। 9348230669. D-64364

Bhubaneswar Patia, Sailashreeviharରେ ଓ ଅରୁଗୁଳ IIT ନିକଟରେ ସ୍ଥିତିବାନ plot for sale. 7978124465, 9040010035. D-64633

1BHK, 2BHK, 3BHK approved flats at Hitech Heaven near Gudiapokhari Square, Bhubaneswar. 9437040045, 9437192512. D-9256

Readymade new 3BHK flat at BJB Nagar, No tax. 9439716901 (Broker not allowed). D-65159

2BHK flat near Garage Chhak Market area Bhubaneswar-2. Contact: 7873492433. D-63865



Construct your building in finished house contact: 9937064680. D-27282



Office, Bank or commercial, 2400 sqft., Plot No.- 661, Bank Chhak, Mahanadivihar, Mobile: 9437226804, 7978603239, 9439826980, 7978316627. D-9239

1000sqft. office space at Kharavela Nagar, Unit- 3, Bhubaneswar. Contact: 9338203485. D-65051



Fully refreshed/ relaxed body massage by expert therapist, Shastrinagar. 7377984773. D-65140

Rejuvenate and Ayurvedic full body massage by smart therapist. 9114402304. D-65138

Pamper yourself this Mansoon professional massage. Contact Purple Orchid. 9776598888. D-65139

Newly open herbal full body massage with refreshment well trained therapist. 7381239385. D-64630

Experience full body massage with us by expert Enquiry: 7377048581. D-65147

Singar massage club fully relaxed by expert lady also home service available. Contact: 9937637219. D-9199

Newly open ayurvedic full body massage ladies and gents. 8117033493. D-65050

All type of full body massage by expert therapist. 7609005923. D-65151

Herbal full body massage by smart/ expert therapist. Contact: 8338067247. D-65152

Newly opening ayurvedic massage smart therapist, Shree herbal. 7750020754. D-65153

Improving your health, skin care through expert therapist, excellent offer. 9668374480. D-65154

### ଜନ୍ମଦିନ ଶୁଭେଚ୍ଛା





(ମୁନୁ)

**ଐଶ୍ୱର୍ଯ୍ୟା ରାଣୀ ଖୁଣ୍ଟିଆ**

ହରଚଣ୍ଡିସାହି, ପୁରୀ

ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୁମକୁ ଦୀର୍ଘାୟୁ କରିବା ସହିତ ତୁମର ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ। ଶୁଭେଚ୍ଛା ସହ: ଚନ୍ଦନ, ବନ୍ଧୁ ଓ ପରିବାରବର୍ଗ।

ଧ-୯୨୮୫

### ନିରୁଦ୍ଦିଷ୍ଟ



**ଶ୍ରୀମତୀ ବିମଳା ଶର୍ମା,** ବୟସ- ୭୫, ସାଗର ମଧ୍ୟପ୍ରଦେଶ, ୩୧।୧୦।୨୦୧୮ ଠାରୁ ପୁରୀରେ ନିରୁଦ୍ଦିଷ୍ଟା। ଯେ ଖବର ଦେବେ ତାଙ୍କୁ ପୁରସ୍କୃତ କରାଯିବ। ଫୋନ୍: ୮୮୭୧୦୯୧୩୩୩। ଧ-୬୪୦୧୯


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷରେ ଭାରତ ଏବଂ ଚାଇନା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୮୯.୭୧ ବିଲିୟନ ଡଲାର ରହିଛି।

**- ବାଣିଜ୍ୟ ମନ୍ତ୍ରଣାଳୟ**

■ ମି ୱାଇଫାଇ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ଆଇଟିରେ ଭୁବନେଶ୍ୱର ପାଲଟିବ ମେରୁଦଣ୍ଡ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୱାଇଫାଇ ସେବାର ଶୁଭାରମ୍ଭ କରୁଛନ୍ତି।

**ଭୁବନେଶ୍ୱର, ୫।୧୧(ବ୍ୟୁରୋ)**

ଭୁବନେଶ୍ୱର ପାଇଁ ସୋମବାର ହେଉଛି ଐତିହାସିକ ଦିନ। ମନ୍ଦିରମାଳିନୀ ସହର ଏବେ ଆଇଟି କ୍ଷେତ୍ରରେ ମେରୁଦଣ୍ଡ ପାଲଟିବାକୁ ଯାଉଛି। ଏହି ସହର ବେଷ୍ଟ ମଡର୍ନ ସିଟି ଭାବେ ସମଗ୍ର ବିଶ୍ୱରେ ପରିଚିତ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ସଚିବାଳୟରେ ମି ୱାଇଫାଇ ସେବାକୁ ଶୁଭାରମ୍ଭ କରିଛନ୍ତି। ସେ କହିଛନ୍ତି ଯେ, ଟେକ୍ନୋଲୋଜି, ଟ୍ରାନ୍ସପରେନ୍ସି ଏବଂ ଟିମ୍‌ୱର୍କ ପାଇଁ ଏହି ୱାଇଫାଇ ସେବା ସହାୟକ ହେବ। ଆଗକୁ କଟକ, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା ଏବଂ ପୁରୀରେ ମାଗଣା ୱାଇଫାଇ ସେବା ଉପଲବ୍ଧ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି, ସମଗ୍ର ନଗରୀକୁ ସେବା ପ୍ରଦାନ କ୍ଷମତା ରଖିଥିବା ଭୁବନେଶ୍ୱର ଜାତୀୟସ୍ତରରେ ଏକମାତ୍ର ସହର। ଭୁବନେଶ୍ୱର ମି ୱାଇଫାଇ ହୋଇଥିବାରୁ ମୁଁ ବିଶେଷ ଭାବେ ଆନନ୍ଦିତ। ଆଶା, ସମାଜର ସବୁ ବର୍ଗର ନାଗରିକ ଏବଂ ବିଶେଷକରି ଯୁବବର୍ଗଙ୍କ ନିମନ୍ତେ ଏହି ସୁବିଧା ଅତ୍ୟନ୍ତ ଉପଯୋଗୀ ହେବ। ସରକାରୀ ସେବା ନିମନ୍ତେ ୱାଇଫାଇ ଲାଗି ନାଗରିକମାନଙ୍କୁ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ। ଏହା ଡିଜିଟାଲ ଦୂରତ୍ୱ ଦୂର କରିବା ପାଇଁ ସରକାରଙ୍କୁ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ପ୍ରଥମ ଦିନରୁ ୧୦୦ ହଟ୍‌ସ୍ପଟ୍ ଓ ୨୭୫ ଆକ୍ସେସ୍ ପଏଣ୍ଟ କାର୍ଯ୍ୟ କରିବା ଆରମ୍ଭ କରିଛି। କିଟ୍ ଛକରୁ ରାଜଭବନ, ଆଚାର୍ଯ୍ୟବିହାରରୁ ଏଜି ଛକ, ଶିଶୁଭବନରୁ ବାଣୀବିହାର ଏବଂ ନାଲ୍‌କୋ ଛକରୁ ଆଚାର୍ଯ୍ୟବିହାର ପର୍ଯ୍ୟନ୍ତ ରାସ୍ତାର ପ୍ରମୁଖ ସ୍ଥାନମାନଙ୍କରେ ଏହି ହଟ୍‌ସ୍ପଟ୍ ଉପଲବ୍ଧ ହେବ। ପ୍ରତ୍ୟେକ ହଟ୍‌ସ୍ପଟ୍ ଏକାସାଙ୍ଗରେ ୧୫୦ ବ୍ୟବହାରକାରୀଙ୍କୁ ସେବା ପ୍ରଦାନ କରିବ। ୨ ଏମ୍‌ବିପିଏସ୍ ଇଣ୍ଟରନେଟ ସ୍ପିଡ୍ର ସୁବିଧା ନାଗରିକମାନେ ପାଇପାରିବେ। ଏହି ସେବା ଉପଯୋଗ କରୁଥିବା ଯେକୌଣସି ନାଗରିକ ୨୫୦ ଏମ୍‌ବି ପର୍ଯ୍ୟନ୍ତ ଡାଟା ମାଗଣାରେ ପାଇପାରିବେ।

ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୦୦ଟି ନୂତନ ସ୍ଥାନରେ ଏହି ହଟ୍‌ସ୍ପଟ୍ ସଂଯୋଗ କରାଯିବାକୁ ଥିବାବେଳେ ପର୍ଯ୍ୟାୟକ୍ରମେ ୫୧୮ ହଟ୍‌ସ୍ପଟ୍ ସହ ୧୮୦୦ ଆକ୍ସେସ୍ ପଏଣ୍ଟ ବସିବ। ବ୍ୟବହାରକାରୀଙ୍କ ହ୍ୟାଣ୍ଡସେଟ୍ କ୍ଷମତା ଅନୁରୂପ ଏହି ୱାଇଫାଇ ନେଟ୍‌ୱର୍କ ୨.୪ ଗିଗାହର୍ଜରୁ ୫ ଗିଗାହର୍ଜ ପର୍ଯ୍ୟନ୍ତ ଓ୍ୱାରଲେସ୍ ବ୍ୟାଣ୍ଡର ଉପଯୋଗ କରିବେ। ଟେଲି ଯୋଗାଯୋଗ ବିଭାଗ ତଥା ଭାରତୀୟ ଟେଲି ଯୋଗାଯୋଗ ନିୟାମକ କର୍ତ୍ତୃପକ୍ଷଙ୍କ ନୀତି ଓ ନିୟମକୁ ପାଳନ କରାଯାଇ ଏହି ଓ୍ୱାରଲେସ୍ ସଞ୍ଚାଳନ ଢାଞ୍ଚା ପ୍ରସ୍ତୁତ କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

## ମାନିଲେନି, ରାସ୍ତାରେ...

ନବ ନିର୍ମାଣ କୃଷକ ସଙ୍ଗଠନ ଡକାରାରେ ସୋମବାର ରାଜଧାନୀମୁହାଁ ହୋଇଥିଲେ ହଜାର ହଜାର ଚାଷୀ। ପ୍ରାଇସ୍, ପ୍ରେସ୍ଟିଜ ଓ ପେନ୍‌ସନ୍ ଦାବିରେ ଚାଷୀ ଯାଜପୁରର କୁଆଖିଆ ଏବଂ ଖୋର୍ଦ୍ଧାର ବାଲୁଗାଁରୁ ଅକ୍ଟୋବର ୨୯ ତାରିଖରୁ ଶୋଭାଯାତ୍ରାରେ ରାଜଧାନୀକୁ ଆସୁଥିଲେ। ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ନିଜର ଦାବି ପାଇଁ ଆସୁଥିଲେ ମଧ୍ୟ ସେମାନଙ୍କୁ ଏକାଠି କରାଇ ଦେଇ ନାହାନ୍ତି ସରକାର। ଗତ ୭ ଦିନ ଧରି ଚାଷୀ ନେତାମାନେ ଦାବିକରି ଆସୁଥିଲେ ମଧ୍ୟ ଏ ନେଇ ସରକାର ଚୁପ ବସିଥିଲେ। ସେମାନଙ୍କର ଦାବି ହେଲା ସରକାର ଚାଷୀ ଆତ୍ମହତ୍ୟା ସ୍ୱୀକାର କରନ୍ତୁ। ପୀଡ଼ିତ ପରିବାରଙ୍କୁ ସହାୟତା କରନ୍ତୁ। ୩୬ ଲକ୍ଷ ଚାଷୀଙ୍କୁ ୬୦ ବର୍ଷ ପରେ ମାସିକ ୧୦ ହଜାର ଟଙ୍କା ପେନ୍‌ସନ୍ ଦିଅନ୍ତୁ। ଚାଷୀ ଉତ୍ପାଦନ କରୁଥିବା ଶସ୍ୟର ଉପଯୁକ୍ତ ମୂଲ୍ୟ ପ୍ରଦାନ କରାଯାଉ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୦୦୦ ଟଙ୍କା ହେଉ ବୋଲି ଚାଷୀ ସଙ୍ଗଠନ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ଅପରପକ୍ଷରେ ଚାଷୀମାନଙ୍କ କ୍ରୋଧକୁ ଦେଖି ସୋମବାର ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇଛି। ଏହି କମିଟିରେ ଅର୍ଥ ବିଭାଗ ମନ୍ତ୍ରୀ ଅଧ୍ୟକ୍ଷ ଥିବା ବେଳେ କୃଷି, ପଞ୍ଚାୟତିରାଜ ଓ ସମବାୟ ବିଭାଗ ମନ୍ତ୍ରୀ ସଦସ୍ୟ ରହିଛନ୍ତି। ତେବେ ଏହି ମନ୍ତ୍ରୀସ୍ତରୀୟ କମିଟିକୁ ଚାଷୀମାନେ ପ୍ରତ୍ୟାଖ୍ୟାନ କରିଛନ୍ତି। ସେମାନଙ୍କ ଦାବି ହେଲା ରାଜ୍ୟ ସରକାର ପ୍ରଥମେ ଚାଷୀଙ୍କୁ ୧୦ ହଜାର ଟଙ୍କା ପେନ୍‌ସନ୍ ଘୋଷଣା କରନ୍ତୁ, ଏହା ପରେ ମନ୍ତ୍ରୀସ୍ତରୀୟ କମିଟି ସହ ଆଲୋଚନା ହେବ। ସରକାର ଦାବି ମାନି ନ ଥିବାରୁ ଚାଷୀମାନେ ରାଜଧାନୀ ଆସି ପାରି ନ ଥିଲେ ମଧ୍ୟ ଜାତୀୟ ରାଜପଥରେ ସରକାର ବିରୋଧୀ ସ୍ଲୋଗାନ ଦେବା ସହ ପ୍ରତିବାଦ କରିଥିଲେ। ପୋଲିସ ଚାଷୀ ନେତା ଓ କେତେକ ଚାଷୀଙ୍କୁ ଗିରଫ କରିଥିଲା।

ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା କହିଛନ୍ତି, କମିଟିର ଟର୍ମ ଅଫ ରେଫରେନ୍ସ ପ୍ରସ୍ତୁତ କରାଗଲା ପରେ ଚାଷୀମାନଙ୍କ ସମସ୍ୟା ଉପରେ ଏହି କମିଟି ଆଲୋଚନା କରିବ । ଆନ୍ଦୋଳନରୁ ଓହରି ମନ୍ତ୍ରୀସ୍ତରୀୟ କମିଟି ସହ ଚାଷୀମାନେ ଆଲୋଚନା କରନ୍ତୁ। ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ଏହି କମିଟି ଗଠନ କରାଯାଇଛି। ରାଜ୍ୟ ସରକାର ସବୁବେଳେ କୃଷକମାନଙ୍କର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ। କୃଷି ଓ କୃଷକର ଉନ୍ନତି ପାଇଁ କୃଷି ବଜେଟ, କୃଷି କ୍ୟାବିନେଟ, ୧ ପ୍ରତିଶତ ହାରରେ ଚାଷୀଙ୍କୁ କୃଷି ଋଣ ଦିଆଯାଉଛି। ଧାନର ସର୍ବନିମ୍ନ ମୂଲ୍ୟ(ଏମ୍‌ଏସ୍‌ପି) ବୃଦ୍ଧି କରିବାକୁ ବିଧାନସଭାରେ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ କମିଟି ଗଠନ ହୋଇଛି। କମିଟି ଧାନର ଏମ୍‌ଏସ୍‌ପି ୨୯୫୦ ଟଙ୍କା ଦାବି କରୁଥିବା ବେଳେ କେନ୍ଦ୍ର ସରକାର ମାତ୍ର ୫୦ଟଙ୍କା ବୃଦ୍ଧି କରୁଛନ୍ତି। ରାଜ୍ୟ ସରକାର ଚାଷୀମାନଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଓ ଅନ୍ୟାନ୍ୟ ବ୍ୟବସ୍ଥା କରିଛନ୍ତି।

ନବନିର୍ମାଣ କୃଷକ ସଙ୍ଗଠନ ମନ୍ତ୍ରୀସ୍ତରୀୟ କମିଟିକୁ ପ୍ରତ୍ୟାଖ୍ୟାନ କରିଛି। ସଙ୍ଗଠନର ଆବାହକ ଅକ୍ଷୟ କୁମାର କହିଛନ୍ତି ଯେ, ମନ୍ତ୍ରୀସ୍ତରୀୟ କମିଟି ଏକ ଧୋକା। ନିଜର ଦାବି ପାଇଁ ରାଜଧାନୀକୁ ହଜାର ହଜାର ଚାଷୀ ଆସୁଥିବା ବେଳେ ପୋଲିସ ଲଗାଇ ଗିରଫ କରିବା ଘଟଣାକୁ ସେ ନିନ୍ଦା କରିଛନ୍ତି। ସେ କହିଛନ୍ତି, ଚାଷୀଙ୍କୁ ଯଦି ଭୁବନେଶ୍ୱର ମନା ତେବେ ନେତାମାନଙ୍କୁ ମଧ୍ୟ ଗାଁକୁ ଯିବା ମନା। ଭୋଟ୍ ମାଗିବାକୁ ନେତାମାନେ ଗାଁକୁ ଯାଇପାରିବେ ନାହିଁ। ଚାଷୀଙ୍କୁ ଭଣ୍ଡା ଦେବାକୁ ମନ୍ତ୍ରୀସ୍ତରୀୟ କମିଟି ଗଠନ ହୋଇନାହିଁ। ଦାବି ପୂରଣ ନ ହେବା ଯାଏ ଚାଷୀମାନେ କୁଆଡ଼େ ଯିବେ ନାହିଁ। ଏହି ଲଢ଼େଇ ଆଗକୁ ଆହୁରି ଜୋରଦାର ହେବ । ପ୍ରତି ଗାଁ ଓ ବ୍ଲକରେ ଆଇନ ଅମାନ୍ୟ ହେବ ବୋଲି ସେ ସତର୍କ କରାଇ ଦେଇଛନ୍ତି। ରାଜ୍ୟରେ କେତେ ଚାଷୀ ଓ ଭାଗ ଚାଷୀ ଅଛନ୍ତି ସରକାର ଏ ପର୍ଯ୍ୟନ୍ତ ତାହା ଆକଳନ କରିନାହାନ୍ତି। ତେବେ ୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟରେ ୪୧ ଲକ୍ଷ ଚାଷୀ ଥିବାବେଳେ ୬୭.୪୦ ଲକ୍ଷ କୃଷି ଶ୍ରମିକ ରହିଛନ୍ତି।

ଚାଷୀ ଆନ୍ଦୋଳନକୁ ନେଇ ରାଜନୀତି ମଧ୍ୟ ଜୋର ଧରିଛି। ବିରୋଧୀ ଦଳଗୁଡ଼ିକ ରାଜ୍ୟ ସରକାରଙ୍କୁ ସମାଲୋଚନା କରୁଥିବା ବେଳେ ସରକାରୀ ଦଳ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛନ୍ତି। ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି, ରାଜ୍ୟ ସରକାର ଚାଷୀ ପାଇଁ ସଚେତନ ନୁହନ୍ତି। ସେମାନଙ୍କୁ ସବୁବେଳେ ଭଣ୍ଡାଇ ଆସିଛନ୍ତି। ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ, ଚାଷୀ ଆନ୍ଦୋଳନକୁ ଦବାଇବାକୁ ସରକାର ଚେଷ୍ଟା କରୁଛନ୍ତି। ଏହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ ।

## ୫ ମାଓବାଦୀ...

ଜବତ କରାଯାଇଛି। ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ ଲୋକମାନଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି।

ଖବରରୁ ଜଣାପଡିଛି, ପପୁଲୁର ଗ୍ରମ ନିକଟସ୍ଥ ଜଙ୍ଗଲରେ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ଶିବିର କରି ଏକ ବଡ଼ ଆକ୍ରମଣ ଯୋଜନା କରାଯାଉଥିବା ନେଇ ମାଲକାନଗିରି ଏସ୍‌ପି ଜଗମୋହନ ମୀନା ସୂଚନା ପାଇଥିଲେ। ଏହା ଜାଣିବା ପରେ ଏସ୍‌ପି ମୀନା ଏସଓଜି ଯବାନଙ୍କୁ କୋମ୍ବିଂ ଅପରେଶନରେ ପଠାଇଥିଲେ। ବିଳମ୍ବିତ ରାତିରେ ଜଙ୍ଗଲରେ ଯବାନଙ୍କ କୋମ୍ବିଂ ଅପରେଶନ ସମୟରେ ଉଭୟ ପକ୍ଷରୁ ଗୁଳି ବିନିମୟ ହୋଇଥିଲା। ପ୍ରାୟ ଭୋର ସମୟ ପର୍ଯ୍ୟନ୍ତ ଏହି ଗୁଳି ବିନିମୟ ଚାଲିବା ପରେ ପୋଲିସ ଘଟଣାସ୍ଥଳ ତଲାସୀ ବେଳେ ୫ ଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରିଥିଲା। ଏଥିସହ ଘଟଣାସ୍ଥଳରୁ ୨ଟି ଇନ୍‌ସାସ ବନ୍ଧୁକ, ଗୋଟିଏ ଏସ୍‌ଏଲ୍‌ଆର, ଗୋଟିଏ ଥ୍ରୀ ନଟ ଥ୍ରୀ ବନ୍ଧୁକ, ୬ଟି କିଟବ୍ୟାଗ, ବୋମା, ଔଷଧପତ୍ର, ବ୍ୟାନର, ପୋଷ୍ଟର ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଜବତ କରିଥିବା ଜଣାପଡ଼ିଛି। ଏହି ଗୁଳି ବିନିମୟ ଘଟଣାରେ ମାଓବାଦୀ ନେତା ରଣଦେବ ଅଳ୍ପକେ ଖସି ପଳାଇଥିବା ଜଣାପଡ଼ିଛି। ମୃତ ମାଓବାଦୀଙ୍କ ମଧ୍ୟରେ ୩ ଜଣ ଏରିଆ କମିଟି ସଦସ୍ୟ ଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଆନ୍ଧ୍ର ଓଡ଼ିଶା ସୀମାନ୍ତ ଜୋନାଲ କମିଟି ଅଧୀନ ମାଲକାନଗିରି-କୋରାପୁଟ-ବିଶାଖାପାଟଣା ଡିଭିଜନାଲ କମିଟିରେ ଏହି ମାଓବାଦୀମାନେ କାର୍ଯ୍ୟ କରୁଥିଲେ। ନିହତ ମାଓବାଦୀମାନେ ପପୁଲୁର ପୋଷ୍ଟମାଷ୍ଟର ହତ୍ୟାକାଣ୍ଡ, କାନାଗୁଡାଠାରେ ଟ୍ରକ, ଟ୍ରାକ୍ଟର ପୋଡି ସହ ୫୦ଟି ମାଓବାଦୀ ହିଂସାରେ ଜଡିତ ଥିବା ଜଣାପଡିଛି। ଯବାନମାନେ ଜଙ୍ଗଲରେ ତଲାସୀ ଜାରି ରଖିଛନ୍ତି। ସେମାନେ ଫେରିବା ପରେ ସବିଶେଷ ତଥ୍ୟ ଜଣାପଡ଼ିବ ବୋଲି ଏସ୍‌ପି ମୀନା ପ୍ରକାଶ କରିଛନ୍ତି।

ସୋମବାର ରାଜ୍ୟ ପୋଲିସ ମୁଖ୍ୟାଳୟରେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି, ଏସ୍‌ଓଜି ଯବାନମାନଙ୍କ ଏହା ଏକ ଭଲ ଅପରେଶନ ଥିଲା। ଯେଉଁ ମୃତ ମାଓବାଦୀଙ୍କ ପରିଚୟ ମିଳିନାହିଁ, ସେମାନଙ୍କୁ ଚିହ୍ନଟ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ମାଓବାଦୀ ପ୍ରବଣ ଅଞ୍ଚଳକୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନ ଯିବା ପାଇଁ ଡିଜିପି ଶର୍ମା ପରାମର୍ଶ ଦେଇଛନ୍ତି। ନିକଟରେ ଛତିଶଗଡ଼ରେ ମାଓବାଦୀଙ୍କ ଗୁଳିରେ ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କ ମୃତ୍ୟୁ ଘଟିଥିଲା।

## ପ୍ରଥମ ପୃଷ୍ଠାରୁ...

## ପୁଣି ଭାଗବତରେ...

ଛପାଯାଇଛି। ତ୍ରିଶୃଙ୍ଗ ବଦଳରେ 'ତୃତୀୟ ଶୃଙ୍ଗ' ଲେଖାଅଛି। ଆଉ ଦୁଇଟି ଶୃଙ୍ଗ କେଉଁଠି ବୋଲି ମହାପାତ୍ର ପ୍ରଶ୍ନ କରିଛନ୍ତି। ସମାନ ଭାବେ ମହାପାତ୍ର ଧରିଥିବା ତ୍ରୁଟି ମଧ୍ୟରେ ଅଳକେ ସ୍ଥାନରେ ଅଳେକ, ସମସ୍ତ ସ୍ଥାନରେ ସପ୍ତମ, ପିଟିବି ସ୍ଥାନରେ ପିଞ୍ଜିବି, ଭଗବନ୍ଦି ସ୍ଥାନରେ ଭଜବନ୍ଦି, କହିଛି ସ୍ଥାନରେ କହିବି, କିମ୍ପା ସ୍ଥାନରେ କିମ୍ବା, ଚରିତ ସ୍ଥାନରେ ରଚିତ ଇତ୍ୟାଦି ଛପାଯାଇଛି। 'କର୍ମ ଜ୍ଞାନରେ ବିଶାରଦ' ଠିକ୍ ଥିବାସ୍ଥଳେ 'ରସଗଳଇ ବିଷାରଦ' ଭୁଲ୍ ବୋଲି ମହାପାତ୍ର କହିଛନ୍ତି। ଅନେକ ସ୍ଥାନରେ କିପାଁ ଓ କିପାଁଇ ରହିଛି। ଏହା ଭାଷାଗତ ଭୁଲ୍। ସେହିପରି ସତ୍ୟଭାମା ସ୍ଥାନରେ ସତ୍ୟବତୀ, ପ୍ରଳୟ ସ୍ଥାନରେ ପ୍ରୟଳ ଆଦି ଉଲ୍ଲେଖ ରହିବା ଭାଗବତପ୍ରେମୀଙ୍କୁ ବ୍ୟଥିତ କରିଛି ବୋଲି ମହାପାତ୍ର କହିଛନ୍ତି। ଶୁଦ୍ଧ ଭାଗବତ ଛାପି ଓଡ଼ିଶାର ଘରେ ଘରେ ପହଞ୍ଚାଇବାକୁ ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। କିନ୍ତୁ ଅଦ୍ୟାବଧି କୌଣସି ସୁଫଳ ମିଳି ନ ଥିବା ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଚନ୍ଦ୍ର ଦ୍ୱାଦଶ ଭାବକୁ ଦେଖୁଥିବାରୁ ଫଳପ୍ରଦ ଯାତ୍ରା ମନକୁ ସାମୟିକ ଆନନ୍ଦ ପ୍ରଦାନ କରିବ। କିନ୍ତୁ କୃତିକା ନକ୍ଷତ୍ର କର୍ମକ୍ଷେତ୍ରରେ ପ୍ରତିବନ୍ଧକଜନିତ ବିଷୟକୁ ନେଇ ଚିନ୍ତିତ ରହିପାରନ୍ତି। ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗିରହିବ। ଅଟକି ରହିଥିବା କାମଗୁଡିକ ସମ୍ପନ୍ନ ହେବା କଷ୍ଟକର ହୋଇପାରେ।

**ବୃଷ** ଚତୁର୍ଥାଧିପ ରବିଙ୍କ ଦୁର୍ବଳତାଜନିତ ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବାକୁ ବାଧ ହେବେ। କ୍ରୀଡା, କଳା, ସାହିତ୍ୟ ଚର୍ଚ୍ଚାଦିରେ ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇ ପାରିବେ। ଆକସ୍ମିକ ଭାବରେ ମୋଟାଅଙ୍କର ଅର୍ଥ ଆବଶ୍ୟକ ହୋଇପାରେ। ପରିବାରରେ ସନ୍ତାନଙ୍କ ସ୍ୱାସ୍ଥ୍ୟ ଯୋଗୁ ବିଚଳିତ ହେବେ।

**ମିଥୁନ** ଚନ୍ଦ୍ରଙ୍କ ପ୍ରତି ବୃହସ୍ପତିଙ୍କ ଦୃଷ୍ଟିର ଅଭାବ ହେତୁ କୌଣସି କାମ ସୁବିଧାରେ ହୋଇପାରିବ ନାହିଁ। ପୂର୍ବରୁ ସାହାଯ୍ୟ କରିବାକୁ ପ୍ରତଶ୍ରୁତି ଦେଇଥିବା ମିତ୍ରମାନେ ମଧ୍ୟ ନିଜର ମତ ହଠାତ୍ ବଦଳାଇ ଅସହଯୋଗ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ପ୍ରଭୃତିରେ ପ୍ରତିଦ୍ୱନ୍ଦ୍ୱିତା ଓ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ** ରାଶ୍ୟାଧିପ ଚନ୍ଦ୍ର ଭାଗ୍ୟଭାବକୁ ଅବଲୋକନ କରୁଥିବାରୁ ଆଜି ଆପଣଙ୍କ ଆଶା ଓ ଅଭିଳାଷ ନିଶ୍ଚିତ ପୂରଣ ହୋଇପାରିବ। ଦୀର୍ଘଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ପାଇ ସାମୟିକ ଖୁସି ହେବେ। ଶିଳ୍ପ, ପରିବହନ, ବ୍ୟବସାୟରେ ଲାଭ ଆଶାନୁରୂପ ପାଇପାରିବେ। ପାରିବାରିକ କ୍ଷେତ୍ରରେ ପ୍ରତିକ୍ରିୟା ପ୍ରକାଶ କରି ବିବାଦୀୟ ହୋଇପାରନ୍ତି।

**ସିଂହ** ଶୁକ୍ର ଅଷ୍ଟମ ଭାବକୁ ଦୃଷ୍ଟି ଦେଉଥିବାରୁ ଭୋଗ,ବିଳାସ ଦିଗକୁ ସ୍ୱତଃ ମନ ଟାଣିହୋଇଯିବ। ଆଜି ବିଭିନ୍ନ ସୂତ୍ରରୁ ଗୁଡାଏ ଅର୍ଥଲାଭର ଯୋଗ ରହିଛି। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିବେ। ବନ୍ଧୁମାନଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ କଟାଇବେ।

**କନ୍ୟା** ଏକାଦଶ ସ୍ଥାନରେ ଚନ୍ଦ୍ର ଆର୍ଥିକ ଉନ୍ନତି, କାର୍ଯ୍ୟସିଦ୍ଧି ଜନିତ ଉତ୍ଫୁଲ୍ଲିତ ରହିବେ। କିନ୍ତୁ ଶନିଙ୍କ ସ୍ଥିତିଜନିତ ପାରିବାରିକ ଅଶାନ୍ତି କ୍ଷେତ୍ରରେ ଭୁଲ୍ ବୁଝାମଣା ହିଁ ପ୍ରଧାନ କାରଣ ହେବ। ବନ୍ଧୁଙ୍କ ସହ ବହୁତ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ଅବଶ୍ୟ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ, ତଥାପି କାମ ଅଟକିବ ନାହିଁ। ।

**ତୁଳା** ରାଶିରେ ଶୁକ୍ର ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରଖିବା ସହ ହସଖୁସିରେ ରଖିବାର ସୁସ୍ଥ ପରିବେଶ ସୃଷ୍ଟି କରିବ। ଖଳ ଲୋକମାନଙ୍କ ପ୍ରାୟୋଜିତ କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ। ହଠାତ୍ ବନ୍ଧୁଙ୍କ ଅନୁରୋଧ କ୍ରମେ ଦେବାର୍ଚ୍ଚନା ପାଇଁ ମନ ବଳାଇବେ। ଆଜିର ଯାତ୍ରା ପ୍ରୀତିପ୍ରଦ ରହିବ।

**ବିଛା** ବୃହସ୍ପତିଙ୍କ ସୁପ୍ରଭାବରେ ନୂଆ ନୂଆ କାମ ପାଇଁ ମନରେ ଉତ୍ସୁକତା ଲାଗି ରହିଲେ ମଧ୍ୟ ଅଷ୍ଟମାଧିପତି ବୁଧ ପଦେ ପଦେ ନୂତନ ସମସ୍ୟା ସୃଷ୍ଟି କରିବ। ଗତକାଲି ଠାରୁ ଆପଣ ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ କୃତକାର୍ଯ୍ୟ ହେବେ। କଳା, ସାହିତ୍ୟ କ୍ଷେତ୍ରରେ ପ୍ରଶଂସା ପାଇବେ । ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ।

**ଧନୁ** ରାଶିରେ ଶନି ଓ ଧନ ସ୍ଥାନରେ ମଙ୍ଗଳଜନିତ ସ୍ୱାସ୍ଥ୍ୟ ଓ କର୍ମହାନି ସାଙ୍ଗକୁ ବିବାଦୀୟ ସ୍ଥିତି ମଧ୍ୟରେ ଅଣନିଃଶ୍ୱାସୀ ହୋଇପାରନ୍ତି। ବନ୍ଧୁଙ୍କ ପ୍ରେରଣାରେ କେତେକ ନୂତନ କାମର ପରିକଳ୍ପନା କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗିରହିବ। ମୂଳା ନକ୍ଷତ୍ର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଚିନ୍ତା କରିବେ।

**ମକର** ଆଜି ଘାତବାର ହେତୁ ଚତୁର୍ଥ ଏକାଦଶାଧିପତି ମଙ୍ଗଳ ପାପଯୁକ୍ତ କାରଣରୁ ପାରିବାରିକ ସ୍ଥିତି ଭଲ ରହି ନ ପାରେ। ଏଣେ ଯାହା ପାଇବା କଥା ତାହା ଠିକ୍ ସମୟରେ ପାଇବା ମଧ୍ୟ କଷ୍ଟକର ହେବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହୋଇପାରେ। ମିତ୍ର,ବନ୍ଧୁରେ ଭାଙ୍ଗିପଡିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ।

**କୁମ୍ଭ** ରାଶ୍ୟାଧିପତି ନିଜ ଗୃହକୁ ଦେଖୁଥିବାରୁ ପ୍ରତ୍ୟେକ ଦିଗରୁ ଆଜି ଦିନଟି ଭଲରେ ଅତିବାହିତ ହେବ। ପିଲାମାନଙ୍କର କିଛି ସମସ୍ୟା ଓ ପରିବାରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ, ଯାହାଦ୍ୱାରା ଲାଭ ବଦଳରେ କ୍ଷତି ହିଁ ହେବ। ଜମିଜମା, କଳ କାରଖାନା, ପରିବହନରେ ସମସ୍ୟା କ୍ରମଶଃ ଜଟିଳ ହେବ।

**ମୀନ** ଦୀର୍ଘଦିନ ପରେ ବୃହସ୍ପତିଙ୍କ ରାଶି ପରିବର୍ତ୍ତନରେ ପ୍ରତ୍ୟେକ ଦିଗରୁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଅଟକି ରହିଯାଇଥିବା କାମଗୁଡିକ ସମ୍ପନ୍ନ ହେବ। ବିଭିନ୍ନ କ୍ଷେତ୍ରରୁ ଅର୍ଥ, ସମ୍ମାନ ଲାଭ କରିବାର ସୁଯୋଗ ପାଇବେ। ବନ୍ଧୁମିଳନ ସାଙ୍ଗକୁ ଯାତ୍ରା,ବାଣିଜ୍ୟ, ବ୍ୟବସାୟ ଓ ପରିବହନାଦି ମଧ୍ୟ ଭଲରେ ଚାଲିବ। ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିବାର ଆଶଙ୍କା ରହିଛି ।

ଆଜି କାର୍ତ୍ତିକ କୃଷ୍ଣପକ୍ଷର ନରକ ଚତୁର୍ଦ୍ଦଶୀ ମଙ୍ଗଳବାର, ଶ୍ୟାମାକାଳୀ ପୂଜା, ଯମ ତର୍ପଣ, ନଭେମ୍ବର ୬ ତାରିଖ, ରାଶି ନକ୍ଷତ୍ର-ଦିବା ଘ୮ ।୪୪ମି. ଗତେ ସ୍ୱାତୀ/ତୁଳା, ମକର ରାଶିର ଘାତବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୮ ।୪୫ମି. ଗତେ ଘ୧୦ ।୦୯ମି. ମଧ୍ୟେ, ଘ୧୧ ।୩୩ମି. ଗତେ ଘ୧ ।୫୭ମି. ମଧ୍ୟେ ଅମୃତବେଳା। ଦିବା ଘ୧୦ ।୦୯ମି. ଗତେ ଘ୧୧ ।୩୩ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୨ ।୧୮ମି. ଗତେ ଘ୩ ।୪୨ମି. ମଧ୍ୟେ ରାହୁକାଳ।

# ଦୃଢ଼ ଇଚ୍ଛାଶକ୍ତି ସହ ଆଗକୁ ବଢ଼ିବାକୁ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

- ୩୫୪୯ଜଣଙ୍କୁ ଓଡ଼ିଆ ଭାଷା ବୃତ୍ତି
- ୩୫,୪୯୦ଜଣଙ୍କୁ ମୁଖ୍ୟମନ୍ତ୍ରୀ ମେଧାବୃତ୍ତି
- ପୁରସ୍କାର ପାଇଲା ୧୦୬୧ଟି ବିଦ୍ୟାଳୟ

**ଭୁବନେଶ୍ୱର, ୫।୧୧(ବ୍ୟୁରୋ)**

ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟରେ ଛାତ୍ରୀଛାତ୍ରଙ୍କୁ ଓଡ଼ିଆ ଭାଷା ବୃତ୍ତି, ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ପ୍ରଦାନ କରିବା ସହିତ ଯୁକ୍ତ୨ ଛାତ୍ରୀଛାତ୍ରଙ୍କୁ ଲାପଟପ୍ ପ୍ରଦାନ କରିଛନ୍ତି। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସ୍କୁଲକୁ ପୁରସ୍କୃତ କରାଯିବା ସହ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ବ୍ଲକ୍‌କୁ ଓସ୍ୱାନ (ଓଡ଼ିଶା ଷ୍ଟେଟ୍ ୱାଇଡ୍ ଏରିଆ ନେଟ୍‌ୱର୍କ) ସଂଯୋଗ ବ୍ୟବସ୍ଥାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଛନ୍ତି। ଥ୍ରି-ଟି କାର୍ଯ୍ୟକ୍ରମକୁ ଆଗକୁ ନେବା ସହ ରାଜ୍ୟବାସୀଙ୍କୁ ଉତ୍ତମ ସେବା ଯୋଗାଇଦେବାରେ ଏହା ବିଶେଷ ସହାୟକ ହେବ ବୋଲି ସେ କହିଛନ୍ତି।

ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଭାଷା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଥିବା ୩୫୪୯ଜଣ ଛାତ୍ରୀଛାତ୍ରଙ୍କୁ ଓଡ଼ିଆ ଭାଷାବୃତ୍ତି ପ୍ରଦାନ କରାଯାଇଛି। ଆର୍ଥିକ ପୁରସ୍କାର ବାବଦକୁ ଛାତ୍ରୀଛାତ୍ରଙ୍କ ପିଛା ୫ହଜାର ଟଙ୍କା ଲେଖାଏ ମୋଟ ୧.୭୭ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ମାଟ୍ରିକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଥିବା ୩୫,୪୯୦ଜଣ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଛି। ପ୍ରତି ଛାତ୍ରୀଛାତ୍ରଙ୍କୁ ବୃତ୍ତି ବାବଦକୁ ୫ହଜାର ଟଙ୍କା ଲେଖାଏ ମୋଟ ୧୭.୭୫ କୋଟି ପ୍ରଦାନ କରାଯାଇଛି। ମାଟ୍ରିକ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୧୦୬୧ଟି ବିଦ୍ୟାଳୟକୁ ମଧ୍ୟ ପୁରସ୍କୃତ କରାଯାଇଛି। ପ୍ରତି ସ୍କୁଲକୁ ୧ଲକ୍ଷ ଟଙ୍କା ହିସାବରେ ସମୁଦାୟ ୧୦କୋଟି ୬୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଚଳିତବର୍ଷ ଯୁକ୍ତ୨ରେ ଭଲ କରିଥିବା ୧୫ ହଜାର ଛାତ୍ରୀଛାତ୍ରଙ୍କୁ ବିଜୁ ସଶକ୍ତୀକରଣ ଯୋଜନାରେ ଲାପଟପ୍ ପ୍ରଦାନ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବ୍ଲକ୍‌ର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ପିତାମାନଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୧୭ ଶିଶୁଦିବସରେ 'ମୋ ସ୍କୁଲ' କାର୍ଯ୍ୟକ୍ରମ ଘୋଷଣାବେଳେ ଆମ ହାଇସ୍କୁଲ ପିଲାଙ୍କ ପାଇଁ ୫ଟି ପୁରସ୍କାର ଘୋଷଣା କରିଥିଲି। ଏହିସବୁ ପୁରସ୍କାର ଲକ୍ଷ୍ୟ ହେଉଛି ଆମେ ଭଲ ପାଠ ପଢ଼ିବା, ଆମ ଭାଷାକୁ ଭଲ ପାଇବା ଓ ଶ୍ରେଷ୍ଠ ହେବା। ମୁଁ ବହୁତ ଖୁସି ଯେ ପିଲାମାନେ ଏହି ଆହ୍ୱାନକୁ ଗ୍ରହଣ କରିଛନ୍ତି। ଦୃଢ଼ ଇଚ୍ଛାଶକ୍ତି ସହ ଆଗକୁ ବଢ଼ିବାକୁ ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ମହାରଥୀ, କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରାଙ୍କ ସହିତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ଏନ୍‌ଟିସିଏ, କ୍ରାଇମବ୍ରାଞ୍ଚର ତଦନ୍ତ ଆରମ୍ଭ

**ବାଘ ମୃତ୍ୟୁ ଘଟଣା**

**ବରଗଡ଼ ଅଫିସ୍/ଭଟଲି,୫।୧୧**

ବରଗଡ଼ ବାଘମୃତ୍ୟୁ ଘଟଣାରେ ଏନ୍‌ଟିସିଏ (ନ୍ୟାଶନାଲ ଟାଇଗର କଞ୍ଜର୍ଭେଶନ ଅଥରିଟି) ଏବଂ କ୍ରାଇମବ୍ରାଞ୍ଚ (ବନ୍ୟପ୍ରାଣୀ) ସୋମବାର ତଦନ୍ତ ଆରମ୍ଭ କରିଛନ୍ତି। ଏନ୍‌ଟିସିଏର ଏଆଇଜି (ନାଗପୁର) ହେମନ୍ତ କାମଡ଼ି, ଜବଲପୁର ଡବ୍ଲୁସିସିବିର ଅଭିଜିତ ରାୟ ଚୌଧୁରୀ ପ୍ରମୁଖ ଘଟଣାର ଅନୁଧ୍ୟାନ ପାଇଁ ଆସିଥିବାବେଳେ କ୍ରାଇମବ୍ରାଞ୍ଚ ଡିଏସ୍‌ପି ବିଳାସିନୀ ନାୟକଙ୍କ ନେତୃତ୍ୱରେ ମଧ୍ୟ ୪ଜଣିଆ ଟିମ୍ ଏଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଏନ୍‌ଟିସିଏ ଏବଂ କ୍ରାଇମବ୍ରାଞ୍ଚର ଉପରିସ୍ଥ ଅଧିକାରୀମାନେ ଘଟଣାସ୍ଥଳକୁ ପହଞ୍ଚିଥିଲେ। ବିଦ୍ୟୁତ୍ ତାର ବିଛାଯାଇ ବାଘକୁ ଶିକାର କରାଯାଇଥିବା ସ୍ଥାନ ଅର୍ଥାତ୍ ଡେବ୍ରିଗଡ଼ ଅଭୟାରଣ୍ୟର ପାଦଦେଶରେ ଥିବା ଦାମୋଦରପଡ଼ା ଜଙ୍ଗଲକୁ ପ୍ରଥମେ ଏହି ଅଧିକାରୀମାନେ ଯାଇଥିଲେ ଏବଂ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାପରେ ଶିକାରୀମାନେ ଯେଉଁଠି ମୃତ ବାଘକୁ ପୋତିଥିଲେ, ସେହି ସ୍ଥାନ ମଧ୍ୟ ଉଭୟ ଏନ୍‌ଟିସିଏ ଏବଂ କ୍ରାଇମବ୍ରାଞ୍ଚର ଅଧିକାରୀମାନେ ବୁଲି ଦେଖିଥିଲେ। ମୃତ ବାଘ ପୋତା ଯାଇଥିବା ସ୍ଥାନରୁ ପ୍ରାୟ ୬୦୦ ମିଟର ଦୂରରେ ଥିବା ଡେବ୍ରିଗଡ଼ ଅଭୟାରଣ୍ୟ ସେମାନେ ପରିଦର୍ଶନ କରିଥିଲେ। ପରେ ସେମାନେ ନିକଟରେ ଥିବା ଖଜୁରିଆ ଗ୍ରାମକୁ ଯାଇ ବାଘ ଶିକାର ବିଷୟରେ ଲୋକଙ୍କୁ ପଚାରି ବୁଝିଥିଲେ।

ଡିଏସ୍‌ପି ନାୟକ କହିଛନ୍ତି, ତଦନ୍ତ ଜାରି ରହିଛି। ଏହି ଘଟଣାରେ ଆହୁରି କିଛି ଲୋକ ସମ୍ପୃକ୍ତ ଥାଇପାରନ୍ତି। ଏଥିପାଇଁ ଅନୁସନ୍ଧାନ ଚାଲିଛି ଏବଂ ପରେ ଠିକ୍ ତଥ୍ୟ ଜଣାପଡ଼ିବ। ତଦନ୍ତ ବେଳେ ଏନ୍‌ଟିସିଏ ଏବଂ କ୍ରାଇମବ୍ରାଞ୍ଚ ଅଧିକାରୀଙ୍କ ବ୍ୟତୀତ ବରଗଡ଼ ଡିଏଫ୍‌ଓ ଅଭୟ କୁମାର ଦଳେଇ, ଏସିଏଫ୍ ମଦନଲାଲ ଶର୍ମା, ଭଟଲି ରେଞ୍ଜର ରାଜେନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଥାଉକି, ଦାମୋଦର ପଡା ଜଙ୍ଗଲରୁ ଗତ ୨୮ତାରିଖରେ ଗୋଟିଏ ବାଘର ମୃତଦେହ ଉଦ୍ଧାର କରାଯାଇଥିଲା। ପ୍ରଥମେ ମୃତ ବାଘକୁ ବନ ବିଭାଗ କଲରାପତରିଆ ପ୍ରଜାତିର ବୋଲି କହୁଥିଲେ ମଧ୍ୟ ଶିକାରୀମାନେ ଧରାପଡ଼ିବା ପରେ ତାହା ମହାବଳ ବାଘ ଥିଲା ବୋଲି ମାନିଥିଲା।

# ୪ ଦିନ ପରେ ଶୀତ ବଢ଼ିବ

**ଭୁବନେଶ୍ୱର,୫।୧୧(ବ୍ୟୁରୋ):** ୪ ଦିନ ପରେ ରାଜ୍ୟରେ ଶୀତ ବଢ଼ିବ। ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ତଳକୁ ଖସିବ। ଧୀରେ ଧୀରେ ଶୀତର ପ୍ରକୋପ ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଶ୍ରୀଲଙ୍କା ଏବଂ ତାମିଲନାଡୁ ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଶ୍ରୀଲଙ୍କା ଦେଇ ଅତିକ୍ରମ କରିଯିବ। ଏଥିଯୋଗୁ ଉତ୍ତର ଦିଗରୁ ରାଜ୍ୟକୁ ଥଣ୍ଡାବାୟୁ ବହିବା ସମ୍ଭାବନା ରହିଛି। ଏହାଛଡ଼ା ରାଜ୍ୟରେ ଘୂର୍ଣ୍ଣିବଳୟ ପ୍ରଭାବ ରହୁଥିବାରୁ ଆକାଶ ମେଘାଚ୍ଛନ୍ନ ରହୁଛି। ବାଦଲ ଦେଖା ଦେଉଥିଲେ ମଧ୍ୟ ବର୍ଷା ହେଉନାହିଁ। ଆସନ୍ତା ୯ ତାରିଖ ବେଳକୁ ଏହା ଅପସରି ଯିବା ସହ ସର୍ବନିମ୍ନ ତାପମାତ୍ରା ତଳକୁ ଖସିବାର ସମ୍ଭାବନା ରହିଛି।

ଦିନର ତାପମାତ୍ରା ୩୫ ଡିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୧୪ ଡିଗ୍ରୀ ସେଲସିୟସ ଉପରେ ରହୁଛି। ସୋମବାର ଅନୁଗୋଳରେ ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗିବାଡିରେ ସର୍ବନିମ୍ନ ୧୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।







ତୁମକୁ ଯେ ଆଘାତ କରେ– ତାକୁ କ୍ଷମା କରିବା ନିଶ୍ଚୟ ତୁମର ଏକ ମହତ୍ତ୍ୱ। କିନ୍ତୁ ତୁମେ ଯଦି ଅନ୍ୟର ଆଘାତକାରୀକୁ କ୍ଷମା କର– ତାହା କେବେ ବି ତୁମର ମହତ୍ତ୍ୱ ହୋଇ ନ ପାରେ। ତଥାପି ମଧ୍ୟ ଏମାନଙ୍କୁ କ୍ଷମା କରିପାର। କିନ୍ତୁ ପ୍ରୟୋଜନ ହେଲେ– ଏ କ୍ଷେତ୍ରରେ ବି, ପ୍ରତିବିଧାନ କରିବାକୁ ହେବ ତୁମକୁ।
–ଶ୍ରୀଅରବିନ୍ଦ

# ସବୁ ସେହି ଗାତର ଦୋଷ



ବୈକୁଣ୍ଠନାଥ ମିଶ୍ର

ସରକାରମାନେ କ୍ଷମତାକୁ ଆସିବା ପରେ ପ୍ରାକ୍ ନିର୍ବାଚନୀ ପ୍ରତିଶ୍ରୁତିରୁ ଓହରିଯାଇ ଜନଅସନ୍ତୋଷର ଶିକାର ହୁଅନ୍ତି। କ୍ଷମତାମୋହରେ ଜନତାଙ୍କ ପ୍ରତି ଥିବା ଅଙ୍ଗୀକାରବଦ୍ଧତାକୁ ବିସ୍ମୃତ ହୁଅନ୍ତି। ବ୍ୟକ୍ତି ସ୍ୱାର୍ଥ ଆଗରେ ସମୂହ ସ୍ୱାର୍ଥ ଗୌଣ ହୋଇଯାଏ। ପୁଣି ନିର୍ବାଚନ ବିଗୁଲ୍ ବାଜିଲେ ମନେପଡ଼ନ୍ତି ସାଧାରଣ ଜନତା। କିନ୍ତୁ ସେତେବେଳକୁ ନେଡିଗୁଡ କହୁଣିରେ ପହଞ୍ଚି ସାରିଥାଏ। ଲୋକଙ୍କୁ ମନେଇବା ପାଇଁ ନାନାଦି କଳାକୌଶଳ ଓ ଅସତ୍ ମାର୍ଗ ଆପଣେଇବାକୁ ହୁଏ। ଏଠାରେ ପ୍ରଶ୍ନ ଉଠେ ସରକାର ଜାଣି ଜାଣି ଜନସ୍ୱାର୍ଥକୁ ଅବହେଳା କରନ୍ତି ନା ଏହା ତାଙ୍କ ଶକ୍ତିର ବାହାରେ? ଯଦି ଶକ୍ତିର ବାହାରେ ଅର୍ଥାତ୍ ଜନସେବାରେ ଅସମର୍ଥ ତେବେ ଶାସନଗାଦିରେ ତାଙ୍କର କୌଣସି ଅଧିକାର ନାହିଁ। କିନ୍ତୁ ଜନସେବାରେ ସମର୍ଥ ଥାଇ ମଧ୍ୟ ଜାଣିଜାଣି କରନ୍ତି ନାହିଁ, ତେବେ ଏହା ହୁଏ ତ ରାଜଗାଦିର ଦୋଷ କିମ୍ବା ଜନତାର ଦୁର୍ଭାଗ୍ୟ ବୋଲି ବୁଝିବାକୁ ହେବ।

ଏଠାରେ ଗୋଟିଏ ଗଳ୍ପର ଅବତାରଣା ପ୍ରାସଙ୍ଗିକ ମନେହୁଏ। ଜଣେ ଯୁବକ ପ୍ରତ୍ୟହ ବିଲକୁ ଯାଇ ହିଡମୂଳେ ଥିବା ଗାତରେ ହାତ ପୂରାଇ କଙ୍କଡା ଧରେ। ଥରେ ଗାତରେ ହାତ ପୂରାଇ ପୂର୍ବ ଅଭିଜ୍ଞତା ବଳରେ ସେ ଜାଣିଲା ଯେ ଗାତରେ ଏକ ଧଣ୍ଡସାପ ଅଛି। ସେ ଧଣ୍ଡ ଲାଞ୍ଜକୁ ଧରି ବାହାରକୁ ଆଣିଲା ଓ ବୁଲାଇ ବୁଲାଇ ଦୂରକୁ ଫିଙ୍ଗିଦେଲା। ଶୁଷ୍କ ଟାଙ୍ଗର ମାଟିର କଠିନ ଆଘାତରେ ସାପଟି ମୃତବତ୍ ପଡିରହିଲା। ଦୁଇଦିନ ପରେ ଟିକିଏ ସୁସ୍ଥ ହେଲାବେଳକୁ ଏକ ବିଷାକ୍ତ ତମ୍ପ ସହ ତା'ର ସାକ୍ଷାତ ହେଲା। ଧଣ୍ଡଠାରୁ ସବୁ ଶୁଣି ତମ୍ପ କହିଲା, ତୁ ଏକ ବିଷହୀନ ସର୍ପ। ତେଣୁ ସେ ଯୁବକ ତୋର ଏ ଅବସ୍ଥା କଲା। ମୁଁ ହୋଇଥିଲେ ସେ ମୋର କିଛି କରିବା ପୂର୍ବରୁ ତା' ଜୀବନ ଶେଷ କରିଦେଇଥାନ୍ତି। ଧଣ୍ଡଠାରୁ ଗାତର ଠିକଣା ବୁଝି ତମ୍ପ ସେ ଯୁବକକୁ ପାନେ ଦେବା ଚକ୍କରରେ ଗାତରେ ଲୁଚି ରହିଲା। ଯୁବକଟି ଗାତ ନିକଟରେ ପହଞ୍ଚି ତା'ର ଦୀର୍ଘ ଅନୁଭୂତି ବଳରେ ଜାଣିଲା ଯେ ଗାତରେ ତମ୍ପ ଅଛି। ତେଣୁ ସେ ଅତି ସାବଧାନତାର ସହ ତମ୍ପ ଲାଞ୍ଜକୁ ଧରି ବାହାରକୁ ଆଣିଲା ଓ ଧଣ୍ଡଠାରୁ ଅଧିକ ବେଗରେ ଘୂରାଇ ଦୂରକୁ ଫିଙ୍ଗିଦେଲା। ମୁମୂର୍ଷୁ ଅବସ୍ଥାରେ ତମ୍ପଟି ପଡିଥାଏ। ଧଣ୍ଡ ସୁସ୍ଥ ହୋଇ ସେହି ବାଟେ ଗଲାବେଳେ ତମ୍ପ ସହ ଭେଟ ହେବାରୁ ଧଣ୍ଡ ପଚାରିଲା, କ'ଣ ତମ୍ପ ଭାଇ, ସେ ଯୁବକକୁ ମାରିଲଟି? ଅସହ୍ୟ ଯନ୍ତ୍ରଣାରେ ଜର୍ଜରିତ ତମ୍ପ ସଲ୍ଲଜ ଉତ୍ତର ଦେଲା–ମୁଁ ତାକୁ ମାରିପାରିଥାନ୍ତି ଯେ, କିନ୍ତୁ ସାମାନ୍ୟ ଅସାବଧାନତାରୁ ଟୋକାଟା ଖସିଗଲା। ଧଣ୍ଡ କହିଲା–କାହିଁଗଲା ତୁମ ଦମ୍ଭୋକ୍ତି? ତମ୍ପ ଉତ୍ତର ଦେଲା–ଯାହା କହ ଭାଇ ସବୁ ସେ ଗାତର ଦୋଷ !

ଏ ଗଳ୍ପର ତାତ୍ପର୍ଯ୍ୟ ହେଲା–ସ୍ୱାଧୀନତାର ଦୀର୍ଘ ଅବଧି ମଧ୍ୟରେ ଭାରତବାସୀ କେତେ ଶାସକଙ୍କୁ ଦେଖି ଆସିଲେଣି। କେତେ ସରକାର ଆସିଛନ୍ତି ଓ ଘଟଣାକ୍ରମେ ବିଦାୟ ନେଇଛନ୍ତି। କିନ୍ତୁ ଭାରତୀୟଙ୍କ ଭାଗ୍ୟ ଆକାଶରେ ଅମା ଅନ୍ଧାର ରାଜୁତି କରିଚାଲିଛି। ଧଣ୍ଡକୁ ଦେଖି ତମ୍ପ ବାହୁସ୍ଫୋଟ ମାରିବା ପରି ସବୁ ରାଜନୈତିକ ଦଳ ନିର୍ବାଚନ ପୂର୍ବରୁ ଲୋକଙ୍କୁ ରଙ୍ଗିନ ସ୍ୱପ୍ନ ଦେଖାନ୍ତି ଓ ପୂର୍ବ ସରକାରର ଅପାରଗତାକୁ ବଖାଣନ୍ତି। ପୂର୍ବ ସରକାର ଧଣ୍ଡ ଓ ଆମେ ତମ୍ପ। ଆମେ କଙ୍କଡାମାନଙ୍କୁ ଶିକାରୀର କ୍ରୁର ପଞ୍ଝାରୁ ମୁକ୍ତି ଦେବୁ। ଲୋକେ ସୁଖରେ କାଳାତିପାତ କରିବେ। ଦେଶରୁ ଦୁର୍ନୀତି ଓ କଳାଧନର ଅସ୍ତିତ୍ୱ ଲୋପ ପାଇବ। ବିଦେଶୀ ବ୍ୟାଙ୍କରେ ଗଚ୍ଛିତ ବିପୁଳ କଳାଧନକୁ ଫେରାଇ ଆଣିବୁ। ଏ ଦେଶରୁ ଦାରିଦ୍ର୍ୟ ଲୋପ ପାଇବ। ଦେଶର ଆର୍ଥିକ ଅବସ୍ଥା ସୁଦୃଢ଼ ହେବ। ଭାରତ ହେବ ବିଶ୍ୱ ପାଇଁ ଅନୁକରଣୀୟ ଏକ ସୁଖଶାନ୍ତିର ଦେଶ। ବିଚରା ଭୋଟଦାତା ତାଙ୍କ ମନଭୁଲାଣିଆ କଥାରେ ଭୁଲିଯାଇ ନିର୍ବାଚନରେ ତାଙ୍କୁ ଜୟଯୁକ୍ତ କରନ୍ତି। ସୁବର୍ଣ୍ଣ କଙ୍କଣ ଲୋଭରେ ବୃଦ୍ଧ ବ୍ରାହ୍ମଣର ଦୁର୍ଦ୍ଦଶା ତାକୁ ଭୋଗିବାକୁ ହୁଏ। ସେ ଯୁବକଟି ହେଉ କି ଧଣ୍ଡ ଅବା ତମ୍ପ–କାହାରି କବଳରୁ କଙ୍କଡାମାନଙ୍କର ମୁକ୍ତି ନାହିଁ।

ଏ ଦେଶରେ ପ୍ରଧାନମନ୍ତ୍ରୀମାନଙ୍କ ସମୟରେ ହୋଇଥିବା ଦୁର୍ନୀତିରାଶି ଗଣତନ୍ତ୍ର ପାଇଁ ଶକ୍ତ ଧକ୍କା। ଜବାହରଲାଲଙ୍କଠାରୁ ନରେନ୍ଦ୍ର ମୋଦିଙ୍କ ପର୍ଯ୍ୟନ୍ତ, ଶାସ୍ତ୍ରିଜୀଙ୍କ ପରି ଅଳ୍ପ କେତେକଙ୍କୁ ବାଦ୍ ଦେଲେ ଦୁର୍ନୀତିର କଳାବାଦଲ ସମସ୍ତଙ୍କୁ ଆଚ୍ଛାଦିତ କରିଛି। ନେହେରୁଙ୍କ ସମୟର ମୁଦ୍ରା ଦୁର୍ନୀତି ତିନି କୋଟି, ଯାହାର ପର୍ଦ୍ଦାଫାଶ କରିଥିଲେ ବିଶିଷ୍ଟ ସାଂସଦ ତଥା ନେହେରୁଙ୍କ ଜାମାତା ଫିରୋଜ ଗାନ୍ଧୀ। ଏତଦ ବ୍ୟତୀତ ଖଣି ଦୁର୍ନୀତି ଦୁଇ କୋଟି ଓ କାଏରୋର ତେଲକିଣା ଦୁର୍ନୀତି ଏକ କୋଟି। ଇନ୍ଦିରାଙ୍କ ସମୟରେ ଭଜନ ଲାଲ ଜମି ଘୋଟାଲା ତିନି କୋଟି, ସୁନା ହାତଘଡି ଚାଲାଣ ୧୧ କୋଟି, ଇନ୍ଦିରା ପ୍ରତିଷ୍ଠାନ ଦୁର୍ନୀତି ୧୦ କୋଟି ଓ ତୈଳ କୂପ ଖନନ ୨ କୋଟି ଇତ୍ୟାଦି। ରାଜୀବ ଗାନ୍ଧୀଙ୍କ ସମୟର ମହାଦୁର୍ନୀତି ମଧ୍ୟରେ ଅଛି ବୋଫର୍ସ ୬୫ କୋଟି, ଯେଉଁଥିରେ ରାଜୀବଙ୍କର ପ୍ରତ୍ୟକ୍ଷ ସଂପୃକ୍ତିର ଅଭିଯୋଗ ଉଠିଥିଲା। ଏତଦବ୍ୟତୀତ ମଧ୍ୟପ୍ରଦେଶ ଲଟେରି ସ୍କାମ୍ ୧୦୦ କୋଟି, ମହାରାଷ୍ଟ୍ର ସରକାରୀ ପ୍ଲଟ ବିକ୍ରି ସ୍କାମ୍ ଦୁଇହଜାର କୋଟି, ପାଣିଜାହାଜ ସ୍କାମ୍ ୩୦ କୋଟି ଓ ଏୟାର ବସ୍ କିଣା ସ୍କାମ୍ ୨୦୦ କୋଟି ଇତ୍ୟାଦି। ନରସିଂହରାଓଙ୍କ ସମୟର ଚିନି ଓ ସାର ଦୁର୍ନୀତି ୧୦୦ କୋଟି, ଯେଉଁଥିରେ ପ୍ରଧାନମନ୍ତ୍ରୀଙ୍କ ପୁଅର ସମ୍ପୃକ୍ତି ଥିବା ଅଭିଯୋଗ ଉଠିଥିଲା। ଏହି ସମୟରେ ବିହାର ଗୋଖାଦ୍ୟ ଦୁର୍ନୀତି ୯୫୦ କୋଟି, ସୁଖରାମ ଟେଲିକମ୍ ସ୍କାମ୍ ୧୨୦୦ କୋଟି, ଏବିଭି ଲୋକୋ ନିର୍ମାଣ ସ୍କାମ୍ ୭୦୦ କୋଟି, ଇଣ୍ଡିଆନ ବ୍ୟାଙ୍କ ଅର୍ଥ ହଡପ ୭୬୩ କୋଟି ଇତ୍ୟାଦି ପ୍ରମୁଖ ଦୁର୍ନୀତି ସହ ଚନ୍ଦ୍ରାସ୍ୱାମୀ କେଲେଙ୍କାରୀ ନରସିଂହ ରାଓଙ୍କ ସମୟର କଳଙ୍କିତ ଘଟଣା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅନ୍ୟତମ ଶ୍ରେଷ୍ଠ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ, ଯାହାଙ୍କର ଜନପ୍ରିୟତା କୋଟି କୋଟି ଭାରତୀୟଙ୍କୁ ପ୍ରଭାବିତ କରିଥିଲା। ତାଙ୍କ ସରଳତାର ସୁଯୋଗ ନେଇ ଓ ତାଙ୍କୁ ଅନ୍ଧାରରେ ରଖି ଦୁର୍ନୀତିପ୍ରବଣ ନେତାମାନେ କାୟାବିସ୍ତାର କରି ଚାଲିଥିଲେ। ତାଙ୍କ ସମୟରେ ତଥ୍ୟ ଓ ପ୍ରଯୁକ୍ତି ସ୍କାମ୍ ୬ କୋଟି ୫୦ ଲକ୍ଷ, ସୈନ୍ୟବାହିନୀ ଜୋତା, ପୋଷାକ ଓ କଫିନ କିଣା ଦୁର୍ନୀତି ୨୧୫୦ କୋଟି, ତେଲ୍‌ଗୀ ଷ୍ଟାମ୍ପ ପେପର ସ୍କାମ୍ ୨୩ହଜାର କୋଟି, ୟୁନିଟ୍‌ଟ୍ରଷ୍ଟ ଦୁର୍ନୀତି ୯,୫୦୦ କୋଟି ଇତ୍ୟାଦି ପ୍ରମୁଖ ଦୁର୍ନୀତିର ଅଭିଯୋଗ ଉଠିଥିଲା। ଏହା ବ୍ୟତୀତ ଜେରକ୍ସ ମେଶିନ କ୍ରୟ, ପେଟ୍ରୋଲ ପମ୍ପ ଓ ରନ୍ଧନ ଗ୍ୟାସ ଦୁର୍ନୀତିର ଅଭିଯୋଗ ଉଠିଥିଲା।

ମନମୋହନ ସିଂଙ୍କ ସମୟର ପ୍ରମୁଖ ଆର୍ଥିକ ବିଶୃଙ୍ଖଳା ମଧ୍ୟରେ ଅଗଷ୍ଟା ହେଲିକପ୍ଟର କିଣା ୩,୬୦୦ କୋଟି, ଇସ୍ରାଏଲରୁ ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର କ୍ରୟ ସ୍କାମ୍ ୧୦ ହଜାର କୋଟି, ଇସ୍ରାଏଲ ମିଲିଟାରୀ ଇଣ୍ଡଷ୍ଟ୍ରିଜଠାରୁ ନାଲନ୍ଦା ବୋଫର୍ସ ହାଓ୍ୱିଜ ପାଇଁ ତୋପ ସରଞ୍ଜାମ ଖର୍ଦ୍ଦି ସ୍କାମ୍ ୧୨୦୦ କୋଟି, ଯେଉଁଥିରେ ମହା ନିର୍ଦ୍ଦେଶକ ଥିବା ସୁଦୀପ୍ତ ଘୋଷ ଓ ତାଙ୍କ ସହଯୋଗୀ ଗିରଫ ହୋଇଥିଲେ। ସ୍କୋରପିନ ବୁଡ଼ାଜାହାଜ କ୍ରୟର ୪ ପ୍ରତିଶତ ଲାଞ୍ଚ ଭାରତର ନେତା ଓ ଅଫିସରମାନେ ନେଇଥିବାର ଅଭିଯୋଗ ଉଠିଥିଲା। ଏତଦ୍‌ବ୍ୟତୀତ ଖଣି ଦୁର୍ନୀତି, କୋଲବ୍ଲକ ଆବଣ୍ଟନ ଓ ୨ଜି ସ୍ପେକ୍ଟ୍ରମ ଦୁର୍ନୀତି ମଧ୍ୟ ମନମୋହନଙ୍କ ସମୟର ପ୍ରମୁଖ ଆର୍ଥିକ ଅନିୟମିତତା, ଯେଉଁଥିରେ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଥିଲା। ବର୍ତ୍ତମାନ ନରେନ୍ଦ୍ର ମୋଦି ସରକାର ପ୍ରତି ମଧ୍ୟ ଦୁର୍ନୀତିର ଅଙ୍ଗୁଳି ନିର୍ଦ୍ଦେଶ ହେଲାଣି। ମୋଦି ସରକାରର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ନାମରେ ତାଙ୍କ ଦଳର ବରିଷ୍ଠ ସାଂସଦ କୀର୍ତ୍ତି ଆଜାଦଙ୍କ ତଥ୍ୟ ଅନୁସାରେ ଫିରୋଜଶାହା କୋଟଲା ନବୀକରଣ ପାଇଁ ୨୪ କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ଅତିରିକ୍ତ ଖର୍ଚ୍ଚ ୯୦ କୋଟି ଦର୍ଶାଯାଇଛି। ଗୋଟିଏ ଲାପଟପକୁ ୧୬ ହଜାର ଓ ଗୋଟିଏ ପ୍ରିଣ୍ଟରକୁ ୩ ହଜାର ଦର୍ଶାଯାଇ ଅନେକ କୋଟି ଟଙ୍କା ତୋସରପାତ କରାଯାଇଛି। ସେହିପରି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ ଗିରିରାଜ ସିଂହ ବିହାରସ୍ଥିତ ନିଜ ଗ୍ରାମର ଜଣେ ଦଳିତଙ୍କ ୨ ଏକର ୬ ଡେସିମିଲ ଜମି ହଡପ କରିଥିବାର ଏକ ଗୁରୁତର ଅଭିଯୋଗ ଆସିଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ପୁଅ କମ୍ପାନୀର ଆର୍ଥିକ ଅନିୟମିତତା ଗଣମାଧ୍ୟମରେ ବେଶ୍ ଚର୍ଚ୍ଚିତ ହୋଇଥିଲେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ନୀରବତା ଏହାର ପରୋକ୍ଷ ସ୍ୱୀକାର ବୋଲି ମନେହୁଏ। ନରେନ୍ଦ୍ର ମୋଦିଙ୍କ ସମୟର ପିଏନ୍‌ବି ମହା ଠକେଇ (ଯାହା ୧୧ ହଜାର କୋଟିରୁ ଊର୍ଦ୍ଧ୍ୱ)ଏବଂ ବିଜୟ ମାଲ୍ୟା ଓ ନୀରବ ମୋଦିଙ୍କ ବିଦେଶକୁ ପଳାୟନ ସବୁଠାରୁ ଉଦ୍‌ବେଗଜନକ। ସମ୍ପ୍ରତି ରାଫାଲ ଯୁଦ୍ଧବିମାନ କିଣାର ଘୋଟାଲା ଦେଶତମାମ ତୁମ୍ବିତୋଫାନ ସୃଷ୍ଟି କରିଛି। ଫ୍ରାନ୍ସଠାରୁ ୩୦ଟି ଯୁଦ୍ଧବିମାନ କିଣା ସହ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଡିଫେନ୍ସ ଲିମିଟେଡ ନାମକ ଏକ ନୂତନ ତଥା ଯୁଦ୍ଧବିମାନ ନିର୍ମାଣରେ ଅନଭିଜ୍ଞ କମ୍ପାନୀ ସହ ଅବଶିଷ୍ଟ ୯୦ଟି ଯୁଦ୍ଧବିମାନ ତିଆରି ପାଇଁ ଚୁକ୍ତିବଦ୍ଧ ହେବା ନିଶ୍ଚିତ ଭାବେ ଏକ ବୃହତ୍ ଦୁର୍ନୀତି ବୋଲି କଂଗ୍ରେସ ଅଭିଯୋଗ ିଛି। ଦଳର ବ୍ୟକ୍ତିବିଶେଷଙ୍କ ଦୁର୍ନୀତିକୁ ଦଳୀୟ ଶୃଙ୍ଖଳାଭଙ୍ଗ ଭୟରେ ହେଉ ବା ଅନ୍ୟ କୌଣସି କାରଣ ଯୋଗୁ ପ୍ରଧାନମନ୍ତ୍ରୀମାନେ ଜାଣି ମଧ୍ୟ ନୀରବ ରହନ୍ତି। ଜନତାଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନିଜର ଚଉକି ସୁରକ୍ଷା ଆଜିର ନେତାମାନଙ୍କ ପାଇଁ ଗୁରୁତ୍ୱ ବହନ କରେ। କଙ୍କଡାମାନଙ୍କୁ ମିଥ୍ୟା ସୁରକ୍ଷା ପ୍ରଦାନର ପ୍ରବଚନ ନିଜ କଚଡାକୁ ଆମନ୍ତ୍ରଣ କରେ। ଏହା ସେ ଗାତର ଦୋଷ ନୁହେଁ ତ ଆଉ କ'ଣ।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ–୯୯୩୭୪୫୦୫୪୦

# ବିଜ୍ଞାନରେ ନୋବେଲ ବିଜୟୀ ଭାରତୀୟ

କମଳାକାନ୍ତ ଜେନା

୧୯୨୧ ମସିହାରେ ୟୁରୋପ ଗସ୍ତ ସାରି ଜାହାଜରେ ଭାରତ ଫେରିବା ସମୟରେ କଲିକତା ବିଶ୍ୱବିଦ୍ୟାଳୟର ଜଣେ ୩୩ ବର୍ଷୀୟ ଯୁବ ପ୍ରଫେସରଙ୍କୁ ଭୂମଧ୍ୟସାଗରର ନୀଳିମା ଅଭିଭୂତ କଲା। ପ୍ରକୃତିର ଗହନ ନୀଳିମା ତାଙ୍କୁ ଗବେଷଣା ପାଇଁ ଉତ୍ସାହିତ କଲା। ସମୁଦ୍ରର ନୀଳ ରଙ୍ଗ ଉପରେ ସେ ଗବେଷଣା ଆରମ୍ଭ କଲେ। ଦୀର୍ଘ ୭ ବର୍ଷର ଗଭୀର ଚିନ୍ତନ ପରେ ୧୯୨୮ ଫେବୃୟାରୀ ୨୮ ତାରିଖରେ ସେ ଏକ ମହାର୍ଘ ନୂତନ ସତ୍ୟ ଆବିଷ୍କାର କଲେ, ଯାହାର ନାମ 'ରମଣ ପ୍ରଭାବ'। ସେହି କୃତବିଦ୍ୟ ପଦାର୍ଥବିଜ୍ଞାନୀ ହେଲେ ସାର୍ ଚନ୍ଦ୍ରଶେଖର ଭେଙ୍କଟରମଣ। ଆଲୋକର ଅଦ୍ଭୁତ ବ୍ୟବହାର ସମ୍ପର୍କିତ ତାଙ୍କର ଆବିଷ୍କାରକୁ ଦୁଇ ବର୍ଷ ପରେ ନୋବେଲ ସ୍ୱୀକୃତି ମିଳିଥିଲା। ସେ ୧୯୩୦ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ଗ୍ରହଣ କଲେ। 'ରମଣ ପ୍ରଭାବ'ର ଆବିଷ୍କାର ଦିବସକୁ ୧୯୮୭ ମସିହାରୁ ଆମ ଦେଶରେ 'ଜାତୀୟ ବିଜ୍ଞାନ ଦିବସ'ର ମର୍ଯ୍ୟାଦା ମିଳିଛି। ଆସନ୍ତାକାଲି ରମଣଙ୍କର ଜନ୍ମଦିନ। ସେ ୧୮୮୮ ନଭେମ୍ବର ୭ ତାରିଖରେ ତାମିଲନାଡୁର ତ୍ରିଚିନାପଲୀଠାରେ ଜନ୍ମଗ୍ରହଣ କରିଥିଲେ।

ସୁଇଡେନ୍ ରସାୟନ ବିଜ୍ଞାନୀ ତଥା ଡିନାମାଇଟ୍ ଆବିଷ୍କାରକ ଆଲ୍‌ଫ୍ରେଡ୍ ନୋବେଲଙ୍କ ସ୍ମୃତିରେ ପ୍ରତିବର୍ଷ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ସାହିତ୍ୟ, ଚିକିତ୍ସା ବିଜ୍ଞାନ, ଶାନ୍ତି ପ୍ରତିଷ୍ଠା ଓ ଅର୍ଥନୀତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ନୋବେଲ ସମ୍ମାନ ପ୍ରଦାନ କରାଯାଏ। ୧୯୦୧ରୁ ୨୦୧୮ ମସିହା ପର୍ଯ୍ୟନ୍ତ ୯୩୫ ଜଣଙ୍କୁ ସମୁଦାୟ ୫୯୦ଟି ପୁରସ୍କାର ଦିଆଯାଇଛି। ସେଥିମଧ୍ୟରୁ ପଦାର୍ଥ ବିଜ୍ଞାନରେ ଏ ଯାଏ ୧୧୨ ଥର ଓ ୨୧୦ ଜଣଙ୍କୁ ନୋବେଲ ପୁରସ୍କାର ଦିଆଯାଇଛି। ସେହିପରି ରସାୟନ ବିଜ୍ଞାନରେ ୧୧୦ ଥର ଓ ୧୮୧ ଜଣଙ୍କୁ ନୋବେଲ ପୁରସ୍କାର ଦିଆଯାଇଛି ଏବଂ ଚିକିତ୍ସା ବିଜ୍ଞାନରେ ୧୦୯ ଥର ଓ ୨୧୬ ଜଣଙ୍କୁ ନୋବେଲ ପୁରସ୍କାର ଦିଆଯାଇଛି। କିନ୍ତୁ ଅଦ୍ୟାବଧି ରମଣ ହେଉଛନ୍ତି ବିଜ୍ଞାନ କ୍ଷେତ୍ରରେ ଏକମାତ୍ର ଭାରତୀୟ ନୋବେଲ ବିଜୟୀ। ରୋନାଲ୍‌ଡ ରସ୍ ୧୯୦୨ ମସିହାରେ ଚିକିତ୍ସା ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିଲେ। ସେ ଉତ୍ତରାଖଣ୍ଡରେ ଜନ୍ମଗ୍ରହଣ କରିଥିଲେ, କିନ୍ତୁ ଭାରତୀୟ ନ ଥିଲେ। ପଞ୍ଜାବରେ ଜନ୍ମିତ ଅବଦୁସ୍ ସଲାମ ୧୯୭୯ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିଲେ। କିନ୍ତୁ ପାକିସ୍ତାନ ନାଗରିକ ଭାବରେ ପୁରସ୍କାର ଗ୍ରହଣ କରିଥିଲେ। ଚିକିତ୍ସା ବିଜ୍ଞାନରେ ହରଗୋବିନ୍ଦ ଖୁରାନା (୧୯୬୮), ପଦାର୍ଥ ବିଜ୍ଞାନରେ ସୁବ୍ରମଣ୍ୟମ୍ ଚନ୍ଦ୍ରଶେଖର (୧୯୮୩), ରସାୟନ ବିଜ୍ଞାନରେ ଭେଙ୍କଟରମଣ ରାମକ୍ରିଷ୍ଣନ୍ (୨୦୦୯) ନୋବେଲ ପୁରସ୍କାର ପାଇଛନ୍ତି। ସେମାନେ ଭାରତରେ ଜନ୍ମଗ୍ରହଣ କରିଥିଲେ ବି ଅନ୍ୟ ଦେଶର ନାଗରିକ ଭାବରେ ପୁରସ୍କାର ଗ୍ରହଣ କରିଛନ୍ତି।

ରମଣଙ୍କର ବାପା ଥିଲେ ପଦାର୍ଥ ବିଜ୍ଞାନ ଅଧ୍ୟାପକ। ଶିକ୍ଷାର ପରିବେଶ ଭିତରେ ରମଣ ଥିଲେ ଜିଜ୍ଞାସୁ ଉପାଦାନଟିଏ। ସେ ମାତ୍ର ୧୨ବର୍ଷ ବୟସରେ ମାଟ୍ରିକ୍ ପାସ୍ କରିଥିଲେ। ନିଜର ଦୁର୍ବଳ ସ୍ୱାସ୍ଥ୍ୟକୁ ନେଇ ଉଚ୍ଚଶିକ୍ଷା ପାଇଁ ବିଦେଶକୁ ଯାଇପାରିଲେ ନାହିଁ। ମାଡ୍ରାସର ପ୍ରେସିଡେନ୍‌ସି କଲେଜରେ ବିଜ୍ଞାନ ବିଷୟ ନେଇ ପଢ଼ିଲେ। ସେ ୧୯ ବର୍ଷ ବୟସରେ ଏମ୍.ଏସ୍‌ସି. ପରୀକ୍ଷାରେ ସମଗ୍ର ବିଶ୍ୱବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏମ୍.ଏସ୍‌ସି. ପଢ଼ିବା ସମୟରେ ୧୯୦୬ ମସିହାରେ ଆଲୋକ ସମ୍ପର୍କିତ ତାଙ୍କର ଏକ ନିବନ୍ଧ ପ୍ରକାଶିତ ହୋଇଥିଲା। ଏମ୍.ଏସ୍‌ସି. ପରେ ୧୯୦୭ ମସିହାରେ ସେ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ସଫଳତା ପାଇଲେ। ତେଣୁ କଲିକତାର ଡେପୁଟି ଆକାଉଣ୍ଟାଣ୍ଟ ଜେନେରାଲ ପଦବୀରେ ଯୋଗଦେଲେ। କିନ୍ତୁ ଗବେଷଣା ମୋହ ତାଙ୍କୁ ସିଭିଲ୍ ସର୍ଭିସ୍‌ରୁ ଇସ୍ତଫା ଦେବାକୁ ବାଧ୍ୟ କରିଥିଲା। ସେ ୧୯୧୭ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ ଯୋଗଦେଲେ।

ଆଲୋକର ବିଚ୍ଛୁରଣ ଉପରେ ତାଙ୍କର ଗବେଷଣା ଜାରି ରହିଲା। ଗବେଷଣା ସକାଶେ ସେ ଯେଉଁ ଉପକରଣ ବ୍ୟବହାର କରୁଥିଲେ, ତାହାର ଦାମ୍ ଥିଲା ମାତ୍ର ୨୦୦ ଟଙ୍କା। ସେ ଜାଣିପାରିଲେ, ବେଞ୍ଜିନ୍ ପରି ସ୍ୱଚ୍ଛ ତରଳ ପଦାର୍ଥ ଭିତରେ ରଙ୍ଗିନ ଆଲୋକ ଗତି କଲେ ରଙ୍ଗରେ ପରିବର୍ତ୍ତନ ହୋଇପାରେ। ଯେଉଁ ରଙ୍ଗର ଆଲୋକ ପ୍ରବେଶ କରେ, ସେହି ରଙ୍ଗର ଆଲୋକ ମିଳିବା ସହିତ ଅନ୍ୟ ରଙ୍ଗର ଆଲୋକ ମିଳିଥାଏ। ପୂର୍ବରୁ ଲର୍ଡ ରାଲେ ଆଲୋକର ବିଚ୍ଛୁରଣ ଉପରେ ଗବେଷଣା କରିଥିଲେ ବି ସମାନ ରଙ୍ଗର ଆଲୋକ ମିଳେ ବୋଲି କହିଥିଲେ। ତେଣୁ ରମଣଙ୍କର ଗବେଷଣା ସମ୍ପୂର୍ଣ୍ଣ ମୌଳିକ ଓ ଚମକପ୍ରଦ ଥିଲା। ୧୯୯୮ ମସିହାରେ ଏହାକୁ 'ଆନ୍ତର୍ଜାତିକ ଐତିହାସିକ ରାସାୟନିକ ମାଇଲଖୁଣ୍ଟ'ର ମାନ୍ୟତା ବି ମିଳିଥିଲା। ଆଲୋକର ରଙ୍ଗରେ ଏଭଳି ପରିବର୍ତ୍ତନକୁ 'ରମଣ ପ୍ରଭାବ' କୁହାଯାଏ। ରମଣ ପ୍ରଭାବ ସାହାଯ୍ୟରେ ପଦାର୍ଥର ଅଣୁର ପରିଚୟ ଜଣାପଡ଼େ। ତେଣୁ ଏହାର ପ୍ରୟୋଗପୂର୍ବକ ହେରୋଇନ୍, କୋକେନ୍, ଚରସ୍ ଓ ବିସ୍ଫୋରକ ଚିହ୍ନଟ କରାଯାଇପାରିବ। ଆଗାମୀ ଦିନରେ ରକ୍ତ ଶର୍କରା, କୋଲେଷ୍ଟରଲ୍, ୟୁରିକ୍ ଅମ୍ଳ ଏବଂ ଅନ୍ୟ ରକ୍ତ ସମ୍ପର୍କିତ ତଥ୍ୟ ଜାଣିବା ପାଇଁ ରମଣ ପ୍ରଭାବର ପ୍ରୟୋଗ କରାଯାଇପାରିବ। ପ୍ରକୃତିପ୍ରୀତି ହିଁ ରମଣଙ୍କୁ ବିଶ୍ୱ ଦରବାରରେ ଗୌରବାବହ ନୋବେଲ ସମ୍ମାନ ଆଣି ଦେଇଥିଲା।

ଭଦ୍ରକ ଅଟୋନମସ୍ କଲେଜ, ମୋ–୯୪୩୯୫୦୧୬୫୧

## ଏଇ ଭାରତରେ

ବାହାଘର ଉତ୍ସବରେ ଡିଜେ ବଜାଇ କାନଫଟା ଶବ୍ଦ ସୃଷ୍ଟି କରାଯାଉଛି। ଏହାଦ୍ୱାରା ଶବ୍ଦ ପ୍ରଦୂଷଣ ହୋଇଥାଏ। କିନ୍ତୁ ପଞ୍ଜାବରେ ରବିବାର ଏକ ବାହାଘର ଅନୁଷ୍ଠିତ ହୋଇଛି ଯାହା ପରମ୍ପରାଠାରୁ ବେଶ୍ ନିଆରା ବାରିହୋଇ ପଡେ। ଏହି ବାହାଘରରେ ଡିଜେ ବଦଳରେ କବି ସମ୍ମିଳନୀ ଆୟୋଜନ କରାଯାଇଥିଲା। ବିବାହରେ ୨୫ଟି ଖାଦ୍ୟ ଷ୍ଟଲ୍ ସହିତ ୨ଟି ପୁସ୍ତକ ଷ୍ଟଲ୍ କରାଯାଇଥିଲା। ଇଞ୍ଜିନିୟର ସନ୍ଦୀପ ସିଂ ସହୋତାଙ୍କ ବାହାଘରରେ ଏପରି ଏକ ବିରଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ନିମନ୍ତ୍ରିତ ଅତିଥିମାନେ ବାହାଘର ଦେଖିବା ସହିତ କବି ସମ୍ମିଳନୀରେ ବିଭିନ୍ନ କବିଙ୍କ କବିତାପାଠ ଶୁଣି ବେଶ୍ ମୁଗ୍ଧ ହୋଇଥିଲେ। ସେମାନେ ଭୋଜି ଖାଇଥିଲେ ଏବଂ ମନ ପସନ୍ଦର ପୁସ୍ତକ ମଧ୍ୟ କ୍ରୟ କରିଥିଲେ। ବିବାହ ଉତ୍ସବରେ ୪୫୫ରୁ ଅଧିକ ଅତିଥି ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ୧୨୨ଜଣ ଖ୍ୟାତିସମ୍ପନ୍ନ କବି ଉପସ୍ଥିତ ଥିଲେ। ପୁସ୍ତକ ଷ୍ଟଲ୍‌ରେ ୯ ହଜାର ବହି ବିକ୍ରି ହୋଇଯାଇଥିଲା। ଏଭଳି ନିଆରା ବାହାଘରକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୬ ନଭେମ୍ବର ୧୯୯୩

- ଜମ୍ମୁ–କଶ୍ମୀର ମୁକ୍ତି ସାମ୍ମୁଖ୍ୟର ନେତା ଅମାନୁଲ୍ଲା ଖାଁଙ୍କ ବିରୋଧରେ ଭାରତ ବେଲ୍‌ଜିୟମର ଅଦାଲତରେ ଅଭିଯୋଗ ପତ୍ର ଦାଖଲ କରିଛି।
- ଭାରତ ଓ ଥାଇଲାଣ୍ଡ ମଧ୍ୟରେ ଅପରାଧୀ ପ୍ରତ୍ୟର୍ପଣ ଚୁକ୍ତି ସ୍ୱାକ୍ଷରିତ।

## ଚିରନ୍ତନୀ

କାହିଁରେ ମନ ହଜାଇ ଦେଇ
ଜୀବିତ କରି କୋମଳ ପଦେ
ଯୁବତୀ ସଖୀ ଦୁଇ
ନିଦାଘ ବନ ଭୂଇଁ।
(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବାଣତତ୍ତ୍ୱ



ମାନସ କୁମାର ପାଢ଼ୀ

ବାବୁଆଣୀ ଜଣେ ପରିବେଶବିତ୍ ହୋଇଥିବାରୁ ଅନେକ ସଭାସମିତିରେ ଭାଷଣବାଜି କରିଥିଲେ ବାଣଫୁଟା ବିରୋଧରେ। ବାବୁଙ୍କୁ କିନ୍ତୁ ଜମା ଭଲ ଲାଗୁ ନ ଥିଲା। ପର୍ବପର୍ବାଣି ଧୁମ୍‌ଧାମ୍‌ରେ ପାଳନ ହେଲେ ସିନା ଖାନାପିନା ସବୁ ଜମିବ। ବାଣ ଯଦି ନ ଫୁଟିବ କି ଦୀପାବଳି! କୋର୍ଟ ଅର୍ଡର ବାବୁଆଣୀଙ୍କ ସପକ୍ଷରେ ଗଲା। ରାତି ୮ଟାରୁ ୧୦ଟା ପର୍ଯ୍ୟନ୍ତ ବାଣ ଫୁଟିବ। ବାବୁ କହିଲେ, ଏ ବାଣଫୁଟା ସିନା ବନ୍ଦ କରିଦେଲ, ହେଲେ ଏ ଦେଶରେ ସବୁବେଳେ ଯେଉଁ ବାଣ ମରା ଚାଲିଛି ସେଥିପାଇଁ କ'ଣ ପରିବେଶ ପ୍ରଦୂଷଣ ହେଉନି? ବାବୁଆଣୀ ବାବୁଙ୍କୁ ବୁଲି ଚାହିଁଲେ। ବାବୁ କହିଚାଲିଲେ, ସେତେବେଳକୁ ତ ଏତେ ଭାଷଣବାଜି ହେଉନି, କାରଣ ଯିଏ ପ୍ରଦୂଷଣ କରୁଛନ୍ତି ସେମାନେ ଖୋଦ ଭାଷଣ ଏକ୍ସପର୍ଟ। ତାଙ୍କୁ ବା କଥାରେ ବଳିଯିବ କିଏ... ?

ବାବୁଆଣୀ ଚିଡ଼ିଗଲେ। କହିଲେ, ଏଭଳି ବିତଣ୍ଡା କଥା କହି କ'ଣ ଲାଭ ପାଅ ତୁମେ? ସବୁବେଳେ କିଏ ବାଣ ମାରୁଛି?

ବାବୁ କହିଲେ, ବାହାଘର, ବ୍ରତଘରରେ ବାଣମରା ହେଉଛି, ଅନ୍ତର୍ଜାତୀୟ କ୍ରିକେଟଠାରୁ ଗାଁ ଟୁର୍ନାମେଣ୍ଟ ପର୍ଯ୍ୟନ୍ତ ଜିତିଲା ମାତ୍ରେ ଦରକାର ବାଣ, ୱାର୍ଡମେମ୍ବରଠାରୁ ଏମ୍‌ପି ପର୍ଯ୍ୟନ୍ତ ଜିତିଲେ ବି ବାଣ। ମୂଳିଆ ସଂଘଠାରୁ ଅଫିସର ସଂଘ ପର୍ଯ୍ୟନ୍ତ କର୍ମକର୍ତ୍ତା ନିର୍ବାଚନରେ ବି ବାଣ ଦରକାର ହେଲାଣି। ସଂକ୍ଷେପରେ କହିବାକୁ ଗଲେ ମନ୍ତ୍ରୀଠାରୁ ମୂଳିଆ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ବାଣ ମାରୁଛନ୍ତି। ସବୁଠି। ବାବୁଆଣୀ ସେଲ୍‌ଫି ନବା ପରି ଚାହିଁଲେ ବାବୁଙ୍କୁ। ବାବୁ ଏଥର ବାଣତତ୍ତ୍ୱ ଉପରକୁ ଗଲେ। କହିଲେ, ନିର୍ବାଚନ ପାଖେଇ ଆସିଲାଣି ତ ନେତାମାନେ ବାଣ ମାରିବା ଆରମ୍ଭ କରିଦେଲେଣି। ସେହି ବାଣ ପ୍ରଭାବରେ ଦଳ ଦଳ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହେଉଛି। ସାହି ସାହି, ଗାଁ ଗାଁ ମଧ୍ୟରେ, ଜାତି ଜାତି, ଧର୍ମ ଧର୍ମ ମଧ୍ୟରେ ଅଶାନ୍ତି ଦେଖାଦେଉଛି। ଏପରି ବାଣ ସବୁବେଳେ ସମାଜ ଭିତରେ ଗୋଟେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରୁଛି।

ବାବୁଆଣୀ ବୁଝି ନ ପାରିଲା ପରି ଚାହିଁଲେ।

ବୋଫର୍ସ ତୋପଠାରୁ ଆରମ୍ଭକରି ଲଢୁଆ ବିମାନ ରାଫାଲ୍ ପର୍ଯ୍ୟନ୍ତ ସବୁ ଗୋଟେ ଗୋଟେ ବାଣ ନା ନାହିଁ? ତୁମ ଜାଣିବାରେ ବୋଫର୍ସ ବାଣ ପ୍ରଥମେ ମରାଗଲା ୧୯୯୯ କାର୍‌ଗିଲ୍ ଯୁଦ୍ଧରେ, କିନ୍ତୁ ପ୍ରକୃତରେ ମରା ହୋଇଥିଲା ୧୯୮୭ ମସିହାରେ। ଯେଉଁ ବାଣ ପ୍ରଭାବରେ ୧୯୮୯ ଲୋକ ସଭା ନିର୍ବାଚନରେ ସେତେବେଳର ସରକାର ଚିତ୍‌ପଟାଙ୍ଗ। ଅଭିଯୋଗ ହେଲା ପରେ ରାଜୀବ ସରକାର ୧୯୮୭ ଅଗଷ୍ଟ ୬ରେ ଜଏଣ୍ଟ ପାର୍ଲାମେଣ୍ଟାରୀ କମିଟି ଗଠନ କରିଥିଲେ ବୋଫର୍ସ ଦୁର୍ନୀତିର ତଦନ୍ତ ପାଇଁ। ପରେ ପରେ ବିରୋଧୀ ଦଳ ବୋଫର୍ସ ବାଣ ପ୍ରଭାବରେ ନିର୍ବାଚନ ଜିତି ଶାସନଗାଦି ମାଡ଼ିବସିଲେ। ମାତ୍ର ୧୧ ମାସ ପରେ ପୁଣି ବଦଳିଲା ସରକାର। ତା'ପରେ କେତେ ସରକାର ଗଲେଣି କିନ୍ତୁ ତଦନ୍ତ ଚାଲିଛି। ସେ ଯାହାହେଉ, ବୋଫର୍ସ ବାଣ ଯେ ପ୍ରଭାବଶାଳୀ ଏ କଥା ଅନସ୍ୱୀକାର୍ଯ୍ୟ। ଭାରତୀୟ ସେନା ବୋଫର୍ସ ତୋପ ଚଳେଇ କାରଗିଲ୍ ଯୁଦ୍ଧରେ ଜିତିଲେ, କିନ୍ତୁ ତାଙ୍କ ୧୦ ବର୍ଷ ପୂର୍ବରୁ ବିରୋଧୀ ଦଳ ନେତାଏ ବୋଫର୍ସ ବାଣ ମାରି ସରକାରୀ ଦଳ ହୋଇଥିଲେ।

ବାବୁଆଣୀ ବାବୁଙ୍କର ଏଭଳି ତାର୍କିକ କଥାକୁ ମନେ ମନେ ଭାରି ପସନ୍ଦ କରନ୍ତି। ଟିକେ ମୁରୁକି ହସିଲେ। ବାବୁ ବଖାଣିଲେ, ୧୯୮୯ ନିର୍ବାଚନରେ ବିରୋଧୀ ଦଳ ମେଣ୍ଟ ବୋଫର୍ସ ବାଣ ମାରିଥିଲେ। ୧୪୩୭ କୋଟି ଟଙ୍କା କାରବାରରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ଏଥର ୨୦୧୯ ସାଧାରଣ ନିର୍ବାଚନ ବେଳକୁ କଂଗ୍ରେସ ଓ ବିରୋଧୀ ମେଣ୍ଟଙ୍କ ହାତରେ ଲଢୁଆ ବିମାନ ରାଫାଲ୍। ଏ ବାଣରେ ତୋପଠାରୁ ଆରମ୍ଭ କରି ବୋମା ପର୍ଯ୍ୟନ୍ତ ସବୁ ଅଛି। ୫୯ ହଜାର କୋଟି ଟଙ୍କାର କାରବାର।

ଏ ବାଣର ସୁଦୂରପ୍ରସାରୀ ପ୍ରଭାବକୁ ଆକଳନ କରି ପ୍ରତିପକ୍ଷ ସରକାରୀ ଦଳ ମନ୍ଦିର–ମସ୍‌ଜିଦ୍ ବାଣର ସାହାରା ନେଲେଣି ପୁଣି। ବିରୋଧୀଙ୍କ ରାଫାଲ୍ ବାଣ ଭୋଟରଙ୍କ ହୃଦୟ ବିଦ୍ଧ କରିବା ପୂର୍ବରୁ କେନ୍ଦ୍ର ସରକାରର ମୁଖିଆ ଦଳ ଭାଜପା ମନ୍ଦିର–ମସ୍‌ଜିଦ୍ ବାଣ ଛାଡ଼ିଛି। ନିହାତି କମ୍‌ରେ ରାଫାଲ୍ ବାଣକୁ ଲକ୍ଷ୍ୟଭ୍ରଷ୍ଟ କରାଇବାରେ ଏ ବାଣ ସକ୍ଷମ ହେବ ବୋଲି ଭାଜପା ଚିନ୍ତା କରୁଛି। ବାବୁଆଣୀ କହିଲେ, ଓଡ଼ିଶାରେ ସେସବୁ ବାଣର ପ୍ରଭାବ ପଡ଼ିବ ନା ନାହିଁ?

ବାବୁ କହିଲେ, ରାମ ମନ୍ଦିର–ବାବ୍ରୀ ମସ୍‌ଜିଦ୍ ବିବାଦ ବାଣଟା ରାମବାଣ ପରି କାମ ଦେଇଥିଲା ୧୯୯୯ରେ। କିନ୍ତୁ ୨୦୧୯ରେ ଏହାର ପ୍ରଭାବ ସେପରି ନାହିଁ। ଓଡ଼ିଶାରେ ପ୍ରଭାବ କେତେ ମୁଁ ଠିକ୍‌ଭାବେ କହିପାରୁ ନାହିଁ। କେତେବେଳେ ସର୍ଭେ କହୁଛି ବିଜେଡି ମୁଖିଆ ସବୁଠୁ ଲୋକପ୍ରିୟ ଓ ବିଜେଡି ସମସ୍ତଙ୍କ ଆଗରେ ତ କେତେବେଳେ ଅନ୍ୟ ଏକ ସର୍ଭେ କହୁଛି ଭାଜପା। ତା'ଛଡ଼ା ଆମ ଓଡ଼ିଶା ପାଇଁ ଯାହା ପୁରୁଣା ବାଣ କିଛି ଅଛି। ଚିଟ୍‌ଫଣ୍ଡ ବାଣ, କୁନ୍ଦୁଲି ବାଣ ପରି ଆଉ କେତେକ ବାଣ। ଓଡ଼ିଶା ପରି ଶାନ୍ତିପ୍ରିୟ ରାଜ୍ୟରେ ରାଫାଲ୍ ବାଣ କି ରାମବାଣର ଆବଶ୍ୟକତା ନାହିଁ, ଏଠି ଦାମବାଣ ଯଥେଷ୍ଟ। କିନ୍ତୁ ସେ ବାଣ କଂଗ୍ରେସ ହାତରେ ପଡୁଛି କି ଭାଜପା ହାତରେ କହି ହଉନି! ବାବୁଆଣୀ ଏଥର ମନଖୋଲା ହସଟିଏ ହସି କହିଲେ, ସେ ବାଣ ତ ସ୍ୱୟଂଚାଳିତ, କାହା ହାତରେ ନ ପଡ଼ିଲେ ବି ଫୁଟୁଛି, ଫୁଟିବ...।

ବ୍ରାହ୍ମଣସାଇଲୋ, କଟକ, ମୋ–୯୪୩୮୭୮୫୭୯୨

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | | | | | D | | | | B | | 6 | 8 | |
| | D | | | E | | 5 | | | 3 | | | | | |
| | | 0 | | | 7 | | B | | 5 | | | | | |
| | 4 | E | | | | | | | A | 0 | 6 | 1 | | 7 |
| | A | | 9 | | | | 1 | | | | C | 4 | | D |
| | 8 | | | | | | 6 | | | C | | | | |
| | 7 | 1 | | | 2 | E | | 5 | D | | | | | |
| | | A | E | 9 | D | 3 | C | | | 8 | B | | | |
| | | | A | | | 9 | | D | 6 | | 2 | | | |
| | | | | 4 | 1 | | | | | | 0 | 7 | | |
| | | 7 | | 2 | | 8 | | A | | | 4 | | | |
| | | | | 0 | 6 | 1 | D | | | | | 8 | | B |
| C | 3 | | | 5 | | | 0 | | | 2 | | 9 | | |
| 6 | | D | | 3 | | 4 | | | | | | | | |
| | | | 4 | 7 | | 2 | | | E | 9 | | | D | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 7 | 4 | 8 | C | 3 | D | B | 2 | E | 6 | 1 | 9 | A | 5 |
| 3 | C | B | 9 | 6 | A | 1 | 5 | E | 4 | 7 | 8 | 2 | D | 0 |
| 6 | 5 | 2 | E | 0 | 7 | 9 | A | 4 | B | 3 | D | 8 | 1 | C |
| D | A | 8 | 1 | 5 | 4 | 0 | 6 | 3 | 2 | C | 9 | B | 7 | E |
| 1 | E | 9 | D | 2 | B | 7 | 8 | C | 0 | 5 | A | 4 | 3 | 6 |
| 5 | 2 | 3 | 7 | 4 | 8 | A | D | 0 | 1 | E | C | 6 | B | 9 |
| B | 9 | C | 6 | A | D | E | 7 | 8 | 3 | 0 | 4 | 1 | 5 | 2 |
| 4 | D | 0 | B | 1 | 2 | C | 3 | 6 | 9 | 8 | 5 | A | E | 7 |
| 7 | 6 | E | C | 9 | 5 | 4 | 2 | 1 | D | A | B | 0 | 8 | 3 |
| 8 | 1 | A | 3 | E | 0 | 5 | 9 | B | 6 | 2 | 7 | C | 4 | D |
| E | 4 | D | 2 | 8 | 1 | B | C | 7 | 5 | 9 | 6 | 3 | 0 | A |
| A | B | 6 | 0 | D | E | 3 | 1 | 9 | 7 | 4 | 2 | 5 | C | 8 |
| C | 8 | 7 | 5 | 3 | 9 | 2 | 4 | D | A | 1 | 0 | E | 6 | B |
| 2 | 3 | 5 | 4 | 7 | C | 6 | 0 | A | 8 | B | E | D | 9 | 1 |
| 9 | 0 | 1 | A | B | 6 | 8 | E | 5 | C | D | 3 | 7 | 2 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଶୀ ସଙ୍ଗୀତ, ଚିତ୍ର ଓ ଭାସ୍କର୍ଯ୍ୟର ଶାସ୍ତ୍ରୀୟତା

ମହାଶୟ,

ଓଡ଼ିଶାର ଚିତ୍ର ଓ ଭାସ୍କର୍ଯ୍ୟ, ସଙ୍ଗୀତ ଓ ନୃତ୍ୟ ଆନ୍ତର୍ଜାତିକ କ୍ଷେତ୍ରରେ ଖ୍ୟାତିଲାଭ କରିଛି। ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମାନ୍ୟତା ପାଇ ସର୍ବଭାରତୀୟ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ଓଡ଼ିଶାର ଏହି ଶାସ୍ତ୍ରୀୟ ନୃତ୍ୟ ସହିତ ଓଡ଼ିଶୀ ସଙ୍ଗୀତ ଓତପ୍ରୋତ ଭାବେ ଜଡିତ ଥିବାରୁ ଏହି ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବା ପାଇଁ ବର୍ତ୍ତମାନ ଏହାର ଗବେଷକ ଓ ଗାୟକମାନେ ପ୍ରଚେଷ୍ଟା ଚଳାଇଛନ୍ତି। ଓଡ଼ିଶାର ବିଭିନ୍ନ ଗୁମ୍ଫା ଓ ମନ୍ଦିରମାନଙ୍କରେ ଥିବା ଖୋଦିତ ଭାସ୍କର୍ଯ୍ୟ, ପଟଚିତ୍ର ଓ ତାଳପତ୍ର ରେଖାଙ୍କନ ଚିତ୍ରରେ ଥିବା ନୃତ୍ୟଶୈଳୀକୁ ଆଧାର କରି ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମାନ୍ୟତା ହାସଲ କରିଛି। କିନ୍ତୁ ପରିତାପର ବିଷୟ ଯେ ଓଡ଼ିଶାର ପ୍ରସ୍ତର ଖୋଦିତ ଭାସ୍କର୍ଯ୍ୟ ଓ ମନ୍ଦିରମାନଙ୍କରେ ଥିବା କାନ୍ଥଚିତ୍ର, ପଟଚିତ୍ର ଓ ତାଳପତ୍ର ଚିତ୍ରକୁ ଶାସ୍ତ୍ରୀୟ ମାନ୍ୟତା ଦେବାର କୌଣସି ପ୍ରଚେଷ୍ଟା ହୋଇନାହିଁ। ଓଡ଼ିଶାର ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ ପଟଚିତ୍ର ଆଜି ଦେଶ ଓ ବିଦେଶରେ ଖ୍ୟାତିଲାଭ କରିଥିଲେ ମଧ୍ୟ ଏହା ଯେ ଚାରୁକଳା କ୍ଷେତ୍ରରେ ଶାସ୍ତ୍ରୀୟ ମାନ୍ୟତା ପାଇବାର ହକ୍‌ଦାର ସେ ବିଷୟରେ ବିଚାର–ଆଲୋଚନା ହେବାର ସମୟ ଆସିଛି।

ଜଗଦୀଶ ଚନ୍ଦ୍ର କାନୁନ୍‌ଗୋ, ପ୍ରାକ୍ତନ ସଭାପତି, ଓଡ଼ିଶା ଲଳିତକଳା ଏକାଡେମୀ

### ମାନବକୃତ ଦୁର୍ଘଟଣା

ଅମୃତ୍‌ସରର ଯୋଡା ରେଳ ଫାଟକ ନିକଟରେ ରାବଣ ପୋଡି ଉତ୍ସବ ଚାଲିଥିବା ବେଳେ ଉଭୟ ଦିଗରୁ ଟ୍ରେନ୍ ଆସିଯିବାରୁ ଟ୍ରାକ୍ ଉପରେ ଠିଆ ହୋଇଥିବା ଦର୍ଶକମାନଙ୍କ ମଧ୍ୟରୁ ୬୧ଜଣ ମୃତ୍ୟୁବରଣ କରିଥିବା ବେଳେ ଆଉ ୭୨ ଜଣ ଆହତ ହେଲେ। ପୋଲିସ ପ୍ରଶାସନ ତରଫରୁ ଅନୁମତି ଦିଆଯାଇଥିବା ବେଳେ ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ନିମିତ୍ତ ଆବଶ୍ୟକ ପଦକ୍ଷେପ ନିଆ ହୋଇନାହିଁ। ଟ୍ରେନ୍ ଡ୍ରାଇଭର ରେଳଫାଟକ ପାର ହେବା ପୂର୍ବରୁ ଓ ପାର ହେବା ସମୟରେ ନିରବଚ୍ଛିନ୍ନ ହର୍ନ ବଜାଇ ଅଗ୍ରସର ହେଉଥିବା ବେଳେ ଆତସବାଜିର କାନଫଟା ଶବ୍ଦରେ ଏହା ଶୁଣା ନ ଯିବା ସ୍ୱାଭାବିକ। ପୁଣି ଏକ ବୁଲାଣି ପୂର୍ବରୁ ଚାଳକ ଟ୍ରାକ୍ ଉପରେ ଲୋକ ଥିବାର ଦେଖି ନ ପାରିବା ଅସ୍ୱାଭାବିକ ନୁହେଁ। ଯଦି ଏକ ସଙ୍କୀର୍ଣ୍ଣ ସ୍ଥାନରେ ୫ ହଜାରରୁ ଊର୍ଦ୍ଧ୍ୱ ଜନସମାଗମର ସମ୍ଭାବନା ଥିଲା ତେବେ ବ୍ୟାରିକେଡ ରଖିବା ବା ମାଇକ୍‌ରେ ଲୋକଙ୍କୁ ସତର୍କ କରିବା ଉଚିତ ଥିଲା। ନିଜ ଚାକିରି ବଞ୍ଚାଇବା ଲକ୍ଷ୍ୟରେ କେବଳ ଅପରକୁ ଦୋଷ ଠେଲିଦେବା ମାନବ ପ୍ରକୃତି। ସରକାର ଏହା ଗମ୍ଭୀରତାର ସହ ଗ୍ରହଣ କରନ୍ତୁ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ନଭେମ୍ବର ୬ରେ ଆମେରିକାରେ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ଅନୁଷ୍ଠିତ ହେବ। ପ୍ରତି ୨ ବର୍ଷରେ ଏହି ନିର୍ବାଚନ ହୋଇଥାଏ। ଚଳିତ ବର୍ଷ ସିନେଟ୍‌ର ୩୫ ଏବଂ ହାଉସ୍ ଅଫ ରିପ୍ରେଜେଣ୍ଟେଟିଭ୍‌ର ୪୩୫ ଆସନ ପାଇଁ ନିର୍ବାଚନ ହେଉଛି। ଇତିମଧ୍ୟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ତାଙ୍କ ଦଳର ୩୦ ଜଣ ସାଂସଦ ସମୟ ପୂର୍ବରୁ ଅବସର ନେଇଛନ୍ତି। ଏହା ଦ୍ୱାରା ଟ୍ରମ୍ପ ଅସୁବିଧାରେ ପଡ଼ିବାର କୁହାଯାଉଛି।



# ୨୧ରେ ମିଡିଆ କନ୍‌କ୍ଲେଭ

## ଲୋଗୋ, ୱେବ୍‌ସାଇଟ, ସୂଚନା ପୁସ୍ତିକା ଉନ୍ମୋଚିତ

ଭୁବନେଶ୍ୱର,୫।୧୧(ବ୍ୟୁରୋ)

ଭୁବନେଶ୍ୱରଠାରେ ହେବାକୁ ଥିବା ମିଡ଼ିଆ କନ୍‌କ୍ଲେଭ ଲୋଗୋ ଏବଂ ୱେବ୍‌ସାଇଟକୁ ସୋମବାର ସଚିବାଳୟଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଉନ୍ମୋଚନ କରିଛନ୍ତି। ଚଳିତ ମାସ ୨୧ ରୁ ୨୩ ତାରିଖ ଯାଏ କିଟ୍ ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ହେବାକୁଥିବା ଏହି କନ୍‌କ୍ଲେଭରେ ବିଭିନ୍ନ ବିଷୟ ଆଲୋଚନା ହେବ।

ମିଡ଼ିଆ କନ୍‌କ୍ଲେଭରେ ସାଇବର ତଥ୍ୟ, ଜଳବାୟୁ ପରିବର୍ତ୍ତନ, ପରିବେଶ ଅଧ୍ୟୟନ, ଇ-ଗଭର୍ନାନ୍ସ ଓ ବିକାଶ, ସ୍ୱାସ୍ଥ୍ୟଶିକ୍ଷା ଓ ସୁବିଧା, ସ୍ୱାସ୍ଥ୍ୟରକ୍ଷା ଓ ପରିଚ୍ଛନ୍ନତା, ଦୈବୀଦୁର୍ବିପାକର ସମ୍ଭାବ୍ୟ ରିଲିଫ, ତୃଣମୂଳ ସ୍ତରରେ ଶାସନ, ଗଣମାଧ୍ୟମ ଶିକ୍ଷା ତଥା ଆପତକାଳୀନ ସହାୟତା ଇତ୍ୟାଦି ପ୍ରସଙ୍ଗକୁ ନେଇ ବ୍ୟାପକ ଆଲୋଚନା ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିଡ଼ିଆ ଷ୍ଟଡିଜ, ଉତ୍କଳ ବିଶ୍ୱବିଦ୍ୟାଳୟ, ସୂଚନା ଓ ଲୋକସମ୍ପର୍କ ବିଭାଗ, କିଟ୍ ବିଶ୍ୱବିଦ୍ୟାଳୟ, ଅକ୍ସଫାମ୍ ଓ ସିଇଏମ୍‌ସିଏ ଇତ୍ୟାଦିଙ୍କ ସହଯୋଗରେ ତିନିଦିନ ବ୍ୟାପୀ ଏହି ମିଡ଼ିଆ କନ୍‌କ୍ଲେଭ ଅନୁଷ୍ଠିତ ହେବ। ଏହି ଅବସରରେ ମନ୍ତ୍ରୀ କନ୍‌କ୍ଲେଭ ସମ୍ପର୍କିତ ସୂଚନା ପୁସ୍ତିକା ମଧ୍ୟ ଉନ୍ମୋଚନ କରିଥିଲେ। ଉନ୍ମୋଚନ କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗ ସଚିବ ହେମନ୍ତ ଶର୍ମା, ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି, ଅତିରିକ୍ତ ନିର୍ଦ୍ଦେଶକ ନିରଞ୍ଜନ ସେଠୀ, ଉପନିର୍ଦ୍ଦେଶକ ବିପିନ ବିହାରୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ମିଡିଆ କନ୍‌କ୍ଲେଭ ଲୋଗୋ ଏବଂ ୱେବ୍‌ସାଇଟକୁ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଉନ୍ମୋଚନ କରୁଛନ୍ତି।

# ଏମ୍ସ ପିଜି ପ୍ରବେଶିକା ପାଇଁ ଆଡ୍‌ମିଟ୍ କାର୍ଡ ଉପଲବ୍ଧ

ଭୁବନେଶ୍ୱର, ୫।୧୧(ବ୍ୟୁରୋ)

ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ର ୬ ବିଭାଗରେ ସ୍ନାତକୋତ୍ତର (ପିଜି) ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ନଭେମ୍ବର ୧୮ରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି। ନାମ ପଞ୍ଜୀକରଣ କରିଥିବା ପରୀକ୍ଷାର୍ଥୀଙ୍କ ପାଇଁ ସୋମବାରଠାରୁ ଆଡ୍‌ମିଟ୍‌କାର୍ଡ ଏମ୍ସ ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇଛି। ପରୀକ୍ଷାର୍ଥୀମାନେ ଏହି ୱେବ୍‌ସାଇଟ୍‌କୁ ଯାଇ ଆଡମିଟ୍ କାର୍ଡ ବାହାର କରିପାରିବେ। ୧୮ରେ ପରୀକ୍ଷା ହେବାକୁ ଥିବାବେଳେ ଏହାର ଫଳାଫଳ ୨୩ ନଭେମ୍ବରରେ ପ୍ରକାଶ ପାଇବ। ସେହିପରି ଜୁଲାଇ ଶିକ୍ଷାବର୍ଷ ପିଜି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଅକ୍ଟୋବର ୧୮ରୁ ପଞ୍ଜୀକରଣ ଆରମ୍ଭ ହୋଇଯାଇଛି। ଏହାର ପରୀକ୍ଷା ମେ' ୫ରେ ଅନୁଷ୍ଠିତ ହେବ। ସେହିମାସ ୧୦ ତାରିଖରେ ପରୀକ୍ଷା ଫଳ ପ୍ରକାଶ ପାଇବ।

ବର୍ଷ ୨୦୧୯ ପାଇଁ ଏମ୍ସରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ମେ' ୨୫ ଓ ୨୬ରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଜୁନ୍ ୧୨ରେ ଫଳ ପ୍ରକାଶ ପାଇବା ପରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ନେଇ ସଂସ୍ଥାନ କାଉନ୍‌ସେଲିଂ କରିବ। ଏହାପରେ ଛାତ୍ରୀଛାତ୍ରଙ୍କୁ ଏମ୍ସ ନୂଆଦିଲ୍ଲୀ ସମେତ ଭୋପାଳ, ଋଷିକେଶ, ପାଟଣା, ଯୋଧପୁର, ଗୁଣ୍ଟୁର, ନାଗପୁର, ରାୟପୁର ଏବଂ ଭୁବନେଶ୍ୱର ସଂସ୍ଥାନଗୁଡିକରେ ନାମ ଲେଖାଇବାକୁ ଅନୁମତି ମିଳିବ। ପ୍ରବେଶିକା ପରୀକ୍ଷା ଦେବା ପାଇଁ ଛାତ୍ରୀଛାତ୍ରଙ୍କୁ ନାମ ପଞ୍ଜୀକରଣ କରିବାକୁ ପଡିଥାଏ। ଜାନୁୟାରୀ ପ୍ରଥମ ସପ୍ତାହରୁ ବେସିକ୍ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇ ୩୧ ତାରିଖ ଯାଏ ଚାଲିବ। ସେହିପରି ପଞ୍ଜୀକରଣର ଚୂଡ଼ାନ୍ତ ପର୍ଯ୍ୟାୟ ମାର୍ଚ୍ଚ ଯାଏ ଚାଲିବ। ମେ' ପହିଲାରୁ ଛାତ୍ରୀଛାତ୍ର ଆଡ୍‌ମିଟ୍ କାର୍ଡ ବାହାର କରିବାକୁ କୁହାଯାଇଛି। ଜୁଲାଇ ପ୍ରଥମ ସପ୍ତାହରେ ପ୍ରଥମ ପର୍ଯ୍ୟାୟ କାଉନ୍‌ସେଲିଂ କରାଯିବ। ଅଗଷ୍ଟ ପ୍ରଥମ ସପ୍ତାହରେ ଦ୍ୱିତୀୟ ପର୍ଯ୍ୟାୟ କାଉନସେଲିଂ ଏବଂ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ତୃତୀୟ ପର୍ଯ୍ୟାୟ କାଉନ୍‌ସେଲିଂ କରାଯିବ। ଏହାପରେ ଯଦି ସିଟ୍ ବଳକା ପଡ଼ିଲା, ତେବେ ସେଗୁଡ଼ିକର ପୂରଣ ପାଇଁ ସେପ୍ଟେମ୍ବର ଚତୁର୍ଥ ସପ୍ତାହରେ ମୁକ୍ତ କାଉନ୍‌ସେଲିଂ ହେବ ବୋଲି ଏମ୍ସ ତା'ର ପରୀକ୍ଷା ପରିଚାଳନା କାର୍ଯ୍ୟସୂଚୀରେ ପ୍ରକାଶ କରିଛି।

# ଦାବି ପୂରଣ ନ ହେଲେ ବିକ୍ଷୋଭ କରିବ ମିଳିତ ସମନ୍ୱୟ କମିଟି

ଭୁବନେଶ୍ୱର, ୫।୧୧(ବ୍ୟୁରୋ)

ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ଡିଗ୍ରୀ କଲେଜ ଅଧ୍ୟାପକଙ୍କୁ ସରକାର ବାରମ୍ବାର ପ୍ରତାରଣା କରିଛନ୍ତି। ସରକାର ଅଧ୍ୟାପକଙ୍କ ସହ ଆଲୋଚନା କରି ଦାବି ପୂରଣ କରିବାକୁ ମିଳିତ ସମନ୍ୱୟ କମିଟି ପୂର୍ବରୁ ସରକାରଙ୍କ ପାଖରେ ବହୁବାର ଦାବି କରିଆସିଥିଲେ ମଧ୍ୟ ଏହି ଦାବିକୁ ସରକାର ବିଚାରକୁ ନେଉନାହାନ୍ତି। ଫଳରେ ଅଧ୍ୟାପକମାନେ ସେମାନଙ୍କ ଅଧିକାରରୁ ବଞ୍ଚିତ ହେଉଛନ୍ତି ବୋଲି ମିଳିତ ସମନ୍ୱୟ କମିଟି ରାଜ୍ୟ ଆବାହକ କମଳ ପ୍ରସାଦ ମହାନ୍ତି କହିଛନ୍ତି।

୪ ଦଫା ଦାବି ନେଇ ସୋମବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ନେହେରୁ ଯୁବ ପ୍ରତିଷ୍ଠାନରେ ମିଳିତ ସମନ୍ୱୟ କମିଟିର ଆବାହକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାନ୍ତି କହିଛନ୍ତି ଯେ, ଅଧ୍ୟାପକମାନେ ପିଏଚ୍.ଡି ଏବଂ ଏମ୍.ଫିଲ୍‌ରେ ୯୦%ରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇ ଡିଗ୍ରୀ କଲେଜରେ ଶିକ୍ଷକତା କରୁଛନ୍ତି। ଅର୍ଥାତ ସେମାନଙ୍କୁ ୟୁଜିସି ମାନ୍ୟତା ଦିଆଯାଉନାହିଁ। ଶିକ୍ଷାଗତ ଯୋଗ୍ୟତାକୁ ଦେଖିଲେ ୟୁଜିସି ମାନ୍ୟତା ଦିଆଯିବାର ଆବଶ୍ୟକତା ରହିଛି। ଅନ୍ୟ ଅଧ୍ୟାପକଙ୍କୁ ଚାକିରିର ୧୮ ବର୍ଷ ପରେ ପଦୋନ୍ନତି ମିଳୁଥିବାବେଳେ ଏହି ଅଧ୍ୟାପକଙ୍କ କ୍ଷେତ୍ରରେ ୨୭ ବର୍ଷ ପରେ ପଦୋନ୍ନତି ଦେବାକୁ ସରକାର ସ୍ଥିର କରିଛନ୍ତି। ସରକାର ଅନ୍ୟ ସରକାରୀ କର୍ମଚାରୀଙ୍କୁ ୧।୧।୨୦୧୬ରୁ ୭ମ ବେତନ କମିଶନ ଦେଉଥିବାବେଳେ ଏହି ଅଧ୍ୟାପକଙ୍କର ୨୧ ମାସର କମିଶନ କାଟି ଦେଇଛନ୍ତି। ଅବସର ବୟସ ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବାକୁ ଅଧ୍ୟାପକମାନେ ଦାବି କରୁଛନ୍ତି ବୋଲି ମହାନ୍ତି କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି, ଏକ ସପ୍ତାହ ତଳେ ମିଳିତ ସମନ୍ୱୟ କମିଟି ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାଶ ଏବଂ ବିଭାଗୀୟ ସଚିବ ବିଷ୍ଣୁପଦ ସେଠୀଙ୍କୁ ସ୍ମାରକପତ୍ର ଦିଆଯାଇଛି। ସରକାର ୨୦ ତାରିଖ ସୁଦ୍ଧା ସମନ୍ୱୟ କମିଟିକୁ ଡାକି ଦାବି ପୂରଣ ନ କଲେ ବାଧ୍ୟହୋଇ କମିଟି ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ କରିବ ବୋଲି ମହାନ୍ତି ସରକାରଙ୍କୁ ଚେତାବନୀ ଦେଇଛନ୍ତି।

CLASSIFIED DISPLAY

APOLLO HOSPITALS HYDERABAD
Apollo HOSPITALS
VASCULAR CLINIC
All vascular and endo-vascular conditions, like upper & lower limb edema management of varicose veins, creation of vascular access to kidney failure patients. lower limb bypass sugeries, lymphedema, abdominal aortic aneurysm, leg artery disease neuro stroke, thoracic aneurysm, pulmonary embolism, peripheral artery diseases etc (in Diabetic Patients.)

Dr. Nihar Ranjan Pradhan
MS. DNB (Vascular surgery), FVES(UK)
Consultant vascular & endovascular surgeon
SPECIALITY CLINICS PLOT NO:11A,BJB NAGAR, KALPANA AREA, BBSR DT-10.11.2018
MOB: 8480902909
SUPER SPECIALITY HOSPITAL CIVIL TOWNSHIP ROURKELA, DT- 09.11.2018,
CONTACT - 9861016907

125 years
SEIKO
CLOCKS
CELEBRATION OF TIME WITH SEIKO CLOCKS
FLAT 20%*OFF
AUTHORISED DEALER
Khimji-K.D & Sons Pvt. Ltd.: Plot No.: 621/A, Janpath Saheeednagar, Bhubaneswar, PH: 07381065032
Lalchand Gem & Jewellers Pvt. Ltd.: 41/688, Machua Bazar, Cuttack, Ph: 7873121212
Lalchand Jewellers Pvt. Ltd.: 1, Lalchand Market Complex, Bhubaneswar, Ph: 9776002010
Nawab Khan Watch Co.: 91/92, Bapuji Nagar, Bhubaneswar, Ph: 0674-2597995/08908659789
New Samaya Bhawan: Plot No. - 394, Municipality Hospital Rd, Bhubaneswar, Ph: 8917262602

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ, ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଓଡ଼ିଶା ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
9650446732 9971793786

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୧% ସମାଧାନ ପାଆନ୍ତୁ
କାମ ନହେଲେ ପଇସା ଫେରସ୍ତ, କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସଂପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନକରିବା ଘରେହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠ୍‌କରଣୀ
9773820765-8512004851

DSPL-237


MAKE IN ODISHA Conclave
BHUBANESWAR, 11-15 NOVEMBER, 2018
Welcome
to the Make in Odisha Expo 2018
The largest ever industrial expo of the State
Inauguration by
Shri Naveen Patnaik, Chief Minister
on November 11, 2018 at 6:30 PM
followed by a scintillating cultural programme
Venue: Janata Maidan, Bhubaneswar

Come and Experience:
Odisha Theme pavilion "Deomali" — Mesmerizing projections on the geodesic dome
Virtual Reality — Witness the future Smart City and the natural beauty of Odisha
I am Odisha — Learn about the stories that are shaping Odisha's future
Kinetic Installation — Marvel at the synchronised beauty of 108 spheres
Cultural Evenings — A magical blend of Odisha's heritage and modern art forms

Partner Country: Japan
Industry Partner: FICCI
For more details, please visit:
https://mio.investodisha.gov.in/

Passes for the Expo Inaugural scheduled on November 11 can be collected on a first-come-first-serve basis upon production of valid Government ID during 1000 - 1800 hours, November 8-9, 2018 from:
IPICOL House, Rupali Chowk, Janpath, Bhubaneswar
or
OMC House, Near State Guest House, Bhubaneswar
No entry will be allowed to the venue without the passes on Nov 11
Expo entry will be free to all during Nov 12-15 (without passes) | Visiting Hours: 1100 to 2030 hrs

14005/13/0048/1819



"୩ଟି ଫିଲ୍ମ ପାଇଁ ଫକ୍ସ ଷ୍ଟାର ଷ୍ଟୁଡିଓ ସହ ଚୁକ୍ତି କରି ବେଶ୍ ଖୁସି ।
– ଅକ୍ଷୟ କୁମାର, ବଲିଉଡ୍ ଅଭିନେତା

## ଇତିହାସର ଆଇନାରେ

### ନଭେମ୍ବର ୬ର ପ୍ରମୁଖ ଘଟଣା

୧୯୧୩ ନଭେମ୍ବର ୬ରେ ଦକ୍ଷିଣ ଆଫ୍ରିକାରେ ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କୁ ଗିରଫ କରାଯାଇଥିଲା। ସେଠାରେ ବସବାସ କରୁଥିବା ଖଣି ଶ୍ରମିକଙ୍କ ଅଧିକାର ଲାଗି ମହାତ୍ମା ଗାନ୍ଧୀ ସରକାରଙ୍କ ବିରୋଧରେ ଆନ୍ଦୋଳନ ଆରମ୍ଭ କରିଥିଲେ।

୧୮୬୦ ନଭେମ୍ବର ୬ରେ ଆବ୍ରାହାମ୍ ଲିଙ୍କନ୍ ଆମେରିକାର ୧୬ତମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ଡଗ୍ଲାସ୍, ବ୍ରେକିନ୍‌ରିଜ୍ ଏବଂ ବେଲ୍‌ଙ୍କୁ ପରାଜିତ କରି ସେ ରାଷ୍ଟ୍ରପତି ପଦରେ ବସିଥିଲେ। ୧୮୬୧ରୁ ୧୮୬୫ ଯାଏ ହତ୍ୟା ପର୍ଯ୍ୟନ୍ତ ସେ ଏହି ଆସନରେ ବସିଥିଲେ। ଆମେରିକାରେ ଗୃହଯୁଦ୍ଧର ଭୟାବହତା ଲାଗି ରହିଥିବା ବେଳେ ଲିଙ୍କନ୍ ଦେଶର ନେତୃତ୍ୱ ନେଇଥିଲେ।

# ଏଲିଏନ୍ ଖୋଜା: 'ନାସା'ର ଅର୍ଥ ମଞ୍ଜୁର

**ୱାଶିଂଟନ୍:**

ପୃଥିବୀ ବାହାରେ ଏଲିଏନ୍ ଭଳି ଜୀବଙ୍କ ସନ୍ଧାନ ପାଇଁ ଏକ ନୂଆ ସିଷ୍ଟମ ବିକାଶ କରାଯିବ। ଏଥିପାଇଁ ଆମେରିକାର ମହାକାଶ ଗବେଷଣା କେନ୍ଦ୍ର 'ନାସା' ପାଖାପାଖି ୭ ନିୟୁତ ଆମେରିକୀୟ ଡଲାର ଯୋଗାଇଦେବ। ଏହାକୁ ମଙ୍ଗଳ ଗ୍ରହରେ ଜୀବ ଅନୁସନ୍ଧାନ ଲାଗି ବ୍ୟବହାର କରାଯାଇପାରିବ। 'ଲାବୋରେଟୋରି ଫର୍ ଅଗ୍ନୋଷ୍ଟିକ୍ ବାୟୋସିଗ୍ନେଚର୍ସ' ନାମକ ଏହି ଇଣ୍ଟରଡିସିପ୍ଲିନାରି ପ୍ରୋଜେକ୍ଟ ଦ୍ୱାରା ନୂତନ ଶ୍ରେଣୀର ଜୀବ ଅନୁସନ୍ଧାନକାରୀ କୌଶଳ ବିକାଶ କରାଯାଇପାରିବ। ଏହି



ଯନ୍ତ୍ରକୁ ମଙ୍ଗଳ ଅଭିଯାନଠାରୁ ଆରମ୍ଭକରି ସୌରମଣ୍ଡଳର ଅନ୍ୟାନ୍ୟ ଗ୍ରହରେ ମଧ୍ୟ ବ୍ୟବହାର କରାଯାଇପାରିବ। 'ନାସା'ର ଆଷ୍ଟ୍ରୋବାୟୋଲୋଜି ପ୍ରୋଗ୍ରାମ୍ ଏଥିପାଇଁ ୭ନିୟୁତ ଆମେରିକୀୟ ଡଲାର ଅର୍ଥ ମଞ୍ଜୁର କରିଛି। ଆମ ପୃଥିବୀରେ ଯେଭଳି ଜୀବସତ୍ତା ରହିଛି ପୃଥିବୀ ବାହାରେ କୌଣସି ଜୀବ ଥିବା ବିଷୟରେ ଜାଣିବା ପାଇଁ ବୈଜ୍ଞାନିକମାନେ ଉତ୍ସାହିତ ହୋଇପଡ଼ିଛନ୍ତି ବୋଲି ନାସାର ଗଡାର୍ଡ ସ୍ପେସ୍ ଫ୍ଲାଇଟ୍ ସେଣ୍ଟର୍‌ର ଡେପୁଟି ପ୍ରିନ୍ସିପାଲ୍ ଇନ୍‌ଭେଷ୍ଟିଗେଟର ହିଦର ଗ୍ରାହାମ୍ ପ୍ରକାଶ କରିଛନ୍ତି। ପୃଥିବୀ ବାହାରେ ଜୀବନ ଅନୁସନ୍ଧାନର ଫଳାଫଳ– 'ହଁ, ଆମେ ଜୀବସତ୍ତା ପାଇଲୁ', 'ନା, ଆମେ ପାଇଲୁ ନାହିଁ' ମଧ୍ୟରୁ ଗୋଟିଏ ବିଷୟ ନିର୍ଦ୍ଧାରିତ ହୋଇପାରିବ ବୋଲି ଗ୍ରାହାମ୍ ପ୍ରକାଶ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହାର ଲୁଣ ଖାଏ
ତାହାର ଗୁଣ ଗାଏ ।**

ସାଧାରଣତଃ ଲୁଣ ଖାଇଥିବା ବ୍ୟକ୍ତି ଋଣୀ ହୋଇଥାନ୍ତି। ଏପରିସ୍ଥଳେ ସାହାଯ୍ୟ କରିଥିବା ବ୍ୟକ୍ତିଙ୍କ ପ୍ରତି କୃତଜ୍ଞ ରହିବା ମାନବିକତାର ପରିଚୟ ହୋଇଥାଏ। କୌଣସି ବ୍ୟକ୍ତିଙ୍କଠାରୁ କିଛି ଉପକାର ବା ସାହାଯ୍ୟ ସମର୍ଥନ ପାଇଲେ ତାଙ୍କର ଗୁଣଗାନ କରିବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯିଏ ଯେଉଁ ପାଇଁ ଲେଖା
ତାଙ୍କୁ ସେଇ ଦରପଣ ଦେଖା ।**

ବ୍ୟକ୍ତିର ସ୍ତର ଅନୁସାରେ ଅବସ୍ଥାପନା କରିବାର ବ୍ୟବସ୍ଥା। ମଣିଷର ଗୁଣ ଏବଂ ବ୍ୟବହାର ହିଁ ତା'ର ଅସଲ ପରିଚୟ ଓ ଯୋଗ୍ୟତା ହୋଇଥାଏ। ଯେଉଁମାନେ ଅନ୍ୟ ପ୍ରତି ଭଲ ବ୍ୟବହାର ଦେଖାନ୍ତି, ତାଙ୍କ ପ୍ରତି ଅନ୍ୟମାନେ ମଧ୍ୟ ସେଭଳି ବ୍ୟବହାର ଦେଖାଇଥାନ୍ତି। ଯେସାକୁ ତେସା ନ୍ୟାୟରେ ଯିଏ ଯେମିତି ବ୍ୟବହାର ପାଇବା ଯୋଗ୍ୟ ତାକୁ ସେମିତି ବ୍ୟବହାର ମିଳିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ରହିବ ବୋଲି ଅନୁମାନ କରାଯାଉଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୯ | ୨୧.୫ |
| ଚାନ୍ଦବାଲି | ୩୩.୨ | ୨୩.୯ |
| କଟକ | ୩୨.୮ | ୨୧.୪ |
| ପାରାଦ୍ୱୀପ | ୩୦.୮ | ୨୫.୦ |
| ଭୁବନେଶ୍ୱର | ୩୪.୧ | ୨୨.୪ |
| ଗୋପାଳପୁର | ୩୩.୭ | ୨୪.୧ |
| ପୁରୀ | ୩୩.୦ | ୨୫.୬ |
| ଅନୁଗୋଳ | ୩୪.୧ | ୧୮.୬ |
| ବାରିପଦା | ୩୧.୫ | ୨୨.୪ |
| ଝାରସୁଗୁଡ଼ା | ୩୩.୫ | ୨୦.୫ |
| କେନ୍ଦୁଝର | ୩୧.୭ | ୧୮.୯ |
| ସମ୍ବଲପୁର | ୩୪.୫ | ୨୦.୩ |
| ସୁନ୍ଦରଗଡ଼ | ୩୩.୦ | ୨୦.୦ |
| ହୀରାକୁଦ | ୩୪.୧ | ୨୦.୯ |
| ତାଳଚେର | ୩୫.୬ | ୨୧.୩ |
| ଭବାନୀପାଟଣା | ୩୩.୪ | ୧୮.୬ |
| ବଲାଙ୍ଗୀର | ୩୪.୦ | ୨୦.୦ |
| କୋରାପୁଟ | ୩୦.୨ | ୧୮.୨ |
| ଫୁଲବାଣୀ | ୩୨.୨ | ୧୫.୮ |
| ଟିଟିଲାଗଡ଼ | --- | ୧୮.୦ |
| ମାଲକାନଗିରି | ୩୫.୦ | --- |
| ସୋନପୁର | ୩୫.୨ | ୨୧.୪ |
| ଦାରିଙ୍ଗିବାଡ଼ି | ୨୮.୫ | ୧୪.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ବେଙ୍ଗାଲୁରୁ ଛାତ୍ର ପାଇବେ ୨.୯୨ କୋଟି ପୁରସ୍କାର



**ବେଙ୍ଗାଲୁରୁ:** ସିଟି ସ୍କୁଲର ୧୬ବର୍ଷର ଛାତ୍ର ସମୟ ଗୋଡିକା ଶିକ୍ଷାଭିତ୍ତିକ ପୁରସ୍କାର ସ୍ୱରୂପ ୪ଲକ୍ଷ ଆମେରିକୀୟ ଡଲାର ପାଇବାକୁ ଯାଉଛନ୍ତି। ଭାରତୀୟ ମୁଦ୍ରାରେ ଏହାର ମୂଲ୍ୟ ପାଖାପାଖି ୨.୯୨ କୋଟି ଟଙ୍କା। ପୁରସ୍କାର ଅର୍ଥ ଦ୍ୱାରା ସମୟ, ତାଙ୍କ ଶିକ୍ଷକ ଏବଂ ସ୍କୁଲ ଉପକୃତ ହୋଇପାରିବେ। ବିଶ୍ୱସ୍ତରୀୟ ସାଇନ୍ସ ଭିଡିଓ ପ୍ରତିଯୋଗିତାର ଚତୁର୍ଥ ବାର୍ଷିକ 'ବ୍ରେକ୍‌ଥ୍ରୋ ଜୁନିୟର ଚ୍ୟାଲେଞ୍ଜ'ରେ ସମୟ ବିଜୟୀ ହୋଇ ପୁରସ୍କୃତ ହେବାକୁ ଯାଉଛନ୍ତି। ଆମେରିକା ଭିତ୍ତିକ ବ୍ରେକ୍‌ଥ୍ରୋ ପ୍ରାଇଜ୍ ଦ୍ୱାରା ନ୍ୟାଶନାଲ୍ ପବ୍ଲିକ୍ ସ୍କୁଲ୍, କୋରମଙ୍ଗଳର ଜୁନିୟର ଛାତ୍ର ସମୟ ଚଳିତ ବର୍ଷର 'ବ୍ରେକ୍‌ଥ୍ରୋ ଜୁନିୟର ଚ୍ୟାଲେଞ୍ଜ' ବିଜୟୀ ହୋଇଥିବା ଘୋଷଣା କରାଯାଇଥିଲା। ସେ ସିର୍କାଡିଆନ୍ ରିଦିମ୍ (୨୪ଘଣ୍ଟିଆ ଜୀବନଚକ୍ର) ଉପରେ ଲାଇଫ୍‌ସାଇନ୍ସ କାଟେଗୋରିରେ ଏକ ଭିଡିଓ ଦାଖଲ କରିଥିଲେ। ଦୈନନ୍ଦିନ ଜୀବନଚକ୍ର ଦ୍ୱାରା ଶାରୀରିକ, ମାନସିକ ଓ ବ୍ୟବହାରରେ କିପରି ପରିବର୍ତ୍ତନ ହୁଏ ତାହା ଭିଡିଓରେ ଦର୍ଶାଯାଇଥିଲା।

ବ୍ରେକ୍‌ଥ୍ରୋ ଜୁନିୟର ଚ୍ୟାଲେଞ୍ଜ ହେଉଛି ଏକ ବିଶ୍ୱସ୍ତରୀୟ ବିଜ୍ଞାନ ଭିଡିଓ ପ୍ରତିଯୋଗିତା। ଏହା ଜୀବବିଜ୍ଞାନ, ପଦାର୍ଥ ବିଜ୍ଞାନ ଏବଂ ଗଣିତ କ୍ଷେତ୍ରରେ ସୃଜନଶୀଳତାକୁ ଅନୁପ୍ରେରିତ କରେ। ସମୟ ଏଥିପାଇଁ ସ୍କଲାରଶିପ୍ ବାବଦରେ ୨,୫୦,୦୦୦ ଆମେରିକୀୟ ଡଲାର, ନବମ ଓ ଦଶମ ଶ୍ରେଣୀ ବିଜ୍ଞାନ ଶିକ୍ଷକ ପ୍ରମିଳା ମେନନ୍ ପାଇବେ ୫୦,୦୦୦ ଡଲାର ଏବଂ ତାଙ୍କ ସ୍କୁଲ୍‌ର ସାଇନ୍ସ ଲାବ୍ ପାଇଁ ୧ଲକ୍ଷ ଡଲାର ପ୍ରଦାନ କରାଯିବ। ବିଜ୍ଞାନ ଶିକ୍ଷୟିତ୍ରୀ ମେନନ୍ ସ୍କୁଲ୍ ପାଠ ବ୍ୟତୀତ ଜୀବବିଜ୍ଞାନରେ ଗବେଷଣା ପାଇଁ ସମୟଙ୍କୁ ଉତ୍ସାହିତ କରିବା ସହିତ ତାଙ୍କର ମାର୍ଗଦର୍ଶକ ଥିଲେ।

# ଫିଲ୍ମ ଉତ୍ସବର ମୁଖ୍ୟ ଅତିଥି

**କୋଲକାତା:**

ବେଙ୍ଗଲି ଫିଲ୍ମର ୧୦୦ବର୍ଷ ପୂର୍ତ୍ତି ଉପଲକ୍ଷେ ୨୪ତମ କୋଲକାତା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବ (କେଆଇଏଫ୍ଏଫ୍) ଆୟୋଜିତ ହେବାକୁ ଯାଉଛି। ଏହାକୁ ଉଦ୍‌ଘାଟନ କରିବେ ବଲିଉଡ୍ ସୁପରଷ୍ଟାର ଅମିତାଭ ବଚ୍ଚନ। ନଭେମ୍ବର ୧୦ରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ଉତ୍ସବରେ ଭାରତୀୟ ସିନେମାର ବହୁ ସୁପରଷ୍ଟାର ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଉତ୍ସବ ୮ଦିନ ଧରି ଆୟୋଜନ ହେବ। ୭୦ଟି ଦେଶର ୧୭୧ଟି ଫିଚର ଫିଲ୍ମ, ୧୫୦ଟି ଶର୍ଟସ ଏବଂ ଡକ୍ୟୁମେଣ୍ଟାରି ଏଥିରେ ପ୍ରଦର୍ଶିତ ହେବ। କୋଲକାତାର ୧୬ଟି ଅଡିଟୋରିୟମ୍‌ରେ ଏଗୁଡିକ ପ୍ରଦର୍ଶିତ ହେବ। ଉଦ୍‌ଘାଟନୀ ଉତ୍ସବରେ ବେଙ୍ଗଲି କ୍ଲାସିକ୍ ଫିଲ୍ମ 'ଆଣ୍ଟୋନି ଫିରିଙ୍ଗି' ପ୍ରଦର୍ଶିତ ହେବ। ବଚ୍ଚନଙ୍କ ବ୍ୟତୀତ ଉଲ୍ଲେଖଯୋଗ୍ୟ ଇରାନୀୟ ଫିଲ୍ମ ନିର୍ଦ୍ଦେଶକ ମାଜିଦ୍ ମାଜିଦି, ଅଷ୍ଟ୍ରେଲୀୟ ନିର୍ଦ୍ଦେଶକ ସାଇମନ ବେକର, ଜିଲ୍ ବିଲକକ୍ ଏବଂ ଫିଲିପ୍ ନୋଇସି ଉଦ୍‌ଘାଟନୀ ଉତ୍ସବକୁ ଗୌରବାନ୍ୱିତ କରିବେ। ନେତାଜୀ ଇନ୍‌ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ଉତ୍ସବରେ ସଭାପତିତ୍ୱ କରିବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ଦତ୍ତ, ଜୟା ବଚ୍ଚନ, ୱାହିଦା ରହମନ୍, ନନ୍ଦିତା ଦାସ ପ୍ରମୁଖ ଉପସ୍ଥିତ ରହିବେ ବୋଲି ରାଜ୍ୟ ଯୁବ ଓ କ୍ରୀଡାମନ୍ତ୍ରୀ ଏବଂ ଉତ୍ସବର ମୁଖ୍ୟ ପରାମର୍ଶଦାତା ଅରୂପ ବିଶ୍ୱାସ ପ୍ରକାଶ କରିଛନ୍ତି।




# ପର୍ଯ୍ୟଟକଙ୍କୁ ୧୦ ଭାଷାରେ ସୂଚନା

**ନୂଆଦିଲ୍ଲୀ:** ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ସୋମବାର ଏକ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯାଇଛି। ଏଠାରେ ୧୦ଟି ଭାଷାରେ ପର୍ଯ୍ୟଟକମାନଙ୍କୁ ସୂଚନା ମିଳିପାରିବ। ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ କେ.ଜେ. ଆଲଫନ୍ସ ଏହି ସ୍ୱତନ୍ତ୍ର ବୁଥ୍‌କୁ ଉଦ୍‌ଘାଟନ କରିଛନ୍ତି। ଏଠାରେ ଉଭୟ ଅନ୍ତର୍ଜାତୀୟ ଏବଂ ଭାରତୀୟ ପର୍ଯ୍ୟଟକଙ୍କୁ ୨୪ଘଣ୍ଟିଆ ସୂଚନା ସେବା ଯୋଗାଇ ଦିଆଯିବ। ଉକ୍ତ କାଉଣ୍ଟରକୁ ପର୍ଯ୍ୟଟନ ମନ୍ତ୍ରଣାଳୟର ହେଲ୍‌ପଲାଇନ୍ ନମ୍ବର–୧୩୬୩ ସହିତ ସଂଯୁକ୍ତ କରାଯିବ; ଯଦ୍ୱାରା ଇଂଲିଶ୍ ଜାଣି ନ ଥିବା ପର୍ଯ୍ୟଟକଙ୍କୁ ପାର୍ସୀ, ଜର୍ମାନୀ, ଇଟାଲୀ, ପର୍ତ୍ତୁଗିଜୀ, ରୁଷୀୟ, ଜାପାନୀ, କୋରୀୟ ଚାଇନା ଏବଂ ଆରବୀୟ ଭାଷାରେ ସୂଚନା ଦିଆଯାଇପାରିବ।


ଅର୍ଶ (ମଳକଣ୍ଟକ) ଓ ଭଗନ୍ଦରର ବିନା ଅପରେସନ୍‌ରେ ସଫଳ ଚିକିତ୍ସା
ପରାମର୍ଶ ସମୟ ସକାଳ ୯ଟାରୁ ରାତ୍ର ୮ଟା
ପାର୍ଶ୍ୱପ୍ରତିକ୍ରିୟାବିହୀନ ଔଷଧ ଦ୍ୱାରା ଓଜନ ବଢ଼ାନ୍ତୁ
ସବୁଦିନ କ୍ଲିନିକ୍ ଖୋଲାରହେ
Call Us
94371 38000
94371 36000
0674-2354577
0674-2354320
ଗୋପନରେ ମଦ, ହେରୋଇନ୍, ବ୍ରାଉନ୍‌ସୁଗାର୍, ସିଗାରେଟ୍, ଚରସ୍, ଗଞ୍ଜେଇ, ଭାଙ୍ଗ, ଅଫିମ, ଖୈନୀ, ଗୁଟ୍‌ଖା ଛଡାନ୍ତୁ
PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Get Instant Cash against Gold, Sell Your Gold at 100% Market Value
GOLD CASH LTD (an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

କଣ ଆପଣ ଅସୁବିଧାରେ ଅଛନ୍ତି କି? ଅଲଇଣ୍ଡିଆ ଖୋଲା ଚାଲେଞ୍ଜ ୨ ଘଣ୍ଟାରେ ୧୦୦% ସମାଧାନ କାମ ନହେଲେ ଟଙ୍କା ଫେରସ୍ତ ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି? କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିଆ କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ)
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍–୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଗା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଦୀପାବଳି ଧମାକା
ମୁଦ୍ରା ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରୀକଲ୍ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
7078300382
7078299164
SCO-106, Second Floor, Vishal Tower, Connaught Place, Delhi

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

(ଦୀପାବଳି ଋଣ ଧମାକା)
KUBER FINANCE
ସରକାରୀ ଜନଧନ ଯୋଜନା ଅଧୀନରେ ସବୁ ପ୍ରକାରର ଋଣ ପାଆନ୍ତୁ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ 50,000ରୁ 1 କୋଟି ପର୍ଯ୍ୟନ୍ତ । 1% ସୁଧ, 50% ରିହାତି। ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ।
Call Now:
8295564405
7496890187
Shaldoha, Mahushmuriya, East Singhbhum, Baharagora Jharkhand - 832301

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ୍ ଦେଇ ମାତ୍ର ତିନି ଦିନରେ ଶିକ୍ଷାଋଣ, ବ୍ୟବସାୟ ଋଣ ଏବଂ ସୁନାଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ:
3 Salt Lake, Sector-5, KOLKATA-700091
9874247647

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

## ସଂକ୍ଷେପରେ

## ଜାନୁୟାରୀ ୧୧ରୁ ବରଗଡ଼ ଧନୁଯାତ୍ରା

ବରଗଡ଼ ଅଫିସ୍,୫।୧୧- ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ୨୦୧୯ ଜାନୁୟାରୀ ୧୧ରୁ ଆରମ୍ଭ ହେବ। ଏହା ୨୧ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥର ୭୦ତମ ବର୍ଷରେ ପଦାର୍ପଣ କରୁଥିବା ଧନୁଯାତ୍ରା ମହୋତ୍ସବରେ ଆଲୋକ ସାଜସଜ୍ଜାଠାରୁ ମଞ୍ଚ, ତୋରଣ ଏବଂ କଳାକାରଙ୍କ ଅଭିନୟ ଅନ୍ୟ ବର୍ଷ ତୁଳନାରେ ଆହୁରି ଆକର୍ଷଣୀୟ ହେବ। ଏଥର ମଧ୍ୟ ଗତ ଧନୁଯାତ୍ରା ଭଳି ମହୋତ୍ସବର ପ୍ରଥମ ୭ଦିନ ହାଟପଦା ମଞ୍ଚ ଏବଂ ଶେଷ ୪ଦିନ ଲୋକମଣ୍ଡପ ପଡ଼ିଆର ମଞ୍ଚ ରାଜ ଦରବାର ପାଲଟିବ। ଧନୁଯାତ୍ରା ମହୋତ୍ସବ ପାଇଁ ଆସନ୍ତା ଡିସେମ୍ବର ୭ ତାରିଖ ପରେ ନିର୍ଦ୍ଦିଷ୍ଟ ଦିବସର ଶୁଭବେଳାରେ ଶୁଭସ୍ତମ୍ଭ ସ୍ଥାପନ କରାଯିବ। ସୋମବାର ଅପରାହ୍ନ ସାଢ଼େ ୩ଟାରେ ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଧନୁଯାତ୍ରା ମହୋତ୍ସବ ସମିତିର ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ।

## ଯୁବକଙ୍କୁ ଗଳାକାଟି ହତ୍ୟା

ବୈପାରୀଗୁଡ଼ା , ୫।୧୧(ଡି.ଏନ୍.ଏ): ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ରାମଗିରୀ ଫାଣ୍ଡି ଅଧୀନସ୍ଥ ତେନ୍ତୁଳିଗୁମ୍ମା ପଞ୍ଚାୟତ ଅଁଳାଗୁଡ଼ା ଗ୍ରାମର ଜଣେ ଯୁବକଙ୍କୁ ଗଳାକାଟି ହତ୍ୟା କରାଯାଇଛି। ମୃତ ଯୁବକ ହେଲେ ସୋମନାଥ ଭୂମିଆ (୩୦) । ପ୍ରକାଶ ଯେ, ରବିବାର ରାତି ପ୍ରାୟ ୮ଟା ବେଳେ କେତେକ ଦୁର୍ବୃତ୍ତ ସୋମନାଥଙ୍କୁ ଘରୁ ଡ଼ାକିନେଇ କିଛି ଦୂରରେ ଗଳାକାଟି ହତ୍ୟା କରି ଫେରାର୍ ହୋଇଯାଇଥିଲେ। କିନ୍ତୁ ହତ୍ୟାର କାରଣ ଏ ଯାଏ ସ୍ପଷ୍ଟ ହୋଇ ନ ଥିଲେ ମଧ ଏହା ମାଓବାଦୀ ପ୍ରବଣ ଅଞ୍ଚଳ ହୋଇଥିବାରୁ ଘଟଣା ପଛରେ ମାଓବାଦୀଙ୍କ ହାତ ଥିବା ସନ୍ଦେହ କରାଯାଉଛି। ଅପରପକ୍ଷେ ଘଟଣାସ୍ଥଳରେ କୌଣସି ମାଓବାଦୀ ପୋଷ୍ଟର ଲାଗି ନ ଥିବାରୁ ଏମାନଙ୍କ ହାତ ଥିବା ସ୍ପଷ୍ଟ ହୋଇପାରିନାହିଁ । ତେବେ ଜମିବାଡ଼ି ସଂକ୍ରାନ୍ତୀୟ ପୂର୍ବ ଶତ୍ରୁତାକୁ ନେଇ ସୋମନାଥଙ୍କୁ ହତ୍ୟା କରାଯାଇଥିବା ଅନ୍ୟ କେତେକ ଅସମର୍ଥିତ ସୂତ୍ରରୁ ସନ୍ଦେହ କରାଯାଉଛି। ଏ ନେଇ ରାମଗିରୀ ଫାଣ୍ଡି ଅଧିକାରୀ ସୁବ୍ରତ ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବାରୁ , ଘଟଣା ସମ୍ପର୍କରେ ପୋଲିସ ପାଖରେ କୌଣସି ଏତଲା ଦିଆଯାଇ ନ ଥିବା ପ୍ରକାଶ କରିଛନ୍ତି।

### ତନ୍ତ୍ର ସାଧନା ପାଇଁ ସ୍ତ୍ରୀଙ୍କୁ ବଳି ଘଟଣା

## ମିଳିଲାନି ପାପୁଲି, ଜେଲ୍‌ଗଲେ ଅଭିଯୁକ୍ତ

ନାକଟିଦେଉଳ, ୫।୧୧ (ଡି.ଏନ.ଏ.) ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅନ୍ତର୍ଗତ ହିତସରା ଗ୍ରାମରେ ମାଁ କାଳୀଙ୍କ ସ୍ୱପ୍ନାଦେଶ ପାଇ ସ୍ତ୍ରୀକୁ ବଳି ଦେବା ଘଟଣାରେ ପୋଲିସ ଅଭିଯୁକ୍ତ ହତ୍ୟାକାରୀ ସ୍ୱାମୀ ଚଗଲା ସେଠୀଙ୍କୁ ସୋମବାର ରେଢ଼ାଖୋଲ କୋର୍ଟ ଚାଲାଣ କରିଥିଲା। ହେଲେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରେଢ଼ାଖୋଲ ଜେଲକୁ ପଠାଇ ଦିଆଯାଇଛି। ହେଲେ ସୋମବାର ମଧ ଜଙ୍ଗଲରେ ପୋଲିସ ମୃତ ସୁଲୋଚନାଙ୍କ କଟା ପାପୁଲି ଖୋଜି ପାଇ ପାରିନି। ଏଣୁ ନିରାଶରେ ଫେରିଛି। ବଳି ପଡିଥିବା ଚଗଲାଙ୍କ ସ୍ତ୍ରୀ ସୁଲୋଚନାଙ୍କ ଗଳିତ ମୃତଦେହକୁ ଗତ ୩ ତାରିଖ ପୋଲିସ ଜବତ କରିଥିଲା। ସୋମବାର ବୁର୍ଲା ମେଡିକାଲରେ ବ୍ୟବଚ୍ଛେଦ କରାଯାଇଥିଲା। ହେଲେ ମୃତଦେହ ଘରକୁ ନେଇ ସଂସ୍କାର କରିବା ସମ୍ଭବ ନ ଥିବାରୁ ପୋଲିସ ସହାୟତାରେ ସମ୍ବଲପୁର ସମଲେଶ୍ୱରୀ ମନ୍ଦିର ନିକଟସ୍ଥ ସ୍ୱର୍ଗଦ୍ୱାରରେ ସୁଲୋଚନାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ଭାଇ ଦେବଗଡ ଜିଲା ରିଆମାଳ ଥାନା ଚୁହିଲାମାଲ ଗ୍ରାମର ପ୍ରଶନ୍ନ ବେହେରା, ପୁତୁରା ବାଟଗାଁ ଗ୍ରାମ ପଞ୍ଚାୟତର ୱାର୍ଡ ସଭ୍ୟ କ୍ଷୀତିଶ ସେଠୀଙ୍କ ଉପସ୍ଥିତିରେ ଦାହ କରାଯାଇଛି। ମୃତ ସୁଲୋଚନା ଏବଂ ହତ୍ୟାକାରୀ ଚଗଲାଙ୍କ ୨ଟି ପୁଅ ଝିଅ ଅଛନ୍ତି । ଝିଅ ସଂଯୁକ୍ତା ସେଠୀ ବଟଗାଁ ହାଇସ୍କୁଲରେ ୯ମ ଶ୍ରେଣୀରେ ପଢୁଥିବା ବେଳେ ପୁଅ ବୈକୁଣ୍ଠ ୬ଷ୍ଠ ଶ୍ରେଣୀରେ ପଢୁଛନ୍ତି। ମା' ଚାଲିଯିବା ଓ ବାପା ଜେଲ ଯିବା ପରେ ଏ ଦୁହେଁ ସଂପୂର୍ଣ୍ଣ ଅସହାୟ ହୋଇପଡିଛନ୍ତି । ସୂଚନାଯୋଗ୍ୟ, ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧରେ ଦୀର୍ଘ ବର୍ଷ ହେଲା ଝଗଡା ହୋଇ ଆସୁଥିଲା। ସୁଲୋଚନା ସ୍ୱାମୀଙ୍କ ପରକୀୟା ପ୍ରୀତିକୁ ବିରୋଧ କରି ଆସୁଥିଲା। ଏଥିପାଇଁ ଗ୍ରାମ କମିଟିରେ ବିଭିନ୍ନ ସମୟରେ ସମାଧାନ ଲାଗି ବୈଠକ ମଧ ବସିଛି। ଏଣୁ ବଳି ଦେବା ଘଟଣାକୁ ଚଗଲା ବାରମ୍ବାର ଦୋହରାଉ ଥିଲେ ମଧ ଲୋକେ ଏହାକୁ ସହଜରେ ବିଶ୍ୱାସ କରି ପାରୁନାହାନ୍ତି ।

# ଶିଶୁ ଯୌନ ନିର୍ଯାତନାରେ ଚତୁର୍ଥ ସ୍ଥାନରେ ଓଡ଼ିଶା

ଭୁବନେଶ୍ୱର, ୫।୧୧(ବ୍ୟୁରୋ)

ଆମ ରାଜ୍ୟରେ ବର୍ତ୍ତମାନ ଶିଶୁ ଯୌନ ନିର୍ଯାତନା ଏକ ବଡ଼ ସମସ୍ୟା ହୋଇ ଛିଡ଼ା ହୋଇଛି। ଭାରତ ସରକାରଙ୍କ ଏକ ରିପୋର୍ଟ ଅନୁଯାୟୀ ୫୩% ଶିଶୁ ଭାରତରେ ଯୌନ ନିର୍ଯାତନାର ଶିକାର ହେଉଛନ୍ତି। ଏ କ୍ଷେତ୍ରରେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଛି। ରାଜ୍ୟରେ ପାଖାପାଖି ୩୬ଲକ୍ଷ ଶିଶୁ ଯୌନ ନିର୍ଯାତନାର ଶିକାର ହେଉଥିବାବେଳେ ସେମାନଙ୍କ ମଧ୍ୟରୁ ୪୭.୦୬% ଝିଅ ଓ ୫୩.୯୪% ପୁଅ ରହିଛନ୍ତି। ବିଶେଷକରି ବିଦ୍ୟାଳୟରେ ହିଁ ଶିଶୁମାନେ ଅଧିକ ନିର୍ଯାତନାର ଶିକାର ହେବାର ସମ୍ଭାବନା ରହିଥାଏ। ତେବେ ବିଦ୍ୟାଳୟରେ ସଚେତନତା ଅଭାବ ଓ ଅଭିଯୋଗକୁ କର୍ତ୍ତୃପକ୍ଷ ସେପରି ଗୁରୁତ୍ୱ ଦେଉ ନ ଥିବାରୁ ଏପରି ସ୍ପର୍ଶକାତର ଘଟଣା ବଢ଼ି ଚାଲିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ୨୦୧୪ ଅଗଷ୍ଟ ୨୩ରେ ସମସ୍ତ ସ୍କୁଲ ଓ ଶିକ୍ଷାନୁଷ୍ଠାନରେ ଶିଶୁ ସୁରକ୍ଷା ଗାଇଡ୍‌ଲାଇନ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଜ୍ଞପ୍ତି ପ୍ରକାଶ ପାଇବାର ୨ ମାସ ଭିତରେ ଏହାକୁ ପାଳନ କରିବାକୁ କୁହାଯାଇଥିଲା। ଏହାପରଠୁ ସବୁକିଛି କେବଳ କାଗଜକଲମରେ ସୀମିତ ରହିଛି। ରାଜ୍ୟ ସରକାର ଚୁପ୍ ବସିଥିବାବେଳେ ଶିଶୁ ସୁରକ୍ଷା ଆଇନ କିପରି କର୍ଯ୍ୟକାରୀ ହେଉଛି ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ନିର୍ଦ୍ଦେଶକୁ କିପରି ପାଳନ କରୁଛନ୍ତି ତାହାର ସମୀକ୍ଷା କରାଯାଉ ନାହିଁ।

ହସ୍ତଗତ ସୂଚନାନୁସାରେ, ରାଜ୍ୟର କୌଣସି ବି ବିଦ୍ୟାଳୟ କର୍ତ୍ତୃପକ୍ଷ ଶିଶୁ ସୁରକ୍ଷା ଗାଇଡ୍‌ଲାଇନ୍ ମାନୁ ନାହାନ୍ତି। କିଛି ମାସ ତଳେ ଖୋର୍ଦ୍ଧା ସିଡବ୍ଲୁସି ପକ୍ଷରୁ ଜିଲାର ୧୦ ବ୍ଲକ ଶିକ୍ଷାଧିକାରୀଙ୍କୁ ଏନେଇ ତାଗିଦ କରାଯିବା ସହ ଗାଇଡ୍‌ଲାଇନ୍ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତଥାପି କିଛି ସୁଫଳ ମିଳି ନ ଥିଲା। ନିକଟରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ଏକ ବିଦ୍ୟାଳୟରେ ଯୌନ ନିର୍ଯାତନା ଦିଆଯାଉଥିବା ଘଟଣା ପଦାକୁ ଆସିବା ପରେ ଅଭିଭାବକ ମହଲରେ ଚିନ୍ତା ବଢ଼ାଇ ଦେଇଥିଲା।

- ବିଦ୍ୟାଳୟରେ ସମ୍ଭାବନା ଅଧିକ
- କର୍ତ୍ତୃପକ୍ଷ ମାନୁନାହାନ୍ତି ଗାଇଡ୍‌ଲାଇନ



**ଚାଇଲ୍ଡ ଲାଇନ୍ ପକ୍ଷରୁ ପିଟିଶନ**

ରାଜ୍ୟର ସମସ୍ତ ବିଦ୍ୟାଳୟରେ ଶିଶୁ ସୁରକ୍ଷା ଗାଇଡ୍‌ଲାଇନ୍ କାର୍ଯ୍ୟକ୍ଷମ କରିବା ପାଇଁ ଚାଇଲ୍ଡଲାଇନ ଭୁବନେଶ୍ୱରର ଭାରପ୍ରାପ୍ତ ନିର୍ଦ୍ଦେଶକ ଡ. ବେଣୁଧର ସେନାପତି ସୋମବାର ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନଙ୍କ ନିକଟରେ ପିଟିଶନଦାଖଲ କରିଛନ୍ତି। ଚାଇଲ୍ଡଲାଇନ ପକ୍ଷରୁ ଅନେକ ପ୍ରସ୍ତାବ ଦିଆଯାଇଛି। ଗାଇଡ୍‌ଲାଇନ୍‌କୁ କଡାକଡି ପାଳନ କରିବା ପାଇଁ କମିଶନ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ତୁରନ୍ତ ନିର୍ଦ୍ଦେଶ ଦେବା ଉଚିତ ବୋଲି ପରାମର୍ଶ ଦିଆଯାଇଛି। ସେହିପରି ଚାଇଲ୍ଡଲାଇନ ପକ୍ଷରୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଶାସନ ସଚିବ ଅନୁ ଗର୍ଗ ଏବଂ ନିର୍ଦ୍ଦେଶକ ରେଘୁ ଜୀଙ୍କ ନିକଟରେ ମଧ ପିଟିଶନ ଦାଖଲ କରାଯାଇଛି। ଶୀଘ୍ର ଏ କ୍ଷେତ୍ରରେ ପଦକ୍ଷେପ ନିଆଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିବା ବେଣୁଧର କହିଛନ୍ତି।

# ସନ୍ତରଣ ଅଭ୍ୟାସ ବେଳେ ବୁଡ଼ିଗଲେ ୨ ଭାଇ

ବ୍ରହ୍ମପୁର ଅଫିସ୍,୫।୧୧

- ଜଣେ ମୃତ, ଜଣେ ଜୀବିତ
- ଅଧାରେ ରହିଲା ସୈନ୍ୟ ବାହିନୀ ସ୍ୱପ୍ନ

ସନ୍ତରଣ ଅଭ୍ୟାସ ବେଳେ ସିଂ ପୋଖରୀର ୨୦ ଫୁଟ ଜଳରେ ସୋମବାର ୨ ଭାଇ ବୁଡିଯାଇଥିଲେ। ଜଣଙ୍କୁ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରିଥିବା ବେଳେ ଆଉ ଜଣଙ୍କୁ ବ୍ରହ୍ମପୁର ଅଗ୍ନିଶମ ବିଭାଗ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଛି। ବଡ ଭାଇଙ୍କୁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ମୃତକ ହେଲେ ଲାଞ୍ଜିପଲ୍ଲୀ ଅଞ୍ଚଳର ସୋମନାଥ ନାୟକଙ୍କ ବି.ଟେକ୍ ପଢୁଥିବା ପୁଅ କୁଳଦୀପ କୁମାର ନାୟକ (୨୩)।

ପ୍ରକାଶଯେ, ଭାରତୀୟ ସେନାର ବିଭିନ୍ନ ସାକ୍ଷାତ୍‌କାର ପାଇଁ ସନ୍ତରଣର ଆବଶ୍ୟକ ଥିବାରୁ କୁଳଦୀପ ଓ ତାଙ୍କ ଭାଇ କ୍ଷେତ୍ରମୋହନ ଘର ନିକଟ ଲାଞ୍ଜିପଲ୍ଲୀ ସିଂ ପୋଖରୀକୁ ସୋମବାର ସକାଳେ ଅଭ୍ୟାସ କରିବାକୁ ଯାଇଥିଲେ। ଅଭ୍ୟାସ ସମୟରେ ୨୦ ଫୁଟ ଗଭୀରକୁ ଉଭୟେ ଚାଲି ଯାଇଥିଲେ। ବହୁ ଚେଷ୍ଟା ପରେ କୂଳକୁ ନ ଫେରି ପାରିବାରୁ ଦୁଇ ଜଣ ଚିତ୍କାର କରିଥିଲେ। ପାଟି ଶୁଣି ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ବହୁ ଚେଷ୍ଟା ପରେ କେବଳ କ୍ଷେତ୍ରମୋହନଙ୍କୁ ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲେ। କ୍ଷେତ୍ରମୋହନ ସୁସ୍ଥ ଥିବା ବେଳେ କୁଳଦୀପ ବହୁ ଗଭୀରକୁ ଚାଲି ଯାଇଥିଲେ। ଲୋକେ ବାଧହୋଇ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅଣ୍ଡର୍ ୱାଟର୍ ବ୍ରିଦିଙ୍ଗ୍ ଆପାରାଟସ୍ (ବି.ଏ.) ସେଟ୍ ମାଧମରେ ପୋଖରୀର ଗଭୀରକୁ ଯାଇ ସଂଜ୍ଞାହୀନ ଅବସ୍ଥାରେ କୁଳଦୀପଙ୍କୁ ଉଦ୍ଧାର କରିଥିଲେ। ୪୦ ମିନିଟର କସରତ ପରେ କୁଳଦୀପଙ୍କୁ ଉଦ୍ଧାର କରାଯାଇ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବୈଦ୍ୟନାଥପୁର ପୋଲିସ ନଂ. ୫୬୭/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

## ମୁଖ୍ୟମନ୍ତ୍ରୀଙ୍କୁ ହକି ଇଣ୍ଡିଆର ଅଭିନନ୍ଦନ

ନୂଆଦିଲ୍ଲୀ, ୫।୧୧

ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହକି ଇଣ୍ଡିଆ ଅଭିନନ୍ଦନ ଜଣାଇଛି। ଗତ ୧ ତାରିଖରେ ନୂଆଦିଲ୍ଲୀରେ ଆୟୋଜିତ ହୋଇଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କୁ ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ହକି (ଏଫ୍ଆଇଏଚ୍) ପୁରସ୍କୃତ କରିଥିଲା। ହକିର ଉନ୍ନତି ତଥା ପ୍ରଚାର ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଲ୍ଲେଖନୀୟ ଯୋଗଦାନକୁ ଦୃଷ୍ଟିରେ ରଖି ତାଙ୍କୁ ସମ୍ମାନଜନକ ଏଫ୍ଆଇଏଚ୍ ପ୍ରେସିଡେଣ୍ଟ୍ସ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଫ୍ଆଇଏଚ୍‌ର ୪୬ତମ କଂଗ୍ରେସରେ ମୁଖ୍ୟମନ୍ତ୍ରୀଙ୍କୁ ଏହି ମର୍ଯ୍ୟାଦାସମ୍ପନ୍ନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୮ରୁ ଆରମ୍ଭ ହେବାକୁଥିବା ପୁରୁଷ ହକି ବିଶ୍ୱକପ୍‌ର ସଫଳ ଆୟୋଜନ ପାଇଁ ଓଡ଼ିଶା ସରକାର ଚେଷ୍ଟିତ ରହି ଆସିଛନ୍ତି। ରାଜ୍ୟରେ ଜାତୀୟ କ୍ରୀଡ଼ା ହକିର ବିକାଶ ନିମନ୍ତେ ଓଡ଼ିଶା ସରକାର ବେଶ୍ ଉତ୍ସାହ ପ୍ରକଟ କରିଆସିଛନ୍ତି। ଭାରତୀୟ ପୁରୁଷ ଓ ମହିଳା ହକି ଦଳର ପ୍ରାୟୋଜକ ଭାବେ ଓଡ଼ିଶା ସରକାର ଅନୁବନ୍ଧିତ ହୋଇଛନ୍ତି। ଏଥିପାଇଁ ଓଡ଼ିଶା ସରକାର ପ୍ରଶଂସାର ପାତ୍ର ବୋଲି ହକି ଇଣ୍ଡିଆ ଅଧକ୍ଷ ମହମ୍ମଦ ମୁସ୍ତାକ୍ ଅହମ୍ମଦ କହିଛନ୍ତି।

## ସରକାରଙ୍କ ସହିତ ଆଲୋଚନା କରିବ ଓମ୍‌ସା

ଭୁବନେଶ୍ୱର, ୫।୧୧ (ବ୍ୟୁରୋ)

ସରକାରଙ୍କ ସହିତ ମଙ୍ଗଳବାର ପୂର୍ବାହ୍ନ ସାଢେ ୧୧ଟାରେ ଓମ୍‌ସା ଆଲୋଚନା କରିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆଲୋଚନା ପାଇଁ ଓମ୍‌ସାକୁ ଡାକିଛି। ଏନେଇ ବିଭାଗ ଏକ ନୋଟିସ୍ ପ୍ରକାଶ କରିଛି। ସ୍ୱତନ୍ତ୍ର ସଚିବ ତଥା ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍ଏଚ୍ଏମ୍) ପରିଚାଳନା ନିର୍ଦ୍ଦେଶିକାଙ୍କ ଅଧକ୍ଷତାରେ ଏନ୍ଏଚ୍ଏମ୍ ସମ୍ମିଳନୀ କକ୍ଷରେ ଆଲୋଚନା ବୈଠକ ବସିବ। ଏହି ବୈଠକରେ ଓମ୍‌ସାର ଦାବି ସମ୍ପର୍କରେ ଆଲୋଚନା କରାଯିବ। ତେବେ ଆଲୋଚନାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ, ଅତିରିକ୍ତ ସଚିବ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ସଚିବ, ଓମ୍‌ସା ସଭାପତି ଏବଂ ସମ୍ପାଦକ ଉପସ୍ଥିତ ରହିବାକୁ ନୋଟିସ୍‌ରେ କୁହାଯାଇଛି।

## ଆଜି ଗଡ଼ିବ ସ୍ମାର୍ଟ ସିଟି ବସ୍

ଭୁବନେଶ୍ୱର, ୫।୧୧ (ବ୍ୟୁରୋ)

ହକି ବିଶ୍ୱକପ୍ ପାଇଁ ପର୍ଯ୍ୟଟକ ଏବଂ ସହରବାସୀଙ୍କ ଯାତାୟାତ ସୁବିଧା ନିମନ୍ତେ ମଙ୍ଗଳବାରଠାରୁ ସହରରେ ଗଡିବ ୨୦୦ ନୂଆ ସ୍ମାର୍ଟ ସିଟି ବସ୍। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିବାର କାର୍ଯ୍ୟକ୍ରମ ଅଛି। ୧୨୫ ସ୍ମାର୍ଟ ସିଟି ବସ୍ ଯାତ୍ରୀଙ୍କ ପାଇଁ ଆସି ସାରିଥିବା କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (ସିଆରୟୁଟି) ପକ୍ଷରୁ ସୂଚନା ଦିଆଯାଇଛି।

ମାସେ ତଳୁ ସିଆରୟୁଟି ୧୨୫ ବସ୍ ଆଣି ସହରର ବିଭିନ୍ନ ଡିପୋରେ ରଖି ପଞ୍ଜୀକରଣ ବ୍ୟବସ୍ଥା କରିସାରିଛି। ଖୁବ୍‌ଶୀଘ୍ର ଆଉ ୭୫ ବସ୍ ଆସିବ ବୋଲି ସିଆରୟୁଟି କହିଛି। ଏହି ବସ୍‌ଗୁଡିକରେ ଯାତ୍ରା ପାଇଁ ଯାତ୍ରୀମାନେ ଅନଲାଇନରେ ଅଗ୍ରୀମ ଟିକେଟ କାଟି ପାରିବେ। ମୋବାଇଲ୍ ଆପ୍ ମାଧମରେ ଯାତ୍ରୀମାନେ ବସ୍‌ର ଚଳାଚଳ ସମ୍ପର୍କରେ ସୂଚନା ଜାଣିପାରିବେ ବୋଲି ସିଆରୟୁଟି ପକ୍ଷରୁ ସୂଚନା ମିଳିଛି।

# ଓପିଟିସିଏଲ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ଅଭିଯୋଗ

ସମ୍ବଲପୁର,୫।୧୧(ବ୍ୟୁରୋ)

ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ୍ (ଓପିଟିସିଏଲ) ପକ୍ଷରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ପଦବୀ ପାଇଁ ରବିବାର ଅନଲାଇନ ମାଧମରେ ପରୀକ୍ଷା କରାଯାଇଛି। ରାଜ୍ୟ ସାରା ପରୀକ୍ଷା ହୋଇଥିବା ବେଳେ ସମ୍ବଲପୁରରେ ସିଲିକନ ଓ ଆଇଟେକ ଶିକ୍ଷା ଅନୁଷ୍ଠାନରେ ପରୀକ୍ଷା କରାଯାଇଥିଲା। ହେଲେ ପ୍ରଶ୍ନପତ୍ରରେ ତ୍ରୁଟି ରହିଥିବା ଅନେକ ପରୀକ୍ଷାର୍ଥୀ ଅଭିଯୋଗ କରିଛନ୍ତି ।

ସମୁଦାୟ ପ୍ରଶ୍ନର ୮୦ ପ୍ରତିଶତ ଟେକ୍‌ନିକାଲ ଓ ୨୦ ପ୍ରତିଶତ ଅନ୍ୟାନ୍ୟ ପ୍ରଶ୍ନ ରହିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୦ ମାର୍କର ପରୀକ୍ଷାରେ ୧୬୦ ଟେକ୍‌ନିକାଲ ଓ ୪୦ ଅନ୍ୟାନ୍ୟ ପ୍ରଶ୍ନ ରହିବା କଥା। ମାତ୍ର ୨୫ରୁ ୩୦ଟି ଟେକ୍‌ନିକାଲ ପ୍ରଶ୍ନ ଆସିଥିଲା। ତେଣୁ ବିଭାଗର ଅବହେଳା ଯୋଗୁ ଉଚିତ ପ୍ରାର୍ଥୀ ଚାକିରି ପାଇବାରୁ ବାଦ୍ ପଡିଛନ୍ତି । ଏହା ନିୟମରୁ ବ୍ୟତିକ୍ରମ ହେଉଛି । ତେଣୁ ଏ ଦିଗରେ ସରକାର ତଦନ୍ତ କରନ୍ତୁ ବୋଲି ପରୀକ୍ଷା ଦେଇଥିବା ଛାତ୍ରମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ ଯେ, ରାଜ୍ୟ ସାରା ପ୍ରାୟ ୧୦ ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ସେଥିରୁ ୩୧୪ ଜଣଙ୍କୁ ପରବର୍ତ୍ତୀ ପରୀକ୍ଷା ପାଇଁ ଚୟନ କରାଯାଇଛି। ଏ ନେଇ ଓପିଟିସିଏଲର ଜିଏମ୍ ଗୋପାଳଚନ୍ଦ୍ର ପତି କହିଛନ୍ତି ଯେ, ଏଭଳି ଭୁଲ୍ ହେବା କଥା ନୁହେଁ। ଓପିଟିସିଏଲ ଏହି ଭୁଲ୍ କରିନି। ଓପିଟିସିଏଲ ପକ୍ଷରୁ ପରୀକ୍ଷା ପାଇଁ ଏକ ସଂସ୍ଥାକୁ ଦାୟିତ୍ୱ ଦିଆଯାଏ। ଏଣୁ ଏହି ଭୁଲ୍ ସମ୍ପୃକ୍ତ ସଂସ୍ଥାର। ଯଦି ତ୍ରୁଟି ସାମ୍ନାକୁ ଆସିଛି ତେବେ ଓପିଟିସିଏଲର ମାନବ ସମ୍ବଳ ବିଭାଗ ଏ ଦିଗରେ ପଦକ୍ଷେପ ନେବ।

**ଆବଶ୍ୟକ**

ଭୈରବୀ କ୍ଲବ, କୁରୁମପଡା, ଖୋରଧା ଦ୍ୱାରା ପରିଚାଳିତ, ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାରଙ୍କର ନାବାଳକ ଶିଶୁମାନଙ୍କ ନିମନ୍ତେ ମୁକ୍ତ ଆଶ୍ରୟସ୍ଥଳ (OPEN SHELTER), ଜଟଣୀ ପାଇଁ ନିମ୍ନଲିଖିତ ପଦବୀଗୁଡିକ ପୂରଣ ନିମନ୍ତେ ଦରଖାସ୍ତ ବିଜ୍ଞାପନ ପ୍ରସାରଣର ୭ ଦିନ ମଧରେ ଆହ୍ୱାନ କରାଯାଉଛି।

| ପଦବୀର ନାମ | ଯୋଗ୍ୟତା | ବୟସ | ମାସିକ ପାରିଶ୍ରମିକ |
|---|---|---|---|
| ୧. ପ୍ରକଳ୍ପ ସଂଯୋଜକ ତଥା କାଉନସିଲର | ଏମ୍.ଏସ୍.ଡବ୍ଲ୍ୟୁ | ୧୮ରୁ ୩୫ ବର୍ଷ | ଟ.୧୭୫୦୦ |
| ୨. OUT REACH WORKER | B.A. | ୧୮ରୁ ୩୫ ବର୍ଷ | ଟ.୮୦୦୦ |

ସ୍ୱା./- ସଂପାଦକ, ଭୈରବୀ କ୍ଲବ, କୁରୁମପଡା,
ପୋଷ୍ଟ- ହାଡପଦା, ଖୋରଧା-୭୫୨୦୧୮, ଓଡ଼ିଶା, 9437177490 (Mob.)

**ପ୍ରସାର ଭାରତୀ**

**ସିଭିଲ କନ୍‌ଷ୍ଟ୍ରକ୍ସନ୍ ୱିଙ୍ଗ୍ : ଅଲ୍ ଇଣ୍ଡିଆ ରେଡିଓ**

**ଇ-ଟେଣ୍ଡର ଆହ୍ୱାନକାରୀ ପ୍ରେସ୍ ବିଜ୍ଞପ୍ତି**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଇଲେକ୍ଟ୍ରିକାଲ୍), ସିଭିଲ୍ କନ୍‌ଷ୍ଟ୍ରକ୍ସନ୍ ୱିଙ୍ଗ୍, ଅଲ୍ ଇଣ୍ଡିଆ ରେଡିଓ, ଦୂରଦର୍ଶନ ଭବନ, ୫ମ ମହଲା, ଗଲ୍ଫ ଗ୍ରୀନ୍, କୋଲକାତା-୭୦୦୦୯୫ ନିମ୍ନଲିଖିତ କାର୍ଯ୍ୟ ପାଇଁ ସିପିଡବ୍ଲ୍ୟୁଡି/ ଏମ୍ଇଏସ୍/ ବିଏସ୍ଏନ୍ଏଲ୍/ ରେଳପଥ/ଓଡ଼ିଶା ରାଜ୍ୟ ପିଡବ୍ଲ୍ୟୁଡିର ଅନୁମୋଦିତ ଏବଂ ଯୋଗ୍ୟ ଠିକାଦାର ତଥା ଶ୍ରମ ଯୋଗାଣ କ୍ଷେତ୍ରରେ କାର୍ଯ୍ୟରତ ଏଜେନ୍ସିଗୁଡ଼ିକଠାରୁ ଏକକ ବିଡ୍ ପ୍ରଣାଳୀରେ ଅନ୍‌ଲାଇନ୍ ସାମଗ୍ରୀ ମୂଲ୍ୟ ଟେଣ୍ଡର ଆହ୍ୱାନ କରୁଛନ୍ତି।

କାର୍ଯ୍ୟର ନାମ : ଆକାଶବାଣୀ, ସମ୍ବଲପୁରଠାରେ ବୈଦ୍ୟୁତିକ ସ୍ଥାପନ ଏବଂ ପମ୍ପ ସେଟ୍‌ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ।

ଏନ୍ଆଇଟି ନଂ. : ଇଇ(ଇ)/କେଓଏଲ୍/ଏନ୍ଆଇଟି/୨୫ ଅଫ୍ ୨୦୧୮-୨୦୧୯
ଅଟକଳ ମୂଲ୍ୟ : ଟ.୫,୫୩,୧୧୮.୦୦
ଅମାନତ ରାଶି : ଟ.୧୧,୦୬୨.୦୦
ସମାପ୍ତି ଅବଧି : ୧୨ (ବାର) ମାସ।

ଟେଣ୍ଡର ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ www.tenderwizard.com/AIRରୁ ହାସଲ କରାଯାଇପାରିବ।

**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** SBI

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୪୯୬୬୩

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଅଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତି ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତା: ମେସର୍ସ ମା କନକ ଦୁର୍ଗା ପ୍ୟାଡ଼ି ପ୍ରୋସେସିଙ୍ଗ୍ ୟୁନିଟ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ମହେଶ୍ୱର ସାହୁ,** ସା: ଫାସି, ବେଗୁନିଆପଡ଼ା, ଭାୟା: କୋଦଳା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୩୨ | **ସମ୍ପତ୍ତିର ମାଲିକ: ଶ୍ରୀ ମହେଶ୍ୱର ସାହୁ** | ଶ୍ରୀ ମହେଶ୍ୱର ସାହୁଙ୍କ ନାମରେ ଥିବା ଜମି ଏବଂ ରାଇସ୍ ମିଲ୍ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଫାସି, ତହସିଲ: କୋଦଳା, ଖାତା ନଂ.: ୭୯୭/୨୨୩, ପ୍ଲଟ୍ ନଂ.: ୨୦୬୩, କ୍ଷେତ୍ର: ଏକର୦.୩୭୦ଡିସିମିଲି ଏବଂ ପ୍ଲଟ୍ ନଂ.: ୨୦୬୪, କ୍ଷେତ୍ର: ଏକର୦.୩୧୦ ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୬୮୦ଡିସିମିଲି ଏବଂ ଖାତା ନଂ. ୭୯୭/୨୨୪, ପ୍ଲଟ୍ ନଂ.: ୨୦୬୨, କ୍ଷେତ୍ର: ଏକର୦.୬୨୫ଡିସିମିଲି, **ମୋଟ ସମୁଦାୟ କ୍ଷେତ୍ର: ଏକର୧.୩୦୫ଡିସିମିଲି,** ସମସ୍ତ କିସମ: ଘରବାରି | ୦୭.୦୪.୨୦୧୮ | ୦୨.୧୧.୨୦୧୮ | ୦୩.୦୪.୨୦୧୮ ସୁଦ୍ଧା **ଟ.୫୫,୧୪,୩୪୫.୫୬** + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୦୨.୧୧.୨୦୧୮, ସ୍ଥାନ: ଭୁବନେଶ୍ୱର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ନିମପୁର ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ **୬୦ ଦିନ** ମଧରେ ପଇଠ କରିବାକୁ କୁହାଯାଇଥିଲା ।

ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ଓ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡିକ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ବିୟୁକ୍ତ କଥିତ ନୋଟିସ୍ ତାରିଖ ପରେ ପରିଶୋଧ ରାଶି ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ନିମପୁର ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ନିମପୁର ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଶ୍ରୀ ସାଇକୃପା ସିମେଣ୍ଟ ପ୍ରଡକ୍ଟ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଜୟରାମ ସାମଲ,** ପିତା: ଶ୍ରୀ ଅନ୍ତର୍ଯ୍ୟାମୀ ସାମଲ / **ଗ୍ୟାରେଣ୍ଟିଦାତା: ଶ୍ରୀ ଅନ୍ତର୍ଯ୍ୟାମୀ ସାମଲ,** ପିତା: ୰ ଅଲେଖ ବ୍ରହ୍ମା ସାମଲ, ଉଭୟଙ୍କ ଠିକଣା- ସା.: ଯୋବ୍ରା ମହ୍ଲା ସାହି, ପୋ.: କଲେଜ ସ୍କୋୟାର, ଥାନା: ମାଲଗୋଦାମ, ଜିଲ୍ଲା: କଟକ, ଓଡ଼ିଶା-୭୫୩୦୦୩ | ଟ.୨୭,୨୨,୨୮୨.୦୯ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୭.୦୫.୨୦୧୮ / ୩୧.୧୦.୨୦୧୮ | **ଶ୍ରୀ ଅନ୍ତର୍ଯ୍ୟାମୀ ସାମଲ,** ପିତା: ୰ ଅଲେଖ ବ୍ରହ୍ମା ସାମଲ, (୰ ଅଲେଖ ବ୍ରହ୍ମା ସାମଲଙ୍କ ଏକମାତ୍ର ଆଇନଗତ ଉତ୍ତରାଧିକାରୀ)ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୪୪, ଖାତା ନଂ.: ୫୪୩, ସାବକ ଖାତା ନଂ.: ୫୯୦, ପ୍ଲଟ୍ ନଂ.: ୯୬, କ୍ଷେତ୍ର: ଏକର୦.୦୩୪ଡିସିମିଲି, କିସମ: ଘରବାରୀ, ମୌଜା: କଟକ ସଦର, ୟୁନିଟ୍ ନଂ.: ୨୫, ଯୋବ୍ରା, ଥାନା: ମାଲଗୋଦାମ, ଡିଏସ୍ଆରଓ: କଟକ, ତହସିଲ: କଟକ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ପରମାନନ୍ଦ ବେହେରା, ପୂର୍ବ: ଦୁଲ୍ଲଭ ମଙ୍ଗଳ, ପଶ୍ଚିମ: ରାସ୍ତା |
| **ଋଣଗ୍ରହୀତା: ଶ୍ରୀ ହରେକୃଷ୍ଣ ଦାସ,** ପିତା: ଶ୍ରୀ ଚିନ୍ତାମଣି ଦାସ, **ଠିକଣା-୧:** ସା: ଖାନ ନଗର (ଦେବୀ ସାହି), ପ୍ରେସ୍ ଛକ, ଅରୁଣୋଦୟ ନଗର, ଜିଲ୍ଲା: କଟକ, ଓଡ଼ିଶା-୭୫୩୦୦୮, **ଠିକଣା-୨:** ମେସର୍ସ ମା ଦୁର୍ଗା ଫିସ୍, ଶ୍ରୀ ହରେକୃଷ୍ଣ ଦାସ, ପିତା: ଶ୍ରୀ ଚିନ୍ତାମଣି ଦାସ, ନିଉ ଫିସ୍ ମାର୍କେଟ, ମଧୁପାଟଣା, ଜିଲ୍ଲା: କଟକ, ଓଡ଼ିଶା-୭୫୩୦୦୮ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସସ୍ମିତା ଦାସ,** ସ୍ୱାମୀ: ଶ୍ରୀ ହରେକୃଷ୍ଣ ଦାସ, ଶ୍ରୀ ସୁବାଷ ଚନ୍ଦ୍ର ସାହୁଙ୍କ ଘର, ସା/ପୋ.: ଦିବ୍ୟସିଂହ ପ୍ରସାଦ, ଜିଲ୍ଲା: ଖୋର୍ଦ୍ଧା। | ଟ.୭,୭୪,୫୪୬/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୯.୦୭.୨୦୧୮ / ୩୧.୧୦.୨୦୧୮ | **ଶ୍ରୀମତୀ ସସ୍ମିତା ଦାସ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୨୭୩/୫୩୮୮, ଅନୁରୂପ ବନ୍ଦୋବସ୍ତ ପ୍ଲଟ୍ ନଂ.: ୨୨୭୩, ଖାତା ନଂ.: ୫୪୫/୪୫୭, ଅନୁରୂପ ବନ୍ଦୋବସ୍ତ ଖାତା ନଂ.: ୨୮୭, କ୍ଷେତ୍ର: ଏକର୦.୦୫୪ଡିସିମିଲି, କିସମ: ଘରବାରୀ, ମୌଜା: ଶ୍ରୀରାମ, ଡିଏସ୍ଆରଓ: କଟକ, ତହସିଲ: କଟକ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ବିକ୍ରେତା ଏବଂ ସର୍ବସାଧାରଣ ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୨୨୭୯, ପୂର୍ବ: ପ୍ଲଟ୍ ନଂ.: ୨୨୭୬, ପଶ୍ଚିମ: ପ୍ଲଟ୍ ନଂ.: ୨୨୭୨ |
| **ଋଣଗ୍ରହୀତା: ଶ୍ରୀ ନୃସିଂହ ତ୍ରିପାଠୀ,** ପିତା: ଶ୍ରୀ ରାମ ଚନ୍ଦ୍ର ତ୍ରିପାଠୀ, **ସହ-ଋଣଗ୍ରହୀତା: ଶ୍ରୀମତୀ ପ୍ରଭାତୀ ତ୍ରିପାଠୀ,** ସ୍ୱାମୀ: ଶ୍ରୀ ନୃସିଂହ ତ୍ରିପାଠୀ, ଉଭୟଙ୍କ ଠିକଣା- ସା: ଖାନ ନଗର, ହାଉସ୍ ନଂ.: ଲେନ୍ ୫୭, ଗୁରୁ ସାହି, ଗୋଟେଶ୍ୱର ମନ୍ଦିର ନିକଟ, ଜିଲ୍ଲା: କଟକ, ଓଡ଼ିଶା-୭୫୩୦୧୨ | ଟ.୧୬,୦୮,୦୬୧.୭୨ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୫.୦୫.୨୦୧୮ / ୩୧.୧୦.୨୦୧୮ | **ଶ୍ରୀ ନୃସିଂହ ତ୍ରିପାଠୀ**ଙ୍କ ନାମରେ ଥିବା ସମ୍ପତ୍ତି (ଜମି ଏବଂ ଗୃହ)ର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୯୪/୩୨୩୭, ଖାତା ନଂ.: ୫୨୭/୪୭୧, କ୍ଷେତ୍ର: ଏକର୦.୦୨୧ଡିସିମିଲି, କିସମ: ଘରବାରୀ, ମୌଜା: କଟକ ସହର, ୟୁନିଟ୍ ନଂ.: ୩୮, ଅରୁଣୋଦୟ ନଗର, ଥାନା: ମଧୁପାଟଣା, ଏସ୍ଆରଓ: କଟକ, ତହସିଲ: କଟକ ସଦର, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୨୯୩ (କୃଷ୍ଣ ଚନ୍ଦ୍ର ବେହେରା), ଦକ୍ଷିଣ: ମିଳିତ ରାସ୍ତା, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୨୯୩ (କୃଷ୍ଣ ଚନ୍ଦ୍ର ବେହେରା) |

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୬.୧୧.୨୦୧୮
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

ଧରିତ୍ରୀ DHARITRI
**Puja Quiz- 2018**
Quiz No.23

Main Sponsor: TVS
Co-Sponsors: CENTRAL, Nikon

☑ Tick mark the box which is correct

୧. ଓଡ଼ିଶା ବିଧାନସଭାର ପ୍ରଥମ ବାଚସ୍ପତି କିଏ ?
କ. ନନ୍ଦକିଶୋର ଦାସ ☐ ଖ. ମୁକୁନ୍ଦ ପ୍ରସାଦ ଦାସ ☐ ଗ. ନନ୍ଦକିଶୋର ମିଶ୍ର ☐ ଘ. କେଉଁଟି ନୁହେଁ ☐

୨. ପ୍ରଥମ ଓଡ଼ିଆ ବୈଜ୍ଞାନିକ କିଏ ?
କ. ଡକ୍ଟର ପ୍ରାଣକୃଷ୍ଣ ପରିଜା ☐ ଖ. ପଠାଣି ସାମନ୍ତ ☐ ଗ. ଚିତ୍ତରଞ୍ଜନ ମିଶ୍ର ☐ ଘ. କେଉଁଟି ନୁହେଁ ☐

୩. ଓଡ଼ିଶାର ପ୍ରଥମ ମହିଳା ମନ୍ତ୍ରୀ କିଏ ?
କ. ସରଳା ଦେବୀ ☐ ଖ. ବସନ୍ତ ମଞ୍ଜରୀ ଦେବୀ ☐ ଗ. ସୁଧୀରା ଦାସ ☐ ଘ. କେଉଁଟି ନୁହେଁ ☐

୪. ଓଡ଼ିଶାର ଚିତ୍ତରଞ୍ଜନ ଦାସ କେଉଁ ଉପାଧି ପାଇଥିଲେ ?
କ. ଦେଶବନ୍ଧୁ ☐ ଖ. ଦୀନବନ୍ଧୁ ☐ ଗ. ଜଗବନ୍ଧୁ ☐ ଘ. କେଉଁଟି ନୁହେଁ ☐

୫. ବିଶ୍ୱପ୍ରସିଦ୍ଧ ପୁରୀ ମନ୍ଦିରକୁ କ'ଣ କୁହାଯାଏ ?
କ. ଗୋଲ୍‌ଡେନ୍ ପାଗୋଡ଼ା ☐ ଖ. ହ୍ୱାଇଟ୍ ପାଗୋଡ଼ା ☐ ଗ. ବ୍ଲାକ୍ ପାଗୋଡ଼ା ☐ ଘ. କେଉଁଟି ନୁହେଁ ☐

Participant's Name:....................
Address:....................
....................
Education ....................
Mobile.................... Age:..........
E-mail:....................

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.

*Conditions apply

Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 23
B-15, Industrial Estate, Rasulgarh, Bhubaneswar-10



## ଭଦ୍ରକର ମା' କୁଣ୍ଡିକାଳୀ

# ଅମାବାସ୍ୟାରେ ଦର୍ଶନ କଲେ ପୂର୍ଣ୍ଣ ହୁଏ ମନସ୍କାମନା



ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' କୁଣ୍ଡିକାଳୀ। ଏହି ପୀଠକୁ ନେଇ ରହିଛି ଅନେକ ପୌରାଣିକ କଥା। ଲୋକଙ୍କ ମୁଖରୁ ବି ଦେବୀଙ୍କ ଲୀଳା ସମ୍ପର୍କରେ ନାନା କଥା ଶୁଣିବାକୁ ମିଳେ। ସତ୍ୟଯୁଗରେ ମା' ଦୁର୍ଗା, ଦ୍ୱାପରରେ ମା' ରୁକ୍ମିଣୀ, ତ୍ରେତୟାରେ ମା' ସୀତାଦେବୀ ଓ କଳିଯୁଗରେ ମା' କୁଣ୍ଡିକାଳୀ ରୂପେ ବିରାଜମାନ ହୋଇଥିବା ପ୍ରବାଦ ରହିଛି। କୁଣ୍ଡି ଶବ୍ଦରୁ ମା'ଙ୍କ ନାମ କୁଣ୍ଡିକାଳୀ ହୋଇଥିବା ପୁରାଣରେ ଉଲ୍ଲେଖ ରହିଛି। ଅମାବାସ୍ୟା ତିଥିରେ ମା'ଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂର୍ଣ୍ଣ ହେଉଥିବା ବିଶ୍ୱାସ ରହିଛି।

ଭଦ୍ରକ ସହରଠାରୁ ୩ କି.ମି. ଦୂର ମାଳିଅରୁଆ ଗାଁରେ ରହିଛି ମା'ଙ୍କ ପୀଠ। ଏହି ପୀଠକୁ ଲାଗି ସାଳନ୍ଦୀର ଶାଖାନଦୀ କୁଣ୍ଡି ପ୍ରବାହିତ ହେଉଛି। କୁଣ୍ଡି ନଦୀ କୂଳରେ ମା'ଙ୍କ ମନ୍ଦିର ଥିବାରୁ ଦେବୀ କୁଣ୍ଡିକାଳୀ ନାମରେ ପରିଚିତ। ଅନ୍ୟ କାଳୀ ପୀଠ ପରି କୁଣ୍ଡିକାଳୀଙ୍କ ମନ୍ଦିରରେ ପ୍ରତିବର୍ଷ ନାନା ପର୍ବପର୍ବାଣି ପାଳିତ ହୋଇଥାଏ। ବିଶେଷକରି ଅମାବାସ୍ୟା ତିଥିରେ ମହିଳାମାନେ ମାଟିହାଣ୍ଡିରେ ଅଳ୍ପ ଅରୁଆ ଚାଉଳ, ଗୋଟା ଗୁଆ ରଖି ଧୂପ, ଦୀପ ଜାଳି ମା'ଙ୍କୁ ପୂଜାର୍ଚ୍ଚନା କରନ୍ତି। ସେହି ଦୀପ ୪୮ ଘଣ୍ଟା ଜଳୁଥାଏ। ମହିଳାମାନେ ସେହି ଅଖଣ୍ଡ ଦୀପକୁ ଜାଳି ଦେବୀଙ୍କୁ ଆରାଧନା କରିଥାନ୍ତି। ମା' କୁଣ୍ଡିକାଳୀଙ୍କ ଆଦେଶ ହେଲେ ପୂଜକ ସଂପୃକ୍ତ ମହିଳାଙ୍କୁ ଦେବୀଙ୍କ ଆଶୀର୍ବାଦ ସଂକ୍ରାନ୍ତରେ ଶୁଣାଇଥାନ୍ତି। ଏହାପରେ ଶ୍ରଦ୍ଧାଳୁଙ୍କ ମନବାଞ୍ଛା ପୂର୍ଣ୍ଣ ହୁଏ। ମୁଖ୍ୟତଃ ଦୀପାବଳି ଅମାବାସ୍ୟା, ଶିବରାତ୍ରି, ଧନୁ ସଂକ୍ରାନ୍ତି, ଚନ୍ଦନ ପୂର୍ଣ୍ଣିମା, କାର୍ତ୍ତିକ ପୂର୍ଣ୍ଣିମାରେ ଦେବୀଙ୍କ ପୀଠରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ମା'ଙ୍କ ପୂଜାର୍ଚ୍ଚନା, ନୀତି ନିୟମ ସଂକ୍ରାନ୍ତରେ ପୀଠର ପୂଜକ ଶ୍ରଦ୍ଧାଳୁମାନଙ୍କୁ ସୂଚନା ଦେଇଥାନ୍ତି।

ତେବେ କୁଣ୍ଡିକାଳୀଙ୍କ ପୀଠରେ ରହିଛି ନାନା ସମସ୍ୟା। ମନ୍ଦିରକୁ ଯିବାକୁ ଏକମାତ୍ର ଅଣଓସାରିଆ ରାସ୍ତା ରହିଛି। ତାହା ପୁଣି ଖାଲଖମାରେ ପରିପୂର୍ଣ୍ଣ। ଗ୍ରାମବାସୀଙ୍କ ସହଯୋଗରେ ପୀଠର ଉନ୍ନତି ପାଇଁ ବ୍ୟବସ୍ଥା କରାଯାଉଛି। ହେଲେ ମନ୍ଦିରର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ପ୍ରତି ପ୍ରଶାସନିକସ୍ତରରେ ଆଜି ପର୍ଯ୍ୟନ୍ତ ସେପରି କୌଣସି ଉଦ୍ୟମ କରାଯାଉ ନାହିଁ। ମୁଖ୍ୟରାସ୍ତାରୁ ମାଳିଅରୁଆ ରାସ୍ତାର ଉନ୍ନତୀକରଣ କରାଗଲେ ଜିଲାର ବିଭିନ୍ନ ଦିଗରୁ ଜନସମାଗମ ହୋଇପାରନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଜିଲାର ଏହା ପ୍ରମୁଖ ସ୍ଥାନ ହୋଇଥିଲେ ମଧ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏହି ପୀଠ ଆଜି ପର୍ଯ୍ୟନ୍ତ ସ୍ଥାନ ପାଇନାହିଁ।

– ରିପୋର୍ଟ: ବିଭୁପ୍ରସାଦ ବେହେରା



## ପ୍ରତ୍ୟକ୍ଷ ଠାକୁରାଣୀ 'ଶ୍ମଶାନ କାଳୀ'

କାଳୀପୂଜା ପାଇଁ ଭୁବନେଶ୍ୱର ଚଳଚଞ୍ଚଳ ହୋଇଉଠିଥିବା ବେଳେ ସହରର ଦୁଇଟି ପ୍ରମୁଖ କାଳୀ ମନ୍ଦିରରେ ଏଥିପାଇଁ ବିଶେଷ ପ୍ରସ୍ତୁତି କରାଯାଇଛି। ପ୍ରାୟ ଏକ ହଜାର ବର୍ଷର ପୁରାତନ କାଳୀମନ୍ଦିର ବରମୁଣ୍ଡାସ୍ଥିତ ମା' ଦକ୍ଷିଣକାଳୀ ପୀଠ ଏବଂ ସତ୍ୟନଗରର ପ୍ରତ୍ୟକ୍ଷ ଠାକୁରାଣୀ ମା' ସତ୍ୟକାଳୀ ବା ଶ୍ମଶାନ କାଳୀଙ୍କ ପୀଠର ବେଶ୍ ଖ୍ୟାତି ରହିଛି। କାହିଁ କେତେ ଦୂରରୁ ଏଠାକୁ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ଓ କୃପାଲାଭ କରିବାକୁ ଧାଇଁ ଆସନ୍ତି। ଶ୍ରଦ୍ଧାଳୁଙ୍କର ମା'ଙ୍କ ଉପରେ ଥିବା ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢୁଥିବା ବେଳେ ଶନିବାର ଏଠାରେ ମା'ଙ୍କର ପୂଜା କଲେ ଶନି ଦେବତା ସନ୍ତୁଷ୍ଟ ହୋଇଥାଆନ୍ତି ବୋଲି ଏକ ବିଶ୍ୱାସ ରହିଛି। ସେହିଭଳି ଶ୍ୟାମାକାଳୀ ପୂଜା ପାଇଁ ଉଭୟ ମନ୍ଦିର ପ୍ରସିଦ୍ଧ ଲାଭ କରିଛି। ସତ୍ୟନଗର ଶ୍ମଶାନ ନିକଟରେ ଥିବା ସତ୍ୟକାଳୀ ମନ୍ଦିରରେ ପୂଜା ପାଇଥାଆନ୍ତି ମା' ସତ୍ୟକାଳୀ ବା ଶ୍ମଶାନ କାଳୀ। ମା'ଙ୍କ ପୂଜାର୍ଚ୍ଚନା କଲେ ମନସ୍କାମନା ପୂରଣ ହେବା ସହ ଦୁଃଖ ଲାଘବ ହୋଇଥାଏ ବୋଲି ଶ୍ରଦ୍ଧାଳୁଙ୍କର ବିଶ୍ୱାସ ରହିଛି। ମା'ଙ୍କ ମହିମା ଓ କରୁଣା ଉପରେ ବିଶ୍ୱାସ ରଖି ଅଧିକାଂଶ ଶ୍ରଦ୍ଧାଳୁ ସପରିବାର ଏଠାକୁ ଆସିଥାଆନ୍ତି। ପ୍ରାୟ ୩୨ବର୍ଷ ଧରି ସତ୍ୟନଗର କାଳୀପୂଜା କମିଟି ପକ୍ଷରୁ ମହାଆଡ଼ମ୍ବରରେ ଶ୍ୟାମାକାଳୀ ପୂଜା ଆୟୋଜନ ହେଉଥିବା ବେଳେ ମା' ଏଠାରେ ଦଶମହାବିଦ୍ୟା ରୂପରେ ପୂଜା ପାଇଥାଆନ୍ତି। ୧୦ଦିନ ଧରି କାଳୀପୂଜା ଅନୁଷ୍ଠିତ ହେଉଥିବା ଏହି ପୀଠରେ ପ୍ରତ୍ୟେକ ଦିନ ମା' ଭିନ୍ନଭିନ୍ନ ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ପ୍ରଥମ ଦିନ ମହାକାଳୀ ବେଶ ଏବଂ ଶେଷ ଦିନ କମଳା ବେଶ ଦେଖିବାକୁ ଅଧିକ ଭିଡ଼ ପରିଲକ୍ଷିତ ହୁଏ। କାଳୀପୂଜା ଦିନ ସକାଳେ ଏଠାରେ ଉପଚାର ପୂଜା ଏବଂ ସନ୍ଧ୍ୟାରେ କଳସ ଅଧିବାସ ହେବାକୁ ଥିବା ବେଳେ ମା'ଙ୍କର ଚଣ୍ଡୀହୋମ ଓ ରାତିରେ ପୁନଶ୍ଚ ଉପଚାର ପୂଜା ଅନୁଷ୍ଠିତ ହେବ। ଅଧରାତ୍ରିରେ ବଳିଦାନ କରାଯିବ ଏବଂ ପ୍ରାୟ ସକାଳ ପର୍ଯ୍ୟନ୍ତ ମା'ଙ୍କ ପୂଜା ଚାଲିବ। ଭକ୍ତମାନେ ଯେପରି ଶାନ୍ତିଶୃଙ୍ଖଳାର ସହ ଦର୍ଶନ କରିବେ, ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ବେଳେ ୧୦ଦିନ ବ୍ୟାପୀ ଏଠାରେ ମେଳା ଏବଂ ମିନାବଜାରର ଆୟୋଜନ କରାଯାଇଥିବା କମିଟି ସମ୍ପାଦକ ଅଶୋକ ସ୍ୱାଇଁ କହିଛନ୍ତି।

ଅନ୍ୟପକ୍ଷରେ ବରମୁଣ୍ଡା ଗ୍ରାମରେ ଥିବା ମା' ଦକ୍ଷିଣକାଳୀଙ୍କ ପୀଠ ପ୍ରାୟ ଏକ ହଜାର ବର୍ଷ ତଳର ବୋଲି କୁହାଯାଏ। ଗ୍ରାମର ଗ୍ରାମଦେବତୀ ଭାବେ ମା' ପୂଜା ପାଇଥାଆନ୍ତି। ବହୁବର୍ଷ ପୂର୍ବେ ବରମୁଣ୍ଡା ଅଞ୍ଚଳ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିବା ବେଳେ ନଟବର ଦାସ ନାମକ ଜଣେ ବ୍ୟକ୍ତି ଏହି ସ୍ଥାନରେ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ତେବେ ନଟବର ଯେଉଁ ନୀତିରେ ପୂଜା ଆରମ୍ଭ କରିଥିଲେ, ଆଜି ବି ସେହି ନୀତିରେ ଏଠାରେ ପୂଜାର୍ଚ୍ଚନା କରାଯାଉଛି। ଖିରି, ଖେଚୁଡ଼ି ଓ ନଡ଼ିଆ ମା'ଙ୍କର ମୁଖ୍ୟ ଭୋଗ। ଶନିବାର ମା'ଙ୍କର ପୂଜାର୍ଚ୍ଚନା କଲେ ଶନି ଦେବତା ସନ୍ତୁଷ୍ଟ ହୋଇ ରିଷ୍ଟ ଖଣ୍ଡନ କରିଥାଆନ୍ତି ବୋଲି ବିଶ୍ୱାସ ରହିଥିବାରୁ ପ୍ରତ୍ୟେକ ଶନିବାର ଏଠାରେ ଭିଡ଼ ଲାଗିଥାଏ। ସେହିଭଳି ଶ୍ୟାମାକାଳୀ ପୂଜା ଏଠାକାର ବିଶେଷ ଆକର୍ଷଣ। ପୂଜାରେ ୫ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞର ଆୟୋଜନ କରାଯାଇଥାଏ, ଯେଉଁଥିରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ଏହାସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଏଠାକାର ଅନ୍ୟତମ ଆକର୍ଷଣ। ଏହାବ୍ୟତୀତ ୟୁନିଟ୍-୨ସ୍ଥିତ କାଳୀବାଡ଼ି, ଶହୀଦନଗର ଦୁର୍ଗାପୂଜା ମଣ୍ଡପ, ପୁରୁଣା ଷ୍ଟେଶନ ବଜାର ଏବଂ ସହରର ସର୍ବପୁରାତନ କାଳୀ ପୂଜାମଣ୍ଡପ ଭାବେ ପରିଚିତ ଭିଏସ୍ଏସ୍ ନଗରରେ କାଳୀପୂଜା ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। ସେହିଭଳି ଚଳିତବର୍ଷ ପ୍ରଥମଥର ପାଇଁ ମା' ଦକ୍ଷିଣ କାଳୀ ପୂଜା କମିଟି ପକ୍ଷରୁ ଜିଜିପି କଲୋନୀରେ କାଳୀପୂଜାର ଆୟୋଜନ କରାଯାଇଛି।



ସତ୍ୟନଗର ସତ୍ୟକାଳୀ ମନ୍ଦିର। (ଫଟୋ: ବିକାଶ ନାୟକ)

– ରିପୋର୍ଟ: ସସ୍ମିତା ପାଇକରାୟ, ଭୁବନେଶ୍ୱର

## ବୀରଗୋବିନ୍ଦପୁର କାଳୀପୂଜା



- ଶ୍ମଶାନ ମାଟିରେ ହୁଏ ମା'ଙ୍କ ପ୍ରତିମା ନିର୍ମାଣ
- ମାନସିକ ପୂରଣ ପାଇଁ ଅହରହ ଜଳୁଛି ଘିଅ ଦୀପ

# ମହାଭୈରବୀ ବେଶରେ ଦର୍ଶନ ଦେବେ ମା'

ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବୀରଗୋବିନ୍ଦପୁର ଗ୍ରାମ କାଳୀପୂଜା ପାଇଁ ଉତ୍ସବମୁଖର ହୋଇ ଉଠିଛି। ଜାତୀୟ ରାଜପଥକୁ ଲାଗି ରହିଥିବା ତୋରଣ ସହିତ ଦେବୀପୀଠରେ ସାଜସଜ୍ଜା କରାଯାଇଛି। ମା'ଦକ୍ଷିଣକାଳୀଙ୍କ ଅଲୌକିକ ମହିମାକୁ ବିଶ୍ୱାସ କରି ପ୍ରତିବର୍ଷ ଏହି ପୀଠକୁ ଭକ୍ତମାନେ ଛୁଟି ଆସନ୍ତି। ବର୍ଷକୁ ଥରେ ମା'ଦକ୍ଷିଣକାଳୀଙ୍କ ମୃଣ୍ମୟୀମୂର୍ତ୍ତି ପୂଜା ସାଙ୍ଗକୁ ମହାଭୈରବୀ ବେଶ ଦର୍ଶନର ସୁଯୋଗ ରହିଥିବାରୁ ଭକ୍ତମାନଙ୍କର ଭିଡ଼ ଲାଗିଥାଏ।

ଭୁବନେଶ୍ୱରରୁ ପୁରୀ ଯିବା ରାସ୍ତାରେ ସାକ୍ଷୀଗୋପାଳ ଛକରୁ ୩କିଲୋମିଟର ଦୂରରେ ବୀରଗୋବିନ୍ଦପୁର ବ୍ରାହ୍ମଣ ଶାସନ ଅବସ୍ଥିତ। ଲୋକକଥାରୁ ଜଣାଯାଏ, ଜଣେ ବଙ୍ଗୀୟ ରାଜାଙ୍କ ଅତ୍ୟାଚାର ସହି ନ ପାରି ଓଡ଼ିଶା ପଳାଇ ଆସିଥିବା ସେଠାକାର ବ୍ରାହ୍ମଣ ପରିବାର ବୀରଗୋବିନ୍ଦପୁର ଗ୍ରାମରେ ଆସି ଅବସ୍ଥାନ କରିଥିଲେ। ସେହି ପରିବାର ସାଙ୍ଗରେ ଆଣିଥିବା ମା' ଦକ୍ଷିଣକାଳୀଙ୍କ ପଟ୍ଟଚିତ୍ରକୁ ଗ୍ରାମରେ ରଖି ପୂଜାର୍ଚ୍ଚନା କରୁଥିଲେ। ପରିବାର ମୁଖ୍ୟଙ୍କ ଦେହାନ୍ତ ପରେ ପୂଜାର୍ଚ୍ଚନାରେ ବ୍ୟତିକ୍ରମ ହେବାରୁ ପରିବାରରେ ନାନା ବିପତ୍ତି ପଡିଥିଲା। ଉପାୟଶୂନ୍ୟ ହୋଇ ସେମାନେ ଭୟରେ ଗାଁ ଛାଡି ଅନ୍ୟତ୍ର ଚାଲି ଯାଇଥିଲେ। ଯିବା ପୂର୍ବରୁ ମା'ଙ୍କର ପୂଜା ଦାୟିତ୍ୱ ଗ୍ରାମର ଜଣେ ବ୍ରାହ୍ମଣ ଲିଙ୍ଗରାଜ ନନ୍ଦଙ୍କୁ ଅର୍ପଣ କରିଥିଲେ। ବଙ୍ଗୀୟ ପୂଜାପାଠରେ ଅଭିଜ୍ଞତା ନ ଥିବାରୁ ଲିଙ୍ଗରାଜଙ୍କ ପୂଜାରେ ଦେବୀ ସନ୍ତୁଷ୍ଟ ହୋଇ ନ ଥିଲେ। ଫଳରେ ତାଙ୍କ ପରିବାର ପ୍ରତି ବିପଦ ମାଡି ଆସିଥିଲା। ତାଙ୍କର ପାଞ୍ଚଜଣ ପୁଅଙ୍କର ମୃତ୍ୟୁ ହୋଇଥିଲା। ଫଳରେ ମା'ଙ୍କ ପୂଜା କେମିତି ହେବ ସେନେଇ ଗାଁରେ ଭାଳେଣି ପଡ଼ିଲା। ଦିନେ ସନ୍ଧ୍ୟା ସମୟରେ ସେହି ଗ୍ରାମର ଜଣେ ଯୁବତୀଙ୍କ ଶରୀରରେ ମା' ଉଭା ହୋଇ ମୋ ପୂଜାର୍ଚ୍ଚନା କରିବା ପାଇଁ ମୋ ପୂଜକ ଆସୁଥିବା ସୂଚନା ଦେଇଥିଲେ। ସତକୁ ସତ କିଛିଦିନ ଅନ୍ତରରେ ଜଣେ ବଙ୍ଗୀୟ ପୂଜକ ମା'ଙ୍କର ଭଜନ ବହି ବାଣ୍ଟିବାଣ୍ଟି ଗାଁରେ ପହଞ୍ଚିଥିଲେ। ଏହା ଦେଖି ଗ୍ରାମବାସୀ ତାଙ୍କୁ ମା'ଙ୍କ ପୂଜାର୍ଚ୍ଚନା ଦାୟିତ୍ୱ ଦେଇଥିଲେ। ସେବେଠୁ ମା'ଙ୍କର ପୂଜାର୍ଚ୍ଚନା ବିଧିମତେ ଚାଲି ଆସୁଛି।



କାର୍ତ୍ତିକ ମାସ ଦ୍ୱିତୀୟା ତିଥିରେ ମା'ଙ୍କ ମୂର୍ତ୍ତି ନିର୍ମାଣ ପାଇଁ ଶ୍ମଶାନରୁ ମାଟି ସଂଗ୍ରହ କରାଯାଏ। ଶୟନ କରିଥିବା ଭଗବାନ ଶିବଙ୍କ ପ୍ରତିମା ଉପରେ ପାଦରଖି ମହାକାଳୀ ରୂପରେ ଚତୁର୍ଭୁଜରେ ଖଣ୍ଡା, ଖର୍ପର ଧାରଣ କରିଥିବା ଉଗ୍ରରୂପା ମା'ଙ୍କ ମୂର୍ତ୍ତି ନିର୍ମିତ ହୋଇଥାଏ। ଚତୁର୍ଦ୍ଦଶୀ ତିଥିରେ ମୂର୍ତ୍ତିରେ ମୁଣ୍ଡ ଲାଗି କରାଯାଏ। ପରେ ରୂପକାର ରଙ୍ଗଦେଇ ମୂର୍ତ୍ତିକୁ ଜୀବନ୍ତ କରି ଗଢ଼ିତୋଳନ୍ତି। ବସ୍ତ୍ର, ଅଳଙ୍କାର, ମୁଣ୍ଡମାଳ, ମୁକୁଟ ଆଦି ଲାଗି କରାଯାଇ ପୀଠ ଉପରକୁ ଦେବୀଙ୍କ ପ୍ରତିମାକୁ ବିଜେ କରାଯାଏ। ଅମାବାସ୍ୟା ନିଶାର୍ଦ୍ଧରେ ଜୀବନ୍ୟାସ ପରେ ମହାକାଳୀ ପୂଜା, ଜପ, ବଳି, ଖେଚୁଡ଼ିଭୋଗ, ଯଜ୍ଞ, ଆଳତି ପରେ ପଣା ଓ ମହାପ୍ରସାଦ ସମର୍ପଣ କରାଯାଇ ମୃଣ୍ମୟୀ ପ୍ରତିମାଙ୍କୁ ବିସର୍ଜନ କରାଯାଏ। ପରଦିନ ସକାଳୁ ଦେବୀଙ୍କର ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥାଏ। ବର୍ଷ ତମାମ ଗୋଟିଏ କୋଠରିରେ ବଡବଡ ୧୬ଟି ଅଖଣ୍ଡ ଦୀପ ଅହରହ ଜଳୁଛି। ମାନସିକ କରି ଶ୍ରଦ୍ଧାଳୁମାନେ ଏହି ଦୀପ ପ୍ରଜ୍ୱଳନ କରୁଛନ୍ତି। ପ୍ରତିଦିନ ଏଥିପାଇଁ ଆବଶ୍ୟକ ହେଉଥିବା ଗୋଟିଏ ଟିଣ ଘିଅକୁ ଶ୍ରଦ୍ଧାଳୁମାନେ ଯୋଗାଉଛନ୍ତି। ଗ୍ରାମ କୋଠ ପକ୍ଷରୁ ସମସ୍ତ ପୂଜାନୀତି ସମ୍ପନ୍ନ କରାଯାଇଥାଏ। ମୁଖ୍ୟ ପୂଜକ ଅଗାଧୁ ଦିକ୍ଷୀତ ଓ ସହଯୋଗୀ ପ୍ରଫୁଲ୍ଲ ଦୀକ୍ଷିତ, ଦେବୀ ପ୍ରସାଦ ଦୀକ୍ଷିତ, କାଶୀନାଥ ମିଶ୍ର, ଗଣେଶ୍ୱର ନନ୍ଦ, ପ୍ରମୋଦ ଦୀକ୍ଷିତ, ମୂର୍ତ୍ତି କାରିଗର ବ୍ରଜବନ୍ଧୁ ମହାରଣା ପୂଜାର୍ଚ୍ଚନାରେ ସାମିଲ ହୋଇଛନ୍ତି। ପ୍ରତିଦିନ ଏଠାରେ ମା'ଙ୍କର ଶଙ୍ଖୁଡିଭୋଗ ହୋଇଥାଏ।

– ରିପୋର୍ଟ: କିଶୋରଚନ୍ଦ୍ର ମହାପାତ୍ର, ସାକ୍ଷୀଗୋପାଳ

# ମହାକାଳୀ ଓ ଦୀପାବଳି

ଶ୍ରୀଜଗନ୍ନାଥ ସଂସ୍କୃତି ସାରା ପୃଥିବୀରେ ସୁବିଦିତ। ହେଲେ ଜଗନ୍ନାଥ ଧର୍ମ ହିନ୍ଦୁ ଧର୍ମଠାରୁ ଭିନ୍ନ କୌଣସି ଧର୍ମ ନୁହେଁ କିମ୍ବା ଶ୍ରୀଜଗନ୍ନାଥ ହିନ୍ଦୁ ଧର୍ମରୁ ଭିନ୍ନ ନୁହନ୍ତି। ସାରା ବିଶ୍ୱର ସମସ୍ତ ଧର୍ମର ଅଗଣିତ ଭକ୍ତ ହିନ୍ଦୁ ମନ୍ଦିର ତଥା ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରବେଶ ନ କରି ମଧ୍ୟ ଭଗବାନଙ୍କର ସାନ୍ନିଧ୍ୟ ଲାଭକରି ମହାପୁରୁଷ ଭାବରେ ଅମର ହୋଇ ଖ୍ୟାତି ଅର୍ଜନ କରିପାରିଛନ୍ତି। ବର୍ତ୍ତମାନର କେତେକ ଲେଖକ ଓ ଗବେଷକ ଶ୍ରୀଜଗନ୍ନାଥଙ୍କୁ ଟାଣିଓଟାରି ନେଇ ଖ୍ରୀଷ୍ଟିଆନ ଓ ମୁସ୍‌ଲିମ ଧର୍ମର ପ୍ରତୀକ କହି ଶ୍ରୀଜଗନ୍ନାଥ ସଂସ୍କୃତି ମଧ୍ୟରେ ଭେଜାଲ ମିଶାଇ ଶ୍ରୀଜଗନ୍ନାଥ ଧର୍ମ ଏକ ସ୍ୱତନ୍ତ୍ର ଓ ଶ୍ରୀଜଗନ୍ନାଥ ହିଁ ସମସ୍ତ ଧର୍ମର ପ୍ରତୀକ ବୋଲି କହି ଡିଣ୍ଡିମ ପିଟିବାରେ ବ୍ୟସ୍ତ ଅଛନ୍ତି। ସେ ଯାହା ହେଉନା କାହିଁକି ତାଙ୍କଠାରେ ପ୍ରକୃତି (କାଳୀ) ଓ ପୁରୁଷ (କାଳ ବା କୃଷ୍ଣ) ଉଭୟେ ସମନ୍ୱିତ ହୋଇଥିବାରୁ ସେ ସାରା ବିଶ୍ୱରେ ପ୍ରସିଦ୍ଧିଲାଭ କରିଛନ୍ତି।

ଶାକ୍ତ ସଂସ୍କୃତି ଅନୁସାରେ ଶ୍ରୀକ୍ଷେତ୍ର ଏକ ପୁରାତନ ଓ ପ୍ରଥମ ଉଡ୍ର ତନ୍ତ୍ରପୀଠ ଭାବରେ ସୁବିଦିତ। ତନ୍ତ୍ର ଶାସ୍ତ୍ରଗୁଡ଼ିକରେ ଶ୍ରୀଜଗନ୍ନାଥ ହିଁ ଭୈରବ ଭାବରେ ବର୍ଣ୍ଣିତ। ଏହି କଳିଯୁଗକୁ ସଂହାରଯୁଗ କୁହାଯାଏ। ଏହି ଯୁଗରେ ସଂହାରରୂପୀ କାଳୀସ୍ୱରୂପ ଶ୍ରୀଜଗନ୍ନାଥଙ୍କର ପ୍ରାଧାନ୍ୟ ପରିଲକ୍ଷିତ ହୁଏ। କାରଣ ସଂହାର ଯୁଗରେ ବା କଳିଯୁଗରେ ତନ୍ତ୍ର ବା ଶାକ୍ତ ସଂସ୍କୃତି ଅନୁସାରେ ବିଧିବିଧାନ ହୁଏ ବୋଲି ଶାସ୍ତ୍ରୀୟ ପ୍ରମାଣ ରହିଛି। ଏଣୁ ମହାନିର୍ବାଣତନ୍ତ୍ରରେ କୁହାଯାଇଛି–

**'ସତ୍ୟେ ଶ୍ରୁତ୍ୟୁକ୍ତମାର୍ଗଃ ସ୍ୟାତ୍ ତ୍ରେତାୟାଂ ସ୍ମୃତିସମ୍ଭବଃ।**
**ଦ୍ୱାପରେ ତୁ ପୁରାଣୋକ୍ତିଃ କଲୌ ଆଗମସମ୍ମତଃ ।।'**

ଅର୍ଥାତ୍ ସତ୍ୟଯୁଗରେ ଶ୍ରୁତି (ବେଦ), ତ୍ରେତାରେ ସ୍ମୃତି (ସଂହିତା), ଦ୍ୱାପରରେ ପୁରାଣ ଓ କଳିଯୁଗରେ ଆଗମ (ତନ୍ତ୍ର) ଶାସ୍ତ୍ର ଅନୁସାରେ କାର୍ଯ୍ୟ ସମ୍ପାଦିତ ହୁଏ। ସଂହାର ଯୁଗରେ କାଳ (ଶିବ ଓ କୃଷ୍ଣ) ଓ ତାଙ୍କର ଶକ୍ତି କାଳୀ ହିଁ ସର୍ବାରାଧ୍ୟା ଅଟନ୍ତି। ଏଣୁ ଶ୍ରୀଜଗନ୍ନାଥ ହିଁ ପରଂବ୍ରହ୍ମ, ପରମାତ୍ମା ଶ୍ରୀକୃଷ୍ଣଙ୍କର ସାକ୍ଷାତ୍ ସ୍ୱରୂପ ବୋଲି ବିଭିନ୍ନ ଶାସ୍ତ୍ର ପ୍ରମାଣ କରିଛନ୍ତି। ଏହି ଦୃଷ୍ଟିରୁ ଶ୍ରୀକ୍ଷେତ୍ରରେ ଓ ଶ୍ରୀମନ୍ଦିରରେ କୃଷ୍ଣତତ୍ତ୍ୱାନୁଯାୟୀ ନାନା ପର୍ବପର୍ବାଣି, ଯାନିଯାତ୍ରାଦି ସମାରୋହରେ ପାଳିତ ହେଉଛି। ଶ୍ରୀକୃଷ୍ଣ ଓ କାଳୀ ଉଭୟଙ୍କ ମଧ୍ୟରେ ସମ୍ପର୍କ ଘନିଷ୍ଠ ବୋଲି ବୈଷ୍ଣବାଗମ ଓ ନିତ୍ୟତନ୍ତ୍ରଶାସ୍ତ୍ର ବୈଷ୍ଣବ ଓ ଶାକ୍ତ ସମ୍ପ୍ରଦାୟ ମଧ୍ୟରେ ଏକାତ୍ମତା ପ୍ରତିପାଦିତ ହୋଇଛି। ବିଷ୍ଣୁଙ୍କର ଦଶାବତାର ସହ ଶକ୍ତିଙ୍କର ଦଶମହାବିଦ୍ୟା ସହ ସମ୍ପର୍କ ରହିଥିବାର ପ୍ରମାଣ ନିତ୍ୟତନ୍ତ୍ରଶାସ୍ତ୍ରରୁ ମିଳେ। ଯଥା– କୃଷ୍ଣସ୍ତୁ କାଳିକା ଦେବୀ ଶ୍ରୀରାମସ୍ତାରିଣୀ ତଥା। ଏଥିରୁ କାଳୀ ହିଁ ଶ୍ରୀକୃଷ୍ଣ ବୋଲି କୁହାଯାଇଛି। ଯେ କାଳୀ ସେ କୃଷ୍ଣ। କୃଷ୍ଣ ଶକ୍ତି ହିଁ କାଳୀ। ଶ୍ରୀକ୍ଷେତ୍ରର ଶ୍ରୀଜଗନ୍ନାଥ ହିଁ ଭୈରବ ବୋଲି ମଧ ମହାପୀଠନିରୂପଣମ୍‌ରେ ବର୍ଣ୍ଣନା କରାଯାଇଛି– ଉତ୍କଳେ ନାଭିଦେଶଶ୍ଚ ବିରଜା କ୍ଷେତ୍ରମୁଚ୍ୟତେ। ବିମଳା ସା ମହାଦେବୀ ଜଗନ୍ନାଥସ୍ତୁ ଭୈରବଃ।।

ଏଣୁ ଶ୍ରୀଜଗନ୍ନାଥ ଭୈରବ ଭାବରେ ଓ ମା' ବିମଳା ସ୍ୱୟଂ ଭୈରବୀ କାଳୀ ଭାବରେ ମଧ ବହୁ ଶାସ୍ତ୍ରରେ ବର୍ଣ୍ଣିତ ହୋଇଛନ୍ତି। ଯଥା– ତାରା ସାକ୍ଷାତ୍ ଶୂଳପାଣିଃ ସୁଭଦ୍ରା ଭୁବନେଶ୍ୱରୀ। ନୀଳାଦ୍ରୌ ତୁ ଜଗନ୍ନାଥଃ ସାକ୍ଷାତ୍ ଦକ୍ଷିଣକାଳିକା।। ଏଣୁ ଶାସ୍ତ୍ରୀୟ ପ୍ରମାଣ ଅନୁସାରେ ସେ ହିଁ କୃଷ୍ଣ ଓ ସେ ହିଁ ରାଧା। ସେ ହେଉଛନ୍ତି କାଳ (କୃଷ୍ଣ) ଓ ସେ ମଧ କାଳୀ ବା ଦକ୍ଷିଣକାଳୀ। ଶ୍ରୀକୃଷ୍ଣ ହିଁ ନିଜକୁ କାଳ ବୋଲି ସ୍ୱୀକାର କରିଥିବାର ପ୍ରମାଣ ଶାସ୍ତ୍ରରେ ରହିଛି– ଅହଂ କାଳୋଽସ୍ମି। ଅର୍ଥାତ୍– ମୁଁ ଲୋକ ନିୟନ୍ତ୍ରଣକାରୀ କାଳ।

ଶ୍ରୀକ୍ଷେତ୍ରରେ ଥିବା ଦକ୍ଷିଣକାଳୀ ହିଁ ଶ୍ରୀମନ୍ଦିର ମଧ୍ୟରେ ବିମଳା ମନ୍ଦିରରେ ସଦା ପୂଜିତ। ଶ୍ରୀମନ୍ଦିରରେ ରନ୍ଧନଶାଳା ମଧ୍ୟରେ ଦକ୍ଷିଣକାଳୀଙ୍କ ସିନ୍ଦୂର ବିନା ଅନ୍ୟ କୌଣସି ଦେବୀଙ୍କର ସିନ୍ଦୂର ଯିବା ମନା। ସପ୍ତପୁରୀ ଅମାବାସ୍ୟା ଦିନ ଶ୍ରୀମନ୍ଦିର ମଧ୍ୟକୁ ଦକ୍ଷିଣକାଳୀଙ୍କର ଆଜ୍ଞାମାଳ ଆସି ପୂଜା ପାଇବାର ବିଧି ରହିଛି। ରୋଷଘର ରାନ୍ଧୁଣିଆ ସୁଆର ଓ ମହାସୁଆରମାନେ ଦକ୍ଷିଣକାଳୀଙ୍କ ସିନ୍ଦୂର ବିନା ଅନ୍ୟ କୌଣସି ଦେବଦେବୀଙ୍କ ସିନ୍ଦୂର ଲଗାଇ ଯିବା ପାଇଁ ନିଷିଦ୍ଧ କରାଯାଇଛି।

ଶ୍ରୀମନ୍ଦିରରେ ମାର୍ଗଶିର ମାସ ଅମାବାସ୍ୟା ଦିନ ଯେଉଁ ଉତ୍ସବ ଅନୁଷ୍ଠିତ ହୁଏ ତାକୁ ଦେବଦୀପାବଳି କୁହାଯାଏ। କାର୍ତ୍ତିକ ମାସ ଅମାବାସ୍ୟା ଦିନ ଶ୍ରୀକ୍ଷେତ୍ର ତଥା ଓଡ଼ିଶାର ସର୍ବତ୍ର ଦୀପାବଳି ଅନୁଷ୍ଠିତ ହୁଏ। ଶ୍ରୀକ୍ଷେତ୍ରର ପ୍ରତ୍ୟେକ ସାହି ଓ ଗଳିକନ୍ଦିରେ ଗୃହଗୁଡ଼ିକ ଦୀପସଜ୍ଜା, ଉଜ୍ଜ୍ୱଳ ଆଲୋକ ତଥା ରଙ୍ଗିନ ବିଦ୍ୟୁତ୍ ଆଲୋକରେ ସଜ୍ଜିତ ହୋଇ ଦର୍ଶନୀୟ ହୋଇଥାଏ। ପିଲାମାନେ ବାଣ ଫୁଟାଇ ଦିନଟିକୁ ଉପଭୋଗ କରନ୍ତି। ଗୋଟିଏ ପରମ୍ପରା ବର୍ତ୍ତମାନ ଲୁପ୍ତପ୍ରାୟ। କିଛି ବର୍ଷ ପୂର୍ବେ ପିଲାମାନେ ନିଜ ନିଜ ପିଣ୍ଡା ତଳେ ମହାପ୍ରସାଦ କୁଡୁଆ ଭାଙ୍ଗି ସେଥିରେ କୂଅଖୋଳି, ପାଣି ପୂରାଇ ସରା ଘୋଡ଼ାଇ ରଖନ୍ତି। ବର୍ତ୍ତମାନ ରାସ୍ତାଗୁଡ଼ିକ କଂକ୍ରିଟ୍ ନିର୍ମିତ ହୋଇଥିବା ହେତୁ ଏହି କୂଅ ଖୋଳିବା ସମ୍ଭବ ହେଉନାହିଁ। ଶ୍ରୀମନ୍ଦିର ବାଇଶିପାହାଚ ଉପରେ ଏହା ଅନୁଷ୍ଠିତ ହେଉଛି। ଲୋକମାନେ ସିଂହଦ୍ୱାରରେ ଓ ନିଜ ଗଳିକନ୍ଦିରେ କାଉଁରିଆ କାଠି ଜାଳି ଆକାଶ ଆଡ଼କୁ ଦେଖାଇ କହନ୍ତି– ''ଆହେ ବଡ଼ବଡ଼ିଏ ! ଅନ୍ଧାରରେ ଆସିଚ ଆଲୁଅରେ ଯାଆ, ଶ୍ୱେତଗଙ୍ଗାରେ ଗୋଡ଼ ଧୋଇ ମହାପ୍ରସାଦ ଖାଇ ସ୍ୱର୍ଗକୁ ଯାଆ।'' ଏହିପରି ପିତୃପୁରୁଷଙ୍କୁ ଦୀପଦାନ କରି ମୋକ୍ଷପ୍ରାପ୍ତି ହେବାର ବିଶ୍ୱାସ ରହିଛି।

– ଡ. ରମାକାନ୍ତ କର, ଗୁଡ଼ିଆସାହି, ପୁରୀ, ମୋ– ୯୮୬୧୨୩୮୩୫୧

# ଶ୍ରୀକ୍ଷେତ୍ରରେ କାଳୀ ଉପାସନା



ଶ୍ରୀକ୍ଷେତ୍ରର ମା' ଶ୍ୟାମାକାଳୀ

ଭାରତର ଚାରିଧାମ ମଧ୍ୟରେ ଶ୍ରୀଜଗନ୍ନାଥ ଧାମର ଉପାସନା ପରମ୍ପରା ସବୁଠୁ ନିଆରା। ବଦ୍ରିନାଥ ଧାମରେ ଶ୍ରୀନାରାୟଣ, ଶ୍ରୀରାମେଶ୍ୱର ଧାମରେ ଶ୍ରୀଶ୍ରୀ ମହାଦେବ (ଶ୍ରୀରାମେଶ୍ୱର) ଏବଂ ଦ୍ୱାରକା ଧାମରେ ଦ୍ୱାରକାଧୀଶ ଶ୍ରୀକୃଷ୍ଣଙ୍କ ଉପାସନା ପ୍ରଚଳିତ। ହେଲେ ଏସବୁ ଧାମରେ ବାର ମାସରେ ସବୁ ଦେବଦେବୀଙ୍କ ମିଳିତ ଉପାସନା ବିଶେଷ ଭାବେ ପରିଲକ୍ଷିତ ହୁଏ ନାହିଁ। ଶ୍ରୀଜଗନ୍ନାଥ ଧାମର ଉପାସନା ପଞ୍ଚ ଦେବଦେବୀଙ୍କୁ ନେଇ ରୁଦ୍ଧିମନ୍ତ। ଏଠାରେ ଶିବଙ୍କର ଉପାସନା ଯେତିକି ମର୍ଯ୍ୟାଦା ପାଇଛି, ଶକ୍ତିଙ୍କ ଉପାସନା ମଧ ସେତିକି ମର୍ଯ୍ୟାଦା ପାଇଛି। ଶକ୍ତି ଉପାସନାରେ ମୁଖ୍ୟ ଦେବୀ ଭାବେ ଦୁର୍ଗା ଏବଂ କାଳୀଙ୍କ ପୂଜା ପ୍ରଚଳିତ ଅଛି। ଆଶ୍ୱିନ ମାସରେ ମା' ଦୁର୍ଗାଙ୍କର ପୂଜା ହୁଏ। ସେହିପରି କାର୍ତ୍ତିକ ମାସରେ ମହାକାଳୀଙ୍କ ପୂଜା ଅନୁଷ୍ଠିତ ହୁଏ।

ଶ୍ରୀକ୍ଷେତ୍ରରେ କାଳୀ ଉପାସନା ବହୁ ପ୍ରାଚୀନ। ଦକ୍ଷିଣକାଳୀ, ଶ୍ୟାମାକାଳୀ, ଉତ୍ତରକାଳୀ, କୃଷ୍ଣକାଳୀ, ବାଟକାଳୀ, ଗଛକାଳୀ ପ୍ରାଚୀନ କାଳରୁ ଶ୍ରୀଜଗନ୍ନାଥ ମନ୍ଦିର ଉପାସନା ସହିତ ଜଡ଼ିତ। ଦକ୍ଷିଣକାଳୀ ଶ୍ରୀମନ୍ଦିର ରୋଷଶାଳା ସହିତ ସଂଶ୍ଳିଷ୍ଟ ରହିଥିବା ବେଳେ ଶ୍ୟାମାକାଳୀ ହେଉଛନ୍ତି ଗଜପତି ମହାରାଜାଙ୍କର ପୁରୀରେ ଥିବା ବାଲିନଅରର ଉପାସ୍ୟା। ୧୬୪୭ ମସିହା ପରେ ନଅର ଧୀରେ ଧୀରେ ତାହାର ଗୁରୁତ୍ୱ ହରାଇବା ଆରମ୍ଭ କରିଥିଲା। ଶେଷରେ ଧ୍ୱଂସ ପାଇଯିବା ପରେ ମଧ ମା' ଶ୍ୟାମାକାଳୀ ଅକ୍ଷୁଣ୍ଣ ଅଛନ୍ତି। ଏବେ ବି ମା'ଙ୍କ ପୂଜାବିଧି ଯଥାରୀତି ଚାଲିଛି। ସେହିପରି ଉତ୍ତରକାଳୀ ମାଟିମଣ୍ଡପ ସାହିରେ ଏବଂ କୃଷ୍ଣକାଳୀ ଗୌଡ଼ବାଡ ସାହିରେ ଶ୍ରୀଜମେଶ୍ୱରଙ୍କ ମନ୍ଦିର ନିକଟରେ ଉପାସିତ ହେଉଛନ୍ତି। ଗଛକାଳୀ ଏବଂ ବାଟକାଳୀ ବାଲିସାହି (ଉଆଁସ ଦାଣ୍ଡ)ରେ ପୂଜିତ ହେଉଛନ୍ତି। ସହର ଉପକଣ୍ଠ ବୀରପ୍ରତାପପୁର, ବୀରଗୋବିନ୍ଦପୁର ଏବଂ ସମୟାଜପୁରରେ ମା' କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ବେଶ୍ ଧୁମ୍‌ଧାମରେ ହୋଇଆସୁଛି। ଦୀପାବଳିପର୍ବ ଓଡ଼ିଶାରେ କାଳୀପୂଜା ଓ ପୟାଶ୍ରାଦ୍ଧ ପାଇଁ ପ୍ରସିଦ୍ଧ। ଏହିଦିନ ମହାଳୟା ବିଧିରେ ଆମନ୍ତ୍ରିତ ହୋଇଥିବା ପିତୃପୁରୁଷଙ୍କୁ ଫଳମୂଳରେ ଶ୍ରାଦ୍ଧ ଦିଆଯାଇ କାଉଁରିଆ କାଠ ଜାଳି ପିତୃଲୋକଙ୍କୁ ବିଦାୟ ଦିଆଯାଏ। ସେଥିପାଇଁ ଶ୍ରଦ୍ଧାରେ କୁହାଯାଏ ବଡ଼ବଡ଼ିଆ ହୋ, ଅନ୍ଧାରରେ ଆସିଆ ଲୁଅରେ ଯାଅ। ପିତୃପୁରୁଷଙ୍କୁ ବିଦାୟ ଦେବା ପରେ ମହାକାଳୀ ପୂଜା ଆରମ୍ଭ ହୁଏ। ଏହା ନିଶାର୍ଦ୍ଧପୂଜା। ଓଡ଼ିଶା ପରମ୍ପରାରେ ମହାକାଳୀ ବିବସ୍ତ୍ରା ନୁହନ୍ତି। ଲହ ଲହ ଜିହ୍ୱାରେ ସେ ବିବସ୍ତ୍ରା ହୋଇ ପୂଜା ପାଆନ୍ତି ନାହିଁ। ଶାନ୍ତ ଭାବରେ ପୂଜା ପାଇଥାନ୍ତି କାଳୀଙ୍କର ଶାନ୍ତ ମୂର୍ତ୍ତି। ପୂଜାର ଯେଉଁ ଐତିହ୍ୟ ରହିଛି, ସେଥିରୁ ଜଣାଯାଏ ଓଡ଼ିଶାରେ କାଳୀ ବିଦଗ୍ଧା ଓ ଅଭିମାନିନୀ। ତେଣୁ ମା'ଙ୍କର ଶାନ୍ତସ୍ୱରୂପକୁ ପୂଜା କରାଯାଏ ବୋଲି ଓଡ଼ିଶାର ମୂର୍ତ୍ତିତତ୍ତ୍ୱରୁ ଏହା ପ୍ରମାଣିତ।

ରିପୋର୍ଟ: ହେମନ୍ତ କୁମାର ନାୟକ, ପୁରୀ ଅଫିସ | ଫଟୋ: ଅନିଲ କୁମାର ସାହୁ

> କ୍ରୋଧରୁ ମୋହ ଜନ୍ମେ, ମୋହରୁ ସ୍ମରଣ ଶକ୍ତି ନଷ୍ଟ ହୁଏ, ସ୍ମରଣ ଶକ୍ତି ନଷ୍ଟ ହେଲେ, ବିଚାର ଶକ୍ତି ନଷ୍ଟ ହୁଏ ଏବଂ ବିଚାର ଶକ୍ତି ନଷ୍ଟରୁ ମନୁଷ୍ୟ ମୃତ୍ୟୁ ମୁଖରେ ପତିତ ହୁଏ।
> - ଭଗବତ୍ ଗୀତା

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଉତ୍କଳ ସମ୍ମିଳନୀ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଶ୍ରାଦ୍ଧ ଦିବସ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ଲୋୟର୍ ପିଏମ୍‌ଜି ଛକସ୍ଥିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତି, ସକାଳ ୯ଟା।
- 'ମୋ ବସ୍'ର ଶୁଭ ଉଦ୍‌ଘାଟନ, ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦର ଛକ, ପୂର୍ବାହ୍ନ ୧୧ଟା।
- ସାର୍ବଜନୀନ ଦୁର୍ଗାପୂଜା ସମିତି, ଭିଏସ୍‌ଏସ୍ ନଗର ପକ୍ଷରୁ ଶ୍ୟାମାକାଳୀ ପୂଜା ପାଇଁ ଜଳଯାତ୍ରା, ମଣ୍ଡପ ପରିସର, ଅପରାହ୍ନ ୪ଟା। ଚକ୍ଷୁଦାନ, ରାତି ୧୧ଟା ୨୬।
- ଟ୍ରାଇବାଲ୍ ଆଣ୍ଡ ଫୋକ୍ ଆର୍ଟ ପ୍ରୋମୋଶନ ଆଣ୍ଡ ଡେଭେଲପ୍‌ମେଣ୍ଟ ଫାଉଣ୍ଡେଶନ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟନ, ଓଡ଼ିଶା ମର୍ଡନ ଆର୍ଟ ଗ୍ୟାଲେରି, ସନ୍ଧ୍ୟା ୬ଟା।
- ନ୍ୟୁ ଏଜି କଲୋନୀ ରେସିଡେଣ୍ଟ୍‌ସ କମିଟି, ନୟାପଲ୍ଲୀ ପକ୍ଷରୁ କାଳୀପୂଜା, କଲୋନୀ ପରିସର, ସନ୍ଧ୍ୟା ୬ଟା।
- ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ସଂସଦ ପକ୍ଷରୁ ଗଣକବି ବୈଷ୍ଣବ ପାଣିଙ୍କ ୧୩୬ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ସମାଜ ଓ ସଂସ୍କୃତିର ୧୪ତମ ବାର୍ଷିକ ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ 'ଏଇ ଆମରି ଗାଁ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ୩୯ତମ ମହାକାଳୀ ପୂଜା ଓ ବିଶ୍ୱଶାନ୍ତି ମହାଯଜ୍ଞ, ବରମୁଣ୍ଡାସ୍ଥିତ ଦକ୍ଷିଣକାଳୀ ପୀଠ, ରାତି ୮ଟା।
- ସାର୍ବଜନୀନ ଦୁର୍ଗାପୂଜା ସମିତି, ପୁରୁଣା ଷ୍ଟେଶନ ବଜାର ପକ୍ଷରୁ ଶ୍ୟାମାକାଳୀ ପୂଜା, ମଣ୍ଡପ ପରିସର, ରାତି ୧୧ଟା ୦୫ରୁ ଆରମ୍ଭ।

**ପୁରୀ**

- ଚିଲିକାରେ ଭସାପୋଲର ଶୁଭ ଉଦ୍‌ଘାଟନ, ସାତପଡ଼ା, ପୂର୍ବାହ୍ନ ୧୦ଟା।
- ନୀଳକଣ୍ଠ ସ୍ମୃତି ସମିତି ପକ୍ଷରୁ ଶ୍ରାଦ୍ଧବାର୍ଷିକୀ ଉତ୍ସବ, ସାଲବେଗ ପୀଠ, ଅପରାହ୍ନ ୪ଟା।

**ଖୋର୍ଦ୍ଧା**

- ମିଶନ ଆଶ୍ରାରେ ଦୀପାବଳି ପାଳନ କାର୍ଯ୍ୟକ୍ରମ 'ଦିଲ୍ ଦିୟା ଔର୍ ଦିୱାଲି-୨୦୧୮', ତଳଖେତା ଛକ, ଝାଁଳା ଶିଳ୍ପାଞ୍ଚଳ, ସନ୍ଧ୍ୟା ୬ଟା।

**ସାକ୍ଷୀଗୋପାଳ**

- ମା' ଦକ୍ଷିଣକାଳୀଙ୍କ ପୀଠରେ ମହାକାଳୀ ପୂଜା, ବୀରଗୋବିନ୍ଦପୁର, ମଧ୍ୟରାତ୍ରି ୧୨ଟା।

### ଭିଡ଼ ସାଙ୍ଗକୁ ଗୁଳୁଗୁଳି

# ଶ୍ରୀମନ୍ଦିରରେ ଏକାଧିକ ଭକ୍ତ ଅସୁସ୍ଥ

### ଭିତରକୁ ଯିବାକୁ ହବିଷିଆଳିଙ୍କ ଭୟ

**ପୁରୀ ଅଫିସ,୫।୧୧**

କାର୍ତ୍ତିକ ମାସ ଯୋଗୁ ଏବେ ଶ୍ରୀମନ୍ଦିରରେ ଅଧିକ ଭିଡ଼ ହେଉଛି। ବିଶେଷକରି ଏହି ମାସର ଛୁଟି ଦିନଗୁଡ଼ିକରେ ସ୍ଥିତି ଅସମ୍ଭାଳ ହୋଇପଡୁଛି। ନିୟନ୍ତ୍ରଣ କରିବାରେ ଜେଟିପି ଏବଂ ପୋଲିସ ଅସହାୟ ହୋଇପଡୁଛନ୍ତି। ଏବେ ପ୍ରାୟ ସବୁଦିନ ବଡ଼ଦେଉଳରେ ଗହଳି ରହୁଛି। ସୋମବାର ବି ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ଼ ହୋଇଥିଲା। ଖରା ଏବଂ ଗୁଳୁଗୁଳି ଯୋଗୁ ଏକାଧିକ ଭକ୍ତ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଅନ୍ୟପକ୍ଷରେ ସାତପାହାଚରେ ଭିଡ଼କୁ ଦେଖି ଅନେକ ହବିଷିଆଳି ଭିତରକୁ ଦର୍ଶନ ପାଇଁ ଯିବାକୁ ଭୟ କରୁଛନ୍ତି। ପୂର୍ବରୁ ସେମାନେ ଭିତରେ କିପରି ଦର୍ଶନ ପାଇଁ ଠେଲାପେଲା ହେଉଛି ତାହା ଅଙ୍ଗେ ନିଭାଇଥିବାରୁ କେବଳ ବେଢା ପରିସର ବିଭିନ୍ନ ମନ୍ଦିର ବୁଲି ଫେରୁଛନ୍ତି।

ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ନୂଆପଡ଼ା ଜିଲା ଖଡ଼ିଆଳର ବିଶ୍ୱମ୍ଭର ପରୁଆ (୭୫) ପରିବାର ସଦସ୍ୟଙ୍କ ସହ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ଏହି ସମୟରେ ପ୍ରବଳ ଗହଳି ରହିଥିଲା। ତେଣୁ ଦୀର୍ଘ ସମୟ ଧରି ଅପେକ୍ଷା କରିବା ପରେ ସେମାନେ ଜଗମୋହନ ଭିତରକୁ ଦର୍ଶନ ପାଇଁ ଯାଇଥିଲେ। ହେଲେ ସେତେବେଳେ ବି ଭିଡ଼ କମି ନ ଥିଲା। ଠେଲାପେଲା ଭିତରେ ବିଶ୍ୱମ୍ଭର ଏକପ୍ରକାର ଅଣନିଃଶ୍ୱାସୀ ହୋଇପଡିଥିଲେ। ବାହାରକୁ ଯିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ଫଳରେ ତାଙ୍କ ମୁଣ୍ଡ ବୁଲାଇଦେବାରୁ ସେ ତଳେ ପଡିଯାଇଥିଲେ। ସେଠାରେ ମୁତୟନ ଥିବା ପୋଲିସ କର୍ମଚାରୀଙ୍କ ସହାୟତାରେ ପରିବାର ସଦସ୍ୟ ତାଙ୍କୁ ବାହାରକୁ ନେଇଆସିଥିଲେ। ସଙ୍ଗେ ସଙ୍ଗେ ଶ୍ରୀମନ୍ଦିର ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସାଲାଇନ ଲାଗିବା ସହ ପ୍ରାୟ ୨ ଘଣ୍ଟା ଧରି ତାଙ୍କର ଚିକିତ୍ସା କରାଯାଇଥିଲା। ପୂର୍ବାହ୍ନ ପ୍ରାୟ ୧୦ଟା ୪୫ରେ ଅନ୍ୟ ଜଣେ ମହିଳା ଭକ୍ତ ଶ୍ରୀମନ୍ଦିର ଭିତରେ ଅସୁସ୍ଥ ହୋଇପଡିଥିଲେ। କେନ୍ଦୁଝର ଜିଲା ଶୋଷ ଥାନା ଅନ୍ତର୍ଗତ ବାଙ୍ଗର ଗ୍ରାମର ରମ୍ଭା ବିନ୍ଧାଣୀ (୮୨) ସପରିବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଆସିଥିଲେ। ଏହି ସମୟରେ ପ୍ରବଳ ଭିଡ଼ ଯୋଗୁ ସେ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ଶ୍ରୀମନ୍ଦିର ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସୁସ୍ଥ ହେବା ପରେ ସେ ଘରକୁ ଫେରିଯାଇଥିବା ଜଣାପଡିଛି। ମନ୍ଦିରରୁ ଅସୁସ୍ଥ ହୋଇ ଆସିଥିବା ଏହି ଦୁଇ ଶ୍ରଦ୍ଧାଳୁଙ୍କୁ ସହାୟର ସ୍ୱେଚ୍ଛାସେବୀମାନେ ହସ୍ପିଟାଲରେ ସହଯୋଗ କରିଥିଲେ।

ସେହିପରି ଦର୍ଶନ କରୁଥିବା ବେଳେ ଠେଲାପେଲାରେ ସାକ୍ଷୀଗୋପାଳର ବଳଭଦ୍ର ରାଉତ (୭୫) ତଳେ ପଡିଯାଇ ଆହତ ହୋଇଥିଲେ। ତାଙ୍କୁ ମନ୍ଦିର ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିବା ଜଣାପଡିଛି।


ଚିକିତ୍ସାଧୀନ ବିଶ୍ୱମ୍ଭର ପରୁଆ।


ରମ୍ଭା ବିନ୍ଧାଣୀଙ୍କୁ ଚିକିତ୍ସା ପାଇଁ ନିଆଯାଉଛି।



ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନର ବାର୍ଷିକ ଉତ୍ସବରେ ମହୀମୋହନ ତ୍ରିପାଠୀଙ୍କୁ 'ଶ୍ରୀଜଗନ୍ନାଥ ସମ୍ମାନ-୨୦୧୮' ପ୍ରଦାନ କରାଯାଉଛି।

# ମହୀମୋହନ ତ୍ରିପାଠୀଙ୍କୁ 'ଶ୍ରୀଜଗନ୍ନାଥ ସମ୍ମାନ'

**ଭୁବନେଶ୍ୱର, ୫।୧୧(ବ୍ୟୁରୋ)**

ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନର ୩୮ତମ ବାର୍ଷିକ ଉତ୍ସବ ସୋମବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ପୁରୀ ଗୋବର୍ଦ୍ଧନ ପୀଠର ପୀଠାଧୀଶ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ବିଶିଷ୍ଟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ମହୀମୋହନ ତ୍ରିପାଠୀଙ୍କୁ 'ଶ୍ରୀଜଗନ୍ନାଥ ସମ୍ମାନ-୨୦୧୮' ପ୍ରଦାନ କରାଯାଇଥିଲା। ଏଥିସହ ଜଗନ୍ନାଥ ମନ୍ଦିର ସମ୍ପର୍କିତ କେତେକ ରିପୋର୍ଟ, ସଂସ୍କାରମୂଳକ ପ୍ରସ୍ତାବ ଓ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶନାମାକୁ ନେଇ ଲିଖିତ ପୁସ୍ତକ 'ରିପୋର୍ଟ ଆଣ୍ଡ୍ ନୋଟ୍ ଅନ୍ ଶ୍ରୀଜଗନ୍ନାଥ ଟେମ୍ପଲ୍ ପୁରୀ', 'କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ...'ର ଦ୍ୱିତୀୟ ସଂସ୍କରଣ, 'ଜଗନ୍ନାଥ ଦାସଙ୍କ ଭାଗବତ: ଯୋଗ ସିଦ୍ଧାନ୍ତ' ଓ ପ୍ରତିଷ୍ଠାନର ପତ୍ରିକା 'ଶ୍ରୀଜଗନ୍ନାଥ-୨୦୧୮ର ସ୍ୱତନ୍ତ୍ର ସଂଖ୍ୟା' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ସୁରେନ୍ଦ୍ର ଦାଶ ଓ ରାଜକିଶୋର ମିଶ୍ର ପୁସ୍ତକର ସମୀକ୍ଷା କରିଥିଲେ। ଏହି ଅବସରରେ ଗୁରୁଜୀଙ୍କୁ ପ୍ରତିଷ୍ଠାନ ପକ୍ଷରୁ ତାମ୍ର ଫଳକ ଅର୍ପଣ କରାଯାଇଥିଲା। ପଣ୍ଡିତ ମାତୃପ୍ରସାଦ ମିଶ୍ର ଶାନ୍ତିପାଠ କରିଥିବାବେଳେ ପଣ୍ଡିତ ରୋହିତ କୁମାର ଦାଶ ବେଦପାଠ, ପ୍ରଫେସର ନାରାୟଣ ସାହୁ ସମ୍ପାଦକୀୟ ବିବରଣୀ, ପ୍ରଫେସର ସୁରେନ୍ଦ୍ର ନାଥ ସ୍ୱାଗତ ଭାଷଣ ଓ ପ୍ରଫେସର ରାଜକିଶୋର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଧବଳେଶ୍ୱରଙ୍କୁ ଦର୍ଶନ କଲେ ୫୦ ହଜାର ଶ୍ରଦ୍ଧାଳୁ

**ଖୁଣ୍ଟୁଣୀ, ୫।୧୧(ଡି.ଏନ୍.ଏ.)**

କାର୍ତ୍ତିକର ଦ୍ୱିତୀୟ ସୋମବାରରେ ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି ବୋଲି ଦେବୋତ୍ତର ସୁପରଭାଇଜର କରୁଣାକର ବେହେରା କହିଛନ୍ତି। ଭୋର ୪ଟାରୁ ପୂଜକ ସମାଜ ପକ୍ଷରୁ ଠାକୁରଙ୍କ ନୀତି ଆରମ୍ଭ ହୋଇ ୫ଟାରେ ଦ୍ୱାର ଖୋଲାଯାଇଥିଲା। ଅପରାହ୍ନ ପ୍ରାୟ ୪ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଚୌଦ୍ୱାର ଏସ୍‌ଡିପିଓ ସତ୍ୟନାରାୟଣ ଦାସଙ୍କ ପରିଚାଳନାରେ ପୀଠରେ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଟାଙ୍ଗି, ଗୁରୁଡିଝାଟିଆ, ଖୁଣ୍ଟୁଣୀ, କଟକ ମୁଖ୍ୟାଳୟ ଓ ଘଣ୍ଟିଖାଲରୁ ୧୫ଜଣ ଅଫିସର ନିୟୋଜିତ ହୋଇଥିଲେ। ଧାଡିରେ ଶୃଙ୍ଖଳିତଭାବେ ଦର୍ଶନ କରିଥିବା କଟକ ଜୋବ୍ରା ଅଞ୍ଚଳର ଦେବରାଜ ବେହେରା ପ୍ରକାଶ କରିଛନ୍ତି। ଆଠଗଡ ଉପଜିଲାପାଳ ଅମୀୟ କୁମାର ସାହୁ ସମସ୍ତ କାର୍ଯ୍ୟ ତଦାରଖ କରୁଥିବା ଜଣାପଡିଛି।

# ପ୍ରଶାନ୍ତ ପାଢ଼ୀ ପାଇବେ ଶାନ୍ତିଲତା ସମ୍ମାନ

**ଭୁବନେଶ୍ୱର,୫।୧୧(ବ୍ୟୁରୋ)**

କଣ୍ଠଶିଳ୍ପୀ ତଥା ଜଣାଶୁଣା ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀଙ୍କୁ ଚଳିତବର୍ଷ ପାଇଁ ଶାନ୍ତିଲତା ସମ୍ମାନ ୨୦୧୮ ପ୍ରଦାନ କରାଯିବ। ଆସନ୍ତା ୯ ତାରିଖରେ ସୂଚନା ଭବନଠାରେ ଆୟୋଜନ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ହେ ଚକାନୟନ'ରେ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଯୋଗଦେଇ ପ୍ରତିଭାଙ୍କୁ ପୁରସ୍କାର ପ୍ରଦାନ କରିବେ। ଏହି ଅବସରରେ ନିଆରା ସଙ୍ଗୀତ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ, ଯେଉଁଥିରେ ରାଜ୍ୟର ବହୁ ଜଣାଶୁଣା କଣ୍ଠଶିଳ୍ପୀ ଯୋଗଦେଇ ଶାନ୍ତିଲତାଙ୍କ ଲୋକପ୍ରିୟ ଭଜନ ପରିବେଷଣ କରିବେ।







@ ଆରତି


@ ଶ୍ରୀକର


@ ସୁରେଶ


@ ଚିନ୍ମୟୀ


@ ସେକ୍ ମହମ୍ମଦ


@ ବବୁଲ


@ ବିବେକ



@ ପ୍ରୀତିରଞ୍ଜନ



ଯେଉଁମାନଙ୍କ ମନଟି ଛୋଟ ସେମାନଙ୍କୁ ଛୋଟ କାଠିଏ ବି ବଡ଼ ଭଳି ଜଣାପଡ଼େ।
-ହେନେରୀ ଫର୍ଡ



# ଗଙ୍ଗୁଆ ନାଳରୁ ବ୍ୟବସାୟୀଙ୍କ ଗଳିତ ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୫।୧୧(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଳାଶୁଣିସ୍ଥିତ ଗଙ୍ଗୁଆ ନାଳରୁ ସୋମବାର ସକାଳୁ ଜଣେ ପରିବା ଦୋକାନୀଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି। ମୃତ ବ୍ୟବସାୟୀ ଜଣକ ହେଲେ ରାକେଶ ଭଦ୍ରା(୩୨)। ଘର କେନ୍ଦ୍ରାପଡା ପାଟକୁରାରେ ହୋଇଥିବାବେଳେ ସେ ସତ୍ୟବିହାରରେ ରହି ଆଖଣ୍ଡଳମଣି ବସ୍ତିରେ ପରିବା ଦୋକାନ କରିଥିଲେ। ସେ ଗତ ୨ ତାରିଖରୁ ନିଖୋଜ ଥିଲେ। ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ନଂ.୯୪/୧୮ ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇ ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ରାକେଶ ଗତ ୨ ତାରିଖ ରାତିରେ ଦୋକାନ ବନ୍ଦ କରିଥିଲେ ମଧ୍ୟ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ତାଙ୍କର ଖୋଜଖବର ନ ପାଇବାରୁ ମଞ୍ଚେଶ୍ୱର ଥାନାରେ ଏନେଇ ଲିଖିତ ଅଭିଯୋଗ କରିଥିଲେ। ସୋମବାର ସକାଳୁ ପଳାଶୁଣି ଗଙ୍ଗୁଆ ନାଳରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା କେତେଜଣ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ଜଣେ ଯୁବକଙ୍କୁ ମାରି ଅଖାରେ ବାନ୍ଧି ନାଳରେ ଫିଙ୍ଗିଦିଆଯାଇଥିବା ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା। ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଯୁବକ ଜଣକ ଅଖାଭଳି ଦେଖାଯାଉଥିବା ଏକ ଟି-ଶାର୍ଟ ପିନ୍ଧିଥିଲେ। କାଦୁଅ ଓ ପାଣି ଲାଗି ତାହା ଅଖାଭଳି ଦେଖାଯାଉଥିଲା ବୋଲି ପୋଲିସ କହିଛି। ହେଲେ ଘଟଣାସ୍ଥଳ ଓ ପାରିପାର୍ଶ୍ୱିକ ସ୍ଥିତିକୁ ନେଇ ନାନା ଚର୍ଚ୍ଚା ଶୁଣିବାକୁ ମିଳୁଛି। ରାକେଶଙ୍କୁ ଡାକିନେଇ ହତ୍ୟା ପରେ ଗଙ୍ଗୁଆ ନାଳରେ ଫିଙ୍ଗି ଦିଆଯାଇଥିବା ସନ୍ଦେହ କରାଯାଉଛି। ତେବେ ରାକେଶଙ୍କ ଦେହରେ କୌଣସି କ୍ଷତ ଚିହ୍ନ ନ ଥିବାରୁ ଅଭିଯୋଗ ଆଧାରରେ ପୋଲିସ ଅନ୍ୟ ଦିଗକୁ ନେଇ ତଦନ୍ତ ଚଳାଇଛି। ଏନେଇ ମଞ୍ଚେଶ୍ୱର ଥାନା ଅଧିକାରୀ କେ.ପି ମିଶ୍ର କହିଛନ୍ତି, ରାକେଶ ୨ ତାରିଖ ରାତି ପ୍ରାୟ ୧୦ଟା ୩୦ରେ ଶେଷଥର ତାଙ୍କ ସାଙ୍ଗକୁ ଫୋନ୍ କରିଥିଲେ। ସେ ଗଙ୍ଗୁଆ ନାଳ ନିକଟରେ ମଦ ପିଉଥିବା କହିଥିଲେ। ସେଠାକୁ ମଦ ନେଇ ଆସିବାକୁ ରାକେଶ ତାଙ୍କ ସାଙ୍ଗକୁ କହିଥିଲେ। କିନ୍ତୁ ସେ ଆସି ନ ଥିଲେ ବୋଲି ସାଙ୍ଗ ଜଣକ ଜଣାଇଛନ୍ତି। ଅତ୍ୟଧିକ ମଦ ନିଶାରେ ରାକେଶ ନାଳକୁ ଖସି ପଡିଥିବା ସନ୍ଦେହ କରୁଛୁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।



ମୃତଦେହ ଉଦ୍ଧାର ସ୍ଥାନ।

- ୨ ତାରିଖରୁ ନିଖୋଜ ଥିଲେ
- ହତ୍ୟା ଅଭିଯୋଗ ଆଣିଲେ ପରିବାର

## ସଂକ୍ଷେପରେ

### ମହର୍ଷି କଲେଜରେ ଦୁର୍ନୀତି ନିବାରଣ ସପ୍ତାହ
### ଦୁର୍ନୀତି ରୋକିବାରେ ଛାତ୍ର ସମାଜର ଭୂମିକା ଅଧିକ

ଭୁବନେଶ୍ୱର, ୫।୧୧(ବ୍ୟୁରୋ): ମହର୍ଷି କଲେଜରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। କଲେଜ ଅଧକ୍ଷା ପୁଷ୍ପଲତା ପରିଡା ଅଧକ୍ଷତା କରି ଦୁର୍ନୀତି ନିବାରଣ କ୍ଷେତ୍ରରେ ଛାତ୍ର ତଥା ଯୁବ ସମାଜର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କଲେଜର ବରିଷ୍ଠ ଅଧାପକ ତ୍ରୈଲୋକ୍ୟ ସାମଲ, ପ୍ରଶାନ୍ତ ପ୍ରହାଚାର୍ଯ୍ୟ, ଉର୍ମି ଦେବୀ, ବିଜୟ ବାରିକ ଏବଂ ବିବେକ ଦାଶ ଆଲୋଚନାରେ ଅଂଶଗ୍ରହଣ କରି ଦୁର୍ନୀତି କିପରି ବିକାଶରେ ବାଧକ ସାଜୁଛି ସେ ବିଷୟରେ ଆଲୋଚନା କରିଥିଲେ। ଇଣ୍ଡିଆନ ବ୍ୟାଙ୍କର ଡିଜିଏମ୍ ଯୋଗଦେଇ ଦେଶରୁ ଦୁର୍ନୀତି ହଟାଇବାରେ ଛାତ୍ରୀଛାତ୍ର ଏବଂ ଯୁବ ସମାଜର ଭୂମିକା ଅଧିକ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ଦୁର୍ନୀତିର ମୂଳୋତ୍ପାଟନ ସଂକ୍ରାନ୍ତରେ ଆୟୋଜିତ ତର୍କ ପ୍ରତିଯୋଗିତାରେ କଲେଜ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ସେମାନଙ୍କ ଯୁକ୍ତି ଉପସ୍ଥାପନ କରିଥିଲେ। ପ୍ରତିଯୋଗିତାରେ ଯୁକ୍ତ୩ ବିଜ୍ଞାନ ବିଭାଗର ଛାତ୍ରୀ ଦୀପାରାଣୀ ଭୌମିକ ପ୍ରଥମସ୍ଥାନ ଅଧିକାର କରିଥିବାବେଳେ ଅଭିରାମ ପାଣିଗ୍ରାହୀ ଦ୍ୱିତୀୟ ଏବଂ ସୌମ୍ୟା ମହାନ୍ତି ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

### କାର୍ଯ୍ୟବ୍ୟସ୍ତତା ଚାପଗ୍ରସ୍ତ କରାଏ

ଭୁବନେଶ୍ୱର, ୫।୧୧(ବ୍ୟୁରୋ): କାର୍ଯ୍ୟବ୍ୟସ୍ତତା ଯୋଗୁ ମଣିଷ ଚାପଗ୍ରସ୍ତ ହେଉଛି। କମ୍ ସମୟରେ ଅଧିକ ସଫଳତା ପାଇବା ଏହାର କାରଣ। ବିଶେଷ କରି ଏଥିରେ ଯୁବପିଢ଼ି ଅଧିକ ପ୍ରଭାବିତ ହେବା ସହ ମାନସିକ ଚାପଗସ୍ତ ହେଉଥିବା ପରିଲକ୍ଷିତ ହେଉଛି। ଜଣେ ବ୍ୟକ୍ତି ମାନସିକସ୍ତରରେ ସୁସ୍ଥ ରହିଲେ ଦୃଢ଼ ଆମତ୍ମବିଶ୍ୱାସ ସୃଷ୍ଟି ଓ କଠିନ ପରିଶ୍ରମ ପାଇଁ ଆଗ୍ରହ ରହିବ। ସେମାନେ କିଭଳି ନୀ ରୋଗ ଓ ସ୍ୱାସ୍ଥ୍ୟବାନ ରହିବେ ସେଥିପାଇଁ ନିରନ୍ତର ଉଦ୍ୟମ ଆବଶ୍ୟକ। କାରଣ ନିରୋଗ ସ୍ୱାସ୍ଥ୍ୟ ପାଇଁ ଚାପମୁକ୍ତ ଜୀବନଶୈଳୀ ଜରୁରୀ ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ ଆୟୋଜିତ ବିଶ୍ୱ ମାନସିକ ଦିବସ ପାଳନ ଅବସରରେ ଅତିଥିମାନେ ଏହା କହିଛନ୍ତି। ଏହି ଅବସରେ ମାନବ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଓ ମନସତ୍ତ୍ୱ ବିଜ୍ଞାନ ବିଭାଗ ପକ୍ଷରୁ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା। ମାନସିକ ଚାପ, ଆତ୍ମହତ୍ୟା ଓ ମାନସିକ ନିର୍ଯାତନା ଆଦିକୁ ଛାତ୍ରୀଛାତ୍ର ନିଖୁଣ ଭାବେ ପ୍ରଦର୍ଶିତ କରିଥିଲେ। କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ, କ୍ରୀଡ଼ା ନିର୍ଦ୍ଦେଶକ ପ୍ରଫେସର କବୀରମୋହନ ସେଠୀ, ସାମ୍ବାଦିକତା ଓ ଗଣଯୋଗାଯୋଗ ସଂଯୋଜିକା ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ, ପ୍ରାଧାପକ ଡ.ସୁବାସ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ଭାଶ୍ୱତୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଏମ୍‌ସି କାର୍ଯ୍ୟାଳୟ

# କାର୍ଯ୍ୟାଳୟ ବାହାରେ ପଡ଼ିଛି ୨୦ ବସ୍ତା ଫାଇଲ



ବିଏମ୍‌ସି କାର୍ଯ୍ୟାଳୟ ବାହାରେ ପଡ଼ି ରହିଥିବା ଫାଇଲ।

ଭୁବନେଶ୍ୱର, ୫।୧୧(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ମୁଖ୍ୟ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ଦାୟିତ୍ୱହୀନତା ଯୋଗୁ ବହୁ ଗୁରୁତ୍ୱପୂର୍ଣ୍ଣ ଫାଇଲ ନଷ୍ଟହେବାକୁ ବସିଛି। କାର୍ଯ୍ୟାଳୟ ବାହାରେ ଥିବା ଶୌଚାଳୟ ନିକଟରେ ୨୦ରୁ ଊର୍ଦ୍ଧ୍ୱ ସିମେଣ୍ଟ ବସ୍ତାରେ ଫାଇଲଗୁଡ଼ିକ ବନ୍ଧାଯାଇ ତଳେ ପକାଯାଇଛି। ସେଥିରୁ ଅନେକ ବସ୍ତାର ମୁହଁ ଖୋଲିଯାଇ ଫାଇଲଗୁଡ଼ିକ ଖୋଲାମେଲାରେ ପଡ଼ିଛି। କାର୍ଯ୍ୟାଳୟ ଭିତରୁ ଏଠାକୁ କିପରି ଫାଇଲ ଆସିଲା, କିଏ ଆଣିଲା ଏବଂ କାହା ଇଙ୍ଗିତରେ ଅଣାଗଲା ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବିଏମ୍‌ସି ଅଫିସ୍‌ର ପୂର୍ବ ଦିଗରେ ଥିବା ଶୌଚାଳୟକୁ ଲାଗି ଏକ ଆଜବେଷ୍ଟସ୍ କୋଠରି ରହିଛି। କୋଠରି ପଛ ପାଖରେ ଏକ ଖାଲି ଜାଗା ରହିଛି, ଯେଉଁଠି ଫାଇଲ ସବୁ ବସ୍ତାରେ ବାନ୍ଧି ଫିଙ୍ଗାଯାଇଛି। ଅନ୍ୟପଟେ ସେହି ଖାଲି ସ୍ଥାନ ନିକଟରେ ବିଏମ୍‌ସିର କେତେଜଣ କର୍ମଚାରୀ ଏବଂ କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ଲୋକ ଅନେକ ସମୟରେ ପରିସ୍ରା କରୁଥିବା ଦେଖିବାକୁ ମିଳୁଛି। ତେବେ ଉକ୍ତ ଫାଇଲଗୁଡ଼ିକ ଅନେକ ବର୍ଷ ଧରି ପଡ଼ିଥିବା କାର୍ଯ୍ୟାଳୟର ଜଣେ କର୍ମଚାରୀ ନାମ ଗୋପନ ରଖି କହିଛନ୍ତି। ସମ୍ପୃକ୍ତ କର୍ମଚାରୀଙ୍କ କହିବା ଅନୁଯାୟୀ, କାର୍ଯ୍ୟାଳୟର ପୁରୁଣା ଫାଇଲଗୁଡ଼ିକୁ ଷ୍ଟୋର ରୁମ୍‌ରେ ସାଇତି ରଖିବାର ନିୟମ ରହିଛି। କିନ୍ତୁ ଏଠାରେ କାହିଁକି ପକାଯାଇଛି ତାହା ଫାଇଲ ଦାୟିତ୍ୱରେ ଥିବା କର୍ମଚାରୀ ହିଁ କହିପାରିବେ।

# ପଲ୍ଲବୀ ମହାପାତ୍ରଙ୍କୁ ଜାତୀୟ ଶିକ୍ଷା ଗୌରବ ସମ୍ମାନ

ଭୁବନେଶ୍ୱର, ୫।୧୧(ବ୍ୟୁରୋ)

ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲର ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ରଙ୍କୁ 'ଜାତୀୟ ଶିକ୍ଷା ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଛି। ରବିବାର ସେଣ୍ଟର ଫର୍ ଏଜୁକେଶନାଲ୍ ଡେଭଲପ୍‌ମେଣ୍ଟ ନୂଆଦିଲ୍ଲୀର ତାଲିମ ଏବଂ ମୂଲ୍ୟାଙ୍କନ ବିଭାଗ ପକ୍ଷରୁ ଜାତୀୟ ଶିକ୍ଷା ଗୌରବ ସମ୍ମାନ ପ୍ରଦାନ କରାଯାଇଛି। ଯୁବପିଢ଼ିମାନଙ୍କ ନିମନ୍ତେ ବିଜ୍ଞାନ ଏବଂ ନୂତନ ବୈଜ୍ଞାନିକ ସମ୍ଭାବନା ପାଇଁ ତାଙ୍କର ଉତ୍ସର୍ଗୀକୃତ କାର୍ଯ୍ୟ ଓ ପ୍ରୋତ୍ସାହନ ନିମନ୍ତେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ତାଙ୍କର ଏହି କୃତିତ୍ୱ ନିମନ୍ତେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଗୌରବମୟ ଭବିଷ୍ୟତ କାମନା କରିଛନ୍ତି।






ଭାରତୀୟ ବିଦ୍ୟାଭବନ ପରିସରରେ ଆୟୋଜିତ ଲୁପ୍ତପ୍ରାୟ ଲୋକକଳାର ୬୦ତମ ସନ୍ଧ୍ୟାରେ ପରିବେଷିତ ସମ୍ବଲପୁରୀ ଲୋକନୃତ୍ୟ।

# ନୂଆଁଖାଇ ପାଇଁ 'ତିହାର୍'

ଭୁବନେଶ୍ୱର,୫।୧୧(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ପାଳିତ ପର୍ବପର୍ବାଣୀ ମଧ୍ୟରୁ ନୂଆଁଖାଇ ଏକ ପ୍ରମୁଖ ପର୍ବ, ଯାହାକି ବଲାଙ୍ଗୀର ଜିଲାରେ 'ତିହାର୍' ନାମରେ ପରିଚିତ। କୃଷିଭିତ୍ତିକ ଏହି ପର୍ବର ବିଶେଷତ୍ୱ ହେଲା ଏହାକୁ ଜାତି, ଧର୍ମ ନିର୍ବିଶେଷରେ ଆବାଳବୃଦ୍ଧବନିତା ମହାଆଡ଼ମ୍ବରରେ ପାଳନ କରିଥାଆନ୍ତି। ନୂଆଁଖାଇର ଅର୍ଥ, ପ୍ରଥମ ଫସଲକୁ ମା' ସମଲେଇଙ୍କ ଉଦ୍ଦେଶ୍ୟରେ ସମର୍ପଣ ପୂର୍ବକ ପ୍ରସାଦ ସେବନ କରିବା। ଏହି ପର୍ବ ପଶ୍ଚିମ ଓଡ଼ିଶାରେ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଇଥାଏ। ଗୃହିଣୀମାନେ ଉତ୍ସବ ପୂର୍ବରୁ ଘରଦ୍ୱାର ଲିପାପୋଛା କରିବା, ଗୁହାଳ ସଫା କରିବା ସହିତ ବିଭିନ୍ନ ପ୍ରକାରର ପିଠାପଣା ଏବଂ ଖାଦ୍ୟପେୟ ପ୍ରସ୍ତୁତ କରି ମାଟି ମା' ଓ ଗାଈ, ଗୋରୁମାନଙ୍କୁ ପୂଜା କରିଥାଆନ୍ତି। ଉତ୍ସବ ପାଳନ ବେଳେ ପରିବାର ଓ ବନ୍ଧୁ ପରିଜନ ଗୋଟିଏ ସ୍ଥାନରେ ବସି ନୂଆ ଚାଉଳରେ ତିଆରି ଖିରି, ପିଠା ସହ ଭୋଜିଭାତ କରି ଖାଇଥାଆନ୍ତି। ଏହାବ୍ୟତୀତ ଏହି ପର୍ବର ଆଉ ଏକ ପ୍ରମୁଖ ଆକର୍ଷଣ ହେଲା ପାରମ୍ପରିକ ନୃତ୍ୟ, ଗୀତ ପରିବେଷଣ। ପରିବାରର ପ୍ରତ୍ୟେକ ବ୍ୟକ୍ତି ଖୁସି ମନରେ ଡାଲଖାଇ ଓ ରସରକେଲି ଗୀତ ଗାଇ ଢୋଲ୍, ନିସାନ୍ ବାଦ୍ୟର ତାଳେ ତାଳେ ନାଚିଥାଆନ୍ତି। ସଭ୍ୟତାର ବିକାଶ ସତ୍ତ୍ୱେ ପଶ୍ଚିମାଞ୍ଚଳରେ ଏହି ପ୍ରଥା ଆଜି ବି ପୂର୍ବ ଗୌରବକୁ ଅକ୍ଷୁଣ୍ଣ ରଖିଛି। ଏହି ନୂଆଁଖାଇ ତିହାର୍‌କୁ ଏକ ନିଆରା ଢଙ୍ଗରେ ପାଳନ କରିବାକୁ ସୋମବାର ଭାରତୀୟ ବିଦ୍ୟାଭବନ ପରିସରରେ ପରିବେଷିତ ହୋଇଯାଇଛି ପାରମ୍ପରିକ ସମ୍ବଲପୁରୀ ଲୋକନୃତ୍ୟ ଓ ଲୋକଗୀତ। ଭାରତୀୟ ବିଦ୍ୟାଭବନ ଏବଂ ଇନ୍‌ଫୋସିସ୍ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଲୁପ୍ତପ୍ରାୟ ଲୋକକଳାର ୬୦ତମ ସନ୍ଧ୍ୟାରେ ବଲାଙ୍ଗୀରର ନଟରାଜ କଳା ପରିଷଦ ପକ୍ଷରୁ ଏହା ପରିବେଷିତ ହୋଇଥିଲା।

# ଜୀବନକୁ ସରସ, ସୁନ୍ଦର କରିଥାଏ ଭାଗବତ

ପୁରୀ ଅଫିସ, ୫।୧୧

ଜୀବନ ଜଞ୍ଜାଳ ତଥା ଲୋଭ, ମୋହ ଓ ମାୟାରୁ ମୁକ୍ତିଦିଏ ଭାଗବତ। ଜୀବନର ରହସ୍ୟକୁ ଜଣେଇଦେବା ସହିତ ଜନମ ଓ ମରଣ ଚକ୍ରରୁ ମୁକ୍ତି କରିଦେବାର ରାସ୍ତା ବତାଇଥାଏ ଭାଗବତ। ୧୭ଟି ମହାପୁରାଣ ରଚନା କଲାପରେ ଅଷ୍ଟାଦଶ ମହାପୁରାଣ ଭାବେ ଶ୍ରୀମଦ୍ ଭାଗବତ ମହାପୁରାଣକୁ ରଚନା କରିଥିଲେ ମହର୍ଷି ବ୍ୟାସଦେବ। ସମସ୍ତ ଶାସ୍ତ୍ରର ରହସ୍ୟ ଓ ନିର୍ଯାସ ଏଥିରେ ସ୍ଥାନ ଦେଇଥିବାରୁ କୁହାଯାଏ ବିଦ୍ୟାବତାଂ ଭାଗବତେ ପରୀକ୍ଷା। ବିଦ୍ୟା ଅଧ୍ୟୟନର ପ୍ରକୃତ ପରୀକ୍ଷା ଭାଗବତରେ ହିଁ ହୁଏ। ଭାଗବତ ଜୀବନକୁ ସରସ, ସୁନ୍ଦର ଓ ଶୃଙ୍ଖଳିତ କରିଥାଏ ବୋଲି କହିଛନ୍ତି ଐତିହ୍ୟ ବିଶାରଦ ଡ. ସୁରନ୍ଦ୍ର କୁମାର ମିଶ୍ର। ପୁରୀ ସଦର ତଣ୍ଡିକେରାର ଶ୍ରୀତାଡ଼କେଶ୍ୱର ମନ୍ଦିରଠାରେ ରବିବାର ଭାଗବତ କଥାମୃତ ମହୋତ୍ସବରେ ଉଦ୍‌ଘାଟକ ରୂପେ ଯୋଗଦେଇ ଡ. ମିଶ୍ର ଏହି ମତ ଦେଇଛନ୍ତି।

ବାବା ଚୈତନ୍ୟ ଚରଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବରେ ଅତିଥି ଭାବେ ଯୋଗଦେଇଥିଲେ ଶ୍ରୀଅଲାରନାଥଙ୍କ ସେବକ ନୀଳମଣି ସୁଆର ଏବଂ ବ୍ରହ୍ମଗିରି ଐତିହ୍ୟ ପରିଷଦର ସଭାପତି ଅଧାପକ କାଶୀନାଥ ନାୟକ। ଏଥିରେ ଡ. ଶଙ୍କର୍ଷଣ ମଙ୍ଗରାଜ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମହନ୍ତ ବୈଷ୍ଣବ ଚରଣ ଦାସ ପ୍ରବଚନ ଦେଇଥିଲେ। ଉପେନ୍ଦ୍ର କୁମାର ସାମନ୍ତରାୟ ଅତିଥି ପରିଚୟ ଓ ୧୨ ବର୍ଷ ଧରି ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ପ୍ରିୟପ୍ରସାଦ ମିଶ୍ର ସଭା ସଂଯୋଜନା କରିଥିବା ବେଳେ ଦ୍ୱାରିକାନାଥ ବିଶ୍ୱାଳ ମହୋତ୍ସବ ପରିଚାଳନା କରିଥିଲେ।



ମଞ୍ଚରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ରଙ୍କ ସହ ଅନ୍ୟମାନେ।

# ନୂଆଗାଁ ରାସ୍ତାରେ ଚକାନାଳି ପାଣି

ପୁରୁଣା ଭୁବନେଶ୍ୱର, ୫।୧୧( ଡି.ଏନ.ଏ.)

ପୁରୀ-ଭୁବନେଶ୍ୱର ନଂ. ୩୧୬ ଜାତୀୟ ରାଜପଥ ନୂଆଗାଁ ପେଟ୍ରୋଲ ପମ୍ପଠାରୁ ଦୟାନଦୀ ବନ୍ଧ ରାସ୍ତା ଅବସ୍ଥା ୧୦ ବର୍ଷ ହେଲାଣି ଶୋଚନୀୟ ହୋଇପଡିଛି। ରାସ୍ତାକୁ ଶହେରୁ ଊର୍ଦ୍ଧ୍ୱ ପ୍ଲଟର ବ୍ୟକ୍ତି ବିଶେଷ ଜବରଦଖଲ କରି ରଖିଥିବା ଅଭିଯୋଗ ହେଉଛି। ଫଳରେ ରାସ୍ତା ପ୍ରଶସ୍ତୀକରଣ ଓ ମରାମତି କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେଉଛି। ଏହି ରାସ୍ତାରେ ଭୁବନେଶ୍ୱର ବ୍ଲକର ଲିଙ୍ଗିପୁର, ଟିକରପଡା, ନୂଆଗାଁ ଭଳି ତିନୋଟି ପଞ୍ଚାୟତ ସହ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ୬୯ ନଂ. ୱାର୍ଡ଼ର କିଛି ମୌଜା ଏପରି କି ପିପିଲିର ପେପରଙ୍ଗା, ଶୁଆବରେଇ ଆଦି ଗାଁର ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଓ ଶତାଧିକ ଯାନବାହନ ଯାତାୟାତ କରୁଛି। ରାସ୍ତାର ଉଭୟପାର୍ଶ୍ୱରେ ବିଜୟ ବିହାର ଇନ୍ଦିରା କଲୋନୀ ବାସିନ୍ଦାମାନେ ଏଥିରେ ନିର୍ଭରଶୀଳ। ସେହିଭଳି ଅନେକ ସରକାରୀ ଏବଂ ବେସରକାରୀ ସ୍କୁଲର ଛାତ୍ରୀଛାତ୍ରମାନେ ରାସ୍ତାରେ ଯିବା ଆସିବା କରିଥାନ୍ତି। ତେବେ ରାଜଧାନୀର ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଏବେ ମଧ୍ୟ ପାଣି ଚାଲୁଛି। ବର୍ଷାଦିନେ ଅଣ୍ଟାଏ ଉଚ୍ଚର ପାଣି ଜମି ରହିବା ସହ କଲୋନୀର ଅନ୍ୟ ଅଞ୍ଚଳ ଜଳମଗ୍ନ ହୋଇଥାଏ। ତେଣୁ ଅଞ୍ଚଳବାସୀ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସମସ୍ୟାର ସମାଧାନ ପୂର୍ବକ ରାସ୍ତାଟିର ଦାୟିତ୍ୱରେ ଥିବା ବିଏମ୍‌ସି କର୍ତ୍ତୃପକ୍ଷଙ୍କ ସହ ସ୍ଥାନୀୟ ବିଧାୟକଙ୍କ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଏହାକୁ ହାଲୁକା ଭାବେ ନେଇ ବର୍ଷାଦିନେ ଅଗ୍ନିଶମ ବିଭାଗ ଡକାଇ ପମ୍ପ ମାଧ୍ୟମରେ ଜଳ ନିଷ୍କାସନ କରି ଦାୟିତ୍ୱ ତୁଲାଇଥାନ୍ତି। ସ୍ଥାୟୀ ପ୍ରତିକାର ପ୍ରତିଶ୍ରୁତି ଦିନକୁଦିନ ଗୁଡୁଥିବା ନେଇ ୫୦୦ରୁ ଊର୍ଦ୍ଧ୍ୱ ଅଞ୍ଚଳବାସୀଙ୍କ ଦସ୍ତଖତ ସମେତ କେତେକ ଉତ୍ସାହି ଯୁବକ ୨୦୧୭ ମସିହାରେ ଖୋର୍ଦ୍ଧା ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ବର୍ଷେ ବିତିଲାଣି କୌଣସି ପଦକ୍ଷେପ ନିଆ ନ ଯିବାରୁ ସମସ୍ୟା ବଢିବାରେ ଲାଗିଛି।

ସୂଚନାଯୋଗ୍ୟ ଯେ, ୧ କିମି ଲମ୍ବ ଏହି ରାସ୍ତାର ଉଭୟପାର୍ଶ୍ୱରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପ୍ଲଟ୍ ଜବରଦଖଲରେ ରହିଛି। ନୂଆଗାଁଠାରୁ ଇନ୍ଦିରାକଲୋନୀ ଦେଇ ପୁଣି ଜାତୀୟ ରାଜପଥ କଡ଼ ପର୍ଯ୍ୟନ୍ତ ଏକ ସରକାରୀ ଚକନାଳୀ ଉପରେ ମଧ୍ୟ କେତେଜଣ ବ୍ୟକ୍ତି ବିଶେଷ ବିନା ଦ୍ୱିଧାରେ ଘର କରି ବେପାର ବଣିଜ କରୁଛନ୍ତି। ଯେଉଁ କାରଣ ନେଇ ଖରାଦିନେ ମଧ୍ୟ ଏହି ରାସ୍ତାରେ ପାଣି ନିଷ୍କାସନ ନ ହୋଇ ପାରି ଜମି ରହୁଥିବା ଅଭିଯୋଗ ହୋଇଛି। ତେଣୁ ତୁରନ୍ତ ବିଡିଏ କର୍ତ୍ତୃପକ୍ଷଙ୍କ ସହ ପ୍ରଶାସନିକ ଅଧିକାରୀ ଜବରଦଖଲ ଉଚ୍ଛେଦ ସହ ଚକନାଳୀରେ ଜଳ ନିଷ୍କାସନ ବ୍ୟବସ୍ଥା କରାଇ ରାସ୍ତାର ପ୍ରଶସ୍ତୀକରଣ ଓ ମରାମତି ପାଇଁ ସର୍ବସାଧାରଣରେ ଦାବି ହେଉଛି। ନଚେତ୍ ଆଗାମୀଦିନରେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି। ମିଳିଥିବା ଖବର ମୁତାବକ, ରାସ୍ତା ମରାମତି ପାଇଁ ବିଏମ୍‌ସି ପକ୍ଷରୁ ୩୦ ଲକ୍ଷ ଏବଂ ବିଧାୟକ ପାଣ୍ଠି ସହ ପର୍ଯ୍ୟଟନ ବିଭାଗ ପକ୍ଷରୁ ୪୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ହେଲେ ଜବରଦଖଲ ଯୋଗୁ ରାସ୍ତା ମରାମତି କାର୍ଯ୍ୟ ହୋଇପାରୁ ନ ଥିବା ବିଏମ୍‌ସି ମେୟର ଅନନ୍ତ ନାରାୟଣ ଜେନା କହିଛନ୍ତି। ଖୁବ୍‌ଶୀଘ୍ର ଜବରଦଖଲ ଉଚ୍ଛେଦ କରାଯାଇ ରାସ୍ତା ପ୍ରଶସ୍ତୀକରଣ ସହ ମରାମତିକରାଯିବ ବୋଲି ସୂଚନା ଦେଇଛନ୍ତି।



ରାସ୍ତାରେ ପାଣି ଜମିଛି।

- ରାସ୍ତା ଜବରଦଖଲ
- ହୋଇପାରୁନି ପ୍ରଶସ୍ତୀକରଣ, ମରାମତି



"କୃପଣ ହେଉଛି ପ୍ରକୃତରେ ଦରିଦ୍ର, କାରଣ ପ୍ରାଚୁର୍ଯ୍ୟ ଭିତରେ ବି ସେ ଅନାହାରରେ ଥାଏ।
-ଜନ୍ ଡ୍ରାଇଡେନ୍



## ସଂକ୍ଷେପରେ

### ଗୋରୁ ବୋଝେଇ କଣ୍ଟେନରକୁ ଧକ୍କା ଦେଲା ଟ୍ରେଲର, ୨ ଗୁରୁତର

**ଟାଙ୍ଗୀ(କଟକ),୫।୧୧(ଡି.ଏନ୍.ଏ.):** ୧୬ନଂ. ଜାତୀୟ ରାଜପଥ ନିର୍ଗୁଣ୍ଡି ଟୋଲ ଗେଟ ନିକଟରେ ଛିଡା ହୋଇଥିବା ଏକ ଗୋରୁ ବୋଝେଇ କଣ୍ଟେନର ପଛକୁ ଏକ ଟ୍ରେଲର ଧକ୍କା ଦେବାରୁ ଦୁଇ ଜଣ ଗୁରୁତର ହୋଇଛନ୍ତି। ସେ ହେଲେ ନପଙ୍ଗ ପଞ୍ଚାୟତ କେଶରପୁର ଗ୍ରାମର ଟୁକୁନା ଓରଫ ବିକାଶ ବେହେରା(୨୭) ଓ କଟକ ଅଲିଶା ବଜାରର ଚିଣ୍ଟୁ। ସୂଚନା ଅନୁଯାୟୀ, ଗୋରୁ ଭର୍ତ୍ତି ଥିବା କଣ୍ଟେନର(ଓଡି୦୨ଏଟି ୭୬୭୩) ଖୋର୍ଦ୍ଧା ଜିଲା ବେଗୁନିଆରୁ କଲିକତା ଅଭିମୁଖେ ଯାଉଥିଲା। ନିର୍ଗୁଣ୍ଡି ଟୋଲ୍ ଗେଟ ନିକଟରେ କେତେଜଣ ଉକ୍ତ କଣ୍ଟେନରକୁ ଅଟକାଇ ଟୁକୁନାଙ୍କ ସହ କଥା ହେଉଥିଲେ। ହଠାତ ପଛରୁ ଏକ ଟ୍ରେଲର(ଏନଏଲ ୦୧କେ ୯୯୩୮) ଦ୍ରୁତଗତିରେ ଆସି କଣ୍ଟେନର ପଛକୁ ଧକ୍କା ଦେଇଥିଲା। ଫଳରେ କଣ୍ଟେନରଟି ଆଗକୁ ଗଡ଼ି କଥାବାର୍ତ୍ତା ହେଉଥିବା ଟୁକୁନା ଓ ବାଇକ୍ ଆରୋହୀ ଚିଣ୍ଟୁଙ୍କ ଉପରେ ମାଡ଼ିଯାଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବରପାଇ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛି। ଏ ନେଇ କୌଣସି ଅଭିଯୋଗ ହୋଇ ନ ଥିବା ଏସ୍‌ଆଇ ସଦାଶିବ ଧୀର କହିଛନ୍ତି।

### ବାଇକ୍ ଚୋରି: ଯୁବକ ଗିରଫ

**ଫୁଲନଖରା, ୫।୧୧ (ଡି.ଏନ୍.ଏ.):** ବାଇକ୍ ଚୋରି ଅଭିଯୋଗରେ କଟକ ସଦର ପୋଲିସ ସ୍ଥାନୀୟ ୪୨ମୌଜା ବରାଡ ଗ୍ରାମର ଅନିଲ କୁମାର ବେହେରାଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଏଥିସହ ତାଙ୍କଠାରୁ ଏକ ନମ୍ବର ବିହୀନ ବାଇକ୍ ଜବତ କରାଯାଇଛି। ଫୁଲନଖରା ଛକଠାରେ ଥିବା ଏକ ସରକାରୀ ବିଦେଶୀ ମଦ ଦୋକାନ ସମ୍ମୁଖରୁ ଅନିଲ ବାଇକ୍ ଚୋରି କରୁଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁକରି ପୋଲିସ ଜିମା ଦେଇଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୪୨୩/୧୮ ) ରୁଜୁ ହୋଇଛି।

### ଓଡ଼ିଶା ପରିବେଶ ସମିତିର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର, ୫।୧୧(ବ୍ୟୁରୋ):** ଓଡ଼ିଶା ପରିବେଶ ସମିତିର ୩୭ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ସମିତିର ସଭାପତି ପ୍ରଫେସର ସୁନ୍ଦର ନାରାୟଣ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପିସିସିଏଫ୍ ଡ. ଦେବବ୍ରତ ସ୍ୱାଇଁ ଯୋଗଦେଇ 'ପ୍ରସନ୍ନ ଦାଶ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ଏହି ଅବସରର ପରିବେଶ ସୁରକ୍ଷା କ୍ଷେତ୍ରରେ ସେମାନଙ୍କ ଅବଦାନ ନିମନ୍ତେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। କଟକସ୍ଥିତ ଜାତୀୟ ଧାନ ଗବେଷଣା କେନ୍ଦ୍ରର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ଡ. ଜାଫ୍ରାନ କେଶରୀ ରାୟଙ୍କୁ ଜୀବନବ୍ୟାପୀ କୃତି ସମ୍ମାନ ଓ ପ୍ରଫେସର ସୂର୍ଯ୍ୟମଣି ବେହେରାଙ୍କୁ ଡ. ବି. ସି. ପଣ୍ଡା ପରିବେଶ ଓ ବିଜ୍ଞାନ ପ୍ରସାରଣ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ୫ଜଣଙ୍କୁ ସମିତିର ଫେଲୋ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଅତିଥିମାନେ ସମିତିର ବାର୍ଷିକ ରିପୋର୍ଟ ଉନ୍ମୋଚନ କରିଥିଲେ।

■ ମହିଳାଙ୍କ ତଣ୍ଟିକାଟି ହତ୍ୟା ଘଟଣା

# ସମ୍ପତ୍ତି ଲୋଭରେ ହତ୍ୟା କରିଥିଲେ

**କଟକ ଅଫିସ, ୫।୧୧**

■ବାପାଙ୍କୁ ମାରିବାକୁ ଆସିଥିଲେ ମା'ଙ୍କୁ ମାରିଦେଲେ
■ସାବତ ଝିଅ, ପୁତୁରା କୋର୍ଟଚାଲାଣ

ମର୍କତ ନଗର ଥାନା ଅନ୍ତର୍ଗତ ସିଡିଏ ସେକ୍ଟର-୭ ଅଞ୍ଚଳରେ ରବିବାର ରାତିରେ ଅମ୍ବିକା ପାଲ ଓରଫ୍ ଲକ୍ଷ୍ମୀପ୍ରିୟା(୪୦)ଙ୍କ ତଣ୍ଟି କାଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ଅମ୍ବିକାଙ୍କ ସାବତ ଝିଅ ସୋନାଲି ପାଲ ଓରଫ୍ ସୋନାଲି ସାହୁ(୩୪) ଏବଂ ପୁତୁରା ରାହୁଲ ପାଲ(୨୦)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ପୋଲିସ ଅଭିଯୁକ୍ତ ରାହୁଲ ଏବଂ ସୋନାଲିଙ୍କୁ ପଚରାଉଚରା ପରେ ହତ୍ୟାକାଣ୍ଡକୁ ନେଇ ଏକ ଭିନ୍ନ ରହସ୍ୟ ସାମ୍ନାକୁ ଆସିଛି। ସୋନାଲି ତାଙ୍କ ବାପା ନରେନ୍ଦ୍ର ପାଲଙ୍କୁ ହତ୍ୟା କରିବାକୁ ଆସିଥିଲେ। ହେଲେ ବାପାଙ୍କୁ ନ ପାଇ ମା'ଙ୍କୁ ହତ୍ୟା କରିଥିଲେ ବୋଲି ଜଣାପଡିଛି। ତେବେ ସମ୍ପତ୍ତି ଲୋଭରେ ସେମାନେ ହତ୍ୟା କରିଥିବା ପୋଲିସ ସୂଚନା ଦେଇଛି।

ପୋଲିସ ସୂଚନା ଅନୁଯାୟୀ, ପୂର୍ବପ୍ରସ୍ତୁତି ମୁତାବକ ଗତ ଗୁରୁବାର ରାହୁଲ ଏବଂ ସୋନାଲି ମିଶି ନରେନ୍ଦ୍ରଙ୍କୁ ମାରିବାକୁ ଆସିଥିଲେ। ହେଲେ ସେଦିନ ସ୍ଥାନୀୟ ଅଞ୍ଚଳ ଜନଗହଳି ଥିବାରୁ ସେମାନେ ଫେରି ଯାଇଥିଲେ। ପୁନର୍ବାର ରବିବାର ସେମାନେ ନରେନ୍ଦ୍ରଙ୍କୁ ହତ୍ୟା କରିବାକୁ ଆସିଥିବାବେଳେ ସେ ଘରେ ନ ଥିଲେ। ଫଳରେ ସେମାନେ ଅମ୍ବିକାଙ୍କୁ ହତ୍ୟା କରି ଘରୁ ଟଙ୍କାପଇସା ନେଇ ପଳାଇଯିବାକୁ ଚେଷ୍ଟା କରିଥିଲେ। ଛୁରିରେ ଅମ୍ବିକାଙ୍କ ତଣ୍ଟି କାଟିଦେବାରୁ ସେ ଚିତ୍କାର କରିଥିଲେ। ଏହି ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଯିବାରୁ ସେମାନେ ବାହାରିପାରି ନ ଥିଲେ ବୋଲି ପୋଲିସ ସମ୍ମୁଖରେ ରାହୁଲ ଏବଂ ସୋନାଲି ସ୍ୱୀକାର କରିଛନ୍ତି। ତେବେ ସୋନାଲିଙ୍କ ବାପା ଦ୍ୱିତୀୟ ବିବାହ କରିବା ପରେ ସେମାନେ ସୋନାଲିଙ୍କୁ ଅଣଦେଖା କରୁଥିଲେ। ଏପରି କି ପଇସାପତ୍ରକୁ ନେଇ ବହୁବାର ଝଗଡା ହେଉଥିଲା। ସୋନାଲିଙ୍କ ବିବାହ ପରେ ସେ ନରେନ୍ଦ୍ରଙ୍କୁ କିଛି ଟଙ୍କା ମାଗିଥିଲେ ମଧ୍ୟ ସେ ଦେଇ ନ ଥିଲେ। ତେଣୁ ବାପାଙ୍କୁ ମାରି ସବୁ ସମ୍ପତ୍ତି ହାତେଇ ନେବାକୁ ସେ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେ ତାଙ୍କ ବଡବାପାଙ୍କ ପୁଅ ରାହୁଲଙ୍କ ସହାୟତା ନେଇଥିଲେ ବୋଲି ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ, ରବିବାର ରାତିରେ ସିଡିଏ ସେକ୍ଟର-୭ ଅନ୍ତର୍ଗତ ପ୍ଲଟ ନମ୍ବର ଏଫ୍/୧୨୪ରେ ଲକ୍ଷ୍ମୀପ୍ରିୟାଙ୍କ ତଣ୍ଟି କାଟି ହତ୍ୟା କରାଯାଇଥିଲା। ଏ ନେଇ ନରେନ୍ଦ୍ର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୭୨/୧୮) ରୁଜୁ କରିଥିଲା। ପରେ ଏଥିରେ ସମ୍ପୃକ୍ତି ଥିବା ଜାଣିବା ପରେ ପୋଲିସ ରାହୁଲ ଏବଂ ସୋନାଲିଙ୍କୁ ଗିରଫ କରିଥିଲା।



୭ ଦଫା ଦାବିରେ ଓଡ଼ିଶା ଆଶା ସାଥୀ ଆସୋସିଏଶନ ପକ୍ଷରୁ ସୋମବାର ୟୁନିଟ୍-୮ସ୍ଥିତ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଫିସ୍ ସମ୍ମୁଖରେ ବିକ୍ଷୋଭ।

# ପ୍ଲାଷ୍ଟିକ ବର୍ଜନ ପାଇଁ ଶପଥ



ଇନ୍ଦିରା କଲୋନୀସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଶପଥ କାର୍ଯ୍ୟକ୍ରମ।

**ପୁରୁଣା ଭୁବନେଶ୍ୱର, ୫।୧୧ (ଡି.ଏନ.ଏ.)**

ପ୍ଲାଷ୍ଟିକ ପଲିଥିନ ନିଶେଷ। ତଥାପି ସଚେତନତା ଅଭାବରୁ ଏବେ ବି ଚୋରାରେ ଅନେକ ବ୍ୟବସାୟୀ ବିକ୍ରି କରୁଛନ୍ତି। ଗ୍ରାହକ ମଧ୍ୟ ଅନାୟସରେ କିଣୁଛନ୍ତି। ଏହାକୁ ବିରୋଧ କରିଛନ୍ତି ଭୁବନେଶ୍ୱର ବ୍ଲକ ଅଧୀନ ପାଞ୍ଚ ପଞ୍ଚାୟତର ଯୁବକ ଓ ଅନ୍ୟମାନେ। ଦଳଗତ ନିର୍ବିଶେଷରେ ଯୁବକମାନେ ପାର୍ଟି ପାଇଁ ନୁହେଁ ମାଟି ପାଇଁ ଲଢ଼ିବାକୁ ଶପଥ ନେଇଛନ୍ତି। ବିଶେଷ କରି ନାଥପୁର, ନୂଆଗାଁ, ଟିକରପଡଡା, ଇଟିପୁର, ବିକିପୁର, କୁକୁଡାଘାଇ ପାଟଣା ଦୟା ନଦୀ କୂଳିଆ ଅଧିବାସୀମାନେ ଯେପରି ଜଳ ପ୍ରଦୂଷଣରୁ ଦୂରେଇ ରହିବେ ତାର ଗୁରୁତ୍ୱକୁ ଉପଲବ୍ଧ କରାଯାଇଥିଲା। ରବିବାର ଇନ୍ଦିରା କଲୋନୀ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଯୁବକମାନେ ସାମିଲ ହୋଇ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ପ୍ଲାଷ୍ଟିକ ବିରୋଧ ଅଭିଯାନରେ ସାମିଲ ହୋଇ ସମର୍ଥନ ଜଣାଇଥିଲେ। ପ୍ଲାଷ୍ଟିକର ଭୟାବହତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ବୃନ୍ଦାବନ ସାହୁ, କବି ଅକ୍ଷୟ ସ୍ୱାଇଁ, ଆଲୋକ ସାହୁ, ମାଗୁଣି ଭୋଇ, ସୁମନ୍ତ ସୁବୁଦ୍ଧି, ହେମନ୍ତ ପ୍ରଧାନ, ବିଭୂତି ଭୂଷଣ ପ୍ରଧାନ, ଅକ୍ଷୟ ବରାଳ, ପ୍ରଦୀପ ପ୍ରଧାନ, ତପନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ରଙ୍ଗତୂଳୀର ଦୀପଟିଏ

**ଭୁବନେଶ୍ୱର,୫।୧୧(ବ୍ୟୁରୋ)**

ରାଷ୍ଟ୍ରୀୟ ସାମାଜିକ ଯୁବ ସଙ୍ଗଠନ 'ୟୁଥ୍ ଫର୍ ସେବା' ପକ୍ଷରୁ ରବିବାର ୟୁନିଟ୍-୬ସ୍ଥିତ ସତ୍ୟଭାମା ଦେବୀ ମୂକ ଓ ବଧିର ମହାବିଦ୍ୟାଳୟଠାରେ ଏକ ଅଭିନବ କାର୍ଯ୍ୟକ୍ରମ 'ରଙ୍ଗତୂଳୀରେ ଦୀପଟିଏ' ଅନୁଷ୍ଠିତ ହୋଇଯାଇଛି। ଆଲୋକର ପର୍ବ ଦୀପାବଳିକୁ ଦୃଷ୍ଟିରେ ରଖି ମହାବିଦ୍ୟାଳୟ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ମାଟି ଦୀପରେ ରଙ୍ଗ ଦିଆଯାଇ ଆକର୍ଷଣୀୟ ଦୀପ ପ୍ରସ୍ତୁତ କରାଯାଇଥିଲା। ସବୁଜ ଦୀପାବଳି ପ୍ରତି ଲୋକଙ୍କୁ ଆକୃଷ୍ଟ କରିବା ଏବଂ ସ୍ୱଦେଶୀ ଦୀପ ବ୍ୟବହାର କରି ଆମ କାରିଗରମାନଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ ସଙ୍ଗଠନ ପକ୍ଷରୁ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟର ୬୦ରୁ ଅଧିକ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଯୋଗଦେଇ ୩୦୦ରୁ ଅଧିକ ଦୀପ ପ୍ରସ୍ତୁତ କରିବା ସହ ରଙ୍ଗ ଦେଇଥିଲେ। ଏଥିରେ ମହାବିଦ୍ୟାଳୟ ପ୍ରତିଷ୍ଠାତା ନିରୋଜାଲକ୍ଷ୍ମୀ ମହାପାତ୍ର ଏବଂ ସଙ୍ଗଠନ ପକ୍ଷରୁ ୧୦ଜଣ ଯୁବ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିବା ବେଳେ କ୍ଲଷ୍ଟର ସଂଯୋଜକ ବିଭୁପ୍ରସାଦ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଶିକ୍ଷା ଅଧିକାର ପାଇଁ ୬୦୦ କିମି ପଦଯାତ୍ରା

**ଭୁବନେଶ୍ୱର,୫।୧୧(ବ୍ୟୁରୋ)**

■ଜନପ୍ରତିନିଧି, ସରକାରୀ କର୍ମଚାରୀଙ୍କ ପିଲା ସରକାରୀ ସ୍କୁଲରେ ପଢ଼ିବାକୁ ଦାବି

ଜନପ୍ରତିନିଧି, ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ପିଲାମାନେ ସରକାରୀ ବିଦ୍ୟାଳୟରେ ପଢ଼ିବା ବାଧ୍ୟତାମୂଳକ ହେଉ। ଭାରତ ସମ୍ବିଧାନରେ ଥିବା ଶିକ୍ଷା ଅଧିକାର ଆଇନର ସମ୍ପୂର୍ଣ୍ଣ ପ୍ରଚଳନ କରାଯାଉ। ଶିକ୍ଷା ଅଧିକାର ଆଇନ ଅନ୍ତର୍ଗତ ୬ରୁ ୧୪ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ମାଗଣା ତଥା ବାଧ୍ୟତାମୂଳକ ଶିକ୍ଷା ଦେବା ପାଇଁ ବ୍ୟବସ୍ଥା ରହିଥିବା ବେଳେ ଜନପ୍ରତିନିଧି, ସରକାରୀ ଅଧିକାରୀମାନେ କିନ୍ତୁ ପ୍ରଚୁର ଅର୍ଥ ବିନିଯୋଗ କରି ନିଜ ପିଲାଙ୍କୁ ବେସରକାରୀ ବିଦ୍ୟାଳୟ ପଠାଉଛନ୍ତି। ଶିକ୍ଷା ଓ ସାମାଜିକ ବୈଷମ୍ୟ ଦୂର ହେବା ପରିବର୍ତ୍ତେ ବୃଦ୍ଧି ପାଉଛି। ଶିକ୍ଷା ଏକ ବ୍ୟବସାୟରେ ପରିଣତ ହୋଇଛି। ଯେ ପର୍ଯ୍ୟନ୍ତ ଜନପ୍ରତିନିଧି ଓ ସରକାରୀ ଅଧିକାରୀମାନେ ନିଜର ପିଲାଙ୍କୁ ସରକାରୀ ବିଦ୍ୟାଳୟରେ ପଢ଼ାଇନାହାନ୍ତି, ସେ ପର୍ଯ୍ୟନ୍ତ ବିଦ୍ୟାଳୟ ସ୍ତରୀୟ ଶିକ୍ଷାରେ ସୁଧାର ଆସିବ ନାହିଁ ବୋଲି ଶିକ୍ଷା ଅଧିକାର ସଂଘର୍ଷ ମହାସଂଘ ପକ୍ଷରୁ କୁହାଯାଇଛି। ଶିକ୍ଷା ଅଧିକାର ଆଇନକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରିବାକୁ ମହାସଂଘ ପକ୍ଷରୁ ୬୦୦ କିମିର ପଦଯାତ୍ରା କରାଯାଇଛି। ମହାସଂଘ ଆବାହକ ସୁରଥ ବେହେରାଙ୍କ ନେତୃତ୍ୱରେ ଏକ ୭ ଜଣିଆ ଟିମ୍ ଗତ ଗାନ୍ଧୀ ଜୟନ୍ତୀଠାରୁ ଓଡ଼ିଶାର ସୀମାନ୍ତ ନୂଆପଡ଼ା ଜିଲାର ସିନାପାଲିଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ୬୦୦ କିମିର ପଦଯାତ୍ରା କରି ଲୋକଙ୍କୁ ଏ ଦିଗରେ ସଚେତନ କରାଇଥିଲେ। ଭୁବନେଶ୍ୱରଠାରେ ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ ପକ୍ଷରୁ ଏହି ପଦଯାତ୍ରୀ ଟିମ୍‌କୁ ସ୍ୱାଗତ କରାଯାଇଥିଲା। ଉକ୍ତ ଟିମ୍ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ, ବିରୋଧୀ ଦଳ ନେତା ନରସିଂହ ମିଶ୍ର, ବିଧାୟକ ଡ. ଦାମୋଦର ରାଉତ ପ୍ରମୁଖଙ୍କୁ ଭେଟି ଦାବିକୁ ଆଗାମୀ ବିଧାନସଭାର ଶୀତକାଳୀନ ଅଧିବେଶନରେ ସରକାରଙ୍କ ସମ୍ମୁଖରେ ରଖିବା ପାଇଁ ଅନୁରୋଧ କରିଥିଲେ।

■ ଧନ୍ୱନ୍ତରିଙ୍କ ଉପରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

# ପ୍ରଶାସକ ପ୍ରସନ୍ନ ଜେନା, ଡ. ଚିତ୍ତରଞ୍ଜନ ପଣ୍ଡାଙ୍କୁ ଧନ୍ୱନ୍ତରି ସମ୍ମାନ

**କଟକ ଅଫିସ, ୫।୧୧**

ଓଡିଶା ଆୟୁର୍ବେଦ ସେବା ସଂସ୍ଥା ପକ୍ଷରୁ ଆୟୁର୍ବେଦ ପ୍ରବର୍ତ୍ତକ ଧନ୍ୱନ୍ତରିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱ ଆୟୁର୍ବେଦ ଦିବସ କଟକସ୍ଥ କର୍ମବୀର ଗୌରୀଶଙ୍କର ଟାଉନହଲଠାରେ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ସ୍ୱାସ୍ଥ୍ୟ ସାହିତ୍ୟିକ ତଥା ଆୟୁର୍ବେଦ ସେବା ସଂସ୍ଥାର ଅଧ୍ୟକ୍ଷ ଡା. ଦୀନବନ୍ଧୁ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର, ବିଚାରପତି ଏବଂ ସାହିତ୍ୟିକ ଡି. ପି. ଚୌଧୁରୀ, ପରିବେଶବିତ୍ ଡ. ଭାଗିରଥୀ ବେହେରା, ପ୍ରଫେସର ବୈଷ୍ଣବ ଚରଣ ସାମଲ, ବରିଷ୍ଠ ପ୍ରଶାସକ ଓ କବି ପ୍ରସନ୍ନ କୁମାର ଜେନା ପ୍ରମୁଖ ଯୋଗଦେଇ ଆୟୁର୍ବେଦର ବିକାଶ ପାଇଁ ମତପୋଷଣ କରିଥିଲେ । ସ୍ୱଳ୍ପ ବ୍ୟୟରେ ଜନସାଧାରଣ ଆରୋଗ୍ୟ ହେବାର ମୂଳ ଲକ୍ଷ୍ୟ। ଏହି ଲକ୍ଷ୍ୟ ନେଇ ଧନ୍ୱନ୍ତରି, ମହର୍ଷି ଚରକ, ଶୁଶ୍ରୁତ, ପତଞ୍ଜଳି, ମାଧବକର ପ୍ରମୁଖ ବହୁ ବିଶିଷ୍ଟ ମୁନିଋଷିମାନେ ଗବେଷଣା କରି ନିଜର ପୁସ୍ତକଗୁଡିକରେ ତାହାକୁ ଲେଖିଯାଇଛନ୍ତି। ତେଣୁ ଜନସାଧାରଣ ଏହି ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ଚିକିତ୍ସାର ସୁଯୋଗ ନେବା ପାଇଁ ବକ୍ତାମାନେ ମତପୋଷଣ କରିଥିଲେ । ଏହି ଅବସରରେ ରାଜ୍ୟସ୍ତରୀୟ ସଂକଳନ 'ସ୍ୱାସ୍ଥ୍ୟ ସନ୍ଦେଶ'ର ଉନ୍ମୋଚନ କରାଯାଇ ମାଗଣାରେ ବିତରଣ କରାଯାଇଥିଲା । ଉତ୍ସବରେ ପ୍ରଶାସକ ପ୍ରସନ୍ନ କୁମାର ଜେନା ଓ ପ୍ରଫେସର ଡ. ଚିତ୍ତରଞ୍ଜନ ପଣ୍ଡାଙ୍କୁ ଧନ୍ୱନ୍ତରୀ ସମ୍ମାନ ୨୦୧୮ ପ୍ରଦାନ କରାଯାଇଥିଲା। ପରେ ସ୍କୁଲ ଓ କଲେଜ ସ୍ତରରେ ଅନୁଷ୍ଠିତ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଡଭୋକେଟ୍ ଅଜିତ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଅଶୋକ କୁମାର ପଣ୍ଡା ଏବଂ ଡା. ମିନତୀ ମହାରଣା ଉତ୍ସବରେ ସନ୍ଦର୍ଭ ପାଠ କରିଥିଲେ ।

■ ଲିଙ୍କ୍‌ରୋଡ ଫ୍ଲାଏଓଭରବ୍ରିଜ ହେବ କଟକର ସ୍ୱାଗତପଥ

# ଫ୍ଲାଏଓଭର କାନ୍ଥରେ ରହିବ ଐତିହ୍ୟର ଚିତ୍ର

**କଟକ ଅଫିସ, ୫।୧୧**

ଭୁବନେଶ୍ୱରରୁ କଟକ ପ୍ରବେଶ ବେଳେ ପ୍ରଥମେ ପଡୁଥିବା ଲିଙ୍କରୋଡ ଓଭରବ୍ରିଜ ପାଲଟିବ ସହରର ସ୍ୱାଗତପଥ। ୨ ଲକ୍ଷ ଟଙ୍କା ବ୍ୟୟରେ ଏହି ଫ୍ଲାଏ ଓଭରବ୍ରିଜ କାନ୍ଥରେ ଶୋଭାପାଇବ କଟକ ସହର ଐତିହ୍ୟର ଚିତ୍ର। ତେବେ ଏଭଳି ପ୍ରୟାସ କରିବା ପାଇଁ ସିଏମ୍‌ସି କିମ୍ବା କୌଣସି ସରକାରୀ ଅନୁଷ୍ଠାନ ନୁହେଁ ବରଂ ଆଗେଇ ଆସିଛି ସାମାଜିକ ଅନୁଷ୍ଠାନ ସିଲଭର ସିଟି କଟକ। ମିଳିଥିବା ସୂଚନା ମୁତାବକ, ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ(ଏନ୍‌ଏଚଏଆଇ) ପକ୍ଷରୁ ଏସଜେଇପିଏଲ ଦ୍ୱାରା ଲିଙ୍କରୋଡ ଫ୍ଲାଏଓଭର ବ୍ରିଜ ନିର୍ମାଣ ଶେଷ ହେବାର ଦୁଇ ବର୍ଷରୁ ଅଧିକ ସମୟ ବିତିଯାଇଛି। ହେଲେ ଏପର୍ଯ୍ୟନ୍ତ ସହରର ପ୍ରବେଶ ପଥରେ ଥିବା ଏହି ଓଭରବ୍ରିଜ କାନ୍ଥରେ ସିଏମ୍‌ସି ପକ୍ଷରୁ ସୌନ୍ଦର୍ଯ୍ୟକରଣ ପାଇଁ କିଛି କରାଯାଇ ନାହିଁ। ସିଏମ୍‌ସିର ପୂର୍ବତନ କମିଶନର ବିକାଶ ମହାପାତ୍ର ଏବଂ ସିଏମ୍‌ସିର ବର୍ତ୍ତମାନର ସ୍ଲମ ଇମ୍ପ୍ରୁଭମେଣ୍ଟ ଅଫିସର ଶ୍ୟାମସୁନ୍ଦର ସେଠୀ କହିଛନ୍ତି, ଯଦି କୌଣସି ଘରୋଇ ସଂସ୍ଥା ଏହି ଚିତ୍ରଣ କରିବାକୁ ଚାହୁଁଛି ତେବେ ଏନଏଚଏଆଇର ନିୟମ ଅନୁଯାୟୀ ଚିତ୍ରଣ କରୁଥିବା ସଂସ୍ଥା ନିଜର ନାମ ଲେଖିପାରିବ ନାହିଁ। ତେଣୁ ଏହି କାରଣବଶତଃ କୌଣସି ସଂସ୍ଥା ଆମ ସହ ଆଲୋଚନା ପାଇଁ ଏ ଦିଗରେ ଆଗ୍ରହ ପ୍ରକାଶ କରୁନାହାନ୍ତି। ହେଲେ ଏଭଳି ନିୟମ କଟକଣା ଭିତରେ ସହରର ସୌନ୍ଦର୍ଯ୍ୟକରଣ ବାଧାପ୍ରାପ୍ତ ହେବା ଠିକ୍ ନୁହେଁ। ସଙ୍ଗଠନର ନାମ ପଛେ ସ୍ଥାନ ନ ପାଉ ହେଲେ ସହରର ପ୍ରବେଶ ପଥରେ ଥିବା ଏହି ଫ୍ଲାଏଓଭର ବ୍ରିଜରେ କଟକର ଐତିହ୍ୟ, ପରମ୍ପରା ବହନ କରୁଥିବା ଚିତ୍ରମାନ ସ୍ଥାନ ଦିଆଯିବ। ଏହାଦ୍ୱାରା ଭୁବନେଶ୍ୱରରୁ କଟକକୁ ପ୍ରବେଶ କରିବା ସମୟରେ ଏହି ଚିତ୍ରିତ ଫ୍ଲାଏଓଭର ବ୍ରିଜ ସହରର ସ୍ୱାଗତ ପଥ ଭାବେ ଶୋଭାପାଇବ ବୋଲି କହିଛନ୍ତି ସିଲଭର ସିଟି କଟକ ସଙ୍ଗଠନ ସଭାପତି ଆଭାଷ ମହାନ୍ତି। ନିଜର ନାମ ନ ଲେଖି ସହରର ସୌନ୍ଦର୍ଯ୍ୟକରଣ ପାଇଁ ଚିତ୍ରଣ କରିବାକୁ ଆଗେଇ ଆସିଥିବା ଏହି ସଙ୍ଗଠନ ଆମ ସହ କରିଥିବା ଆଲୋଚନାରେ ଆମେ ରାଜି ବୋଲି କହିଛନ୍ତି ଏନ୍‌ଏଚଏଆଇ ଅଧିକାରୀ ଜିତେନ୍ଦ୍ର ଦଳାଇ। ରାଜଧାନୀର ବାଣୀବିହାରସ୍ଥିତ ଫ୍ଲାଏଓଭର ବ୍ରିଜରେ ବିଏମ୍‌ସି ପକ୍ଷରୁ ଚିତ୍ରଣ ହୋଇଥିବାବେଳେ ଏହା ସହରର ମଧ୍ୟ ଏକ ସୌନ୍ଦର୍ଯ୍ୟକରଣ ବୃଦ୍ଧି କରୁଛି। ତେଣୁ ଆମ ସଙ୍ଗଠନ ମଧ୍ୟ ଆଗକୁ କଟକ ଲିଙ୍କରୋଡ ଫ୍ଲାଏଓଭର ବ୍ରିଜରେ ଏଭଳି ଚିତ୍ରଣ କରି ସହରର ଶୋଭା ବଢାଇବାକୁ ପ୍ରୟାସ କରିବ ବୋଲି ଆଭାଷ କହିଛନ୍ତି।

# ଭାଜପାର ବାରଙ୍ଗ ବ୍ଲକ କାର୍ଯ୍ୟାଳୟ ଘେରାଉ




ଭାଜପା ପକ୍ଷରୁ ବାରଙ୍ଗ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି।

**ବାରଙ୍ଗ, ୫।୧୧(ଡି.ଏନ୍.ଏ.)**

ରାଜ୍ୟରେ ହୋଇଥିବା ପିସି, ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ଭାଜପା କର୍ମୀମାନେ ସୋମବାର ବାରଙ୍ଗ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ଭାଜପା ନେତା ପୀତାମ୍ବର ଆଚାର୍ଯ୍ୟ, ଓବିସି ମୋର୍ଚ୍ଚା ସଭାପତି ପ୍ରତାପ କୁମାର ରାଉତରାୟ, ଶୁଭ୍ରାଂଶୁ ମୋହନ ପାଢ଼ୀ, ସୁବଳ ବେହେରା, ଅଜୟ କୁମାର ସ୍ୱାଇଁ, ପଦ୍ମଜା ଦେବତା, କଟକ ଜିଲା ଓବିସି ମୋର୍ଚ୍ଚା ଉପସଭାପତି ଅଜୟ କୁମାର ମୁଦୁଲି, ବେଣୁଧର ବେହେରା, ବିନୋଦ ଦାସ, ପ୍ରତାପ ଚନ୍ଦ୍ର ଜେନା, ଛବି ମଲ୍ଲିକଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ଯୋଗଦେଇ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ତ୍ରିଶୂଳିଆ ଛକରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ଏହାପରେ ସେଠାରେ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା।

# ଓରିନୋକୋ ଇ-ଯାନ ଶୋ'ରୁମ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୫।୧୧**



କଲିକତା ଭିତ୍ତିକ ଇ-ଯାନ ନିର୍ମାତା କମ୍ପାନୀ ଭିନ୍‌ସି ଇଣ୍ଡଷ୍ଟ୍ରିଆଲ୍ କର୍ପୋରେଶନର ବିତରକ ଭାବେ 'ଓରିନୋକୋ ଇଭି' ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହା ବରମୁଣ୍ଡାର ଜଗନ୍ନାଥ ବିହାରଠାରେ ଶୁଭାରମ୍ଭ ହୋଇଛି। କମ୍ପାନୀର ନିର୍ଦ୍ଦେଶକ ବିକ୍ରମ ବରମେଛା, ଶୋ'ରୁମର ସ୍ୱତ୍ତ୍ୱାଧିକାରୀ ଅମିତାଭ ପାଟଯୋଶୀ ଏବଂ ପ୍ରଶାନ୍ତ ମାଝି ଏସମ୍ପର୍କରେ ଘୋଷଣା କରିଥିଲେ। କମ୍ପାନୀ ମୋଦିତ ଏସ୍‌ଆର୍ ରୋଙ୍ଗଟା ବ୍ରାଣ୍ଡ ଅଧୀନରେ ୪ ସ୍କୁଟର ଭାରିଆଣ୍ଟକୁ ଏହି ଅବସରରେ ଓଡିଶା ବଜାରରେ ପ୍ରବେଶ କରାଇଛି। ଏଗୁଡିକର ବ୍ୟାଟେରି କ୍ଷମତା ୮୦ରୁ ୧୦୦ କିମି ରହିଛି। ମଡେଲରେ ଲିଡ୍ ଏସିଡ ଏବଂ ଲିଥିୟମ ଆୟନ ବ୍ୟାଟେରି ରହିଛି। ଏହାର ବଜାର ଦର ୫୫ ହଜାରରୁ ୭୦ ହଜାର ଟଙ୍କା ରହିଛି। ଶୀଘ୍ର ଓଡିଶାର ସମସ୍ତ ଜିଲାରେ ଉପସ୍ଥିତି ଜାହିର ରଖିବୁ ବୋଲି କମ୍ପାନୀର ନିର୍ଦ୍ଦେଶକ ବିକ୍ରମ ବରମେଛା ସୂଚନା ଦେଇଛନ୍ତି। କମ୍ପାନୀ ପକ୍ଷରୁ ପ୍ରସ୍ତୁତ ମଡେଲଗୁଡିକ ଗ୍ରାହକଙ୍କ ପକ୍ଷରୁ ଭଲ ରେସପନ୍ସ ମିଳୁଥିବା ସେ କହିଛନ୍ତି।

■ ଓଏଚ୍‌ଆର୍‌ସିରେ ପଦବୀ ଖାଲି ପଡ଼ିବା ପ୍ରସଙ୍ଗ

# ଆମିକସ୍ କ୍ୟୁରିଙ୍କୁ ଚିଠି ଲେଖିଲେ ମାନବାଧିକାର କର୍ମୀ

**ଭୁବନେଶ୍ୱର, ୫।୧୧(ବ୍ୟୁରୋ)**

**ରାଜ୍ୟ ସରକାରଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ ପାଇଁ ନିବେଦନ**

ଦୀର୍ଘଦିନ ହେବ ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆରସି) ଅଧ୍ୟକ୍ଷ ପଦ ଓ ସଦସ୍ୟ ପଦ ଖାଲିପଡିଛି। ଏ ନେଇ ଏକାଧିକ ମାନବାଧିକାର କର୍ମୀ ରାଜଭବନ ଆଗରେ ଧାରଣା ଦେବା ସହ ସରକାରଙ୍କୁ ଅବଗତ କରାଇଛନ୍ତି। ଏହାସତ୍ତ୍ୱେ ସରକାର ଅଧ୍ୟକ୍ଷ ଓ ସଦସ୍ୟ ପଦ ପୂରଣ କରୁନାହାନ୍ତି। ଏ ନେଇ ରବିବାର ଦୁଇ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ ଓ ନରେନ୍ଦ୍ର ମହାନ୍ତି ଆମିକସ୍ କ୍ୟୁରିଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ଏନେଇ ଦୁହେଁ ଆମିକସ୍ କ୍ୟୁରିଙ୍କୁ ଏକ ଚିଠି ଲେଖି ଖୁବ୍‌ଶୀଘ୍ର ଅଧ୍ୟକ୍ଷ ପଦ ପୂରଣ ପାଇଁ ଦାବି କରିଛନ୍ତି। କୌଣସି ରାଜ୍ୟରେ ମାନବାଧିକାର ଅଧ୍ୟକ୍ଷ ପଦବୀ ଖାଲି ପଡ଼ିଲେ ୩ମାସ ଭିତରେ ପୂରଣ କରିବା ପାଇଁ ସୁପ୍ରିମ୍‌କୋର୍ଟ ସବୁ ରାଜ୍ୟ ସରକାରଙ୍କୁ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ହେଲେ ରାଜ୍ୟ ସରକାର ତାହାକୁ ପୂରଣ କରିନାହାନ୍ତି। ବର୍ତ୍ତମାନ ସମ୍ପୂର୍ଣ୍ଣଭାବେ କମିଶନ ଅଚଳ ହୋଇପଡିଛି। ସୁପ୍ରିମ୍‌କୋର୍ଟ ହାଜତ ମୃତ୍ୟୁ ମାମଲାରେ ୧୧ଟି ଗାଇଡ୍‌ଲାଇନ୍ ଜାରି କରିଥିଲେ। ତାହାକୁ ତଦାରଖ କରିବା ପାଇଁ ସବୁ ରାଜ୍ୟ କମିଟି ଏକ ସବ୍‌କମିଟି ଗଠନ କରିବାକୁ କହିଥିଲେ। ଯେହେତୁ ଏଠାରେ କେହି ନାହାନ୍ତି ସବ୍‌କମିଟି ଗଠନ ହୋଇପାରିନାହିଁ, ଯାହାଫଳରେ ହାଜତ ମୃତ୍ୟୁ ବଢିବାରେ ଲାଗିଛି। ଅନ୍ୟ ଏକ କଥା ହେଲା ବିଭିନ୍ନ ଗଣମାଧ୍ୟମରେ ମାନବିକ ଅଧିକାର ଉଲ୍ଲଂଘନ ଖବର ବାହାରୁଛି। କିନ୍ତୁ କମିଶନଙ୍କ ପକ୍ଷରୁ ନିଜ ଆଡୁ ମାମଲା ରୁଜୁ କରାଯାଇ ପାରୁନାହିଁ। ନିୟମ ଅନୁଯାୟୀ ଏକ ଡିଭିଜନ ବେଞ୍ଚ ଆବଶ୍ୟକ, ନଚେତ୍ ନିଜ ଆଡୁ କମିଶନ ତଦନ୍ତ ପାଇଁ ମାମଲା ଗ୍ରହଣ କରିପାରିବେ ନାହିଁ। କମିଶନରେ ବର୍ତ୍ତମାନ ପ୍ରାୟ ୧୫ ହଜାର କେସ୍ ପଡି ରହିଛି। ମାନବିକ ଅଧିକାର ଉଲ୍ଲଂଘନ ହେଲେ କୌଣସି ନିରପେକ୍ଷ ସଂସ୍ଥା ତଦନ୍ତ କରିବା ପାଇଁ ନାହାନ୍ତି। ସରକାର ଯେହେତୁ ସୁପ୍ରିମ୍‌କୋର୍ଟଙ୍କ ଆଦେଶକୁ ଅବମାନନା କରିଛନ୍ତି, ତେଣୁ ତାଙ୍କ ବିରୋଧରେ ଅଦାଲତ ଅବମାନନା କେସ୍ ରୁଜୁ କରିବା ପାଇଁ ଆମିକସ୍ କ୍ୟୁରିଙ୍କୁ ୨ ମାନବାଧିକାର କର୍ମୀ ନିବେଦନ କରିଛନ୍ତି।



କୁସଂସ୍କାର ଶକ୍ତି ଏତେ ବେଶି ଯେ, ବିଜ୍ଞ ଲୋକ ବି ନିର୍ବୋଧଙ୍କ ପଦାଙ୍କ ଅନୁସରଣ କରିବାକୁ ବାଧ ହୁଅନ୍ତି।
- ଫ୍ରାନ୍ସିସ୍ ବାକନ୍



**ସଂକ୍ଷେପରେ**

## ଜାଲ୍ ସାର୍ଟିଫିକେଟରେ ଅଙ୍ଗନୱାଡ଼ିରେ ଚାକିରି

**ବ୍ରହ୍ମଗିରି, ୫।୧୧(ଡି.ଏନ୍.ଏ.):** ବ୍ରହ୍ମଗିରି ବ୍ଲକ କପିଳେଶ୍ୱରପୁର ପଞ୍ଚାୟତର ଏକ ଅଙ୍ଗନୱାଡି କେନ୍ଦ୍ରରେ ଜଣେ କର୍ମୀ ଜାଲ ସାର୍ଟିଫିକେଟ ସାହାଯ୍ୟରେ ଚାକିରି କରିଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ଜଣେ ପୂର୍ବତନ ୱାର୍ଡ ସଭ୍ୟ ନବକିଶୋର ଜେନା ସୂଚନା ଅଧିକାର ଆଇନ୍ ବଳରେ ଜାଣିବାକୁ ପାଇବା ପରେ ସିଡିପିଓଙ୍କଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀ, ଉପ ଜିଲାପାଳ, ଦୁର୍ନୀତି ନିବାରଣ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ ପାଇଁ ଦୁର୍ନୀତି ନିବାରଣ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ମିଳିବା ପରେ ବ୍ରହ୍ମଗିରି ବ୍ଲକ ସିଡିପିଓ ପ୍ରେମଲତା ସେଠୀ ଗତ ସେପ୍ଟେମ୍ବର ୨୪ତାରିଖରେ ସାର୍ଟିଫିକେଟ ଯାଞ୍ଚ କରି ଉପରିସ୍ଥ ଅଧିକାରୀଙ୍କ ନିକଟକୁ ପଠାଇଛନ୍ତି। ସୂଚନା ଅନୁସାରେ, କପିଳେଶ୍ୱରପୁର ପଞ୍ଚାୟତର ଏକ ଅଙ୍ଗନୱାଡି କେନ୍ଦ୍ରରେ ଜଣେ କର୍ମୀ ୨୦୦୯ରେ ନିଯୁକ୍ତି ପାଇଥିଲେ। ନିଯୁକ୍ତି ସମୟରେ ସେ ଦାଖଲ କରିଥିବା ସାର୍ଟିଫିକେଟ୍‌ରେ ତ୍ରୁଟି ଥିବା ସନ୍ଦେହ କରି ନବକିଶୋର ସୂଚନା ଅଧିକାର ଆଇନ ବଳରେ ଅଙ୍ଗନୱାଡ଼ି କର୍ମୀଙ୍କର ସମସ୍ତ ପ୍ରମାଣ ପତ୍ରର ତଥ୍ୟ ମାଗିଥିଲେ। ପରେ ସମସ୍ତ ତଥ୍ୟକୁ ଦେଖିବା ପରେ ଅଙ୍ଗନୱାଡ଼ି କର୍ମୀ ଜଣଙ୍କ ସାର୍ଟିଫିକେଟରେ ଚଞ୍ଚକତା କରି ଚାକିରି କରିଥିବା ସେ ଜାଣିବାକୁ ପାଇଥିଲେ। ଏ ନେଇ ସେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ସିଡିପିଓ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

## ଚାଷୀ ଆନ୍ଦୋଳନର ଝଲକ



ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ସୋମବାର ଭୁବନେଶ୍ୱର ଅଭିମୁଖେ ଆସୁଥିବା ପଦଯାତ୍ରାକୁ ଖଣ୍ଡଗିରି ଛକଠାରେ ଅଟକାଇବା ପାଇଁ ମୁତୟନ ହୋଇଥିବା ପୋଲିସ ଫୋର୍ସ।





ପଦଯାତ୍ରାକୁ ଖଣ୍ଡଗିରି ଛକଠାରେ ପୋଲିସ ଅଟକାଇବାବେଳେ ହୋଇଥିବା ଠେଲାପେଲା ଏବଂ ଚାଷୀଙ୍କୁ ଗିରଫ କରି ନିଆଯାଉଛି।

## ମହିଳା ଖବରଦାତାଙ୍କୁ ଦୁର୍ବ୍ୟବହାର: ଜଣେ ଗିରଫ

**କଟକ ଅଫିସ୍, ୫।୧୧**

ଓଡ଼ିଶାର ଏକ ଦୈନିକ ଖବରକାଗଜର ଜଣେ ମହିଳା ଖବରଦାତାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ବାଦାମବାଡି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ନାଉଗାଁ ଅଞ୍ଚଳର ବିଭୁପ୍ରସାଦ ସ୍ୱାଇଁ। ଏ ନେଇ ପୋଲିସ ଆଇପିସି ଦଫା ୩୫୪, ୨୯୪, ୩୨୩ରେ ଏକ ମାମଲା (ନଂ.୩୦୫/୧୮) ରୁଜୁ କରିଛି। ବିଭୁ ଏକ ଘରୋଇ ଷ୍ଟିଲ ପ୍ଲାଣ୍ଟରେ କାର୍ଯ୍ୟ କରୁଥିବା ବେଳେ ପରିବାର ସହ ବାଦାମବାଡି ଥାନା ଅନ୍ତର୍ଗତ ଶଙ୍କରପୁର ଅଞ୍ଚଳରେ ରହୁଛନ୍ତି। ସୋମବାର ମଧ୍ୟାହ୍ନରେ ଖବରଦାତା ଜଣଙ୍କ ତାଙ୍କର ଜଣେ ପୁରୁଷବନ୍ଧୁଙ୍କ ସହ ବାଦାମବାଡି ଅଞ୍ଚଳରେ ଥିବା ଏକ ରେଷ୍ଟୁରାଣ୍ଟକୁ ଆସିଥିଲେ। ସେଠାରୁ ଫେରିବା ବେଳେ ବିଭୁ ସେମାନଙ୍କୁ ଅଟକାଇ ନିଜକୁ ସିବିଆଇ ଅଫିସର କହିବା ସହ ଖବରଦାତାଙ୍କ ପୁରୁଷବନ୍ଧୁଙ୍କୁ ଚାପୁଡ଼ା ମାରିଥିଲେ। ଖବରଦାତା ଜଣଙ୍କ ନିଜର ପରିଚୟପତ୍ର ଦେଖାଇବା ସହ ବିଭୁଙ୍କୁ ତାଙ୍କର ପରିଚୟପତ୍ର ଦେଖାଇବାକୁ କହିଥିଲେ। ବିଭୁ ଓଲଟା ତାଙ୍କୁ ଗାଳିଗୁଲଜ କରିବା ସହ ମାରିବାକୁ ବାହାରିଥିଲେ। ଫଳରେ ସ୍ଥାନୀୟ ଲୋକ ବିଭୁଙ୍କୁ ନିସ୍ତୁକ ମାଡ ମାରି ପୋଲିସ ଜିମା ଦେଇଥିଲେ। ଏ ନେଇ ଖବରଦାତା ଜଣଙ୍କ ଅଭିଯୋଗ କରିବା ପରେ ପୋଲିସ ବିଭୁଙ୍କୁ ଗିରଫ କରିଥିଲା। ତେବେ ଅତ୍ୟଧିକ ନିଶା ସେବନ କରିଥିବାରୁ ବିଭୁ ଏଭଳି କରିଥିବା ପୋଲିସ ସୂଚନା ଦେଇଛି।

# କ୍ୟାମ୍ପ କୋର୍ଟ ଉପରେ ପ୍ରଶ୍ନ ଉଠାଇଲା କ୍ରିମିନାଲ କୋର୍ଟ ବାର୍

**କଟକ ଅଫିସ, ୫।୧୧**

ହାଇକୋର୍ଟ ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଜାରି ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ବହୁ ଜେଲରେ ସଜା କାଟୁଥିବା କଏଦୀମାନଙ୍କୁ ଆଇନଗତ ସହାୟତା ଯୋଗାଇଦେବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ କ୍ୟାମ୍ପ କୋର୍ଟ ଖୋଲାଯାଇଛି। ତେବେ ଏହି କ୍ୟାମ୍ପ କୋର୍ଟ ଉପରେ ସୋମବାର ପ୍ରଶ୍ନ ଉଠାଇଛି କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନ। ମଧ୍ୟାହ୍ନରେ ବସିଥିବା ବୈଠକରେ ଆସୋସିଏଶନର ଆଇନଜୀବୀମାନେ କହିଛନ୍ତି ଯେ, କ୍ୟାମ୍ପ କୋର୍ଟ ଚାଲିବା ଦ୍ୱାରା ସରକାର ଆମ ଦାବିକୁ ହାଲୁକା କରିଦେଉଛନ୍ତି। ଏଭଳି ଅସମୟରେ କ୍ୟାମ୍ପ କୋର୍ଟ ଚାଲିବା ଯୋଗୁ ବହୁ ଅପରାଧର ପ୍ରମାଣ ଅଭାବ ଏବଂ ଠିକ୍ ଭାବେ ତର୍କ ଉପସ୍ଥାପନ ହୋଇ ନ ପାରିବାରୁ ଖଲାସ ହେଉଛନ୍ତି, ଯାହାକି ପରୋକ୍ଷରେ ସମାଜରେ ସେହି ଅପରାଧୀମାନଙ୍କୁ ଅପରାଧ କରିବାକୁ ପ୍ରଶ୍ରୟ ଦେଇପାରେ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଆସୋସିଏଶନ ସମ୍ପାଦକ ପ୍ରଦୀପ କୁମାର ପରିଡାଙ୍କ କହିବା ଅନୁଯାୟୀ, କୋର୍ଟରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ଜାମିନ ନ ମିଳିବା ଭୟ ଥିବାରୁ ବହୁ ଅପରାଧୀଙ୍କୁ ଅପରାଧ ଘଟାଇବାରେ ପରୋକ୍ଷରେ ଅଙ୍କୁଶ ଲଗାଇଛି। ତେଣୁ ହାଇକୋର୍ଟରେ କାର୍ଯ୍ୟବନ୍ଦ ଆନ୍ଦୋଳନ ସମୟରେ କ୍ୟାମ୍ପ କୋର୍ଟ ଚାଲିବା ଯୋଗୁ ବହୁ ଅପରାଧୀ ସହଜରେ ଖଲାସ ହେବା ସମାଜ ଉପରେ ନକାରାତ୍ମକ ପ୍ରଭାବ ପକାଉଛି ବୋଲି ସେ କହିଛନ୍ତି। ଏ ନେଇ ଆସୋସିଏଶନର ଏକ ପ୍ରତିନିଧି ଦଳ ଜିଲା ଜଜ୍ ସତ୍ୟନାରାୟଣ ମିଶ୍ରଙ୍କୁ ଭେଟିଛନ୍ତି।

# ବାଣ, ବିସ୍ଫୋରକ ସାମଗ୍ରୀ ଜବତ: ୨ ଗିରଫ

**ପୁରୁଣା ଭୁବନେଶ୍ୱର, ୫।୧୧(ଡି.ଏନ.ଏ.)**

ବେଆଇନ ବାଣ ବିକ୍ରି କରିବା ଏବଂ ବିସ୍ଫୋରକ ସାମଗ୍ରୀ ରଖିବା ଅଭିଯୋଗରେ ପୋଲିସ ପୃଥକ୍ ଘଟଣାରେ ୨ ଜଣଙ୍କୁ ଗିରଫ କରିଛି। ପ୍ରଥମଟି ଲିଙ୍ଗରାଜ ଥାନା ଅଧୀନ ଶ୍ରୀରାମନଗର ଲେନ୍ ୯ରେ ଘରଭଡ଼ା ନେଇ ମିଟୁ ବେହେରା(୨୫) ବାଣ ବ୍ୟବସାୟ କରୁଥିଲେ। ତାଙ୍କ ଘର ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅନ୍ତର୍ଗତ ସିଂହଦ୍ୱାର ଗ୍ରାମରେ। ସେ ଏଠାରେ ବେଆଇନ ଭାବେ ବ୍ୟବସାୟ କରୁଥିବା ପୋଲିସ ଖବର ପାଇ ଚଢାଉ କରିଥିଲା। ତାଙ୍କଠାରୁ ବିପୁଳ ପରିମାଣର ବାଣ ଏବଂ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଏ ନେଇ ଲିଙ୍ଗରାଜ ଥାନାରେ ନଂ. ୨୨୮/୧୮ରେ ମାମଲା ରୁଜୁ କରାଯାଇଛି। ସେହିଭଳି ଧଉଳି ଥାନା ପୋଲିସ ଟିଙ୍କିରପଡା, ଗଙ୍ଗେଶ୍ୱର, କଲ୍ୟାଣପୁର ଗାଁରେ ଚଢାଉ କରିଥିଲା। କଲ୍ୟାଣପୁରର ଜଣେ ଯୁବକ ସଦା ପ୍ରଧାନଙ୍କଠାରୁ ବିସ୍ଫୋରକ ସାମଗ୍ରୀ ସହ ବାଣ ଜବତ କରାଯାଇଥିଲା। ଏ ନେଇ ଧଉଳି ଥାନାରେ ନଂ. ୧୫୬/୧୮ରେ ମାମଲା ରୁଜୁ କରାଯାଇଛି।

## ଅନ୍ତର୍ଜାତୀୟ ରାମାୟଣ ମହୋତ୍ସବ

# ମନ୍ତ୍ରମୁଗ୍ଧ କଲା ଥାଇଲାଣ୍ଡ କଳାକାରଙ୍କ 'ରାମକୀୟାନ'

**ଭୁବନେଶ୍ୱର, ୫।୧୧(ବ୍ୟୁରୋ)**

ଆଇସିସିଆର ପକ୍ଷରୁ ସୋମବାର ରବୀନ୍ଦ୍ର ମଣ୍ଡପରେ ୪ର୍ଥ ଅନ୍ତର୍ଜାତୀୟ ରାମାୟଣ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଥାଇଲାଣ୍ଡର ଚେଙ୍ଗ ମାଇ କଲେଜ ଅଫ୍ ଡ୍ରାମାଟିକ୍ ଆର୍ଟର ୧୫ କଳାକାରଙ୍କ ଦ୍ୱାରା 'ରାମକୀୟାନ' ନାଟକ ପରିବେଷଣ କରାଯାଇଥିଲା। ଥାଇଲାଣ୍ଡରେ ରାମାୟଣକୁ 'ରାମକୀୟାନ' ବୋଲି କୁହାଯାଏ। ରାମଙ୍କ ବନବାସଠାରୁ ଆରମ୍ଭ କରି ରାବଣ ସୁନା ହରିଣ ବେଶରେ ଆସି କିପରି ରାମଙ୍କୁ ଭ୍ରମିତ କରି ସୀତାଙ୍କୁ ହରଣ କରିଥିଲେ, ରାବଣ ଓ ରାମଙ୍କ ମଧ୍ୟରେ ଯୁଦ୍ଧ, ରାମ ଲକ୍ଷ୍ମଣ ଓ ସୀତାଙ୍କ ଅଯୋଧ୍ୟା ପ୍ରତ୍ୟାଗମନ ଆଦି ଅନେକ ଘଟଣାବଳୀକୁ ନେଇ ଏହି ନାଟକ ପର୍ଯ୍ୟବେସିତ ହୋଇଥିଲା। ଥାଇଲାଣ୍ଡ କଳାକାରଙ୍କ ଏହି ନାଟକ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କାର୍ଯ୍ୟକ୍ରମରେ ସଂସ୍କୃତି ସଚିବ ମନୋରଞ୍ଜନ ପାଣିଗ୍ରାହୀ, ଆଇସିସିଆର୍‌ର ସିନିୟର ରିଜିଓନାଲ ଡାଇରେକ୍ଟର ରଞ୍ଜିତ ରାଜ ଆରୋରା, ଭାଷାବିତ୍ ଦେବୀ ପ୍ରସନ୍ନ ପଟ୍ଟନାୟକ, କ୍ଷୀରୋଦ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।



ଥାଇଲାଣ୍ଡର କଳାକାରଙ୍କ ଦ୍ୱାରା ପରିବେଷିତ 'ରାମକୀୟାନ' ନାଟକର ଏକ ଦୃଶ୍ୟ।

# ବିରଳ ପକ୍ଷୀ ଶିକାର କରି ବଣଭୋଜି

**ଭୁବନେଶ୍ୱର, ୫।୧୧ (ବ୍ୟୁରୋ)**

**ରାଜଧାନୀରେ ନାହିଁ କଟକଣା**
- ମାରିବା ସମୟରେ ନେଲେ ସେଲ୍ଫି
- ଚଢ଼ାଉ ବେଳେ ଖସିଗଲେ ଯୁବକ

ବିରଳ ଇଣ୍ଡିଆନ୍ ହେରନ୍ ବାର୍ଡ ପ୍ରଜାତିର ପକ୍ଷୀ ଶିକାର କରି କେତେଜଣ ଯୁବକ ନିୟମିତ ଭାବେ ବରମୁଣ୍ଡା ମହାବୀର ବସ୍ତିରେ ଭୋଜି କରୁଛନ୍ତି। ରବିବାର ଉକ୍ତ ଯୁବକମାନେ ଭୋଜି କରିବା ସମୟରେ ଖଣ୍ଡଗିରି ପୋଲିସ ଚଢାଉ କରିଛି। ପୋଲିସ ଚଢାଉ ପୂର୍ବରୁ ସେମାନେ ଖସି ଯାଇଛନ୍ତି। ଏନେଇ ସ୍ନିକ୍ ଫର ଆନିମଲ ସଂସ୍ଥାର ମୁଖ୍ୟ କୁଶଳ ବିଶ୍ୱାଳ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ କରୁଛି।

ଚନ୍ଦକା ଜଙ୍ଗଲରେ ରହୁଥିବା ଇଣ୍ଡିଆନ ହେରନ ପକ୍ଷୀକୁ ମହାବୀର ବସ୍ତିର କେତେଜଣ ଯୁବକ ଧରିଥିଲେ। ପକ୍ଷୀକୁ ଧରିବା ପରେ ସେମାନେ ବରମୁଣ୍ଡା ମହାବୀର ବସ୍ତିରେ ଥିବା ଏକ ନିଛାଟିଆ ସ୍ଥାନକୁ ଆଣିଥିଲେ। ସେଠାରେ ପକ୍ଷୀକୁ ମାରିବା ସମୟରେ ସେଲ୍ଫି ନେଇଥିଲେ। ଏହାଦେଖି କେତେଜଣ ଯୁବକ ସ୍ନିକ୍ ଫର ଆନିମଲ ସଂସ୍ଥାର ମୁଖ୍ୟ କୁଶଳଙ୍କୁ ଜଣାଇଥିଲେ। ଏନେଇ କୁଶଳ ଖଣ୍ଡଗିରି ଥାନା ଅଧିକାରୀଙ୍କୁ ଫୋନ୍ କରିଥିଲେ ହେଲେ ସେ ଶୁଣି ନ ଥିଲେ। ଏହାପରେ ସେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତିଙ୍କୁ ଜଣାଇବା ପରେ ତୁରନ୍ତ ପିସିଆର ଭ୍ୟାନ୍ ଯାଇ ଘଟଣାସ୍ଥଳରେ ଚଢାଉ କରିଥିଲେ। ସୂଚନାଯୋଗ୍ୟ, ଏହି ପକ୍ଷୀକୁ ଶିକାର କଲେ ୩ବର୍ଷ ଜେଲ ଦଣ୍ଡ ହୋଇପାରେ।






ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୬ ନଭେମ୍ବର, ୨୦୧୮




ବିହାରରେ ଜଣେ ମହିଳା କନଷ୍ଟେବଲଙ୍କ ମୃତ୍ୟୁକୁ ନେଇ କେତେକ ପୋଲିସ କର୍ମଚାରୀ ଉପରିସ୍ଥ ଅଫିସରଙ୍କୁ ରାସ୍ତାରେ ପିଟିଥିଲେ। ଏହି ଘଟଣାର ଯାଞ୍ଚ ପରେ ଆଇଜି ଡେିୟର ଅସନେନ୍ ଖାଁ ୧୭୫ ଜଣ କର୍ମଚାରୀଙ୍କୁ ନିଲମ୍ବନ କରିଛନ୍ତି। ସେମାନଙ୍କ ମଧ୍ୟରେ ୧୬୭ ନୂଆ ଏବଂ ୮ ଜଣ ପୁରୁଣା କର୍ମଚାରୀ ଅଛନ୍ତି। ଶୃଙ୍ଖଳାଗତ କାର୍ଯ୍ୟ ଅନ୍ତର୍ଗତ ଏଭଳି କରାଯାଇଥିବା ଆଇଜି ସୂଚନା ଦେଇଛନ୍ତି।



**ସଂକ୍ଷେପରେ**

## ସଙ୍ଗିନ୍ ସ୍ଥିତିରେ ପହଞ୍ଚିଲାଣି ରାଜ୍ୟର ଶିକ୍ଷା ବ୍ୟବସ୍ଥା

**ଭୁବନେଶ୍ୱର, ୫।୧୧(ବ୍ୟୁରୋ):** ଗଣଶିକ୍ଷା ବିଭାଗରେ ଜାଲ୍ କାରନାମା ବୃଦ୍ଧି ପାଇବାରେ ଲାଗିଛି, ଯାହା ଫଳରେ ରାଜ୍ୟର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ସଙ୍ଗିନ ଅବସ୍ଥାରେ ପହଞ୍ଚିଲାଣି। ଦୀର୍ଘବର୍ଷ ହେବ ଜାଲ୍ ଛାତ୍ରୀଛାତ୍ରମାନଙ୍କ ଉପସ୍ଥାନ ଦେଖାଇ ଶିକ୍ଷା ବିଭାଗର ସରକାରୀ ଯୋଜନାଗୁଡିକ ବାଟମାରଣା କରାଯାଉଥିବା କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ମୁଖ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି ଯେ, ପୂର୍ବରୁ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ବଢାଇ ଚଢାଇ ଦେଖାଇବାର ନଜିର ରହିଛି। ଗଣଶିକ୍ଷା ବିଭାଗ ସମ୍ପର୍କରେ ପ୍ରକାଶିତ ଖବର ସରକାରଙ୍କ ଜାଲ୍ କାରନାମାର ଆଉ ଏକ ଚିତ୍ର ସାମ୍ନାକୁ ଆଣିଛି। ବିଭିନ୍ନ ବିଭାଗରେ ସଫଳତାକୁ ଦର୍ଶାଇ ସରକାର ଯେଉଁ ଜାଲ୍ ପରିସଂଖ୍ୟାନ ପରିବେଷଣ କରୁଛନ୍ତି ତାକୁ ଦେଖିଲେ ରାଜ୍ୟରେ ଶାସନ କରୁଥିବା ସରକାର ମଧ ଜାଲ୍ ବୋଲି କହିଲେ ଭୁଲ୍ ହେବନାହିଁ। ରାଜ୍ୟର ପ୍ରାୟ ୧୨୫୦ ବିଦ୍ୟାଳୟରେ ୧୦ଜଣ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ନାହିଁ। ହେଲେ ଏହି ବିଦ୍ୟାଳୟଗୁଡିକରେ ୫ଶହ ଶିକ୍ଷକ ଦରମା ନେଉଛନ୍ତି। ୪ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ନାମରେ ମଧାହ୍ନଭୋଜନ, ସ୍କୁଲ ୟୁନିଫର୍ମ ଇତ୍ୟାଦି ଯୋଜନାରେ ଅର୍ଥ ହଡପ କରୁଛନ୍ତି। ବାସ୍ତବରେ ରାଜ୍ୟରେ କେତେ ବିଦ୍ୟାଳୟରେ କେତେ ଛାତ୍ରୀଛାତ୍ର ଅଛନ୍ତି, ସେମାନଙ୍କ ପାଇଁ ବିଭିନ୍ନ ଯୋଜନାରେ କେତେ ଅର୍ଥ ଖର୍ଚ୍ଚ ହେଉଛି ଏବଂ କେଉଁ ବର୍ଗର କେତେ ଶିକ୍ଷକ ରହିଛନ୍ତି ତା'ର ଏକ ଶ୍ୱେତପତ୍ର ପ୍ରକାଶ କରିବାକୁ ମନୋଜ ଦାବି କରିଛନ୍ତି। ରାଜ୍ୟ ଶିକ୍ଷା ବ୍ୟବସ୍ଥାର ଏଭଳି ସଙ୍ଗିନ ସ୍ଥିତିରେ ସୁଧାର ଆଣିବା ଲାଗି ବୁଦ୍ଧିଜୀବୀ, ଅଭିଭାବକମାନେ ଆଗେଇ ଆସନ୍ତୁ ବୋଲି କଂଗ୍ରେସର ଅନ୍ୟଜଣେ ମୁଖପାତ୍ର ସୁଦର୍ଶନ ଦାସ ଅନୁରୋଧ କରିଛନ୍ତି।

# ଚାଷୀ ଆନ୍ଦୋଳନକୁ ଦମନ

- ୧୪୪ ସତ୍ତ୍ୱେ ସହର ଭିତରକୁ ପଶିବାକୁ ଉଦ୍ୟମ
- ଚାଷୀ ନେତାଙ୍କ ସହ ଗିରଫ ହେଲେ ୧ହଜାରରୁ ଉର୍ଦ୍ଧ୍ୱ
- ପୋଲିସ-ଚାଷୀ ୮ଘଣ୍ଟା ଛକପଞ୍ଝା, ୩ ଘଣ୍ଟା ରାସ୍ତାରୋକୋ

**ଭୁବନେଶ୍ୱର,୫।୧୧(ବ୍ୟୁରୋ)**

ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍ସନ ଦାବି ନେଇ ବଡ଼ଧରଣର ଆନ୍ଦୋଳନ ପାଇଁ ରାଜଧାନୀମୁହାଁ ହଜାର ହଜାର ମହିଳା ଓ ପୁରୁଷ ଚାଷୀଙ୍କୁ ସହର ଭିତରକୁ ପଶିବାକୁ ଦେଇନି କମିଶନରେଟ ପୋଲିସ। ନବନିର୍ମାଣ କୃଷକ ସଙ୍ଗଠନର ଏହି ଆନ୍ଦୋଳନ ପାଇଁ ରାଜ୍ୟ ସରକାର ଅନୁମତି ନ ଦେଇ ୧୪୪ ଧାରା ଜାରି କରିଥିଲେ। ଏହାସତ୍ତ୍ୱେ ସୋମବାର କଟକ ଓ ଖୋର୍ଦ୍ଧା ପଟୁ ରାଜପଥରେ ଚାଷୀମାନେ ମାଡ଼ି ଆସୁଥିଲାବେଳେ ପୋଲିସ ବହୁ ଚାଷୀ ନେତାଙ୍କ ସହ ସେମାନଙ୍କୁ ଗିରଫ କରି ଆନ୍ଦୋଳନକୁ ରୋକିବାରେ ସମର୍ଥ ହୋଇଛି। ଏହାକୁ ନେଇ ରାଜଧାନୀର ଦୁଇ ପ୍ରବେଶ ପଥରେ ୮ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ପୋଲିସ-ଚାଷୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ସରକାର ଚାଷୀଙ୍କ ଦୁଃଖ ନ ଶୁଣି ପୋଲିସ ଲଗାଇ ଦମନ କରୁଥିବାରୁ ଏହାର ପ୍ରତିବାଦରେ ଚାଷୀମାନେ ରାଜପଥକୁ ଅବରୋଧ କରିଥିଲେ।

ନବନିର୍ମାଣ କୃଷକ ସଙ୍ଗଠନ ଭୁବନେଶ୍ୱରର ଲୋୟର ପିଏମ୍‌ଜିଠାରେ ସୋମବାର ଚାଷୀ ମହାସମାବେଶ ପାଇଁ ଡାକରା ଦେଇଥିଲା। ଏଥିରେ ୨ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କ ସମାଗମ ହେବାର ଥିଲା। ଏଥିପାଇଁ ଖୋର୍ଦ୍ଧା ଜିଲାର ବାଲୁଗାଁ ଓ ଯାଜପୁର ଜିଲାର କୁଆଖିଆରୁ ୧ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ପଦଯାତ୍ରାରେ ରାଜଧାନୀ ଅଭିମୁଖେ ବାହାରିଥିଲେ। ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ବିଭିନ୍ନ ଜିଲାରୁ ଚାଷୀମାନେ ମଧ ସମାବେଶ ପାଇଁ ଆସୁଥିଲେ। ମାତ୍ର ଆଇନଶୃଙ୍ଖଳା ପରିସ୍ଥିତି ଆଶଙ୍କା କରି ରାଜ୍ୟ ସରକାର ଏହି ସମାବେଶକୁ ଅନୁମତି ଦେଇ ନ ଥିଲେ। ଏଥିସହ ତମାଣ୍ଡୋ ଓ ହଂସପାଳ ନିକଟରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ସହ ୧୪୪ ଧାରା ଲାଗୁ କରିଥିଲେ। ଶୁକ୍ରବାରଠାରୁ ବିଭିନ୍ନ ସ୍ଥାନରେ ପୋଲିସ ଚାଷୀମାନଙ୍କୁ ଅଟକାଇ ରଖିଥିଲା। ଏହାସତ୍ତ୍ୱେ ଚାଷୀମାନେ ଆଗକୁ ମାଡ଼ି ଚାଲିଥିଲେ। ରବିବାର ମଧ ଖୋର୍ଦ୍ଧା ଆଡୁ ଆସୁଥିବା ଚାଷୀଙ୍କୁ



ଜଣେ ମହିଳା ଆନ୍ଦୋଳନକାରୀଙ୍କୁ ପୋଲିସ କର୍ମଚାରୀ ଟେକି ନେଉଛନ୍ତି।

ତମାଣ୍ଡୋ ଓ କଟକ ଆଡୁ ଆସୁଥିବା ଚାଷୀଙ୍କୁ ହଂସପାଳ ନିକଟରେ ଅଟକ ରଖିଥିଲା। ୫ ତାରିଖରେ ହେବାକୁ ଥିବା ଆନ୍ଦୋଳନସ୍ଥଳରେ ଚାଷୀମାନଙ୍କୁ କୌଣସି ଉପାୟରେ ପହଞ୍ଚାଇ ନ ଦେବାକୁ ଯୋଜନା କରାଗଲା। ଏଥିପାଇଁ ଦୁଇଟି ସ୍ଥାନରେ ୩୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇ ପୂରା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରାଯାଇଥିଲା। ଏହାକୁ ଖାତିର ନ କରି ସୋମବାର ସକାଳୁ ତମାଣ୍ଡୋଠାରେ ଚାଷୀମାନେ ସରକାର ବିରୋଧୀ ନାରା ଦେଇଥିଲେ। ପରେ ସେମାନେ ପୋଲିସର ବ୍ୟାରିକେଡ୍ ଭାଙ୍ଗି ସହର ଭିତରକୁ ପ୍ରବେଶ କରିଥିଲେ। ପୋଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ ଚାଷୀଙ୍କ ସଂଖ୍ୟା ଅଧିକ ଥିବାରୁ ତାହା ସମ୍ଭବ ହୋଇ ନ ଥିଲା। ଇତିମଧରେ ଚାଷୀଙ୍କ ସହ ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ଓ ଅନ୍ୟ କେତେଜଣ ନେତା ପଦଯାତ୍ରାରେ ସାମିଲ୍ ହୋଇଥିଲେ। ମଧାହ୍ନ ପ୍ରାୟ ୧୨ଟା ସମୟରେ ଚାଷୀମାନେ ଖଣ୍ଡଗିରି ନିକଟରେ ପହଞ୍ଚି ଯାଇଥିଲେ। ସେଠାରେ ଅଟକାଯିବାକୁ ଉଦ୍ୟମବେଳେ ପୋଲିସ ଓ ଚାଷୀ ମୁହାଁମୁହିଁ ହେଲେ। ଦୀର୍ଘ ସମୟ ଧରି ଉଭୟଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ଏପରିକି ଖଣ୍ଡଗିରି ଛକରେ ହୋଟେଲରେ ପଶି ଚାଷୀମାନେ ଖାଉଥିବା ସମୟରେ ପୋଲିସ ସେମାନଙ୍କୁ ଗିରଫ କରି ନେଇଥିଲା। ଯେଉଁମାନଙ୍କ କାନ୍ଧ ଓ ମୁଣ୍ଡରେ ଗାମୁଛା ଦେଖୁଥିଲା ସେମାନଙ୍କୁ ବି ଖୋଜି ଖୋଜି ପୋଲିସ ଗିରଫ କରିଥିଲା। ଚାଷୀମାନେ ପୋଲିସ ଭ୍ୟାନ୍‌ରେ ନ ବସିବାକୁ ଚେଷ୍ଟା କରିବାରୁ ପୋଲିସ ବଳପ୍ରୟୋଗ କରି ସେମାନଙ୍କୁ ଘୋଷାରିନେବା ସହ ଟେକିଟେକି ନେଉଥିବା ଦେଖିବାକୁ ମିଳିଥିଲା। ଏହି ସମୟରେ ଚାଷୀଙ୍କ ଚିତ୍କାରରେ ଫାଟି ପଡିଥିଲା ରାଜପଥ ଓ ଆଖପାଖ ଅଞ୍ଚଳ। ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ଗିରଫ କରାଯାଇ ପରେ ଅନ୍ୟତ୍ର ଛାଡି ଦିଆଯାଇଥିବା ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି।

ସେହିଭଳି କଟକ ପଟୁ ହଂସପାଳ ଛକ ନିକଟରେ ଅଟକ ଚାଷୀମାନେ ମଧ ସହର ଭିତରକୁ ପଶିବାକୁ ସକାଳୁ ଉଦ୍ୟମ କରିଥିଲେ। ସେଠାରେ ନବନିର୍ମାଣ କୃଷକ ସଙ୍ଗଠନର ଆବାହକ ଅକ୍ଷୟ କୁମାର ଓ ଶେଷଦେବ ନନ୍ଦ ପ୍ରମୁଖ ନେତୃତ୍ୱ ନେଇଥିଲେ। ଦୀର୍ଘ ସମୟ ସେଠାରେ ପୋଲିସ ଓ ଚାଷୀଙ୍କ ମଧ ବଳ କଷାକଷି ଚାଲିଥିଲା। ଶେଷରେ ଚାଷୀମାନେ ଅନ୍ୟ କୌଣସି ଉପାୟ ନ ପାଇ ଜାତୀୟ ରାଜପଥକୁ ୩ଘଣ୍ଟା ଅବରୋଧ କରିଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ କିଛି ସୁଫଳ ମିଳି ନ ଥିଲା। ଚାଷୀମାନେ ପୋଲିସ କର୍ଡନ ଭାଙ୍ଗି ସହର ଭିତରକୁ ପଶିବାକୁ ଉଦ୍ୟମ କରିବା ସମୟରେ ପୋଲିସ ସେମାନଙ୍କୁ ଗିରଫ କରିନେଇଥିଲା। ପୋଲିସ ସେମାନଙ୍କୁ ରିଜର୍ଭ ଓ ଓଏସ୍‌ଏପି ବାଟାଲିୟନରେ ରଖିଥିଲା। ପରେ ସେମାନଙ୍କୁ ଷ୍ଟେଶନ ଓ ବସ୍ ଷ୍ଟାଣ୍ଡରେ ଛାଡି ଦେଇଥିଲା। ତେବେ ଚାଷୀମାନଙ୍କୁ ଗିରଫ କରିବା ପାଇଁ ପୋଲିସ ନାକେଦମ ହୋଇ ପଡିଥିଲା। ହଂସପାଳରେ ଧାରଣାସ୍ଥଳରେ ପଚାମୁଣ୍ଡାଇ ଅଞ୍ଚଳର ଜଣେ ଚାଷୀ ଚେତାଶୂନ୍ୟ ହୋଇପଡିଥିଲେ। ତାଙ୍କୁ ଚିକିତ୍ସା ପାଇଁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅନ୍ୟପକ୍ଷରେ ଅନେକ ଚାଷୀ ପୋଲିସକୁ ଚକ୍‌ମା ଦେଇ ସହର ଭିତରକୁ ପଶିଯାଇଥିଲେ। କିନ୍ତୁ ଚାଷୀନେତାଙ୍କ ସହ ଅଧିକଂଶ ଚାଷୀଙ୍କୁ ଗିରଫ କରାଯାଇଥିବାରୁ ଆନ୍ଦୋଳନ ଆଶା ମଉଳିଯାଇଥିଲା।

ଏନେଇ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ଯେହେତୁ ଚାଷୀମାନେ ସହର ଭିତରକୁ ପ୍ରବେଶ କଲେ ଆଇନ ଶୃଙ୍ଖଳା ଉପୁଜିବ ଓ ଗାଡିମୋଟର ଚଳାଚଳରେ ବାଧା ସୃଷ୍ଟି ହେବ ସେଥିପାଇଁ ୧୪୪ ଧାରା ଲଗାଯାଇଥିଲା। କିନ୍ତୁ ଚାଷୀମାନେ ଏହାକୁ ନମାନି ସହର ଭିତରକୁ ପ୍ରବେଶ କରିବା ପାଇଁ ଉଦ୍ୟମ କରିବାରୁ ପ୍ରାୟ ୧୧ଶହ ଚାଷୀଙ୍କୁ ଗିରଫ କରାଯାଇ ପରେ ଛାଡି ଦିଆଯାଇଥିଲା ବୋଲି ମହାନ୍ତି ସୂଚନା ଦେଇଛନ୍ତି।

## ଚାଷୀଙ୍କ ବାଟ ରୋକିବା ନେଇ ବିରୋଧୀଙ୍କ ସମାଲୋଚନା

**ଭୁବନେଶ୍ୱର, ୫।୧୧(ବ୍ୟୁରୋ)**

ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସ୍ଥାନୀୟ ଲୋୟର ପିଏମ୍‌ଜି ଛକଠାରେ ହେବାକୁ ଥିବା ଚାଷୀ ମହାସମାବେଶ ପାଇଁ ରାଜ୍ୟ ସରକାର ଅନୁମତି ଦେଇ ନ ଥିଲେ। ଭୁବନେଶ୍ୱର ଭିତରକୁ ଚାଷୀଙ୍କୁ ପୂରାଇ ନ ଦେବା ଲାଗି ୧୪୪ ଧାରା ଜାରି କରିଦିଆଗଲା। ଏହା ସତ୍ତ୍ୱେ ଚାଷୀ ରାଜଧାନୀ ଭିତରକୁ ପଶିବା ପାଇଁ ଉଦ୍ୟମ କରିବାରୁ ସେମାନଙ୍କୁ ରାସ୍ତାରୁ ପୋଲିସ ଉଠାଇ ନେଇଛି। ଫଳରେ ରାଜ୍ୟ ସରକାରଙ୍କ ଏଭଳି କାର୍ଯ୍ୟକୁ ବିରୋଧୀ ତୀବ୍ର ସମାଲୋଚନା କରିଛନ୍ତି। ସରକାର ଅଗଣତାନ୍ତ୍ରିକ ଭାବେ ଚାଷୀଙ୍କୁ ଅଟକାଉଥିବା ବିରୋଧୀ ଅଭିଯୋଗ କରିଛନ୍ତି।

ଏନେଇ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି ଯେ, ଗଣତାନ୍ତ୍ରିକ ଉପାୟରେ ନିଜର କଥା ରଖିବାକୁ ଆସୁଥିବା ଚାଷୀଙ୍କର କଣ୍ଠରୋଧ କରିବା ପାଇଁ ସରକାର ଯେଉଁ ଅପଚେଷ୍ଟା କରିଛନ୍ତି ତାହା ଦୁର୍ଭାଗ୍ୟଜନକ। ଚାଷୀଙ୍କ ସମସ୍ୟାର ସମାଧାନ ନ କରି ସେମାନଙ୍କୁ ହଇରାଣ କରି ରାସ୍ତାରେ ଅଟକାଇ ଗିରଫ କରିବା ଘଟଣା ନିନ୍ଦନୀୟ। ରାଜ୍ୟର କୃଷି ଏବଂ କୃଷକମାନଙ୍କ ପାଇଁ ରାଜ୍ୟ ସରକାର ବୈମାତୃକ ମନୋଭାବ ଦେଖାଇ ଚାଲିଛନ୍ତି। କୃଷି କମିଶନ ୨୦୧୨ରେ ତିଆରି ହୋଇଥିବା ସତ୍ତ୍ୱେ କୃଷକ କଲ୍ୟାଣ ରିପୋର୍ଟ ଏପର୍ଯ୍ୟନ୍ତ ମିଳିନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଷୀମାନଙ୍କ ବିକାଶ ଏବଂ ସେମାନଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ନିର୍ବାଚନକୁ ଦୃଷ୍ଟିରେ ରଖି ଚାଷୀଙ୍କ ପାଇଁ ତରବରିଆ ଭାବେ ସରକାର ମନ୍ତ୍ରୀସ୍ତରୀୟ କମିଟି ଗଠନ କରିବା କେବଳ ପ୍ରହେଳିକା ବୋଲି ବସନ୍ତ କହିଛନ୍ତି।

ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ, ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍ସନ ଦାବିରେ ଆନ୍ଦୋଳନ କରିବାରୁ ଚାଷୀଙ୍କୁ ସେମାନଙ୍କ ମୌଳିକ ଦାବିରୁ ବଞ୍ଚିତ କରାଯାଉଛି। ଚାଷୀଙ୍କୁ ଯେପରି ରାସ୍ତାରୁ ଉଠାଇ ନିଆଗଲା ତାହା ସମ୍ପୂର୍ଣ୍ଣଭାବେ ଅଗଣତାନ୍ତ୍ରିକ ଓ ଆଇନ ବିରୋଧୀ। ଏଥିରୁ ଇଏ ଚାଷୀ ବିରୋଧୀ ସରକାର ବୋଲି ପ୍ରମାଣିତ ହେଉଛି ବୋଲି ନରସିଂହ କହିଛନ୍ତି। ଅନ୍ୟପଟେ ଏହି ପ୍ରସଙ୍ଗରେ ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି ଯେ, ରାଜ୍ୟ ସରକାର ୬୦ବର୍ଷରୁ ଅଧିକ ବୟସ୍କଙ୍କୁ ୩ଶହ ଟଙ୍କା ଲେଖା ପେନ୍ସନ ପ୍ରଦାନ କରୁଛନ୍ତି। ଚାଷୀମାନେ ଅଧିକ ପେନ୍ସନ ପାଇଁ ଯେଉଁ ଦାବି କରୁଛନ୍ତି ତାହା ମନ୍ତ୍ରୀସ୍ତରୀୟ କମିଟିରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ପାତ୍ର କହିଛନ୍ତି।

## ବିମାନବନ୍ଦରକୁ ବାଣ ବିପଦ

- ସତର୍କତାମୂଳକ ବିଜ୍ଞପ୍ତି ଜାରିକଲେ କର୍ତ୍ତୃପକ୍ଷ

**ଭୁବନେଶ୍ୱର, ୫।୧୧(ବ୍ୟୁରୋ):** ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ପକ୍ଷରୁ ଦୀପାବଳିରେ ବାଣଫୁଟାକୁ ନେଇ ସତର୍କତାମୂଳକ ବିଜ୍ଞପ୍ତି ଜାରି କରାଯାଇଛି। ବିମାନବନ୍ଦର ସହର ମଧରେ ରହିଥିବାରୁ ଏଥିପ୍ରତି ବାଣ ବିପଦ ଆଶଙ୍କା ରହିଛି। ଦୀପାବଳିରେ ଅତି ଉଚ୍ଚତାକୁ ଉଠୁଥିବା ଆକାଶଦୀପ ଓ ରକେଟ ଆଦି ବାଣ ନ ଫୁଟାଇବାକୁ ବିମାନବନ୍ଦର କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି। ବିଜ୍ଞପ୍ତି ଅନୁସାରେ, ବିମାନବନ୍ଦରର ୨୦ କିଲୋମିଟର ବ୍ୟାସାର୍ଦ୍ଧ ମଧରେ ଏହି ସଂଯମତା ଅବଲମ୍ବନ କରାଯିବାକୁ କୁହାଯାଇଛି। ଆକାଶଦୀପ ଓ ରକେଟ ଆଦି ବାଣ ବିମାନକୁ କ୍ଷତି ପହଞ୍ଚିବାର ଆଶଙ୍କା ରହିଥିବାରୁ ଏପରି ସତର୍କତାମୂଳକ ବିଜ୍ଞପ୍ତି ଜାରି କରାଯାଇଥିବା ବିମାନବନ୍ଦର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ହୋତା କହିଛନ୍ତି।

# ଧାନ ସଂଗ୍ରହ ଆରମ୍ଭରୁ ଅଚଳାବସ୍ଥା

- ପ୍ରଥମ ଦିବସରେ ବସ୍ତାଏ ଧାନ ବି ଉଠିଲାନି
- ବିକ୍ରି ନହୋଇ ପଡ଼ିଛି ୨୫,୦୬୦ ବସ୍ତା ଧାନ
- ମଣ୍ଡିକୁ ଏଯାଏ ପହଞ୍ଚିନି ଆବଶ୍ୟକ କାଗଜାତ

**ବରଗଡ଼ ଅଫିସ୍,୫।୧୧**

ବରଗଡ଼ ଜିଲାରେ ସୋମବାରଠାରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ ଧାନ କିଣାବିକାରେ ଅଚଳାବସ୍ଥା ପରିସ୍ଥିତି ସୃଷ୍ଟି ହୋଇଛି। ଜିଲାର ପଦ୍ମପୁର ନିୟନ୍ତ୍ରଣ ବଜାର କମିଟି (ଆରଏମସି)କୁ ଧାନ ଆସି ନାହିଁ। ଅନ୍ୟପଟେ ଅତାବିରା ଓ ବରଗଡ଼ ଆରଏମସିର ମଣ୍ଡି ଗୁଡ଼ିକୁ ସମୁଦାୟ ୨୫ହଜାର ୬୦ବସ୍ତା (ବସ୍ତା ପ୍ରତି ୫୦କିଗ୍ରା) ଧାନ ଆସିଥିଲେ ମଧ୍ୟ ସେଥିରୁ ବସ୍ତାଟିଏ ଧାନ ମଧ୍ୟ ବିକ୍ରି ହୋଇପାରି ନାହିଁ। ଧାନ କିଣାବିକା ପାଇଁ ଏପର୍ଯ୍ୟନ୍ତ ଆବଶ୍ୟକ କାଗଜାତ ପହଞ୍ଚି ପାରି ନ ଥିବା ଯୋଗୁ ଧାନ ସଂଗ୍ରହ ଆରମ୍ଭରୁ ଏଭଳି ପରିସ୍ଥିତି ଉପୁଜିଛି। ଫଳରେ ଧାନ ବିକ୍ରି ପାଇଁ ମଣ୍ଡିକୁ ଆସିଥିବା ଚାଷୀଙ୍କୁ ନିରାଶ ହେବାକୁ ପଡ଼ିଛି।

ବରଗଡ଼ ଜିଲାରେ ଏଥର ଧାନ କିଣାବିକା ପାଇଁ ସମୁଦାୟ ୧୬୬ଟି ମଣ୍ଡି ଖୋଲିଛି। ସେଥିମଧ୍ୟରୁ ବରଗଡ଼ ଆରଏମସିରେ ୫୭, ଅତାବିରା ୫୦ ଏବଂ ପଦ୍ମପୁର ଆରଏମସିରେ ୫୯ଟି ମଣ୍ଡି ରହିଛି। ପୂର୍ବ ନିର୍ଦ୍ଧାରିତ ସୂଚନା ଅନୁଯାୟୀ ସୋମବାର ମଣ୍ଡି ଖୋଲିଥିଲା। ଫଳରେ ଚାଷୀମାନେ ମଣ୍ଡିକୁ ଧାନ ଆଣିଥିଲେ। ଏଭଳି ଭାବେ ଅତାବିରା ଆରଏମସିର ବିଭିନ୍ନ ମଣ୍ଡିକୁ ଚାଷୀମାନେ ସମୁଦାୟ ୨୨ହଜାର ୯୩୮ ବସ୍ତା ଧାନ ଆସିଥିଲା। ସେହିପରି ବରଗଡ଼ ଆରଏମସିର କଲାପାଣି, ଅଡ଼ଗାଁ ଏବଂ ଗୁଡ଼େଶିରା ମଣ୍ଡିକୁ ମୋଟ୍ ୨୧୨୨ବସ୍ତା ଧାନ ପହଞ୍ଚିଥିଲା। କିନ୍ତୁ ଧାନ ବିକ୍ରି ପାଇଁ ମଣ୍ଡିକୁ ଆବଶ୍ୟକ କାଗଜପତ୍ର ଏଯାଏ ପହଞ୍ଚି ପାରି ନ ଥିବା ଯୋଗୁ ତାହା ବିକ୍ରି ହୋଇପାରି ନ ଥିଲା। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝିଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିଲେ। ଅନ୍ୟପଟେ ଅତାବିରା ଆରଏମସି ସମ୍ପାଦକ ବିଶ୍ୱଜିତ ବାରିକଙ୍କୁ ପଚାରିବାରୁ ଧାନ କିଣାବିକା ପାଇଁ ଆବଶ୍ୟକ କାଗଜାତ ପହଞ୍ଚି ପାରି ନାହିଁ। ଦିନେ ଦୁଇ ଦିନ ମଧ୍ୟରେ ତାହା ପହଞ୍ଚିଯିବ। କ୍ରୟ ସଂସ୍ଥା ଧାନ କିଣିବା ପରେ ମଣ୍ଡିରୁ ଧାନ ଉଠିବ ବୋଲି ସେ କହିଥିଲେ।


OFFICE OF THE MUNICIPAL COUNCIL, ANGUL
No. 7749/ Date : 05.11.2018
Tender Reference No. EO/AGLM (SAN) 03/2018-19

**1ST CORRIGENDUM**

The e-tender invited vide Bid Identification No. 2018-ORULB_50431 dt. 23.10.2018 in column No. 8 of DTCN the date and time of availability of bid document in the portal may be read as 30.10.2018, 11.00 AM to 08.11.2018, 5PM. instead of 30.11.2018 due to typical error. Similarly the name of Executive Officer, Angul Municipality may be read as S.K. Jena instead of P.K. Sahu. All other terms and condition shall be remain unchanged.

Sd./- Executive Officer, Angul Municipality

OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA
ISO 9001-14001 18001 Certified
DIST: KALAHANDI-766026, Mob. No.7328840483, E-mail: sgmel_uihep@ohpcltd.com

**ODISHA HYDRO POWER CORPORATION LTD.**
(A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022, Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com, WEB: www.ohpcltd.com, CIN: U40101OR1995SGC003963
No. UIHEP/SGM (EL.)/TW/ PSDF/ 2120 (Part – III) / 5231 (WE) / Dated. 02.11.2018
CAD-988

**1st CORRIGENDUM TO Tender Call Notice No. 37/2018-19 Dated 26.09.2018**

**Name of work : Procurement, Erection, Testing & Commissioning of 400 KV Capacitor Voltage Transformers.**

The period of sale / submission and opening of this office Tender Call Notice No.34/2018-19 Dtd.17.09.2018 for– "Procurement, Erection, Testing & Commissioning of 400 KV Capacitor Voltage Transformers" is extended as follows-

| | | | |
|---|---|---|---|
| 1. | Sale of tender paper | : | Upto 13:00 Hrs of 20.11.2018 |
| 2. | Last date and time of Receipt of tender paper | : | Upto 13:00 Hrs. of 20.11.2018 |
| 3. | Date and time of Opening of tender | : | On 26.11.2018 (at 12:30 Hrs.) |

All other terms and conditions of the original tender call notice remain unaltered. Please visit us at www.ohpcltd.com

32136/11/0065/1819 — Sd./- Sr. General Manager (El.), UIHEP, Mukhiguda

**NOTIFIED AREA COUNCIL, DIGAPAHANDI**
**NOTICE INVITING BIDS (NIB) THROUGH e-Procurement**
BID IDENTIFICATION NO.: DIGNAC-04/2018-19
NIB No. 2229/DIGNAC, dtd.02.11.2018

| | | |
|---|---|---|
| 1. | Procurement Officer- Publisher / Officer Inviting the Tender / Bids (OIT) | Executive Officer, N.A.C., Digapahandi |
| 2. | Name of the Works / Packages | Civil Works |
| 3. | Nos. of works | 1 No. |
| 4. | Estimated Cost (Approx.) of the works | Rs. 13,07,000.00 |
| 5. | Period of Availability of the Bid documents / Tenders for Online Bidding | From 11.00 AM hrs. of dtd.06.11.2018 to 17.00 PM hrs. of dtd.15.11.2018 |
| 6. | Last date & time for bidding Online (Submission of Technical Bids & financial bids) | 17.00 PM hrs. of dtd 15.11.2018 |
| 7. | Last date & time for submission of the sealed envelopes through Speed Post / Regd. Post with A.D. containing the EMD, Cost of the Bid documents, ABS (if reqd.), Documents as asked for to fulfill the eligibility criteria of the bidders for each work | 17.00 PM hrs. of dtd.17.11.2018 |
| 8. | Date & time of opening of the bids | 12.00 PM hrs. onwards on dtd.19.11.2018 |

Sd./- Executive Officer, N.A.C., Digapahandi

OFFICE OF THE TAHASILDAR, BALANGIR
**Notice No. 4754/ Dt. 31.10.2018**
No. 68-F

1. (a) Smt. Premlata Kumari Singh Deo W/o - Raja Raj Singh Deo
   (b) Sri Kanaka Vardan Singh Deo,
   (c) Smt. Mitrabinda Panwar,
   (d) Sri Shree Vardan Singh Deo
   (e) Smt. Satya Rajeswari Singh Deo
   S/D/O/- Raja Raj Singh Deo
2. Sri Ananga Udaya Singh Deo, S/o. Rajendra Narayan Singh Deo
3. Smt. Ganga Devi

You are hereby informed that the Draft Statement in Form No. 13 arising out of Ceilling Case No. 8/1974 have been circulated to the ceiling unit families whose address are available in the Tahasil. The copies of Draft Statement are also published in the Notice Board of Collectorate, Balangir, Tahasil Office Balangir, Patnagarh, Loisingha and Khaprakhol. But due to non availability of addresses of some of the members, they are informed about the publication of the Draft Statement on 31.10.2018 through this news paper flashing.

24130/11/0003/1819 — Tahasildar, Balangir

**CUTTACK MUNICIPAL CORPORATION**
**"e" PROCUREMENT NOTICE**
Tender Id : 2018_ORULB_50510
Bid Reference No. MC(CMC)CTC_Div-II_No.18/2018-19
Tender Call Notice No. 5152 (PW) Date:05.11.2018

| | | |
|---|---|---|
| Name of works | : | Civil Works |
| No. of works | : | 1 No. |
| Bid Value | : | Rs.3.20 lakhs |
| Period of completion | : | Seven days |

Date and time schedule

| Start | End | Opening |
|---|---|---|
| 3.00 PM on dt.06.11.2018 | 5.00 PM on dt.12.11.2018 | 11.00 AM on dt.14.11.2018 |

Tender Details : can be seen from the procurement portal : www.tendersorissa.gov.in.

Executive Engineer-II, CMC

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OPTCL
Office of the Senior General Manager (Constrcution) Zonal Office-II, Sambalpur
At: 132/33, KV Grid Sub-Station, Ganesh Nagar, Bohidar Nuapali, P.O. : Sankarma, Via- Remed, Dist: Sambalpur- 768006, Phone / Fax : 0663-2540974, Email id : sgm.con2.sbp@optcl.co.in
No. : SGM CON-II/132KV Jaipatna-UIIP/2408 — Date : 05.11.2018

**NOTIFICATION**

In accordance with Section - 164 of Indian Electricity Act, 2003 and in exercise of the power conferred upon OPTCL vide Department of Energy, Government of Odisha Order No. 2353-R & R-II-10.2006, dated the 9th March 2006, the following transmission scheme which are intended to be undertaken by the Odisha Power Transmission Corporation limited for execution are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, Construction Zonal Office-II, OPTCL, Sambalpur- 768006 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work on any working day during office hours.

| Sl. No. | Name of the work & scope | Name of the village in which the line will pass | Tentative estimated amount | Name of the Executive Engineer to be contacted | Perceived benefit that may accrue |
|---|---|---|---|---|---|
| 1 | Proposed 132KV DC line from Proposed 220/132/33KV Sub Station at Baner, Jayapatna to proposed 132/33KV Switchyard area of Upper Indravati Irrigation Project at Mangalapur near Mukhiguda | Tahasil : Jaipatna, R.I.Circle : Jaipatna, Uchhala Badakorlakot Village : Baner, Luhabhala, Nuamunda, Bhairipalli, Karmel, Paikabahal, Banjibahal | 4.126 Crore | Deputy General Manager (Elect.) EHT (Construction) Division, Rayagada | It will provide stable and quality power supply to Gunupur and nearby area |

Sd./- Purnedu Sekhar Sahu
Senior General Manager (EL), Construction Zone-II, OPTCL, Sambalpur

**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
**DRAINAGE DIVISION, BERHAMPUR**
(e mail = ee.dd.bam@gmail.com)
No.710-A
**INVITATION FOR BIDS (IFB)**
**e –procurement Notice No. 01 /2018-19 Dt : 02.11.2018**
Bid Identification No. EE-DD-BER-NO. 01 /2018-19

| | | | |
|---|---|---|---|
| 1. | Name of Works | : | Improvement to Drainage System of Bukua Nalla and its branches under Polosara Block of Ganjam District under D.I.P |
| 2. | Total number of Packages | : | 1 no. package. |
| 3. | Estimated Cost of Individual Packages | : | Rs. 92,27,131/- |
| 4. | Bid Identification No. | : | EE-DD-BER-NO. 01 /2018-19 |
| 5. | Period of completion | : | 09(Nine) Calendar months. |
| 6. | Availability of Tender On - Line | : | 09.11.2018, 10.00 Hours to 24.11.2018, 17.00 Hours. |
| 7. | Date of Opening of Technical Bid | : | 26.11.2018 at 11.30 hours in the O/o the Executive Engineer, Drainage Division, Berhampur, Ganjam, Odisha. |
| 8. | Procurement Officer | : | Executive Engineer, Drainage Division, Berhampur, Ganjam, Odisha |

Further details can be seen from the Govt. website **www.tendersorissa.gov.in**.

Executive Engineer
Drainage Division, Berhampur
32225/11/0001/1819

**OFFICE OF THE EXECUTIVE ENGINEER**
**RWSS DIVISION, KORAPUT**
Phone : 06852-250281(Off), e-mail-eerwss_kpt@rediffmail.com, e-mail: eerwss_kpt@nic.in, Ph.No. 06852-250680 (Res), Fax.No.06852-251098

**QUOTATION/TENDER CALL NOTICE No. 02 of 2018-19 Dt.31.10.2018**

No.974-O: Sealed quotations/tenders are invited from the registered firms vehicle owners (preferably Bolero) with valid PAN/ GST holders to engage at least One vehicle (Bolero) on hire basis to render services under RWS&S. Sub-Divn.Laxmipur, to be received at.RWS&S Division, Koraput up to 1 PM, dtd. 15.11.2018.The quotation/tender schedule & application forms are to be made available by the RWS&S.Division.Koraput on working hours up to 14th.Nov.2018 on payment of Rs.400.00 for cost of tender schedule (non refundable) by cash only.

The quotations /tenders such received shall be opened by 4.00 P.M.dtd.15.11.2018 in the office of the E.E. R.W.S & S Division. Koraput in presence of the tenderer or their authorized representatives who wish to be present.Quotations /tender received after due date and time shall not be entertained and the authority shall not be held responsible for delay or missing of the tender during postal transit. Telegraphic quotation/tenders by E-mail / Fax shall not be entertained. If the office happens to be closed on last date of receipt and opening of this quotation/ tender as specified, the quotation/tender will be received on the next working day without any change in time & venue.

Sd./- Executive Engineer, RWS&S Divn, Koraput
25034/11/0021/1819

## ଦୀପାବଳି

# ଦିଅନ୍ତୁ ଅନ୍ୟଙ୍କୁ ଖୁସି



**ଜରାନିବାସକୁ ଯାଆନ୍ତୁ**

ଦୀପାବଳିର ଖୁସି ମନାଇବା ଭିତରେ ଆପଣ ଯେମିତି ବୟସ୍କଙ୍କ କଥା ଭୁଲି ନ ଯାଆନ୍ତି। ବିଶେଷ କରି ଜରାନିବାସରେ ରହୁଥିବା ବୃଦ୍ଧାବୃଦ୍ଧମାନଙ୍କ କଥା। ଆଜିକାଲି ପ୍ରତିଟି ଛୋଟ ବଡ ସହରରେ ରହିଛି ଜରାନିବାସ। ଏହି ଦୀପାବଳିରେ ଆପଣ କୌଣସି ଏକ ଜରାନିବାସକୁ ଯାଇ ସେଠାରେ ରହୁଥିବା ଲୋକଙ୍କ ସହ ମିଶି ଦୀପ ଜାଳନ୍ତୁ। ସେମାନେ ଖୁସି ହେବା ସହ ଆପଣ ବି ଖୁସି ଅନୁଭବ କରିବେ।



**ଅନାଥ ଆଶ୍ରମରେ ସମୟ ଦିଅନ୍ତୁ**

ଅନାଥ ଆଶ୍ରମକୁ ଯାଇ କୁନି କୁନି ପିଲାଙ୍କ ସହ ମଧ୍ୟ ଆପଣ ଦୀପାବଳି ପାଳନ କରିପାରିବେ। ସେମାନଙ୍କୁ କିଛି ଗିଫ୍ଟ ଉପହାର ସ୍ୱରୂପ ଦେଇପାରିବେ। ଦେଖିବେ ସେମାନଙ୍କ ଖୁସିରେ ଆପଣଙ୍କୁ ବି ଖୁସି ମିଳିବ।

**ବାପା-ମା'ଙ୍କ ପାଇଁ କରନ୍ତୁ ପଲିସି**

ବାପାମା'ଙ୍କ ଋଣ କେହି ଶୁଝି ପାରିବେନି। ସେମାନଙ୍କ ପ୍ରତି ପିଲାଙ୍କର ରହିଛି କିଛି କର୍ତ୍ତବ୍ୟ। ଯଦି ଆପଣଙ୍କର କେହି ବନ୍ଧୁ ଆପଣଙ୍କୁ କିଛି ଛୋଟ ଗିଫ୍ଟଟିଏ ଦେଉଛି, ତେବେ ତାକୁ ଥ୍ୟାଙ୍କ୍ସ ନ କହି ଆପଣ ରହି ପାରୁନାହାନ୍ତି ତାହା ହେଲେ ବାପାମା'ଙ୍କ ପାଇଁ କାହିଁକି ନୁହେଁ ? ଏହି ଦୀପାବଳିରେ ସେମାନଙ୍କୁ କୌଣସି ଏକ ପଲିସି ଗିଫ୍ଟ କରନ୍ତୁ ଯାହାକି ବୃଦ୍ଧ ବୟସରେ ସେମାନଙ୍କର କାମରେ ଆସିବ। ଆପଣଙ୍କ ଶିକ୍ଷା କ୍ୟାରିୟରକୁ ଆଗେଇ ନେବା ପାଇଁ ସେମାନଙ୍କର ଅବଦାନ କେତେ ତାହା ଅବର୍ଣ୍ଣନୀୟ। ତେଣୁ ଏହି ଅବସରରେ ସେମାନଙ୍କୁ ଏଭଳି ଏକ ଉପହାର ଦିଅନ୍ତୁ ଯାହା ବାପାମା'ଙ୍କ ମନରେ ଖୁସି ଭରିଦେବ।

**ବସ୍ତିକୁ ବି ଯାଇପାରିବେ**

ଦୀପାବଳିରେ କୌଣସି ଏକ ବସ୍ତିକୁ ଯାଇ ସେଠାରେ ପିଲାଙ୍କୁ କ୍ୟାଣ୍ଡେଲ୍, ଦୀପ, ବାଣ, ମିଠା ଆଦି ଦିଅନ୍ତୁ। ସେଠାରେ କୌଣସି ଗୋଟିଏ ଘରକୁ ଆଲୋକିତ କରିପାରିଲେ ଦେଖିବେ ଆପଣଙ୍କୁ କେତେ ଆତ୍ମସନ୍ତୋଷ ମିଳୁଛି।

**ହ୍ୟାଣ୍ଡ ମେଡ୍ ଗିଫ୍ଟ ଦିଅନ୍ତୁ**

ଦୀପାବଳି ପାଇଁ ଗିଫ୍ଟ ଦୋକାନରୁ ତ ସମସ୍ତେ ଗିଫ୍ଟ କିଣି ବନ୍ଧୁବାନ୍ଧବଙ୍କୁ ଦେଉଥିବେ। ଆପଣ ଚାହିଁଲେ କିଛି ସ୍ପେଶାଲ୍ ଆଉ ୟୁନିକ୍ ଜିନିଷ ମଧ୍ୟ ଗିଫ୍ଟ କରିପାରିବେ। ଘରେ ବସି ହ୍ୟାଣ୍ଡ୍ ମେଡ୍ ଗିଫ୍ଟ ତିଆରି କରି ଉପହାର ଦେଇପାରିବେ।

**ପିଲାଙ୍କୁ ପଢ଼ାନ୍ତୁ**

ଅର୍ଥଦାନଠାରୁ ବଡ଼ ହେଉଛି ଶ୍ରମଦାନ। ଆଉ ତା'ଠାରୁ ବଡ ହେଉଛି ଜ୍ଞାନଦାନ। ଏଥର ଦୀପାବଳିରେ ଜ୍ଞାନର ପ୍ରଦୀପ ଜାଳନ୍ତୁ ଏବଂ ସମାଜରେ ଲୋକମାନଙ୍କ ମନରୁ ଅଜ୍ଞାନ ଦୂର କରନ୍ତୁ। ଏଭଳି ଶୁଭ ଦିନ ଅବସରରେ ପାଠ ପଢ଼ା ସହ ଏହି ଦିନକୁ ସତର୍କତାର ସହ ପାଳିବା ପାଇଁ ପିଲାଙ୍କୁ ସଚେତନ କରାନ୍ତୁ।



"ଆଲୋକର ପର୍ବ ଦୀପାବଳି। ଚାରିଆଡେ ଏହାକୁ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଏ । ଏଥର ଏହାକୁ ନିଆରା ଢଙ୍ଗରେ ପାଳନ କରନ୍ତୁ ନା ! ଏଭଳି ଲୋକଙ୍କ ସହ ଏହାର ମଜା ନିଅନ୍ତୁ, ଯାହା ସାରା ଜୀବନ ଏକ ଅଭୁଲା ସ୍ମୃତି ହୋଇ ରହିଯିବ..."



# ପୂଜାରେ ଟ୍ରେଣ୍ଡି ଲୁକ୍

ଦୀପାବଳିରେ ନିଜକୁ ଡିଫରେଣ୍ଟ ତଥା ଟ୍ରେଣ୍ଡି ଲୁକ୍ ଦେବାକୁ ଚାହୁଁଥିଲେ ଆପଣାନ୍ତୁ ଏହି ଟିପ୍ସ....



- ପର୍ବପର୍ବାଣିରେ ମେକ୍‌ଅପ୍ ନେବା ସହ ସିମ୍ପଲ୍ ଗହଣା ଆପଣଙ୍କୁ ମଡର୍ନ ତଥା ଡିଫରେଣ୍ଟ ଲୁକ୍ ଦେବ। ଏହି ପର୍ବରେ ନିଜ ପାଇଁ ହେଭି ଝୁମ୍‌କା, ବାଲା, କଡା କିମ୍ବା ପେଣ୍ଡେଣ୍ଟ ଭଳି ଅପ୍ସନ ଆପଣାଇପାରିବେ।
- ଯଦି ଆପଣଙ୍କ ଆଉଟ୍‌ଫିଟ୍ ଇଣ୍ଡୋ-ୱେଷ୍ଟର୍ନ, ତେବେ ଏହା ସହିତ ଫ୍ୟୁଜନ୍ ଜୁଏଲେରି, ଡାଇମଣ୍ଡ ମିକ୍ସ ଆଣ୍ଡ୍ ମ୍ୟାଚ୍ ଜୁଏଲେରି, ନୂଆ ଷ୍ଟାଇଲ୍‌ର ବ୍ରାଇଟ୍ ଏବଂ କଲରଫୁଲ୍ ଷ୍ଟୋନ୍ ପୋଲ୍କି ଓ ଜଡାଉ ଜୁଏଲେରି ସିଲେକ୍ଟ କରିପାରିବେ। କାରଣ ଏହା ଯେକୌଣସି ଡ୍ରେସ୍ ସହିତ ମ୍ୟାଚ୍ କରିବ।
- ଏଥର ଦୀପାବଳିରେ ଆପଣ ପ୍ରିଣ୍ଟେଡ୍ ଡ୍ରେସ୍ ଆପଣାନ୍ତୁ। ଡିଜିଟାଲ୍ ପ୍ରିଣ୍ଟ ଦୁପଟା ବା ଡିଜିଟାଲ୍ ପ୍ରିଣ୍ଟ କୁର୍ତ୍ତି ସହ ଆପଣ ବାଲା, କଡା କିମ୍ବା ସୁନ୍ଦର କଙ୍ଗନ ପିନ୍ଧିପାରିବେ, ଯାହାକି ଆପଣଙ୍କୁ ସମ୍ପୂର୍ଣ୍ଣ ଟ୍ରେଣ୍ଡି ଏବଂ ମଡର୍ନ ଲୁକ୍ ଦେବ।
- ଏବେ ପ୍ଲାଜୋ ପ୍ୟାଣ୍ଟ ଫ୍ୟାଶନ୍ ଚାଲିଛି। ଏହା ସହିତ ମ୍ୟାଚିଂ କରି ଟପ୍ସ, ସିଙ୍ଗଲ୍ ଇୟର ରିଙ୍ଗସ ପିନ୍ଧିପାରିବେ, ଯାହାକି ଆପଣଙ୍କୁ ଦୀପାବଳିରେ କିଛି ୟୁନିକ୍ ଲୁକ୍ ଦେଇପାରିବ।
- କିଛି ବୋଲ୍ଡ ଷ୍ଟେଟ୍‌ମେଣ୍ଟ ପିସ୍ ବି ବାଛିପାରିବେ। ଏପରି ଇଲ୍ୟୁଜନ୍ ଜୁଏଲେରି ପସନ୍ଦ କରନ୍ତୁ ଯାହାକି ଆପଣଙ୍କ ବଜେଟ୍‌ରେ ହେବା ସହ ଟ୍ରେଣ୍ଡି ଲୁକ୍ ଦେଉଥିବ। ଫ୍ଲୋରାଲ୍ ପ୍ରିଣ୍ଟ ଫ୍ୟାଶନ୍‌ର ବି ଡିମାଣ୍ଡ ରହିଛି। ଏପରି ପ୍ରିଣ୍ଟ ଚଏସ୍ କରନ୍ତୁ ଯାହାକି ଗର୍ଜିୟସ୍ ହେବା ସହ ଫେମିନିନ୍ ଲୁକ୍ ଦେବ।
- ଆଉଟ୍ ଫିଟ୍ ପ୍ରତି ବି ଧ୍ୟାନ ଦିଅନ୍ତୁ। ଏଥିପାଇଁ ଏପରି କିଛି ଟ୍ରାଏ କରନ୍ତୁ ଯାହାକି ୟୁନିକ୍ ହୋଇଥିବ। ଆପଣ ଚାହିଁଲେ ରୋଜ୍ ଗୋଲ୍ଡ ଜୁଏଲେରି ବାଛିପାରିବେ।

# ହୋମ୍ ଡେକୋରେଶନ



ଆସିଯାଇଛି ଫେଷ୍ଟିଭ ସିଜନ। ଏହି ସିଜନରେ ଘରକୁ ନୂଆ ଲୁକ୍ ଦେବାକୁ ଚାହୁଁଥିଲେ ବିଭିନ୍ନ ଡେକୋରେଟିଭ ଆଇଟମ୍ ସହ ଆସବାବପତ୍ର, କର୍ଟେନ ଏବଂ ଲାଇଟିଂରେ ଏଥେନିକ୍ କିମ୍ବା ଫ୍ୟୁଜନ୍ ଥିମ୍ ଦେଇପାରିବେ। ଜାଣନ୍ତୁ ସେ ସମ୍ପର୍କରେ କିଛି ଟିପ୍ସ...



- ଘରକୁ ଫ୍ୟୁଜନ୍ ଲୁକ୍ ଦେବା ପାଇଁ ଆପଣ ଫର୍ନିଚରକୁ ସ୍କୋୟାର କିମ୍ବା ସର୍କଲ ସେପ୍‌ରେ ସେଟ୍ କରିପାରିବେ।
- କାନ୍ଥର କଲର ଅନୁସାରେ ସ୍କ୍ରିନ୍ କଲର ବାଛନ୍ତୁ। ସ୍କ୍ରିନ୍ କଲର କାନ୍ଥ କଲରର ବିପରୀତ ହେବା ଦରକାର।
- ସ୍କ୍ରିନ୍ ପାଇଁ ଆପଣ ପଲି ସିଲ୍‌କ, ପଲି କଟନ୍, ଭଏଲ୍ ସିଲ୍‌କ ଏବଂ କଟନ୍ ମିକ୍ସ ଫ୍ୟାବ୍ରିକ୍ ବାଛନ୍ତୁ।
- ଆଜିକାଲି ସିଙ୍ଗଲ ସହିତ ଦୁଇରୁ ତିନି ଲେୟାରର ସ୍କ୍ରିନ୍ ମାର୍କେଟରେ ମିଳୁଛି। ଆପଣ ଚାହିଁଲେ ଏହାକୁ ଲଗାଇପାରିବେ।
- ଟେବୁଲ ଡେକୋରେଶନ ପାଇଁ ସାଇନିଂ ମାର୍ବଲସ୍, ବୋନସାଇ ଗଛ କିମ୍ବା ସେରାମିକ୍ ବାଉଲ୍‌ର ବ୍ୟବହାର କରିପାରିବେ।
- ଟ୍ରାଡିଶନାଲ ଲୁକ୍ ଦେବା ପାଇଁ ରୁମ୍‌ର ଦୁଇ କୋଣରେ ଆପଣ ଫ୍ଲାୱାର ଷ୍ଟାଣ୍ଡ କିମ୍ବା କିଛି କଳାକୃତି ରଖିପାରିବେ।
- ସୋଫା କଭର ପାଇଁ ବନାରସୀ ବା ସିଲ୍‌କ ସହ କଟନ୍ ମିକ୍ସ ଫ୍ୟାବ୍ରିକ୍ ବାଛନ୍ତୁ। ସାଇଡ୍‌ରେ ଲୋୟର ସିଟିଂ ରଖିବାକୁ ଭୁଲନ୍ତୁ ନାହିଁ।
- ଟେବୁଲ ଡେକୋରେଶନ ପାଇଁ ଆଣ୍ଟିକ୍ ଫ୍ଲାୱାର ପଟ୍ ରଖିପାରିବେ।
- ଷ୍ଟୋନ୍ ୱାର୍କ ଥିବା ଲକ୍ଷ୍ମୀ ଏବଂ ଗଣେଶଙ୍କ ମୂର୍ତ୍ତି ପାର୍ଶ୍ୱ ଟେବୁଲରେ ରଖିପାରିବେ।

## ଖାଦ୍ୟରୁଚି

# ଲାଉ ଖିରି

**ଆବଶ୍ୟକ ସାମଗ୍ରୀ**

କୋରା ହୋଇଥିବା ଲାଉ ଏକ କପ୍, କ୍ଷୀର ୪କପ୍, ଚିନି ୧/୪ କପ୍, କାଜୁବାଦାମ, ପିସ୍ତାବାଦାମ ଅଳ୍ପ ପରିମାଣର, ଅଳେଇଚ ୨-୪ଟି, ଘିଅ ୨ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ**

ଅଳେଇଚ ଚୋପାକୁ ଛଡ଼ାଇ ଭଲଭାବେ ଛେଚି ଦିଅନ୍ତୁ। କାଜୁବାଦାମ, ପେସ୍ତା ବାଦାମକୁ ଟିକିଟିକି ଆକାରରେ କାଟି ଦିଅନ୍ତୁ। ଗ୍ୟାସ୍ ଚୁଲାରେ କଡ଼େଇ ବସାଇ ସେଥିରେ ଘିଅ ପକାନ୍ତୁ। ଏହାପରେ ସେଥିରେ ଗ୍ରେଟେଡ୍ ବା କୋରା ହୋଇଥିବା ଲାଉକୁ ମିଡିୟମ ଫ୍ଲେମ୍‌ରେ ୨ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ। ଭଲରେ ଭାଜି ହୋଇଗଲା ବେଳକୁ କ୍ଷୀର ଢାଳି ଫୁଟାନ୍ତୁ। ଫୁଟି ଆସିଲେ ଆଞ୍ଚକୁ କମ୍ କରିଦିଅନ୍ତୁ। ଆଉ ତାକୁ ଫୁଟିବାକୁ ଦିଅନ୍ତୁ। ପ୍ରାୟ ୨୦ ମିନିଟ୍ ପର୍ଯ୍ୟନ୍ତ ସିଝିବା ପରେ କଟାଯାଇଥିବା କାଜୁ, ପିସ୍ତାବାଦାମ ଓ ଚିନିକୁ କ୍ଷୀରରେ ପକାଇ ୧ ମିନିଟ୍ ପର୍ଯ୍ୟନ୍ତ ଛାଡି ଦିଅନ୍ତୁ। ଏବେ ଆଞ୍ଚକୁ ବନ୍ଦ କରିଦିଅନ୍ତୁ। ଏହାପରେ ସେଥିରେ ଛେଚା ହୋଇଥିବା ଅଳେଇଚ ପକାଇ ଘୋଡେଇ କିଛି ସମୟ ରଖନ୍ତୁ। ପ୍ରସ୍ତୁତ ହୋଇଗଲା ଆପଣଙ୍କ ମନପସନ୍ଦର ଲାଉ ଖିରି।



## ଆଞ୍ଚଳିକ ଖବର

## ହକି ବିଶ୍ୱକପ୍ ପାଇଁ ପ୍ରସ୍ତୁତି

# ଅତିଥିଙ୍କୁ ହସ୍ତଶିଳ୍ପ ଉପହାର ଦେଇ ସ୍ୱାଗତ କରିବ ଓଡ଼ିଶା

ଭୁବନେଶ୍ୱର,୫।୧୧(ବ୍ୟୁରୋ)






- ତିଆରି କରିଛନ୍ତି ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ କାରିଗର
- ଓଡ଼ିଶା ହସ୍ତକଳାର ପ୍ରଚାର ପ୍ରସାର ପାଇଁ ପଦକ୍ଷେପ

ନଭେମ୍ବର ୨୮ରୁ ଆରମ୍ଭ ହେବାକୁ ଥିବା ହକି ବିଶ୍ୱକପ୍‌ରେ କ୍ରୀଡ଼ାବିତ୍ ଏବଂ ବିଶିଷ୍ଟ ଅତିଥିମାନଙ୍କୁ ହସ୍ତତନ୍ତ ଓ ହସ୍ତଶିଳ୍ପର ଉପହାର ଦେଇ ସ୍ୱାଗତ କରିବ ଓଡ଼ିଶା। ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପରେ ପ୍ରସ୍ତୁତ ଆକର୍ଷଣୀୟ ଉପହାର ଦେଇ ଓଡ଼ିଶା ସରକାର ସେମାନଙ୍କର ଆତିଥ୍ୟ ଚର୍ଚ୍ଚା କରିବେ। ସଦ୍ୟ ଅନୁଷ୍ଠିତ 'ଓଡ଼ିଶା' ବନାମ 'ନ୍ୟୁ ସାଉଥ୍ ୱେଲସ୍' ହକି ମ୍ୟାଚ୍‌ରେ ଭାଗ ନେଇଥିବା କ୍ରୀଡ଼ାବିତ୍ ଏବଂ ଆସନ୍ତା ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାକୁ ଥିବା ଖେଳାଳିମାନଙ୍କୁ ଡୋକ୍ରାଶିଳ୍ପରେ ପ୍ରସ୍ତୁତ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ, ଯେଉଁଥିରେ ଡୋକ୍ରା ନିର୍ମିତ ହକି ଷ୍ଟିକ୍ ଓ ବଲ୍ ଶୋଭାପାଇବ। ଏଥିପାଇଁ ପ୍ରାୟ ୬୦୦ଟି ଟ୍ରଫି ନିର୍ମାଣ କରାଯାଉଥିବା ବେଳେ ମୟୂରଭଞ୍ଜ ଜିଲାର ହସ୍ତଶିଳ୍ପ କାରିଗରମାନେ ଏହି ଟ୍ରଫିକୁ ନିର୍ମାଣ କରିବେ।

ଏହାବ୍ୟତୀତ ହକି ବିଶ୍ୱକପ୍‌ରେ ବିଜେତା ଦଳଗୁଡ଼ିକୁ ତାରକସି ନିର୍ମିତ ଟ୍ରଫି ପ୍ରଦାନ କରାଯିବ। ଏଥିଲାଗି କଟକର ପ୍ରସିଦ୍ଧ ତାରକସି କାରିଗରମାନଙ୍କୁ ବିଭିନ୍ନ ଆକୃତିର ତାରକସି ଟ୍ରଫି ନିର୍ମାଣ ନିମନ୍ତେ ଦାୟିତ୍ୱ ଦିଆଯାଇଛି। ସେହିଭଳି ଟ୍ରଫିର ପ୍ୟାକେଜିଂ ପାଇଁ ଆକ୍ରିଲିକ୍ ବାକ୍ସ, ଭେଲଭେଟ୍ ବାକ୍ସ ଏବଂ ୬୩୬ଟି ଲାଖ ବାକ୍ସ ପ୍ରସ୍ତୁତ କରାଯାଉଛି। ନବରଙ୍ଗପୁର ଶଙ୍ଖାରି ସାହିର ଲାଖ କାରିଗରମାନେ ଏହି ଲାଖ ବାକ୍ସ ପ୍ରସ୍ତୁତ କରୁଛନ୍ତି। ସମସ୍ତ ଖେଳାଳି, ଦେଶ, ବିଦେଶରୁ ଆସିବାକୁ ଥିବା କ୍ରୀଡ଼ା ତାରକା ତଥା ବିଶିଷ୍ଟ ଅତିଥିମାନଙ୍କୁ ସମ୍ମାନସ୍ୱରୂପ ଓଡ଼ିଶା ହସ୍ତତନ୍ତ ଷ୍ଟୋଲ୍ ପ୍ରଦାନ କରାଯିବ। ଏଥିପାଇଁ ସମ୍ବଲପୁରୀ ବସ୍ତ୍ରାଳୟକୁ ପ୍ରାୟ ୬୧୦ଟି ଷ୍ଟୋଲ ଯୋଗାଇଦେବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି 'ହସ୍ତିକା' ହସ୍ତଶିଳ୍ପ ଅନୁଷ୍ଠାନକୁ ୧୭୫ଟି ଝୋଟ ବ୍ୟାଗ୍ ଯୋଗାଇଦେବା ଲାଗି କୁହାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସମସ୍ତ ହସ୍ତଶିଳ୍ପ ଏବଂ ହସ୍ତତନ୍ତ ସାମଗ୍ରୀକୁ ରାଜ୍ୟ ତଥା ଜାତୀୟ ପୁରସ୍କାରପ୍ରାପ୍ତ କାରିଗର ଓ ବୁଣାକାରମାନେ ପ୍ରସ୍ତୁତ କରୁଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ସାମଗ୍ରୀ ଉପଲବ୍ଧ କରିବା ନିମନ୍ତେ ରାଜ୍ୟ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ ତରଫରୁ ଦ୍ରୁତ ବେଗରେ ପ୍ରସ୍ତୁତି କରାଯାଉଥିବା ବେଳେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ସାମଗ୍ରୀ ତିଆରି ଶେଷ କରିବାକୁ ଓଡ଼ିଶା ହସ୍ତଶିଳ୍ପ ସମବାୟ ନିଗମ 'ଉତ୍କଳିକା'କୁ ଦାୟିତ୍ୱ ଦିଆଯାଇଛି। ଓଡ଼ିଶା ହସ୍ତତନ୍ତ ଏବଂ ହସ୍ତଶିଳ୍ପର ଏହି ଆକର୍ଷଣୀୟ ଉପହାର ମାଧ୍ୟମରେ ସମଗ୍ର ବିଶ୍ୱରେ ଓଡ଼ିଶାର କଳା ଓ ସଂସ୍କୃତିକୁ ପହଞ୍ଚାଇବାକୁ ବିଭାଗ ତରଫରୁ ଏଭଳି ପଦକ୍ଷେପ ନିଆଯାଇଥିବା ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ସତ୍ୟରଞ୍ଜନ ସାହୁ ସୂଚନା ଦେଇଛନ୍ତି।

# ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ତାଲା ପକାଇଲା ଭାଜପା

ଭୁବନେଶ୍ୱର, ୫।୧୧(ବ୍ୟୁରୋ)



ସତ୍ୟନଗରସ୍ଥିତ ତୋଷାଳିପ୍ଲାଜାରେ ଥିବା ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ ଅଫିସ ସମ୍ମୁଖରେ ଭାଜପା କର୍ମୀଙ୍କ ଧାରଣା।

୨୦୧୯ ନିର୍ବାଚନକୁ ଦୃଷ୍ଟିରେ ରଖି ସବୁ ଦଳ ଏବେ ଯୁବ ଭୋଟରଙ୍କୁ ନିଜ ସପକ୍ଷରେ ନେବା ପାଇଁ ପ୍ରୟାସ ଆରମ୍ଭ କରିଦେଇଛନ୍ତି। ଏହି ଯୋଜନାକୁ ସଫଳ କରିବା ଲାଗି ବେକାରି ସମସ୍ୟାକୁ ଭାଜପା ଏବଂ ବିଜେଡି ଢାଲ କରିଛନ୍ତି। ଗୋଟିଏ ପଟେ ୧୯ବର୍ଷର ଶାସନ କାଳ ମଧ୍ୟରେ ଶାସକ ବିଜେଡି ବେକାର ଯୁବତୀ, ଯୁବକଙ୍କୁ ନିଯୁକ୍ତି ଦେବାରେ ବିଫଳ ହୋଇଥିବା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଅଭିଯୋଗ କରାଯାଇଛି। ଏହାର ପ୍ରତିବାଦରେ ଯୁବ ମୋର୍ଚ୍ଚା କର୍ମୀମାନେ ସୋମବାର ସବୁ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ତାଲା ପକାଇଛନ୍ତି। ସେହିପରି ଭାଜପାର ଏହି ଅଭିଯୋଗକୁ କାଉଣ୍ଟର ଦେବାକୁ ଯାଇ ବିଜେଡି ପକ୍ଷରୁ ସୋମବାରଠାରୁ ରାଜ୍ୟରେ ଥିବା କେନ୍ଦ୍ରୀୟ ପିଏସ୍‌ୟୁ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରାଯାଇଛି। କେନ୍ଦ୍ର ସରକାର ବର୍ଷକୁ ୨କୋଟି ନିଯୁକ୍ତି ଦେବେ ବୋଲି ଯେଉଁ ପ୍ରତିଶ୍ରୁତି ଦେଇଥିଲେ ସେଥିରେ ବିଫଳ ହୋଇଛନ୍ତି ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ସୋମବାର ପୂର୍ବାହ୍ନରେ ଭାଜପା ଯୁବ ମୋର୍ଚ୍ଚାର ଶତାଧିକ କର୍ମୀ ଦଳୀୟ କାର୍ଯ୍ୟାଳୟଠାରୁ ଏକ ରାଲିରେ ବାହାରି ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ ଆଗରେ ପ୍ରତିବାଦ କରିଥିଲେ। ରାଜ୍ୟର ବେକାର ଯୁବତୀ, ଯୁବକମାନଙ୍କ ପାଇଁ ସରକାର ତୁରନ୍ତ ନିଯୁକ୍ତି ସୃଷ୍ଟି କରନ୍ତୁ ବୋଲି ଦଳ ଦାବି କରିଛି । ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ ଅଫିସ୍ ଭିତରକୁ ଭାଜପା ଯୁବ କର୍ମୀମାନେ ପଶିବାକୁ ଉଦ୍ୟମ କରିବା ସମୟରେ ପୋଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲା। ଅନ୍ୟପଟେ ରାଜ୍ୟର ସମସ୍ତ ଜିଲା, ସବ୍‌ଡିଭିଜନର ସମସ୍ତ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଭିନ୍ନ କମ୍ପାନୀଗୁଡିକ ସହ ରାଜ୍ୟ ସରକାର କରିଥିବା ଏମଓୟୁ ମାଧ୍ୟମରେ କେଉଁସବୁ ଶିଳ୍ପରେ କେତେଜଣ ଯୁବକଙ୍କୁ ନିଯୁକ୍ତି ମିଳିଛି ବୋଲି ଭାଜପା ଯୁବ ମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ ପ୍ରଶ୍ନ କରିଛନ୍ତି।

ଅପରପକ୍ଷରେ ବିଜେଡି ପକ୍ଷରୁ ଗଞ୍ଜାମ ଜିଲାର ଏଫ୍‌ସିଆଇ, ଇଣ୍ଡିଆନ ରେଆର୍ ଆର୍ଥସ ଲିମିଟେଡ ଏବଂ କୋରାପୁଟର ନାଲ୍‌କୋ, ହାଲ୍ ସମ୍ମୁଖରେ ଧାରଣା ଦିଆଯାଇଛି। ବିଜେଡି ଏହି ପ୍ରତିବାଦ ୩ଦିନ ଧରି କରିବ ବୋଲି ସୂଚନା ଦେଇଛି। କେନ୍ଦ୍ର ସରକାର ଯେଉଁ ୨କୋଟି ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ତାହା କାହିଁକି ପୂରଣ କରି ନାହାନ୍ତି ବୋଲି ଦଳ ପ୍ରଶ୍ନ ଉଠାଇଛି। ଏହାସହ ରାଜ୍ୟକୁ ଯେଉଁ ରାଷ୍ଟ୍ରାୟତ୍ତ କମ୍ପାନୀଗୁଡିକ ଆସୁଛି ସେଥିରେ ଓଡ଼ିଆ ଯୁବତୀ, ଯୁବକମାନଙ୍କୁ ନିଯୁକ୍ତି ମିଳୁ ନ ଥିବା ବିଜେଡି ଅଭିଯୋଗ ଉଠାଇଛି। ସେହିପରି କଂଗ୍ରେସ ମଧ୍ୟ ଭାଜପା ଓ ବିଜେଡି ଭଳି ଯୁବ ଭୋଟରଙ୍କୁ ନିଜ ଆଡକୁ ଆକୃଷ୍ଟ କରିବା ଲାଗି ସଜବାଜ ହେଉଛି।



“ରୋପ୍‌ୱେ କ୍ଷେତ୍ରରେ ଭାରତରେ ନିବେଶ ସୁଯୋଗ ସୃଷ୍ଟି ପାଇଁ ପଦକ୍ଷେପ ନିଆଯାଉଛି।
– ନୀତିନ ଗଡକରୀ, କେନ୍ଦ୍ର ସଡକ ପରିବହନ ଏବଂ ଜାହାଜ ଚଳାଚଳ ମନ୍ତ୍ରୀ



“ଉଡାନ ୩.୦ ପଦକ୍ଷେପ ଦ୍ୱାରା ଦେଶର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀଗୁଡିକୁ ଯୋଡିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।
– ଉଷା ପାଢୀ, ଯୁଗ୍ମ ସଚିବ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ

## ସଂକ୍ଷେପରେ

### ଇରାନରୁ ତେଲ କିଣା ଭାରତ ସମେତ ୮ ଦେଶ ପାଇଁ କଟକଣା କୋହଳ

ୱାଶିଂଟନ,୫-୧୧: ଇରାନ ବିରୋଧରେ ଆମେରିକାର କଟକଣା ଲାଗୁ ହୋଇଯାଇଛି। ତେବେ ଭାରତ,ଚାଇନା ଓ ଜାପାନ ସମେତ ୮ ଦେଶକୁ ସାମୟିକ କଟକଣାମୁକ୍ତ କରାଯାଇଛି। ଫଳରେ ସେମାନେ ନଭେମ୍ବର ପରେ ଇରାନରୁ ତେଲ କିଣିପାରିବେ। ଏ ସମ୍ପର୍କରେ ଆମେରିକାର ବୈଦେଶିକ ସଚିବ ମାଇକ ପମ୍ପିଓ ସୋମବାର ଘୋଷଣା କରିଛନ୍ତି। କଟକଣା ପୂର୍ବରୁ ଏହି ଦେଶଗୁଡିକ ଇରାନରୁ ତେଲ କିଣିବା ଯଥେଷ୍ଟ ପରିମାଣରେ କମାଇ ଦେଇଛନ୍ତି ବୋଲି ସେ କହିଛନ୍ତି। କଟକଣା କୋହଳ ହୋଇଥିବା ଅନ୍ୟ ଦେଶଗୁଡିକ ହେଲା ଇଟାଲୀ, ଗ୍ରୀସ୍, ଦକ୍ଷିଣ କୋରିଆ, ତାଇୱାନ ଓ ତୁର୍କୀ। ଆସନ୍ତା ୬ ମାସ ଭିତରେ ଭାରତ ଓ ଚାଇନା ଇରାନରୁ ତେଲ କିଣିବା ସମ୍ପୂର୍ଣ୍ଣ ବନ୍ଦ କରି ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି କି ବୋଲି ପ୍ରଶ୍ନର ଉତ୍ତରକୁ ପମ୍ପିଓ ଟାଳି ଦେଇଛନ୍ତି। ଫକ୍ସ ନ୍ୟୁଜର ଏକ ଟକ୍ ଶୋ'ରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ, ପୂର୍ବାପେକ୍ଷା ଚଳିତ ଥର କଟକଣା ଜରିଆରେ ଇରାନର ଅଧିକାଂଶ ତେଲକୁ ବଜାରରୁ ହଟାଇ ଦିଆଯାଇଛି। ରାଷ୍ଟ୍ରପତି ଟ୍ରମ୍ପଙ୍କ ନୀତି ଯୋଗୁ ହାସଲ ହୋଇଥିବା ଉପଲବ୍ଧିକୁ ଦେଖିବାକୁ ହେବ। ଆମେ ଏ ସବୁ କରିଛୁ, ଆମେରିକାବାସୀଙ୍କ ସ୍ୱାର୍ଥ ଯେପରି ପ୍ରଭାବିତ ନ ହୁଏ ସେଥିପ୍ରତି ମଧ ଧ୍ୟାନ ଦେଇଛୁ ବୋଲି ସେ କହିଛନ୍ତି।

### ଅକ୍ଟୋବରରେ ସର୍ଭିସ ସେକ୍ଟରରେ ଅଭିବୃଦ୍ଧି

ନୂଆଦିଲ୍ଲୀ,୫-୧୧: ନୂଆ ଅର୍ଡର ଯୋଗୁ ସର୍ଭିସ ସେକ୍ଟରରେ ବେଶ୍ ଅଭିବୃଦ୍ଧି ଦେଖାଯାଇଛି। ଏକ ମାସିକ ସର୍ବେକ୍ଷଣ ଅନୁଯାୟୀ ନିକ୍କେଇ ଇଣ୍ଡିଆ ସର୍ଭିସେସ ବ୍ୟାପାର ଗତିବିଧି ସୂଚକାଙ୍କ(ପିଏମ୍ଆଇ) ସେପ୍ଟେମ୍ବରରେ ୫୦.୯ ପ୍ରତିଶତ ଥିବା ବେଳେ ଅକ୍ଟୋବରରେ ଏହା ୫୨.୨ ପ୍ରତିଶତକୁ ବୃଦ୍ଧି ପାଇଛି। ସର୍ଭିସ ସେକ୍ଟରରେ କ୍ରମାଗତ ୫ ମାସ ହେଲା ପିଏମ୍ଆଇ ବୃଦ୍ଧି ହେଉଛି। ପିଏମ୍ଆଇ ୫୦ ପଏଣ୍ଟ ଉପରେ ରହିଲେ ସର୍ଭିସ ସେକ୍ଟରରେ ଅଭିବୃଦ୍ଧି ହେଉଥିବା କୁହାଯାଏ। ଏହା ତଳକୁ ରହିଲେ କମୁଛି ବୋଲି ମନେକରାଯାଏ। ପ୍ୟାନାଲିଷ୍ଟଙ୍କ କହିବାନୁଯାୟୀ ଅର୍ଡର ମଜଭୁତ ରହିବା କାରଣରୁ ଉତ୍ପାଦନ ବଢ଼ିବା ଆରମ୍ଭ ହୋଇଛି।

### ଆମେରିକା କର୍ମଚାରୀଙ୍କୁ ବିଦା କରି ଅଡୁଆରେ ଟିସିଏସ୍

ନୂଆଦିଲ୍ଲୀ,୫-୧୧: ଆମେରିକୀୟ କର୍ମଚାରୀଙ୍କୁ ଚାକିରିରୁ ବିଦାକରି ଟେକ୍ନୋଲୋଜି ଆଉଟ୍‌ସୋର୍ସିଂ କମ୍ପାନୀ ଟାଟା କନସଲଟାନ୍ସି ସର୍ଭିସେସ୍(ଟିସିଏସ୍) ଅଡୁଆରେ ପଡିଯାଇଛି। ଆମେରିକା ଇଞ୍ଜିନିୟରମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେମାନଙ୍କୁ କୌଣସି ଗ୍ରାହକଙ୍କ ସହିତ କାମ କରିବାକୁ ଦିଆଯାଉନି। ଟିସିଏସ୍ ବିରୋଧରେ ସେମାନେ ବର୍ଣ୍ଣବୈଷମ୍ୟ ଅଭିଯୋଗ ଆଣିଛନ୍ତି। ସୋମବାର କାଲିଫର୍ନିଆରେ ଏହାର ଶୁଣାଣି କରାଯିବ। ତେବେ ମୁମ୍ବାଇସ୍ଥିତ ଟିସିଏସ୍ କମ୍ପାନୀ ଉକ୍ତ ଅଭିଯୋଗକୁ ଖଣ୍ଡନ କରିଛି। ପ୍ରଦର୍ଶନକୁ ଆଧାରକରି ସେମାନଙ୍କୁ ଚାକିରିରୁ ବରଖାସ୍ତ କରାଯାଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

■ ଧନ୍‌ତେରସରେ ଚମକିଲା ସୁନା

# ମୂଲ୍ୟ ବୃଦ୍ଧି ସତ୍ତ୍ୱେ ଫିକା ପଡ଼ିନି ଚାହିଦା

■ରାଜ୍ୟରେ ୧୩୦ କୋଟିରୁ ଊର୍ଦ୍ଧ୍ୱ ବ୍ୟବସାୟ
■ବଜାରରେ ନୂଆ କଲେକ୍ସନ
■ଗ୍ରାହକଙ୍କୁ ଆକୃଷ୍ଟ କରୁଛି ଆକର୍ଷଣୀୟ ଅଫର

ଭୁବନେଶ୍ୱର,୫-୧୧



ଧନ୍‌ତେରସରେ ସୁନା ଓ ରୁପା କିଣିଲେ ଶୁଭ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଚଳିତ ବର୍ଷ ସୋମବାର ଧନତେରସ ପଡିଥିବା ବେଳେ ପାଗ ଭଲ ରହିଥିଲା। ଶୋ'ରୁମଗୁଡିକର ଲୋଭନୀୟ ଅଫର ପ୍ରତି ଗ୍ରାହକ ଆକୃଷ୍ଟ ହେଉଥିବା ଦେଖିବାକୁ ମିଳିଛି। ସୁନା ଗହଣା ଗଢା ମୂଲ୍ୟ ଉପରେ ରିହାତି, ଲକି ଡ୍ର, ମୋଟ୍ ମୂଲ୍ୟରେ ରିହାତି, ରୁପା ଗହଣା ଗଢା ମୂଲ୍ୟ, ହୀରା ଗହଣା ମୋଟ୍ ମୂଲ୍ୟ, ଗୋଲ୍ଡ କଏନ ତିଆରି ଉପରେ ଶୋ'ରୁମଗୁଡିକ ଚଳିତ ବର୍ଷ ଲୋଭନୀୟ ଅଫର ଦେଉଛନ୍ତି। କିଛି ଶୋ'ରୁମ ଗ୍ରାହକଙ୍କୁ ବିଦେଶ ଭ୍ରମଣ ସୁବିଧା ପ୍ରଦାନ କରୁଛନ୍ତି। ସେହିଭଳି ଗ୍ରାହକଙ୍କୁ କ୍ୟାଶବ୍ୟାକ୍ ସୁବିଧା ମଧ ପ୍ରଦାନ କରାଯାଉଛି। ଶୋ'ରୁମଗୁଡିକ ପକ୍ଷରୁ ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ବିଭିନ୍ନ ଅଭିଯାନ ଆରମ୍ଭ ହୋଇଛି। ନୂଆ ତଥା ମନଲୋଭା କଲେକ୍ସନ ବଜାରରେ ଉପଲବ୍ଧ ହେଉଛି। ଶୋ'ରୁମଗୁଡିକ ଆଲୋକମାଳାରେ ସୁସଜ୍ଜିତ ହୋଇଥିବା ଦେଖାଯାଉଛି।

ଚଳିତ ବର୍ଷ ସୁନା ଦର ଗତ ଛଅ ବର୍ଷର ସର୍ବାଧିକ ସ୍ତରରେ ରହିଛି। ରାଜଧାନୀ ଭୁବନେଶ୍ୱରରେ ସୋମବାର ସୁନା ଦର ପ୍ରତି ୧୦ ଗ୍ରାମ ୩୧,୮୩୦ ଟଙ୍କା ରହିଛି। ଏହା ଗତ ବର୍ଷ ୩୦ ହଜାର ଟଙ୍କା ସ୍ତରରେ ରହିଥିଲା। ଧନତେରସରେ ରାଜ୍ୟରେ ବିକ୍ରି ହେଉଥିବା ସୁନା ଗହଣାର ପ୍ରାୟ ୬୦ ରୁ ୭୦% କେବଳ କଟକ ଏବଂ ଭୁବନେଶ୍ୱରରେ ବିକ୍ରି ହେଉଛି। ମାତ୍ର ଚଳିତ ବର୍ଷ ବର୍ଦ୍ଧିତ ଦରର ପ୍ରଭାବ ବଜାର ଉପରେ କିଛି ମାତ୍ରାରେ ପଡିଥିବା ବିଶେଷଜ୍ଞମାନେ ସୂଚନା ଦେଇଛନ୍ତି। ଏହା ସତ୍ତ୍ୱେ ଚାହିଦା ହ୍ରାସ ପାଇ ନାହିଁ ବୋଲି ଶୋ'ରୁମଗୁଡିକ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ରାଜ୍ୟରେ ଏହି ସିଜନରେ ସୁନା ବିକ୍ରିରେ ୧୦% ଅଭିବୃଦ୍ଧି ଘଟିଛି। ପ୍ରାୟ ୧୩୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସୁନାଗହଣା ବ୍ୟବସାୟ ହୋଇଥିବା ଶିଳ୍ପ ସୂତ୍ରରୁ ପ୍ରକାଶ।

ପ୍ରମୁଖ ଶୋ'ରୁମ ଖିମଜୀର ଏଜିଏମ୍ କିଶୋର ୱାଡେର କହିଛନ୍ତି, ଦର ବୃଦ୍ଧି ସତ୍ତ୍ୱେ ଚଳିତ ବର୍ଷ ଚାହିଦାରେ କୌଣସି ପ୍ରଭାବ ପଡି ନାହିଁ। ଗ୍ରାହକ ଶୋ'ରୁମକୁ ଆସି ସେମାନଙ୍କ ଆବଶ୍ୟକତା ଅନୁସାରେ ଗହଣା କ୍ରୟ କରୁଛନ୍ତି। ପ୍ରାୟ ୭% ଗହଣା ମୂଲ୍ୟ ବଢିଥିଲେ ମଧ ଚଳିତ ବର୍ଷ ଏହି ସିଜିନରେ ୧୦ରୁ ୧୫% ବ୍ୟବସାୟ ଅଭିବୃଦ୍ଧି ହେବା ନେଇ ଆଶା ରହିଛି।

ପ୍ରମୁଖ ଗହଣା ବ୍ରାଣ୍ଡ ତନିଷ୍କର ଫ୍ରାଞ୍ଚାଇଜି ମାଲିକ ମାନିକ ହଂସ କହିଛନ୍ତି, ଗତ ବର୍ଷ ଧନ୍‌ତେରସ ତୁଳନାରେ ଚଳିତ ବର୍ଷ ୨୦% ଭଲ ବ୍ୟବସାୟ ହୋଇଛି। ଶୋ'ରୁମରେ ଗ୍ରାହକଙ୍କ ଆଗମନରେ ମଧ ଉନ୍ନତି ହୋଇଛି। ଆଗକୁ ଦୀପାବଳି ରହିଥିବାରୁ ଉନ୍ନତ ବ୍ୟବସାୟ ଧାରା ଜାରି ରହିବ ବୋଲି ସେ କହିଛନ୍ତି।

ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ, ଡିଜାଇନ ଏବଂ ପ୍ରତିଦ୍ୱନ୍ଦ୍ୱିମୂଳକ ମୂଲ୍ୟ ଭଳି ସୁବିଧା ଯୋଗାଣ ଯୋଗୁ ବିକ୍ରି ଭଲ ରହିଥିବା ପିସି ଜୁଏଲର୍ସ ଏବଂ କଲ୍ୟାଣ ଜୁଏଲର୍ସ ଭଳି ଶୋ'ରୁମଗୁଡିକ ପକ୍ଷରୁ ସୂଚନା ଦିଆଯାଇଛି। ଦେଶରେ ଅସଙ୍ଗଠିତ ସୁନା ବଜାର ଅଂଶ ୭୦% ରହିଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ବିକ୍ରି ଅଭିବୃଦ୍ଧି ୧୦% ରହିବ ବୋଲି ଅଲ୍ ଇଣ୍ଡିଆ ଜେମ୍ସ ଆଣ୍ଡ ଜୁଏଲେରି ଡୋମେଷ୍ଟିକ୍ କାଉନସିଲ୍ ଅଧ୍ୟକ୍ଷ ନୀତିନ ଖଣ୍ଡେଲୱାଲ କହିଛନ୍ତି।

ଅପରପକ୍ଷରେ ବର୍ଦ୍ଧିତ ସୁନା ଦର ଗ୍ରାହକଙ୍କ କ୍ରୟ ବ୍ୟବହାରରେ ପ୍ରଭାବ ପକାଇଥିବା ସହରର ଅନ୍ୟତମ ପ୍ରମୁଖ ଗହଣା ଶୋ'ରୁମ ରିଲାଏନ୍ସ ଜୁଏଲ୍ସର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଲାଲଚନ୍ଦ, ସେନକୋ ସମେତ ରାଜ୍ୟର ଅନ୍ୟାନ୍ୟ ଶୋ'ରୁମଗୁଡିକରେ ଭିଡ ପରିଲକ୍ଷିତ ହେଉଥିବା ଦେଖାଯାଇଛି।

## ପତଞ୍ଜଳି ପରିଧାନର ପ୍ରଥମ ଶୋ'ରୁମ୍ ଉଦ୍‌ଘାଟିତ

ନୂଆଦିଲ୍ଲୀ,୫-୧୧

ଯୋଗ ଗୁରୁ ବାବା ରାମଦେବଙ୍କ ପତଞ୍ଜଳି କମ୍ପାନୀ ଏବେ ଆପାରେଲ ଇଣ୍ଡଷ୍ଟ୍ରିରେ ପ୍ରବେଶ କରିଛି। ପବିତ୍ର ଧନତେରସ ଅବସରରେ 'ପତଞ୍ଜଳି ପରିଧାନ'ର ପ୍ରଥମ ଶୋ'ରୁମ୍ ଏଠାରେ ଉଦ୍‌ଘାଟିତ ହୋଇଯାଇଛି। ରାମଦେବ ଏହାକୁ ନିଜେ ଉଦଘାଟନ କରିଥିଲେ। ସ୍ଥାନୀୟ ନେତାଜୀ ସୁଭାଷ ପ୍ଲେସ୍‌ରେ ଆୟୋଜିତ ଉଦ୍‌ଘାଟନ ସମାରୋହରେ ମଲ୍ଲଯୋଦ୍ଧା ସୁଶୀଲ କୁମାର ଏବଂ ଚଳଚ୍ଚିତ୍ର ନିର୍ଦ୍ଦେଶକ ମଧୁର ଭଣ୍ଡାରକର ଉପସ୍ଥିତ ଥିଲେ। ଡିସେମ୍ବର ସୁଦ୍ଧା ସାରା ଦେଶରେ ୨୫ଟି ନୂଆ ଷ୍ଟୋର ଖୋଲାଯିବ ବୋଲି ସେ ସୂଚନା ଦେଇଥିଲେ। ପତଞ୍ଜଳି ପରିଧାନ ଷ୍ଟୋରରେ ଭାରତୀୟ ଏବଂ ପାଶ୍ଚାତ୍ୟ ପୋଷାକ, ଆସବାବପତ୍ର ଏବଂ ଗହଣା ମିଳିବ। ଦିଲ୍ଲୀରେ ଖୋଲିଥିବା ଷ୍ଟୋରରେ ୧୧୦୦ ଟଙ୍କାରେ ଜିନ୍ସ ବିକ୍ରି ହେଉଛି ଏବଂ ଦୀପାବଳି ଅବସରରେ ୨୫% ଛାଡ କରାଯାଇଛି ବୋଲି ସେ କହିଛନ୍ତି। ରାମଦେବଙ୍କ ମୁଖପାତ୍ର ଟୁଇଟ୍ କରି ଜଣାଇଛନ୍ତି ଯେ, ପତଞ୍ଜଳି ପରିଧାନରେ ପୁରୁଷ, ମହିଳା, ପିଲାମାନଙ୍କ ବସ୍ତ୍ର ସହିତ ଡେନିମ, ଏଥନିକ, କାଜୁଆଲ ଓ ଫର୍ମାଲ ୱେୟାର ଆଦିର ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ଭେରାଇଟିର ପୋଷାକ ଉପଲବ୍ଧ ହେବ। ଏହି ପୋଷାକ ଗୁଡିକ 'ଲିଭ୍ ଫିଟ୍', 'ଆସ୍ଥା' ଏବଂ 'ସଂସ୍କାର' ବ୍ରାଣ୍ଡରେ ଉପଲବ୍ଧ ହେବ।




ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଖିମଜୀ ହୋଣ୍ଡା ଶୋ'ରୁମର ମିଳିତ ପ୍ରୟାସରେ ଭୁବନେଶ୍ୱରର ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ ଟେକ୍ନୋଲୋଜିଠାରେ ଏକ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁରକ୍ଷିତ ଗାଡି ଚାଳନା ନେଇ ଏଠାରେ ଛାତ୍ରୀଙ୍କୁ ତାଲିମ୍ ପ୍ରଦାନ କରାଯାଇଥିଲା। ଯୁବବର୍ଗଙ୍କୁ ସଡକ ସୁରକ୍ଷା ସଚେତନତା ପଦକ୍ଷେପ ଅନ୍ତର୍ଗତ ଏଭଳି କାର୍ଯ୍ୟକ୍ରମ କମ୍ପାନୀ ହାତକୁ ନେଇଛି।

## କର୍ମଚାରୀଙ୍କୁ ଶେୟାର ବାଣ୍ଟିଲେ କ୍ୟାପିଟାଲ ଫାଷ୍ଟ ଅଧ୍ୟକ୍ଷ

ନୂଆଦିଲ୍ଲୀ, ୫-୧୧

ସୁରଟ୍‌ର ହୀରା ବ୍ୟବସାୟୀ ସାବଜୀ ଢୋଲକିଆଙ୍କ ରାସ୍ତା ଆପଣାଇ ଅଣ ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ କ୍ୟାପିଟାଲ ଫାଷ୍ଟର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭି.ବୈଦ୍ୟନାଥନ ଏକ ନୂଆ ଉଦାହରଣ ସୃଷ୍ଟି କରିଛନ୍ତି। ଆଇଡିଏଫ୍‌ସି ସହ କ୍ୟାପିଟାଲ ଫାଷ୍ଟର ମିଶ୍ରଣ ପୂର୍ବରୁ ସେ ନିଜର ୧୦.୬୧ ପ୍ରତିଶତ ଅର୍ଥାତ ପ୍ରାୟ ୨୦ କୋଟି ଟଙ୍କାର ଶେୟାରକୁ ପରିବାର ସଦସ୍ୟ, ସହଯୋଗୀ, ପୂର୍ବତନ ସହଯୋଗୀଙ୍କ ସମେତ ଡ୍ରାଇଭର ଓ ଘରୋଇ ଚାକରଙ୍କୁ ବାଣ୍ଟି ଦେଇଛନ୍ତି। ଷ୍ଟକ୍ ଏକ୍ସଚେଞ୍ଜକୁ ଦିଆଯାଇଥିବା ସୂଚନାରେ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଦୀପାବଳି ଅବସରରେ କମ୍ପାନୀ ଅଧ୍ୟକ୍ଷ ତାଙ୍କର ନିଜସ୍ୱ ଶେୟାରକୁ ଉପହାର ଭାବେ ବାଣ୍ଟିଛନ୍ତି। ଏଥିରେ କୁହାଯାଇଛି ଯେ, ବୈଦ୍ୟନାଥନ ୩ ଜଣ ଚାକର ଓ ୨ ଜଣ ଡ୍ରାଇଭରଙ୍କୁ ୬୫୦୦ ଲେଖାଏ ଶେୟାର ଦେଇଛନ୍ତି। ଶୁକ୍ରବାର କ୍ୟାପିଟାଲ ଫାଷ୍ଟର ଶେୟାର ମୂଲ୍ୟ ୪୭୮.୬୦ ଟଙ୍କାରେ ବନ୍ଦ ହୋଇଥିଲା। ଏହାକୁ ହିସାବକୁ ନେଲେ ପ୍ରତି ଘରୋଇ ଚାକର ଓ ଡ୍ରାଇଭରଙ୍କୁ ୩୧.୧୦ ଲକ୍ଷ ଟଙ୍କାର ଶେୟାର ମିଳିଛି। ଏହାଛଡା ୨୩ ଜଣ ବର୍ତ୍ତମାନ ଓ ୩ ଜଣ ପୂର୍ବତନ ସହଯୋଗୀଙ୍କୁ ୧୧ ହଜାର ଲେଖାଏ ଶେୟାର ଦିଆଯାଇଛି। ଅର୍ଥାତ ପ୍ରତ୍ୟେକ କର୍ମଚାରୀଙ୍କୁ ୫୨.୬୪ ଲକ୍ଷ ଟଙ୍କାର ଶେୟାର ମିଳିଛି। ବୈଦ୍ୟନାଥନ ନିଜର ଦୁଇ ଭାଇ ସତ୍ୟମୂର୍ତ୍ତି ବେମ୍ମୁଙ୍କୁ ୨୬ ହଜାର ଏବଂ କୃଷ୍ଣମୂର୍ତ୍ତିଙ୍କୁ ୧୩ ହଜାର ଶେୟାର ପ୍ରଦାନ କରିଛନ୍ତି। ଏହାଛଡା ପରିବାରର ଅନ୍ୟ ୮ ଜଣ( ଭଉଣୀ, ଶ୍ୱଶୁର, ସ୍ତ୍ରୀଙ୍କ ମାମୁଁ, ତାଙ୍କର ୩ ଜଣ ଦୂରସମ୍ପର୍କୀୟ ଅନ୍ତର୍ଭୁକ୍ତ)ଙ୍କୁ ୭୧,୫୦୦ ଶେୟାର ଉପହାର ଦେଇଛନ୍ତି। ତାଙ୍କ ନିକଟରେ ୪୦.୪୦ଲକ୍ଷ ଶେୟାର ଥିବା ବେଳେ ସେ ୪.୨୯ ଲକ୍ଷ ବାଣ୍ଟିଛନ୍ତି। କମ୍ପାନୀର ଉତ୍ଥାନ-ପତନ ସମୟରେ ସେମାନେ ବୈଦ୍ୟନାଥନଙ୍କ ସହିତ କାନ୍ଧରେ କାନ୍ଧ ମିଳାଇ ଚାଲିଥିଲେ। ସେ ସେମାନଙ୍କୁ ଧନ୍ୟବାଦ ଦେବାସ୍ୱରୂପ ଏହି ଶେୟାର ଦାନ କରିଛନ୍ତି। ୨୦୧୨ରେ କ୍ୟାପିଟାଲ ଫାଷ୍ଟ କମ୍ପାନୀ ଗଠନ କରିବା ପୂର୍ବରୁ ବୈଦ୍ୟନାଥନ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନସ୍ୟୁରାନ୍ସ କମ୍ପାନୀର ଏମ୍‌ଡି ତଥା ସିଇଓ ଥିଲେ। ସେ ଆଇସିଆଇସିଆଇ ବ୍ୟାଙ୍କ ବୋର୍ଡରେ ମଧ ସାମିଲ ହୋଇଥିଲେ।

## ଅପରେଶନ ଗ୍ରୀନ୍‌କୁ କେନ୍ଦ୍ରର ସବୁଜ ସଙ୍କେତ

ନୂଆଦିଲ୍ଲୀ,୫-୧୧

କେନ୍ଦ୍ର ସରକାର ୫୦୦ କୋଟି ଟଙ୍କାର ଅପରେଶନ ଗ୍ରୀନ୍‌କୁ ସବୁଜ ସଙ୍କେତ ଦେଇଛନ୍ତି। ତଦନୁଯାୟୀ ଏକ ଗାଇଡଲାଇନକୁ ସରକାର ସୋମବାର ଅନୁମୋଦନ କରିଛନ୍ତି। ରୋଷେଇଘରକୁ ପ୍ରଭାବିତ କରୁଥିବା ୩ ପ୍ରକାର ପରିବା ଆଳୁ, ପିଆଜ ଓ ଟମାଟୋର ଉତ୍ପାଦନ, ପ୍ରକ୍ରିୟାକରଣ କରିବାକୁ ପ୍ରୋତ୍ସାହନ ଦିଆଯିବ। ଏହାଦ୍ୱାରା ଦରବୃଦ୍ଧିକୁ ନିୟନ୍ତ୍ରଣ କରାଯାଇପାରିବ। ଅଧିକାରୀୟ ସ୍ତରରେ ଜାରି ବିବୃତିରେ କୁହାଯାଇଛି ଯେ, କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରୀ ହରସିମ୍ରତ କୌର ଅପରେଶନ ଗ୍ରୀନକୁ ସୋମବାର ଅନୁମୋଦନ କରିଛନ୍ତି। ଆଳୁ, ପିଆଜ ଓ ଟମାଟୋର ଅଚାନକ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ଲାଗି କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ୨୦୧୮-୧୯ ବଜେଟ୍‌ରେ ୫୦୦ କୋଟି ଟଙ୍କାର ଗ୍ରୀନ ଅପରେଶନ ପାଣ୍ଠି ଗଠନ ହେବ ବୋଲି ଘୋଷଣା କରିଥିଲେ।


**NEELACHAL ISPAT NIGAM LIMITED**
NINL
Kalinga Nagar Industrial Complex, At/PO-Duburi, Dist-Jajpur, Odisha - 755026

**OPEN TENDER NOTICE**

Tdr. No. NINL/CC/18-19/SG/TDR-116, Date: 26.10.2018
Name of Work: **Annual job contract for pig iron shifting & loading.**
**Last date of tender submission: 19.11.2018 up to 3PM.** For detailed tender documents, please visit www.ninl.in. Corrigendum, extension etc shall be notified on website only.

Sr. Mgr.(WCC)
Tel. 06726-264068



**BHUBANESWAR MUNICIPAL CORPORATION**

**No.36783 COMPETITIVE BIDDING THROUGH e-Procurement Dt.02/11/18**

**NOTICE INVITING TENDER**
**Bid Reference No. BMC-EED-II-30/2018-19 Dt.02.11.2018**

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer-II, BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

Only the Bid Reference **No.(BMC-EED-II-30/2018-19)** should be written clearly over (superscribed) the envelop containing the bid documents to be submitted by each intending bidder. Nowhere on the envelop the bidders should write Work Name & its Sl. No. failing which, such bids shall be rejected outrightly and will not be opened for evaluation. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information furnished in this tender call notice or in the DTCN, then necessary clarification shall be issued by BMC on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer, (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **2** Nos.
2. Place of Execution : Different locations in **Division-II** of Bhubaneswar Municipal Corporation
3. Estimated Cost of Individual Work : Rs. **13,87,361/- to Rs. 21,27,846/-**
4. Eligible Class of Contractors –: Registered Class of Contractors as indicated against each work mentioned in the tender call Notice Column No.7.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from **11.00 A.M on 06.11.2018 to 5 P.M on 15.11.2018** for online bidding.
7. Bids received online will be opened at **11.30 A.M on 20.11.2018.** The bidder must possess valid and Compatible **Digital Signature Certificate (DSC)**.
8. The bidders bidding @ less than the estimated cost has to furnish A.P.S (Additional Performance Security) as per OPWD Code amendment to Para-3.5.5(V) failing which the bid shall not be considered.
9. The DTCN of works shall be available in the e-procurement portal https://www.tendersodisha.gov.in for on-line bidding .

**On behalf of Commissioner, BMC, Bhubaneswar**

**Executive Engineer**
**BMC Division No.-II**

**Progress Through Partnership for a Better Bhubaneswar**



**ODISHA STATE CIVIL SUPPLIES CORPORATION LTD.**
PIOT NO.-C/2, NAYAPALLI, BHUBANESWAR- 751 012
(A Government of Odisha Undertaking)
CIN: U51211OR1980SGC000894

Ref: RPF No. 02/OSCSC/2018 Date: 28.09.2018

**CORRIGENDUM -II (Date 05.11.2018)**
**REQUEST FOR PROPOSAL**

**For Engagement of a recruitment agency to conduct recruitment for different posts for and on behalf of OSCSC ltd**

In amendment of Request for proposals i.e. RFP No. 02/OSCSC/2018 **dated 28.09.2018**, the datelines have been extended as indicated below.

| | |
|---|---|
| Last date and time for **online** submission of completed proposal | Through e-Procurement portal: <www.tendersodisha.gov.in>, Date 26.11.2018 up to 17:00 Hours |
| Last date and time for submission of original (hard copy) of the technical proposal (only) submitted online with scanned copies the receipt indicating deposit of Processing fee and EMD amount through registered post / speed post only to the office of OSCSC Ltd. | **Date 03.12.2018 upto 17:00 Hours.** |
| Date, time and venue for opening of Technical Proposal & Pre-qualification evaluation. | **Date 05.12.2018 at 15:00 Hours at OSCSC Conference hall** |

For the relevant minor changes in the specific clauses of RFP / corrigendum please refer to the website i.e. www.tendersodisha.gov.in . The authority reserves the right to cancel any or all the Bids without assigning any reason thereof.

**MD, OSCSC Ltd.**



**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OPTCL Lifeline of Odisha
O/o the Sr. General Manager (Construction), Zone-1, Technical Building (Ground & 1st Floor), Bhoi Nagar, Bhubaneswar -22.
Tel: 0674-2546353, Fax: 0674-2547261, E-mail: sgm.con1.bbs@optcl.co.in CIN: U40102OR2004SGC007553

*No.: Sr. GM(TP&C)/Publication/Gaz/08/(Vol.IV)2635* *Dated: 03.11.2018*

***NOTIFICATION***

In accordance with Section-164 of Indian Electricity Act, 2003 and in exercise of the power conferred upon OPTCL vide Department of Energy, Government of Odisha Order No.: R & R-II-10/2006/2353, Dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. It is also notified in the interest of general public that, any person interested in making representation regarding the execution of the above scheme, may submit such representation in writing so as to reach the Senior General Manager (Construction), Zone-1, Odisha Power Transmission Corporation Limited, Technical Building Ground & 1st Floor, Bhoi Nagar, Bhubaneswar-751 022 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work, on any working day during office hours.

| Sl. No. | Name of the work & Scope | Name of the Village in which the Line will pass | Tentative Estimated Amount (Rs. in Crores) | Name of the Officer to be contacted | Perceived benefit, that may accrue |
|---|---|---|---|---|---|
| 1. | Construction of proposed 220KV SC line on DC tower from existing4000/220 KV Grid Sub Station, New Duburi to proposed MRSS of M/S. Emami Cement Ltd, Kalinganagar, Duburi. | **TAHASIL: DANAGADI** **R.I. Circle: Mantira** **Revenue Village:** Chandia, Panchabatia, Badasulidhi, Mantira. | Rs.14.84 Crore | D.G.M (Elect.), EHT (C) Division, Keonjhar. | This will facilitate the power supply connectivity to the MRSS of Emami Cement Ltd, covers under the Tahasil of **Danagadi** & overall development of Odisha State in General. |

Sd/- **Sr. General Manager (C), Zone-1**

“ୱେଷ୍ଟଇଣ୍ଡିଜ ପାଇଁ ଦେଶର ଟପ୍ ଖେଳାଳିମାନେ ଖେଳିବାକୁ ଆଗ୍ରହ ପ୍ରକାଶ ନ କରିବା ବାସ୍ତବିକ ଏକ ଲଜ୍ଜାଜନକ ବିଷୟ ।

–କାର୍ଲ ହୁପର, ପୂର୍ବତନ ୱେଷ୍ଟଇଣ୍ଡିଜ ଅଧିନାୟକ



“ଇଡେନ୍ ଗାର୍ଡେନ୍ସର ପରିବେଶ ସହିତ ଅଭ୍ୟସ୍ତ ଥିବାରୁ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟି୨୦ରେ ମୁଁ ପ୍ରଭାବୀ ପ୍ରଦର୍ଶନ କରିପାରିଥିଲି ।

–କୁଲ୍‌ଦୀପ ଯାଦବ, ଭାରତୀୟ ବୋଲର



## ସଂକ୍ଷେପରେ

### ୩୦ ବର୍ଷରେ କୋହଲି

**ନୂଆଦିଲ୍ଲୀ,୫।୧୧:** ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ସୋମବାର ୩୦ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ତାଙ୍କ ନିକଟକୁ କ୍ରିକେଟ ଜଗତ ତଥା ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ‘‘ଦଳ ଲାଗି ବହୁ ବିଜୟୀ ଇନିଂସ ଖେଳିଥିବା ଅଧିନାୟକ ତଥା ରନ୍ ମେଶିନଙ୍କୁ ଜନ୍ମ ଦିନର ଅନେକ ଅନେକ ଶୁଭକାମନା’’ ବୋଲି ବିସିସିଆଇ ପକ୍ଷରୁ ଟୁଇଟରରେ କୁହାଯାଇଛି। ତାଙ୍କ ଶୁଭେଚ୍ଛୁଙ୍କ ତାଲିକାରେ ମହମ୍ମଦ ଶାମି, ଋଦ୍ଧିମାନ ଶାହ, ମହମ୍ମଦ କୈଫ ଓ ଭିଭିଏସ୍ ଲକ୍ଷ୍ମଣଙ୍କ ଭଳି ପୂର୍ବତନ ଓ ବର୍ତ୍ତମାନ ବ୍ୟାଟ୍ସମ୍ୟାନ ରହିଛନ୍ତି। ଉଲ୍ଲେଖଥାଉ କି, ନିକଟରେ କୋହଲି ଦ୍ରୁତତମ ବ୍ୟାଟ୍ସମ୍ୟାନ ଭାବେ ୧୦,୦୦୦ ଦିନିକିଆ ରନ୍ କରିବାର ରେକର୍ଡ କରିଛନ୍ତି।

### ଶୁଭଙ୍କରଙ୍କୁ ସାର୍ଲରଲକ୍ସ ଓପନ ଟାଇଟଲ



**ସାରବ୍ରୁକେନ (ଜର୍ମାନୀ),୫।୧୧(ପି.ଟି.):** ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି ଶୁଭଙ୍କର ଦେ ଏଠାରେ ଚାଲିଥିବା ସାର୍ଲରଲକ୍ସ ଓପନ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ହୋଇଛନ୍ତି। ୨୫ ବର୍ଷୀୟ ଭାରତୀୟ ଶଟଲର ୫ମ ସିଡ୍ ରାଜୀବ ଓସେଫଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ଅଣସିଡ୍ ଶୁଭଙ୍କର ୨୧-୧୧, ୨୧-୧୪ ଗେମ୍‌ରେ ମୁକାବିଲାକୁ ଜିତି ନେଇଛନ୍ତି। ଏହି ବିଜୟ ଲାଗି ତାଙ୍କୁ ମାତ୍ର ୩୪ ମିନିଟ୍ ଲାଗିଥିଲା। ପ୍ରତିପକ୍ଷ ଇଂଲଣ୍ଡ ଖେଳାଳି ୨ୟ ଗେମ୍‌ରେ ଭଲ ପ୍ରଦର୍ଶନ କରିଥିଲେ। ମାତ୍ର ୧୬-୧୪ ପଏଣ୍ଟରେ ଆଗୁଆ ଥିବା ଶୁଭଙ୍କର କ୍ରମାଗତ ୫ ପଏଣ୍ଟ ଜିତି ଟାଇଟଲ ହାସଲ କରିଛନ୍ତି। ‘‘ଏହା ମୋ ଜୀବନର ସବୁଠାରୁ ବଡ଼ ସଫଳତା। ମୁଁ ଫାଇନାଲ ପୂର୍ବରୁ ବହୁ ହୋମୱର୍କ କରିଥିଲି। ଏଥିଯୋଗୁ ମୁଁ ଭଲ ପ୍ରଦର୍ଶନ କରିପାରିଲି’’ ବୋଲି ଭାରତୀୟ ଶଟଲର କହିଛନ୍ତି। ଚଳିତ ପ୍ରତିଯୋଗିତାରେ ସେ ପୂର୍ବତନ ଅଲିମ୍ପିକ୍ସ ଚାମ୍ପିୟନ ଲିନ୍ ଡାନଙ୍କୁ ମଧ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ।

### ବିରାଟଙ୍କୁ ଶୁଭେଚ୍ଛା ଜଣାଇଲେ ସୁଦର୍ଶନ

**ଭୁବନେଶ୍ୱର,୫।୧୧:** ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲିଙ୍କୁ ଓଡ଼ିଆ ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ସେ ଉତ୍ତରପ୍ରଦେଶର ଅଯୋଧ୍ୟାଠାରେ ଏକ ବାଲୁକା ପ୍ରତିକୃତି ନିର୍ମାଣ କରି ବିରାଟଙ୍କୁ ୩୦ତମ ଜନ୍ମ ବାର୍ଷିକ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି।

### ହକି ବିଶ୍ୱକପ୍: ଟିକେଟ କାଉଣ୍ଟରରେ ଭିଡ଼

**ଭୁବନେଶ୍ୱର, ୫।୧୧(ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବାକୁ ଥିବା ହକି ବିଶ୍ୱକପ୍ ପାଇଁ ସୋମବାରଠାରୁ କାଉଣ୍ଟରରେ ଟିକେଟ ବିକ୍ରି ଆରମ୍ଭ ହୋଇଛି। କଳିଙ୍ଗ ଷ୍ଟାଡିୟମର ୯ ନମ୍ବର ଗେଟ୍‌ରେ ଥିବା ବକ୍ସ ଅଫିସ୍‌ରେ ଟିକେଟ ବିକ୍ରି ହୋଇଥିଲା। ଟିକେଟ କିଣିବା ପାଇଁ ହକି ପ୍ରଶଂସକମାନେ ଭିଡ ଜମାଇଥିଲେ ଓ ଲମ୍ବା ଲାଇନ୍‌ରେ ଠିଆ ହୋଇଥିଲେ। ପ୍ରଶଂସକମାନେ ଆଗ୍ରହର ସହିତ ଟିକେଟ କ୍ରୟ କରୁଥିବାର ଲକ୍ଷ୍ୟ କରାଯାଇଥିଲା। ବିଶେଷ କରି ଭାରତ ଖେଳିବାକୁ ଥିବା ମ୍ୟାଚ୍‌ର ଟିକେଟ କିଣିବାକୁ ଆଗ୍ରହ ଦେଖାଇଥିଲେ। ସେହିପରି ଭୁବନେଶ୍ୱରର ୧୮ ଓ କଟକର ୨ଟି ଆଉଟଲେଟ୍‌ରେ ମଧ ଟିକେଟ ବିକ୍ରି ହୋଇଥିଲା। ଏହି ଆଉଟ ଲେଟଗୁଡିକରେ ମଧ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ପ୍ରଥମ ଦିନ ପାଇଁ ଉଦ୍ଦିଷ୍ଟ ଭାରତ ଖେଳିବାକୁ ଥିବା ମ୍ୟାଚ୍‌ର ଟିକେଟ୍ ସବୁ ଶେଷ ହୋଇଯାଇଥିଲା। ଟିକେଟ ନ ପାଇବାରୁ କେତେକ ପ୍ରଶଂସକ ଅସନ୍ତୋଷ ପ୍ରକାଶ କରିଥିଲେ।

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

**ଲକ୍ଷ୍ନୌ, ୫।୧୧(ପି.ଟି.)**

ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ, ଦିନିକିଆ ସିରିଜରେ ବିଜୟ ହାସଲ କରିବା ପରେ ଭାରତ ଟି୨୦ ସିରିଜରେ ମଧ ବାଜି ମାରିବା ଲକ୍ଷ୍ୟରେ ରହିଛି। ନବନିର୍ମିତ ସ୍ଥାନୀୟ ଏକନା ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ମଙ୍ଗଳବାର ଦ୍ୱିତୀୟ ଟି୨୦ରେ ମୁହାଁମୁହିଁ ହେବେ। ପ୍ରଥମଥର ପାଇଁ ଆନ୍ତର୍ଜାତିକ କ୍ରିକେଟ ମ୍ୟାଚ୍ ଖେଳାଯିବ। ପ୍ରଥମ ଟି୨୦କୁ ଭାରତ ୫ ଉଇକେଟରେ ଅତି ସହଜରେ ବିଜୟ ହାସଲ କରିଥିଲା। ମଙ୍ଗଳବାର ମ୍ୟାଚ୍ ଜିତିଲେ ଭାରତ ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇବ। ଭାରତ ଏପର୍ଯ୍ୟନ୍ତ ୩ଟି ଯାକ ଫର୍ମାଟରେ ଆଧିପତ୍ୟ ବିସ୍ତାର କରି ଖେଳିଛି। ପ୍ରଥମ ମ୍ୟାଚ୍ ବିଜୟ ପୂର୍ବରୁ ଭାରତ ୱେଷ୍ଟଇଣ୍ଡିଜଠାରୁ କ୍ରମାଗତ ୪ଟି ଟି୨୦ରେ ପରାସ୍ତ ହୋଇଥିଲା। ତେବେ ଏହି ପରାଜୟ ଧାରାକୁ ଭାରତ ରୋକିବାରେ ସକ୍ଷମ ହୋଇଛି। ଏହାପୂର୍ବରୁ ୨୦୧୪ ମାର୍ଚ୍ଚ ୧୩ ତାରିଖରେ ବାଂଲାଦେଶରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରେ ଭାରତ ୱେଷ୍ଟଇଣ୍ଡିଜକୁ ହରାଇ ଥିଲା। ୨୦୦୯ରୁ ୨୦୧୭ ମଧ୍ୟରେ ଦୁଇ ଦେଶ ୯ଟି ମ୍ୟାଚ୍‌ରେ ପରସ୍ପରକୁ ଭେଟିଥିଲେ। ଭାରତ ୫ଟିରେ ଓ ୱେଷ୍ଟଇଣ୍ଡିଜ ୩ଟିରେ ବିଜୟୀ ହୋଇଛି। ଖରାପ ଫର୍ମ କାରଣରୁ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ଦଳରୁ ବାଦ୍ ପଡିଥିବା ବେଳେ ନିୟମିତ ଅଧିନାୟକ ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯାଇଛି। ରୋହିତ ଶର୍ମା ଦଳର ନେତୃତ୍ୱ ନେଉଛନ୍ତି। ପ୍ରଥମ ମ୍ୟାଚ୍‌ରେ ବୋଲରମାନେ ଭାରତକୁ ଜିତାଇଥିଲେ। ତେବେ ଭାରତୀୟ ଟପ୍ ଅର୍ଡର ଫେଲ୍ ମାରିଥିଲା। ରୋହିତଙ୍କ ସମେତ ଶିଖର ଧାୱନ, ଲୋକେଶ ରାହୁଲ, ରିଷଭ ପନ୍ତ ଓ ମନୀଷ ପାଣ୍ଡେ ବିଫଳ ହୋଇଥିଲେ। ଦୀନେଶ କାର୍ତ୍ତିକ ଓ ପଦାର୍ପଣ କରିଥିବା କ୍ରୁନାଲ ପାଣ୍ଡ୍ୟ ଉପଯୋଗୀ ବ୍ୟାଟିଂ କରି ଭାରତକୁ ଜିତାଇଥିଲେ।

ଦୁଇମାସ ହେବ ଭାରତ ଗସ୍ତରେ ଆସିଥିବା ୱେଷ୍ଟଇଣ୍ଡିଜ୍ ବିଜୟ ସହ ସ୍ୱଦେଶ ଫେରିବାକୁ ଚାହିଁବ। କିରନ ପୋଲାର୍ଡ ଓ ଡାରେନ ବ୍ରାଭୋ ପ୍ରତ୍ୟାବର୍ତ୍ତନ କରିବା ପରେ ଦଳ ମଜଭୁତ ହୋଇଛି। ଆହତ ହୋଇ ଆନ୍ଦ୍ରେ ରସେଲ ସିରିଜରୁ ବାଦ୍ ପଡିଛନ୍ତି। ବୋଲିଂରେ ୱେଷ୍ଟଇଣ୍ଡିଜ ଦମ୍‌ଦାର ପ୍ରଦର୍ଶନ କରି ଭାରତୀୟ ଟପ୍ ଅର୍ଡରର ବିପର୍ଯ୍ୟୟ ଘଟାଇଥିଲା। ତେବେ ବ୍ୟାଟିଂରେ ଦଳ ଫେଲ ମାରିଥିଲା। ଯାହାଫଳରେ ଦଳ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ତେଣୁ ତ୍ରୁଟି ସୁଧାରି ୱେଷ୍ଟଇଣ୍ଡିଜ ଦ୍ୱିତୀୟ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି। ଅନ୍ୟପଟେ ବ୍ୟାଟିଂରେ ସୁଧାର ଆଣି ଭାରତ ଏହି ମ୍ୟାଚ୍ ଜିତିବା ସହ ସିରିଜ ହାତେଇବା ଲକ୍ଷ୍ୟରେ ରହିଛି। ଫଳରେ ଏହି ମୁକାବିଲା ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

**ଆଜି ଦ୍ୱିତୀୟ ଟି୨୦**

- **ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶିଖର ଧାୱନ, କେ.ଏଲ୍ ରାହୁଲ, ଦୀନେଶ କାର୍ତ୍ତିକ, ମନୀଷ ପାଣ୍ଡେ, ରିଷଭ ପନ୍ତ୍ (ଉଇକେଟକିପର), କ୍ରୁନାଲ ପାଣ୍ଡ୍ୟା, ଯୁଜବେନ୍ଦ୍ର ଚହଲ, କୁଲ୍‌ଦୀପ ଯାଦବ, ଭୁବନେଶ୍ୱର କୁମାର, ଯଶପ୍ରୀତ ବୁମ୍‌ରା, କେ. ଖଲିଲ ଅହମ୍ମଦ।
- **ୱେଷ୍ଟଇଣ୍ଡିଜ ଦଳ:** କାର୍ଲୋସ ବ୍ରାଥ୍‌ୱେଟ୍ (ଅଧିନାୟକ), ଫାବିଏନ୍ ଆଲେନ୍, ଡାରେନ ବ୍ରାଭୋ, ସିମରନ ହେଟମେର, କିମୋ ପଲ୍, କିରନ ପୋଲାର୍ଡ, ଦୀନେଶ ରାମଦିନ (ଉଇକେଟକିପର), ଆନ୍ଦ୍ରେ ରସେଲ, ଶେରଫାନେ ରଥରଫୋର୍ଡ, ଓସାନେ ଥୋମାସ, ଖାରି ପିଏରେ, ଓବେଦ୍ ମ୍ୟାକ୍‌ରୟ, ରୋଭମାନ ପାୱେଲ, ନିକୋଲାସ ପୁରାନ।

ସ୍ଥାନ: ଲକ୍ଷ୍ନୌ
ସମୟ: ସନ୍ଧ୍ୟା ୭ଟା
**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ**


ଲକ୍ଷ୍ନୌରେ ପହଞ୍ଚିବା ପରେ ଅଧିନାୟକ ରୋହିତ ଶର୍ମା।

### ଦିଲ୍ଲୀ ରଣଜୀ ଦଳର ନେତୃତ୍ୱରୁ ଓହରିଲେ ଗମ୍ଭୀର



**ନୂଆଦିଲ୍ଲୀ,୫।୧୧(ପି.ଟି.):** ଗୌତମ ଗମ୍ଭୀର ଦିଲ୍ଲୀ ରଣଜୀ ଦଳର ନେତୃତ୍ୱ ପଦରୁ ଓହରି ଯାଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ପଦରେ ନୀତୀଶ ରାଣାଙ୍କୁ ନିଯୁକ୍ତ କରାଯାଇଛି। ‘‘ଜଣେ ଯୁବ ଖେଳାଳିଙ୍କୁ ନେତୃତ୍ୱ ଦାୟିତ୍ୱ ଦେବାର ସମୟ ଆସିଯାଇଛି। ଏଣୁ ଡିଡିସିଏ ନିକଟରେ ଦଳର ଅଧିନାୟକ ଲାଗି ମୋତେ ଚୟନ କରା ନ ଯାଉ ବୋଲି ନିବେଦନ କରିଥିଲି। ମୁଁ ନୂଆ ଅଧିନାୟକଙ୍କୁ ସାହାଯ୍ୟ କରିବି’’ ବୋଲି ଗମ୍ଭୀର ଟୁଇଟର ଜରିଆରେ କହିଛନ୍ତି। ୨୪ ବର୍ଷୀୟ ରାଣା ଜଣେ ମଧ୍ୟଭାଗର ବ୍ୟାଟ୍ସମ୍ୟାନ। ସେ ଏପର୍ଯ୍ୟନ୍ତ ୨୪ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ୪୬.୨୯ ହାରରେ ରନ୍ କରିଛନ୍ତି। ତାଙ୍କୁ ସହାୟତା ପାଇଁ ୨୬ ବର୍ଷୀୟ ଧ୍ରୁବ ଶୋରେଙ୍କୁ ଉପ ଅଧିନାୟକ ଭାର ଦିଆଯାଇଛି ବୋଲି ଡିଡିସିଏ ସଭାପତି ରଜତ ଶର୍ମା କହିଛନ୍ତି। ଗମ୍ଭୀର ଚଳିତ ସିଜନର ବିଜୟ ହଜାରେ ଟ୍ରଫି ଫାଇନାଲରେ ଦଳକୁ ପହଞ୍ଚାଇଥିଲେ। ସେ ପ୍ରାୟ ୫୦୦ ରନ୍ କରିଥିଲେ। ମାତ୍ର ୩୭ ବର୍ଷୀୟ ବ୍ୟାଟ୍ସମ୍ୟାନଙ୍କ ଏଭଳି ନିଷ୍ପତ୍ତିର କାରଣ ସ୍ପଷ୍ଟ ହୋଇନାହିଁ। ଅଧିକ ଦିନ ପର୍ଯ୍ୟନ୍ତ ସେ ଆଉ କ୍ରିକେଟ ଖେଳି ନ ପାରନ୍ତି ବୋଲି ସମ୍ଭାବନା ସୃଷ୍ଟି ହୋଇଛି।

# ପାକିସ୍ତାନର କ୍ଲିନ୍ ସୁଇପ୍


ବିଜୟ ହାସଲ ପରେ ଉଲ୍ଲସିତ ପାକିସ୍ତାନ ଦଳ।

**ଦୁବାଇ,୫।୧୧**

ଚଳିତ ସିଜନର ଟି୨୦ ଫର୍ମାଟରେ ପାକିସ୍ତାନ ଦଳ ତା’ର ଦବ୍‌ଦବା ଜାରି ରଖିଛି। ଦଳ ଏଠାରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ଅନ୍ତିମ ଟି୨୦ ମ୍ୟାଚ୍‌କୁ ୪୭ ରନ୍‌ରେ ଜିତିଛି। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଘରୋଇ ଦଳ କ୍ଲିନ ସୁଇପ ହାସଲ କରିଛି। ଏହା ପାକିସ୍ତାନ ଦଳର କ୍ରମାଗତ ୮ମ ମ୍ୟାଚ୍ ବିଜୟ। ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ଦଳ ମହମ୍ମଦ ହାଫିଜ ଓ ବାବାର ଆଜାମଙ୍କ ଅର୍ଦ୍ଧଶତକ ଯାଗୁ ଧାର୍ଯ୍ୟ ୨୦ ଓଭରରେ ୩ ଉଇକେଟ ହରାଇ ୧୬୬ ରନ୍ କରିଥିଲା। ଦଳ ପକ୍ଷରୁ ବାବର ୭୯ ରନ୍ କରିଥିବାବେଳେ ହାଫିଜ ଅପରାଜିତ ୫୩ ରନ୍ କରିଥିଲେ। ଭ୍ରମଣକାରୀ ଦଳ ପାଇଁ କଲିନ ଗ୍ରାଣ୍ଡହୋମ ୨ ଉଇକେଟ ନେଇଥିଲେ। ଜବାବରେ ଅଧିନାୟକ କେନ ୱିଲିୟମସନଙ୍କ ୬୦ ରନ୍‌ର ଇନିଂସ୍ ସତ୍ତ୍ୱେ ନ୍ୟୁଜିଲାଣ୍ଡ ଦଳ ୧୬.୫ ଓଭରରେ ୧୧୯ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଉଲ୍ଲେଖଥାଉ କି, ଏଥିପୂର୍ବରୁ ପାକିସ୍ତାନ ଦଳ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍‌ରେ ମଧ କ୍ଲିନ ସୁଇପ ହାସଲ କରିଥିଲା।

# ‘ଆଧୁନିକ ହକି ବହୁତ ଫାଷ୍ଟ ହୋଇଛି’

**ଭୁବନେଶ୍ୱର, ୫।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଏବେ ହକିରେ ବହୁତ ପରିବର୍ତ୍ତନ ଆସିଛି। ଆଧୁନିକ ହକି ଏବେ ଆଶାତୀତ ଦ୍ରୁତ ତଥା ଫାଷ୍ଟ ହୋଇଛି। ତେଣୁ ସମୟ ସହିତ ଆମକୁ ତାଳ ଦେଇ ଚାଲିବାକୁ ହେବ। ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ଭାରତ ପ୍ରାରମ୍ଭିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଯୁଗ୍ମ ଚାମ୍ପିୟନ ହୋଇ ସ୍ୱଦେଶ ଫେରିବା ପରେ ଭାରତୀୟ କୋଚ୍ ହରେନ୍ଦ୍ର ସିଂ ଏହି କଥା କହିଛନ୍ତି। ହକି ବିଶ୍ୱକପ୍ ଆୟୋଜନ ହେବାକୁ ଆଉ ମାତ୍ର ୩ ସପ୍ତାହରୁ କମ୍ ସମୟ ବାକି ରହିଛି। ଏହି ମେଗା ଇଭେଣ୍ଟ ପାଇଁ ଭାରତର ପ୍ରସ୍ତୁତି ଠିକ୍ ଦିଗରେ ରହିଛି। ଏବେ ଆମର ଅଭ୍ୟାସ ତଥା ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ସେ କହିଛନ୍ତି।

ଚାମ୍ପିୟନ୍ସ ଟ୍ରଫିରେ ଭାରତ ପ୍ରଦର୍ଶନ ଉପରେ ସେ ନିଜର ମତ ରଖିଥିଲେ। ବିଶ୍ୱକପ୍‌ରେ ଭାରତ ସମେତ ଏସିଆର ଅନ୍ୟ ଦେଶ ପାକିସ୍ତାନ, ମାଲେସିଆ, ଚାଇନା ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ତେବେ ଚାମ୍ପିୟନ୍ସ ଟ୍ରଫିରେ ମାଲେସିଆ ବିପକ୍ଷ ମ୍ୟାଚ୍‌କୁ ଭାରତ ଗୋଲଶୂନ୍ୟ ଭାବେ ଡ୍ର ରଖିଥିଲା। ଏହି ମୁକାବିଲାରେ ଭାରତର ପ୍ରଦର୍ଶନ ଆଶାନୁରୂପ ନ ଥିଲା ବୋଲି ସେ ସ୍ୱୀକାର କରିଥିଲେ। ଆମ ଷ୍ଟ୍ରାଇକରମାନେ ଆଦୌ ଭଲ ଖେଳି ନ ଥିଲେ କି ଅଧ ଡଜନ ସୁଯୋଗକୁ ଗୋଲ୍‌ରେ ପରିଣତ କରିପାରି ନ ଥିଲେ। ତେଣୁ ଷ୍ଟ୍ରାଇକରମାନଙ୍କୁ ଏକାଠି ହୋଇ ଅଧିକ ପରିଶ୍ରମ କରିବାକୁ ପଡିବ। ତେବେ ମାଲେସିଆ ଆମ ସର୍କଲକୁ ମାତ୍ର ୪ଥର ପ୍ରବେଶ କରିବାରେ ସକ୍ଷମ ହୋଇଥିଲା। ଡିଫେନ୍ସିଭ୍ ହେବା ଅପେକ୍ଷା ଆମକୁ ଆଗ୍ରେସିଭ୍ ହେବାକୁ ପଡିବ ବୋଲି ସେ କହିଛନ୍ତି। ଆଧୁନିକ ହକିରେ ଆମ ଖେଳାଳିମାନେ କୁଇକ୍ ଡିସିସନ ବା ଶୀଘ୍ର ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି। କାରଣ ପ୍ରତିପକ୍ଷ ଦଳ ସ୍କୋରିଂ ଜୋନ୍‌ରେ ଆମ ଷ୍ଟ୍ରାଇକରଙ୍କୁ ସମୟ ଓ ସ୍ଥାନ ଦେବାକୁ ଚାହିଁବନି।




ଦଳର ପ୍ରସ୍ତୁତି ଏବେ ଅନ୍ତିମ ପର୍ଯ୍ୟାୟରେ। ଦଳ ଶାରୀରିକ ଓ ମାନସିକ ଭାବେ ପ୍ରସ୍ତୁତ ରହିଛି। ତେବେ ଶିବିରରେ ଆମେ ଏବେ ଛୋଟ ଛୋଟ କଥା ଉପରେ ଧ୍ୟାନ ଦେବାକୁ ପ୍ରୟାସ କରିବୁ। ବକ୍ସରେ ଆମେ ସୁଯୋଗ ସୃଷ୍ଟି କରିବା ଉପରେ ଧ୍ୟାନ ଦେଉଛୁ। ତେବେ ଦଳର ଦୁର୍ବଳତା ନେଇ ଆମେ ଗଣମାଧ୍ୟମରେ ଆଲୋଚନା କରିବା ଠିକ୍ ନୁହେଁ ଓ ଏହା ବନ୍ଦ ଘରେ ଆଲୋଚନା କରାଯିବ। ତେବେ ଦଳରେ ସେଭଳି କୌଣସି ବଡ଼ଧରଣର ଦୁର୍ବଳତା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

କ୍ୟାମ୍ପରେ ୪ଜଣ ଓଡ଼ିଆ ଖେଳାଳି ସାମିଲ ରହିଛନ୍ତି। ତେବେ କେଉଁ ଖେଳାଳି ଅନ୍ତିମ ଏକାଦଶରେ ସ୍ଥାନ ପାଇବେ, ସେନେଇ କିଛି କହିହେବ ନାହିଁ। ଶ୍ରେଷ୍ଠ ଖେଳାଳିମାନଙ୍କୁ ନେଇ ଭାରତୀୟ ଦଳ ଗଠନ କରାଯିବ। କେଉଁ ରାଜ୍ୟ ଓ ସହରର ଖେଳାଳିଙ୍କୁ ସ୍ଥାନ ଦିଆଯିବ ସେକଥା କହିବା ଠିକ୍ ହେବନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ। ପେନାଲ୍ଟିକର୍ନର କନ୍‌ଭର୍ସନ ଭାରତର ୩୧ ପ୍ରତିଶତ ରହିଛି। ପୁଣି ହରମନପ୍ରୀତ ପେନାଲ୍ଟି କର୍ନର ଜରିଆରେ ସର୍ବାଧିକ ଗୋଲସ୍କୋର କରିଛନ୍ତି। ତେଣୁ ପେନାଲ୍ଟି କର୍ନରରେ ଭାରତର ଦୁର୍ବଳତା ଅଛି ବୋଲି କହିବା ଠିକ୍ ହେବନାହିଁ ବୋଲି କୋଚ୍ ସିଂ କହିଛନ୍ତି।

ଚାମ୍ପିୟନ୍ସ ଟ୍ରଫିରେ ଅନ୍ୟ ଦଳଗୁଡ଼ିକ ତୁଳନାରେ ଭାରତ ଅଧିକ ଶକ୍ତିଶାଳୀ ଥିଲା। ତେବେ ଗ୍ରାଉଣ୍ଡ ଉପରେ କୌଣସି ଦଳକୁ ହେୟ ମନେ କରିହେବ ନାହିଁ। ଇତିହାସ ଏହାର ସାକ୍ଷୀ ରହିଛି। ଅଲିମ୍ପିକ୍‌ରେ ଭାରତ ପୋଲାଣ୍ଡ ଭଳି ଦୁର୍ବଳ ଦଳ ବିପକ୍ଷରେ ମ୍ୟାଚ୍ ଡ୍ର’ ରଖି ପୋଡିୟମ ଫିନିଶ୍ କରିପାରି ନ ଥିଲା। ର୍‍ୟାଙ୍କିଙ୍ଗ୍‌ରେ ଉପରକୁ ଉଠିଲେ ଦଳ ଉପରେ ପ୍ରଶଂସକଙ୍କ ଆଶାର ମାତ୍ରା ବଢିଥାଏ। ତେବେ ର୍‍ୟାଙ୍କିଙ୍ଗ୍ ସବୁକିଛି ନୁହଁ ଓ ଏହାକୁ ନେଇ କିଛି ଆକଳନ କରିବା ବୋକାମି ହେବ। ଏହାର ସଦ୍ୟତମ ଉଦାହରଣ ହେଉଛି ମହିଳା ବିଶ୍ୱକପ୍ ଓ ଫୁଟ୍‌ବଲ ବିଶ୍ୱକପ୍। ମହିଳା ବିଶ୍ୱକପ୍‌ରେ ଆୟର୍ଲାଣ୍ଡ ଫାଇନାଲକୁ ଉଠିଥିଲା। ସେହିପରି ଫୁଟ୍‌ବଲ ବିଶ୍ୱକପ୍‌ରେ କ୍ରୋଏସିଆ ଭଳି ଲୋ ର୍‍ୟାଙ୍କ୍‌ର ଦଳ ଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଥିଲା। ତେଣୁ ଗୋଟିଏ ଦଳ ନିର୍ଦ୍ଦିଷ୍ଟ ଦିନରେ କିଭଳି ଖେଳୁଛି ଓ କି ଗେମ୍ ପ୍ଲାନ ଆପଣାଉଛି ତାହା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଆଧୁନିକ ହକି ଏବେ ବହୁତ ଫାଷ୍ଟ ହୋଇଗଲାଣି। କେଉଁ ଦଳ କିଭଳି ପ୍ରଦର୍ଶନ କରିବ ସେନେଇ ପୂର୍ବାନୁମାନ କରିବା କଷ୍ଟକର। ଏକ ନିର୍ଦ୍ଦିଷ୍ଟ ଦିନରେ ୨୬ ନମ୍ବର ଦଳ ବି ଶୀର୍ଷ ସ୍ଥାନରେ ଥିବା ଦଳକୁ ହରାଇପାରିବ। ନିକଟରେ ସ୍ପେନ୍‌ରେ ଖେଳାଯାଇଥିବା ଚତୁଃରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ଆୟର୍ଲାଣ୍ଡ ବଡ଼ ବଡ଼ ଦଳଗୁଡିକ ସହ ଇଂଲଣ୍ଡ ଓ ସ୍ପେନ୍ ଭଳି ଦଳକୁ ମଧ ହରାଇଥିଲା। ବିଶ୍ୱକପ୍‌ରେ କୌଣସି ଦଳକୁ ଦୁର୍ବଳ କିମ୍ବା ଶକ୍ତିଶାଳୀ ମନେ କରିହେବ ନାହିଁ। ଭାରତ ପୁଲ୍ ସି’ରେ ସ୍ଥାନିତ ହୋଇଛି। ଏହି ପୁଲ୍‌ରେ ଅଲିମ୍ପିକ୍ସ ରୌପ୍ୟ ବିଜେତା ବେଲ୍‌ଜିୟମ ଓ କାନାଡ଼ା ରହିଛି। ଏହି ଦଳଠାରୁ ଆମେ ପୂର୍ବରୁ ହାରିଛୁ। ସେହିପରି ଦକ୍ଷିଣ ଆଫ୍ରିକାକୁ ମଧ ଆଦୌ ହେୟ ମନେ କରିହେବ ନାହିଁ। ବୀରେନ୍ଦ୍ର ଲାକ୍ରା ଆହତ ହୋଇଥିଲେ। ତେବେ ଦଳର ଫିଜିଓ ଓ ଡକ୍ଟର ତାଙ୍କୁ ନେଇ ସ୍ଥିତି ସ୍ପଷ୍ଟ କରିବେ ବୋଲି ହରେନ୍ଦ୍ର କହିଥିଲେ।







**ଭୁବନେଶ୍ୱର:** ହକି ବିଶ୍ୱକପ୍ ଟିକେଟ୍ କିଣିସାରିବା ପରେ ଖୁସି ଜାହିର କରୁଛନ୍ତି ତିନି ଖେଳପ୍ରେମୀ। କାଉଣ୍ଟର ଆଗରେ ଭିଡ଼। **(ଫଟୋ: ବିକାଶ)**



“ହେଲିକପ୍ଟର ଦୁର୍ଘଟଣାରେ ଆମ କ୍ଲବ ମାଲିକ ଭିଚାଇ ଶ୍ରୀଭାଧନାପ୍ରଭାଙ୍କ ମୃତ୍ୟୁ ଘଟଣା ମୁଁ ସ୍ୱଚକ୍ଷୁରେ ଦେଖିଛି। ଏହା ମୋ ମନକୁ ସବୁବେଳେ ଆଚ୍ଛନ୍ନ କରି ରଖିବ ।
—କାସ୍ପର ସ୍କିମ୍‌ଚେଲ, ଲିସେଷ୍ଟର ଗୋଲ୍‌କିପର



“ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆଉ ଏକ ନୈରାଶ୍ୟଜନକ ପ୍ରଦର୍ଶନ ଦ୍ୱାରା ଆମ ବ୍ୟାଟ୍ସମ୍ୟାନଙ୍କ ଆତ୍ମବିଶ୍ୱାସ ଅଭାବ ଥିବା ସୂଚାଇ ଦେଉଛି ।
—ଆରୋନ୍ ଫିଞ୍ଚ, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ବିଶ୍ୱ ମହିଳା ଚେସ୍: ପଦ୍ମିନୀଙ୍କ ଅଭିଯାନ ଶେଷ

ଖନ୍ତି ମନସିୟସ୍କ (ରୁଷିଆ), ୫।୧୧ (ପି.ଟି.)- ଏଠାରେ ଆରମ୍ଭ ହୋଇଥିବା ବିଶ୍ୱ ମହିଳା ଚେସ୍ ଚାମ୍ପିୟନଶିପ୍‌ରେ ଓଡ଼ିଆ ଚେସ୍ ତାରକା ପଦ୍ମିନୀ ରାଉତଙ୍କ ଅଭିଯାନ ଶେଷ ହୋଇଛି। ସୋମବାର ଅନୁଷ୍ଠିତ ପ୍ରଥମ ରାଉଣ୍ଡ ବାଜିରେ ପଦ୍ମିନୀ ପରାଜୟ ସହ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଜାତୀୟ ଚାମ୍ପିୟନ ପଦ୍ମିନୀ ୧.୫-୨.୫ ପଏଣ୍ଟ ବ୍ୟବଧାନରେ କାଜାଖସ୍ତାନର ଝନସ୍ୟା ଅବଦୁମାଲିକଙ୍କ ନିକଟରୁ ପରାସ୍ତ ହୋଇଛନ୍ତି। ତେବେ ଗ୍ରାଣ୍ଡମାଷ୍ଟର ଦ୍ରୋଣାଭାଲି ହାରିକା ବିଜୟଲାଭ କରି ୨ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେ ୨.୫-୧.୫ ପଏଣ୍ଟରେ ଜର୍ଜିଆର ସୋପିକୋ ଗୁରାମିଶଭିଲିଙ୍କୁ ହରାଇ ଦେଇଛନ୍ତି। ଅନ୍ୟତମ ଭାରତୀୟ ଖେଳାଳି କୋନେରୁ ହମ୍ପି ମଧ ୨ୟ ରାଉଣ୍ଡରେ ସ୍ଥାନ ହାସଲ କରିଛନ୍ତି। ହାରିକା ଓ ହମ୍ପି ଦୁଇ ଭାରତୀୟ ଖେଳାଳିଭାବେ ୪ ଲକ୍ଷ ୫୦ ହଜାର ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଏହି ପ୍ରତିଯୋଗିତାର ରାଉଣ୍ଡ-୩୨ରେ ପହଞ୍ଚିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ହମ୍ପି ପୋଲାଣ୍ଡର ଜୋଲାଣ୍ଟ ଜାୱୱକା ଓ ହାରିକା ଜର୍ଜିଆର ବେଲା ଖୋଟେନଶଭିଲିଙ୍କୁ ଭେଟିବେ।

### ଡେୟାରଡେଭିଲ୍ସ ପକ୍ଷରୁ ଖେଳିବେ ଧାୱନ

**ନୂଆଦିଲ୍ଲୀ,୫।୧୧(ପି.ଟି.):** ଆଇପିଏଲର ଆଗାମୀ ସଂସ୍କରଣରେ ଭାରତୀୟ ଓପନର ଶିଖର ଧାୱନ ଦିଲ୍ଲୀ ଡେୟାରଡେଭିଲ୍ସ ପକ୍ଷରୁ ଖେଳିବା ସୋମବାର ସ୍ପଷ୍ଟ ହୋଇଛି। ଖେଳାଳି ଅଦଳ ବଦଳ ପ୍ରକ୍ରିୟାରେ ଦିଲ୍ଲୀ ଫ୍ରାଞ୍ଚାଇଜ୍ ପ୍ରସ୍ତାବକୁ ସନରାଇଜର୍ସ ହାଇଦ୍ରାବାଦ ସ୍ୱୀକାର କରି ନେଇଛି। ଫଳରେ ୧୦ ବର୍ଷ ପରେ ନିଜ ଘରୋଇ ଦଳକୁ ପ୍ରତିନିଧିତ୍ୱ କରିବେ ଧାୱନ। ବରିଷ୍ଠ ଓପନରଙ୍କ ବଦଳରେ ଦିଲ୍ଲୀ ଦଳ ଅଲରାଉଣ୍ଡର ବିଜୟ ଶଙ୍କର, ସ୍ପିନର ଶାହାବାଜ ନଦୀମ ଓ ଅଭିଷେକ ଶର୍ମା ସନରାଇଜର୍ସ ଦଳକୁ ଦେଇଛି। ଚଳିତ ବର୍ଷ ଅନୁଷ୍ଠିତ ଖେଳାଳିଙ୍କ ନିଲାମ ପ୍ରକ୍ରିୟାରେ ଧାୱନଙ୍କୁ ହାଇଦ୍ରାବାଦ ଦଳ ରାଇଟ୍ ଟୁ ମ୍ୟାଚ୍ କାର୍ଡ (ଆରଟିଏମ୍) ଜରିଆରେ ୫.୨ କୋଟି ଟଙ୍କାରେ କିଣିଥିଲା।

### ଶୀର୍ଷକୁ ଫେରିଲେ ଜୋକୋଭିଚ୍

**ପ୍ୟାରିସ, ୫।୧୧(ଏଏଫ୍‌ପି):** ସର୍ବିୟା ଟେନିସ ତାରକା ନୋଭାକ ଜୋକୋଭିଚ୍ ଦୀର୍ଘ ୨ ବର୍ଷର ବ୍ୟବଧାନ ପରେ ବିଶ୍ୱ ର୍ୟାଙ୍କିଙ୍ଗ ତାଲିକାର ଶୀର୍ଷ ସ୍ଥାନକୁ ଫେରିଛନ୍ତି। ପାଞ୍ଚମାସ ତଳେ ଜୋକୋଭିଚ୍ ତାଙ୍କ ୧୨ ବର୍ଷର କ୍ୟାରିୟର ମଧ୍ୟରେ ସବୁଠୁ ନିମ୍ନ ସ୍ଥାନକୁ ଖସିଯାଇଥିଲେ। ତେବେ ଚଳିତ ସିଜନ ଅନ୍ତିମ ଭାଗରେ ପ୍ରଭାବୀ ପ୍ରଦର୍ଶନ ଯୋଗୁ ୧୪ଥର ମେଜର ଟାଇଟଲ ବିଜେତା ଜୋକୋଭିଚ୍ ଏକ ନମ୍ବର ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିବାରେ ସଫଳ ହୋଇଛନ୍ତି। ୩୧ ବର୍ଷୀୟ ଜୋକୋଭିଚ୍ ଚଳିତ ବର୍ଷ ପ୍ରାରମ୍ଭରେ କହୁଣି ଅସ୍ତ୍ରୋପଚାର ଯୋଗୁ କିଛି ଟୁର୍ନାମେଣ୍ଟ ଖେଳିପାରି ନ ଥିଲେ। ସେହିଭଳି ଫ୍ରେଞ୍ଚ ଓପନ୍ କ୍ୱାର୍ଟର ଫାଇନାଲରୁ ହାରିବା କାରଣରୁ ସେ ବିଶ୍ୱ ମାନ୍ୟତାର ୨୨ତମ ସ୍ଥାନକୁ ଖସିଯାଇଥିଲେ। କିନ୍ତୁ ଏହାପରେ ୱିମ୍ବଲଡନ ଓ ୟୁଏସ୍ ଓପନ୍ ଟାଇଟଲ ସମେତ ସିନ୍‌ସିନାଟି ମାଷ୍ଟର୍ସ ବିଜୟୀ ହେବାପରେ ଜୋକୋଭିଚଙ୍କ ମାନ୍ୟତାରେ ଉନ୍ନତି ଘଟିଛି।

### ବେଙ୍ଗାଲୁରୁ ବିଜୟୀ

**କୋଚି, ୫।୧୧ (ପି.ଟି.):** ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ)ରେ ସୋମବାର ଖେଳାଯାଇଥିବା ଏକ ମ୍ୟାଚରେ ବେଙ୍ଗାଲୁରୁ ଏଫ୍‌ସି ୨-୧ ଗୋଲରେ କେରଳ ବ୍ଲାଷ୍ଟର୍ସକୁ ପରାସ୍ତ କରିଛି। ଏହି ବିଜୟ ଦ୍ୱାରା ଦଳ କେରଳ ବ୍ଲାଷ୍ଟର୍ସ ବିପକ୍ଷରେ ଅଲ୍-ୱିନ୍ ରେକର୍ଡ ବଜାୟ ରଖିଛି। ଅଧିନାୟକ ସୁନୀଲ ଛେତ୍ରୀ ୧୭ତମ ମିନିଟ୍‌ରେ ଗୋଲ ସ୍କୋର କରି ବେଙ୍ଗାଲୁରୁକୁ ଅଗ୍ରଣୀ କରାଇଥିଲେ। ମାତ୍ର ୩୦ତମ ମିନିଟ୍‌ରେ ଏକ ସ୍ୱଟ କିକ୍ ଦ୍ୱାରା କେରଳ ଦଳ ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲା। ୮୦ତମ ମିନିଟ୍‌ରେ ନିରୋଲା କ୍ରାମାରେଭିଚ୍‌ଙ୍କ ଆତ୍ମଘାତୀ ଗୋଲ ଯୋଗୁ ଭ୍ରମଣକାରୀ ଦଳ ମ୍ୟାଚ ଜିତିନେଇଥିଲା। ଏହା ଦ୍ୱାରା ବେଙ୍ଗାଲୁରୁ ଏଫ୍‌ସି ବର୍ତ୍ତମାନ ସୁଦ୍ଧା ଏହାର ସମସ୍ତ ଆୱେ ମ୍ୟାଚରେ କ୍ରମାଗତ ବିଜୟ ହାସଲ କରିଛି। ଏହାଛଡ଼ା ଆଇଏସଏଲରେ ଏପର୍ଯ୍ୟନ୍ତ କେରଳ ବ୍ଲାଷ୍ଟର୍ସ ବିପକ୍ଷରେ ଖେଳିଥିବା ସମସ୍ତ ତିନୋଟି ମ୍ୟାଚରେ ମଧ ଜିତିବାରେ ସଫଳ ହୋଇଛି।

# ଶିଲଂ ଲାଜଂକୁ ହରାଇଲା ଆରୋଜ

**କଟକ ଅଫିସ, ୫।୧୧**

ଭାରତୀୟ ଘରୋଇ ଫୁଟବଲ ଟୁର୍ନାମେଣ୍ଟ ଆଇ-ଲିଗ୍‌ରେ ବାରବାଟୀ ଷ୍ଟାଡିୟମକୁ ଘରୋଇ ଗ୍ରାଉଣ୍ଡ କରିଥିବା ଇଣ୍ଡିଆନ ଆରୋଜ ଦଳ ସୋମବାର ଖେଳିଥିବା ମ୍ୟାଚ୍‌ରେ ବିଜୟୀ ହୋଇଛି। ଶିଲଂ ଲାଜଂ ବିପକ୍ଷରେ ଅନୁଷ୍ଠିତ ଏହି ମ୍ୟାଚ୍‌ଟି ସଂଘର୍ଷପୂର୍ଣ୍ଣ ହୋଇଥିଲା। ଆରୋଜ ଶେଷରେ ୧-୦ ଗୋଲରେ ଜିତିଥିଲା। ଦଳ ପକ୍ଷରୁ ଏକ ମାତ୍ର ଗୋଲ ସ୍କୋର

**ଆଇ-ଲିଗ୍**

କରିଥିବା ଆଶିଷ ରାୟ ପ୍ଲେୟାର ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ।

ଶିଲଂ ଲାଜଂ ଆକ୍ରମଣାତ୍ମକ ଶୈଳୀରେ ଖେଳିବା ସହ ପ୍ରଥମ କିଛି ମିନିଟ ନିଜ ଅକ୍ତିଆରରେ ବଲକୁ ରଖିଥିଲା। ମାତ୍ର କିଛି ସମୟ ମଧ୍ୟରେ ଖେଳର ଦୃଶ୍ୟପଟ୍ଟ ବଦଳି ଯାଇଥିଲା। ଆରୋଜ ଖେଳାଳିମାନେ ଶିଲଂ ଲାଜଂ ଗୋଲ ପୋଷ୍ଟ ଉପରେ ବାରମ୍ବାର ଆକ୍ରମଣ କରି ଚାପ ସୃଷ୍ଟି କରିଥିଲେ। ୧୧ତମ ମିନିଟରେ ଆରୋଜ ଡିଫେଣ୍ଡର ଆଶିଷ ରାୟ ଏକ ଚମତ୍କାର ଶଟ୍ ମାରି ଗୋଲ ଦେବାରେ ସଫଳ ହୋଇଥିଲେ। ୧୬ତମ ମିନିଟରେ ଶିଲଂ ଲାଜଂକୁ






ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। ଫାଓ ସଭାପତି ଦେବାଶିଷ ସାମନ୍ତରାୟ ପ୍ଲେୟାର ଅଫ ଦି ମ୍ୟାଚ୍ ଆଶିଷ ରାୟଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି। **(ଫଟୋ: ରାଜକିଶୋର)**

ପ୍ରଥମ ଫ୍ରି-କିକ୍ ମିଳିଥିଲା। ଅଧିନାୟକ ସାମୁଏଲ୍ସ କିକ୍ ମାରିଥିଲେ ମଧ ଆରୋଜ ଗୋଲକିପର ପ୍ରଭୁକ୍ଷଣ ଗିଲ୍ ଏହାକୁ ରୋକିବାରେ ସମର୍ଥ ହୋଇଥିଲେ। ପ୍ରଥମାର୍ଦ୍ଧରେ ଶିଲଂ ଲାଜଂ ଦଳ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ ମଧ ବିଫଳ ହୋଇଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭର କିଛି ମିନିଟ ମଧ୍ୟରେ ଶିଲଂ ଲାଜଂ ପ୍ରଥମ କର୍ନର କିକ୍‌ର ସୁଯୋଗ ପାଇଥିଲା। ମାତ୍ର ଆରୋଜ ଡିଫେଣ୍ଡରମାନେ ବଲକୁ ସହଜରେ ଏଡାଇ ଦେଇଥିଲେ। ଶିଲଂ ଲାଜଂ ପକ୍ଷରୁ ବାରମ୍ବାର ଆକ୍ରମଣ ହେଉଥିଲେ ମଧ ଦୁର୍ଭାଗ୍ୟବଶତଃ କୌଣସି ଗୋଲ ହୋଇପାରି ନ ଥିଲା। ଅତିରିକ୍ତ ୯୨ତମ ମିନିଟରେ ଏକ ନିଶ୍ଚିତ ଗୋଲ ସୁଯୋଗ ମଧ ଶିଲଂ ଲାଜଂ ହାତଛଡ଼ା କରିଥିଲା। ଆରୋଜ ଖେଳାଳି ଅନିକେତ ଯାଦବଙ୍କୁ ୫୯ତମ ମିନିଟରେ ହଳଦିଆ କାର୍ଡ ମିଳିଥିଲା। ଆସନ୍ତା ୧୦ତାରିଖରେ ଆରୋଜ ପରବର୍ତ୍ତୀ ମ୍ୟାଚ୍ ଶକ୍ତିଶାଳୀ ମୋହନବାଗାନ ବିପକ୍ଷରେ ବାରବାଟୀରେ ଖେଳିବ। ପରାଜୟ ନେଇ ଶିଲଂ ଲାଜଂ କୋଚ୍ କେ.ଆଲିସନ କହିଥିଲେ, ଦଳ ଭଲ ଖେଳିଥିଲେ ମଧ ଜିତିପାରି ନ ଥିଲା। ଭାଗ୍ୟ ଆମ ସହ ନ ଥିଲା ଭଳି ମନେହେଉଛି। ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକରେ କିଛି ତ୍ରୁଟି ସୁଧାରିବାକୁ ଚେଷ୍ଟା କରିବୁ ବୋଲି ଆଲିସନ କହିଥିଲେ। ଆରୋଜ ଦଳ କୋଚ୍ ଫ୍ଲଏଡ୍ ପିଣ୍ଟୋ କହିଥିଲେ, ଦଳ ପ୍ରଥମ ମ୍ୟାଚ୍ ବିଜୟୀ ହେବା ଫଳରେ ମନୋବଳ ଦୃଢ଼ ହୋଇଛି। ପରବର୍ତ୍ତୀ ମ୍ୟାଚ୍ ଶକ୍ତିଶାଳୀ ମୋହନବାଗାନ ବିପକ୍ଷରେ ରହିଥିବାରୁ ଖେଳାଳିମାନଙ୍କ ଭିତରେ ସମନ୍ୱୟ ରକ୍ଷା ପାଇଁ ବିଶେଷଭାବେ ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।

## ଚାଇନା ଓପନ୍ ବ୍ୟାଡ୍‌ମିଣ୍ଟନ
### ପ୍ରଥମେ ଏଭ୍‌ଜେନିୟାଙ୍କୁ ଭେଟିବେ ସିନ୍ଧୁ

**ଫୁଝୋ (ଚାଇନା), ୫।୧୧ (ପି.ଟି.):** ଚଳିତ ବର୍ଷ ଏକ ଟାଇଟଲ ସନ୍ଧାନରେ ଥିବା ଭାରତର ଟପ୍ ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଚାଇନା ଓପନର ପ୍ରଥମ ରାଉଣ୍ଡରେ ମଙ୍ଗଳବାର ରୁଷିଆର ଏଭେଜେନିୟା କୋସେଟ୍ସକାୟାଙ୍କୁ ଭେଟିବେ। ଅଲିମ୍ପିକ ରୌପ୍ୟ ପଦକ ବିଜୟିନୀ ସିନ୍ଧୁ ଚଳିତ ବର୍ଷ ୫ ଥର ରନର୍ସଅପ୍ ହୋଇଛନ୍ତି। ବିଡବ୍ଲୁଏଫ୍ ୱାର୍ଲ୍ଡ ଟୁର୍ ସୁପର ୭୫୦ରେ ତୃତୀୟ ସିଡ୍ ମାନ୍ୟତା ଲାଭ କରିଛନ୍ତି। ପ୍ରଥମ ରାଉଣ୍ଡରେ ସେ ଅଣ ସିଡ୍ ତଥା ବିଶ୍ୱର ୩୦ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳିଙ୍କୁ ସାମ୍ନା କରିବାକୁ ଥିବାରୁ ତାଙ୍କୁ ଅଧିକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ପ୍ରତିଯୋଗିତାରେ ବିଶ୍ୱର ୩ ନମ୍ବର ଖେଳାଳି ସିନ୍ଧୁ ଏବଂ ଜାପାନର ନୋଜୋମି ଓକୁହାରା ଯଦି ସେମାନଙ୍କ ମ୍ୟାଚଗୁଡ଼ିକରେ ବିଜୟ ହାସଲ କରନ୍ତି ତେବେ ଉଭୟେ ପରସ୍ପରକୁ ସେମି ଫାଇନାଲରେ ଭେଟି ପାରନ୍ତି। ଡ୍ର'ର ଅନ୍ୟପଟେ ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ ସ୍ପେନ୍‌ର କାରୋଲିନା ମାରିନ୍ ଏବଂ ଜାପାନର ତଥା ବିଶ୍ୱର ୨ ନମ୍ବର ଖେଳାଳି ଆକାନେ ୟାମାଗୁଚି ସ୍ଥାନ ପାଇଛନ୍ତି। ମହିଳା ସିଙ୍ଗଲ୍ସରେ ଅନ୍ୟ ଜଣେ ଭାରତୀୟ ବୈଷ୍ଣବୀ ରେଡ୍ଡୀ ଜାକ୍କା ବୁଧବାର ଥାଇଲାଣ୍ଡର ପର୍ନପାୱି ଚୋଚୁଓଙ୍ଗଙ୍କ ସହିତ ମୁକାବିଲା କରିବେ। ସେହିପରି ମହିଳା ଡବଲ୍ସ ଯୋଡ଼ି ଅଶ୍ୱିନୀ ପୋନାପ୍ପା ଓ ଏନ. ସିକ୍କି ରେଡ୍ଡୀ ମଙ୍ଗଳବାର ସେମାନଙ୍କ ଅଭିଯାନ ଆରମ୍ଭ କରିବେ।

# ଟି୧୦ ଲିଗ୍ ଖେଳିବେ ଜାହିର, ମୁନାଫ

**ଦୁବାଇ, ୫।୧୧(ପି.ଟି.)**

ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ରେ ହେବାକୁ ଥିବା ଟି୧୦ ଲିଗ୍‌ର ବିଭିନ୍ନ ଫ୍ରାଞ୍ଚାଇଜ୍ ତରଫରୁ ପ୍ରତିନିଧିତ୍ୱ କରିବାକୁ ଥିବା ୮ ଭାରତୀୟ ଖେଳାଳିଙ୍କ ମଧ୍ୟରେ ପୂର୍ବତନ ପେସ୍ ବୋଲର ଜାହିର ଖାଁ, ମୁନାଫ ପଟେଲ ଓ ପ୍ରବୀଣ ଆମ୍ରେ



ଜାହିର ଖାଁ

ଅଛନ୍ତି। ବେଙ୍ଗଲ ଟାଇଗର୍ସ ଜାହିରଙ୍କୁ ନେଇଥିବାବେଳେ ପ୍ରବୀଣ ପଞ୍ଜାବୀ ଲିଜେଣ୍ଡ୍ସ ପକ୍ଷରୁ ଖେଳିବେ। ଟି୧୦ ଲିଗ୍ ଶାରଜା କ୍ରିକେଟ ଷ୍ଟାଡିୟମରେ ନଭେମ୍ବର ୨୧ରୁ ଡିସେମ୍ବର ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିପରି ଏସ୍. ବଦ୍ରିନାଥ ମରାଠା ଆର୍‌ବିଏନ୍ସ ତରଫରୁ ଖେଳିବାକୁ ଥିବାବେଳେ ଗତବର୍ଷର ଚାମ୍ପିୟନ କେରଳ କିଙ୍ଗ୍ସ ରୀତିନ୍ଦର ସିଂ ସୋଧିଙ୍କୁ ନେଇଛି। ପାଖତୁନ୍ସ ଆର୍.ପି. ସିଂଙ୍କୁ ମନୋନୀତ କରିଥିବାବେଳେ ମୁନାଫାଙ୍କୁ ରାଜପୁତ୍‌ସ ଟିମ୍ ନେଇଛି। ନବାଗତ କରାଚିଆନ୍ସ ପ୍ରବୀଣ ତାମ୍ବେଙ୍କୁ ଦଳରେ ନେଇଥିବାବେଳେ ନର୍ଦର୍ନ ୱାରିୟର୍ସ ଅମିତୋଜ ସିଂଙ୍କୁ ନେଇ ଖେଳିବ। ଜାହିର ଖାଁ ତାଙ୍କ ୧୪ ବର୍ଷର କ୍ୟାରିୟରରେ ଟେଷ୍ଟ କ୍ରିକେଟରେ ୩୧୧ ଓ ଅନ୍ତର୍ଜାତୀୟ ଦିନିକିଆରେ ୨୮୧ ଏବଂ ଟି୨୦ରେ ୧୭ ଉଇକେଟ ନେଇଛି। ଭାରତୀୟଙ୍କ ମଧ୍ୟରେ ସେ ସବୁଠାରୁ ଦାମୀ ଖେଳାଳି ହୋଇଛନ୍ତି। ଟି୧୦ ଲିଗ୍‌ର ଚେୟାରମ୍ୟାନ ଶାଜି ଉଲ୍ ମୁଲକ୍ କହିଛନ୍ତି, ଟି୧୦ ଲିଗ୍‌କୁ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ପ୍ରତିଯୋଗିତାରେ ବହୁ ଜଣାଶୁଣା ଭାରତୀୟ ଖେଳାଳିଙ୍କୁ ସାମିଲ କରାଯାଇଛି। ୧୦ ଓଭର ଫର୍ମାଟ୍ କ୍ରିକେଟ ମ୍ୟାଚ୍‌ଗୁଡ଼ିକ ୯୦ ମିନିଟ୍ ବିଶିଷ୍ଟ। ମୁଲକ୍ କହିଛନ୍ତି, ଏହି ଟି୧୦ ଲିଗ୍ ହେଉଛି ବିଶ୍ୱର ପ୍ରଥମ ୧୦ ଓଭରବିଶିଷ୍ଟ ଅନ୍ତର୍ଜାତୀୟ ପ୍ରଫେସନାଲ କ୍ରିକେଟ ଲିଗ୍। ଏହାର ଆୟୋଜନ ପାଇଁ ଏମିରେଟ୍ସ କ୍ରିକେଟ ବୋର୍ଡ (ଇସିବି) ଲାଇସେନ୍ସ ହାସଲ କରିଛି। ଦକ୍ଷିଣ ଏସିଆ, ମଧ୍ୟପ୍ରାଚ୍ୟ ଏବଂ ଉତ୍ତର ଆଫ୍ରିକାରେ ୩ ବର୍ଷ ଲାଗି ଏହି ଟୁର୍ନାମେଣ୍ଟର ପ୍ରସାରଣ ପାଇଁ ଇସିବି ସ୍ୱତ୍ୱାଧିକାର ହାସଲ କରିଛି। ୨୦୧୮ ସଂସ୍କରଣରେ ୨୯ଟି ମ୍ୟାଚ୍ ଖେଳାଯିବ। ଏଥିରେ ୮ଟି ଦଳ ଦୁଇଟି ଗ୍ରୁପ୍‌ରେ ବିଭକ୍ତ ହୋଇ ଖେଳିବେ।

# ବାଂଲାଦେଶର ଟାର୍ଗେଟ୍ ୩୨୧

**ସିଲହଟ, ୫।୧୧(ପି.ଟି.):** ସ୍ଥାନୀୟ ଆନ୍ତର୍ଜାତିକ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ଜିମ୍ବାୱେ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ବାଂଲାଦେଶ ବଡ଼ ଚ୍ୟାଲେଞ୍ଜ୍‌ର ସମ୍ମୁଖୀନ ହୋଇଛି। ପ୍ରଥମ ଇନିଂସ୍‌ରେ ୧୩୯ ରନ୍‌ର ଅଗ୍ରଣୀ ହାସଲ କରିଥିବା ଜିମ୍ବାୱେ ଦ୍ୱିତୀୟ ଇନିଂସ୍‌ରେ ୧୮୧ ରନ୍ କରି ଅଲଆଉଟ ହୋଇଥିଲା। ଫଳରେ ବାଂଲାଦେଶ ସମ୍ମୁଖରେ ୩୨୧ ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଜବାବରେ ବ୍ୟାଟିଂ ଆରମ୍ଭ କରି ବାଂଲାଦେଶ ସୋମବାର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୧୦.୧ ଓଭରରେ କୌଣସି ଉଇକେଟ ନ ହରାଇ ୨୬ ରନ୍ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଦୁଇଦିନ ବାକି ଥିବା ବେଳେ ବାଂଲାଦେଶ ୧୦ ଉଇକେଟ ହାତରେ ରଖି ଆଉ ୨୯୫ ରନ୍ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ଦୁଇ ଓପନର ଲିଟନ ଦାସ ୧୪ ଓ ଇମ୍ରୁଲ କାଏସ ୧୨ ରନ୍ କରି ଅପରାଜିତ ରହିଛନ୍ତି। ବାଂଲାଦେଶ ବାମହାତୀ ସ୍ପିନର ତାଇଜୁଲ ଇସ୍‌ଲାମ ଏହି ମ୍ୟାଚ୍‌ରେ ଏପର୍ଯ୍ୟନ୍ତ ୧୧ଟି ଉଇକେଟ ହାସଲ କରିଛନ୍ତି। ପୂର୍ବରୁ ଟସ୍ ଜିତି ଜିମ୍ବାୱେ ପ୍ରଥମ ଇନିଂସ୍‌ରେ ୨୮୨ ରନ୍ ସଂଗ୍ରହ କରିଥିଲା। ଜବାବରେ ବାଂଲାଦେଶ ପ୍ରଥମ ଇନିଂସ୍‌ରେ ୧୪୩ ରନ୍ କରି ପଛରେ ପଡିଥିଲା। ଏହାପରେ ଜିମ୍ବାୱେ ଦ୍ୱିତୀୟ ଇନିଂସ୍‌ରେ ୧୮୧ ରନ୍ କରି ଅଲ୍‌ଆଉଟ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଜିମ୍ବାୱେ ପ୍ରଥମ ଇନିଂସ୍- ୨୮୨।
ବାଂଲାଦେଶ ପ୍ରଥମ ଇନିଂସ୍- ୧୪୩।
ଜିମ୍ବାୱେ ଦ୍ୱିତୀୟ ଇନିଂସ୍- ୧୮୧।
ବାଂଲାଦେଶ ଦ୍ୱିତୀୟ ଇନିଂସ- ୧୦.୧ ଓଭରରେ ୨୬/୦
(ଲିଟନ- ୧୪, ଇମ୍ରୁଲ- ୧୨)।

# ସୁବ୍ରତଙ୍କୁ ସିନିୟର ବିଲିୟାର୍ଡ୍ସ ଟାଇଟଲ୍

**କଟକ ଅଫିସ,୫।୧୧**

କଟକ କ୍ଲବରେ ଚାଲିଥିବା ଜୁନିୟର, ସିନିୟର ବିଲିୟାର୍ଡସ ଓ ସ୍ନୁକର ରାଜ୍ୟ ଚାମ୍ପିୟନଶିପର ସିନିୟର ବିଲିୟାର୍ଡସ ବିଭାଗରେ ସୁବ୍ରତ ଦାସ ୪-୩ ଫ୍ରେମରେ କୁନାଲ ଅଗ୍ରୱାଲଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ଏହି ବିଜୟ ସହ ସୁବ୍ରତ ୮ମ ରାଜ୍ୟ ର୍ୟାଙ୍କିଙ୍ଗ ବିଲିୟାର୍ଡସ ଟାଇଟଲ ଜିତିଛନ୍ତି। ପ୍ରଥମ ଫ୍ରେମରେ(୧୫୨-୧୧୦) ସୁବ୍ରତ ସହଜରେ ବିଜୟୀ ହେବା ସହ ୧-୦ରେ ଅଗ୍ରଣୀ ନେଇଥିଲେ। ମାତ୍ର ଏହା ପରବର୍ତ୍ତୀ ୩ଟି ଯାକ ଫ୍ରେମ(୬୯-୧୫୧, ୧୩୬-୧୫୦, ୧୧୬-୧୫୨) କୁନାଲଙ୍କ ସପକ୍ଷରେ ରହିଥିଲା। କୁନାଲ ଚମତ୍କାର ଭାବେ ଖେଳିବା ସହ ମ୍ୟାଚ୍‌କୁ ୩-୧ ସ୍ଥିତିରେ ପହଞ୍ଚାଇଥିଲେ। ଟାଇଟଲର ନିକଟବର୍ତ୍ତୀ ହେଉଥିବା ବେଳେ କୁନାଲଙ୍କ ନିକଟରୁ ସୁବ୍ରତ ମ୍ୟାଚ୍ ଛଡ଼ାଇ ନେଇଥିଲେ। ପରବର୍ତ୍ତୀ ୨ଟି ଯାକ ଫ୍ରେମ(୧୫୧-୧୦୨, ୧୫୦-୮୪)ରେ ସୁବ୍ରତ ବିଜୟୀ ହେବା ଯୋଗୁ ୩-୩ ସ୍ଥିତିରେ ମ୍ୟାଚ୍ ପହଞ୍ଚିଥିଲା। ନିର୍ଣ୍ଣାୟକ ଅନ୍ତିମ ଫ୍ରେମକୁ(୧୫୧-୧୧୫) ଜିତି ସୁବ୍ରତ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଆସନ୍ତା ୮ ତାରିଖରୁ ସିନିୟର ସ୍ନୁକର ପ୍ରତିଯୋଗିତା ଆରମ୍ଭ ହେବ।



# ନଳିନୀକାନ୍ତ ମହାନ୍ତି ସ୍ମାରକୀ ବ୍ୟାଡ୍‌ମିଣ୍ଟନ ୨୨ରୁ

**ଭୁବନେଶ୍ୱର, ୫।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ଆମେଚର ବ୍ୟାଡ୍‌ମିଣ୍ଟନ କ୍ଲବ (ଏବିସି) ଆନୁକୂଲ୍ୟରେ ୫ମ ନଳିନୀକାନ୍ତ ମହାନ୍ତି ସ୍ମାରକୀ ରାଜ୍ୟ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ନଭେମ୍ବର ୨୨ରୁ ଆରମ୍ଭ ହେବ। ପ୍ରାକ୍ତନ ମନ୍ତ୍ରୀ ତଥା କ୍ରୀଡ଼ାପ୍ରେମୀ ସ୍ୱର୍ଗତ ନଳିନୀକାନ୍ତ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତା ଭୁବନେଶ୍ୱରସ୍ଥିତ ଇଷ୍ଟକୋଷ୍ଟ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସ, ମହିଳା ସିଙ୍ଗଲ୍ସ ଓ ଡବଲ୍ସ, ୧୯ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଓ ଡବଲ୍ସ, ୧୭ ବର୍ଷରୁ କମ୍ ବାଳିକା/ବାଳକ ସିଙ୍ଗଲ୍ସ ଓ ଡବଲ୍ସ, ୧୫ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଓ ପୁରୁଷ ଭେଟେରାନ (୪୫ ବର୍ଷରୁ ଊର୍ଦ୍ଧ୍ୱ) ଡବଲ୍ସ ଏହିପରି ମୋଟ୍ ୧୧ଟି ବିଭାଗରେ ପ୍ରତିଯୋଗିତା ଖେଳାଯିବ ବୋଲି ଆୟୋଜକ ଏବିସି ପକ୍ଷରୁ କୁହାଯାଇଛି। ଟୁର୍ନାମେଣ୍ଟର ଚାମ୍ପିୟନ, ରନର୍ସଅପ୍ ଓ ଅନ୍ୟ କୃତୀ ପ୍ରତିଯୋଗୀଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଟୁର୍ନାମେଣ୍ଟର ମୋଟ୍ ପୁରସ୍କାର ରାଶି ବାବଦକୁ ୩ ଲକ୍ଷ ଟଙ୍କା ରଖାଯାଇଛି। ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ସ୍ୱୀକୃତିପ୍ରାପ୍ତ ଏହି ଟୁର୍ନାମେଣ୍ଟରେ ସିଙ୍ଗଲ୍ସ ଓ ଡବଲ୍ସ ପାଇଁ ଯଥାକ୍ରମେ ୪୦୦ ଓ ୮୦୦ ଟଙ୍କା ପ୍ରବେଶିକା ଦେୟ ରଖାଯାଇଛି। ଜଣେ ପ୍ରତିଯୋଗୀ ଦୁଇଟିରୁ ଅଧିକ ବିଭାଗରେ ଭାଗ ନେଇପାରିବେ ନାହିଁ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଥିବା ଖେଳାଳି ନିର୍ଦ୍ଧାରିତ ପ୍ରବେଶିକା ଦେୟ ଡିମାଣ୍ଡ ଡ୍ରାଫ୍ଟ କିମ୍ବା ଏବିସିର ୱେବସାଇଟ୍ (ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ଡଟ୍ ଏବିସିବିବିଏସ୍‌ଆର୍ ଡଟ୍ କମ୍)ରେ ଦର୍ଶାଯାଇଥିବା ଆକାଉଣ୍ଟ ନମ୍ବରରେ ଡିପୋଜିଟ୍ କରି ଅନ୍‌ଲାଇନ୍ ରେଜିଷ୍ଟ୍ରେଶନ ସମୟରେ ଡିମାଣ୍ଡ ଡ୍ରାଫ୍ଟ/ଆକାଉଣ୍ଟ ଡିପୋଜିଟ୍ ସ୍ଲିପ୍‌ର ନମ୍ବର ନିର୍ଦ୍ଧାରିତ ସ୍ଥାନରେ ପୂରଣ କରିବା ସହିତ ଏହାର ଛବିଅପ୍‌ଲୋଡ୍ କରିପାରିବେ। ନଭେମ୍ବର ୫ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍ ରେଜିଷ୍ଟ୍ରେଶନ କରାଯାଇପାରିବ। ସବିଶେଷ ବିବରଣୀ ପାଇଁ ଆୟୋଜକଙ୍କ ସହିତ ଯୋଗାଯୋଗ କରିବାକୁ କୁହାଯାଇଛି।

# ଗିନିଜ୍ ରେକର୍ଡ ଲକ୍ଷ୍ୟରେ ୧୫ ଓଡ଼ିଆ ସ୍କେଟର

**ଭୁବନେଶ୍ୱର, ୫।୧୧(ସ୍ପୋର୍ଟ୍ସ ବ୍ୟୁରୋ):** କର୍ଣ୍ଣାଟକରେ ଆସନ୍ତା ୯ରୁ ୧୩ତାରିଖ ପର୍ଯ୍ୟନ୍ତ ଏକ ୪୮ ଘଣ୍ଟିଆ ନନ୍‌ଷ୍ଟପ୍ ରୋଲର୍ ସ୍କେଟିଂ ଲେସନ ଅନୁଷ୍ଠିତ ହେବ। ଗିନିଜ୍ ବିଶ୍ୱରେକର୍ଡ ଲକ୍ଷ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ୍ ୪୮ ଜଣ ସ୍କେଟର ଅଂଶଗ୍ରହଣ କରିବେ, ଯେଉଁଥିରେ ଓଡ଼ିଶାର ବିଭିନ୍ନ ଜିଲା ଓ ସ୍କୁଲର ୧୫ ଜଣ ସ୍କେଟର ରହିଛନ୍ତି। ବିଶ୍ୱରେକର୍ଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଥିବା ଓଡ଼ିଆ ସ୍କେଟରଙ୍କୁ ସୋମବାର ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍ଥାନୀୟ ବିଡିଏ ବୁଦ୍ଧ ଜୟନ୍ତୀ ପାର୍କଠାରେ ଅନୁଷ୍ଠିତ ହୋଇଥିବା ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନ ସମ୍ପାଦକ ପାର୍ଥସାରଥି ଜେନା, ଆର୍.ଏନ୍. ଦାସ, ମଳୟ ଦାସ, ଦୀନକୃଷ୍ଣ ମିଶ୍ର, ସୌଦାମିନୀ ପାତ୍ର ଓ ଓଡ଼ିଶା ଦଳର ଟ୍ରେନର ସୀମନ୍ତ ଆୱାଧା ପ୍ରମୁଖ ଉପସ୍ଥିତ ଥିଲେ। **ଅଂଶଗ୍ରହଣ କରିବାକୁ ଥିବା ଓଡ଼ିଆ ସ୍କେଟର:** ବୀରେନ ଦାସ, ଆର୍ଯ୍ୟାନ ନାୟକ,କୌସ୍ତୁଭ ପଟ୍ଟନାୟକ, ଆରଭ ପଣ୍ଡା, ଶିବାଦିତ୍ୟ ଦାସ, ସ୍ୱାତିକ ଶ୍ରୀଜିତ୍, ଅର୍ନବ ପଟ୍ଟନାୟକ, ଅସିମ ଅନୁରାଗ, କମଳେଶ ନାୟକ, ଦେବରାଜ ମହାପାତ୍ର, ପ୍ରତୀକ ଅର୍ନବ, ନୈତିକ ଚୌଧୁରୀ, ସ୍ୱୟଂ ସୁଶ୍ରୁତ ଦାସ, ତେଜଦୀପ ଦାସ ଓ ଶୁଭଙ୍କର ଖିଲାର।



ବିଶ୍ୱରେକର୍ଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଥିବା ଓଡ଼ିଆ ସ୍କେଟରଙ୍କୁ ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୬/୨୦୧୮ Bhubaneswar, Tuesday, November 6/ 2018


## ସଂକ୍ଷେପରେ

### ଦାତମ୍ ଚିଟ୍‌ଫଣ୍ଡ ଠକେଇ ମାମଲା
## ପରିଚାଳନା ନିର୍ଦ୍ଦେଶକ ଗିରଫ

**ଭୁବନେଶ୍ୱର, ୫।୧୧ (ବ୍ୟୁରୋ):** ଦାତମ୍ ଚିଟ୍‌ଫଣ୍ଡ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ବ୍ରଜମୋହନ ପଟ୍ଟନାୟକଙ୍କୁ ବ୍ରହ୍ମପୁରର ଗୋଳନ୍ଥରା ଥାନା ପୋଲିସ ସୋମବାର ଭୁବନେଶ୍ୱରରୁ ଗିରଫ କରିଛି। ଏହି ସଂସ୍ଥା ନାମରେ ୨୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ ଅଭିଯୋଗ ରହିଛି। ତାଙ୍କୁ ଗୋଳନ୍ଥରା ଥାନା ଅଧିକାରୀ ଆଲୋକ ଜେନା ପଚରାଉଚୁରା କରୁଥିବା ଜଣାପଡିଛି। ତଦନ୍ତ ଚାଲୁଥିବାରୁ ପୋଲିସ ଏ ସମ୍ପର୍କରେ ସୂଚନା ଦେବାକୁ ମନାକରିଛି। ସୂଚନା ଅନୁଯାୟୀ, ଏହି ସଂସ୍ଥା ବ୍ରହ୍ମପୁର ସମେତ ଅନ୍ୟାନ୍ୟ ଜିଲାରେ ଶାଖା ଅଫିସ ଖୋଲିଥିଲା। ଜମାକାରୀଙ୍କୁ ଟଙ୍କା ଦୁଇଗୁଣ କରି ଦେବା ଲୋଭ ଦେଖାଇ ଲକ୍ଷାଧିକ ଟଙ୍କା ସଂଗ୍ରହ କରିଥିଲା। ହେଲେ ପ୍ରତିଶ୍ରୁତି ଅନୁଯାୟୀ ଟଙ୍କା ଫେରସ୍ତ କରିପାରି ନ ଥିଲା। ୩ବର୍ଷ ପୂର୍ବେ ସଂସ୍ଥାର ସବୁ କାର୍ଯ୍ୟାଳୟରେ ତାଲା ପଡି ଯାଇଥିଲା। ବାରମ୍ବାର ପ୍ରତିଶ୍ରୁତି ଦେଇ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ବ୍ରଜମୋହନ ଜମାକାରୀଙ୍କୁ ଟଙ୍କା ଫେରସ୍ତ କରି ନ ଥିଲେ। ଏନେଇ ଜମାକାରୀମାନେ ପାତ୍ର କମିଶନଙ୍କ ନିକଟରେ ସତ୍ୟପାଠ ଦାଖଲ କରିବା ସହ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ବ୍ରଜମୋହନଙ୍କୁ ଖୋଜୁଥିଲା।

### ଦୀପାବଳି ସୁରକ୍ଷା
## ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପାଳନ ହେବ: ସିପି

**ଭୁବନେଶ୍ୱର, ୫।୧୧(ବ୍ୟୁରୋ):** ଦୀପାବଳିକୁ ନେଇ କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷାକୁ କଡାକଡି କରାଯାଇଛି। ବାଣ ଫୁଟାଇବା ପାଇଁ ସୁପ୍ରିମ୍‌କୋର୍ଟ ଦେଇଥିବା ନିର୍ଦ୍ଦେଶାବଳୀକୁ କଡାକଡି ପାଳନ କରିବା ପାଇଁ ପୋଲିସ କମିଶନର (ସିପି) ସତ୍ୟଜିତ ମହାନ୍ତି ଟ୍ୱିନ୍‌ସିଟିର ଡିସିପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହସ୍ପିଟାଲ, ଶିକ୍ଷାନୁଷ୍ଠାନ, କୋର୍ଟ, ଧାର୍ମିକ ଅନୁଷ୍ଠାନଠାରୁ ୧୦୦ମିଟର ଦୂରତା ଭିତରେ ବାଣ ଫୁଟାଇବା ନିଷେଧ କରାଯାଇଛି। ପଶୁ ଓ ପକ୍ଷୀଙ୍କ କ୍ଷେତ୍ରରେ ବାଣ ନ ଫୁଟାଇବା ପାଇଁ ବାରଣ କରାଯାଇଛି। ଯଦି କୌଣସି ଅଘଟଣ ଘଟେ ତଥା ଜରୁରୀ ପରିସ୍ଥିତି ସୃଷ୍ଟି ହୁଏ ତେବେ ୧୦୦ କିମ୍ବା ୧୦୧କୁ ଫୋନ୍ କରି ଜଣାଇବାକୁ ସିପି କହିଛନ୍ତି। ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ନେବାକୁ ପୋଲିସ କମିଶନର କହିଛନ୍ତି।

### ମହାପ୍ରଭୁଙ୍କ ଦର୍ଶନ କଲେ ଗଜପତି ମହାରାଜା
# 'ଭକ୍ତଙ୍କ ସୁବିଧା ପାଇଁ ଧାଡ଼ିଦର୍ଶନ ବ୍ୟବସ୍ଥା'

**ପୁରୀ ଅଫିସ,୫।୧୧**

ଗଜପତି ମହାରାଜା ଦିବ୍ୟସିଂହ ଦେବ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଏଥିସହ ବେଢା ପରିସର ଅନ୍ୟାନ୍ୟ ମନ୍ଦିରକୁ ଯାଇ ଦର୍ଶନ କରିବା ସହ ଧାଡ଼ିଦର୍ଶନ ବ୍ୟବସ୍ଥା ସମ୍ପର୍କରେ ମତ ରଖିଛନ୍ତି। ସୋମବାର ସନ୍ଧ୍ୟା ୬ଟା ୪୦ରେ ଗଜପତି ମହାରାଜା ମହାରାଣୀ ଲୀଳାବତୀ ପାଟ୍ଟମହାଦେଈ, ଜ୍ୟେଷ୍ଠ କନ୍ୟା ଏବଂ ନାତିଙ୍କ ସହ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାରରେ ପହଞ୍ଚିଥିଲେ। ସେମାନଙ୍କ ସହ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ ରହିଥିଲେ। ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରଦୀପ ଦାଶ ଏବଂ କମାଣ୍ଡର ସେମାନଙ୍କୁ ଭିତରକୁ ପାଛୋଟି ନେଇଥିଲେ। ପ୍ରଥମେ ବଟ ଗଣେଶଙ୍କୁ ଦର୍ଶନ କରିଥିଲେ। ଏହାପରେ ବାଟମଙ୍ଗଳା, ପଞ୍ଚମହାଦେବଙ୍କୁ ଦର୍ଶନ କରି ପଣ୍ଡା ଦ୍ୱାର ଦେଇ ନାଟମଣ୍ଡପକୁ ପ୍ରବେଶ କରିଥିଲେ। ଗରୁଡ଼ ସ୍ତମ୍ଭ ପଛରେ ଠିଆ ହୋଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। କନ୍ୟା ଏବଂ ନାତି ଭିତରକାଠ ନିକଟରେ ଦର୍ଶନ କରିଥିବା ବେଳେ ଗଜପତି ଓ ମହାରାଣୀ ଗର୍ଭଗୃହକୁ ଯାଇଥିଲେ। ତିନିଠାକୁରଙ୍କୁ ଦର୍ଶନ କରି ନିଜର (ପ୍ରଣାମୀ) ଦେଇ ରତ୍ନସିଂହାସନ ପରିକ୍ରମା କରିଥିଲେ। ଭଣ୍ଡାର ମେକାପଙ୍କଠାରୁ ପାଇଥିବା ପ୍ରସାଦ ମାଳ ଏବଂ ଲାଗି ଚନ୍ଦନକୁ ରାଜଗୁରୁ ଗଜପତି ମହାରାଜାଙ୍କୁ ପ୍ରଦାନ କରିଥିଲେ। ଏହାପରେ ଭଣ୍ଡାର ଲୋକନାଥଙ୍କୁ ଦର୍ଶନ କରି ଜଗମୋହନ ସ୍ଥିତି ବୁଲି ଦେଖିଥିଲେ। ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କ ସହ ଜଗମୋହନ ବିଷୟରେ କଥା ହୋଇଥିଲେ। ବେହରଣ ଦ୍ୱାର ଦେଇ ବାହାରି ମୁକ୍ତିମଣ୍ଡପ ଏବଂ ଆଦି ନୃସିଂହଙ୍କ ଦର୍ଶନ କରିଥିଲେ। ବିମଳା, କାନପତା ହନୁମାନ, ଭୁବନେଶ୍ୱରୀ, ମହାଲକ୍ଷ୍ମୀ ମନ୍ଦିରକୁ ଯାଇଥିଲେ। ମହାଲକ୍ଷ୍ମୀ ମନ୍ଦିର ଜଗମୋହନରେ ବସି ରାଜାରାଣୀ କିଛି ସମୟ ଜପ କରିଥିଲେ। ଏହାପରେ ନବଗ୍ରହ ଏବଂ ପାଟ ଅଗଣାରେ ନୀଳଚକ୍ରଙ୍କୁ ଦର୍ଶନ କରିଥିଲେ। ଶେଷରେ ସତ୍ୟନାରାୟଣଙ୍କୁ ଦର୍ଶନ କରି ପୁଣି ବଟ ଗଣେଶଙ୍କୁ ମୁଣ୍ଡିଆ ମାରି ଦକ୍ଷିଣ ଦ୍ୱାର ଦେଇ ବାହାରକୁ ବାହାରିଥିଲେ।

ପ୍ରାୟ ୧ ଘଣ୍ଟା ମନ୍ଦିର ଭିତରେ ରହି ଦକ୍ଷିଣ ଦ୍ୱାର ଦେଇ ବାହାରକୁ ଆସିଥିଲେ। ଗଜପତି ମହାରାଜା ଗଣମାଧ୍ୟମକୁ କହିଥିଲେ ଯେ, ପବିତ୍ର କାର୍ତ୍ତିକ ମାସରେ ମହାପ୍ରଭୁଙ୍କୁ ଦର୍ଶନ କଲୁ। ଏହି ପବିତ୍ର ପୀଠକୁ ବିଶେଷକରି କାର୍ତ୍ତିକ ମାସ ଏବଂ ପଞ୍ଚକରେ ଯେଉଁମାନେ ଆସୁଛନ୍ତି ସମସ୍ତେ ସନ୍ତୁଷ୍ଟ ହୋଇ ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ଫେରନ୍ତୁ। ଧାଡ଼ିଦର୍ଶନକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାର ସୁଚିନ୍ତିତ ବ୍ୟବସ୍ଥା କରିବେ। ଭକ୍ତମାନଙ୍କ ସୁବିଧା ହେଉଛି ଏହି ବ୍ୟବସ୍ଥାର ଉଦ୍ଦେଶ୍ୟ। ଶ୍ରଦ୍ଧାଳୁମାନେ କିପରି ଶାନ୍ତିରେ ଏବଂ ଶୃଙ୍ଖଳିତ ଭାବେ ଦର୍ଶନ କରିବେ ସେଥିପାଇଁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ରାଜ୍ୟ ସରକାର, ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ସମସ୍ତ ସେବକ ଭାଇଙ୍କ ସହଯୋଗରେ ଏହାକୁ ସଫଳ କରିବେ ବୋଲି ମୋର ସମ୍ପୂର୍ଣ୍ଣ ଆଶା।



ଗଜପତି ମହାରାଜା ଦିବ୍ୟସିଂହ ଦେବ ସପରିବାର ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

### ୪୫ ଦିନ ବିତିଲାଣି
# ବାହାରୁନି ଏସ୍‌ସିଏସ୍ ଏମ୍‌ଫିଲ୍ ପ୍ରବେଶିକା ପରୀକ୍ଷା ଫଳ

**ପୁରୀ ଅଫିସ, ୫।୧୧**

■ ପୂର୍ବରୁ ୟୁଜିସି ଟିମ୍‌ର ଗସ୍ତ ଆଳ ଦେଖାଇଥିଲେ କର୍ତ୍ତୃପକ୍ଷ

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ମହାବିଦ୍ୟାଳୟରେ ୨୦୧୮ ଶିକ୍ଷାବର୍ଷ ଏମ୍‌ଫିଲ୍ ପାଠ୍ୟକ୍ରମ ଲାଗି ୪ଟି ବିଭାଗରେ ଶତାଧିକ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ଦେଇଥିଲେ। ପରୀକ୍ଷାକୁ ୪୫ଦିନ ବିତିଲାଣି। କଲେଜ କର୍ତ୍ତୃପକ୍ଷ ବର୍ତ୍ତମାନ ସୁଦ୍ଧା ଫଳାଫଳ ଘୋଷଣା କରିନାହାନ୍ତି। ଏହାକୁ ନେଇ ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କଲେଜକୁ ୟୁଜିସି ଟିମ୍ ଗସ୍ତ ଆଳ ଦେଖାଇ ଫଳାଫଳ ଘୋଷଣାରେ ବିଳମ୍ବ ଘଟୁଥିବା କର୍ତ୍ତୃପକ୍ଷ ସଫେଇ ଦେଇଥିଲେ। ୟୁଜିସି ଯିବାର ୫ଦିନ ବିତିଲାଣି। ତଥାପି ଫଳାଫଳ ଘୋଷଣାରେ ବିଳମ୍ବ କରାଯାଉଛି ବୋଲି କେତେଜଣ ଛାତ୍ର ଗଣମାଧ୍ୟମକୁ କହିଛନ୍ତି।

ମିଳିଥିବା ସୂଚନା ପ୍ରକାରେ, ୨୦୧୭ରେ ଓଡ଼ିଆ, ଇଂଲିଶ, ଭୂଗୋଳ ଓ ବାଣିଜ୍ୟ ବିଷୟରେ ଏମ୍‌ଫିଲ ଲାଗି ଏସସିଏସ କଲେଜକୁ ରାଜ୍ୟ ସରକାର ସ୍ୱୀକୃତି ଦେଇଥିଲେ। ପ୍ରତ୍ୟେକ ବିଭାଗରେ ୮ଟି ଲେଖାଏଁ ସିଟ୍ ରହିଛି। ବର୍ତ୍ତମାନ ସୁଦ୍ଧା ଏମ୍‌ଫିଲ ପାଠ୍ୟକ୍ରମକୁ ଉତ୍କଳ ବିଶ୍ୱବିଦ୍ୟାଳୟ ଅନୁମୋଦନ ଦେଇନାହିଁ। ଅନ୍ୟପଟେ ଡିସେମ୍ବର ଶେଷ ସୁଦ୍ଧା ପ୍ରଥମ ବ୍ୟାଚ ଛାତ୍ରୀଛାତ୍ରଙ୍କ ଏମଫିଲ ପାଠ୍ୟକ୍ରମ ସମାପ୍ତ ହେବ। ସେମାନଙ୍କୁ କଲେଜ କିପରି ସାର୍ଟିଫିକେଟ ପ୍ରଦାନ କରିବ, ସେନେଇ ପ୍ରଶ୍ନ ଉଠିଛି।

ଏମ୍‌ଫିଲ ପାଠ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁମୋଦନ ମିଳି ନ ଥିବା ବେଳେ କଲେଜ କର୍ତ୍ତୃପକ୍ଷ ୨୦୧୮ରେ ପୁଣି ଥରେ ଏମ୍‌ଫିଲ ପାଠ୍ୟକ୍ରମ ଲାଗି ସେପ୍ଟେମ୍ବର ୧୮ରେ ପ୍ରବେଶିକା ପରୀକ୍ଷା କରିଥିଲେ। ଅକ୍ଟୋବର ପ୍ରଥମ ସୁଦ୍ଧା ଫଳାଫଳ ଏବଂ ଡିସେମ୍ବରରେ ପାଠପଢା ଆରମ୍ଭ କରାଯିବ ବୋଲି କର୍ତ୍ତୃପକ୍ଷ ବିଜ୍ଞପ୍ତି ପ୍ରକାଶ କରିଥିଲେ। ତୁରନ୍ତ ପ୍ରବେଶିକା ପରୀକ୍ଷା ଫଳ ବାହାର କରା ନ ଗଲେ ଆଗାମୀ ଦିନରେ କଲେଜ ଘେରାଉ କରାଯିବ ବୋଲି କେତେଜଣ ଛାତ୍ରୀଛାତ୍ର ଗଣମାଧ୍ୟମକୁ କହିଛନ୍ତି। ପରୀକ୍ଷା ନିୟନ୍ତ୍ରକ ଗିରୀଶ ଜଗଦ୍ଦେବଙ୍କ ମୋବାଇଲ ନମ୍ବରକୁ ବାରମ୍ବାର ଯୋଗାଯୋଗ କରାଯାଇଥିବା ବେଳେ ସେ କଲ ରିସିଭ୍ କରି ନ ଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ର କୁହନ୍ତି, ପ୍ରବେଶିକା ପରୀକ୍ଷା ଫଳ ଘୋଷଣା ଲାଗି ତୁରନ୍ତ ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

# ୪ଦଫା ନେଇ ସ୍ୱତନ୍ତ୍ର ଶିକ୍ଷକଙ୍କ ବିକ୍ଷୋଭ

**ଭୁବନେଶ୍ୱର, ୫।୧୧(ବ୍ୟୁରୋ)**

୪ଟି ଦାବି ନେଇ ଓଡ଼ିଶା ସ୍ପେଶାଲ ଏଜୁକେଟର ଫେଡେରେଶନ ଫର୍ ଦିବ୍ୟାଙ୍ଗ ପକ୍ଷରୁ ସୋମବାର ଓପେପା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି, କନିଷ୍ଠ ଶିକ୍ଷକ ନିଯୁକ୍ତି ସମୟରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ, ବୟସ ସୀମା ୪୨କୁ ବୃଦ୍ଧି କରିବା ଓ ଆର୍‌ସିଆଇ-ରେଜିଷ୍ଟ୍ରେଶନଭୁକ୍ତ ନ ହୋଇ ଶିକ୍ଷା ଯୋଗାଉଥିବା ଶିକ୍ଷକ, ସରକାରୀ ତଥା ବେସରକାରୀ ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଦି କରୁଛି ସଂଘ। ପୂର୍ବରୁ ସଂଘ ଦୁଇଥର ରାଜରାସ୍ତାକୁ ଓହ୍ଲାଇଥିଲେ ମଧ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇନାହାନ୍ତି। ତେଣୁ ସଂଘ ସରକାରଙ୍କୁ ତୀବ୍ର ଭର୍ତ୍ସନା କରିବା ସହିତ ଦାବିଗୁଡ଼ିକୁ ଯଥାଶୀଘ୍ର ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଘ ଚେତାବନୀ ଦେଇଛି।




ଓପେପା ସମ୍ମୁଖରେ ଓଏସ୍‌ଇଏଫ୍‌ଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### ମା' ମିଳୁନାହାନ୍ତି
# ପ୍ରଶାସନକୁ ହସ୍ତାନ୍ତର କରାଯିବ ଶିଶୁକନ୍ୟା

**କଟକ ଅଫିସ, ୫।୧୧**

ଜନ୍ମଦେଇ ମେଡିକାଲ ବେଡ୍ ଉପରେ ଛାଡ଼ି ମା' ଚମ୍ପଟ ମାରିଲେ। ମେଡିକାଲରେ ଆଡମିଶନ ସମୟରେ ମା' ନିଜକୁ ଫାତିମା ବିବି ଓ ଘର ମଙ୍ଗଳାବାଗ ଥାନା ଅଧୀନ କେଶରପୁର ବୋଲି ଉଲ୍ଲେଖ କରିଥିଲେ। ଏହି ଠିକଣା ଅନୁଯାୟୀ ପୋଲିସ କେଶରପୁରରେ ଫାତିମାଙ୍କୁ ଖୋଜିଥିଲା। ହେଲେ ସେଭଳି ନାମଧାରୀ ମହିଳା କେଶରପୁର ଅଞ୍ଚଳରେ ନ ଥିବା ମଙ୍ଗଳାବାଗ ଥାନା ଆଇଆଇସି ଅରୁଣ କୁମାର ସ୍ୱାଇଁ କହିଛନ୍ତି। ଏହାପରେ ମେଡିକାଲ ପକ୍ଷରୁ ସମ୍ପୃକ୍ତ ଶିଶୁଙ୍କୁ ଥଇଥାନ ପାଇଁ ବ୍ୟବସ୍ଥା କରାଯାଇଛି। ମେଡିକାଲ ଅଧୀକ୍ଷକ ପ୍ରଫେସର ଡାକ୍ତର ପି.କେ. ଦେବତାଙ୍କ କହିବା ଅନୁଯାୟୀ, ଶିଶୁଙ୍କ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଛି। ଜିଲା ଶିଶୁ ମଙ୍ଗଳ କମିଟି ଜରିଆରେ ଶିଶୁଙ୍କ ଥଇଥାନ କରାଯିବ। ସୂଚନାଥାଉ କି, ଅକ୍ଟୋବର ୩୧ ତାରିଖ ରାତିରେ ଜଣେ ମହିଳା ଏସ୍‌ସିବି ମେଡିକାଲର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ଏକ ଶିଶୁକନ୍ୟାଙ୍କୁ ଜନ୍ମ ଦେଇଥିଲେ। ଜନ୍ମ ପରେ ଉଭୟ ମା' ଓ ଶିଶୁଙ୍କୁ ମେଡିକାଲରେ ଚିକିତ୍ସା କରାଯାଇଥିଲା। ମାତ୍ର ପରଦିନ ସକାଳୁ ମା' ଜଣକ ବେଡ୍ ପାଖରେ ନ ଥିଲେ। କାଳେ କୁଆଡେ ଯାଇଥିବେ ଭାବି ମେଡିକାଲ କର୍ମଚାରୀମାନେ ଗୁରୁତ୍ୱ ଦେଇ ନ ଥିଲେ। ମାତ୍ର ଦୀର୍ଘ ସମୟ ପର୍ଯ୍ୟନ୍ତ ମା'ଙ୍କ ଦେଖା ନ ମିଳିବାରୁ ଶିଶୁଙ୍କୁ ବେଡ୍ ଉପରୁ ଏସ୍‌ଏନ୍‌ସିୟୁ (ସିକ୍ ନିଓନାଟାଲ କେୟାର ୟୁନିଟ୍)କୁ ସ୍ଥାନାନ୍ତର କରାଯାଇଥିଲା।





Powered by Volkswagen Financial Services
Exchange through Das WeltAuto. Pre-owned cars you can trust. Guaranteed.

24x7 Roadside Assistance^ | Service once a year/15,000 Kilometres | Safer cars for India

ସର୍ତ୍ତ ଓ ନିୟମାବଳୀ ଲାଗୁ । ଭେଣ୍ଟୋ କନେକ୍ଟ ଏଡିଶନ୍ ହାଇଲାଇନ୍ କାର୍ ଅଟେ । ସ୍କିମ୍ ଏବଂ ସର୍ତ୍ତ ଓ ନିୟମାବଳୀ ଉପରେ ଅଧିକ ସୂଚନା ପାଇଁ ଦୟାକରି ଫୋକ୍ସୱେଗନ୍ ଅଧିକୃତ ଡିଲରଶିପ୍ ବା ଆମର ୱେବସାଇଟ୍ www.volkswagen.co.inକୁ ଯାଆନ୍ତୁ । *ଅଫର୍ କେବଳ ନିର୍ଦ୍ଦିଷ୍ଟ ପ୍ରକାର ଉପରେ ଉପଲବ୍ଧ ଅଟେ । ଫୋକ୍ସୱେଗନ୍ ଫାଇନାନ୍‌ସ ଲିଃ ଦ୍ୱାରା ଋଣ ପ୍ରାପ୍ତି ପାଇଁ ସେଲ୍‌ସ/ ମାର୍କେଟିଂ ସେବାର ଉପଯୋଗ କରାଯାଇପାରେ । ପ୍ରଦର୍ଶିତ ଫିଚର୍ସ ଓ ଆକ୍ସେସରିଜ୍ ଷ୍ଟାଣ୍ଡାର୍ଡ଼ ଇକ୍ୱିପମେଣ୍ଟର ଅଂଶ ହୋଇ ନପାରେ । ଆପିୟରାନ୍‌ସ, ବିଶେଷତା ଓ ବିବରଣୀ ଭାରିଆଣ୍ଟସ ଅନୁସାରେ ଭିନ୍ନ ହୋଇପାରେ ଏବଂ ପ୍ରାକ୍ ସୂଚନା ବିନା ପରିବର୍ତ୍ତନଶୀଳ ଅଟେ । ପ୍ରକୃତ ରଙ୍ଗ ଭିନ୍ନ ହୋଇପାରେ । ସର୍ବଦା ସିଟ୍ ବେଲ୍ଟ ପରିଧାନ କରନ୍ତୁ । ଟ୍ରାଫିକ୍ ନିୟମ ପାଳନ କରନ୍ତୁ । ^ରୋଡ୍‌ସାଇଡ୍ ସହାୟତା କେବଳ ଆବଦ୍ଧ ସୀମା ମଧ୍ୟରେ । ସମସ୍ତ ଅଫର୍ସ କେବଳ ଫୋକ୍ସୱେଗନ୍ ପ୍ରାଧିକୃତ ଡିଲର୍ସ ଠାରୁ ।

Authorised Dealers: Volkswagen Bhubaneswar: S61, Mancheshwar Industrial Estate, Bhubaneshwar-752101 ● Mobile: 8599011626/ 8599011591.



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ




## ୨୦୨୦ ମାଟ୍ରିକ ପରୀକ୍ଷା
# ବଢ଼ିଲା ନାମ ପଞ୍ଜୀକରଣ ତାରିଖ

କଟକ ଅଫିସ, ୫।୧୧– ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ହେବାକୁ ଥିବା ୨୦୨୦ ମାଟ୍ରିକ ପରୀକ୍ଷା ପାଇଁ ଚଳିତବର୍ଷ ନବମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରଙ୍କ ନାମ ପଞ୍ଜୀକରଣ ତାରିଖ ବୃଦ୍ଧି ପାଇଛି। ସୋମବାର ନାମ ପଞ୍ଜୀକରଣର ଶେଷ ତାରିଖ ରହିଥିବାବେଳେ ଏହା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ବିଦ୍ୟାଳୟର ମୁଖ୍ୟମାନେ ୧୫ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ନିର୍ଦ୍ଧାରିତ ଦେୟ ପୈଠ କରିପାରିବେ ବୋଲି ବୋର୍ଡର ପରୀକ୍ଷା ନିୟନ୍ତ୍ରକ ଡ. ନୀହାର ରଞ୍ଜନ ମହାନ୍ତି କହିଛନ୍ତି।







# ଶହୀଦଙ୍କ ଭଉଣୀଙ୍କୁ ୮ ଲକ୍ଷର ବୀମାରାଶି ପ୍ରଦାନ

**କଟକ ଅଫିସ୍, ୫।୧୧**




ପୋଲିସ ମହାନିର୍ଦ୍ଦେଶକ ଆର.ପି ଶର୍ମା କଟକସ୍ଥିତ ଆଇପିଏସ୍ ମେସ୍‌ଠାରେ ଶହୀଦ ସଞ୍ଜୟ ମାଝିଙ୍କ ଭଉଣୀ ମଞ୍ଜରୀଙ୍କୁ ସହାୟତା ରାଶିର ଚେକ୍ ପ୍ରଦାନ କରୁଛନ୍ତି।

ରାୟଗଡା ଜିଲା ମୁନିଗୁଡା ଥାନା ଅନ୍ତର୍ଗତ ଶକଟା ଗାଁ ନିକଟରେ ଗତ ଏପ୍ରିଲ ୧୦ରେ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ସିପାହି ସଞ୍ଜୟ ମାଝି ଶହୀଦ ହୋଇଥିଲେ। ସଞ୍ଜୟଙ୍କ ପରିବାର ଲୋକଙ୍କୁ ସୋମବାର ଏଚ୍‌ଡିଏଫ୍‌ସି ବ୍ୟାଙ୍କ ତରଫରୁ ୮ ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କରାଯାଇଛି। ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଥିବା ଆଇପିଏସ୍ ମେସ୍ ହଲ୍‌ରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଶହୀଦ ସଞ୍ଜୟଙ୍କ ଭଉଣୀ ମଞ୍ଜରୀ ମାଝିଙ୍କୁ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ଏହି ବୀମାରାଶି ପ୍ରଦାନ କରିଛନ୍ତି। କମ୍ ସମୟ ମଧ୍ୟରେ ବୀମାରାଶି ପ୍ରଦାନ କରିଥିବାରୁ ଡିଜିପି ଶର୍ମା ଏଚ୍‌ଡିଏଫ୍‌ସି ବ୍ୟାଙ୍କକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଦେବାଶିଷ ସେନାପତି ଯୋଗଦେଇଥିଲେ। ସେନାପତି କହିଥିଲେ ଯେ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଆକାଉଣ୍ଟ ଦ୍ୱାରା ଦରମା ନେଉଥିବା ପୋଲିସ କର୍ମଚାରୀମାନଙ୍କ କାର୍ଯ୍ୟକାଳ ମଧ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁହେଲେ ୮ ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କରାଯାଉଥିଲା। ଏବେ ଏହି ବୀମାରାଶି ୩୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି।





" କୃପଣ ହେଉଛି ପ୍ରକୃତରେ ଦରିଦ୍ର, କାରଣ ପ୍ରାଚୁର୍ଯ୍ୟ ଭିତରେ ବି ସେ ଅନାହାରରେ ଥାଏ।
-ଜନ୍ ଡ୍ରାଇଡେନ୍



## ସଂକ୍ଷେପରେ

### ଟାଟା ଏସିଇ ଜବତ, ଜଣେ ଗିରଫ

**ଆଠଗଡ଼,୫।୧୧(ସ୍ୱ.ପ୍ର.):** ଆଠଗଡ଼ ବନଖଣ୍ଡ ଅଧୀନ ଖୁଣ୍ଟୁଣୀ ବନାଞ୍ଚଳର କପୁରସିଂ-ବ୍ରାହ୍ମଣବସ୍ତ ରାସ୍ତାର ବଡ଼ଦେଇ ଠାକୁରାଣୀ ମନ୍ଦିର ନିକଟରୁ ଭ୍ରାମ୍ୟମାଣ ବନ କର୍ମଚାରୀଙ୍କ ଦ୍ୱାରା ଏକ କାଠକୋଇଲା ବୋଝେଇ ଟାଟା ଏସିଇ ଜବତ କରାଯାଇଛି। ଏଥିସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ରବିବାର ରାତି ପ୍ରାୟ ୩ଟା୩୦ରେ ଟାଟା ଏସିଇ ଗାଡ଼ିରେ ୨୪ବସ୍ତା କାଠ କୋଇଲା ବୋଝେଇ ହୋଇ ଭୁବନେଶ୍ୱର ଚାଲାଣ ହେଉଥିଲା। ବିଶେଷ ସୂତ୍ରରୁ ଖବର ପାଇ ବନଖଣ୍ଡ ଅଧିକାରୀ ସସ୍ମିତା ଲେଙ୍କାଙ୍କ ନିର୍ଦ୍ଦେଶ ମତେ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ରତ୍ନାକର ଦାସଙ୍କ ନେତୃତ୍ୱରେ ବନକର୍ମଚାରୀ ରାସ୍ତାରେ ଜଗି ରହିଥିଲେ। ବଡ଼ଦେଈ ଠାକୁରାଣୀ ମନ୍ଦିର ନିକଟରେ ଗାଡି ପହଞ୍ଚିବା କ୍ଷଣି ବନକର୍ମଚାରୀ ଗାଡି ଓ ଚାଳକଙ୍କୁ କାବୁ କରିଥିଲେ। ଘଟଣାସ୍ଥଳରୁ ଗାଡି ଜବତ କରାଯିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ବନଖଣ୍ଡ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଜବତ କାଠ କୋଇଲାର ଆନୁମାନିକ ମୂଲ୍ୟ ପ୍ରାୟ ୪୦ ହଜାର ଟଙ୍କା ହେବ। ସୋମବାର ଅପରାହ୍ନରେ ଅଭିଯୁକ୍ତ ଖୋର୍ଦ୍ଧା ଜିଲା କୁରାଡମଲ୍ଲ ଗ୍ରାମର ପ୍ରଦୀପ୍ତ ମହାନ୍ତିଙ୍କୁ ଅଦାଲତରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ଚଢାଉରେ ବନପାଳ ବିଭୂରଞ୍ଜନ ରାଏ, ସୁବଳ ପରିଡା, ବନରକ୍ଷୀ ଅଜୟ ଦାସ ଓ ପ୍ରମୋଦ ଦାସ ପ୍ରମୁଖ ସାମିଲ ହୋଇଥିଲେ।

### ବାଇକ୍ ଦୁର୍ଘଟଣା, ଦୁଇ ଗୁରୁତର

**ନରସିଂହପୁର,୫।୧୧(ସ୍ୱ.ପ୍ର.):** ନରସିଂହପୁର-ଅନୁଗୋଳ ମୁଖ୍ୟରାସ୍ତାର ବୁଢାବୁଢୀ ଘାଟିରେ ସୋମବାର ଦୁଇ ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଫଳରେ ଏଥିରେ ୨ଜଣ ଗୁରୁତର ହୋଇଛନ୍ତି। ଉଭୟଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ପ୍ରକାଶ ଯେ, ନରସିଂହପୁର ବ୍ଲକ ଦେବଭୂଇଁ ପଞ୍ଚାୟତ ନୂଆଗଡ଼ ଗ୍ରାମର ସଦାଶିବ ନାୟକ (୫୮) ଦୋକାନ ସଉଦା କିଣିବା ପାଇଁ ଏକ ବାଇକ୍‌ରେ ନରସିଂପୁର ଆସୁଥିଲେ। ଏହି ସମୟରେ ବ୍ଲକ ଅଧୀନ ଜୟମଙ୍ଗଳ ପଞ୍ଚାୟତ ନୂଆପଲ୍ଲୀ ଗ୍ରାମର ତ୍ରିଲୋଚନ ବେହେରା (୨୦) ଏକ ବାଇକ୍‌ରେ ହିନ୍ଦୋଳ ଯାଉଥିଲେ। ବୁଢାବୁଢୀ ଘାଟିର ପ୍ରଥମ ବାଙ୍କରେ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନରସିଂପୁର ମେଡିକାଲକୁ ଆଣିଥିଲେ। ସେଠାରେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଥିଲା।

### ଗାଡ଼ି ଧକ୍କାରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀଙ୍କ ମୃତ୍ୟୁ

**ସାଲେପୁର,୫।୧୧(ଡି.ଏନ.ଏ.):** ଅଜଣା ଗାଡ଼ି ଧକ୍କାରେ ସୋମବାର ସାଲେପୁର ଥାନା ଅଧୀନ ପିକୋଲ ପଞ୍ଚାୟତ ସିମଲ୍‌ପଡ଼ା ଗ୍ରାମର ଅବସରପ୍ରାପ୍ତ ବ୍ୟାଙ୍କ୍ ଅଧିକାରୀ ସେକ୍ ସିଦ୍ଦିକ୍(୬୫)ଙ୍କ ମୃତ୍ୟୁ ଘଟିଛି। ସେ କୌଣସି କାର୍ଯ୍ୟ ପାଇଁ ପୂର୍ବାହ୍ନରେ ସାଇକେଲ୍ ଯୋଗେ ସାଲେପୁରକୁ ଆସୁଥିଲେ। ଏହି ସମୟରେ ହଠାତ୍ ଏକ ଅଜଣା ଗାଡ଼ି ତାଙ୍କୁ ସାଲେପୁର କୁଆଁପାଳ ରାସ୍ତାର ବୋଦାମୁଣ୍ଡାଇ ଛକଠାରେ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ଉପରେ ଛିଟିକି ପଡି ଚେତାଶୂନ୍ୟ ହୋଇ ପଡ଼ିଥିଲେ। ଖବର ପାଇ ସାଲେପୁର ଅଗ୍ନିଶମ ବିଭାଗ କର୍ମଚାରୀ ଦୁର୍ଘଟଣାସ୍ଥଳରେ ପହଞ୍ଚି ସିଦ୍ଦିକ୍‌ଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା କରାଯାଇ ଏସ୍‌ସିବି ପଠାଇ ଦିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

### ରାଜ୍ୟସ୍ତରୀୟ ସୁରଭିକୁ ଛାତ୍ର ମନୋନୀତ

**ବାଙ୍କୀ,୫।୧୧(ସ୍ୱ.ପ୍ର.):** କଟକ ରେଭେନ୍ସା କଲେଜିଏଟ୍ ସ୍କୁଲଠାରେ ଜିଲା ଶିଶୁ ମହୋତ୍ସବ ସୁରଭି-୨୦୧୮ ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ଜିଲା ଅଧୀନ ସମସ୍ତ ବ୍ଲକର ବରିଷ୍ଠ ଓ କନିଷ୍ଠ ବିଭାଗ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏଥିରେ ବାଙ୍କୀ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠର ୯ମ ଶ୍ରେଣୀ ଛାତ୍ର ଆଶୁତୋଷ ପଣ୍ଡା(ଭିନ୍ନକ୍ଷମ)ଗୀତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ସୁରଭିକୁ ମନୋନୀତ ହୋଇଛନ୍ତି। ମହୋତ୍ସବରେ ପଣ୍ଡାଙ୍କୁ ଅତିଥି ପୁରସ୍କୃତ କରିଥିଲେ। କଟକ ଜିଲା ପଦାଧିକାରୀଙ୍କ ସହିତ ଡମପଡ଼ା ବ୍ଲକ ଶିକ୍ଷାଧିକାରୀ ଅଶୋକ ମହାନ୍ତି, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର ସାହୁ, ବିଆରସିସି ଗଦାଧର ପ୍ରଧାନ, ସିଆରସିସି ବଳରାମ ପାଇକରାୟ, ସତ୍ୟରଞ୍ଜନ ମିଶ୍ର, ଶିକ୍ଷକ ସନ୍ତୋଷ ଜେନା ଓ ବସନ୍ତ ବେହେରା ଉପସ୍ଥିତ ରହି ପଣ୍ଡାଙ୍କୁ ଉତ୍ସାହିତ କରିଥିଲେ।

■ ଅସୁରକ୍ଷିତ ଘୋଷିତ ଗୃହରେ ଚାଲିଛି ବାଲିଝରୀ ଅଗ୍ନିଶମ ସେବାକେନ୍ଦ୍ର

# ଭୟରେ ଦିନ କାଟୁଛନ୍ତି କର୍ମଚାରୀ

**ନରସିଂହପୁର,୫।୧୧(ଡି.ଏନ.ଏ.)**

ନରସିଂହପୁର ବ୍ଲକର ବାଲିଝରୀ ଅଗ୍ନିଶମ ସେବା କେନ୍ଦ୍ର ଅସୁରକ୍ଷିତ ଘୋଷିତ ଗୃହରେ ଚାଲିଛି। ସରକାରଙ୍କ ଆନ୍ତରିକତା ଅଭାବ, ବିଭାଗୀୟ କର୍ମଚାରୀଙ୍କ ଉଦାସୀନତା ଯୋଗୁ ଯେ କୌଣସି ମୁହୂର୍ତ୍ତରେ ଏହି ଗୃହଟି ଭାଙ୍ଗି ପଡିବାର ଆଶଙ୍କା ରହିଛି। ଫଳରେ ସାଧାରଣ ଲୋକଙ୍କୁ ବିପଦରୁ ଉଦ୍ଧାର କରିବାକୁ ନିଯୁକ୍ତ କର୍ମଚାରୀ ଏବେ ଭୟରେ ଦିନ କାଟୁଛନ୍ତି। ସେହିପରି ସରକାରୀ ଗାଡି ଓ ବହୁ ଯନ୍ତ୍ରାଂଶ ବିପଦରେ ରହିଛି। ବିଭାଗୀୟ ଉଚ୍ଚପ୍ରଦସ୍ଥ ଅଧିକାରୀଙ୍କ ଦ୍ୱାରା ୩ ବର୍ଷ ପୂର୍ବରୁ ଏହି କେନ୍ଦ୍ରର ଗ୍ୟାରେଜ, ଅଫିସ ଓ ଗୃହ ଅସୁରକ୍ଷିତ ଘୋଷିତ ହୋଇଥିଲା। ଛାତରୁ କଂକ୍ରିଟ ଖସିବା, କାନ୍ଥ ଫାଟି ଆଁ କରିବା, ଅନବରତ ପାଣି ଗଳିବା ଫଳରେ କର୍ମଚାରୀ ହଇରାଣ ହେଉଛନ୍ତି। କେନ୍ଦ୍ର ପାଇଁ ଜମି ଚିହ୍ନଟ ହୋଇ ନ ଥିବାରୁ କେତେକ ଜମି ଜବରଦଖଲରେ ରହିଛି। ଫଳରେ ପାଚେରି ନିର୍ମାଣ ହୋଇ ପାରୁନାହିଁ। କେନ୍ଦ୍ର ପରିସରରେ ଗୋରୁ ଚରୁଛନ୍ତି। ଘଟଣା ସମ୍ପର୍କରେ କେନ୍ଦ୍ରର ଷ୍ଟେସନ ମାଷ୍ଟର ଦେବାଶିଷ ନାୟକ କହିଛନ୍ତି, ମୁଁ ଏହି କେନ୍ଦ୍ରର ଦାୟିତ୍ୱ ଅଳ୍ପ କିଛି ମାସ ହେବ ନେଇଛି। ପୂର୍ବରୁ ଥିବା ଅଧିକାରୀ ଅସୁରକ୍ଷିତ ଗୃହ ସମ୍ପର୍କରେ ଓ ଜମି ଚିହ୍ନଟ ଲାଗି ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି। ବର୍ତ୍ତମାନ ମୁଁ ମଧ୍ୟ ଏହି ବିପଦ ପୂର୍ଣ୍ଣ ଗୃହ, ଜମି ଚିହ୍ନଟ ଓ ପାଚେରି ନିର୍ମାଣ ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଇବି। ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସନାତନ ସ୍ୱାଇଁ କୁହନ୍ତି, ୧୯୮୨ରୁ ବାଲିଝରୀ ଅଗ୍ନିଶମ କେନ୍ଦ୍ର ସ୍ଥାୟୀ ଭାବେ କାର୍ଯ୍ୟ କରୁଛି। ସ୍ଥାନୀୟ, ରତାପାଟ, ବାଲିଝରୀ, ବାସେଳିହତା, ଶ୍ୟାମସୁନ୍ଦରପୁର କୁରାଞ୍ଜି ଅଞ୍ଚଳରେ ପ୍ରତିବର୍ଷ ଅଗ୍ନିକାଣ୍ଡ ଘଟେ। ବହୁ ଧନଜୀବନ ହାନି ହୁଏ। ଫଳରେ ସୁଦୂର କଟକ, ଢେଙ୍କାନାଳ ଅଞ୍ଚଳରୁ ନିଆଁ ଲିଭାଇବାକୁ ଦମକଳ ଗାଡି ଆସନ୍ତି। ଦୀର୍ଘ ୩ ଦିନ ପର୍ଯ୍ୟନ୍ତ ନିଆଁ ଲାଗେ। ପ୍ରତି ଅଗ୍ନିକାଣ୍ଡରେ ଶହ ଶହ ବଖରା ଜଳିଯାଏ। ପୂର୍ବରୁ ଗାଈ, ଛେଳି, ମଣିଷ ମଧ୍ୟ ଅଗ୍ନିକାଣ୍ଡରେ ମୃତ୍ୟୁ ବରଣ କରିଛନ୍ତି। ଫଳରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓଡିଶାରେ ପ୍ରଥମ ଥର ଲାଗି ଗୋଟିଏ ଗାଁରେ ଦମକଳ କେନ୍ଦ୍ର ସ୍ଥାପନ କରିଥିଲେ। ଏହି କେନ୍ଦ୍ର ଯୋଗୁ ଉଭୟ ବଡମ୍ବା ଓ ନରସିଂହପୁର ବ୍ଲକର ବହୁ ଧନ ଜୀବନ ରକ୍ଷା ହୋଇପାରିଛି। ଏହାର ଗୃହ ନିର୍ମାଣ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ମରାମତି ହୋଇ ନ ଥିବା ଆମେ ଦେଖିବାକୁ ପାଇଛୁ। ବାଲିଝରୀ ସରପଞ୍ଚ ମନମୋହନ ନାୟକ କୁହନ୍ତି, ସମଗ୍ର ଅଞ୍ଚଳରୁ ଲୋକଙ୍କୁ ବିପଦରୁ ରକ୍ଷା କରୁଥିବା କର୍ମଚାରୀ ବର୍ତ୍ତମାନ ବିପଦରେ ରହିଛନ୍ତି। ପଞ୍ଚାୟତ ପକ୍ଷରୁ ଅଗ୍ନିଶମ ବିଭାଗ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇବା ସହିତ ନୂତନ କୋଠା, ପାଚେରି ଓ ପାଣି ଯୋଗାଣ ବ୍ୟବସ୍ଥା କରିବା ପାଇଁ ଦାବି କରାଯିବ ବୋଲି କହିଥିଲେ।



ବାଲିଝରିଠାରେ ଥିବା ଦମକଳ ସେବା କେନ୍ଦ୍ର।



କାର୍ଯ୍ୟାଳୟର ଛାତରୁ ସିମେଣ୍ଟ ଖଣ୍ଡ ଖସିଛି।

■ବଡ଼ମ୍ବା ଓ ନରସିଂହପୁର ବ୍ଲକର ବହୁ ଧନ ଜୀବନ ରକ୍ଷା ହୋଇପାରିଛି
■ସରକାରୀ ଗାଡି ଓ ବହୁ ଯନ୍ତ୍ରାଂଶ ବିପଦରେ

## ଜନ ଶୁଣାଣିକୁ ଆସିଲେନି ଜିଲାପାଳ

**ଆଠଗଡ଼,୫।୧୧(ସ୍ୱ.ପ୍ର.)**

ଆଠଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବାର ଥିଲା। ଏଥି ନିମନ୍ତେ ବ୍ଲକ ଅଞ୍ଚଳରୁ ବହୁ ଜନସାଧାରଣ ସେମାନଙ୍କ ଆପତ୍ତି ଅଭିଯୋଗ ଜିଲାପାଳଙ୍କୁ ଜଣାଇବାକୁ ଆସିଥିଲେ। ହେଲେ ଶିବିରକୁ ଜିଲାପାଳ ଆସିଲେ ନାହିଁ। ଫଳରେ ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଜନସାଧାରଣ ନିରାଶ ହୋଇଥିଲେ। ସେହିପରି ଶିବିରରେ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ମାଧବଚନ୍ଦ୍ର ସାହୁ ମଧ୍ୟ ଅନୁପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ହରିଶ୍ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୧୧୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ତନ୍ମଧ୍ୟରୁ ୧୦୨ ବ୍ୟକ୍ତିଗତ ଓ ୧୭ ସାମୂହିକ ଅଭିଯୋଗ ଥିଲା। ୪୨ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଜଣଙ୍କୁ ଟ୍ରାଇ ସାଇକେଲ, ୨ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୮ହଜାର ଟଙ୍କା ଚିକିତ୍ସା ସହାୟତା ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କୁମାର ମହାନ୍ତି, ଉପଜିଲାପାଳ ଅମୀୟ କୁମାର ସାହୁ, ଉପଖଣ୍ଡସ୍ତରୀୟ ଆରକ୍ଷୀ ଅଧୀକ୍ଷକ ପ୍ରକାଶ ଚନ୍ଦ୍ର ପାଲ, ମଣ୍ଡଳ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ସ୍ୱାଇଁ ଓ ତହସିଲଦାର ତପନ କୁମାର ଖୁଣ୍ଟିଆଙ୍କ ସମେତ ସମସ୍ତ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

## ବିଦ୍ୟୁତ୍‌ଜନିତ ହାତୀ ମୃତ୍ୟୁ ରୋକିବାକୁ ତତ୍ପରତା

**ଆଠଗଡ଼,୫।୧୧(ସ୍ୱ.ପ୍ର.)**

ଆଠଗଡ଼ ବନଖଣ୍ଡ ଅଧୀନ ବିଭିନ୍ନ ସଂରକ୍ଷିତ ଜଙ୍ଗଲ ମଧ୍ୟଦେଇ ଯାଇଥିବା ବିଦ୍ୟୁତ୍ ତାର ଯୋଗୁ ଯେପରି ହାତୀ ମୃତ୍ୟୁ ନ ଘଟେ ସେଥିପ୍ରତି ଦୃଢ଼ ପଦକ୍ଷେପ ନେବା ପାଇଁ ବନବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏ ନେଇ ସୋମବାର ଆଠଗଡ ବନଖଣ୍ଡ ଅଧିକାରୀ ସସ୍ମିତା ଲେଙ୍କାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସେସୁ ନିର୍ବାହୀ ଯନ୍ତ୍ରୀ ଏଲ୍.କେ ମହାପାତ୍ର, ସହକାରୀ ଯନ୍ତ୍ରୀ ସନ୍ତୋଷ ସାମନ୍ତରାୟ, ନରସିଂହପୁର ସହକାରୀ ଯନ୍ତ୍ରୀ ନିଗମ ପ୍ରସାଦ ପାଠୀ, ସେସୁ ଆଠଗଡ ଡିଭିଜନର ସମସ୍ତ ଅଧିକାରୀ, ନରସିଂହପୁର (ପୂର୍ବ, ପଶ୍ଚିମ), ବଡମ୍ବା, ଆଠଗଡ ଓ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀମାନେ ଯୋଗ ଦେଇଥିଲେ। କିଛି ଦିନ ହେବ ସେସୁ ଅଧିକାରୀ ଓ ବନାଞ୍ଚଳ ଅଧିକାରୀଙ୍କ ଦ୍ୱାରା ମିଳିତ ଭାବେ ସରଜମିନ ତଦନ୍ତ କାର୍ଯ୍ୟ ଜାରି ରହିଛି। ଜଙ୍ଗଲ ମଧ୍ୟ ଦେଇ ଯାଇଥିବା ତାର ଅନେକ ସ୍ଥାନରେ ଓହଳି ରହିଥିବାରୁ ହାତୀ ଶୁଣ୍ଢ ବଢାଇଲେ ଦୁର୍ଘଟଣା ଘଟିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଅପରପକ୍ଷରେ ଦୀର୍ଘ ଦିନରୁ ପୋତାଯାଇଥିବା ବିଦ୍ୟୁତ୍ ଖୁଣ୍ଟ ଗୁଡିକ ଦୁର୍ବଳ ହୋଇଥିବାରୁ ହାତୀଙ୍କ ସ୍ପର୍ଶରେ ତାହା ମଧ୍ୟ ଭାଙ୍ଗି ପଡିବାର ସମ୍ଭାବନା ରହିଛି। ଏହି ଦୃଷ୍ଟିକୋଣରୁ ବିଦ୍ୟୁତ୍ ତାରଗୁଡିକୁ ୧୮ରୁ ୨୦ଫୁଟ ଉଚ୍ଚରେ ଦୃଢ ଭାବେ ଟଣାଯିବା, ଆବଶ୍ୟକ ସ୍ଥାନରେ ନୂତନ ଖୁଣ୍ଟ ପୋତାଯାଇ ଖୁଣ୍ଟ ଚତୁଃପାର୍ଶ୍ୱ କଣ୍ଟାତାର ଗୁଡା ଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଦ୍ୟୁତ ବିଭାଗ ପକ୍ଷରୁ ବସାଯାଇଥିବା ଟ୍ରାନ୍ସଫରମର ବା ସବ୍‌ଷ୍ଟେସନ ମୁକୁଳା ରହିଥିଲେ ଚତୁଃପାର୍ଶ୍ୱ ମଜଭୁତ ପାଚେରି ନିର୍ମାଣ କରାଯିବା ପାଇଁ ବନଖଣ୍ଡ ଅଧିକାରୀ ଲେଙ୍କା ପରାମର୍ଶ ଦେଇଥିଲେ। ଏ ସବୁର ନିର୍ମାଣ ଓ ମରାମତି ପାଇଁ ସେସୁ ପକ୍ଷରୁ ବ୍ୟୟବରାଦ ନ ଥିବା ନିର୍ବାହୀ ଯନ୍ତ୍ରୀ ମହାପାତ ପ୍ରକାଶ କରିଥିଲେ। ଏ ସମ୍ବନ୍ଧରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସେ ମତ ରଖିଥିଲେ। ଆଗାମୀ ଏକମାସ ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ସେସୁ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ସହକାରୀ ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର କୁମାର ଦାସ ଓ ପୂର୍ଣ୍ଣଚନ୍ଦ୍ର ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, କିଛିଦିନ ତଳେ ଢେଙ୍କାନାଳ ବନଖଣ୍ଡ ଅଞ୍ଚଳରେ କରେଣ୍ଟ ଲାଗି ୭ହାତୀ ମୃତ୍ୟୁବରଣ କରିଥିବା ନେଇ ରାଜ୍ୟର ବିଭିନ୍ନ ମହଲରେ ଚର୍ଚ୍ଚା ଚାଲିଛି। ଆଠଗଡ ବନଖଣ୍ଡ ଅଞ୍ଚଳର ବିଭିନ୍ନ ଜଙ୍ଗଲରେ ହାତୀପଲ ସ୍ଥାୟୀ ଭାବେ ରହୁଥିବା ଦେଖାଯାଇଛି। ପୂର୍ବରୁ ଆଠଗଡ ବନାଞ୍ଚଳ ଅଧୀନ ତଇଲାମାଳ, ଖୁଣ୍ଟୁଣୀ ବନାଞ୍ଚଳ ଅଧୀନସ୍ଥ ବ୍ରାହ୍ମଣବସ୍ତ, ଘଣ୍ଟିଖାଲ ଆଦି ଅଞ୍ଚଳରେ ଏକାଧିକ ହାତୀ କରେଣ୍ଟ ଯୋଗୁ ମୃତ୍ୟୁବରଣ କରିଥିବା ନଜିର ରହିଛି। ରାଜ୍ୟ ମୁଖ୍ୟ ବନ ସଂରକ୍ଷକଙ୍କ ନିର୍ଦ୍ଦେଶ ମତେ ଜଙ୍ଗଲ ମଧ୍ୟରେ ଯାଇଥିବା ବିଦ୍ୟୁତ୍ ଖୁଣ୍ଟ ଓ ତାର ଯୋଗୁ ଯେପରି କୌଣସି ବନ୍ୟ ଜନ୍ତୁ ଦୁର୍ଘଟଣାର ଶିକାର ନ ହେବେ ସେନେଇ ବିଦ୍ୟୁତ ବିଭାଗ ପକ୍ଷରୁ ଉପଯୁକ୍ତ ପଦକ୍ଷପ ନେବା ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲା।

## କନ୍‌ଫେରେନସିଂ ହଲ୍ ଉଦ୍‌ଘାଟିତ

**ସାଲେପୁର,୫।୧୧(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭିଡିଓ କନ୍‌ଫେରେନସିଂ ଜରିଆରେ ସାଲେପୁର ବ୍ଲକ୍ କାର୍ଯ୍ୟାଳୟର ଭିଡିଓ କନ୍‌ଫେରେନ୍‌ସିଂ ହଲ୍‌କୁ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ବିଡିଓ ଶିବବ୍ରତ ଘୋଷ, ତହସିଲଦାର୍ ପଦ୍ମଜା ଦାଶ, ବ୍ଲକ ଅଧ୍ୟକ୍ଷା ମମତା ରାଉତ, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଜେନା, ଦିଲୀପ ଦାଶ, ନାରାୟଣ ପତି, ଏବିଡିଓ ପ୍ରସନ୍ନ ମଲିକ, ସାମାଜିକ ସୁରକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ପ୍ରଧାନ, ଜିପିଇଓ ଉଷାରାଣୀ ଜେନାଙ୍କ ସମେତ ବ୍ଲକ୍‌ର ବିଭିନ୍ନ ବିଭାଗ ଅଧିକାରୀ ଏବଂ ଲୋକପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ଯୋଜନାରେ ସାଲେପୁର ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଛାତ୍ର ଅତୁଲ୍ୟ ଆଶୁତୋଷ ସାମନ୍ତ ଓ ଅମିଷା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାଷାବୃତ୍ତିରେ ସରସ୍ୱତୀ ବିଦ୍ୟାମନ୍ଦିରର ଶ୍ୱେତପଦ୍ମା ସ୍ୱାଇଁ, କଲ୍ୟାଣପୁର ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀ ଜସ୍ମିନ୍ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ତମ ବିଦ୍ୟାଳୟରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଛୋଟିପେଡ଼ା, ସାଲେପୁର ଉଚ୍ଚ ବିଦ୍ୟାଳୟ, ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଖେଣ୍ଟାଳ ଗ୍ରାମବାସୀ ବିଇଓଙ୍କ କାର୍ଯ୍ୟାଳୟରେ ପ୍ରତିବାଦ ଜଣାଉଛନ୍ତି।

## ବିଇଓ କାର୍ଯ୍ୟାଳୟରେ ବସିଲେ ଗ୍ରାମବାସୀ

**ବିଦ୍ୟାଳୟ ମିଶ୍ରଣକୁ ବିରୋଧ**

**ରଘୁନାଥପୁର,୫।୧୧(ଡି.ଏନ.ଏ.)**

ବିଦ୍ୟାଳୟ ମିଶ୍ରଣକୁ ବିରୋଧ କରି ସୋମବାର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଭିତରେ ବସି ରହି ଅଭିନବ ଉପାୟରେ ପ୍ରତିବାଦ ଜଣାଇଛନ୍ତି ଖେଣ୍ଟାଳ ଗ୍ରାମବାସୀ। ନିଶ୍ଚିନ୍ତକୋଇଲି ବ୍ଲକ ଇଶାଣି ବ୍ରହ୍ମପୁର ପଞ୍ଚାୟତ ତଥା ରଘୁନାଥପୁର ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ଖେଣ୍ଟାଳ ବଳରାମ ପ୍ରାଥମିକ ବିଦ୍ୟାଳୟକୁ ମହାନଦୀ ବନ୍ଧ ଅପରପାର୍ଶ୍ୱରେ ଥିବା ବଳରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ ପାଇଁ ଶିକ୍ଷା ବିଭାଗ ପକ୍ଷରୁ ସ୍ଥିର ହୋଇଛି। ୧୯୪୯ରୁ ସ୍ଥାପିତ ପୁରାତନ ବିଦ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର ନ କରିବାକୁ ଗ୍ରାମବାସୀ ଜିଲା ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସୁଫଳ ନ ମିଳିବାରୁ ବାଧ ହୋଇ ପରିଚାଳନା କମିଟିର ସଭାପତି ବଲ୍ଲଭ ସାହୁଙ୍କ ତତ୍ତ୍ୱାବଧାନରେ ଅଭିଭାବକ ଓ ଗ୍ରାମବାସୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅର୍ଡର ବାତିଲ କରିବାକୁ ଏବିଇଓ ନରହରି ମିଶ୍ରଙ୍କ ଉପରେ ଚାପ ସୃଷ୍ଟି କରିଥିଲେ। ଏହା ତାଙ୍କ ନିଜ କର୍ତ୍ତୃତ୍ୱରେ ନ ଥିବା ସେ କହିଥିଲେ। ପରେ ଗ୍ରାମବାସୀ ଏବିଇଓ ମିଶ୍ରଙ୍କ ସମ୍ମୁଖରେ ତଳେ ବସି ରହିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଉଠିବୁ ନାହିଁ ବୋଲି କହିଥିଲେ। ଶେଷରେ ଏବିଇଓ ମିଶ୍ର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଜଣାଇବାକୁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ସେଠାରୁ ଚାଲି ଆସିଥିଲେ। ଶିକ୍ଷା ବିଭାଗ ଦୃଷ୍ଟି ନ ଦେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଦୁଃଶାସନ ସାହୁ, ହେମନ୍ତ ତ୍ରିପାଠୀ, ସାବିତ୍ରୀ ସେଠୀ, ମାନି ସେଠୀ ପ୍ରମୁଖ ସତର୍କ କରାଇଛନ୍ତି।

## ଭାଜପା ଯୁବମୋର୍ଚ୍ଚାର କର୍ମ ନିୟୋଜନ କାର୍ଯ୍ୟାଳୟ ଘେରାଉ

**ଆଠଗଡ଼,୫।୧୧(ସ୍ୱ.ପ୍ର.)**

ଆଠଗଡ଼ ଉପଖଣ୍ଡ ବଡ଼ମ୍ବା ଓ ଆଠଗଡ଼ ନିର୍ବାଚନମଣ୍ଡଳୀ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଆଠଗଡସ୍ଥିତ ରାଜ୍ୟ ସରକାରଙ୍କ ଉପ କର୍ମ ନିୟୋଜନ କାର୍ଯ୍ୟାଳୟ ଘେରାଉ କରାଯାଇଛି। ରାଜ୍ୟରେ ବଢୁଥିବା ବେକାର ସମସ୍ୟା ଦୂର କରିବା ସହ ତୁରନ୍ତ ନିଯୁକ୍ତି ସୂଚନା ପ୍ରଦାନ କରିବାକୁ ଦାବି ହୋଇଥିଲା। ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଚାନ୍ଦବାଲି ଛକସ୍ଥିତ ହନୁମାନ ମନ୍ଦିରରୁ ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଆଲୋକ ମହାନ୍ତି ଓ କଟକ ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ନବଘନ ବେହେରାଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଶୋଭାଯାତ୍ରାରେ ଯାଇ ରଥଗଡାସ୍ଥିତ କାର୍ଯ୍ୟାଳୟରେ ତାଲା ପକାଇବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବରିଷ୍ଠ ନେତା ବ୍ରଜେନ୍ଦ୍ର ରାୟ, କାର୍ଯ୍ୟକାରିଣୀ ସଦସ୍ୟ ସରୋଜ ରଣା, କଟକ ଜିଲା ଭାଜପା ଉପସଭାନେତ୍ରୀ ସଂଯୁକ୍ତା ତ୍ରିପାଠୀ, ସାଧାରଣ ସମ୍ପାଦକ ଇଲା ପଣ୍ଡା, ନିର୍ମଳ ପରିଡା, ଜଗଦାନନ୍ଦ ତ୍ରିପାଠୀ ପ୍ରମୁଖ ଉଦ୍‌ବୋଧନ ଦେଇ ରାଜ୍ୟ ସରକାରଙ୍କ ନୀତିହୀନ ଶାସନ ଏବଂ ବିଜୁ ଯୁବ ବାହିନୀ ନାମରେ ସରକାରୀ ଅର୍ଥ ଲୁଟ୍ ଆଦିକୁ ନେଇ ତୀବ୍ର ସମାଲୋଚନା କରିଥିଲେ। ଯୁବ ମୋର୍ଚ୍ଚା ନେତା ମିଥୁନ ମଲିକ, ପ୍ରଦୀପ ଦାସ, ବରୁଣ ନାୟକ, ବିଚିତ୍ର ଜେନା, ବିଜୟ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଆଠଗଡ ନଗର ମଣ୍ଡଳ ସାଧାରଣ ସମ୍ପାଦକ ନଚିକେତା ପରମାଣିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ଭାଜପା ଯୁବମୋର୍ଚ୍ଚା କର୍ମୀ କର୍ମ ନିୟୋଜନ କାର୍ଯ୍ୟାଳୟ ଘେରାଉ କରିବାକୁ ଯାଉଛନ୍ତି।

■ ଫେଲ୍ ମାରିଲା ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନ୍‌ଫରେନ୍‌ସିଂ କାର୍ଯ୍ୟକ୍ରମ

# ମେଧାବୀ ଛାତ୍ରୀଛାତ୍ର, ଅଭିଭାବକ ନିରାଶ

**ମାହାଙ୍ଗା/ନିଶ୍ଚିନ୍ତକୋଇଲି/ନରସିଂହପୁର, ୫।୧୧(ସ୍ୱ.ପ୍ର./ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ରାଜ୍ୟର ୩୧୪ ବ୍ଲକ୍‌ରେ ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ଯୋଜନା, ଓଡ଼ିଆ ଭାଷାବୃତ୍ତି, ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ସମ୍ବର୍ଦ୍ଧନା, ମେଧାବୀ ଛାତ୍ରୀଛାତ୍ରଙ୍କୁ ଲାପଟପ୍ ବଣ୍ଟନ ଆଦି କାର୍ଯ୍ୟକ୍ରମ ସଚିବାଳୟରେ ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ଶୁଭାରମ୍ଭ କରିବାର ଥିଲା। ଏହି କାର୍ଯ୍ୟକ୍ରମକୁ ସମସ୍ତ ବ୍ଲକର ମେଧାବୀ ଛାତ୍ରୀଛାତ୍ର, ଅଭିଭାବକ ସିଧାସଳଖ ଦେଖିବା ସହ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଏଥିନେଇ ସମସ୍ତ ବ୍ଲକ କାର୍ଯ୍ୟାଳୟରେ ପ୍ରସ୍ତୁତି କରାଯାଇଥିଲା। ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ବ୍ଲକ ଅଞ୍ଚଳର ମେଧାବୀ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଡକାଯିବା ସହ ଜନପ୍ରତିନିଧି ଏବଂ ବ୍ଲକ୍‌ର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଅପରାହ୍ନ ୫ଟାରେ ଥିବାବେଳେ ଦୂରଦୂରାନ୍ତ ଛାତ୍ରୀଛାତ୍ର ସେମାନଙ୍କ ଅଭିଭାବକଙ୍କ ସହ ଅପରାହ୍ନ ୩.୩୦ରୁ ଆସି ଭିଡିଓ କନଫରେନସିଂ ହଲରେ ଅପେକ୍ଷା କରି ରହିଥିଲେ। ହେଲେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲେ ମଧ୍ୟ ଏହାକୁ କେହି ଦେଖି ପାରିଲେନାହିଁ। ଏପରି କି ସନ୍ଧ୍ୟା ୬.୩୦ ପର୍ଯ୍ୟନ୍ତ ଯୋଗାଯୋଗ ନ ହେବାରୁ ସେମାନେ ବାଧ ହୋଇ ନିରାଶରେ ଫେରିଥିଲେ। ଅନ୍ୟପକ୍ଷରେ କାର୍ଯ୍ୟକ୍ରମରେ ବିଫଳ ହୋଇ ଫେରିଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକ ଭିଡିଓ କନଫରେନସିଂ କକ୍ଷରେ ବିଡିଓ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ସହକାରୀ ନିର୍ବାହୀ ଯନ୍ତ୍ରୀ ରମେଶ ରାଉତ, ସହକାରୀ ଯନ୍ତ୍ରୀ ନଳିନୀ ମହାପାତ୍ର, ବ୍ଲକ୍ ଶିକ୍ଷା ଅଧିକାରୀ ଚକ୍ରଧର ବେହେରା, ଏବିଇଓ ମଦନମୋହନ ମଲ୍ଲଙ୍କ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ।

ସେହିପରି ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନ୍‌ଫରେନ୍‌ସିଂ କାର୍ଯ୍ୟକ୍ରମ ପାଇଁ ନିଶ୍ଚିନ୍ତକୋଇଲି ବ୍ଲକ ସମ୍ମିଳନୀ କକ୍ଷରେ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଅପରାହ୍ନ ୫ଟା ପୂର୍ବରୁ ମେଧାବୀ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ ଓ ବ୍ଲକ କର୍ମଚାରୀ ଭିଡିଓ କନଫରେନସିଂ ହଲ୍‌ରେ ଉପସ୍ଥିତ ଥିଲେ। ଏପରି କି ବିଦ୍ୟୁତ୍ କାଟକୁ ମଧ୍ୟ ରୋକାଯାଇଥିଲା। କିନ୍ତୁ ଦୀର୍ଘ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ସମସ୍ତେ ଅପେକ୍ଷା କରି ରହିଥିଲେ ହେଁ ଟିଭିରେ ମୁଖ୍ୟମନ୍ତ୍ରୀଙ୍କ ଛବି ଦେଖିବାକୁ ପାଇ ନ ଥିଲେ। ଫଳରେ ଦୂର ଦୂରାନ୍ତରୁ ଆସିଥିବା ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ନିରାଶ ହୋଇ ଫେରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଲକ୍ଷ୍ମଣ ଲେଙ୍କା ସ୍ପଷ୍ଟୀକରଣ ଦେଇ କହିଛନ୍ତି, ଏହି କାର୍ଯ୍ୟକ୍ରମ ୩୧୪ ବ୍ଲକରେ ଆୟୋଜନ କରାଯାଇଥିଲା। ସେଥିରୁ ମାତ୍ର ୮ଟି ବ୍ଲକରେ କାର୍ଯ୍ୟକ୍ରମ ସଫଳ ହୋଇଥିବା ବେଳେ ଅନ୍ୟ ବ୍ଲକରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ବିଫଳ ହୋଇଛି। ସେହିପରି ନରସିଂହପୁର ବ୍ଲକ ସମ୍ମିଳନୀ କକ୍ଷରେ ହୋଇଥିବା ଭିଡିଓ କନଫରେନ୍‌ସିଂ ବ୍ୟବସ୍ଥା ଫେଲ ମାରିବାରୁ ବହୁ ମେଧାବୀ ଛାତ୍ରୀଛାତ୍ର ନିରାଶ ହୋଇ ଫେରିଥିଲେ।




ମାହାଙ୍ଗା ବ୍ଲକ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନ୍‌ଫରେନ୍‌ସିଂ କାର୍ଯ୍ୟକ୍ରମକୁ ଅପେକ୍ଷା କରିଥିବା ଛାତ୍ରୀଛାତ୍ର, ଅଭିଭାବକ ଓ ପ୍ରଶାସନିକ ଅଧିକାରୀ।

■ଯାନ୍ତ୍ରିକ ତ୍ରୁଟି ବୋଲି କହିଲେ ନିଶ୍ଚିନ୍ତକୋଇଲି ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ
■ନରସିଂହପୁରରେ ବି ସମାନ ସ୍ଥିତି

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୬ ନଭେମ୍ବର, ୨୦୧୮



କ୍ରୋଧ ଯେତେବେଳେ ଆସି ହୃଦୟ ଆସନର ଦ୍ୱାର ଦେଶରେ ଉପସ୍ଥିତ ହୋଇଯାଏ, ବିବେକ ସେତେବେଳେ ଘର ଛାଡ଼ି ପଳାଏ।
- ହେନେରୀ ଫୋର୍ଡ



## ସଂକ୍ଷେପରେ

### ବାଇକ୍ ଚୋରି: ଯୁବକ ଗିରଫ

**ଫୁଲନଖରା, ୫।୧୧ (ଡି.ଏନ୍.ଏ.):** ବାଇକ୍ ଚୋରି ଅଭିଯୋଗରେ କଟକ ସଦର ପୋଲିସ ସ୍ଥାନୀୟ ୪୨ମୌଜା ବରାଡ ଗ୍ରାମର ଅନିଲ କୁମାର ବେହେରାଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଏଥିସହ ତାଙ୍କଠାରୁ ଏକ ନମ୍ବର ବିହୀନ ବାଇକ୍ ଜବତ କରାଯାଇଛି। ଫୁଲନଖରା ଛକଠାରେ ଥିବା ଏକ ସରକାରୀ ବିଦେଶୀ ମଦ ଦୋକାନ ସମ୍ମୁଖରୁ ଅନିଲ ବାଇକ୍ ଚୋରି କରୁଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁକରି ପୋଲିସ ଜିମା ଦେଇଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୪୨୩/୧୮ ) ରୁଜୁ ହୋଇଛି।

### କୋଇଲା ବୋଝେଇ ଗାଡ଼ି ଜବତ: ଚାଳକ ଗିରଫ

**ଖୁଣ୍ଟୁଣୀ, ୫।୧୧ (ଡି.ଏନ୍.ଏ.):** ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ବ୍ରାହ୍ମଣବସ୍ତ ବରଦେଇ ଠାକୁରାଣୀ ରାସ୍ତାରେ ସୋମବାର ସନ୍ଧ୍ୟାରେ ଯାଉଥିବା ଏକ କୋଇଲା ବୋଝେଇ ଟାଟା ଏସିଇ ଗାଡିକୁ ଜବତ କରାଯାଇଛି। ଉକ୍ତ ଗାଡିରେ ୩୦ ବସ୍ତା କାଠ କୋଇଲା ଥିବା ଜଣାପଡିଛି। ଏହି ଘଟଣାରେ ଗାଡି ଚାଳକ ଖୋର୍ଦ୍ଧା ଜିଲା କୁରାଡମଲ୍ଲ ଗ୍ରାମର ପ୍ରଦୀପ କୁମାର ମହାନ୍ତିଙ୍କୁ ଗିରଫ କରାଯାଇଛି। ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ମହାଲକ୍ଷ୍ମୀପୁର ଗ୍ରାମରୁ ଉକ୍ତ ଗାଡିରେ କୋଇଲା ବୋଝେଇ ହୋଇ ଭୁବନେଶ୍ୱର ଯାଉଥିଲା। ଖବରପାଇ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ରତ୍ନାକର ଦାସ, ନିଧିପୁର ଫରେଷ୍ଟର ବିଭୁ ରଞ୍ଜନ ରାୟ, ସୁବଳ ପରିଡା, ପ୍ରମୋଦ ଦାସ ଓ ଅଜୟ ଦାସ ପ୍ରମୁଖ ଚଢାଉ କରି ଉକ୍ତ ଗାଡିକୁ ଜବତ କରିଥିଲେ।

### ଦୁଇ ସାହି ମଧ୍ୟରେ ଗଣ୍ଡଗୋଳ: ୪ ଗିରଫ

**କଟକ ଅଫିସ୍, ୫।୧୧:** କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ପଟ୍ଟାପୋଲ ଅଞ୍ଚଳରେ ରବିବାର ବିଳମ୍ବିତ ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଉଭୟ ପକ୍ଷରୁ ଢେଲା, ପଥର ମାଡରେ ୩ ଜଣ ଆହତ ହୋଇଛନ୍ତି। ଏ ନେଇ ଉଭୟ ପକ୍ଷରୁ ସୋମବାର ଅଭିଯୋଗ ହେବା ପରେ ପୋଲିସ ୨ଟି ମାମଲା ରୁଜୁ କରିଥିଲା। ଏହି ଘଟଣାରେ ପୋଲିସ ଉଭୟ ପକ୍ଷର ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ଗୋଲବେଦୀସାହି ଅଞ୍ଚଳର ପି. ଭାସ୍କର ରାଓ, ଡି. ଜଗା, ଏମ୍. ରାଜୁ ଏବଂ ବାଟମଙ୍ଗଳାସାହି ଅଞ୍ଚଳର ଟି. ଶିବା। ଅଭିଯୋଗ ଅନୁଯାୟୀ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ରବିବାର ବିଳମ୍ବିତ ରାତିରେ ଗୋଲବେଦୀସାହି ଏବଂ ବାଟମଙ୍ଗଳାସାହି ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଗୋଲବେଦୀସାହିର ଜଣେ ଯୁବକ ବାଟମଙ୍ଗଳାସାହି ଯାଇଥିବାବେଳେ ସେଠାରେ କେତେଜଣ ଯୁବକ ତାଙ୍କୁ ମାଡ ମାରିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଗଣ୍ଡଗୋଳକୁ ନେଇ ପଟାପୋଲ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

### ବେଙ୍ଗଲୀ ସମ୍ପ୍ରଦାୟ ଏକାଠି

**କଟକ ଅଫିସ,୦୫।୧୧:** ବିଜୟ ସମ୍ମିଳନୀ ମହୋତ୍ସବ ପକ୍ଷରୁ ଦ୍ୱିତୀୟ ବାର୍ଷିକୀ ଉତ୍ସବ ଶହୀଦ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମ ଯୋଗଦେଇ ବେଙ୍ଗଲୀ ସମ୍ପ୍ରଦାୟର ଭଉଣୀଭାଇମାନେ ଏକାଠି ହେବାର ଏହା ଏକ ଅପୂର୍ବ ସୁଯୋଗ ବୋଲି କହିଛନ୍ତି। ୨୦୦୦ରୁ ଊର୍ଦ୍ଧ୍ୱ ବେଙ୍ଗଲୀ ସମ୍ପ୍ରଦାୟର ଭଉଣୀଭାଇମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ଏହି ଉପଲକ୍ଷେ ବେଙ୍ଗଲୀ ସମ୍ପ୍ରଦାୟର ମୁରବିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ■ମହିଳାଙ୍କ ତଣ୍ଟିକାଟି ହତ୍ୟା ଘଟଣା

# ସମ୍ପତ୍ତି ଲୋଭରେ ହତ୍ୟା କରିଥିଲେ

**କଟକ ଅଫିସ୍, ୫।୧୧**

■ବାପାଙ୍କୁ ମାରିବାକୁ ଆସିଥିଲେ, ମା’ଙ୍କୁ ମାରିଦେଲେ

■ସାବତ ଝିଅ, ପୁତୁରା କୋର୍ଟଚାଲାଣ

ମର୍କତ ନଗର ଥାନା ଅନ୍ତର୍ଗତ ସିଡିଏ ସେକ୍ଟର-୭ ଅଞ୍ଚଳରେ ରବିବାର ରାତିରେ ଅମ୍ବିକା ପାଲ ଓରଫ୍ ଲକ୍ଷ୍ମୀପ୍ରିୟା(୪୦)ଙ୍କ ତଣ୍ଟି କାଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ଅମ୍ବିକାଙ୍କ ସାବତ ଝିଅ ସୋନାଲି ପାଲ ଓରଫ୍ ସୋନାଲି ସାହୁ(୩୪) ଏବଂ ପୁତୁରା ରାହୁଲ ପାଲ(୨୦)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ପୋଲିସ ଅଭିଯୁକ୍ତ ରାହୁଲ ଏବଂ ସୋନାଲିଙ୍କୁ ପଚରାଉଚରା ପରେ ହତ୍ୟାକାଣ୍ଡକୁ ନେଇ ଏକ ଭିନ୍ନ ରହସ୍ୟ ସାମ୍ନାକୁ ଆସିଛି। ସୋନାଲି ତାଙ୍କ ବାପା ନରେନ୍ଦ୍ର ପାଲଙ୍କୁ ହତ୍ୟା କରିବାକୁ ଆସିଥିଲେ। ହେଲେ ବାପାଙ୍କୁ ନ ପାଇ ମା’ଙ୍କୁ ହତ୍ୟା କରିଥିଲେ ବୋଲି ଜଣାପଡିଛି। ତେବେ ସମ୍ପତ୍ତି ଲୋଭରେ ସେମାନେ ହତ୍ୟା କରିଥିବା ପୋଲିସ ସୂଚନା ଦେଇଛି।

ପୋଲିସ ସୂଚନା ଅନୁଯାୟୀ, ପୂର୍ବପ୍ରସ୍ତୁତି ମୁତାବକ ଗତ ଗୁରୁବାର ରାହୁଲ ଏବଂ ସୋନାଲି ମିଶି ନରେନ୍ଦ୍ରଙ୍କୁ ମାରିବାକୁ ଆସିଥିଲେ। ହେଲେ ସେଦିନ ସ୍ଥାନୀୟ ଅଞ୍ଚଳ ଜନଗହଳି ଥିବାରୁ ସେମାନେ ଫେରି ଯାଇଥିଲେ। ପୁନର୍ବାର ରବିବାର ସେମାନେ ନରେନ୍ଦ୍ରଙ୍କୁ ହତ୍ୟା କରିବାକୁ ଆସିଥିବାବେଳେ ସେ ଘରେ ନ ଥିଲେ। ଫଳରେ ସେମାନେ ଅମ୍ବିକାଙ୍କୁ ହତ୍ୟା କରି ଘରୁ ଟଙ୍କାପଇସା ନେଇ ପଳାଇଯିବାକୁ ଚେଷ୍ଟା କରିଥିଲେ। ଛୁରିରେ ଅମ୍ବିକାଙ୍କ ତଣ୍ଟି କାଟିଦେବାରୁ ସେ ଚିତ୍କାର କରିଥିଲେ। ଏହି ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଯିବାରୁ ସେମାନେ ବାହାରିପାରି ନ ଥିଲେ ବୋଲି ପୋଲିସ ସମ୍ମୁଖରେ ରାହୁଲ ଏବଂ ସୋନାଲି ସ୍ୱୀକାର କରିଛନ୍ତି। ତେବେ ସୋନାଲିଙ୍କ ବାପା ଦ୍ୱିତୀୟ ବିବାହ କରିବା ପରେ ସେମାନେ ସୋନାଲିଙ୍କୁ ଅଣଦେଖା କରୁଥିଲେ। ଏପରି କି ପଇସାପତ୍ରକୁ ନେଇ ବହୁବାର ଝଗଡା ହେଉଥିଲା। ସୋନାଲିଙ୍କ ବିବାହ ପରେ ସେ ନରେନ୍ଦ୍ରଙ୍କୁ କିଛି ଟଙ୍କା ମାଗିଥିଲେ ମଧ୍ୟ ସେ ଦେଇ ନ ଥିଲେ। ତେଣୁ ବାପାଙ୍କୁ ମାରି ସବୁ ସମ୍ପତ୍ତି ହାତେଇ ନେବାକୁ ସେ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେ ତାଙ୍କ ବଡବାପାଙ୍କ ପୁଅ ରାହୁଲଙ୍କ ସହାୟତା ନେଇଥିଲେ ବୋଲି ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ, ରବିବାର ରାତିରେ ସିଡିଏ ସେକ୍ଟର-୭ ଅନ୍ତର୍ଗତ ପ୍ଲଟ ନମ୍ବର ଏଫ୍/୧୨୪ରେ ଲକ୍ଷ୍ମୀପ୍ରିୟାଙ୍କ ତଣ୍ଟି କାଟି ହତ୍ୟା କରାଯାଇଥିଲା। ଏ ନେଇ ନରେନ୍ଦ୍ର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୭୨/୧୮) ରୁଜୁ କରିଥିଲା। ପରେ ଏଥିରେ ସମ୍ପୃକ୍ତି ଥିବା ଜାଣିବା ପରେ ପୋଲିସ ରାହୁଲ ଏବଂ ସୋନାଲିଙ୍କୁ ଗିରଫ କରିଥିଲା।



କଟକ ଥୋରିଆସାହି ଅଞ୍ଚଳର ଏକ ଦୋକାନରେ ଗଙ୍ଗାମାଟିରେ ପ୍ରସ୍ତୁତ ଦୀପକୁ ବିକ୍ରି ପାଇଁ ରଖାଯାଇଛି।

## ଟାଙ୍ଗୀ ଅଞ୍ଚଳକୁ ନିଶାମୁକ୍ତ କରିବା ଦାବି

# ଅବକାରୀ କାର୍ଯ୍ୟାଳୟ ଘେରିଲେ ଆନ୍ଦୋଳନକାରୀ

**ଚୌଦ୍ୱାର, ୫।୧୧ (ଡି.ଏନ୍.ଏ.)**

କୋଟସାହି ପଞ୍ଚାୟତରେ ଆରମ୍ଭ କରିଥିବା ମଦ ବିରୋଧୀ ଆନ୍ଦୋଳନକାରୀ ମହିଳାମାନେ ସୋମବାର ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ମୁଣ୍ଡମାଳସ୍ଥିତ ଅବକାରୀ ଉପ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ଆଗାମୀ ଦିନରେ ଟାଙ୍ଗୀ ଅଞ୍ଚଳକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ଦାବିରେ ଆନ୍ଦୋଳନକାରୀଙ୍କ ପକ୍ଷରୁ ଏକ ସ୍ମାରକପତ୍ର ଚୌଦ୍ୱାର ଅବକାରୀ ବିଭାଗ ଅଧିକାରୀ ସ୍ୱାତୀ ପଟ୍ଟନାୟକଙ୍କ ଜରିଆରେ କଟକ ଜିଲାପାଳ, ଚୌଦ୍ୱାର ଏସ୍‌ଡିପିଓ, ସେଣ୍ଟ୍ରାଲ ଏକ୍ସାଇଜ ଆଦିଙ୍କ ନିକଟକୁ ପଠାଯାଇଛି। ଉକ୍ତ ଅଞ୍ଚଳରେ ବ୍ୟାପକ ନିଶା କାରବାର ବୃଦ୍ଧି ପାଇଛି। ହେଲେ ଏହାକୁ ରୋକିବା ଦିଗରେ ଅବକାରୀ ବିଭାଗ ଓ ସ୍ଥାନୀୟ ପ୍ରଶାସନ ବିଫଳ ହୋଇଛି। ଏହାର ପ୍ରତିବାଦରେ ଅବକାରୀ କାର୍ଯ୍ୟାଳୟକୁ ଘେରାଉ କରାଯାଇଥିବା ସାମାଜିକ କର୍ମୀ ପ୍ରମିଳା ଓଝା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସସ୍ମିତା ଦାସ, ସସ୍ମିତା ସାହୁ, ମମତା ନାୟକ, ଭାରତୀ ମହାରଣା, ସାମାଜିକ କର୍ମୀ ନରୋତ୍ତମ ଦାସଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ବହୁ ମହିଳା ଯୋଗଦେଇଥିଲେ।



ଧନ୍‌ତେରଶ ଅବସରରେ କଟକ ହାଓଡା ମୋଟର୍ସ ଛକଠାରେ ଥିବା ଏକ ଦୋକାନରେ ଗହଣା କିଣିବା ପାଇଁ ଲୋକଙ୍କ ଗହଳି।

## ■ଭୂମିହୀନଙ୍କୁ ଜମି ପଟ୍ଟା, ଘର ଯୋଗାଇବା ଦାବି

# ଟାଙ୍ଗୀ ତହସିଲ ସମ୍ମୁଖରେ ଗଣବିକ୍ଷୋଭ

**କଟକ ଅଫିସ, ୫।୧୧**

ଭୂମିହୀନ ଓ ବାସହୀନ ଲୋକଙ୍କୁ ଜମିପଟ୍ଟା ସହିତ ଘର ଯୋଗାଇଦେବା ଦାବିରେ ବସ୍ତିବାସିନ୍ଦା ମିଳିତ ମଞ୍ଚ ପକ୍ଷରୁ ସୋମବାର ଟାଙ୍ଗୀ ତହସିଲ ଆଗରେ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଏମ୍‌ସି ୪୮ନଂ., ୪୯ନଂ. ୱାର୍ଡର ବହୁ ସଂଖ୍ୟକ ଭୂମିହୀନ ଓ ବାସହୀନ ଲୋକ ସାମିଲ ହୋଇଥିଲେ। ଏ ନେଇ ସେଠାରେ ଆୟୋଜିତ ଏକ ସଭାରେ ମିଳିତ ମଞ୍ଚ ସଭାପତି ସେଖ୍ ଅବଦୁଲ୍ଲା ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ହାଇକୋର୍ଟର ଆଡଭୋକେଟ୍ ହେମେନ୍ଦ୍ର ସାମଲ ଯୋଗଦେଇ କହିଥିଲେ, ଭୂମିହୀନ ସାଧାରଣ ଗରିବ ପରିବାରଗୁଡିକ ରାଜ୍ୟ ସରକାରଙ୍କ ନିକଟରେ ଦୀର୍ଘବର୍ଷ ଧରି ଜମି ପାଇଁ ଆବେଦନ କରିଛନ୍ତି। ସରକାରଙ୍କ ୧୯୫୨ ମସିହା ଭୂସଂସ୍କାର ଆଇନ ଅନୁସାରେ ସେମାନେ ହିତାଧିକାରୀ ପ୍ରମାଣିତ ହୋଇଛନ୍ତି। ଏହାପରେ ମଧ୍ୟ ତାଙ୍କୁ ଜମିପଟ୍ଟା ଯୋଗାଇ ଦିଆଯାଇନାହିଁ। ଯଦ୍ୱାରା ସେମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ଆବାସ ଯୋଜନାରୁ ବଞ୍ଚିତ ହେଉଛନ୍ତି। ତେଣୁ ତହସିଲଦାର ଏହି ସମସ୍ୟାର ଶୀଘ୍ର ସମାଧାନ କରିବା ସହ ସରକାରଙ୍କ ଦ୍ୱାରା ବାସଗୃହ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଦୃଢ଼ ଦାବି କରିଥିଲେ। ଅଶୋକ ସାମଲ, ପ୍ରତାପ ମହାପାତ୍ର, ବିରଞ୍ଚି ନାୟକ, ତପନ ସାମଲ, ଲଚିକା ସାହୁ, ଲକ୍ଷ୍ମୀପ୍ରିୟା ବେହେରା, ଗୀତାଞ୍ଜଳି ଦାସ, ଅଞ୍ଜନା ମହାନ୍ତି, ଭାନୁମତି ମଲ୍ଲିକ, ଦୀପକ ବେହେରା ପ୍ରମୁଖ ବକ୍ତବ୍ୟ ରଖି ଯଥାଶୀଘ୍ର ଜମିପଟ୍ଟା ଯୋଗାଇ ଦେବା ପାଇଁ ଦାବି କରିଥିଲେ।

# ଉତ୍କଳ ସାହିତ୍ୟ ସମାଜର କେନ୍ଦ୍ରାପଡ଼ା ଜିଲା ଶାଖା ଉଦ୍‌ଘାଟିତ

**କଟକ ଅଫିସ, ୫।୧୧**

ଉତ୍କଳ ସାହିତ୍ୟ ସମାଜ ଏକ ବିଜ୍ଞସଭା ଭାବେ ପରିଗଣିତ ହୋଇଆସିଛି। ଏହାର ଦୀର୍ଘ ଗୌରବମୟ ଐତିହ୍ୟ ଏ ଜାତିର ଇତିହାସ ସହ ଜଡ଼ିତ। ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ଜିଲାରେ ଶାଖା ଗଠନ ସେହି ଜିଲାର ସମୃଦ୍ଧ ଇତିହାସକୁ ଲୋକଲୋଚନକୁ ଆଣିବାରେ ସହାୟକ ହେବ। ଉତ୍କଳ ସାହିତ୍ୟ ସମାଜର କେନ୍ଦ୍ରାପଡ଼ା ଜିଲା ଶାଖା ଉଦ୍‌ଘାଟନ ଉତ୍ସବ ରବିବାର ସ୍ଥାନୀୟ ଗାଇଡ୍ ଆବାସିକ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ବିଶିଷ୍ଟ ଶିକ୍ଷାବିତ୍ ତଥା ସାହିତ୍ୟିକ ନନ୍ଦ କିଶୋର ପରିଡ଼ା ଏହି କଥା କହିଛନ୍ତି। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ବିଜୟାନନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଡ. ଅପର୍ଣ୍ଣା ମହାନ୍ତି ଯୋଗଦେଇ ଉତ୍କଳ ସାହିତ୍ୟ ସମାଜ ଓଡ଼ିଶାର ମହାନ୍ ଅନୁଷ୍ଠାନ ବୋଲି କହିଥିଲେ। ଏହି ଅବସରରେ ‘ଓଡ଼ିଆ ସାହିତ୍ୟକୁ କେନ୍ଦ୍ରାପଡ଼ା ଜିଲାର ଦାନ’ ଶୀର୍ଷକ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏଥିସହ କବି ବିଜୟ ବଳ ଓ ହେମନ୍ତ କୁମାର ରାଉତଙ୍କୁ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ କବି ଅତୁଳ ବଳ, ନବଜ୍ୟୋତି ରାୟ, ମନୋରଞ୍ଜନ ସାହୁ, ଅନ୍ନପୂର୍ଣ୍ଣା ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ। ସରୋଜ ମହାନ୍ତି ଅତିଥି ଆମନ୍ତ୍ରଣ, ଉତ୍କଳ ସାହିତ୍ୟ ସମାଜର ଉପସଭାପତି ମନୋଜ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ସାଧାରଣ ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

# ନୀଳାଦ୍ରି ଭୂଷଣ ପାଇଲେ ପଣ୍ଡିତ ଗୋଦାବରୀଶ ମିଶ୍ର ସମ୍ମାନ

**କଟକ ଅଫିସ, ୫।୧୧**

ସାରଳା ଭବନଠାରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ସ୍ମୃତିରେ ଏକ ସାରସ୍ୱତ ସମାରୋହ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ର ଏହାକୁ ଉଦ୍‌ଘାଟନ କରିବା ସହ ତାଙ୍କ ଜେଜେବାପା ଗୋଦାବରୀଶ ମିଶ୍ରଙ୍କ ରଚନାଠାରୁ ଆରମ୍ଭ କରି ବିଶ୍ୱ ସାହିତ୍ୟ ଓ ଇତିହାସ ବିଷୟରେ ଆଲୋକପାତ କରିଥିଲେ। ବିଶ୍ୱ ନାଟକ ଓ ସମାଲୋଚନା ସାହିତ୍ୟ ପରିପ୍ରେକ୍ଷୀରେ ଓଡ଼ିଆ ନାଟକ ଏବଂ ସମାଲୋଚନା ସାହିତ୍ୟର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ସେ ଗୋଦାବରୀଶଙ୍କୁ ଜଣେ କାଳଜୟୀ ସ୍ରଷ୍ଟା ଓ ମହାନ ସଂସ୍କାରକ ଭାବେ ବର୍ଣ୍ଣନା କରିଥିଲେ। ସଂସଦର ପ୍ରତିଷ୍ଠାତା ଓ ସଭାପତି ପ୍ରଫେସର ଇଂ. ପ୍ରଭାକର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶିକା ଡ. ତମସାରାଣୀ ଦାସ ମହାପାତ୍ର ମୁଖ୍ୟବକ୍ତା, କଥାଶିଳ୍ପୀ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ସମ୍ମାନିତ ଅତିଥି, ସାହିତ୍ୟିକ ସହଦେବ ସାହୁ ଓ କବି ରତ୍ନାକର ରାଉତ ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟିକ ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନଙ୍କୁ ପଣ୍ଡିତ ଗୋଦାବରୀଶ ମିଶ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ପ୍ରାକ୍ ସୂଚନା, ସମ୍ପାଦକ ଡା. ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ ଏବଂ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ଜଷ୍ଟିସ ମଦନମୋହନ ଦାସ, ଦୁର୍ଗାପ୍ରସାଦ ଚୌଧୁରୀ, ଅକ୍ଷୟ କୁମାର ରଥ, ପୂର୍ବତନ ଡିଜି ଗୋପାଳ ନନ୍ଦ, ଡା. ନିମାଇଁ ଚରଣ ପରିଡ଼ା, ଡା. ନୀରଦ କୁମାର ଗୋଚ୍ଛାୟତ, ଡ. ସୁଲୋଚନା ଦାସ, ନଟବର ଶତପଥୀ, ବାବାଜୀ ଚରଣ ପଟ୍ଟନାୟକ ଓ ଡ. ସୁନାମଣି ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋରୁ ବୋଝେଇ କଣ୍ଟେନରକୁ ଧକ୍କା ଦେଲା ଟ୍ରେଲର, ୨ ଗୁରୁତର

**ଟାଙ୍ଗୀ(କଟକ),୫।୧୧(ଡି.ଏନ୍.ଏ.)**

୧୬ନଂ. ଜାତୀୟ ରାଜପଥ ନିର୍ଗୁଣ୍ଡି ଟୋଲ ଗେଟ ନିକଟରେ ଛିଡା ହୋଇଥିବା ଏକ ଗୋରୁ ବୋଝେଇ କଣ୍ଟେନର ପଛକୁ ଏକ ଟ୍ରେଲର ଧକ୍କା ଦେବାରୁ ଦୁଇ ଜଣ ଗୁରୁତର ହୋଇଛନ୍ତି। ସେ ହେଲେ ନପଙ୍ଗ ପଞ୍ଚାୟତ କେଶରପୁର ଗ୍ରାମର ଟୁକୁନା ଓରଫ ବିକାଶ ବେହେରା(୨୭) ଓ କଟକ ଅଲିଶା ବଜାରର ଚିଣ୍ଟୁ। ସୂଚନା ଅନୁଯାୟୀ, ଗୋରୁ ଭର୍ତ୍ତି ଥିବା କଣ୍ଟେନର(ଓଡି୦୨ଏଟି ୭୭୬୩) ଖୋର୍ଦ୍ଧା ଜିଲା ବେଗୁନିଆରୁ କଲିକତା ଅଭିମୁଖେ ଯାଉଥିଲା। ନିର୍ଗୁଣ୍ଡି ଟୋଲ୍ ଗେଟ ନିକଟରେ କେତେଜଣ ଉକ୍ତ କଣ୍ଟେନରକୁ ଅଟକାଇ ଟୁକୁନାଙ୍କ ସହ କଥା ହେଉଥିଲେ। ହଠାତ ପଛରୁ ଏକ ଟ୍ରେଲର(ଏନଏଲ ୦୧କେ ୯୯୩୮) ଦ୍ରୁତଗତିରେ ଆସି କଣ୍ଟେନର ପଛକୁ ଧକ୍କା ଦେଇଥିଲା। ଫଳରେ କଣ୍ଟେନରଟି ଆଗକୁ ଗଡ଼ି କଥାବାର୍ତ୍ତା ହେଉଥିବା ଟୁକୁନା ଓ ବାଇକ୍ ଆରୋହୀ ଚିଣ୍ଟୁଙ୍କ ଉପରେ ମାଡ଼ିଯାଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବରପାଇ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛି। ଏ ନେଇ କୌଣସି ଅଭିଯୋଗ ହୋଇ ନ ଥିବା ଏସ୍‌ଆଇ ସଦାଶିବ ଧୀର କହିଛନ୍ତି।

# ପ୍ରଶାସକ ପ୍ରସନ୍ନ ଜେନା, ଡ. ଚିତ୍ତରଞ୍ଜନ ପଣ୍ଡାଙ୍କୁ ଧନ୍ୱନ୍ତରି ସମ୍ମାନ

**କଟକ ଅଫିସ, ୫।୧୧**

**ଧନ୍ୱନ୍ତରିଙ୍କ ଉପରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର**

ଓଡିଶା ଆୟୁର୍ବେଦ ସେବା ସଂସ୍ଥା ପକ୍ଷରୁ ଆୟୁର୍ବେଦ ପ୍ରବର୍ତ୍ତକ ଧନ୍ୱନ୍ତରିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱ ଆୟୁର୍ବେଦ ଦିବସ କଟକସ୍ଥ କର୍ମବୀର ଗୌରୀଶଙ୍କର ଟାଉନହଲଠାରେ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ସ୍ୱାସ୍ଥ୍ୟ ସାହିତ୍ୟିକ ତଥା ଆୟୁର୍ବେଦ ସେବା ସଂସ୍ଥାର ଅଧ୍ୟକ୍ଷ ଡା. ଦୀନବନ୍ଧୁ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର, ବିଚାରପତି ଏବଂ ସାହିତ୍ୟିକ ଡି. ପି. ଚୌଧୁରୀ, ପରିବେଶବିତ୍ ଡ. ଭାଗୀରଥି ବେହେରା, ପ୍ରଫେସର ବୈଷ୍ଣବ ଚରଣ ସାମଲ, ବରିଷ୍ଠ ପ୍ରଶାସକ ଓ କବି ପ୍ରସନ୍ନ କୁମାର ଜେନା ପ୍ରମୁଖ ଯୋଗଦେଇ ଆୟୁର୍ବେଦର ବିକାଶ ପାଇଁ ମତପୋଷଣ କରିଥିଲେ । ସ୍ୱଳ୍ପ ବ୍ୟୟରେ ଜନସାଧାରଣ ଆରୋଗ୍ୟ ହେବାର ମୂଳ ଲକ୍ଷ୍ୟ। ଏହି ଲକ୍ଷ୍ୟ ନେଇ ଧନ୍ୱନ୍ତରି, ମହର୍ଷି ଚରକ, ଶୁଶ୍ରୁତ, ପତଞ୍ଜଳି, ମାଧବକର ପ୍ରମୁଖ ବହୁ ବିଶିଷ୍ଟ ମୁନିଋଷି ଗବେଷଣା କରି ନିଜର ପୁସ୍ତକଗୁଡିକରେ ତାହାକୁ ଲେଖିଯାଇଛନ୍ତି। ତେଣୁ ଜନସାଧାରଣ ଏହି ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ଚିକିତ୍ସାର ସୁଯୋଗ ନେବା ପାଇଁ ବକ୍ତାମାନେ ମତପୋଷଣ କରିଥିଲେ । ଏହି ଅବସରରେ ରାଜ୍ୟସ୍ତରୀୟ ସଂକଳନ ‘ସ୍ୱାସ୍ଥ୍ୟ ସନ୍ଦେଶ’ର ଉନ୍ମୋଚନ କରାଯାଇ ମାଗଣାରେ ବିତରଣ କରାଯାଇଥିଲା । ଉତ୍ସବରେ ପ୍ରଶାସକ ପ୍ରସନ୍ନ କୁମାର ଜେନା ଓ ପ୍ରଫେସର ଡ. ଚିତ୍ତରଞ୍ଜନ ପଣ୍ଡାଙ୍କୁ ଧନ୍ୱନ୍ତରି ସମ୍ମାନ ୨୦୧୮ ପ୍ରଦାନ କରାଯାଇଥିଲା। ପରେ ସ୍କୁଲ ଓ କଲେଜ ସ୍ତରରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଡଭୋକେଟ୍ ଅଜିତ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଅଶୋକ କୁମାର ପଣ୍ଡା ଏବଂ ଡା. ମିନତୀ ମହାରଣା ଉତ୍ସବରେ ସନ୍ଦର୍ଭ ପାଠ କରିଥିଲେ ।



ଦୀପାବଳି ପାଇଁ କଟକ ବାଲିଯାତ୍ରା ପଡିଆରେ ଖୋଲିଥିବା ବାଣଦୋକାନ।



ଦୀପାବଳିରେ ବିକ୍ରି ପାଇଁ ଚିନିରେ ପ୍ରସ୍ତୁତ ବିଭିନ୍ନ ଆକୃତିର ମିଠାକୁ କଟକ ଖାନ୍ ନଗର ଅଞ୍ଚଳର ଏକ ପରିବାର ସଦସ୍ୟ ପ୍ରସ୍ତୁତ କରୁଛନ୍ତି।



କୃପଣ ହେଉଛି ପ୍ରକୃତରେ ଦରିଦ୍ର, କାରଣ ପ୍ରାଚୁର୍ଯ୍ୟ ଭିତରେ ବି ସେ ଅନାହାରରେ ଥାଏ।
- ଜନ୍ ଡ୍ରାଇଡେନ୍



## ସଂକ୍ଷେପରେ

### ଗୋଚର ଜମିରୁ ମାଟି ଖୋଳାକୁ ବିରୋଧ

**ଖୁଣ୍ଟୁଣୀ,୫।୧୧(ଡି.ଏନ୍.ଏ.):** ବାଲୀ ଗ୍ରାମର ଏକ ଗୋଚର ଜମିରୁ ମାଟି ଖୋଳାକୁ ବିରୋଧ କରି ସୋମବାର ସନ୍ଧ୍ୟାରେ ଏହି ଗ୍ରାମର ୨ନଂ. ଜୋନ ସଭାପତି ସୁର ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ଗ୍ରାମବାସୀ ଯୋଗଦେଇ ଗୋଚର ଜମିରୁ ମାଟି ଉଠାଣକୁ ବିରୋଧ କରିଥିଲେ। ଗ୍ରାମବାସୀ ୫ଟି ହାଇୱାକୁ ଅଟକ ରଖି ଆଠଗଡ ତହସିଲଦାର ତପନ ଖୁଣ୍ଟିଆଙ୍କୁ ଜଣାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ କରିଛନ୍ତି। ଏ ନେଇ ଆଠଗଡ ତହସିଲଦାର ଖୁଣ୍ଟିଆ କୁହନ୍ତି, ସେ ଅନୁମତି ଦେଇ ନ ଥିବା କହିଥିଲେ। ମାଟି ଚୋରା ଚାଲାଣ କରୁଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରା ନ ଗଲେ ଗ୍ରାମବାସୀ ଉଚ୍ଚ ନ୍ୟାୟାଳୟରେ ଅପିଲ କରିବେ ବୋଲି ଗ୍ରାମବାସୀ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଉମାବଲ୍ଲଭ ରଥ, ସରପଞ୍ଚ ପ୍ରତାପ ଦେହୁରୀ, ଶ୍ରୀନିବାସ ଦଳେଇ, ପୁରୁଷୋତ୍ତମ ଦଳେଇ, ଅଜୟ ବିଶ୍ୱାଳ, ପ୍ରବୋଧ ବିଶ୍ୱାଳ, କର୍ମକାର ସାହୁ, ବସନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ପରମାତ୍ମାଙ୍କ ନିକଟରେ ସମର୍ପଣ ଶାନ୍ତି ଦେଇଥାଏ

**କଟକ ଅଫିସ, ୫।୧୧:** ପରମାତ୍ମାଙ୍କ ନିକଟରେ ପୂର୍ଣ୍ଣ ସମର୍ପଣ ଦ୍ୱାରା ସାମାଜିକ, ପାରିବାରିକ ଏବଂ ବ୍ୟକ୍ତିଗତ ଜୀବନରେ ଶାନ୍ତି ପ୍ରାପ୍ତ ହୋଇଥାଏ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ରବିବାର ଅନନ୍ତପୁରସ୍ଥିତ ବ୍ରହ୍ମାକୁମାରିଜ୍ ଦ୍ୱାରା ପ୍ରତିଷ୍ଠିତ 'ବିଶ୍ୱଶାନ୍ତି ସରୋବର'ର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଟକ ଉପକ୍ଷେତ୍ରର ନିର୍ଦ୍ଦେଶିକା ରାଜଯୋଗିନୀ କମଲେଶଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖବରଦାତା ଅରୁଣ ପଣ୍ଡା, ରାଉରକେଲା ଇସ୍ପାତ କାରଖାନାର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ନୀଳୋତ୍ପଳ ରାଏ, ସରପଞ୍ଚ ରଶ୍ମିତା ସାହୁ, ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ମୋହନ ନିଜ ବକ୍ତବ୍ୟରେ କହିଲେ, 'ବିଶ୍ୱଶାନ୍ତି ସରୋବର' ସମଗ୍ର ଓଡିଶା ପାଇଁ ଏକ ସାଧନା ଏବଂ ଆଧାତ୍ମିକ ପ୍ରଶିକ୍ଷଣ କେନ୍ଦ୍ରରେ ପରିଣତ ହୋଇଛି । ରାଜଯୋଗର ପ୍ରଚାର ଏବଂ ପ୍ରସାର ପାଇଁ ଏହି କେନ୍ଦ୍ରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଜଯୋଗିନୀ ସୁଲୋଚନା ସ୍ୱାଗତ ଅଭିଭାଷଣ ଓ ନଥମଲ ଧନ୍ୟବାଦ ଦେଇଥିଲେ ।

### କାଇଜଙ୍ଗା ଜଙ୍ଗଲରୁ ବାଉଁଶ ଚୋରି

**କଟକ ସଦର, ୫।୧୧(ଡି.ଏନ୍.ଏ.):** କଟକ ବନାଞ୍ଚଳ ଡିଭିଜନ ଅଧୀନ କାଇଜଙ୍ଗା ଜଙ୍ଗଲରୁ ରାତିଅଧିଆ ବାଉଁଶ ଚୋରି ହେଉଥିବା ଜଣାପଡିଛି। ବିଶେଷକରି ବର୍ଷା ହେଉଥିବା ରାତିରେ ଦୁର୍ବୃତ୍ତମାନେ ବାଉଁଶକୁ ପିକ୍ଅପ୍ ଭ୍ୟାନ୍‌ରେ ଲଦି ବାହାରକୁ ନେଇଯାଉଥିବା କଥା ସ୍ଥାନୀୟ ଲୋକଙ୍କଠାରୁ ସୂଚନା ମିଳିଛି। ଏହି ଚୋରିରେ ବହୁ ପ୍ରଭାବଶାଳି ବ୍ୟକ୍ତିଙ୍କ ହାତ ଥିବାରୁ ଶଗଡିପାଟଣା ଓ ଓଡପଡା ଅଞ୍ଚଳର ଲୋକମାନେ ମୁହଁ ଖୋଲିବା ପାଇଁ ସାହାସ କରିପାରୁନାହାନ୍ତି। ମହାନଦୀ ୭(ଖ) ବନ୍ଧ ପାର୍ଶ୍ୱରେ ଥିବା ଏହି ବାଉଁଶ ଜଙ୍ଗଲରେ ଦିନବେଳା ନିଆଁ ଲଗାଇ ଦିଆଯାଉଛି। ଏହାର ୨/୩ ଦିନ ଅନ୍ତରାଳରେ ବାଉଁଶ କଟାଯାଉଛି। ପରେ ଏହାକୁ ବିଳମ୍ବିତ ରାତିରେ ଉକ୍ତ ବ୍ୟକ୍ତିମାନେ ଗାଡିରେ ଲଦି ବାହାରକୁ ଚାଲାଣ କରିବା ଘଟଣା ଗତ ୧ ମାସ ହେବ ଚାଲିଛି। କିଶୋର ନଗର ପୋଲିସ ଓ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ଟାଙ୍ଗୀସ୍ଥିତ ଡ୍ରିମ୍ସ ଶିକ୍ଷାନୁଷ୍ଠାନର ଜୟଶ୍ରୀ ଅଡିଟୋରିୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

■ ଲିଙ୍କ୍‌ରୋଡ ଫ୍ଲାଏଓଭରବ୍ରିଜ ହେବ କଟକର ସ୍ୱାଗତପଥ

# ଫ୍ଲାଏଓଭର କାନ୍ଥରେ ରହିବ ଐତିହ୍ୟର ଚିତ୍ର

**କଟକ ଅଫିସ,୫।୧୧**

ଭୁବନେଶ୍ୱରରୁ କଟକ ପ୍ରବେଶ ବେଳେ ପ୍ରଥମେ ପଡୁଥିବା ଲିଙ୍କ୍‌ରୋଡ ଓଭରବ୍ରିଜ ପାଲଟିବ ସହରର ସ୍ୱାଗତପଥ। ୨ ଲକ୍ଷ ଟଙ୍କା ବ୍ୟୟରେ ଏହି ଫ୍ଲାଏ ଓଭରବ୍ରିଜ କାନ୍ଥରେ ଶୋଭାପାଇବ କଟକ ସହର ଐତିହ୍ୟର ଚିତ୍ର। ତେବେ ଏଭଳି ପ୍ରୟାସ କରିବା ପାଇଁ ସିଏମ୍‌ସି କିମ୍ବା କୌଣସି ସରକାରୀ ଅନୁଷ୍ଠାନ ନୁହେଁ ବରଂ ଆଗେଇ ଆସିଛି ସାମାଜିକ ଅନୁଷ୍ଠାନ ସିଲଭର ସିଟି କଟକ। ମିଳିଥିବା ସୂଚନା ମୁତାବକ, ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ(ଏନ୍ଏଚଏଆଇ) ପକ୍ଷରୁ ଏସଜେଇପିଏଲ ଦ୍ୱାରା ଲିଙ୍କରୋଡ ଫ୍ଲାଏଓଭର ବ୍ରିଜ ନିର୍ମାଣ ଶେଷ ହେବାର ଦୁଇ ବର୍ଷରୁ ଅଧିକ ସମୟ ବିତିଯାଇଛି। ହେଲେ ଏପର୍ଯ୍ୟନ୍ତ ସହରର ପ୍ରବେଶ ପଥରେ ଥିବା ଏହି ଓଭରବ୍ରିଜ କାନ୍ଥରେ ସିଏମ୍‌ସି ପକ୍ଷରୁ ସୌନ୍ଦର୍ଯ୍ୟକରଣ ପାଇଁ କିଛି କରାଯାଇ ନାହିଁ। ସିଏମ୍‌ସିର ପୂର୍ବତନ କମିଶନର ବିକାଶ ମହାପାତ୍ର ଏବଂ ସିଏମ୍‌ସିର ବର୍ତ୍ତମାନର ସ୍ଲମ ଇମ୍ପ୍ରୁଭମେଣ୍ଟ ଅଫିସର ଶ୍ୟାମସୁନ୍ଦର ସେଠୀ କହିଛନ୍ତି, ଯଦି କୌଣସି ଘରୋଇ ସଂସ୍ଥା ଏହି ଚିତ୍ରଣ କରିବାକୁ ଚାହୁଁଛି ତେବେ ଏନଏଚଏଆଇର ନିୟମ ଅନୁଯାୟୀ ଚିତ୍ରଣ କରୁଥିବା ସଂସ୍ଥା ନିଜର ନାମ ଲେଖିପାରିବ ନାହିଁ। ତେଣୁ ଏହି କାରଣବଶତଃ କୌଣସି ସଂସ୍ଥା ଆମ ସହ ଆଲୋଚନା ପାଇଁ ଏ ଦିଗରେ ଆଗ୍ରହ ପ୍ରକାଶ କରୁନାହାନ୍ତି। ହେଲେ ଏଭଳି ନିୟମ କଟକଣା ଭିତରେ ସହରର ସୌନ୍ଦର୍ଯ୍ୟକରଣ ବାଧାପ୍ରାପ୍ତ ହେବା ଠିକ୍ ନୁହେଁ। ସଙ୍ଗଠନର ନାମ ପଛେ ସ୍ଥାନ ନ ପାଉ ହେଲେ ସହରର ପ୍ରବେଶ ପଥରେ ଥିବା ଏହି ଫ୍ଲାଏଓଭର ବ୍ରିଜରେ କଟକର ଐତିହ୍ୟ, ପରମ୍ପରା ବହନ କରୁଥିବା ଚିତ୍ରମାନ ସ୍ଥାନ ଦିଆଯିବ। ଏହାଦ୍ୱାରା ଭୁବନେଶ୍ୱରରୁ କଟକକୁ ପ୍ରବେଶ କରିବା ସମୟରେ ଏହି ଚିତ୍ରିତ ଫ୍ଲାଏଓଭର ବ୍ରିଜ ସହରର ସ୍ୱାଗତ ପଥ ଭାବେ ଶୋଭାପାଇବ ବୋଲି କହିଛନ୍ତି ସିଲଭର ସିଟି କଟକ ସଙ୍ଗଠନ ସଭାପତି ଆଭାଷ ମହାନ୍ତି। ନିଜର ନାମ ନ ଲେଖି ସହରର ସୌନ୍ଦର୍ଯ୍ୟକରଣ ପାଇଁ ଚିତ୍ରଣ କରିବାକୁ ଆଗେଇ ଆସିଥିବା ଏହି ସଙ୍ଗଠନ ଆମ ସହ କରିଥିବା ଆଲୋଚନାରେ ଆମେ ରାଜି ବୋଲି କହିଛନ୍ତି ଏନ୍ଏଚଏଆଇ ଅଧିକାରୀ ଜିତେନ୍ଦ୍ର ଦଳାଇ। ରାଜଧାନୀର ବାଣୀବିହାରସ୍ଥିତ ଫ୍ଲାଏଓଭର ବ୍ରିଜରେ ବିଏମ୍‌ସି ପକ୍ଷରୁ ଚିତ୍ରଣ ହୋଇଥିବାବେଳେ ଏହା ସହରର ମଧ୍ୟ ଏକ ସୌନ୍ଦର୍ଯ୍ୟକରଣ ବୃଦ୍ଧି କରୁଛି। ତେଣୁ ଆମ ସଙ୍ଗଠନ ମଧ୍ୟ ଆଗକୁ କଟକ ଲିଙ୍କରୋଡ ଫ୍ଲାଏଓଭର ବ୍ରିଜରେ ଏଭଳି ଚିତ୍ରଣ କରି ସହରର ଶୋଭା ବଢାଇବାକୁ ପ୍ରୟାସ କରିବ ବୋଲି ଆଭାଷ କହିଛନ୍ତି।

# ଜିଲା ନିୟୋଜନ କାର୍ଯ୍ୟାଳୟରେ ତାଲା ପକାଇଲା ଭାଜପା ଯୁବମୋର୍ଚ୍ଚା



ଜିଲା ନିୟୋଜନ କାର୍ଯ୍ୟାଳୟ ଅଭିମୁଖେ ଭାଜପା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

**କଟକ ଅଫିସ,୫।୧୧**

ରାଜ୍ୟରେ ବେକାରୀ ସମସ୍ୟା ଉତ୍କଟ ରୂପ ଧାରଣ କଲାଣି। ରାଜ୍ୟ ସରକାର ଓଡିଶାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେବା ପରିବର୍ତ୍ତେ ପ୍ରତାରିତ କରିଛନ୍ତି। ଏହାର ପ୍ରତିବାଦରେ ସୋମବାର କଟକ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସିଡିଏ ଠାରେ ଥିବା ଜିଲା ନିୟୋଜନ କାର୍ଯ୍ୟାଳୟରେ ତାଲା ପକାଯାଇଥିଲା। ନଗର ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଜ୍ୟୋତି ରଞ୍ଜନ ପଲାଇ ଏବଂ ସଦର ଜିଲା ଯୁବମୋର୍ଚ୍ଚା ସଭାପତି ଭକ୍ତ ବତ୍ସଳ ବସ୍ତିଆଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ନେତାଜୀ ଜନ୍ମସ୍ଥାନଠାରୁ ବାହାରି ଜିଲା ନିୟୋଜନ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ପରେ ସେଠାରେ ରାଜ୍ୟ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରାଯିବା ସହିତ ଫାଟକରେ ତାଲା ପକାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସମୀର ଦେ, ରାଜ୍ୟ ସମ୍ପାଦକ ଦିଲ୍ଲୀପ ମଲ୍ଲିକ, ନଗର ଜିଲା ସଭାପତି ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ଲୁଟ୍ ଘଟଣାରେ ଅଭିଯୁକ୍ତ ଗିରଫ

**ଟାଙ୍ଗୀ(କଟକ), ୫।୧୧(ଡି.ଏନ୍.ଏ.)**

ଜଣେ ତୃତୀୟ ଶ୍ରେଣୀ ଛାତ୍ରୀଙ୍କ ତଣ୍ଟିକାଟି ଲୁଟ୍ କରିବା ଘଟଣାରେ ଟାଙ୍ଗୀ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଯାଜପୁର ଜିଲା ବୈରୀ ଥାନା ବରାଙ୍ଗ ଗ୍ରାମର ମିଟୁଆ ଓରଫ କାଳିଆ ସାମଲ(୨୫) ବୋଲି ଥାନା ଅଧିକାରୀ ବିମଳ କୁମାର ବାରିକ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଟାଙ୍ଗୀ ଥାନା କଡ଼େଇ ଗ୍ରାମର ଛାତ୍ରୀ ଦୀପିକା ତରାଇ ୨୦୧୭ ଅକ୍ଟୋବର ୧୦ରେ ସ୍କୁଲରୁ ସାଇକେଲ ଯୋଗେ ଘରକୁ ଏକୁଟିଆ ଫେରୁଥିଲେ। ଏହି ସମୟରେ ପୂର୍ବରୁ ଛକି ରହିଥିବା ମିଟୁଆ ଛାତ୍ରୀଜଣକୁ ଅଟକାଇଥିଲେ। ପରେ ତାଙ୍କ ବେକ କାଟିବା ସହ ମାଡ଼ମାରି କାନରୁ ସୁନା ରିଂ, ସ୍କୁଲ ବ୍ୟାଗ ଓ ସାଇକେଲ ଛଡ଼ାଇ ନେଇଯାଇଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ୩୯୭/୩୦୭ ଦଫା ଏବଂ ପୋସ୍କୋ ଆଇନ୍ ଅନୁଯାୟୀ ଏକ ମାମଲା (ନଂ.୨୦୩/୧୭)ରୁଜୁ କରି ତଦନ୍ତ ଚଳାଇଥିଲା।

# ବିଦ୍ୟୁତ୍‌ଜନିତ ହାତୀମୃତ୍ୟୁ ରୋକିବାକୁ ତତ୍ପରତା

**ଆଠଗଡ଼,୫।୧୧(ସ୍ୱ.ପ୍ର.)**

ଆଠଗଡ଼ ବନଖଣ୍ଡ ଅଧୀନ ବିଭିନ୍ନ ସଂରକ୍ଷିତ ଜଙ୍ଗଲ ମଧ୍ୟଦେଇ ଯାଇଥିବା ବିଦ୍ୟୁତ୍ ତାର ଯୋଗୁ ଯେପରି ହାତୀ ମୃତ୍ୟୁ ନ ଘଟେ ସେଥିପ୍ରତି ଦୃଢ଼ ପଦକ୍ଷେପ ନେବା ପାଇଁ ବନବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏ ନେଇ ସୋମବାର ଆଠଗଡ ବନଖଣ୍ଡ ଅଧିକାରୀ ସସ୍ମିତା ଲେଙ୍କାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସେସୁ ନିର୍ବାହୀ ଯନ୍ତ୍ରୀ ଏଲ୍.କେ ମହାପାତ୍ର, ସହକାରୀ ଯନ୍ତ୍ରୀ ସନ୍ତୋଷ ସାମନ୍ତରାୟ, ନରସିଂହପୁର ସହକାରୀ ଯନ୍ତ୍ରୀ ନିଗମ ପ୍ରସାଦ ପାଠୀ, ସେସୁ ଆଠଗଡ ଡିଭିଜନର ସମସ୍ତ ଅଧିକାରୀ, ନରସିଂହପୁର (ପୂର୍ବ, ପଶ୍ଚିମ), ବଡ଼ମ୍ବା, ଆଠଗଡ ଓ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀମାନେ ଯୋଗ ଦେଇଥିଲେ। କିଛି ଦିନ ହେବ ସେସୁ ଅଧିକାରୀ ଓ ବନାଞ୍ଚଳ ଅଧିକାରୀଙ୍କ ଦ୍ୱାରା ମିଳିତ ଭାବେ ସରଜମିନ ତଦନ୍ତ କାର୍ଯ୍ୟ ଜାରି ରହିଛି। ଜଙ୍ଗଲ ମଧ ଦେଇ ଯାଇଥିବା ତାର ଅନେକ ସ୍ଥାନରେ ଓହଳି ରହିଥିବାରୁ ହାତୀ ଶୁଣ୍ଢ ବଢାଇଲେ ଦୁର୍ଘଟଣା ଘଟିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଅପରପକ୍ଷରେ ଦୀର୍ଘ ଦିନରୁ ପୋତାଯାଇଥିବା ବିଦ୍ୟୁତ୍ ଖୁଣ୍ଟ ଗୁଡିକ ଦୁର୍ବଳ ହୋଇଥିବାରୁ ହାତୀଙ୍କ ସ୍ପର୍ଶରେ ତାହା ମଧ ଭାଙ୍ଗି ପଡିବାର ସମ୍ଭାବନା ରହିଛି। ଏହି ଦୃଷ୍ଟିକୋଣରୁ ବିଦ୍ୟୁତ୍ ତାରଗୁଡିକୁ ୧୮ରୁ ୨୦ଫୁଟ ଉଚ୍ଚରେ ଦୃଢ ଭାବେ ଟଣାଯିବା, ଆବଶ୍ୟକ ସ୍ଥାନରେ ନୂତନ ଖୁଣ୍ଟ ପୋତାଯାଇ ଖୁଣ୍ଟ ଚତୁଃପାର୍ଶ୍ୱ କଣ୍ଟାତାର ଗୁଡା ଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଦ୍ୟୁତ ବିଭାଗ ପକ୍ଷରୁ ବସାଯାଇଥିବା ଟ୍ରାନ୍ସଫରମର ବା ସବ୍‌ଷ୍ଟେସନ ମୁକୁଳା ରହିଥିଲେ ଚତୁଃପାର୍ଶ୍ୱ ମଜଭୁତ ପାଚେରି ନିର୍ମାଣ କରାଯିବା ପାଇଁ ବନଖଣ୍ଡ ଅଧିକାରୀ ଲେଙ୍କା ପରାମର୍ଶ ଦେଇଥିଲେ। ଏ ସବୁର ନିର୍ମାଣ ଓ ମରାମତି ପାଇଁ ସେସୁ ପକ୍ଷରୁ ବ୍ୟୟବରାଦ ନ ଥିବା ନିର୍ବାହୀ ଯନ୍ତ୍ରୀ ମହାପାତ ପ୍ରକାଶ କରିଥିଲେ। ଏ ସମ୍ବନ୍ଧରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସେ ମତ ରଖିଥିଲେ। ଆଗାମୀ ଏକମାସ ମଧରେ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ସେସୁ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ସହକାରୀ ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର କୁମାର ଦାସ ଓ ପୂର୍ଣ୍ଣଚନ୍ଦ୍ର ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, କିଛିଦିନ ତଳେ ଢେଙ୍କାନାଳ ବନଖଣ୍ଡ ଅଞ୍ଚଳରେ କରେଣ୍ଟ ଲାଗି ୭ହାତୀ ମୃତ୍ୟୁବରଣ କରିଥିବା ନେଇ ରାଜ୍ୟର ବିଭିନ୍ନ ମହଲରେ ଚର୍ଚ୍ଚା ଚାଲିଛି। ଆଠଗଡ ବନଖଣ୍ଡ ଅଞ୍ଚଳର ବିଭିନ୍ନ ଜଙ୍ଗଲରେ ହାତୀପଲ ସ୍ଥାୟୀ ଭାବେ ରହୁଥିବା ଦେଖାଯାଇଛି। ପୂର୍ବରୁ ଆଠଗଡ ବନାଞ୍ଚଳ ଅଧୀନ ତଇଲାମାଳ, ଖୁଣ୍ଟୁଣୀ ବନାଞ୍ଚଳ ଅଧୀନସ୍ଥ ବ୍ରାହ୍ମଣବସ୍ତ, ଘଣ୍ଟିଖାଲ ଆଦି ଅଞ୍ଚଳରେ ଏକାଧିକ ହାତୀ କରେଣ୍ଟ ଯୋଗୁ ମୃତ୍ୟୁବରଣ କରିଥିବା ନଜିର ରହିଛି। ରାଜ୍ୟ ମୁଖ୍ୟ ବନ ସଂରକ୍ଷକଙ୍କ ନିର୍ଦ୍ଦେଶ ମତେ ଜଙ୍ଗଲ ମଧ୍ୟରେ ଯାଇଥିବା ବିଦ୍ୟୁତ୍ ଖୁଣ୍ଟ ଓ ତାର ଯୋଗୁ ଯେପରି କୌଣସି ବନ୍ୟ ଜନ୍ତୁ ଦୁର୍ଘଟଣାର ଶିକାର ନ ହେବେ ସେନେଇ ବିଦ୍ୟୁତ ବିଭାଗ ପକ୍ଷରୁ ଉପଯୁକ୍ତ ପଦକ୍ଷପ ନେବା ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲା।

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**କଟକ ସଦର, ୫।୧୧(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଧୀନ ଗତିରାଉତପାଟଣା ଓ ନିମେଇଶାପୁର ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ କ୍ରୀଡାମନ୍ତ୍ରୀ ଚନ୍ଦ୍ରସାରଥି ବେହେରାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଗତିରାଉତପାଟଣା ହନୁମାନ ମନ୍ଦିର, ଡିହସାହି ଓ ନିମେଇଶାପୁର ଗ୍ରାମରେ ଏଲ୍ଇଡି ଲାଇଟ୍, ବିରିବାଟୀ ପଲ୍ଲୀପରିଷଦ ଗୃହ ଏବଂ କୋଠଘରକୁ ମନ୍ତ୍ରୀ ବେହେରା ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ଜିଲା ପରିଷଦ ସଭ୍ୟ ଝିନୁ ବେହେରା, ଆତ୍ମାର ସଭାପତି ସମର ବେହେରା, ପ୍ରିୟବ୍ରତ ସାହୁ, ହିମାଂଶୁ ଦାସ, ତ୍ରିଲୋଚନ ସ୍ୱାଇଁ, ଅଚ୍ୟୁତାନନ୍ଦ ଦାସ ଓ ମିନତୀ ବେହେରା ଯୋଗଦେଇଥିଲେ।

# ଉପଡାକଘରେ ପୋଷ୍ଟାଲ ଅର୍ଡର ଅଭାବ

**କଟକ ସଦର, ୫।୧୧(ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ଚାକିରି ପାଇଁ ଆବେଦନ କଲେ ପୋଷ୍ଟାଲ ଅର୍ଡର ଫି' ଆକାରରେ ଦେବା ବାଧ୍ୟତାମୂଳକ। କଟକ ସଦର ବ୍ଲକ ଅଧୀନ ବିରିବାଟୀ, ସୋମପୁର, ବେଣ୍ଟକାର ଉପଡାକଘରଗୁଡିକରେ ୧୦, ୫୦ ଓ ୧୦୦ ଟଙ୍କିଆ ପୋଷ୍ଟାଲ ଅର୍ଡର ଅଭାବ ଥିବାରୁ ଆବେଦନକାରୀମାନଙ୍କୁ ହଇରାଣ ହେବାକୁ ପଡୁଛି। ତେଣୁ ଏଠାକାର ଆବେଦନକାରୀମାନଙ୍କୁ କଟକ ଜିପିଓ ଉପରେ ନିର୍ଭର କରିବାକୁ ପଡୁଛି। ଏହି ସମସ୍ୟା ଗତ ୬ ମାସ ହେବ ଲାଗି ରହିଛି। ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ବିଜ୍ଞାପନ ପ୍ରକାଶ ପାଇବା ପରେ ସମସ୍ତଙ୍କର ପୋଷ୍ଟାଲ ଅର୍ଡର ଖୋଜା ପଡିଲାଣି। ଡାକ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।



କଟକ ସହୀଦ ଭବନରେ ସୋମବାର ଅନୁଷ୍ଠିତ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ସମାରୋହରେ ଯୋଗଦେଇଥିବା ଅତିଥିବୃନ୍ଦ।

## ଧନ୍ୱନ୍ତରି ଜୟନ୍ତୀ ପାଳିତ

**କଟକ ଅଫିସ, ୫।୧୧**

ଓମ୍‌ସାଇ ଆରୋଗ୍ୟ ଧାମରେ ସୋମବାର ଧନ୍ୱନ୍ତରି ଜୟନ୍ତୀ ପାଳିତ ହୋଇଛି। ଏହି ଉପଲକ୍ଷେ ସିଡିଏ ସେକ୍ଟର-୬ରେ ଥିବା ଓମ୍‌ସାଇ ଆରୋଗ୍ୟଧାମରେ ପୂଜାର୍ଚ୍ଚନା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିମାନେ ଯୋଗଦେଇ ଆୟୁର୍ବେଦ ଚିକିତ୍ସା ପଦ୍ଧତିକୁ ଆପଣାଇବା ପାଇଁ ଆଲୋଚନା କରିଥିଲେ। ଅନୁଷ୍ଠାନର ମୁଖ୍ୟ ଡା. ଦୀପକ ରାଜ ସ୍ୱାଗତ ଭାଷଣ ଦେବା ସହ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ଡ. ସତ୍ୟ ରାୟ, ଡା. ଯଶସ୍ୱିନୀ ପଣ୍ଡା, ତିଳୋତ୍ତମା ଦେବୀ, ଶାନ୍ତିଲତା ମହାନ୍ତି, ନୀରଦ ଚନ୍ଦ୍ର ଆର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ।

## କାଳୀ ମେଲଣ ପ୍ରସ୍ତୁତି ବୈଠକ

**କଟକ ଅଫିସ, ୫।୧୧**

କାଳୀପୂଜା ଓ ମେଲଣକୁ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବା ପାଇଁ ରବିବାର ସ୍ଥାନୀୟ ବିଦ୍ୟାଧରପୁର ଅଞ୍ଚଳରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚାଉଳିଆଗଞ୍ଜ ଥାନା ପକ୍ଷରୁ ଆୟୋଜିତ ଏହି ବୈଠକରେ ବିଦ୍ୟାଧରପୁର, ଏବଂ ୫୪, ୫୫ ନମ୍ବର ୱାର୍ଡର ପୂଜା କମିଟିର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଆସନ୍ତା ୧୭ ଓ ୧୮ ତାରିଖ ଦୁଇଦିନ ଧରି ଏହି ମେଳଣ ଅନୁଷ୍ଠିତ ହେବ। ପୂଜା ସମୟରେ ବିଦ୍ୟୁତ୍ ଟ୍ରାଫିକ ସମସ୍ୟାର ସମାଧାନ ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ବିଧାୟକ ପ୍ରଭାତ ବିଶ୍ୱାଳ ଓ ଡିସିପି ଅଖିଳେଶ୍ୱର ସିଂ ଅତିଥି ଭାବେ ଯୋଗଦେଇ ପୂଜା କମିଟି କର୍ମକର୍ତ୍ତାଙ୍କ ସମସ୍ୟା ଶୁଣିଥିଲେ। ଆଗାମୀ ତିନିଦିନ ଭିତରେ ସମସ୍ୟାଗୁଡ଼ିକର ସମାଧାନ କରିବାକୁ ସେମାନେ ପ୍ରତିଶ୍ରୁତି ଦେଇଥିଲେ।

■ ଅସୁରକ୍ଷିତ ଘୋଷିତ ଗୃହରେ ଚାଲିଛି ବାଲିଝରୀ ଅଗ୍ନିଶମ ସେବାକେନ୍ଦ୍ର

# ଭୟରେ ଦିନ କାଟୁଛନ୍ତି କର୍ମଚାରୀ

**ନରସିଂହପୁର,୫।୧୧(ଡି.ଏନ.ଏ.)**


ବାଲିଝରିଠାରେ ଥିବା ଦମକଳ ସେବା କେନ୍ଦ୍ର।


କାର୍ଯ୍ୟାଳୟର ଛାତରୁ ସିମେଣ୍ଟ ଖଣ୍ଡ ଖସିଛି।

ନରସିଂହପୁର ବ୍ଲକର ବାଲିଝରୀ ଅଗ୍ନିଶମ ସେବା କେନ୍ଦ୍ର ଅସୁରକ୍ଷିତ ଘୋଷିତ ଗୃହରେ ଚାଲିଛି। ସରକାରଙ୍କ ଆନ୍ତରିକତା ଅଭାବ, ବିଭାଗୀୟ କର୍ମଚାରୀଙ୍କ ଉଦାସୀନତା ଯୋଗୁ ଯେ କୌଣସି ମୁହୂର୍ତ୍ତରେ ଏହି ଗୃହଟି ଭାଙ୍ଗି ପଡିବାର ଆଶଙ୍କା ରହିଛି। ଫଳରେ ସାଧାରଣ ଲୋକଙ୍କୁ ବିପଦରୁ ଉଦ୍ଧାର କରିବାକୁ ନିଯୁକ୍ତ କର୍ମଚାରୀ ଏବେ ଭୟରେ ଦିନ କାଟୁଛନ୍ତି। ସେହିପରି ସରକାରୀ ଗାଡି ଓ ବହୁ ଯନ୍ତ୍ରାଂଶ ବିପଦରେ ରହିଛି। ବିଭାଗୀୟ ଉଚ୍ଚପ୍ରଦସ୍ଥ ଅଧିକାରୀଙ୍କ ଦ୍ୱାରା ୩ ବର୍ଷ ପୂର୍ବରୁ ଏହି କେନ୍ଦ୍ରର ଗ୍ୟାରେଜ, ଅଫିସ ଓ ଗୃହ ଅସୁରକ୍ଷିତ ଘୋଷିତ ହୋଇଥିଲା। ଛାତରୁ କଂକ୍ରିଟ ଖସିବା, କାନ୍ଥ ଫାଟି ଆଁ କରିବା, ଅନବରତ ପାଣି ଗଳିବା ଫଳରେ କର୍ମଚାରୀ ହଇରାଣ ହେଉଛନ୍ତି। କେନ୍ଦ୍ର ପାଇଁ ଜମି ଚିହ୍ନଟ ହୋଇ ନ ଥିବାରୁ କେତେକ ଜମି ଜବରଦଖଲରେ ରହିଛି। ଫଳରେ ପାଚେରି ନିର୍ମାଣ ହୋଇ ପାରୁନାହିଁ। କେନ୍ଦ୍ର ପରିସରରେ ଗୋରୁ ଚରୁଛନ୍ତି। ଘଟଣା ସମ୍ପର୍କରେ କେନ୍ଦ୍ରର ଷ୍ଟେସନ ମାଷ୍ଟର ଦେବାଶିଷ ନାୟକ କହିଛନ୍ତି, ମୁଁ ଏହି କେନ୍ଦ୍ରର ଦାୟିତ୍ୱ ଅଳ୍ପ କିଛି ମାସ ହେବ ନେଇଛି। ପୂର୍ବରୁ ଥିବା ଅଧିକାରୀ ଅସୁରକ୍ଷିତ ଗୃହ ସମ୍ପର୍କରେ ଓ ଜମି ଚିହ୍ନଟ ଲାଗି ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି। ବର୍ତ୍ତମାନ ମୁଁ ମଧ ଏହି ବିପଦ ପୂର୍ଣ୍ଣ ଗୃହ, ଜମି ଚିହ୍ନଟ ଓ ପାଚେରି ନିର୍ମାଣ ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଇବି। ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସନାତନ ସ୍ୱାଇଁ କୁହନ୍ତି, ୧୯୮୨ରୁ ବାଲିଝରୀ ଅଗ୍ନିଶମ କେନ୍ଦ୍ର ସ୍ଥାୟୀ ଭାବେ କାର୍ଯ୍ୟ କରୁଛି। ସ୍ଥାନୀୟ, ରତାପାଟ, ବାଲିଝରୀ, ବାସେଲିହତା, ଶ୍ୟାମସୁନ୍ଦରପୁର କୁରାଞ୍ଜି ଅଞ୍ଚଳରେ ପ୍ରତିବର୍ଷ ଅଗ୍ନିକାଣ୍ଡ ଘଟେ। ବହୁ ଧନଜୀବନ ହାନି ହୁଏ। ଫଳରେ ସୁଦୂର କଟକ, ଢେଙ୍କାନାଳ ଅଞ୍ଚଳରୁ ନିଆଁ ଲିଭାଇବାକୁ ଦମକଳ ଗାଡି ଆସନ୍ତି। ଦୀର୍ଘ ୩ ଦିନ ପର୍ଯ୍ୟନ୍ତ ନିଆଁ ଲାଗେ। ପ୍ରତି ଅଗ୍ନିକାଣ୍ଡରେ ଶହ ଶହ ବଖରା ଜଳିଯାଏ। ପୂର୍ବରୁ ଗାଈ, ଛେଳି, ମଣିଷ ମଧ ଅଗ୍ନିକାଣ୍ଡରେ ମୃତ୍ୟୁ ବରଣ କରିଛନ୍ତି। ଫଳରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓଡିଶାରେ ପ୍ରଥମ ଥର ଲାଗି ଗୋଟିଏ ଗାଁରେ ଦମକଳ କେନ୍ଦ୍ର ସ୍ଥାପନ କରିଥିଲେ। ଏହି କେନ୍ଦ୍ର ଯୋଗୁ ଉଭୟ ବଡମ୍ବା ଓ ନରସିଂହପୁର ବ୍ଲକର ବହୁ ଧନ ଜୀବନ ରକ୍ଷା ହୋଇପାରିଛି। ଏହାର ଗୃହ ନିର୍ମାଣ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ମରାମତି ହୋଇ ନ ଥିବା ଆମେ ଦେଖିବାକୁ ପାଇଛୁ। ବାଲିଝରୀ ସରପଞ୍ଚ ମନମୋହନ ନାୟକ କୁହନ୍ତି, ସମଗ୍ର ଅଞ୍ଚଳରୁ ଲୋକଙ୍କୁ ବିପଦରୁ ରକ୍ଷା କରୁଥିବା କର୍ମଚାରୀ ବର୍ତ୍ତମାନ ବିପଦରେ ରହିଛନ୍ତି। ପଞ୍ଚାୟତ ପକ୍ଷରୁ ଅଗ୍ନିଶମ ବିଭାଗ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇବା ସହିତ ନୂତନ କୋଠା, ପାଚେରି ଓ ପାଣି ଯୋଗାଣ ବ୍ୟବସ୍ଥା କରିବା ପାଇଁ ଦାବି କରାଯିବ ବୋଲି କହିଥିଲେ।

■ ବଡ଼ମ୍ବା ଓ ନରସିଂହପୁର ବ୍ଲକର ବହୁ ଧନ ଜୀବନ ରକ୍ଷା ହୋଇପାରିଛି

■ ସରକାରୀ ଗାଡି ଓ ବହୁ ଯନ୍ତ୍ରାଂଶ ବିପଦରେ



କୃପଣ ହେଉଛି ପ୍ରକୃତରେ ଦରିଦ୍ର, କାରଣ ପ୍ରାଚୁର୍ଯ୍ୟ ଭିତରେ ବି ସେ ଅନାହାରରେ ଥାଏ।
- ଜନ୍ ଡ୍ରାଇଡେନ୍

## ସଂକ୍ଷେପରେ

### ୧୦୨ ଆମ୍ବୁଲାନ୍ସ ସେବାରୁ ପ୍ରସୂତି ବଞ୍ଚିତ ଅଭିଯୋଗ

**ଟାଙ୍ଗୀ(ଖୋର୍ଦ୍ଧା),୫।୧୧(ଡି.ଏନ୍.ଏ.):** କୌଣସି ସରକାରୀ ବିଜ୍ଞପ୍ତି ପ୍ରକାଶ ନ କରି ୧୦୨ ଆମ୍ବୁଲାନ୍ସ ସେବାରୁ ପ୍ରସୂତି ଓ ନବଜାତକଙ୍କୁ ବଞ୍ଚିତ କରାଯାଉଥିବା ଅଭିଯୋଗ ହେଉଛି। ଆସନ୍ନପ୍ରସବା ମହିଳାମାନଙ୍କୁ ଆଶା କର୍ମୀଙ୍କ ସହାୟତାରେ ସେମାନଙ୍କ ଘରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଉଥିଲା। ପ୍ରସବ ପରେ ଉଭୟ ପ୍ରସୂତି ଓ ନବଜାତକଙ୍କୁ ନେଇ ପୁଣି ଘରେ ଛାଡି ଦିଆଯାଉଥିଲା। ଏବେ କିନ୍ତୁ ପ୍ରସବ ପରେ ଉଭୟଙ୍କ ପାଇଁ ଏହି ଆମ୍ବୁଲାନ୍ସ ସେବା ମିଳୁ ନ ଥିବା ଅଭିଯୋଗ ହେଉଛି। ଫଳରେ ପ୍ରସୂତିମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ସ୍ପଷ୍ଟୀକରଣ ତୁରନ୍ତ ଦେବାକୁ ସାଧାରଣରେ ଦାବି ହେଉଛି ।

### ଧନ୍ୱନ୍ତରି ଜୟନ୍ତୀ



**ନିରାକାରପୁର,୫।୧୧(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ଭୋଇସାହି ଗ୍ରାମରେ ଦେବତାମାନଙ୍କ ବୈଦ୍ୟ ଭାବେ ପରିଚିତ ଶ୍ରୀ ଶ୍ରୀ ଧନ୍ୱନ୍ତରିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଗ୍ରାମସ୍ଥିତ ପ୍ରାୟ ୪୪ ଘର ମଧ୍ୟରୁ ୪୦ ଘର ଆୟୁର୍ବେଦିକ୍ ଜଡ଼ିବୁଟି ଚିକିତ୍ସକ ହୋଇଥିବାରୁ ଏହି ବୈଦ୍ୟମାନେ ସୋମବାର ଉକ୍ତ ପର୍ବକୁ ଧୁମ୍‌ଧାମ୍‌ର ସହ ପାଳନ କରୁଛନ୍ତି। ପ୍ରଭୁ ଧନ୍ୱନ୍ତରିଙ୍କ ପାଦତଳେ ବିଭିନ୍ନ ଭାଷାର ଆୟୁର୍ବେଦିକ ପୁସ୍ତକ ଓ ଜଡ଼ିବୁଟି ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପୂଜା କରାଯାଉଥିବା ଦେଖିବାକୁ ମିଳିଥିଲା। ପୂଜା ଉତ୍ସବରେ ଗ୍ରାମର ପୁରୁଷ, ମହିଳା ପ୍ରମୁଖ ଉପସ୍ଥିତ ରହି ପ୍ରଭୁ ଧନ୍ୱନ୍ତରିଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ତେବେ ବିଭିନ୍ନ କାରଣରୁ ଏହି କୌଳିକ ବୃତ୍ତି ଲୋପପାଇବାକୁ ବସିଲାଣି ବୋଲି କବିରାଜ ନାରାୟଣ ମହାନ୍ତି ସୂଚନା ଦେଇଛନ୍ତି।

### ଭାଜପାର ମିଶ୍ରଣ ପର୍ବ




**ଜଟଣୀ,୫।୧୧(ଡି.ଏନ.ଏ.):** ଜଟଣୀ ବ୍ଲକର ବେଣାପଞ୍ଜରୀ ପଞ୍ଚାୟତ ଅନ୍ତର୍ଗତ ରାଣୀପୁର ଗ୍ରାମରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ବଡ଼ଜେନାଙ୍କ ନେତୃତ୍ୱରେ ଏହା ଆୟୋଜିତ ହୋଇଥିଲା। ଏଥିରେ ସମ୍ପୃକ୍ତ ପଞ୍ଚାୟତ ବହୁ ସଂଖ୍ୟାରେ ମହିଳାପୁରୁଷ ଭାଜପାରେ ଯୋଗଦାନ କରିଥିଲେ। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଏହି ନିର୍ବାଚନ ମଣ୍ଡଳୀର ଦଳୀୟ ପ୍ରଭାରୀ ସୁବାସ ଗନ୍ତାୟତ, ମଣ୍ଡଳ ସଭାପତି ଭୀଷ୍ମ ଜେନା, ନୃସିଂହ ବିଶୋଇ, ଅଜିତ୍ ପ୍ରଧାନ, ଦୁଷ୍ମନ୍ତ ସାହୁ, ମିନତି ମହାପାତ୍ର ଓ ଅନ୍ୟ ଭାଜପା ନେତା ଉପସ୍ଥିତ ରହିଥିଲେ।

### ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିସ୍ତି ଟଙ୍କା ଦେବାରେ ସମୟ ଗଡାଯାଉଛି

**ଖୋର୍ଦ୍ଧା ଅଫିସ,୫।୧୧:** ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ବାବଦକୁ କିସ୍ତି ଟଙ୍କା ଦେବାରେ ସମୟ ଗଡାଯାଉଛି। କାରଣ ପଚାରିଲେ ଅଥବା ପ୍ରତିବାଦ କଲେ ଜାଣିଶୁଣି ହଇରାଣ କରାଯାଉଥିବା ଅଭିଯୋଗ ହୋଇଆସୁଛି। ଏଭଳିସ୍ଥଳେ ବେଗୁନିଆ ବ୍ଲକ ରାଉତପଡା ଦକ୍ଷିଣେଶ୍ୱର ସାହିର ଶଙ୍କର ବେହେରା ଅଭିଯୋଗ କରିଛନ୍ତି ଲିଣ୍ଟେଲ ପର୍ଯ୍ୟନ୍ତ ଘର କାର୍ଯ୍ୟ ଶେଷ ହୋଇଥିଲେ ମଧ ମାତ୍ର ୨୦ ହଜାର ଟଙ୍କା ମିଳିଛି। କାମ ଅନୁଯାୟୀ ୨ୟ କିସ୍ତି ୩୦ ହଜାର ଟଙ୍କା ଆକାଉଣ୍ଟକୁ ପଠାଇବାକୁ ସରକାରୀ ନିୟମ କହୁଥିବାବେଳେ ଟଙ୍କା ପଠାଯାଉନାହିଁ। ଆବାସ ଯୋଜନାରେ ତିଆରି ହେଉଥିବା ଗୃହଟି ଅନାବାଦୀ କିସମରେ ରହିଥିବାରୁ ଟଙ୍କା ମିଳୁ ନ ଥିବା ଜଣାପଡିଛି। ଏଭଳିସ୍ଥଳେ ଭୂମିହୀନ ଶଙ୍କର ସୋମବାର ପିଡି ଡିଆରଡିଏଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ପିଡି ଓ ଉପଜିଲାପାଳଙ୍କୁ ଭେଟି ନିଜର ଦୁଃଖ ଜଣାଇଛି।

## ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି

# ସାକ୍ଷାତ୍‌କାରରେ ଅନିୟମିତତା ଅଭିଯୋଗ

ଟାଙ୍ଗୀ(ଖୋର୍ଦ୍ଧା),୫।୧୧(ଡି.ଏନ.ଏ.)

ଟାଙ୍ଗୀ ବ୍ଲକ୍ ରତନପୁର ପଞ୍ଚାୟତରେ ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ନେଇ ହୋଇଥିବା ସାକ୍ଷାତ୍‌କାରରେ ଅନିୟମିତତା, ପକ୍ଷପାତିତା ଅଭିଯୋଗ ହୋଇଛି। ଚଳିତବର୍ଷ ସେପ୍ଟେମ୍ବର ୧୭ରେ ଏଥିନିମନ୍ତେ ବିଜ୍ଞାପନ ପ୍ରକାଶିତ ହୋଇଥିଲା। ସମ୍ପୃକ୍ତ ଅଙ୍ଗନୱାଡ଼ି କେନ୍ଦ୍ର ଅଞ୍ଚଳରୁ ୧୨ ଜଣ ଆବେଦନ କରିଥିଲେ। ଅକ୍ଟୋବର ୧୦ ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ଟା ମଧ୍ୟରେ ଟାଙ୍ଗୀ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟଠାରେ ୧୦ ଜଣ ଆବେଦନକାରୀ ସାକ୍ଷାତ୍‌କାରରେ ଯୋଗଦେଇଥିଲେ। ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା, ବୟସ ଓ ଅନ୍ୟାନ୍ୟ ପ୍ରମାଣପତ୍ର ସବୁ ଯାଞ୍ଚ କରାଯାଇଥିଲା। ୧୨ ତାରିଖରେ ଯୋଗ୍ୟତାଭିତ୍ତିରେ ଆବେଦନକାରୀମାନେ ନମ୍ବର ପାଇଥିବା ବିଜ୍ଞାପନ ପ୍ରକାଶ ପାଇଲା। ତେବେ ସେହି ତାଲିକାରେ ଆଦୌ ସାକ୍ଷାତ୍‌କାରରେ ଯୋଗଦେଇ ନ ଥିବା ୨ ଜଣ ସାକ୍ଷାତ୍‌କାରୀଙ୍କ ନାମ ମଧ୍ୟ ଉଲ୍ଲେଖ ଥିବା ନେଇ ଅନ୍ୟ ଆବେଦନକାରୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହା ବିଭାଗୀୟ ଅଧିକାରୀଙ୍କ ପକ୍ଷପାତିତା ଓ ଅନିୟମିତତା କାର୍ଯ୍ୟ ବୋଲି ଅନ୍ୟ ଆବେଦନକାରୀମାନେ ଖୋର୍ଦ୍ଧା ଜିଲାପାଳ, ଉପଜିଲାପାଳ ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରମୁଖଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଭଳି ଅନିୟମିତତା ନେଇ ରତନପୁର ସରପଞ୍ଚ ସୁବାସିନୀ ନାୟକ, ସମିତି ସଭ୍ୟା ରୀନା ସାସମଲଙ୍କ ସମେତ ୭ ୱାର୍ଡ ସଭ୍ୟ/ସଭ୍ୟା ମଧ୍ୟ ଖୋର୍ଦ୍ଧା ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତେବେ ଉପଜିଲାପାଳ ସରୋଜ କୁମାର ସାହୁ, ଟାଙ୍ଗୀ ସିଡିପିଓ ସ୍ନେହଲତା ନାୟକ କହିଥିଲେ, ମେଡିକାଲ ସାର୍ଟିଫିକେଟ୍ ଦେଇ ୨ ଆବେଦନକାରୀ ପରେ ସାକ୍ଷାତ୍‌କାର ଦେଇଥିଲେ। ସୂଚନାଯୋଗ୍ୟ କି, ନିୟମାନୁସାରେ ପରୀକ୍ଷା ଓ ସାକ୍ଷାତ୍‌କାରର ନିର୍ଦ୍ଦିଷ୍ଟ ସମୟ ସୀମାଥାଏ। ତାହା କୌଣସି ପରିସ୍ଥିତିରେ ମଧ୍ୟ ପରିବର୍ତ୍ତନ ହୋଇପାରିବ ନାହିଁ। ତେଣୁ ଏଭଳି ନିଯୁକ୍ତି ଓ ସାକ୍ଷାତ୍‌କାରକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏହି ଘଟଣାର ବିଧିବଦ୍ଧ ତଦନ୍ତ କରି ଉପଯୁକ୍ତ ନ୍ୟାୟ ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

**ବିଧିବଦ୍ଧ ତଦନ୍ତ ଦାବି**



କନ୍ଦନୟାଗଡ଼ ପଞ୍ଚାୟତ ବିଜେଡି କର୍ମୀ ସମ୍ମିଳନୀ।

## ବିଜେଡି କର୍ମୀ ସମ୍ମିଳନୀ

ଟାଙ୍ଗୀ(ଖୋର୍ଦ୍ଧା),୫।୧୧(ଡି.ଏନ୍.ଏ.)

ରଣପୁର ବ୍ଲକ୍ କନ୍ଦନୟାଗଡ଼ ପଞ୍ଚାୟତ ବିଜେଡି କର୍ମୀ ସମ୍ମିଳନୀ ସୋମବାର ମା’ ବଳି ମାଝୀଙ୍କ ପୀଠରେ ଲକ୍ଷ୍ମୀଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଦଳୀୟ ସଂଗଠନକୁ ସୁଦୃଢ କରିବା ସହିତ ରାଜ୍ୟ ସରକାରଙ୍କ ବହୁବିଧ ଜନମଙ୍ଗଳ କାର୍ଯ୍ୟକ୍ରମ ସମ୍ପର୍କରେ ଜନଗଣଙ୍କୁ ଅବଗତ କରିବା ପାଇଁ ବିଜେଡି କର୍ମୀମାନେ ସକ୍ରିୟ ଉଦ୍ୟମ ଜାରି ରଖିବାକୁ ବୈଠକରେ ଆଲୋଚନା ହୋଇଥିଲା। ଜିଲା ପରିଷଦ ସଭ୍ୟ ବିଜୟକେତନ ସାହୁ, ରଣପୁର ବିଜୁଛାତ୍ର ଜନତା ସଭାପତି ସୁନିଲ ଜେନା, ବ୍ଲକ୍ ସଂଯୋଜକ ଦେବାଶିଷ ମହାନ୍ତି, ଜୋନ ସଭାପତି ରଶ୍ମି ରଞ୍ଜନ ସାହୁ ଓ ସରପଞ୍ଚ ଅରୁଣ କୁମାର ସୁବୁଦ୍ଧି ପ୍ରମୁଖ ଅତିଥି ରୂପେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଧନ୍ୱନ୍ତରି ଜୟନ୍ତୀରେ ଆଲୋଚନାଚକ୍ର

ଖୋର୍ଦ୍ଧା ଅଫିସ,୫।୧୧

ଆୟୁର୍ବେଦ ଚିକିତ୍ସାର ପ୍ରବର୍ତ୍ତକ ଧନ୍ୱନ୍ତରି ଦେବଙ୍କ ଜୟନ୍ତୀ ଉପଲକ୍ଷେ ସୋମବାର ଖୋର୍ଦ୍ଧାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଡ. ପ୍ରଫୁଲ୍ଲ କୁମାର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଆୟୁର୍ବେଦ ଶାସ୍ତ୍ରର ଉପାଦେୟତା, ଚିକିତ୍ସା ବିଜ୍ଞାନର ପୁରାତନ ପଦ୍ଧତି ଏବଂ ଏହାର ଔଷଧ କିପରି ଶରୀରକୁ ସୁସ୍ଥ ରଖେ ବକ୍ତାମାନେ ଦର୍ଶାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ଯୋଗେଶ ଚନ୍ଦ୍ର ରଥ, କବିରାଜ ପ୍ରଫୁଲ୍ଲ ଦାଶ, ଡା. ବୃନ୍ଦାବନ ପଣ୍ଡା, ଡା. ଚପଳା ପଣ୍ଡା, ସାମାଜିକ କର୍ମୀ ସୌଦାମିନୀ ପଟ୍ଟନାୟକ, ଅନସୂୟା ସାମନ୍ତରାୟ, ପ୍ରସନ୍ନ କୁମାର ଛୁଆଳସିଂହ, ବାଇଧର ମିଶ୍ର ପ୍ରମୁଖ ଯୋଗ ଦେଇ ଆଲୋଚନାଚକ୍ରରେ ଭାଗ ନେଇଥିଲେ। ଶେଷରେ ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

## ଚିଲିକା ବୋଇତ ବନ୍ଦାଣ ଉତ୍ସବ ପ୍ରସ୍ତୁତି ବୈଠକ

ବାଲୁଗାଁ,୫।୧୧(ଡ଼ି.ଏନ.ଏ.)

ଚିଲିକାର ଐତିହ୍ୟ, ନୌବାଣିଜ୍ୟ, ପରମ୍ପରା ଓ ସଂସ୍କୃତିର ସ୍ମୃତିଚାରଣ ନିମନ୍ତେ ପ୍ରତିବର୍ଷ ପରି ଚଳିତବର୍ଷ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଆସନ୍ତା ୨୨ ଓ ୨୩ ତାରିଖ ଦୁଇଦିନ ଧରି ବାଲୁଗାଁ ଚିଲିକା ତଟଦେଶରେ ପାରମ୍ପରିକ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଉତ୍ସବ କମିଟି ଆନୁକୂଲ୍ୟରେ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଶ୍ରୀ ଶ୍ରୀ ଉମାମହେଶ୍ୱର କଲ୍ୟାଣ ମଣ୍ଡପଠାରେ ଖୋର୍ଦ୍ଧା ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ସତ୍ୟନାରାୟଣ ସେନାପତିଙ୍କ ପୌରୋହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ତଥା ଚିଲିକା ବିଧାୟକ ଡ଼. ବିଭୂତି ଭୂଷଣ ହରିଚନ୍ଦନଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନର ସଦସ୍ୟ, ସଚେତନ ନାଗରିକ, ଗଣମାଧ୍ୟମ ପ୍ରତିନିଧି ଓ ବୁଦ୍ଧିଜୀବୀ ଯୋଗଦେଇ ଉତ୍ସବ କିପରି ସରସ ସୁନ୍ଦର ହେବ ସେ ଦିଗରେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ବୈଠକରେ ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, କାଳିଯାଇ ଘରୋଇ ମୋଟର ବୋଟ ଆସୋସିଏଶନ ସମ୍ପାଦକ କୃଷ୍ଣଚନ୍ଦ୍ର ବେହେରା, କାଳିଯାଇ ମତ୍ସ୍ୟ ବ୍ୟବସାୟୀ ମହାସଂଘ ସଭାପତି ଜୟନ୍ତ କୁମାର ସ୍ୱାଇଁ, ବଣିକ ସଂଘ ସଭାପତି ରବିନାରାୟଣ ନାୟକ ପ୍ରମୁଖ ନେତୃସ୍ଥାନୀୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଖୋର୍ଦ୍ଧାରେ ମହକ, ହୌସଲା ପ୍ରତିଯୋଗିତା

ଖୋର୍ଦ୍ଧା ଅଫିସ,୫।୧୧

ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଖୋର୍ଦ୍ଧା ଜିଲା ଆନ୍ତଃ ଶିଶୁ ଯତ୍ନ ଅନୁଷ୍ଠାନ କ୍ରୀଡା ପ୍ରତିଯୋଗିତା ହୌସଲା ଓ ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ ୨୦୧୮ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉଭୟ କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଖୋର୍ଦ୍ଧା ଷ୍ଟାଡିୟମରେ ଅନୁଷ୍ଠିତ ହୌସଲା ପ୍ରତିଯୋଗିତାରେ ଶିଶୁମାନଙ୍କ ମଧ୍ୟରେ ୧୦୦ ଓ ୪୦୦ ମିଟର ରିଲେ ଦୌଡ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଚେସ୍, ଫୁଟ୍‌ବଲ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ସେହିପରି ଜିଲା ସଂସ୍କୃତି ଭବନ ପରିସରରେ ଆୟୋଜିତ ମହକ କାର୍ଯ୍ୟକ୍ରମରେ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ହୌସଲା ପ୍ରତିଯୋଗିତାରେ ରେଫରୀ ଭାବେ କ୍ରୀଡା ଶିକ୍ଷକ ପ୍ରେମାନନ୍ଦ ବରାଳ, ସୁଜିତ କୁମାର ବାରିକ, ଜାନକୀବଲ୍ଲଭ ବରାଳ ଏବଂ ମହକ କାର୍ଯ୍ୟକ୍ରମରେ ବିଚାରପତି ଭାବେ ସତ୍ୟବାଦୀ ବଳିଆରସିଂହ, ଲକ୍ଷ୍ମୀଧର ଶ୍ରୀଚନ୍ଦନ, ଭୀମସେନ ପ୍ରଧାନ ଯୋଗ ଦେଇଥିଲେ। ଅପରାହ୍ନରେ ଉଦ୍‌ଯାପନ ଉତ୍ସବରେ ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଉଭୟ ପ୍ରତିଯୋଗିତାରେ ୨୫୦ ପ୍ରତିଯୋଗୀ ଭାଗ ନେଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ସ୍ୱାଗତିକା ପରିଡା, ସୌମେନ୍ଦ୍ର ନାୟକ, ରଞ୍ଜନ ଗୋଛାୟତ, ମନସ୍ୱିନୀ ମହାପାତ୍ର, ଅନୁପ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମୂଲ୍ୟଭିତ୍ତିକ ଶିକ୍ଷା ଉପରେ ଆଲୋଚନାଚକ୍ର

ଜଟଣୀ,୫।୧୧(ଡି.ଏନ.ଏ.)

ଶିକ୍ଷା ସଂସ୍କୃତି ଉତ୍‌ଥାନ ନ୍ୟାସ ଓଡ଼ିଶା ପ୍ରାନ୍ତ ପକ୍ଷରୁ ଜଟଣୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୋମବାର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ‘ମୂଲ୍ୟଭିତ୍ତିକ ଶିକ୍ଷା’ ବିଷୟବସ୍ତୁ ଉପରେ ଏହା ଆୟୋଜିତ ହୋଇଥିଲା। ଦୁଇଟି ପର୍ଯ୍ୟାୟରେ ଆୟୋଜିତ ଆଲୋଚନାଚକ୍ରରେ ବକ୍ତାମାନେ କହିଥିଲେ ଭାରତ ତା’ର ମୂଲ୍ୟ ଭିତ୍ତିକ ଶିକ୍ଷା ଦ୍ୱାରା ବିଶ୍ୱକୁ ଆଲୋକ ପ୍ରଦର୍ଶନ କରିଛି। ପ୍ରାଚୀନ ଗୁରୁକୁଳ ପରମ୍ପରା ଓ ଆଧୁନିକ ଶିକ୍ଷାସ୍ଥିତିକୁ ତୁଳନା ମଧ୍ୟ କରିଥିଲେ। ଏଥିସହ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ମାନବଜାତି ଚିନ୍ତାଧାରାଠାରୁ ଦୂରେଇ ଯିବା ସହ ମାତୃଭାଷାରେ ଶିକ୍ଷାପଦ୍ଧତି ପ୍ରଚଳନ ପାଇଁ ପ୍ରାଧାନ୍ୟ ଦେବାକୁ ଆହ୍ୱାନ ଦେଇଥିଲେ। ଆୟୋଜକ ଅନୁଷ୍ଠାନର ଓଡ଼ିଶା ପ୍ରଭାରୀ ଗଣପତ ରାଓ, ଡ. ପ୍ରମୋଦ ଦାଶ, ସତ୍ୟବାଦୀ ବଳିଆରସିଂହ, ଶରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ଶିକ୍ଷାବିତ୍‌ମାନେ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷା ସଂସ୍କୃତି ଉତ୍‌ଥାନ ନ୍ୟାସର ରାଜ୍ୟ ସଂଯୋଜକ ଶିବପ୍ରସାଦ ପାଢ଼ୀ ଓ ଅଧ୍ୟାପକ ପ୍ରେମାନନ୍ଦ ମହାରଣା ଏହାକୁ ପରିଚାଳନା କରିଥିଲେ।

## ସଚିବଙ୍କ ଗସ୍ତ ପୂର୍ବରୁ ଅଫିସରଙ୍କ ମହଲରେ ଭାଳେଣି

### ପ୍ରଧାନମନ୍ତ୍ରୀ ସଡ଼କ, ଆବାସ, ରାଶନ କାର୍ଡ ମୁଖ୍ୟ ପ୍ରସଙ୍ଗ ହେବ

ବେଗୁନିଆ,୫।୧୧(ଡି.ଏନ.ଏ.)

ଶିକ୍ଷା ନଚେତ ଜଳ ସମ୍ପଦ ବିଭାଗ ସଚିବ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଗସ୍ତ କାର୍ଯ୍ୟକ୍ରମର ଯୋଜନା ମଙ୍ଗଳବାରକୁ ରହିଛି। ମାତ୍ର କେଉଁ ବିଭାଗର ସଚିବ ଆସିବେ ତାହା ଏଯାଏ ଜିଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ ଭାବେ ସୂଚନା ଦିଆଯାଇନାହିଁ। ସରକାରଙ୍କ ନିର୍ଦ୍ଦେଶ ମୁତାବକ ସଚିବ ଜଣଙ୍କ ବ୍ଲକର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ଏଥିଯୋଗୁ ଜିଲା ଓ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀମାନେ ନିଜ ନିଜର ଦୋଷ ଘୋଡାଇବାକୁ ପ୍ରସ୍ତୁତି ଚଳାଇଛନ୍ତି। ଏ ନେଇ ମଧ୍ୟ ବ୍ଲକରେ ପ୍ରଧାନମନ୍ତ୍ରୀ ସଡକ କାର୍ଯ୍ୟ, ପ୍ରଧାନମନ୍ତ୍ରୀ ଆବାସ ଏବଂ ରାଶନ କାର୍ଡ ଆଦି ବିଭିନ୍ନ ଯୋଜନାଗୁଡ଼ିକ ତଦାରଖ କରିବାକୁ ସ୍ଥିର ହୋଇଛି। ହେଲେ ବ୍ଲକର ବହୁ ଅଫିସରଙ୍କ ମହଲରେ ଭୟ ସଞ୍ଚାର ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ବ୍ଲକ ଅଞ୍ଚଳରେ ଦେଖାଯାଇଥିବା ପ୍ରମୁଖ ସମସ୍ୟା ସବୁକୁ ସଚିବଙ୍କ ନଜରରୁ ହଟାଇ ଭଲ କାର୍ଯ୍ୟ ହୋଇଥିବା ପ୍ରକଳ୍ପଗୁଡ଼ିକ ଦେଖାଇ ଫେରାଇ ଦେବା ପାଇଁ ମସୁଧା କରାଯାଉଥିବା ଅଞ୍ଚଳରେ ଆଲୋଚନା ଚାଲିଛି।

ପ୍ରକାଶଥାଉ କି ଗ୍ରାମାଞ୍ଚଳରେ ଲୋକମାନଙ୍କ ସମସ୍ୟାଗୁଡ଼ିକ ବୁଲି ଦେଖିବାକୁ ୨ରୁ ୩ ମାସରେ ଥରେ ଜଣେ ଲେଖାଏ ସଚିବ ବ୍ଲକକୁ ଆସୁଛନ୍ତି। ହେଲେ ଆସୁଥିବା ସଚିବଙ୍କୁ ସମ୍ମାନର ସହ ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ସୁନ୍ଦର କାର୍ଯ୍ୟଗୁଡ଼ିକ ଦେଖାଇ ଫେରାଇ ଦିଆଯାଉଛି।

**ବେଗୁନିଆ ବ୍ଲକ**

ହେଲେ ଏବେ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ରାଶନ କାର୍ଡରୁ କେତେଜଣ ପ୍ରକୃତ ଗରିବ ହିତାଧିକାରୀ ବାଦ୍ ପଡିଯାଇଛନ୍ତି। ଏଥିସହ ଏହି ବ୍ଲକରେ ବିଭିନ୍ନ ଗ୍ରାମକୁ ନିର୍ମାଣ ହେଉଥିବା ସଡ଼କ କାର୍ଯ୍ୟ ଅତି ନିମ୍ନମାନର ଓ ଅଧାପନ୍ତରିଆ ଭାବେ ପଡି ରହିଛି। ଲାଞ୍ଚ କାରବାର କରାଯାଇଥିବା ଅଭିଯୋଗ ଉଠିଛି। ତେବେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଲୋକଙ୍କ ଏହି ଗୁରୁତର ସମସ୍ୟାଗୁଡ଼ିକ କେହି ହେଲେ ବୁଝୁ ନାହାନ୍ତି। ତେବେ ଗସ୍ତରେ ଆସୁଥିବା ସଚିବ ଯଦି ଏ ଗୁରୁତର ସମସ୍ୟାକୁ ଲୋକଙ୍କର ସମାଧାନ ବାଟରେ ନିଅନ୍ତେ ତେବେ ସମ୍ପୂର୍ଣ୍ଣ ଭଲ ହୁଅନ୍ତା ବୋଲି ଜନକଲ୍ୟାଣ ପ୍ରତିଷ୍ଠାନର ସଭାପତି ଅକ୍ଷୟ କୁମାର ରଥ, ବେଗୁନିଆ ବିକାଶ ମଞ୍ଚର ସଭାପତି ଶିବ କୁମାର ମୁନିଙ୍କ ସମେତ ବହୁ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ନିବେଦନ କରାଯାଇଛି। ଏ ସମ୍ପର୍କରେ ବିଡିଓ ରବିନାରାୟଣ ମାଝି କୁହନ୍ତି, ସଚିବଙ୍କ ଗସ୍ତ କାର୍ଯ୍ୟକ୍ରମ ରହିଛି ସତ ହେଲେ ପୂର୍ବରୁ କୌଣସି ସୂଚନା ଦିଆଯିବ ନାହିଁ।

## ସବୁ କ୍ଷେତ୍ରରେ ବିଫଳ ସରକାରକୁ ହଟାଅ

# ଦୁର୍ନୀତି ବିରୋଧରେ ଭାଜପାର ବ୍ଲକ ଘେରାଉ

ଖୋର୍ଦ୍ଧା ଅଫିସ,୫।୧୧

ଭ୍ରଷ୍ଟାଚାର, ପ୍ରିୟାପ୍ରୀତି ଓ ଦୁର୍ନୀତି ଗ୍ରସ୍ତ ବିଜେଡି ସରକାରକୁ ହଟାଅ। ଲଗାତାର ଶାସନରେ ରହିବାରୁ ସ୍ୱେଚ୍ଛାଚାରିତା ହୋଇ ବିକାଶ ନାଁରେ ବିଜେଡି ସରକାର ଲୋକଙ୍କ କ୍ଷତି କରି ଚାଲିଛି। ରାଜ୍ୟକୁ ଆଗକୁ ନେବା ପରିବର୍ତ୍ତେ ପଛକୁ ନେଉଛନ୍ତି ବୋଲି ଖୋର୍ଦ୍ଧା ବ୍ଲକ ଭାଜପା ପକ୍ଷରୁ ଆରୋପ ଲଗାଯାଇ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ପ୍ରତିବାଦ ସଭାରେ ଭାଜପା ନେତାମାନେ ପ୍ରକାଶ କରିଛନ୍ତି। ଭାଜପା କର୍ମୀମାନେ ସ୍ଥାନୀୟ ଗୀତା ଭବନ ପଡିଆରେ ସମବେତ ହୋଇ ଶୋଭାଯାତ୍ରାରେ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଓ ପ୍ଲାକାର୍ଡ ପ୍ରଦର୍ଶନ କରି ବ୍ଲକ୍ ସମ୍ମୁଖରେ ଧାରଣା ଦେଇଥିଲେ। ଧାରଣା ସ୍ଥଳରେ ନେତାମାନେ ନିଜ ବକ୍ତବ୍ୟରେ ବିଜେଡି ସରକାରକୁ ସମାଲୋଚନା କରିଥିଲେ। ଆମ ଗାଁ ଆମ ବିକାଶ ବିଜେଡି ବିକାଶରେ ପରିଣତ ହେବା, ବିରୋଧୀ ଦଳର ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରିବା, ବିଭିନ୍ନ ଭତ୍ତା ଓ ଆବାସ ପ୍ରଦାନରେ ପକ୍ଷପାତିତା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି କହିଥିଲେ। ସେହିଭଳି ସାଧାରଣ ଲୋକଙ୍କ ଅର୍ଥରେ ମୁଁ ହିରୋର ତାମସା ନାମରେ ନାଚଗୀତ ବିଜୁ ଯୁବବାହିନୀ ସୃଷ୍ଟି କରିଥିବା ଦୋଷାରୋପ କରିଥିଲେ। ଗରିବ ପରିବାରରୁ ଆସିଥିବା ବିକାଶ ପୁରୁଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମର୍ଥନ କରିବାକୁ ନେତାମାନେ ଆହ୍ୱାନ ଦେଇଥିଲେ। ପିସି କାରବାର ନେଇ ମୁଖ୍ୟମନ୍ତ୍ରୀ ନବୀନବାବୁ ଗତବର୍ଷ ସ୍ୱୀକାର କରି ଏହାକୁ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ପିସି କାରବାରରେ ଲଗାମ ଲଗାଇ ପାରିନାହାନ୍ତି ସରକାର। ପିସି ନ ଦେଲେ ଫାଇଲ ଘୁଞ୍ଚୁନି କି କୌଣସି କାମ ହେଉନି। ନିମ୍ନମାନର ଅଙ୍ଗନୱାଡି ଛତୁଆ, ମଧ୍ୟାହ୍ନଭୋଜନରେ ହେରଫେର ଓ ଅବ୍ୟବସ୍ଥା, ରାଶନକାର୍ଡରେ ପକ୍ଷପାତିତା କରାଯାଉଛି। ଏପରି ହେବା ଦ୍ୱାରା ଗଣତନ୍ତ୍ର ଶାସନରେ କୌଣସି ଦଳ କ୍ଷମତାରେ ରହି ପାରେନାହିଁ। ଶାସନ ପରିବର୍ତ୍ତନର ଆଭାସ ଭୋଟର ଦେଇଥିବାରୁ ପୂର୍ବରୁ ସରକାରୀ କର୍ମଚାରୀମାନେ ନିଜକୁ ସଜାଡି ନେବା ଦରକାର। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାକୁ ଭଣ୍ଡୁର କରି ବିଜୁ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାକୁ ବିଜେଡି ନିକଟରେ ବନ୍ଧା ପଡିଛି ବୋଲି ବକ୍ତାମାନେ ଦୋହାରାଇ ଥିଲେ। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ବିଧାୟକ ଜିତୁ ମିତ୍ର, ସନ୍ତୋଷ ଜେନା, ନିକୁଞ୍ଜ ପଟ୍ଟନାୟକ ଓ ରଶ୍ମିରାଣୀ ମିଶ୍ର, ନଗର ସଭାପତି ଦିଲୀପ ହୋତା, ଜିଲା ଉପସଭାପତି ବିଭୁ ପ୍ରସାଦ ସାହୁ, ଜିଲା ସଭାପତି ସୁବାସ ଜେନା, ୨ନଂ. ଜୋନ ମଣ୍ଡଳ ସଭାପତି ସେକ୍ କବୀର ଓ ୩ ନଂ. ଜୋନ ସଭାପତି କାଳୁ ବଳିଆରସିଂହ ପ୍ରମୁଖ ପ୍ରତିବାଦ ସଭାରେ ସରକାରୀ ବିରୋଧୀ ମନ୍ତବ୍ୟ ଦେଇଥିଲେ।



ଖୋର୍ଦ୍ଧାଠାରେ ଅନୁଷ୍ଠିତ ବ୍ଲକ୍ ଘେରାଉ କାର୍ଯ୍ୟକ୍ରମରେ ଉପସ୍ଥିତ ନେତା ଓ କର୍ମୀ।



ବୋଲଗଡ଼ରେ ଅନୁଷ୍ଠିତ ଭାଜପାର ବ୍ଲକ୍ ଘେରାଉ କାର୍ଯ୍ୟକ୍ରମ।

**ବୋଲଗଡ଼,(ଡି.ଏନ.ଏ.):** ବେଗୁନିଆ ନିର୍ବାଚନ ମଣ୍ଡଳୀରେ ବିଜେଡି ଶାସନର ଦୁର୍ନୀତି, ଗୁଣ୍ଡାରାଜ ଓ ଲାଞ୍ଚ କାରବାର ଅଭିଯୋଗ ନେଇ ଭାଜପା ପକ୍ଷରୁ ବୋଲଗଡ଼ ବ୍ଲକ୍ କାର୍ଯ୍ୟାଳୟ ଘେରାଉ ହୋଇଛି। ସୋମବାର ଭାଜପାର ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଅଜୟ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ଓବିସି ମୋର୍ଚ୍ଚା ସଦସ୍ୟ ପ୍ରକାଶ ବିଜୁଳୀ, ବରିଷ୍ଠ ନେତା ସୁବାସ ଚନ୍ଦ୍ର ମିଶ୍ର, ରବୀନ୍ଦ୍ର ପରିଡ଼ା, ଜତିନ ମହାନ୍ତି, ବିଶ୍ୱଜିତ ସ୍ୱାଇଁ, ଲୋତକ ବିନ୍ଦୁ ପଟ୍ଟନାୟକ, ଅଶୋକ ରାଉତ, ରୁଦ୍ରନାରାୟଣ ବାହିନୀପତି, ସିଲୁ ବଳିୟାରସିଂହ ଓ ପ୍ରଦୀପ ନାୟକ ସମେତ ସହସ୍ରାଧିକ ଭାଜପା ସମର୍ଥକ ଓ କର୍ମୀ ଗୋପବନ୍ଧୁ ଛକଠାରୁ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାଲିରେ ଆସିଥିଲେ। ଏଠାରେ ଭାଜପାର ୨ଟି ଗୋଷ୍ଠୀ ବିଜେଡି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ କାର୍ଯ୍ୟାଳୟ ସମ୍ମୁଖ ଫାଟକଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ୟାନର୍ ବନ୍ଧାକୁ ନେଇ ସାମାନ୍ୟ ମତଭେଦ ସୃଷ୍ଟି ହୋଇଥିଲା। ୧୧ଦଫା ସମ୍ବଳିତ ଏକ ଦାବିପତ୍ର ବୋଲଗଡ଼ ବିଡିଓ ମଧୁସୂଦନ ବେହେରାଙ୍କୁ ଭାଜପା ନେତାମାନେ ପ୍ରଦାନ କରିଥିଲେ।

## ଖୋର୍ଦ୍ଧା ଲିଗ୍ ଫୁଟବଲ ସମାନ ପଏଣ୍ଟ ପାଇଲେ ଦୁଇଦଳ

ଖୋର୍ଦ୍ଧା ଅଫିସ,୫।୧୧

ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ଖୋର୍ଦ୍ଧା ଷ୍ଟାଡିୟମଠାରେ ଚାଲିଛି ଖୋର୍ଦ୍ଧା ଲିଗ୍ ଫୁଟବଲ୍ ଟୁର୍ନାମେଣ୍ଟ। ଏହାର ସୋମବାର ମ୍ୟାଚ କେରଙ୍ଗର ଅହମ୍ମଦିୟା କ୍ଲବ ଓ ଶରଧାପୁର ସ୍ପୋର୍ଟସ୍ ଆସୋସିଏଶନ ମଧ୍ୟରେ ହୋଇଥିଲା। ପ୍ରଥମ ଓ ୨ୟାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଉଭୟ ଦଳ ସମାନ ସଂଖ୍ୟକ ପଏଣ୍ଟ ପାଇଛନ୍ତି। ପ୍ରଫୁଲ୍ଲ ବେହେରା ଖେଳ ପରିଚାଳନା କରିଥିବାବେଳେ ଅରୁଣ ଦାସ, ରବିନାରାୟଣ ରଣା ଓ ଦିଲୀପ କର ସହଯୋଗ କରିଥିଲେ।

## ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ

**ଖୋର୍ଦ୍ଧା ଅଫିସ,୫।୧୧:** ଖୋର୍ଦ୍ଧା ଟ୍ରକ ମାଲିକ ସଂଘର ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂଘର ଉପଦେଷ୍ଟା କୃଷ୍ଣ ମୁରାରୀ ସାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ଉପସଭାପତି ସମୀର ଅଲ୍ଲୀ ଖାନ୍, ସମ୍ପାଦକ ଅମୀୟ ପ୍ରଧାନ ଓ ସହସମ୍ପାଦକ ରଣଜିତ୍ ପାଟଶାଣୀ ନିର୍ବାଚିତ ହୋଇଛନ୍ତି। କୋଷାଧ୍ୟକ୍ଷ ଅଜୟ ମହାନ୍ତି, ୭ ଜଣ କାର୍ଯ୍ୟକାରୀ ସଭ୍ୟ, ୪ଜଣ ଉପଦେଷ୍ଟା ମଣ୍ଡଳୀରେ ସ୍ଥାନ ପାଇଛନ୍ତି।



କ୍ରୋଧ ଯେତେବେଳେ ଆସି ହୃଦୟ ଆସନର ଦ୍ୱାର ଦେଶରେ ଉପସ୍ଥିତ ହୋଇଯାଏ, ବିବେକ ସେତେବେଳେ ଘର ଛାଡ଼ି ପଳାଏ।
-ହେନେରୀ ଫୋର୍ଡ



## ସଂକ୍ଷେପରେ

### ରାହାଙ୍ଗିରିଆରେ ପୋଲିସକୁ ଟେକାପଥର ମାଡ଼

ପୁରୀ ଅଫିସ,୫।୧୧: ବୀରହରେକୃଷ୍ଣପୁର ନିକଟ ରାହାଙ୍ଗିରିଆରେ ସୋମବାର ରାତିରେ ଏକ ହତ୍ୟାକାଣ୍ଡ ଘଟଣାର ତଦନ୍ତ ଲାଗି ଯାଇଥିବା ସଦର ପୋଲିସ ଉପରକୁ ଟେକାପଥର ମାଡ଼ ହୋଇଛି। ଏଥିରେ କେହି ଆହତ ହୋଇ ନ ଥିବା ବେଳେ ପୋଲିସ ଭ୍ୟାନ କାଚ ଭାଙ୍ଗିଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଗାଁକୁ ଯାଇଥିବା ବେଳେ ପୋଲିସକୁ ଦେଖି ଅଭିଯୁକ୍ତ ଚମ୍ପଟ ମାରିଥିଲେ। ଅଭିଯୁକ୍ତଙ୍କ କେତେଜଣ ସମର୍ଥକ ହଠାତ୍ ପୋଲିସ ଉପରକୁ ଟେକାପଥର ମାଡ କରିଥିଲେ। ଅଘଟଣ ଆଶଙ୍କାରେ ପୋଲିସ ସେଠାରୁ ଛତ୍ରଭଙ୍ଗ ଦେଇଥିଲା।

### ଆଜି କାଳୀପୂଜା ତିନି ଭଉଣୀଙ୍କ ପୀଠ ଉତ୍ସବମୁଖର

ପୁରୀ ଅଫିସ,୫।୧୧: ମଙ୍ଗଳବାର କାଳୀପୂଜା। ପୁରୀ ଜିଲାର ବିଭିନ୍ନ ସ୍ଥାନରେ ମା' କାଳୀଙ୍କ ଆରାଧନା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିଶେଷକରି ପୁରୀ ସହରରେ ଥିବା ମା' ଶ୍ୟାମାକାଳୀ, ବାଟକାଳୀ, ଗଛକାଳୀଙ୍କ ପୀଠରେ ବେଶ୍ ଧୁମ୍‌ଧାମରେ ପୂଜା ଅନୁଷ୍ଠିତ ହେଉଛି। ସେହିପରି ଜିଲାର ଶାସନ ବୀରପ୍ରତାପପୁର, ସମୟାଜପୁର ଏବଂ ବୀରଗୋବିନ୍ଦପୁର ଗ୍ରାମ ମଧ୍ୟ କାଳୀପୂଜା ପାଇଁ ଉତ୍ସବମୁଖର ହୋଇପଡିଛି। ସଦର ମହକୁମାଠାରୁ ୧୫ କିମି ଦୂରରେ ଅବସ୍ଥିତ ଏହି ୩ ଗ୍ରାମରେ ପୂଜା ପାଉଛନ୍ତି ତିନି ଭଉଣୀ। ଶାସନ ବୀରପ୍ରତାପପୁରରେ ବଡ଼ ଭଉଣୀ ଦେବୀ କାମରୂପା, ସମୟାଜପୁରରେ ମଝିଆ ଭଉଣୀ ଉଗ୍ରତାରା ଏବଂ ବୀରଗୋବିନ୍ଦପୁର ଶାସନରେ ପୂଜିତ ହେଉଛନ୍ତି ସାନ ଭଉଣୀ ମା' ଦକ୍ଷିଣକାଳୀ। ବର୍ଷତମାମ ଦକ୍ଷିଣକାଳୀ ଏବଂ ଉଗ୍ରତାରାଙ୍କ ପୀଠରେ ପଟି ପୂଜା ପାଉଥିବାବେଳେ କାମରୂପା ପୀଠରେ ଦେବୀଙ୍କ ପ୍ରସ୍ତର ମୂର୍ତ୍ତି ପୂଜା ପାଇଆସୁଛନ୍ତି। କିନ୍ତୁ କାର୍ତ୍ତିକ ଅମାବାସ୍ୟ ତଥା କାଳୀପୂଜାରେ ଏହି ତିନି ପୀଠରେ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇଥାନ୍ତି। ତିନି ଭଉଣୀଙ୍କ ମୂର୍ତ୍ତି ତତ୍ତ୍ୱ ପ୍ରାୟ ସମାନ। କାଳୀପୂଜାରେ ସମାନ ରୀତିନୀତିରେ ପୂଜିତ ହୁଅନ୍ତି ତିନିଭଉଣୀ। ବର୍ଷକରେ ଗୋଟିଏ ଦିନ କାଳୀପୂଜା ବିସର୍ଜନ ପର୍ବରେ ତିନି ଭଉଣୀ ଭେଟ ହୋଇଥାନ୍ତି।

### ୨ଘଣ୍ଟା ପରେ ଧରାପଡ଼ିଲେ ଫେରାର ଯୁବକ

ପୁରୀ ଅଫିସ, ୫।୧୧: ଏକ ଚୋରି ଘଟଣାରେ ଅଟକ ଥିବା ଯୁବକ ସୋମବାର ଚନ୍ଦନପୁର ଥାନା ପରିସରରୁ କୌଶଳ କ୍ରମେ ଖସି ପଳାଇଥିଲେ। ତାଙ୍କୁ ଧରିବା ଲାଗି ପୋଲିସ ନାକେଦମ ହୋଇପଡିଥିଲା। ୨ ଘଣ୍ଟା ପରେ ଭାର୍ଗବୀ ନଦୀ କୂଳରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ କାବୁ କରିଥିବା ଜଣାପଡିଛି। ମିଳିଥିବା ସୂଚନା ପ୍ରକାରେ ଏକ ଚୋରି ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ରବିବାର ଥାନାରେ ଅଟକ ରଖିଥିଲା। ସୋମବାର ସକାଳ ୭ଟାରେ ସେ ଥାନା ପରିସରରୁ ଚମ୍ପଟ ମାରିଥିଲେ।

### ଧାର ନ ଦେବାରୁ ଛାତ୍ରଙ୍କୁ ମାଡ଼

ପୁରୀ ଅଫିସ, ୫।୧୧: ଭୋଳାନାଥ ବିଦ୍ୟାପୀଠ ପରିସରରେ ନିଶା ଖାଇବାକୁ ଧାର ନ ଦେବାରୁ ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ କେତେଜଣ ଅସାମାଜିକ ଯୁବକ ଆକ୍ରମଣ କରିଛନ୍ତି। ଏନେଇ ସମ୍ପୃକ୍ତ ଛାତ୍ରଙ୍କ ସମ୍ପର୍କୀୟ ପ୍ରଧାନ ଶିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ଜେନା କୁହନ୍ତି, ଏ ସମ୍ପର୍କରେ ଏସଏମସିରେ ଆଲୋଚନା କରାଯିବ। ଖବରପାଇ କୁମ୍ଭାରପଡା ପୋଲିସ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛି।

### ଜିଲାସ୍ତରୀୟ ମହକ ଓ ହୌସଲା କାର୍ଯ୍ୟକ୍ରମ

ପୁରୀ ଅଫିସ, ୫।୧୧: ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲାର ପଞ୍ଜୀକୃତ ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକୁ ନେଇ ଜିଲାସ୍ତରୀୟ ମହକ ଓ ହୌସଲା ଖେଳକୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋମବାର ଜିଲା ସ୍କୁଲ ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାରେ ଶତାଧିକ ଶିଶୁ ଅଂଶଗ୍ରହଣ କରିଥିଲେ। ପିଲାଙ୍କ ମଧ୍ୟରେ ଲମ୍ଫଡିଆଁ, ଉଚ୍ଚଡିଆଁ, ୧ଶହ ମିଟର, ୪ଶହ ମିଟର ଦୌଡ, ଫୁଟବଲ, ଚେସ, ସଙ୍ଗୀତ, ବକ୍ତୃତା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀ ରାଜ୍ୟସ୍ତରରେ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଉଦ୍‌ଯାପନୀ ଉତ୍ସବରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାଙ୍କ ସୃଜନଶୀଳତା ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ପରିଚାଳନା କରିଥିଲେ।

■ ପଡ଼ିରହିଛି ୨ କୋଟି ଟଙ୍କା

# ଶିଳାନ୍ୟାସରେ ଅଟକିଛି ସେବାୟତ ବାସଗୃହ ପ୍ରକଳ୍ପ

■ମାଟିରେ ମିଶିଛି ଐତିହ୍ୟସମ୍ପନ୍ନ ଗୋପାଳ ତୀର୍ଥ ମଠ
■୩ ବର୍ଷ ହେଲା କାହାର ଚିନ୍ତା ନାହିଁ
■ଏମିତି ଚାଲିଛି ସେବାୟତ କଲ୍ୟାଣ କାର୍ଯ୍ୟକ୍ରମ

**ପୁରୀ ଅଫିସ, ୫।୧୧:**

ମହାପ୍ରଭୁଙ୍କ ନବକଳେବର ବେଳେ ସେବାୟତଙ୍କୁ ଦିଆଗଲା ବହୁ ପ୍ରତିଶ୍ରୁତି। ସେବାୟତ କଲ୍ୟାଣ ଯୋଜନାରେ ଗରିବ ଓ ବାସହୀନ ସେବାୟତଙ୍କୁ ବାସଗୃହ ଯୋଗାଇଦେବାକୁ ଘୋଷଣା କଲେ ସରକାର। ଏହି ପ୍ରକଳ୍ପ ପାଇଁ ଅନୁଦାନ ଦେବା ସହିତ ମୁଖ୍ୟମନ୍ତ୍ରୀ ଏହାର ଶିଳାନ୍ୟାସ କଲେ। ହେଲେ ଇତିମଧ୍ୟରେ ବିତିଯାଇଛି ୩ ବର୍ଷ। ସରକାରଙ୍କ ୨ କୋଟି ଟଙ୍କା ଅନୁଦାନ ସେମିତି ପଡିରହିଥିବା ବେଳେ ପ୍ରକଳ୍ପ ମଧ୍ୟ ଆଗକୁ ବଢିନାହିଁ। ସେହି ଶିଳାନ୍ୟାସରେ ହିଁ ଅଟକି ଯାଇଛି। ଏହି ପ୍ରକଳ୍ପ ଲାଗି ଐତିହ୍ୟସମ୍ପନ୍ନ ଗୋପାଳ ତୀର୍ଥ ମଠକୁ ମାଟିରେ ମିଶାଇ ଦିଆଯାଇଥିବା ବେଳେ ଗରିବ ଓ ବାସହୀନ ସେବାୟତଙ୍କୁ କେବେ ବାସଗୃହ ମିଳିବ ତାହା ଆଶଙ୍କା ଭିତରକୁ ଠେଲି ହୋଇଯାଇଛି।

ଶ୍ରୀମନ୍ଦିର ସେବାୟତଙ୍କ ପାଇଁ ଶ୍ରୀମନ୍ଦିର ପ୍ରଶାସନ ବିଭିନ୍ନ ପଦକ୍ଷେପ ହାତକୁ ନେଉଛି। ସେଥିମଧ୍ୟରୁ ସେବାୟତ କଲ୍ୟାଣ ଯୋଜନା ଅନ୍ୟତମ। ଏଥିରେ ଗରିବ ଓ ବାସହୀନ ସେବାୟତଙ୍କୁ ବାସଗୃହ ଯୋଗାଇଦେବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ରାଜ୍ୟ ସରକାର ୨ କୋଟି ଟଙ୍କା ମନ୍ଦିର ପ୍ରଶାସନକୁ ଦେଇଥିଲେ। ମହାପ୍ରଭୁଙ୍କ ନବକଳେବର ରଥଯାତ୍ରା ଅବ୍ୟବହିତ ପୂର୍ବରୁ ୨୦୧୫ ଜୁଲାଇ ୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ଆସି ଏହାର ଶିଳାନ୍ୟାସ କରିଥିଲେ। ଗୋପାଳ ତୀର୍ଥ ମଠ ପରିସରରେ ଏହି ପ୍ରକଳ୍ପ କରାଯିବାକୁ ସ୍ଥିର ହୋଇଥିଲା। ଏହି ମଠ ପୁରୀ ଗୋବର୍ଦ୍ଧନ ପୀଠର ଏକ ଶାଖା ମଠ ଭାବେ ପରିଚିତ। ଏହା ଶ୍ରୀକ୍ଷେତ୍ରର ଅତି ପ୍ରାଚୀନ ମଠ। ଶ୍ରୀମନ୍ଦିର ପ୍ରଶାସନ ୨୦୧୩ ମସିହାରେ ଏହାକୁ ନିଜ ଅଧୀନକୁ ନେଇଥିଲା। ଏହାର ବିକାଶ ପରିବର୍ତ୍ତେ ଐତିହ୍ୟସମ୍ପନ୍ନ ଏହି ପ୍ରାଚୀନ ମଠର କୋଠାକୁ ଶ୍ରୀମନ୍ଦିର ପ୍ରଶାସନ ଭାଙ୍ଗି ମାଟିରେ ମିଶାଇ ଦେଇଛି। ମଠର ଐତିହ୍ୟ ମାଟିରେ ମିଶିଥିବା ବେଳେ ସେଠାରେ ଅଟ୍ଟାଳିକା ଛିଡା କରିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଛି। ପାଞ୍ଚଟି ବ୍ଲକ କରାଯାଇ ପ୍ରଥମ ପର୍ଯ୍ୟାୟରେ ୩୦ ପରିବାରକୁ ଗୃହ ଯୋଗାଇଦେବାକୁ ଯୋଜନା ହୋଇଥିଲା। ସେହି ପ୍ରକଳ୍ପର ଏଷ୍ଟିମେଟ ଓ ଡିଜାଇନ ପ୍ରସ୍ତୁତ ହୋଇ ଗୃହ ନିର୍ମାଣ ନକ୍ସା ମଞ୍ଜୁର ନିମନ୍ତେ ପିକେଡିଏ ନିକଟରେ ଆବେଦନ ହୋଇଛି। ଗୃହ ନିର୍ମାଣ ନକ୍ସାକୁ ଏ ପର୍ଯ୍ୟନ୍ତ ମଞ୍ଜୁରୀ ମିଳି ନ ଥିବା ଜଣାପଡିଛି। ଦେବୋତ୍ତର ବିଭାଗ ଅଧୀନରେ ଥିବା ମଠକୁ ଶ୍ରୀମନ୍ଦିର ପ୍ରଶାସନ ନିଜ ଅଧୀନକୁ ନେଇ କୋଠା ଭାଙ୍ଗିବା ବିବାଦ ଛିଡ଼ା କରିଛି। ମଠକୁ ଶ୍ରୀମନ୍ଦିର ପ୍ରଶାସନ ନିଜ ଅଧୀନକୁ ନେବା ପୂର୍ବରୁ ଦେବୋତ୍ତର ବିଭାଗକୁ ଅବଗତ କରାଇନାହିଁ। ଅନ୍ୟପକ୍ଷରେ ଗୋବର୍ଦ୍ଧନ ପୀଠର ଶାଖା ମଠ ହୋଇଥିବାରୁ ସେଠାରେ କୋଠା ନିର୍ମାଣକୁ ନେଇ ଶଙ୍କରାଚାର୍ଯ୍ୟ ରାଜି ନ ଥିବା କୁହାଯାଉଛି। ତେଣୁ ଗୋଟିଏ ପଟେ ଜମିକୁ ନେଇ ବିବାଦ ଏବଂ ଅନ୍ୟପଟେ ଗୃହ ନିର୍ମାଣ ନକ୍ସାକୁ ଅନୁମୋଦନ ମିଳି ନ ଥିବାରୁ ଏହି ପ୍ରକଳ୍ପ ଆଗକୁ ବଢିପାରୁ ନାହିଁ। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିରେ ବହୁ ପ୍ରସଙ୍ଗ ଆଲୋଚନା ହେଉଛି। ହେଲେ ଶ୍ରୀମନ୍ଦିର ପ୍ରଶାସନ ଏହି ପ୍ରକଳ୍ପକୁ ଏକପ୍ରକାର ମନରୁ ପାଶୋରି ଦେଇଛି। ଅନ୍ୟପକ୍ଷରେ ଏଭଳି ଏକ ହିତକର ଯୋଜନା ଲାଗି ଶିଳାନ୍ୟାସ ସରିଛି, ଅନୁଦାନ ଆସି ପଡିରହିଥିବା ବେଳେ ଏଥିପାଇଁ କେହି ଚିନ୍ତା ନ କରିବା ବିଡ଼ମ୍ବନାର ବିଷୟ ବୋଲି କୁହାଯାଉଛି।

ଏ ସମ୍ପର୍କରେ ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରଦୀପ ଦାଶ କୁହନ୍ତି, କିଛି ସମସ୍ୟା ଯୋଗୁ ପ୍ରକଳ୍ପ ଆଗେଇ ପାରୁନାହିଁ। ଏହି ପ୍ରକଳ୍ପ ତ୍ୱରାନ୍ୱିତ କରିବା ଲାଗି ଉଦ୍ୟମ ଜାରି ରହିଛି ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନର ଅନ୍ୟ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ପ୍ରକଳ୍ପର ବିଲ୍ଡିଂ ପ୍ଲାନ ଅନୁମୋଦନ ପାଇଁ ପିକେଡିଏକୁ ଦିଆଯାଇଛି। ହେଲେ ପ୍ଲାନ ଅନୁମୋଦନ ହୋଇ ନ ଥିବାରୁ ଏହି କାର୍ଯ୍ୟ ଅଟକି ରହିଛି।



ସେବାୟତ ବାସଗୃହ ପ୍ରକଳ୍ପ ପାଇଁ ଚିହ୍ନିତ ହୋଇଥିବା ଗୋପାଳ ତୀର୍ଥ ମଠ ।

### ପେଟ୍ରୋଲ ପମ୍ପ ସ୍ଥାପନ ଦାବି

**ପୁରୀ ଅଫିସ, ୫।୧୧:**

ପୁରୀ ସହରରେ ଅନ୍ୟ ଏକ ପେଟ୍ରୋଲ ପମ୍ପ ସ୍ଥାପନ ଲାଗି ସୋମବାର ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବି କରିଛି। ଅକ୍ଟୋବର ୨୮ ତାରିଖରେ ପେଟ୍ରୋଲ ପମ୍ପରେ ତେଲ ଠକେଇକୁ କେନ୍ଦ୍ରକରି ମେଡିକାଲ ଛକସ୍ଥିତ ପେଟ୍ରୋଲ ପମ୍ପରେ ଆନ୍ଦୋଳନକାରୀ ବ୍ୟାପକ ଭଙ୍ଗାରୁଜା କରିଥିଲେ। ତା' ପରଠାରୁ ଏହି ପେଟ୍ରୋଲ ପମ୍ପ ବନ୍ଦ ପଡିଛି। ଫଳରେ ସହରବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମଞ୍ଚ ପୁରୀ ଜିଲା ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା ଜିଲାପାଳଙ୍କ ନିକଟରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତେଲ ପକାଇବା ଲାଗି ସହର ଠାରୁ ଦୁଇ କିମି ଦୂର ପେଣ୍ଟକଟା ଓ ଚାରିନଳା ସ୍ଥିତ ପେଟ୍ରୋଲ ଟାଙ୍କି ଉପରେ ନିର୍ଭର କରୁଛନ୍ତି। ତେଲ ପକାଇବା ଲାଗି ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡିରେ ଠିଆ ହେବାକୁ ପଡୁଛି। ବରିଷ୍ଠ ନାଗରିକମାନେ ଅଧିକ ହଇରାଣ ହେଉଛନ୍ତି।

### ଜୀବନକୁ ସରସ, ସୁନ୍ଦର କରିଥାଏ ଭାଗବତ



ମଞ୍ଚରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ରଙ୍କ ସହ ଅନ୍ୟମାନେ ।

**ପୁରୀ ଅଫିସ, ୫।୧୧:**

ଜୀବନ ଜଞ୍ଜାଳ ତଥା ଲୋଭ, ମୋହ ଓ ମାୟାରୁ ମୁକ୍ତିଦିଏ ଭାଗବତ। ଜୀବନର ରହସ୍ୟକୁ ଜଣେଇଦେବା ସହିତ ଜନମ ଓ ମରଣ ଚକ୍ରରୁ ମୁକ୍ତି କରିଦେବାର ରାସ୍ତା ବତାଇଥାଏ ଭାଗବତ। ୧୭ଟି ମହାପୁରାଣ ରଚନା କଲାପରେ ଅଷ୍ଟାଦଶ ମହାପୁରାଣ ଭାବେ ଶ୍ରୀମଦ୍ ଭାଗବତ ମହାପୁରାଣକୁ ରଚନା କରିଥିଲେ ମହର୍ଷି ବ୍ୟାସଦେବ। ସମସ୍ତ ଶାସ୍ତ୍ରର ରହସ୍ୟ ଓ ନିର୍ଯ୍ୟାସ ଏଥିରେ ସ୍ଥାନ ଦେଇଥିବାରୁ କୁହାଯାଏ ବିଦ୍ୟାବତାଂ ଭାଗବତେ ପରୀକ୍ଷା। ବିଦ୍ୟା ଅଧ୍ୟୟନର ପ୍ରକୃତ ପରୀକ୍ଷା ଭାଗବତରେ ହିଁ ହୁଏ। ଭାଗବତ ଜୀବନକୁ ସରସ, ସୁନ୍ଦର ଓ ଶୃଙ୍ଖଳିତ କରିଥାଏ ବୋଲି କହିଛନ୍ତି ଐତିହ୍ୟ ବିଶାରଦ ଡ. ସୁରନ୍ଦ୍ର କୁମାର ମିଶ୍ର। ପୁରୀ ସଦର ତଣ୍ଡିକେରାର ଶ୍ରୀତାଡ଼କେଶ୍ୱର ମନ୍ଦିରଠାରେ ରବିବାର ଭାଗବତ କଥାମୃତ ମହୋତ୍ସବରେ ଉଦ୍‌ଘାଟକ ରୂପେ ଯୋଗଦେଇ ଡ. ମିଶ୍ର ଏହି ମତ ଦେଇଛନ୍ତି।

ବାବା ଚୈତନ୍ୟ ଚରଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବରେ ଅତିଥି ଭାବେ ଯୋଗଦେଇଥିଲେ ଶ୍ରୀଅଲାରନାଥଙ୍କ ସେବକ ନୀଳମଣି ସୁଆର ଏବଂ ବ୍ରହ୍ମଗିରି ଐତିହ୍ୟ ପରିଷଦର ସଭାପତି ଅଧ୍ୟାପକ କାଶୀନାଥ ନାୟକ। ଏଥିରେ ଡ. ଶଙ୍କର୍ଷଣ ମଙ୍ଗରାଜ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମହନ୍ତ ବୈଷ୍ଣବ ଚରଣ ଦାସ ପ୍ରବଚନ ଦେଇଥିଲେ। ଉପେନ୍ଦ୍ର କୁମାର ସାମନ୍ତରାୟ ଅତିଥି ପରିଚୟ ଓ ୧୨ ବର୍ଷ ଧରି ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ପ୍ରିୟପ୍ରସାଦ ମିଶ୍ର ସଭା ସଂଯୋଜନା କରିଥିବା ବେଳେ ଦ୍ୱାରିକାନାଥ ବିଶ୍ୱାଳ ମହୋତ୍ସବ ପରିଚାଳନା କରିଥିଲେ।

### ଜିଲା ନିୟୋଜନ କାର୍ଯ୍ୟାଳୟରେ ତାଲା ପକାଇଲା ଭାଜପା ଯୁବମୋର୍ଚ୍ଚା




ଭାଜାପା ପକ୍ଷରୁ ଜିଲା ନିୟୋଜନ କାର୍ଯ୍ୟାଳୟରେ ତାଲା ପକାଯାଉଛି ।

**ପୁରୀ ଅଫିସ, ୫।୧୧:**

ଓଡ଼ିଶାର ଯୁବତୀଯୁବକଙ୍କୁ ନିଯୁକ୍ତି ମିଳୁନି। ରାଜ୍ୟରେ ବେକାରୀ ସମସ୍ୟା ଉକ୍ରଟ ରୂପ ଧାରଣ କଲାଣି। ରାଜ୍ୟ ସରକାର ଓଡ଼ିଶାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେବା ପରିବର୍ତ୍ତେ ପ୍ରତାରିତ କରିଛନ୍ତି। ତେଣୁ ଏହାର ପ୍ରତିବାଦରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଆହ୍ୱାନରେ ପୁରୀ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗୁଣ୍ଡିଚା ମନ୍ଦିର ନିକଟ ଫ୍ରେଣ୍ଡ୍‌ସ କ୍ଲବ ଗଳିରେ ଥିବା ଜିଲା ନିୟୋଜନ କାର୍ଯ୍ୟାଳୟରେ ତାଲା ପକାଯାଇଛି। ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟାରେ ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ଜୟନ୍ତ କୁମାର ଦାଶଙ୍କ ନେତୃତ୍ୱରେ କର୍ମୀମାନେ ଗୁଣ୍ଡିଚା ମନ୍ଦିର ନିକଟରୁ ଶୋଭାଯାତ୍ରାରେ ଆସି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଲେ। କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।



ପୁରୀ ଇନ୍‌ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ଆନ୍ତଃ ବିଦ୍ୟାଳୟସ୍ତରୀୟ ଜିମ୍ନାଷ୍ଟିକ୍ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ବିଭିନ୍ନ କୌଶଳ ପ୍ରଦର୍ଶନ କରୁଛନ୍ତି ।

■ ଜାତୀୟ ଆୟୁର୍ବେଦ ଦିବସ

## ଧନ୍ୱନ୍ତରି ଆୟୁର୍ବେଦର ଜନକ

**ପୁରୀ ଅଫିସ, ୫।୧୧:**

ଆୟୁର୍ବେଦ ହେଉଛି ବିଶ୍ୱର ସର୍ବ ପୁରାତନ ଚିକିତ୍ସା ଶାସ୍ତ୍ର। ଧନ୍ୱନ୍ତରି ହେଉଛନ୍ତି ଏହାର ସ୍ରଷ୍ଟା ଓ ଜନକ। ପ୍ରାଚୀନ ଶାସ୍ତ୍ର, ବେଦରେ ଆୟୁର୍ବେଦ ସମ୍ପର୍କରେ ବର୍ଣ୍ଣନା ରହିଛି।। ଶାସ୍ତ୍ରାନୁମତରେ ସାଗର ମନ୍ଥନ ସମୟରେ ଧନ୍ୱନ୍ତରି ଆୟୁର୍ବେଦ ସହିତ ଆବିର୍ଭୂତ ହୋଇଥିଲେ। କାର୍ତ୍ତିକ ମାସ ତ୍ରୟୋଦଶୀ ତିଥିରେ ଚାରିଆଡେ ଧନ୍ୱନ୍ତରି ଜୟନ୍ତୀ ପାଳନ କରାଯାଇଥାଏ ବୋଲି ସୋମବାର ଗୋପବନ୍ଧୁ ଆୟୁର୍ବେଦ କଲେଜ ପକ୍ଷରୁ କଲେଜ ସମ୍ମିଳନୀ କକ୍ଷରେ ଆୟୋଜିତ ତୃତୀୟ ଜାତୀୟ ଆୟୁର୍ବେଦ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ଆୟୁର୍ବେଦ ଚିକିତ୍ସକ ଡ. ଏନ.ପି. ଦାଶ କହିଛନ୍ତି।

କଲେଜ ଅଧ୍ୟକ୍ଷ ଡ. ସୁଦର୍ଶନ ବେହେରା ସଭାପତିତ୍ୱ ଭାଷଣରେ କହିଲେ, ୨୦୧୬ ମସିହାରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ଧନ୍ୱନ୍ତରିଙ୍କ ଜୟନ୍ତୀକୁ ଜାତୀୟ ଆୟୁର୍ବେଦ ଦିବସ ଭାବେ ପାଳନ କରାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଡ. ବ୍ରଜକିଶୋର ସ୍ୱାଇଁ, ଡ. ବିପିନ ବିହାରୀ ଖୁଣ୍ଟିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଡ. ଅରୁଣ କୁମାର ଦାଶ ମଞ୍ଚ ପରିଚାଳନା ଏବଂ ଡ. ବିକ୍ରମ ହରିଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ 'ସମସ୍ତଙ୍କ ଲାଗି ଆୟୁର୍ବେଦ' ଶୀର୍ଷକ ଆଲୋଚନାଚକ୍ରରେ ଅଧ୍ୟାପକ, ପ୍ରଫେସର ଏବଂ ଛାତ୍ରୀଛାତ୍ରମାନେ ସନ୍ଦର୍ଭ ପାଠ କରିଥିଲେ। ସକାଳେ କଲେଜ ପରିସରରୁ ଏକ ଶୋଭାଯାତ୍ରା ବାହାରି ଗାନ୍ଧୀଘାଟ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

## ପଥରରେ ଓଡ଼ିଶାର ଐତିହ୍ୟ, ପର୍ବପର୍ବାଣି

**ପୁରୀ ଅଫିସ, ୫।୧୧:**

ପର୍ଯ୍ୟଟନ ସହର ପୁରୀ। ରାତି ପାହିଲେ ଏଠାରେ ଦେଶ ବିଦେଶର ପର୍ଯ୍ୟଟକ ଏବଂ ତୀର୍ଥଯାତ୍ରୀଙ୍କ ସମାଗମ ହୁଏ। ଶ୍ରୀମନ୍ଦିର ଏବଂ ବିସ୍ତୀର୍ଣ୍ଣ ବେଳାଭୂମିର ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କୁ ଟାଣିଆଣେ ଏଠାକୁ। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ଆଇକନିକ ସିଟି ତାଲିକାରେ ସ୍ଥାନ ପାଇଥିବା ପୁରୀ ସହରରେ ମଧ୍ୟ ରହିଛି ବହୁ ପୁରାତନ ମଠ ଓ ମନ୍ଦିର। ଶ୍ରୀକ୍ଷେତ୍ରର ବିଭିନ୍ନ ସ୍ଥାନ ବୁଲିବା ସମୟରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ମନରେ ଆଧ୍ୟାତ୍ମିକ ଭାବନା ଜାଗ୍ରତ ରଖିବା ପାଇଁ ବିଭିନ୍ନ ଯୋଜନାର ପରିକଳ୍ପନା କରାଯାଇଛି। ପୁରୀକୁ ଏକ ଆଦର୍ଶ ସହର ଭାବେ ଗଢିତୋଳିବା ଲକ୍ଷ୍ୟରେ ଏଠାରେ ଥିବା ବହୁ ପୁରାତନ ଐତିହ୍ୟସ୍ଥଳୀକୁ ଆକର୍ଷଣୀୟ କରାଯାଉଛି। ବର୍ତ୍ତମାନ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ସୌନ୍ଦର୍ଯ୍ୟକରଣ କାମ ଚାଲିଛି। ମଠ ପରିସର ପାଚେରିରେ ଓଡ଼ିଶାର ଐତିହ୍ୟ, ପର୍ବପର୍ବାଣି ସମ୍ପର୍କରେ ସୂଚନା ପାଇପାରିବେ ପର୍ଯ୍ୟଟକ। ପଥରରେ ଅତି ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଏହିସବୁ କଳାକୃତି ଏବେ ଲଗାଯାଉଛି।

ଶ୍ରୀମନ୍ଦିର ଓ ଶ୍ରୀଗୁଣ୍ଡିଚା ମନ୍ଦିର ମଧ୍ୟସ୍ଥଳରେ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଓ ଉଦ୍ୟାନ ଅବସ୍ଥିତ। ବଲ୍ଲଭ ଶବ୍ଦର ଅର୍ଥ ହେଉଛି ପ୍ରିୟ। ଏହି ଉଦ୍ୟାନ ମହାପ୍ରଭୁଙ୍କ ଅତି ପ୍ରିୟ ହୋଇଥିବାରୁ ଏହାର ନାମ ଶ୍ରୀଜଗନ୍ନାଥ ବଲ୍ଲଭ ରହିଥିବା କଥିତ ଅଛି। ପରବର୍ତ୍ତୀ ସମୟରେ ଏହି ଉଦ୍ୟାନରେ ମଠ ସ୍ଥାପନ ହୋଇ ଏହା ଜଗନ୍ନାଥ ବଲ୍ଲଭ ମଠ ନାମରେ ପ୍ରସିଦ୍ଧି ଲାଭ କରିଛି। ହେଲେ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଥିବା ଶ୍ରୀକ୍ଷେତ୍ରର ଏହି ଅନ୍ୟତମ ଐତିହ୍ୟ ମଠ ପରିସରକୁ ଏବେ ଆକର୍ଷଣୀୟ କରାଯାଉଛି। ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁ କିପରି ଅଧିକ ଆକର୍ଷିତ ହେବେ ସେଥିଲାଗି ଏହାର ସୌନ୍ଦର୍ଯ୍ୟକରଣ କାମ ଚାଲିଛି। ଏହି ସୌନ୍ଦର୍ଯ୍ୟକରଣ କାମରେ ଦେଖିବାକୁ ମିଳିବ ଓଡ଼ିଶାର ଐତିହ୍ୟ ଓ ପର୍ବପର୍ବାଣି ଚିତ୍ର। ପଥରରେ ଅତି ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ କଳାକୃତି କରାଯାଇଛି। ଏଥିରେ ମହାପ୍ରଭୁଙ୍କ ରଥଯାତ୍ରା ଯେପରିକି ଠାକୁର ସିଂହଦ୍ୱାର ଗୁମୁଟରୁ ବାହାରିବା, ଘଣ୍ଟ ଛତା, କାହାଳି ସହ ପହଣ୍ଡି ଏବଂ ଦାରୁବିଗ୍ରହଙ୍କ ଶ୍ରୀମସ୍ତକରେ ଟାହିଆ ଦୃଶ୍ୟ ରହିଛି। ସେହିପରି ବାଲିରେ ଶ୍ରୀମନ୍ଦିର ପୋତି ହୋଇରହିଥିବା ବେଳେ ରାଜା ଗାଲମାଧବ ଘୋଡାରେ ଯାଉଥିବା ବେଳେ ନୀଳଚକ୍ରରେ ଘୋଡା ଟାପୁ ବାଜିବା, ଏହାପରେ ରାଜାଙ୍କ ଆଦେଶରେ ବାଲି ଖୋଳାଯିବା, ଭକ୍ତ ବନ୍ଧୁ ମହାନ୍ତିଙ୍କୁ ମହାପ୍ରଭୁ ସୁନା ଥାଳିରେ ମହାପ୍ରସାଦ ପରଷି ଦେବା, ରଥଖଳା, ରଥ ନିର୍ମାଣ, ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ତିନିରଥ, ଲୋକନାଥ ମନ୍ଦିର, ଷଡ଼ଭୁଜ ଗୌରାଙ୍ଗ, ମହାପ୍ରଭୁଙ୍କ ନାଗାର୍ଜୁନ ବେଶ, ଅଠରନଳା, ପୁରୀ ବେଳାଭୂମିର ଚିତ୍ର ଆଦି ପଥରରେ ଖୋଦେଇ ହୋଇ ମଠ ପାଚେରିରେ ଲାଗୁଛି।

ଜଗନ୍ନାଥ ବଲ୍ଲଭ ମଠ ପରିସରରେ ଚାଲିଥିବା ଏହି ସୌନ୍ଦର୍ଯ୍ୟକରଣ କାମ ଶେଷ ହେଲେ ବାହାରୁ ଆସୁଥିବା ପର୍ଯ୍ୟଟକ ଏବଂ ଭକ୍ତଙ୍କ ଏହା ପ୍ରମୁଖ ଆକର୍ଷଣ ସାଜିବ। ଏହି ଖୋଦେଇ ପଥରରୁ ସେମାନେ ଓଡ଼ିଶାର ଐତିହ୍ୟ ଏବଂ ପର୍ବପର୍ବାଣି ସମ୍ପର୍କରେ ମଧ୍ୟ ସୂଚନା ପାଇପାରିବେ।



ଜଗନ୍ନାଥ ବଲ୍ଲଭ ମଠ ପରିସରରେ ଜଣେ କାରିଗର ପଥର କଳାକୃତି ନିର୍ମାଣ କରୁଛନ୍ତି ।



କୃପଣ ହେଉଛି ପ୍ରକୃତରେ ଦରିଦ୍ର, କାରଣ ପ୍ରାଚୁର୍ଯ୍ୟ ଭିତରେ ବି ସେ ଅନାହାରରେ ଥାଏ।

-ଜନ୍ ଡ୍ରାଇଡେନ୍



## ସଂକ୍ଷେପରେ

### ପଟ୍ଟନାୟିକିଆ-ବଳପୁର ରାସ୍ତା ନବୀକରଣର ଶିଳାନ୍ୟାସ



ସାକ୍ଷୀଗୋପାଳ, ୫।୧୧(ଡି.ଏନ୍.ଏ.) ସତ୍ୟବାଦୀ ବ୍ଲକ ପଟ୍ଟନାୟିକିଆ ଛକରେ ମଙ୍ଗଳବାର ପଟ୍ଟନାୟିକିଆ-ବଳପୁର ରାସ୍ତାର ନବୀକରଣ ପାଇଁ ଶିଳାନ୍ୟାସ କରାଯାଇଛି। ପଟ୍ଟନାୟିକିଆ ଛକଠାରୁ କଳାପାହାଡ ଛକ ପର୍ଯ୍ୟନ୍ତ ୫.୮୩ କିଲୋମିଟର ଏହି ରାସ୍ତାର ପ୍ରଶସ୍ତୀକରଣ ଓ ନବୀକରଣ ନିମନ୍ତେ ୮.୨୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ସସ୍ମିତା ପ୍ରଧାନ, ପୂର୍ତ୍ତ ସହକାରୀ ନିର୍ବାହୀଯନ୍ତ୍ରୀ ଅକ୍ଷୟ କୁମାର ମହାନ୍ତି, ସହକାରୀ ଯନ୍ତ୍ରୀ ମନୋଜ କୁମାର ନାୟକ, ସରପଞ୍ଚ ତ୍ରିନାଥ ମହାପାତ୍ର, ନିରଞ୍ଜନ ମାହାରୀ ପ୍ରମୁଖ ଶିଳାନ୍ୟାସ ଉତ୍ସବରେ ସାମିଲ ହୋଇଥିଲେ।

### ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଗୋପ, ୫।୧୧(ଡି.ଏନ୍.ଏ.)-ଗୋପ ଶିକ୍ଷା ବିଭାଗ ଅଧୀନ ତରଙ୍ଗିରା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଯୁବରାଜ ବିଶ୍ୱାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବେଣୁଧର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶିକ୍ଷାଧିକାରୀ ପ୍ରଭାସ ଚନ୍ଦ୍ର କରଣ, ରୋହିତ କୁମାର ସ୍ୱାଇଁ, ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଦମୟନ୍ତୀ ସାହୁ ପ୍ରମୁଖ ବିଶ୍ୱାଳଙ୍କ ଜୀବନୀ ସମ୍ପର୍କରେ ବିଭିନ୍ନ ତଥ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ ପରିଚାଳନା କରିଥିଲେ। ଶେଷରେ କୁନି କୁନି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ମେଧାବୀ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ ବଣ୍ଟନ

ପୁରୀ ଅଫିସ,୫।୧୧: ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରଠାରେ ରାଜ୍ୟର ସମସ୍ତ ବ୍ଲକକୁ ଭିଡିଓ କନ୍‌ଫରେନ୍ସିଂ ସୁବିଧାର ଲୋକାର୍ପଣ କରିଛନ୍ତି। ଓଡ଼ିଶାର ୩୦ ଜିଲାର ୩୧୪ଟି ବ୍ଲକରେ ଭିଡିଓ କନଫରେନ୍ସିଂ ପାଇଁ ଏହି ସୁବିଧା କରାଯାଇଛି। ଏଥିସହ ମେଧାବୀ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ ବଣ୍ଟନ, ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ପ୍ରଦାନ ଏବଂ ଓଡ଼ିଆ ଭାଷା ବୃତ୍ତି ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ସୋମବାର ଅପରାହ୍ନରେ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ୬ ମେଧାବୀ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ ବଣ୍ଟନ କରାଯାଇଛି। ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ମେଧାବୀ ଛାତ୍ରୀଙ୍କୁ ଏବଂ ବିଧାୟକ ସଞ୍ଜୟ ଦାସବର୍ମା ଓ ବିଧାୟକ ସୁରେନ୍ଦ୍ର ସେଠୀ ମେଧାବୀ ଛାତ୍ରଙ୍କୁ ଲାପ୍‌ଟପ ବଣ୍ଟନ କରିଥିଲେ। ବିଜୁ ଯୁବ ସଶକ୍ତୀକରଣ ଯୋଜନାରେ ପୁରୀ ଜିଲାରେ ୬୮୪ ମେଧାବୀ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ ଦିଆଯିବ। ସେହିପରି ଜିଲାର ୧୨୧୦ ଛାତ୍ରୀଛାତ୍ର ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ଏବଂ ୧୨୧ ଛାତ୍ରୀଛାତ୍ର ଓଡ଼ିଆ ଭାଷା ବୃତ୍ତି ପାଇବେ। ଜିଲାର ୩୭ଟି ବିଦ୍ୟାଳୟକୁ ଉତ୍କୃଷ୍ଟ ବିଦ୍ୟାଳୟ ପ୍ରୋତ୍ସାହନ ପ୍ରଦାନ କରାଯିବ। ପ୍ରତ୍ୟେକଙ୍କୁ ଛାତ୍ରବୃତ୍ତି ବାବଦ ୫ ହଜାର ଟଙ୍କା ଏବଂ ଉତ୍କୃଷ୍ଟ ବିଦ୍ୟାଳୟକୁ ୧ ଲକ୍ଷ ଟଙ୍କା ପ୍ରୋତ୍ସାହନ ପୁରସ୍କାର ଦିଆଯିବ। ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି, ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ସୌନ୍ଦର୍ଯ୍ୟାମଞ୍ଜରୀ ଦାସ, ଜିଲା ଶିକ୍ଷା ଅଧିକାରୀ ହୃଷୀକେଶ କାଣ୍ଡିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମକର୍ତ୍ତା ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଜିଲା ଇ-ଗଭର୍ନାନ୍ସ ମ୍ୟାନେଜର ପୀୟୂଷ ଚକ୍ରବର୍ତ୍ତୀ ଭିଡିଓ କନ୍‌ଫରେନ୍ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହୋମଗାର୍ଡ଼ଙ୍କୁ ମାଡ଼ ମାରି ଜେଲ୍ ଗଲେ ମହିଳା ଭକ୍ତ

କାକଟପୁର, ୫।୧୧(ଡି.ଏନ୍.ଏ.)

ଦାନ ଦକ୍ଷିଣାକୁ ନେଇ କାକଟପୁର ମଙ୍ଗଳା ମନ୍ଦିରରେ ଅଭାବନୀୟ ଘଟଣା ଘଟିଛି। ମନ୍ଦିର ଭିତରେ ସୁରକ୍ଷା ଦାୟିତ୍ୱରେ ଥିବା ମହିଳା ହୋମଗାର୍ଡ଼ଙ୍କୁ ମାଡମାରିବା ଅଭିଯୋଗରେ ପୋଲିସ ଜଣୈକା ମହିଳା ଭକ୍ତଙ୍କୁ ଗିରଫ କରି ଜେଲ ପଠାଇଛି। ସେ ହେଲେ ବୋଲଗଡ଼ ଅଞ୍ଚଳର ନର୍ମଦା ମହାପାତ୍ର।

ସୋମବାର ନର୍ମଦା ଓ ତାଙ୍କ ପରିବାର କାକଟପୁର ମଙ୍ଗଳା ମନ୍ଦିରକୁ ପୂଜାର୍ଚ୍ଚନା ପାଇଁ ଆସିଥିଲେ। ସମସ୍ତେ ମନ୍ଦିର ଭିତରକୁ ଯାଇ ମା'ଙ୍କୁ ଦର୍ଶନ କରୁଥିବାବେଳେ ନର୍ମଦା ଗର୍ଭଗୃହକୁ ଯିବାକୁ ଚାହିଁବାରୁ ସେଠାରେ ଥିବା ଜଣୈକ ସେବକ ଥାଳିରେ ଦାନ ଦେଲେ ଗର୍ଭଗୃହକୁ ଛାଡ଼ିବେ ବୋଲି କହିଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହେବାରୁ ସେଠାରେ ମୁତୟନ ଥିବା ମହିଳା ହୋମଗାର୍ଡ ଭାନୁମତୀ ନାୟକ ସେଥିରେ ହସ୍ତକ୍ଷେପ କରିଥିଲେ। ଏଥିରେ

**କାକଟପୁର ମଙ୍ଗଳା ମନ୍ଦିର**



ଉତ୍କ୍ଷିପ୍ତ ହୋଇ ନର୍ମଦା ତାଙ୍କୁ ଧକ୍କା ମାରିଥିଲେ ବୋଲି ଭାନୁମତୀ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଭାନୁମତୀଙ୍କ ଅଭିଯୋଗ ପାଇ ଥାନାରେ ୧୧୬/୧୮ରେ ଏକ ମାମଲା ରୁଜୁ କରି ନର୍ମଦାଙ୍କୁ ଗିରଫ କରି ନିମାପଡ଼ା କୋର୍ଟକୁ ଚାଲାଣ କରିଥିଲା। ସେଠାରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି। ତେବେ ଏହି ଘଟଣାରେ ପୋଲିସ ତାଙ୍କ କଥା ନ ଶୁଣି ସମ୍ପୂର୍ଣ୍ଣ ଏକପାଖିଆ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ନର୍ମଦା ଗଣମାଧ୍ୟମକୁ କହିଛନ୍ତି। ତାଙ୍କୁ ନ୍ୟାୟ ମିଳି ନ ଥିବାରୁ ସେ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି। କାକଟପୁର ଆଇଆଇସି ସୁମତୀ ମହାନ୍ତି ଥାନାରେ ଅନୁପସ୍ଥିତ ଥିବାରୁ ସେ ଘଟଣା ସମ୍ପର୍କରେ କିଛି କହିପାରିବେ ନାହିଁ ବୋଲି କହିବା ସହିତ ମନ୍ଦିରରେ ଲାଗିଥିବା ସିସିଟିଭି ଫୁଟେଜକୁ ଅନୁଧ୍ୟାନ କରିବେ ବୋଲି କହିଥିଲେ। ଦାନ ଦକ୍ଷିଣାକୁ ନେଇ ମଙ୍ଗଳା ମନ୍ଦିରରେ ଭକ୍ତ ଓ ସେବକଙ୍କ ମଧ୍ୟରେ ବାରମ୍ବାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିଲେ ମଧ୍ୟ ମନ୍ଦିର ପ୍ରଶାସନ ଏବଂ ଦେବୋତ୍ତର ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଦିନକୁ ଦିନ ଭକ୍ତଙ୍କ ସଂଖ୍ୟା କମିବାରେ ଲାଗିଛି। ଗତ ସେପ୍ଟେମ୍ବର ୧୬ତାରିଖରେ ପୁରୀର ଜଣୈକା ମହିଳା ଭକ୍ତଙ୍କୁ ମାଡ ମାରିବା ଅଭିଯୋଗରେ ପୋଲିସ ୩ଜଣ ସେବକଙ୍କୁ ଗିରଫ କରି ଜେଲ୍ ପଠାଇଥିଲା। ଏ ଦିଗରେ ଆଇନମନ୍ତ୍ରୀ ଦୃଷ୍ଟିଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ବିଶ୍ୱତାପାୟନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

କଣାସ,୫।୧୧(ସ୍ୱ.ପ୍ର.): ବିଶ୍ୱତାପାୟନ ଓ ଏହାର ନିରାକରଣ ସମ୍ପର୍କିତ ଏକ ଆଲୋଚନାଚକ୍ର ସୋମବାର ବେଣାଗାଁ ୟୁ.ଜି.ୟୁ.ପି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସେଭ୍ ଦ ଅର୍ଥ୍ ଫାଉଣ୍ଡେଶନ୍ ବୋଳକଣା, ଡେଲାଙ୍ଗ, ପୁରୀ ପକ୍ଷରୁ ଆୟୋଜିତ ଏହି ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜନାର୍ଦ୍ଦନ ବେହେରା ସଭାପତିତ୍ୱ କରିଥିଲେ । ସିଆରସିସି ଶିଶିର ବେହେରା, ପରିବେଶ କର୍ମୀ ବିଶ୍ୱଜିତ୍ ପରିଡା, ବିଜ୍ଞାନ ଶିକ୍ଷୟିତ୍ରୀ ଚାରୁଲତା ସାମନ୍ତରାୟ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବିଶ୍ୱତାପାୟନର ନିରାକରଣ ସମ୍ପର୍କରେ ବୁଝାଇ ଥିଲେ । ଏଥିସହ ଛାତ୍ରୀଛାତ୍ରମାନେ ଗୋଟିଏ ଗୋଟିଏ ଗଛ ଲଗାଇବା ନିମନ୍ତେ ଶପଥ ନେଇଥିଲେ । ଶିକ୍ଷକ ଭୂପତି ତ୍ରିପାଠୀ ଓ ବିକାଶ କୁମାର ସାହୁ ଏହି କାର୍ଯ୍ୟକ୍ରମକୁ ପରିଚାଳିତ କରିଥିଲେ।

## ଅଗ୍ନି ପ୍ରତିରୋଧ, ନିରାକରଣ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର

କୋଣାର୍କ,୫।୧୧(ବ୍ୟୁରୋ)– କୋଣାର୍କସ୍ଥିତ ଭଗବତୀ ମହାବିଦ୍ୟାଳୟ ପରିସରରେ ସୋମବାର ସାଇସେନା ସେବା ସଂଗଠନ ଓ ଜାତୀୟ ସେବା ଯୋଜନା ପକ୍ଷରୁ ଚମ୍ପାହାର ଅଗ୍ନିଶମ ବିଭାଗ ସହାୟତରେ ଅଗ୍ନିପ୍ରତିରୋଧ ଓ ନିରାକରଣ ସମ୍ବନ୍ଧୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଚମ୍ପାହାର ଅଗ୍ନିଶମ ଅଧିକାରୀ ଜ୍ୟୋତିପ୍ରକାଶ ରଥ, ଅଧ୍ୟାପକ ଅରବିନ୍ଦ ସାହୁ, ଅଧ୍ୟାପିକା ଶେଫାଳି ପରିଜା, ସମାଜସେବୀ ରାମକୃଷ୍ଣ ମହାନ୍ତି, ଅଧ୍ୟାପକ ବିଷ୍ଣୁପ୍ରସାଦ ମିଶ୍ର ଓ ସାଇସେନାର ଉପଦେଷ୍ଟା ବ୍ରଜବନ୍ଧୁ ନାୟକ ପ୍ରମୁଖ ଯୋଗଦେଇ ଥିଲେ । ଶିବିରରେ ଅଗ୍ନିଶମ ଅଧିକାରୀ ରଥ ଅଗ୍ନି ପ୍ରତିରୋଧର ପଦ୍ଧତି, ଜ୍ଞାନ କୌଶଳ ଓ ନିରାକରଣ ସମ୍ବନ୍ଧରେ ଉପସ୍ଥିତ ଏନସିସି, ଜାତୀୟସେବା ଯୋଜନାର ଛାତ୍ରୀଛାତ୍ର ଓ ସାଇସେନା ସଂଗଠନର ସଭ୍ୟାସଭ୍ୟଙ୍କୁ ତାଲିମ ପ୍ରଦାନ କରିଥିଲେ । ଏହି ଶିବିରରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ ।




ଅଗ୍ନିଶମ ସେବା ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ତାଲିମ ଦିଆଯାଉଛି ।

## ଭାର୍ଗବୀ ସାହିତ୍ୟ ସଂସଦ ଶାରଦୀୟ ଆସର

ବଳଙ୍ଗା,୫।୧୧(ଡି.ଏନ୍.ଏ.)

ପଞ୍ଚାୟତ ରାଜୀବ ଭବନଠାରେ ଭାର୍ଗବୀ ସାହିତ୍ୟ ସଂସଦ ବଳଙ୍ଗା ଦ୍ୱାରା ସଂସଦର ସଭାପତି କୃପାସିନ୍ଧୁ ଦତ୍ତଙ୍କ ସଭାପତିତ୍ୱରେ ଶାରଦୀୟ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏହି ଆସରକୁ ସରପଞ୍ଚ ଅଜିତ କୁମାର ଦଳେଇ ଉଦ୍‌ଘାଟନ କରିଥିଲେ । ଅତିଥି ଭାବେ ସାମାଜିକ କର୍ମୀ ରାଜକିଶୋର ଦାଶ ଏବଂ ଅଧ୍ୟାପକ ସୁଧାଂଶୁ ରଞ୍ଜନ ଶତପଥୀ ଯୋଗଦେଇଥିଲେ। ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବା ସହ ରାଧାରାଣୀ ପଣ୍ଡା, ଫୁଲରାଣୀ ପାଳ, ପୂର୍ଣ୍ଣଚନ୍ଦ୍ର ରଥ, ଶ୍ରୀଧର ବିଶ୍ୱକର୍ମା, ସୁରେନ୍ଦ୍ର ପଣ୍ଡା ନିଜସ୍ୱ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋଜ ଦେଓ, ଭରତ ଚନ୍ଦ୍ର ମିଶ୍ର, ପୂର୍ଣ୍ଣଚନ୍ଦ୍ର ଶତପଥୀ, କୁମର ପ୍ରଧାନ, ବୈକୁଣ୍ଠ ପ୍ରଧାନ, ବଂଶୀଧର ମଲ୍ଲିକ, ତପନ କୁମାର ନନ୍ଦ ଉପସ୍ଥିତ ଥିଲେ। ସମ୍ପାଦକ ଲକ୍ଷ୍ମୀଧର ପଣ୍ଡା ସଂସଦର ପାଠ ବିବରଣୀ କରିଥିବା ବେଳେ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଧ୍ୟାପକ ଅଶୋକ କୁମାର ମିଶ୍ର ।

## ଶ୍ରୀଗୋପାଳଜୀଉ ସତ୍‌ସଙ୍ଗ ସଂସଦର ବାର୍ଷିକ ଅଧିବେଶନ ଉଦ୍‌ଯାପିତ

ପୁରୀ ଅଫିସ,୫।୧୧

ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଗତ ୨୭ ତାରିଖରୁ ଆରମ୍ଭ ହୋଇଥିବା ଶ୍ରୀଗୋପାଳଜୀଉ ସତ୍‌ସଙ୍ଗ ସଂସଦର ୩୩ତମ ବାର୍ଷିକ ଅଧିବେଶନ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହାକୁ ପୁରୀ ଦିବ୍ୟଧାମ ଆଶ୍ରମ ଅଧକ୍ଷ ସ୍ୱାମୀ ଆନନ୍ଦ ମହାରାଜ ଉଦ୍‌ଘାଟନ କରିଥିଲେ। ପ୍ରତିଦିନ ପ୍ରାତଃରେ ଶ୍ରୀମହନ୍ତ ପଣ୍ଡିତ ବେଣୁଗୋପାଳ ଦାସ ମହାରାଜ ସଂସ୍କୃତ ଭାଗବତର ନିର୍ଦ୍ଧାରିତ ଅଧ୍ୟାୟଗୁଡ଼ିକୁ ପାରାୟଣ କରୁଥିଲେ। ସନ୍ଧ୍ୟାରେ ଭଜନ, କୀର୍ତ୍ତନ ସରିବା ପରେ ସଂସଦର ପ୍ରତିଷ୍ଠାତା ଶ୍ରୀମହନ୍ତ ପଣ୍ଡିତ ବ୍ରଜେନ୍ଦ୍ରନନ୍ଦ ଦାସ ମହାରାଜ ପାରାୟଣ ବିଷୟବସ୍ତୁର ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ସଂସଦ ସଭାପତି ତଲ୍ଲୁଛ ନୀଳକଣ୍ଠ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରବଚନ କାର୍ଯ୍ୟକ୍ରମରେ ବାବା ସଚ୍ଚିଦାନନ୍ଦ ଦାସ ମହାରାଜ, ଡ. ରାମଚରଣ ଦାସ ମହାରାଜ, ଅଧିକାରୀ ବଂଶୀଧର ଦାସ ମହାରାଜ, ମହନ୍ତ ନାରାୟଣ ରାମାନୁଜ ଦାସ ମହାରାଜ, ବଂଶୀବାଦନ ଦାସ ବ୍ରହ୍ମଚାରୀ, ଶଙ୍କର୍ଷଣ ମଙ୍ଗରାଜ, ନିର୍ମଳା ଫତେସିଂ, ପଣ୍ଡିତ ପ୍ରମୋଦ କୁମାର ହରିଚନ୍ଦନ, ଉମେଶ ଚନ୍ଦ୍ର ମହାପାତ୍ର, ରମେଶ ଚନ୍ଦ୍ର ରଥ, ପଣ୍ଡିତ ଜଗନ୍ନାଥ ପଣ୍ଡା, ସୁଶାନ୍ତ କୁମାର ନାୟକ, ଅନ୍ତର୍ଯ୍ୟାମୀ ବରାଳ, ଡା. ଲଳିତମୋହନ ମହାପାତ୍ର, କିଶନଲାଲ୍ ଭରତିଆ, ଡ. ନରେଶ ଚନ୍ଦ୍ର ଦାଶ ପ୍ରମୁଖ ପ୍ରବଚନ ଦେଇଥିଲେ। ଭାଗବତ ସପ୍ତାହର ଅନ୍ତିମ ଦିବସରେ ଶ୍ରୀବ୍ୟାସ ପୂଜା ଅନୁଷ୍ଠିତ ହୋଇଥିଲା। ଭାଗବତ ସପ୍ତାହ ବଢ଼ିବା ପରେ ଅଷ୍ଟପ୍ରହର ଶ୍ରୀହରି ନାମ ସଂକୀର୍ତ୍ତନ କରାଯାଇଥିଲା। ଡ. ଶ୍ରୀନିବାସ ଆଚାର୍ଯ୍ୟ, ସିଂହାରୀ ହରିହର କର, ସିଂହାରୀ ଗୌରହରି କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ତିମ ଦିବସରେ ସଂସଦ ପକ୍ଷରୁ ଶ୍ରୀମନ୍ଦିରସ୍ଥ ଶ୍ରୀମହାପ୍ରସାଦ ଖଳାରେ ସାମୂହିକ ମହାପ୍ରସାଦ ସେବନ କରାଯାଇଥିଲା।

## ହରି ସହଦେବଙ୍କ ପୀଠକୁ ଶଗଡି ଯାତ୍ରା

ସାକ୍ଷୀଗୋପାଳ, ୫।୧୧(ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକ ବଳପୁର ଗ୍ରାମପଞ୍ଚାୟତରେ ଅବସ୍ଥିତ ହରି ସହଦେବ ଠାକୁରଙ୍କ ପୀଠକୁ ପାଖ ଅଞ୍ଚଳର କେତେକ ଚାଷୀ ପରିବାର ଏକ ଶଗଡି ଶୋଭାଯାତ୍ରାରେ ମଙ୍ଗଳବାର ପହଞ୍ଚିଥିଲେ। ପୁରୀ ସଦରବ୍ଲକ କରଡି ଓ ବିଦ୍ୟାଧର ଜଗନ୍ନାଥପୁର ଗ୍ରାମର ଶଗଡ ମାଲିକମାନେ ୯ଟି ସୁସଜ୍ଜିତ ଶଗଡ ଗାଡି ଓ ବଳଦଙ୍କ ସହିତ ହରିସହଦେବଙ୍କ ନିକଟରେ ପୂଜାର୍ଚ୍ଚନା କରିବା ପରେ ସମବେତ ପ୍ରସାଦ ସେବନ କରିଥିଲେ। ଗୋରୁ ଦେବତା ଭାବରେ ଏହି ଠାକୁରଙ୍କର ପ୍ରସିଦ୍ଧି ରହିଛି। ଏହି ଠାକୁରଙ୍କ ମହିମାରୁ ଗୋରୁ ବିଭିନ୍ନ ରୋଗରୁ ରକ୍ଷା ପାଉଥିବାରୁ ଠାକୁରଙ୍କ ପୂଜାର୍ଚ୍ଚନା କରିବାକୁ ସେମାନେ ଆସିଥିବା କହିଛନ୍ତି।

## ବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟିତ

ଗୋପ, ୫।୧୧(ଡି.ଏନ୍.ଏ.)

ଗୋପ ମକ୍ତବ୍ୟ ପ୍ରାଥମିକ ବିଦ୍ୟାଳୟରେ ୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନୂତନ ଗୃହକୁ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରି ଛାତ୍ରୀଛାତ୍ରମାନଙ୍କୁ ଅନେକ ଉପାଦେୟ କଥା କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସେକ୍ ଆଜମ୍ ଉଦ୍ଦିନ୍‌ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲା ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତ ମାଝି ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଭବିଷ୍ୟତ ପାଇଁ ଶିକ୍ଷାକୁ ବ୍ରତ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ସାହୁ, ଶିକ୍ଷକ ସମନ୍ୱୟ ସମିତି ସମ୍ପାଦକ ଦୀପକ କୁମାର ସେନାପତି, ସମାଜସେବୀ ମଜବୁର୍ ରେହେମାନ୍, ପ୍ରଧାନ ଶିକ୍ଷୟିତ୍ରୀ ମିନିଲତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିର ଯୁବ ସମାବେଶ

ନିମାପଡ଼ା,୫।୧୧(ଡି.ଏନ୍.ଏ.): ନିମାପଡ଼ା ବ୍ଲକ ଅନ୍ତର୍ଗତ ଶଗଡା ଓ ଛଣିଜଙ୍ଗ ପଞ୍ଚାୟତର ପ୍ରାୟ ୨୦ଟି ଗ୍ରାମରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶଗଡା ପଞ୍ଚାୟତର କନପୁର ଛକ ଓ ଛଣିଜଙ୍ଗ ପଞ୍ଚାୟତର ବସନ୍ତପୁର ଠାରେ ଯୁବ ସମାବେଶ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ଉଭୟ ଯୁବ ସମାବେଶରେ ଅତିଥିଭାବେ ବିଧାୟକ ସମୀର ରଞ୍ଜନ ଦାଶ, ଜିଲାପରିଷଦ ସଭ୍ୟ ସ୍ୱର୍ଣ୍ଣଲତା ପ୍ରଧାନ, ଭାଗ୍ୟଧର ଖଟୋଇ, ସରପଞ୍ଚ ଅମିତା ମଲ୍ଲିକ, ସମିତିସଭ୍ୟ ଗଙ୍ଗାଧର ପଲେଇ, ଯୁବସଭାପତି ଜିତେନ୍ଦ୍ର ପ୍ରଧାନ, ପ୍ରଦୀପ୍ତ ଖଟୋଇ, ସରପଞ୍ଚ ମନୋରମା ମହାପାତ୍ର, ସମିତିସଭ୍ୟ ସୂର୍ଯ୍ୟନାରାୟଣ ପରିଡା, ସୁଧୀରରଞ୍ଜନ ଦାଶ, ଅଶୋକ ସାହୁ, ବ୍ଲକ ଉପାଧକ୍ଷ ଅଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନାକୁ ଗ୍ରାମର ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ନେତୃବୃନ୍ଦଙ୍କୁ ଆହ୍ୱାନ ଦେଇଥିଲେ। ଶଗଡା ଓ ଛଣିଜଙ୍ଗ ପଞ୍ଚାୟତର ପ୍ରାୟ ଦୁଇ ଶହରୁ ଉର୍ଦ୍ଧ୍ୱ ଭାଜପା ଓ କଂଗ୍ରେସ କର୍ମୀ ଦଳ ତ୍ୟାଗ କରି ବିଧିବଦ୍ଧଭାବେ ବିଜେଡିରେ ସାମିଲ ହୋଇଛନ୍ତି। ଉଭୟ ପଞ୍ଚାୟତରେ ଆୟୋଜିତ ଯୁବ ସମାବେଶରେ ପ୍ରାୟ ୩ହଜାର କର୍ମୀ ଯୋଗ ଦେଇଥିଲେ।



ଯୁବ ସମାବେଶରେ ବିଧାୟକ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ ।

# ଦୁର୍ନୀତି, ପିସି କାରବାର ବିରୋଧରେ ଭାଜପାର ବ୍ଲକ ଘେରାଉ

ଗୋପ/ସାକ୍ଷୀଗୋପାଳ/କଣାସ, ୫।୧୧(ଡି.ଏନ୍.ଏ.)

ଗୋପ ବ୍ଲକରେ ଦେଢ଼ ବର୍ଷରେ ୬ ବିଡିଓଙ୍କ ବଦଳିର ତଦନ୍ତ ତଥା ବ୍ଲକରେ ବ୍ୟାପକ ପରିମାଣରେ ପିସି କାରବାର, ଦୁର୍ନୀତି ଏବଂ ଭ୍ରଷ୍ଟାଚାର ବିରୋଧରେ ସୋମବାର ଭାଜପା ପକ୍ଷରୁ ବ୍ଲକ ଘେରାଉ କରାଯାଇଥିଲା। ଏଥିରେ ରାଜ୍ୟ ଭାଜପା ମହିଳାମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡ଼ା ଏହି ଦାବି ରଖିଥିଲେ। କୁଶୁପୁର ନିକଟରୁ ଏକ ଶୋଭାଯାତ୍ରା ବାହାରି ଗୋପ ବ୍ଲକ ନିକଟରେ ପହଞ୍ଚିବା ପରେ ଗୋପ ମଣ୍ଡଳ ସଭାପତି ସୁଶାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର, ରାଜ୍ୟ ଉପସଭାପତି ପିଙ୍କି ପ୍ରଧାନ, ପୁରୀ ଜିଲା ଉପସଭାପତି ପ୍ରଭଞ୍ଜନ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତୁଷାରକାନ୍ତି ବେହେରା, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଗୋବିନ୍ଦ ପାଢ଼ୀ, ମହିଳାମୋର୍ଚ୍ଚା ସଭାନେତ୍ରୀ ସୌଦାମିନୀ ସେନାପତି, ତପସ୍ୱିନୀ ବେହେରା ପ୍ରମୁଖ ଯୋଗ ଦେଇ ଶାସକ ଦଳକୁ କଟୁ ସମାଲୋଚନା କରିଥିଲେ। ଏପରିକି ଗୋପ ବ୍ଲକରେ ସରକାରୀ ଯୋଜନାରେ ଆସୁଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପକ୍କା ରାସ୍ତା, ରାଶନ କାର୍ଡ଼ ସହିତ ଅନ୍ୟାନ୍ୟ ଜନହିତକାରୀ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେବା ସହ ଯନ୍ତ୍ରୀମାନେ ସାଧାରଣ ଲୋକଙ୍କଠାରୁ ୧୦ରୁ ୧୫ ପ୍ରତିଶତ ପିସି ନେଉଥିବା ଭଳି ଅଭିଯୋଗ ଆଣିଥିଲେ। ଶେଷରେ ନୂତନ ଭାବେ ଯୋଗ ଦେଇଥିବା ଗୋପ ବିଡିଓ ଦୀପ୍ତିମୟୀ ଦାଶଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ୧୦ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଡିଓ ଦାଶ ଏ ସମ୍ପର୍କରେ ତଦନ୍ତ କରାଯିବ ବୋଲି ସୂଚନା ଦେଇଥିଲେ। ଭାଜପାର ବ୍ଲକ ଘେରାଉ ଯୋଗୁ ୩ଘଣ୍ଟା ଧରି ବ୍ଲକ କାର୍ଯ୍ୟ ବନ୍ଦ ରହିଥିଲା। କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।



ଭାଜପା କର୍ମୀମାନେ ସତ୍ୟବାଦୀ ବ୍ଲକ ଘେରାଉ କରିଛନ୍ତି ।

**ସାକ୍ଷୀଗୋପାଳ:** ରାଜ୍ୟ ସରକାରଙ୍କ ଦୁର୍ନୀତି ଭ୍ରଷ୍ଟାଚାର ବିରୋଧରେ ଭାଜପା ଦେଇଥିବା ରାଜ୍ୟବ୍ୟାପୀ ବ୍ଲକ ଘେରାଉ ଡାକରାରେ ସୋମବାର ସତ୍ୟବାଦୀ ବ୍ଲକ ଘେରାଉ କରାଯାଇଥିଲା। ବକୁଳବନଠାରୁ ଭାଜପା କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟକୁ ଧସେଇ ପଶିଥିଲେ। କାର୍ଯ୍ୟାଳୟ ସମ୍ମୁଖରେ ବସି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକ ପ୍ରତିବାଦ ସଭା କରିଥିଲେ। ଗ୍ରାମୀଣ ଗୃହ ନିର୍ମାଣ, ଖାଦ୍ୟ ସୁରକ୍ଷା ଯୋଜନା, ଶୌଚାଳୟ ନିର୍ମାଣରେ ବ୍ୟାପକ ଦୁର୍ନୀତି ସାଙ୍ଗକୁ ପିସି କାରବାର ଚରମ ସୀମାରେ ପହଞ୍ଚି ଥିବାରୁ ଏଥିପାଇଁ ଲଢ଼େଇ ଚାଲିବ ବୋଲି ଭାଜପା ନେତାମାନେ କହିଥିଲେ।

ଏଥିରେ ଭାଜପା ନେତା କୃଷ୍ଣ ଜଗଦେବ, ପୂର୍ବତନ ବିଧାୟକ ରାମ ରଞ୍ଜନ ବଳିୟାରସିଂହ, ରାଷ୍ଟ୍ରୀୟ ପରିଷଦ ସଭ୍ୟ ବିଶ୍ୱନାଥ ରଥ, ରାଜ୍ୟ ପରିଷଦ ସଭ୍ୟ ଓମ୍ ପ୍ରକାଶ ମିଶ୍ର, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ସୁରଥ ବିଶ୍ୱାଳ, ସତ୍ୟବାଦୀ ମଣ୍ଡଳ ସଭାପତି ଉମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

**କଣାସ:** ରାଜ୍ୟ ସରକାରଙ୍କ କାର୍ଯ୍ୟନୀତି ବିରୋଧରେ ସୋମବାରଠାରୁ ଆରମ୍ଭ ହୋଇଥିବା ଭାଜପା ପକ୍ଷରୁ ବ୍ଲକ ଘେରାଉ କାର୍ଯ୍ୟକ୍ରମରେ ଡେଲାଙ୍ଗ ବ୍ଲକରେ ମଧ୍ୟ ହୋଇଛି। ଯୁବ ନେତା ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ହଜାର ହଜାର ମହିଳାପୁରୁଷ କର୍ମୀ ହାତରେ ପ୍ଲାକାର୍ଡ, ବ୍ୟାନର ଧରି ବିଭିନ୍ନ ନାରାବାଜି ଦେଇ ଡେଲାଙ୍ଗ ବଜାର ପରିକ୍ରମା ପରେ ଡେଲାଙ୍ଗ ବ୍ଲକ ସମ୍ମୁଖରେ ଏକ ସାଧାରଣ ସଭା କରାଯାଇଥିଲା । ଏହି ସଭାରେ ମଣ୍ଡଳ ସଭାପତି ଦିଲୀପ ଧାଉଡିଆଙ୍କ ଅଧ୍ୟକ୍ଷତାରେ ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ରଞ୍ଜନ ମଙ୍ଗରାଜ, ପୁରୀ ଜିଲା ଉପସଭାପତି ଜନ୍ମେଜୟ ଜେନା, କୃଷକ ମୋର୍ଚ୍ଚା ସଭାପତି ଅଜୟ ପ୍ରଧାନ, ପ୍ରଭାରୀ ବିଶ୍ୱଜିତ ବଡଜେନା, ବିସ୍ତାରକ ଆର୍ତ୍ତବନ୍ଧୁ ପୃଷ୍ଟି, ସୁଧାଂଶୁ ଶେଖର ପରିଡା, ନାରୀନେତ୍ରୀ ଗୀତାରାଣୀ ରଣଜିତ ପ୍ରମୁଖ ସାମିଲ ହୋଇଥିଲେ। ଚିଟ୍‌ଫଣ୍ଡ, ପିସି, ଚାରାବଣ୍ଟନ, ଦୁର୍ନୀତି ଆଦି ପ୍ରସଙ୍ଗ ଉଠାଇ ବିଜେପି ନେତାମାନେ ବିଜେଡି ଉପରେ ବର୍ଷିବା ସହ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏନେଇ ବିଡିଓ କ୍ଷୀରୋଧର ପ୍ରଧାନ ସଭା ନିକଟକୁ ଆସି ବ୍ଲକ କାର୍ଯ୍ୟଧାରାରେ ସୁଧାର ଆଣିବାର ପ୍ରତିଶ୍ରୁତି ଦେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଡେଲାଙ୍ଗ ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।